୪୫

# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ନଭେମ୍ବର ୨୬/୨୦୧୮ (୨୦ ପୃଷ୍ଠା) Sambalpur, Monday, November 26/ 2018 ★★

୧୪ଶ ଭାଗ ୩୩୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-



**ପ୍ରିୟଙ୍କାଙ୍କୁ ପ୍ରି-ୱେଡ୍ଡିଂ ପାର୍ଟି**

ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏବଂ ତାଙ୍କ ଭାବୀ ସ୍ୱାମୀ ନିକ୍ ଜୋନ୍ସଙ୍କୁ 'ଦି ସ୍କାଏ ଇଜ୍ ପିଙ୍କ୍' ଟିମ୍ ଦ୍ୱାରା ଏକ ପାର୍ଟି ଦିଆଯାଇଛି।

୧୪

୨୦

**ଭାରତକୁ ବିଜୟୀ କଲେ କୋହଲି**

ଅଧିନାୟକ ବିରାଟ କୋହଲିଙ୍କ ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ବଳରେ ୩ୟ ଟି୨୦ରେ ଭାରତ ୬ ଉଇକେଟ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିବା ସହ ସିରିଜ ୧-୧ରେ ଡ୍ର ରଖିଛି।





ହକି ବିଶ୍ୱକପ ଖେଳିବା ପାଇଁ ରବିବାର ଭୁବନେଶ୍ୱରରେ ପହଞ୍ଚିଥିବା ଜର୍ମାନୀ ଦଳ।

# ବାଟବଣା ଅଣପାରମ୍ପରିକ ଶକ୍ତିନୀତି

ଅନୀଲ ଦାସ
ଭୁବନେଶ୍ୱର,୨୫।୧୧

ରାଜ୍ୟରେ ବେଳକୁବେଳ ବିଦ୍ୟୁତ୍ ଶକ୍ତି ଚାହିଦା ବଢ଼ିବାରେ ଲାଗିଛି। ପାରମ୍ପରିକ ଶକ୍ତିଉତ୍ସଗୁଡ଼ିକ ଆଗାମୀ ଦିନରେ କଞ୍ଚାମାଲ ଅଭାବରୁ ଅଚଳ ହୋଇଯିବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଶକ୍ତି ସଙ୍କଟକୁ ଟାଳିବା ପାଇଁ ଦୀର୍ଘକାଳୀନ ଶକ୍ତିସମ୍ପଦ ବୃଦ୍ଧି ସକାଶେ ଅଣପାରମ୍ପରିକ ଶକ୍ତିକୁ ଆପଣାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ରାଜ୍ୟରେ ଅଣପାରମ୍ପରିକ ଶକ୍ତି ନୀତି-୨୦୧୬ କାର୍ଯ୍ୟକାରୀ କରାଯାଇଛି। ସୌରଶକ୍ତି, ବାୟୋଗ୍ୟାସ୍, ପବନ ଓ ଜଳବିଦ୍ୟୁତ୍ ଶକ୍ତି ଉତ୍ପାଦନ ବୃଦ୍ଧି କରିବା ସହ ରାଜ୍ୟରେ ଦୀର୍ଘକାଳୀନ ଅଣପାରମ୍ପରିକ ଶକ୍ତିଉତ୍ସ ସୃଷ୍ଟି କରିବା, ବାୟୁମଣ୍ଡଳରେ ଅଙ୍ଗାରକାମ୍ଳକୁ ହ୍ରାସ କରିବା ସହ ଦକ୍ଷ ମାନବସମ୍ବଳ ସୃଷ୍ଟି କରିବା ଏହାର ମୂଳ ଲକ୍ଷ୍ୟ। ଉକ୍ତ ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା(ଓରେଡା) ଏବଂ ସବୁଜ ଶକ୍ତି ବିକାଶ ନିଗମ ଲିମିଟେଡ(ଜେଡ୍‌କଲ)କୁ ନୋଡାଲ ଏଜେନ୍ସି ଭାବେ ଦାୟିତ୍ୱ ଦିଆଯାଇଛି।



■ ମିଳୁନାହିଁ ପ୍ରୋତ୍ସାହନ
■ ସ୍ଥାପନ ହୋଇପାରୁନି ସୌର, ପବନ, ବାୟୋଗ୍ୟାସ, କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପ

ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ନୀତି ଏକପ୍ରକାର ବାଟବଣା ହୋଇଯାଇଛି। ଜେଡ୍‌କଲ କିମ୍ବା ଓରେଡା ଏ ଦିଗରେ ସେତେଟା ଗୁରୁତ୍ୱ ଦେଉଥିବା ଭଳି ମନେହେଉ ନାହିଁ। ରାଜ୍ୟରେ ପବନଉତ୍ସରୁ କେଉଁଠୁ ଶକ୍ତି ସଂଗ୍ରହ କରାଯାଇ ପାରିବ ସେ ନେଇ ଏ ପର୍ଯ୍ୟନ୍ତ ସର୍ଭେ ହୋଇ ନାହିଁ। ଏପରିକି ୮୪ଟି କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ ପାଇଁ ସୁଯୋଗ ରହିଥିଲେ ମଧ୍ୟ ସେ ଦିଗରେ କିଛି ପଦକ୍ଷେପ ନିଆଯାଉ ନାହିଁ। ଫଳରେ ରାଜ୍ୟରେ କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପ ପାଇଁ ଆଗ୍ରହ ଦେଖାଉଥିବା କମ୍ପାନୀଗଡ଼ିକୁ ପ୍ରୋତ୍ସାହନ ମିଳୁନାହିଁ। ଏଥିସହିତ କାର୍ଯ୍ୟାଦେଶ ଠାରୁ ୬ ମାସ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ଥିବା ସର୍ତ୍ତ ଯୋଗୁ କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରୁନାହିଁ। ଏହାଛଡ଼ା ସୌରଶକ୍ତିକୁ ବହୁଳ ବ୍ୟବହାର କରିବା ପାଇଁ ଏଥିରେ ବ୍ୟବସ୍ଥା ରହିଥିଲେ ମଧ୍ୟ ସେ ଦିଗରେ ଆଖିଦୃଶିଆ ପଦକ୍ଷେପ ନିଆଯାଉ ନାହିଁ। କେବଳ ବଲାଙ୍ଗୀର ଜିଲା ମନମୁଣ୍ଡା ଠାରେ ୨୦ ମେଗାୱାଟ୍‌ର ଏକ ସୌରଶକ୍ତି ପ୍ରକଳ୍ପ କରିବା ପାଇଁ ଯୋଜନା ହୋଇଥିବା ବେଳେ ବ୍ୟକ୍ତିଗତ ସ୍ତରରେ ଲୋକମାନେ ନିଜ ଛାତ ଉପରେ ସୌର ଶକ୍ତି ଉତ୍ପାଦନ ପାଇଁ ଥିବା ବ୍ୟବସ୍ଥାର ଫାଇଦା ନେଇପାରୁ ନାହାନ୍ତି। ସୌରଶକ୍ତି ବିକ୍ରି ନେଇ କୌଣସି ଫଇସଲା ହୋଇପାରୁ ନ ଥିବାରୁ ଅଣପାରମ୍ପରିକ ଶକ୍ତି ☞ପୃଷ୍ଠା-୪

# ରାତିଅଧିଆ ଏନ୍‌କାଉଣ୍ଟର

ଶ୍ରୀନଗର,୨୫।୧୧(ପି.ଟି.)

ଜମ୍ମୁ-କଶ୍ମୀରରେ ସୁରକ୍ଷା ବଳକୁ ରବିବାର ବଡ଼ ସଫଳତା ମିଳିଛି। ଭିନ୍ନ ଭିନ୍ନ ସ୍ଥାନରେ ଯବାନଙ୍କ ଏନ୍‌କାଉଣ୍ଟରରେ ଲଶ୍କର-ଇ-ତୋଇବା (ଏଲ୍‌ଇଟି)ର ୫, ଜୈଶ-ଇ-ମହମ୍ମଦ (ଜେଇଏମ୍) ଏବଂ ହିଜ୍‌ବୁଲ ମୁଜାହିଦ୍ଦିନର ଜଣେ ଲେଖାଏ ଆତଙ୍କବାଦୀ ନିହତ ହୋଇଛନ୍ତି। ଗୁଳି ବିନିମୟ ବେଳେ ଜଣେ ଯବାନ ଶହୀଦ ହୋଇଥିବାବେଳେ ସେନାକୁ ଟାର୍ଗେଟ କରୁଥିବା ଜଣେ ବିକ୍ଷୋଭକାରୀ ଟଳିପଡ଼ିଛନ୍ତି।

■ ୭ ଆତଙ୍କବାଦୀ ନିହତ
■ ଗୁଳିମାଡ଼ରେ ଯବାନ ଶହୀଦ
■ ଟଳିଲେ ବିକ୍ଷୋଭକାରୀ

ଶୋପିଆନ୍ ଜିଲା ହିପୁରା ବାଟାଗୁଣ୍ଡ ଗ୍ରାମରେ ଆତଙ୍କବାଦୀମାନେ ଏକ ବଡ଼ଧରଣର ଆକ୍ରମଣ ଯୋଜନା କରୁଥିଲେ। ସେମାନଙ୍କ ଉପସ୍ଥିତି ନେଇ ଶନିବାର ମଧ୍ୟରାତ୍ରିରେ ସୁରକ୍ଷା ବଳକୁ ଗୋଇନ୍ଦା ସୂଚନା ମିଳିଥିଲା। ରାଷ୍ଟ୍ରୀୟ ରାଇଫଲ୍ସ (ଆର୍‌ଆର୍), ସ୍ୱତନ୍ତ୍ର ଅପରେଶନ୍ ଗ୍ରୁପ୍ (ଏସ୍‌ଓଜି), କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍), ଜମ୍ମୁ-କଶ୍ମୀର ପୋଲିସ ଏବଂ ସେନାର ତଦ୍ପର ଯବାନମାନେ ସମ୍ପୃକ୍ତ ଅଞ୍ଚଳକୁ ଘେରି ତଲାସି ଅଭିଯାନ ଚଳାଉଥିବାବେଳେ ଆତଙ୍କବାଦୀମାନେ ସେମାନଙ୍କୁ ଚ୍ୟାଲେଞ୍ଜ କରିଥିଲେ। ଯବାନମାନେ ଆତଙ୍କବାଦୀଙ୍କୁ ଏହାର କଡ଼ା ଜବାବ ଦେଇଥିଲେ। ସୁରକ୍ଷା ବଳର ମିଳିତ ଅପରେଶନରେ ଚାଷ ଜମି ସଂଲଗ୍ନ ☞ପୃଷ୍ଠା-୪

## ୩ ଜେକେଆଇଏସ୍ ଆତଙ୍କବାଦୀ ଗିରଫ

ନୂଆଦିଲ୍ଲୀ,୨୫।୧୧(ପି.ଟି.)

ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଜମ୍ମୁ-କଶ୍ମୀରରେ ନିଜ ଉପସ୍ଥିତି ଜାହିର କରିବାକୁ ଉଦ୍ୟମ କରୁଥିବାବେଳେ ସୁରକ୍ଷା ବଳ ଏହାର ମୁକାବିଲା ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ନେଉଛି। ଏହି କ୍ରମରେ ଶ୍ରୀନଗରରୁ ଶନିବାର ରାତିରେ ଜେକେଆଇଏସ୍‌ର ୩ ସଶସ୍ତ୍ର ଆତଙ୍କବାଦୀଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି ଦିଲ୍ଲୀ ପୋଲିସ ସ୍ପେଶାଲ ସେଲ୍। ଗିରଫ ଆତଙ୍କବାଦୀମାନେ ତାହିର ଅଲି ଖାନ୍, ହରିସ୍ ମୁସ୍ତାକ୍ ଖାନ୍ ଓ ଆସିଫ୍ ସୁହେଲ ନଦଫ୍ ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।

# ମିନି ମାରାଥନବେଳେ ଜଣେ ମୃତ, ୩ ଛାତ୍ରୀ ଅସୁସ୍ଥ

ଖୋର୍ଦ୍ଧା ଅଫିସ/ନିରାକାରପୁର (ଡି.ଏନ.ଏ.)/ବାରିପଦା ଅଫିସ, ୨୫।୧୧

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୨୭ ତାରିଖରୁ ଆରମ୍ଭ ହେଉଛି ପୁରୁଷ ବିଶ୍ୱକପ୍ ହକି। ଏହାର ପ୍ରଚାରପ୍ରସାର ପାଇଁ ରାଜ୍ୟ

**ଛାତ୍ରୀଙ୍କ ସାମିଲକୁ ନେଇ ପ୍ରଶ୍ନ ଉଠାଇଲା ଜେଏମ୍‌ଏମ୍**

ଯୁବ ଓ କ୍ରୀଡା ବିଭାଗ ପକ୍ଷରୁ ପଞ୍ଚାୟତରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ରବିବାର ପୂର୍ବାହ୍ନରେ ଆୟୋଜିତ ମିନି ମାରାଥନରେ ୨ଟି ଅଭାବନୀୟ ଘଟଣା ଘଟିଛି। ସେଥିମଧ୍ୟରୁ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ କମାଗୁରୁଠାରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ମୟୂରଭଞ୍ଜ ଜିଲା ଚାନ୍ଦୁଆରେ ୩ଜଣ ଛାତ୍ରୀ ଅସୁସ୍ଥ ହୋଇପଡ଼ିଛନ୍ତି। ଅସୁସ୍ଥ ଛାତ୍ରୀମାନଙ୍କୁ ବାରିପଦା ☞ପୃଷ୍ଠା-୪

## ମାମୁ ଗୁଳିରେ ଭଣଜା ମୃତ

ଲାଞ୍ଜିଗଡ଼,୨୫।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ତଥା ବିଶ୍ୱନାଥପୁର ଥାନା ଅନ୍ତର୍ଗତ ମୁକୁନ୍ଦପୁର ଗାଁରେ ମାମୁଙ୍କ ଗୁଳି ମାଡରେ ଭଣଜାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କ୍ଷେତ୍ର ମାଝି (୨୮)। ପୋଲିସ ସୂତ୍ର ଅନୁଯାୟୀ, ମୁକୁନ୍ଦପୁର ଗାଁର କ୍ଷେତ୍ର ଓ ତାଙ୍କ ମାମୁ ☞ପୃଷ୍ଠା-୪

## ରାମମନ୍ଦିର ପାଇଁ 'ଧର୍ମସଭା' କୁମ୍ଭମେଳାକୁ ଅପେକ୍ଷା

ଅଯୋଧ୍ୟା,୨୫।୧୧

ଉତ୍ତରପ୍ରଦେଶର ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ପାଇଁ ୧୯୯୨ ପରେ ପୁଣିଥରେ ମୁଣ୍ଡ ଟେକିଛି ଆନ୍ଦୋଳନ। ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ ଜମି ବିବାଦ ସର୍ବୋଚ୍ଚ ଅଦାଲତରେ ବିଚାରାଧୀନ ଅଛି, ଯାହାର ରାୟ ୨୦୧୯ ଜାନୁୟାରୀରେ ପ୍ରକାଶ ପାଇପାରେ। ସଂଯୋଗବଶତଃ ସେହି ସମୟରେ ପ୍ରୟାଗରେ କୁମ୍ଭମେଳା ଅନୁଷ୍ଠିତ ହେବାକୁ ଯାଉଛି। ସାଧୁସନ୍ଥଙ୍କ ଏହି ମହାସମାବେଶରେ ରାମମନ୍ଦିର ନିର୍ମାଣର ତାରିଖ ଘୋଷଣା କରାଯିବ ବୋଲି ରବିବାର ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଆୟୋଜିତ 'ଧର୍ମସଭା'ରେ ସାଧୁସନ୍ଥମାନେ ଘୋଷଣା କରିଛନ୍ତି। ଏଥିରେ ଆର୍‌ଏସ୍‌ଏସ୍, ବଜରଙ୍ଗ ଦଳ ଭଳି ଦକ୍ଷିଣପନ୍ଥୀ ସଙ୍ଗଠନ ତଥା ଭାଜପା ଓ ଶିବସେନାର ବହୁସଂଖ୍ୟକ କର୍ମୀ ସାମିଲ ହୋଇଛନ୍ତି।

(ସବିଶେଷ ରିପୋର୍ଟ ପୃଷ୍ଠା-୧୪)

**ଆଜିର ସମ୍ପାଦକୀୟ**

## 'ଅଯୋଧ୍ୟା' ଅସ୍ତ୍ର

**ଆଜିର ମନ୍ତବ୍ୟ**

୨୬/୧୧ ଭଳି ଆକ୍ରମଣର କଡ଼ା ମୁକାବିଲା ପାଇଁ ଭାରତୀୟ ନୌସେନା ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ।
-ଆଡ୍‌ମିରାଲ ସୁନୀଲ ଲାନ୍‌ବା, ନୌସେନା ଅଧ୍ୟକ୍ଷ

**କିଛି ତଥ୍ୟ**

୨୦୧୪-୧୫ରେ ୮୧୧ କୋଟି ଟଙ୍କାର ଖଦି ସାମଗ୍ରୀ ବିକ୍ରି ହୋଇଥିବା ବେଳେ ଏହା ୨୦୧୭-୧୮ରେ ୨୫୦୯ କୋଟି ଟଙ୍କାକୁ ବୃଦ୍ଧି ଘଟିଛି।
- ଖଦି ଏବଂ ଗ୍ରାମୋଦ୍ୟୋଗ କମିଶନ

NECC NATIONAL EGG CO-ORDINATION COMMITTEE 25.11.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 69 | 118 | 128 |
| CTC | 69 | 118 | 128 |
| DKL | 71 | 120 | 130 |
| BDK | 69 | 118 | 128 |
| BLS | 70 | 119 | 129 |
| ANG | 72 | 122 | 132 |

*Conditions Apply
Eggs Retail Price- 50/-Dozen
Issued in the Interest of Consumers






ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ନଭେମ୍ବର ୨୬/୨୦୧୮



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।

- ବ୍ୟାସଦେବ



# ସଚିବାଳୟ ସେବା ବର୍ଗରେ ପୁନର୍ବିନ୍ୟାସ ନ ହେବା ନେଇ ଅସନ୍ତୋଷ

**ଭୁବନେଶ୍ୱର,୨୫।୧୧(ବ୍ୟୁରୋ)**

ରାଜ୍ୟସଚିବାଳୟସେବାବର୍ଗ(ଓଏସ୍ଏସ୍)ରେ ପଦୋନ୍ନତିବ୍ୟବସ୍ଥାର ପୁନର୍ବିନ୍ୟାସ ହେଉନାହିଁ। ଏଥିପାଇଁ କର୍ମଚାରୀମାନେ ଦୀର୍ଘଦିନରୁ ଦାବି କରି ଆସୁଛନ୍ତି। ହେଲେ ସରକାର କୌଣସି ସ୍ଥାୟୀ ପଦକ୍ଷେପ ନେଉନାହାନ୍ତି। ସାମୟିକ ଭାବେ ନିଆଯାଉଥିବା ପଦକ୍ଷେପ ଦ୍ୱାରା ପ୍ରକୃତ ଉଦ୍ଦେଶ୍ୟ ସାଧିତ ହେଉ ନ ଥିବା ଅଭିଯୋଗ ହେଉଛି। ଓଡ଼ିଶା ସଚିବାଳୟ ସେବା ବର୍ଗର କର୍ମଚାରୀମାନେ ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ଚୟନ ହୋଇ ନିଯୁକ୍ତି ପାଇଥାନ୍ତି। ଏହି ସେବା ବର୍ଗ ପାଇଁ ଅତିରିକ୍ତ ଶାସନ ସଚିବ ସ୍ତର ପର୍ଯ୍ୟନ୍ତ ପଦୋନ୍ନତିର ସୁବିଧା ରହିଛି। ହେଲେ ଅଧିକାଂଶ କର୍ମଚାରୀ ଦ୍ୱିତୀୟ ଶ୍ରେଣୀ ପାହ୍ୟାରୁ ଅବସର ନେଇଥାନ୍ତି। ହାତଗଣତି କେତେଜଣ କର୍ମଚାରୀ ଶୀର୍ଷସ୍ତର ପର୍ଯ୍ୟନ୍ତ ପଦୋନ୍ନତି ପାଇଥିବା ଲକ୍ଷ୍ୟ କରାଯାଉଛି। ତୁଳନାତ୍ମକ ଭାବେ ପ୍ରଥମ ଶ୍ରେଣୀ ପାହ୍ୟାରେ ଅତି ନଗଣ୍ୟ ସଂଖ୍ୟକ ପଦ ରହିଛି। ଏହି କାରଣରୁ ଦୀର୍ଘ ୩୦ ବର୍ଷ ଚାକିରି ପରେ ମଧ୍ୟ କର୍ମଚାରୀମାନେ ପ୍ରଥମ ଶ୍ରେଣୀକୁ ପଦୋନ୍ନତି ପାଇପାରୁନାହାନ୍ତି। ଆଉ ଏହାକୁ ଦୃଷ୍ଟିରେ ରଖି ପ୍ରଥମ ଶ୍ରେଣୀ ପାହ୍ୟାରେ ଅତିକମ୍‌ରେ ୧୫ ପ୍ରତିଶତ ପଦ ସୃଷ୍ଟି କରିବାକୁ ନିକଟରେ ସରକାରଙ୍କୁ ସଂଘ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ସେହିଭଳି ନୂତନ ପଦ ସୃଷ୍ଟି ପାଇଁ ଦାବି ନ କରି ଉପବିଭାଗ ଅଧିକାରୀ ଓ ଡେସ୍କ ଅଫିସରସ୍ତରରେ ଥିବା ବଳକା ପଦକୁ ଉଚ୍ଛେଦ କରି ନୂତନ ପଦ ସୃଷ୍ଟି ପାଇଁ ଦାବି ହୋଇଥିଲା।

ଗୃହ ବିଭାଗର ଉଦ୍ୟମକ୍ରମେ ଗୃହ ସଚିବ, ଅର୍ଥ ସଚିବ ଏବଂ ସାଧାରଣ ପ୍ରଶାସନ ବିଭାଗ ସଚିବଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟି ଉପରୋକ୍ତ ଦାବି ସମ୍ପର୍କରେ ତର୍ଜମା ମଧ୍ୟ କରିଥିଲା। ସମ୍ପୃକ୍ତ ନଥି ପ୍ରାୟ ୪ ମାସ ଅର୍ଥ ବିଭାଗରେ ପଡ଼ି ରହିଥିଲା। ନିକଟରେ ତାହା ଅର୍ଥ ବିଭାଗର ଅନୁମୋଦନ ପାଇ ସାଧାରଣ ବିଭାଗକୁ ଆସିଛି। ଜନୈକ କର୍ମଚାରୀଙ୍କଠାରୁ ମିଳିଥିବା ସୂଚନାନୁଯାୟୀ, ପ୍ରଥମ ଶ୍ରେଣୀ ପାହ୍ୟାରେ ଖୁବ୍ କମ୍ ପଦ ସୃଷ୍ଟି ପାଇଁ ମଞ୍ଜୁର କରାଯାଇଛି। ଅପରପକ୍ଷରେ ପୂର୍ବରୁ ଉପବିଭାଗ ଅଧିକାରୀ ଓ ଡେସ୍କ ଅଫିସରସ୍ତରରେ ଆବଶ୍ୟକଠାରୁ ଅଧିକ ପଦ ରହିଥିଲେ ହେଁ ପୁନଶ୍ଚ ସେଠାରେ ଅଧିକ ପଦ ସୃଷ୍ଟି ପାଇଁ ମଞ୍ଜୁରୀ ମିଳିଛି। ବର୍ତ୍ତମାନ ଅଧିକ ଏଏସ୍‌ଓ ପଦ ସୃଷ୍ଟି କରିବାର ଆବଶ୍ୟକତା ରହିଛି। ଯଦି ପଦବୀ ଉଚ୍ଛେଦ କରାଯାଏ, ତେବେ ଆଗାମୀ ଦିନରେ ସଚିବାଳୟ କାର୍ଯ୍ୟ ବାଧାପ୍ରାପ୍ତ ହେବ। ଜନୈକ ପ୍ରଶାସନିକ ସମୀକ୍ଷକଙ୍କ କହିବାନୁଯାୟୀ, ସରକାର ଅନ୍ୟ ବର୍ଗରେ ଉପର ସ୍ତରରେ ନୂତନ ପଦବୀ ସୃଷ୍ଟି କରୁଛନ୍ତି। ଅପରପକ୍ଷରେ ସଚିବାଳୟ ସେବା ବର୍ଗ ପାଇଁ ପାତରଅନ୍ତର ନୀତି ଅବଲମ୍ବନ କରୁଛନ୍ତି। ରାଜ୍ୟ ସରକାରଙ୍କ ଏ ସଂକ୍ରାନ୍ତ ପ୍ରସ୍ତାବିତ କ୍ୟାଡର ପୁନର୍ବିନ୍ୟାସକୁ କର୍ମଚାରୀ ଗ୍ରହଣ କରିପାରୁନାହାନ୍ତି। ନିର୍ବାଚନ ବର୍ଷ ହୋଇଥିବାରୁ ସରକାରଙ୍କ ଉପରେ ଚାପ ପ୍ରୟୋଗ ପାଇଁ ସେବାସଂଘ ଆନ୍ଦୋଳନକୁ ଓହ୍ଲାଇବାର ଯଥେଷ୍ଟ ସମ୍ଭାବନା ରହିଛି।




■ ବାଇକକୁ ଧକ୍କା ଦେଇ ଓଲଟିଲା ବସ

# ୩ ମୃତ, ୨୦ ଗୁରୁତର



ଓଲଟି ପଡିଥିବା ବସ୍

**ବାରିପଦା ଅଫିସ,୨୫।୧୧**

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ୪୯ନମ୍ବର ଜାତୀୟ ରାଜପଥର ବାଲିଆ ଛକ ନିକଟରେ ରବିବାର ଅପରାହ୍ନ ୩ଟାରେ ଏକ ଘରୋଇ ବସ ବାଇକକୁ ଧକ୍କା ଦେଇ ଭାରସାମ୍ୟ ହରାଇବାରୁ ଓଲଟି ପଡିଥିଲା। ଘଟଣା ସ୍ଥଳରେ ବାଇକ ଚାଳକଙ୍କ ସମେତ ୩ଜଣଙ୍କ ମୃତ୍ୟୁ ଘଟିଛି। ୨୦ରୁ ଊର୍ଦ୍ଧ୍ୱ ବସ୍ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି।

ସ୍ଥାନୀୟ ଲୋକଙ୍କ ସହାୟତାରେ ଦମକଳ ବାହିନୀ ଆହତମାନଙ୍କୁ ବାରିପଦା ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଝାରପୋଖରିଆ ପୋଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପୋଲିସ ସୂଚନା ଅନୁଯାୟୀ ରାଇରଙ୍ଗପୁର ଅଞ୍ଚଳର ବାଇକ ଚାଳକ ସତ୍ୟ ନାରାୟଣ ବେରା(୩୦) ନିଜ ଖୁଡୀଙ୍କୁ ଧରି ବାରିପଦା ଅଭିମୁଖେ ଆସୁଥିଲେ। ବାରିପଦାରୁ କେନ୍ଦୁଝର ଅଭିମୁଖେ ଯାଉଥିବା ସ୍ୱର୍ଣ୍ଣଲକ୍ଷ୍ମୀ (ନଂ. ଓଡି୧୧କେ–୨୯୮୫) ବସ୍ ତାଙ୍କୁ ବାଲିଆ ଛକରେ ସତ୍ୟନାରାୟଣଙ୍କ ବାଇକ୍‌କୁ ଧକ୍କା ଦେବା ପରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଘଟଣା ସ୍ଥଳରେ ବାଇକ ଚାଳକ ଓ ବସ ହେଲପରଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଥିବା ବାଇକ୍ ଆରୋହୀଙ୍କ ଖୁଡୀଙ୍କର ବାରିପଦା ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ବସ୍ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଉତ୍ତ୍ୟକ୍ତ ଲୋକେ ମୃତକଙ୍କ ପରିବାରକୁ କ୍ଷତିପୂରଣ ସହ ବସ ଡ୍ରାଇଭରଙ୍କୁ ଗିରଫ କରିବାକୁ ଦାବି କରି ୩ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ଝାରପୋଖରିଆ ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ମୃତ ହେଲପରଙ୍କ ପରିଚୟ ମିଳିପାରି ନାହିଁ।

# ନଦୀରେ ବୁଡ଼ି ୨ ମୃତ

**ତୁମୁଡିବନ୍ଧ,୨୫।୧୧(ଡି.ଏନ୍.ଏ.)**

କନ୍ଧମାଳ ଜିଲା ତୁମୁଡିବନ୍ଧ ଥାନା ମାଲିପଡା ଗ୍ରାମ ନିକଟ ରାଉଳ ନଦୀରୁ ରବିବାର ୨ଜଣଙ୍କ ମୃତଦେହ ଉଦ୍ଧାର ହୋଇଛି। ସେମାନେ ହେଲେ ସିର୍ଲା ପଞ୍ଚାୟତ ବିରିମିଲା ଗ୍ରାମର କବି ମୁଠାମାଝୀ (୪୦) ଓ ପ୍ରମୋଦ ପାଙ୍ଗମାଝୀ (୪୦)। ତୁମୁଡିବନ୍ଧ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନଂ.୨/୧୮ ଓ ୩/୧୮ରେ ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ନଦୀରେ ବୁଡି ଉଭୟଙ୍କ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି।

ପ୍ରକାଶ ଯେ, ଶୁକ୍ରବାର କବି ଓ ପ୍ରମୋଦ ମାଲିପଡା ଗ୍ରାମକୁ ମୂଲ ଲାଗିବାକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ। ରବିବାର ସକାଳୁ ମାଲିପଡା ଗ୍ରାମ ନିକଟ ରାଉଳ ନଦୀରେ କବିଙ୍କ ମୃତଦେହ ଭାସୁଥିବା କେତେଜଣ ଲୋକ ଦେଖିଥିଲେ। ଖବର ପାଇ ବିରିମିଲା ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରମୋଦ ମଧ୍ୟ ବୁଡି ଯାଇଥିବା ସନ୍ଦେହ କରି ଲୋକେ ନଦୀରେ ଖୋଜାଖୋଜି କରିବାରୁ ତାଙ୍କ ମୃତଦେହ ମିଳିଥିଲା। ଖବର ପାଇ ପୋଲିସ ପହଞ୍ଚିଥିଲା। ପ୍ରାଥମିକ ତଦନ୍ତରୁ ନଦୀକୁ ଯିବା ରାସ୍ତା ଖାଲଖମା ଥିବାରୁ ଗୋଡ ଖସିଯିବାରୁ ଗଭୀରେ ପାଣିରେ ବୁଡି ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଠିକ୍ କାରଣ ଜଣାପଡିବ ବୋଲି ଏଏସ୍‌ଆଇ ଯୁଗଳ କିଶୋର ନାୟକ କହିଛନ୍ତି।

ଓଡ଼ିଶା କୋଇଲା ରାଜ୍ୟ ଶିଳ୍ପ ପାଇଁ ବିନିଯୋଗ କରାଯାଉ

# ଆଜି ବିସ୍ଥାପିତ ସଚେତନ ସମିତିର ଗଣବିକ୍ଷୋଭ

**ଭୁବନେଶ୍ୱର, ୨୫।୧୧(ବ୍ୟୁରୋ)**

ଓଡ଼ିଶା କୋଇଲାକୁ ରାଜ୍ୟର ଶିଳ୍ପ ବିନିଯୋଗ କରାଯାଉ। ସି.ଏସ୍.ଆର୍. ଅର୍ଥକୁ ୨ପ୍ରତିଶତରୁ ୨୦ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହେବା ଆବଶ୍ୟକ। ଶିଳ୍ପ ସଂସ୍ଥା ପ୍ରତିଷ୍ଠା ପାଇଁ ବିସ୍ଥାପିତ କରାଯାଇଥିବା ଲୋକମାନଙ୍କ ପାଇଁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦିଆଯାଉ ବୋଲି ବିସ୍ଥାପିତ ସଚେତନ ସମିତି ପକ୍ଷରୁ ଦାବି କରାଯାଇଛି। ସ୍ଥାନୀୟ ଉତ୍କଳ ସାମ୍ବାଦିକ ଭବନଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମିତି ଆବାହକ ତଥା ପ୍ରଦେଶ କଂଗ୍ରେସ କମିଟି(ପିସିସି) କାର୍ଯ୍ୟକାରୀ ସଭାପତି ନବ କିଶୋର ଦାସ କହିଛନ୍ତି ଯେ, ଏହି ୩ଟି ଦାବି ନେଇ ସୋମବାର ଦିନ ୧୧ଟା ସମୟରେ ଲୋୟର ପିଏମ୍‌ଜିଠାରେ ବିଶାଳ ଗଣବିକ୍ଷୋଭ କରାଯିବ। ଝାରସୁଗୁଡା, ସମ୍ବଲପୁର ଏବଂ ସୁନ୍ଦରଗଡ ଜିଲାର ବହୁ ଲୋକଙ୍କୁ ପ୍ରଥମେ ହୀରାକୁଦ ଜଳ ବିଦ୍ୟୁତ୍ ପ୍ରକଳ୍ପ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ମହାନଦୀ କୋଇଲା ଖଣି ଓ ଅନ୍ୟାନ୍ୟ କାରଣରୁ ବିସ୍ଥାପିତ କରାଯାଇଛି। ସେମାନଙ୍କୁ ସରକାରଙ୍କ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଅଗ୍ରାଧିକାର ଦେବାର ଆବଶ୍ୟକତା ଥିବାବେଳେ ତାହା ହେଉନାହିଁ। ବର୍ତ୍ତମାନ ଏହି ଅଞ୍ଚଳରେ ଥିବା ବିଭିନ୍ନ କାରଖାନାଗୁଡିକ କଞ୍ଚାମାଲ ଅଭାବରୁ ବନ୍ଦ ହେବାରେ ଲାଗିଛି। ରାଜ୍ୟରେ ବର୍ଷକୁ ୧୪୦ ମିଲିୟନ୍ ଟନ୍ କୋଇଲା ଉତ୍ତୋଳନ ହେଉଛି। ରାଜ୍ୟରେ ଥିବା ଶିଳ୍ପ ପାଇଁ ସେଥିରୁ ପ୍ରତ୍ୟେକ ବର୍ଷ ୭୬ମିଲିୟନ ଟନ୍ କୋଇଲାର ଆବଶ୍ୟକତା ରହୁଛି, ଯାହା ଏମ୍‌ସିଏଲ ପକ୍ଷରୁ ସହଜରେ ଦିଆଯାଇପାରିବ। ହେଲେ ଏମ୍‌ସିଏଲ ପକ୍ଷରୁ ରାଜ୍ୟକୁ ୪୦ପ୍ରତିଶତ କୋଇଲା ଦିଆଯାଉଥିବା ବେଳେ ବାକି ୧୦୦ପ୍ରତିଶତ କୋଇଲା ବାହାର ରାଜ୍ୟକୁ ପଠାଯାଉଛି। ଶେଷ ୩ରୁ ୪ବର୍ଷ ହେବ କୋଇଲା ଉତ୍ତୋଳନ ମଧ୍ୟ ବୃଦ୍ଧି ପାଇନାହିଁ। ଏଥିରେ ରାଜ୍ୟ ସରକାର ମେକ୍ ଇନ୍ ଓଡିଶା କନକ୍ଲେଭ୍ ଆୟୋଜନ କରି ବାହାର କମ୍ପାନୀକୁ ଏଠାରେ ଅର୍ଥ ନିବେଶ କରିବାକୁ ଆହ୍ୱାନ କରୁଛନ୍ତି। ପ୍ରତ୍ୟକ୍ଷ ଏବଂ ପରୋକ୍ଷଭାବେ ଜୀବିକା ଅର୍ଜନ କରୁଥିବା ଏଠିକାର ଲୋକମାନେ ଆତଙ୍କିତ ହୋଇପଡିଛନ୍ତି। ଆଗାମୀ ଦିନରେ ପରିସ୍ଥିତି କ'ଣ ହେବ ସେଥିପାଇଁ ଦୁଶ୍ଚିନ୍ତାଗ୍ରସ୍ତ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) କାର୍ଯ୍ୟକାରୀ ସଭାପତି ତଥା ବିସ୍ଥାପିତ ସଚେତନ ସମିତି ଆବାହକ ନବ କିଶୋର ଦାସ କହିଛନ୍ତି।



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।

- ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର




## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

**ଛେଣ୍ଡିପଦା,୨୫।୧୧(ସ୍ୱ.ପ୍ର.):** ଅନୁଗୋଳ ବନଖଣ୍ଡ ଅନ୍ତର୍ଗତ ଜରପଡା ବନାଞ୍ଚଳ ବସନ୍ତୁର ଗ୍ରାମରେ ଭାଲୁ ଆକ୍ରମଣରେ ଗଗନ ବିହାରୀ ଧଳ(୬୦) ଗୁରୁତର ହୋଇଛନ୍ତି। ସକାଳେ ପ୍ରାୟ ୭ଟାରେ ସେ ଘର ପାଖ କାଜୁ ବଗିଚାରେ ସାର ଦେବା ପାଇଁ ଯାଇଥିଲେ। ଏହି ସମୟରେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ଗଗନ ଗୁରୁତର ଅବସ୍ଥାରେ ଘରକୁ ପଳାଇ ଆସିଥିଲେ। ତାଙ୍କ ଡାହାଣ ହାତରେ ଗଭୀର କ୍ଷତ ହୋଇଛି। ପରିବାର ଲୋକେ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି ।

# ଯୁବକଙ୍କୁ ଗୁଳିକରି ହତ୍ୟା

- ଶ୍ରୀଶ୍ରୀ ୟୁନିଭର୍ସିଟିରେ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ ସୁନୀଲ
- ପ୍ରେମ କିମ୍ବା ପୂର୍ବଶତ୍ରୁତା ସନ୍ଦେହ
- ଗୁଳିକାଣ୍ଡରେ ଚିହ୍ନା ପରିଚିତ ଲୋକ ସମ୍ପୃକ୍ତ: ଡିସିପି

**ବାରଙ୍ଗ,୨୫।୧୧(ଡି.ଏନ୍.ଏ.)**

କାର୍ତ୍ତିକେଶ୍ୱର ପୂଜା ପାଇଁ କଟକ ଜିଲା ବାରଙ୍ଗ ଅଞ୍ଚଳ ଚଳଚଞ୍ଚଳ ଥିବା ବେଳେ ରବିବାର ପୂର୍ବାହ୍ନରେ ଗୋଡ଼ିସାହି ଫାଣ୍ଡିଠାରୁ ମାତ୍ର ଅଳ୍ପ କିଛି ଦୂରରେ ଘଟିଛି ଏକ ଗୁଳିକାଣ୍ଡ। କଟକ-ବାଙ୍କୀ ମୁଖ୍ୟରାସ୍ତାର ଗୋଡ଼ିସାହି ଫାଣ୍ଡି ନିକଟ ହନୁମାନ ମନ୍ଦିର ପାଖରେ ଦୁଇଜଣ ଦୁର୍ବୃତ୍ତ ଜଣେ ବ୍ୟକ୍ତିଙ୍କ ଉପରକୁ ୩ ରାଉଣ୍ଡ ଗୁଳିକରି ଫେରାର ହୋଇଯାଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି କଟକ ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ହେଲେ ସମ୍ବଲପୁରର ସୁନୀଲ ରଞ୍ଜନ ସାହୁ, ସେ ସ୍ଥାନୀୟ ଶ୍ରୀଶ୍ରୀ ୟୁନିଭର୍ସିଟିରେ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ ବୋଲି ଜଣାପଡ଼ିଛି। ଖବର ପାଇ କଟକ ଡିସିପି ଅଖିଳେଶ୍ୱର ସିଂ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ଘଟଣାର ଛାନ୍‌ଭିନ୍ ଆରମ୍ଭ କରିଛନ୍ତି।

ମିଳିଥିବା ସୂଚନାନୁଯାୟୀ, ରବିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ସୁନୀଲ ତାଙ୍କ ବାଇକ୍(ନଂ. ଓଆର୍୨୮-୧୨୭୯)ରେ ଆସି ଗୋଡ଼ିସାହି ଫାଣ୍ଡି ପାଖ ଛକରେ ଏକ ଦୋକାନରୁ ଚା' ପିଉଥିଲେ। ଏହାର କିଛି ସମୟ ପରେ ଏକ ହୋଣ୍ଡା ଆକ୍ଟିଭା ଗାଡ଼ିରେ ହେଲ୍‌ମେଟ ପିନ୍ଧିଥିବା ଦୁଇଜଣ ଯୁବକ ସେଠାରେ ପହଞ୍ଚିଥିଲେ। ସେମାନେ ସୁନୀଲଙ୍କୁ ହନୁମାନ ମନ୍ଦିର ପାଖକୁ ଡାକିନେଇ କଥା ହୋଇଥିଲେ। ତେବେ ସେମାନଙ୍କ ମଧ୍ୟରେ ଆରମ୍ଭରୁ ଯୁକ୍ତିତର୍କ ହୋଇଥିବା ଏବଂ ପରେ ଘଟଣାସ୍ଥଳରୁ ୩ ରାଉଣ୍ଡ ଗୁଳିଶବ୍ଦ ଶୁଭିଥିବା କେତେଜଣ ପ୍ରତ୍ୟକ୍ଷଦର୍ଶୀ ବ୍ୟବସାୟୀ କହିଛନ୍ତି। ହେଲ୍‌ମେଟ ପିନ୍ଧା ଯୁବକଦ୍ୱୟ ସୁନୀଲଙ୍କ ଉପରକୁ ଗୁଳି ଚଳାଇ ଆଖି ପିଛୁଳାକେ ଫାଣ୍ଡି ରାସ୍ତା ଅତିକ୍ରମ କରି ଫେରାର ହୋଇଯାଇଥିଲେ। ତାଙ୍କ ମୁଣ୍ଡ, ଛାତି ଓ ହାତରେ ୩ଟି ଗୁଳି ବାଜିଥିଲା। ଘଟଣାସ୍ଥଳଠାରୁ ମାତ୍ର ୫୦ମିଟର ଦୂରରେ ଗୋଡ଼ିସାହି ଫାଣ୍ଡି ରହିଥିଲେ ମଧ୍ୟ ପୋଲିସ ଏ ସମ୍ପର୍କରେ କିଛି ଜାଣିପାରି ନ ଥିଲା। କେତେଜଣ ବ୍ୟବସାୟୀ ଆସି ସୁନୀଲଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ରାସ୍ତା ଉପରକୁ ଆଣିବା ସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ସୁନୀଲଙ୍କୁ କଟକ ବଡ଼ ମେଡିକାଲ ପଠାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ନଂ. ୧୯୪/୧୮ରେ ପୋଲିସ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ପୂର୍ବଶତ୍ରୁତା କିମ୍ବା ପ୍ରେମଜନିତ କାରଣରୁ ଏହି ଗୁଳିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଥିବା ବେଳେ ସୁନୀଲଙ୍କୁ ତାଙ୍କର ଚିହ୍ନା ପରିଚିତ ଲୋକ ଗୁଳି କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ଡିସିପି କହିଛନ୍ତି। ଘଟଣାସ୍ଥଳରୁ ତାଙ୍କ ଚପଲ, ହେଲ୍‌ମେଟ ଓ ବାଇକ୍‌କୁ ପୋଲିସ ଜବତ କରିବା ସହ ଶ୍ରୀଶ୍ରୀ ୟୁନିଭର୍ସିଟି ଯାଇ ସେଠାରେ କେତେଜଣ ପିଲାଙ୍କୁ ଏ ନେଇ ପଚରାଉଚରା କରିଛି।




# ୨୦୧୯ ନିର୍ବାଚନ ଲଢ଼ିବ ଏଏଚ୍‌ପି

- ରାମ ମନ୍ଦିର ନିର୍ମାଣରେ କେନ୍ଦ୍ର ସରକାରଙ୍କ ପଛଘୁଞ୍ଚାକୁ ନିନ୍ଦା
- ସମାନ ନାଗରିକ ସଂହିତା ପ୍ରସ୍ତୁତ କରାଯାଉ
- ବାଂଲା ଅନୁପ୍ରବେଶକାରୀଙ୍କୁ ତୁରନ୍ତ ହଟାଯାଉ

**ପୁରୀ ଅଫିସ,୨୫।୧୧**

ହିନ୍ଦୁ ବହୁଳ ରାଷ୍ଟ୍ର ଭାରତରେ ହିନ୍ଦୁମାନେ ସବୁବେଳେ ଉପେକ୍ଷିତ ହେଉଛନ୍ତି। ଭାରତୀୟ ସଂସ୍କୃତିର ପ୍ରତୀକ ଗୋବଂଶକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବାକୁ ଉଦ୍ୟମ ହେଉଛି। ଦୈନିକ ଲକ୍ଷ ଲକ୍ଷ ଗୋରୁଙ୍କୁ ହତ୍ୟା କରାଯାଉଛି। ଅଯୋଧ୍ୟା ରାମ ମନ୍ଦିର ନିର୍ମାଣରେ କେନ୍ଦ୍ର ସରକାର ପଛଘୁଞ୍ଚା ଦେଉଛନ୍ତି। ଏ ସଂକ୍ରାନ୍ତରେ କୌଣସି ସ୍ପଷ୍ଟ ମତ ଦେଉ ନ ଥିବାରୁ ଏହାକୁ ତୀବ୍ର ନିନ୍ଦା କରି ଛି ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ (ଏଏଚ୍‌ପି)। ରାମ ମନ୍ଦିର ପାଇଁ ଏଏଚ୍‌ପି ଆନ୍ଦୋଳନକୁ ଓହ୍ଲାଇବା ସହ ଏପରି ଆଭିମୁଖ୍ୟ ରହୁଥିବା ସରକାରକୁ ଚ୍ୟାଲେଞ୍ଜ ଦେବାକୁ ରାଜନୀତିକୁ ଆପଣାଇବ। ଆସନ୍ତା ୨୦୧୯ରେ ନିର୍ବାଚନ ଲଢ଼ିବାକୁ ଏଏଚ୍‌ପି ପ୍ରସ୍ତୁତ ରହିଛି ବୋଲି ଏଏଚ୍‌ପିର ଅଖିଳ ଭାରତ ସଙ୍ଗଠନ ସମ୍ପାଦକ ମହାବୀର ଜୀ ଓ ବଜରଙ୍ଗ ଦଳର ରାଷ୍ଟ୍ରୀୟ ସହପ୍ରମୁଖ ଯତୀନ ସ୍ୱାଇଁ କହିଛନ୍ତି।

ରବିବାର ପୁରୀର ଗୋଏଙ୍କା ଧର୍ମଶାଳାରେ ଏଏଚ୍‌ପି ଓଡ଼ିଶା ପୂର୍ବପ୍ରାନ୍ତର କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାବୀର ଜୀ କହିଲେ, ଭାରତରେ ସମାନ ନାଗରିକ ସଂହିତା ପ୍ରସ୍ତୁତ କରାଯାଉ। ଜମ୍ମୁ କଶ୍ମୀରରୁ ବିତାଡିତ ହିନ୍ଦୁ ପଣ୍ଡିତଙ୍କୁ ପୁନଃ ଥଇଥାନ ସହ ୩୭୦ ଧାରା ଉଚ୍ଛେଦ ଓ ଦେଶରୁ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ତୁରନ୍ତ ହଟାଯାଉ। ଧାର୍ମିକ ପୀଠ, ମଠ ମନ୍ଦିରକୁ ସରକାରୀ ଅଧୀନ ମୁକ୍ତ କରାଯିବା ସହ ସଂଖ୍ୟାଲଘୁଙ୍କ ନାଁରେ ଆର୍ଥିକ ଅନୁଦାନ ବନ୍ଦ ଓ ସମସ୍ତ ଗରିବ ଲୋକଙ୍କୁ ମୌଳିକ ସୁବିଧା ପ୍ରଦାନ କରାଯାଉ ବୋଲି ମହାବୀର ଜୀ କହିଛନ୍ତି।

ପ୍ରାନ୍ତ କାର୍ଯ୍ୟକାରୀ ସଭାପତି ମନୋଜ ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ଯତୀନ ସ୍ୱାଇଁ କହିଲେ, ରାମ ରାଜ୍ୟ ପରିବର୍ତ୍ତେ ଦେଶରେ ରାବଣରାଜ୍ ଚାଲିଛି। ହଜାର ହଜାର ବର୍ଷର ସନାତନ ସଂସ୍କୃତି ଆଜି ସଙ୍କଟ ସ୍ଥିତି ଦେଇ ଗତି କରୁଛି। ଅଖଣ୍ଡ ଭାରତର ପରିକଳ୍ପନା ଆଜି ସ୍ୱପ୍ନରେ ରହିଯାଇଛି। ଏଣୁ ଏକ ସୁଦୃଢ ବୈଭବଶାଳୀ ହିନ୍ଦୁ ରାଷ୍ଟ୍ର ନିର୍ମାଣ ପାଇଁ ଏଏଚ୍‌ପିର ପ୍ରତିଷ୍ଠାତା ଡା. ପ୍ରବୀଣ ଭାଇ ତୋଗାଡ଼ିଆ ଆସନ୍ତା ଜାନୁୟାରୀରେ ଏକ ହିନ୍ଦୁ ରାଜନୈତିକ ଦଳର ଘୋଷଣା କରିବେ। ୨୦୧୯ ସାଧାରଣ ନିର୍ବାଚନରେ ସାରା ଭାରତରେ ସଙ୍ଗଠନ ପକ୍ଷରୁ ରାଷ୍ଟ୍ରୀୟ ବିଚାର ପ୍ରାର୍ଥୀ ଦିଆଯିବ ବୋଲି ସେ କହିଥିଲେ। ରାଷ୍ଟ୍ରୀୟ ଛାତ୍ର ପରିଷଦର କ୍ଷେତ୍ରୀୟ ପ୍ରମୁଖ ଲକ୍ଷ୍ମୀ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ମତ ରଖିଥିଲେ। ଯୁବ ସଂଗଠକ କୃଷ୍ଣଚନ୍ଦ୍ର ପାଢ଼ୀ, ଅନିଲ କୁମାର ସାହୁ, ନଗର ସଭାପତି ପୂର୍ଣ୍ଣଚନ୍ଦ୍ର ଦାଶ, ଜିଲା ସଭାପତି ରାମଚନ୍ଦ୍ର ମିଶ୍ର, ପବିତ୍ର ଦାଶ, ଅଭିଷେକ ମିଶ୍ର, ରାଜ ପୂଜାପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ବୈଠକରେ ପ୍ରାନ୍ତର ବିଭିନ୍ନ ଜିଲାର କାର୍ଯ୍ୟକାରିଣୀ ସଦସ୍ୟ, ବୁଦ୍ଧିଜିବୀ, ବିଦ୍ୟାର୍ଥୀ, ସ୍ୱେଚ୍ଛାସେବୀମାନେ ଯୋଗଦେଇଥିଲେ।

# ଫୁଲବାଣୀ, ଦାରିଙ୍ଗବାଡ଼ିରେ ଖସୁଛି ପାରଦ

**ଭୁବନେଶ୍ୱର, ୨୫।୧୧(ବ୍ୟୁରୋ)**

ସାରା ରାଜ୍ୟରେ ଘନ କୁହୁଡ଼ି ସହ ଶୀତ ଅନୁଭୂତ ହେଲାଣି। ସକାଳ ୮ଟା ପର୍ଯ୍ୟନ୍ତ କୁହୁଡି ପଡୁଥିବାବେଳେ ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଅଧିକ ଶୀତ ଅନୁଭୂତ ହେଉଛି। ବିଶେଷକରି ଫୁଲବାଣୀ ଏବଂ ଦାରିଙ୍ଗବାଡ଼ିରେ ପାରଦ ଖସିବାରେ ଲାଗିଛି। ଗତ ଶନିବାର ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୧୦.୫ ଡିଗ୍ରୀ ରହିଥିବାବେଳେ ରବିବାର ୯ଡିଗ୍ରୀକୁ ଖସି ଆସିଛି। ଫୁଲବାଣୀରେ ମଧ୍ୟ ସର୍ବନିମ୍ନ ତାପମାତ୍ର ୯ ଡିଗ୍ରୀ ରହିଥିବା ରେକର୍ଡ କରାଯାଇଛି। ଆଗକୁ ପାରଦ ଆହୁରି ନିମ୍ନଗାମୀ ହୋଇ ଶୀତ ବଢ଼ିବା ସମ୍ଭାବନା ରହିଛି। ସେହିପରି କୋରାପୁଟ, ଅନୁଗୋଳ, ଭାବନୀପାଟଣା, ଟିଟିଲାଗଡ଼, ମାଲକାନଗିରି, ସୋନପୁର, ସୁନ୍ଦରଗଡ଼ ଆଦି ସହରରେ ତାପମାତ୍ରା ୧୦ରୁ ୧୨ ଡିଗ୍ରୀ ମଧ୍ୟରେ ରହିଛି। ଆଗାମୀ ୩/୪ ଦିନ ପରେ ଶୀତର ପ୍ରକୋପ ବଢ଼ିବ। ଏପରିକି କେତେକ ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ୫ରୁ ୬ ଡିଗ୍ରୀକୁ ଖସି ଆସିବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି।








ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


ଆଦିଦେବ
ପରିବାରବର୍ଗ


ରିଓ
ପରିବାରବର୍ଗ


ଆୟୁଷ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


■ କିଟ୍ କ୍ୟାମ୍ପସ୍‌ରେ ସଂଘର୍ଷ ଘଟଣା

# ପୋଲିସ ନୀରବତାକୁ ଦାୟୀ କଲେ ଛାତ୍ରୀଛାତ୍ର

**ଭୁବନେଶ୍ୱର, ୨୫।୧୧(ବ୍ୟୁରୋ)**

■ **ଖବର ଦେବା ପରେ ତୁରନ୍ତ ପହଞ୍ଚି ନ ଥିଲା ପୋଲିସ**

■ **୫ ଛାତ୍ର ଅଟକ, କ୍ୟାମ୍ପସରେ ଉତ୍ତେଜନା ଜାରି**

କିଟ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ୨ ଛାତ୍ରଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟଣା ପାଇଁ ଇନ୍‌ଫୋସିଟି ଥାନା ପୋଲିସକୁ ଦାୟୀ କରିଛନ୍ତି ଅନେକ ଛାତ୍ରୀଛାତ୍ର। ଶନିବାର ଗଣ୍ଡଗୋଳ ଘଟଣାର ଘଣ୍ଟାଏ ପୂର୍ବରୁ କେତେଜଣ ଆଇନ ଛାତ୍ର ଇଞ୍ଜିନିୟରିଂ କଲେଜ କୋଠାକୁ ଟେକାପଥର ମାଡ଼ କରିଥିଲେ। ଏ ନେଇ କେତେଜଣ ଛାତ୍ର ଇନ୍‌ଫୋସିଟି ପୋଲିସକୁ ଖବର ଦେଇଥିଲେ। କିନ୍ତୁ ପୋଲିସ ସେ ସମୟରେ ନ ଆସି ମାରପିଟ୍ ଘଟିବା ପରେ ଆସିଥିଲା ବୋଲି ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ, କିଟ୍ ଲ’ କଲେଜର ଆଇନ ଛାତ୍ରୀଙ୍କୁ ଜଣେ ଇଞ୍ଜିନିୟରିଂ ଛାତ୍ର କମେଣ୍ଟ କରିବାକୁ କେନ୍ଦ୍ର କରି ଏହି ଗଣ୍ଡଗୋଳ ଘଟିଥିଲା। ଶନିବାର ଅପରାହ୍ନ ପ୍ରାୟ ୪ଟାରେ ୧୫ରୁ ଊର୍ଦ୍ଧ୍ୱ ଆଇନ ଛାତ୍ର ଇଞ୍ଜିନିୟରିଂ କଲେଜ କ୍ୟାମ୍ପସରେ ପହଞ୍ଚି ପ୍ରଥମେ ଭଙ୍ଗାରୁଜା କରିବା ସହ କଲେଜର କାଚ ଝରକା କବାଟକୁ ଟେକା ପଥର ମାଡ଼ ମାରିଥିଲେ। ସେତେବେଳେ ପୋଲିସକୁ ଖବର ଦିଆଯାଇଥିଲେ ହେଁ କେହି ପହଞ୍ଚି ନ ଥିଲେ। ପରେ ଉତ୍ତ୍ୟକ୍ତ ଛାତ୍ରମାନେ ଅପରାହ୍ନ ପ୍ରାୟ ୫ଟାରେ ଉକ୍ତ ଇଞ୍ଜିନିୟରିଂ ଛାତ୍ରଙ୍କୁ କାଠ ଫାଳିଆ, ଲୁହାରଡ୍‌ରେ ନିସ୍ତୁକ ମାଡ଼ ମାରିଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ଛାତ୍ରମାନେ ଆକ୍ରମଣର ଶିକାର ହୋଇଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀ ଛାତ୍ରୀଛାତ୍ର କହିଛନ୍ତି। ଏ ନେଇ ଥାନା ଅଧିକାରୀ ବିଜୟିନୀ ସିଂ କହିଛନ୍ତି, ଖବର ମିଳିବା ପରେ ପୋଲିସ ଠିକ୍ ସମୟରେ ପହଞ୍ଚିଛି। ପୋଲିସ ପକ୍ଷରୁ କୌଣସି ଅବହେଳା କରାଯାଇ ନାହିଁ।

ରବିବାର ଘଟଣା ସଂକ୍ରାନ୍ତରେ ଥାନାରେ ଦୁଇ ପକ୍ଷଙ୍କ ନାମରେ ପୃଥକ ମାମଲା(୨୦୩/୧୮ ଓ ୨୦୪/୧୮) ରୁଜୁ ହୋଇଛି। ଘଟଣାରେ ସମ୍ପୃକ୍ତ ୫ ଛାତ୍ରଙ୍କୁ ପୋଲିସ ଅଟକ ରଖିଛି। ଫେରାର ଥିବା ଅନ୍ୟ ଛାତ୍ରମାନଙ୍କୁ ଧରିବା ପାଇଁ ପୋଲିସ ସିସିଟିଭି ଫୁଟେଜ ଜବତ କରି ତଦନ୍ତ ଚଳାଇଛି। ଅଭିଯୁକ୍ତ ଛାତ୍ରଙ୍କ ମଧ୍ୟରେ ଅଧିକାଂଶ ଅଣଓଡ଼ିଆ ହୋଇଥିବାବେଳେ ଗିରଫଦାରି ଭୟରେ ସେମାନେ ଘରକୁ ଚାଲିଯାଇଥିବା ଜଣାପଡ଼ିଛି। ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ସିସିଟିଭି ଫୁଟେଜ ଆଧାରରେ ଗଣ୍ଡଗୋଳରେ ସମ୍ପୃକ୍ତ ଛାତ୍ରଙ୍କୁ ଗିରଫ କରାଯିବ। ଆମେ କିଟ୍ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗରେ ଅଛୁ। ପରିସ୍ଥିତିକୁ ଦୃଷ୍ଟିରେ ରଖି କ୍ୟାମ୍ପସରେ ୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ଅନ୍ୟପଟେ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ବିଶ୍ୱବିଦ୍ୟାଳୟକୁ ସାଇନ-ଏ-ଡାଏ ଘୋଷଣା କରାଯାଇ ନାହିଁ। କଲେଜ ସ୍ୱାଭାବିକ ଭାବେ ଚାଲିଛି। ପ୍ରତିଷେଧମୂଳକ ପଦକ୍ଷେପ ଭାବେ କେବଳ ୨ଟି ଛାତ୍ରାବାସକୁ ଖାଲି କରାଯାଇଛି। କୌଣସି ଛାତ୍ର ଆଇସିୟୁରେ ନାହାନ୍ତି। ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ନେଇ ଯେଉଁ ଚର୍ଚ୍ଚା ହେଉଛି ତାହା ମିଥ୍ୟା। ସମସ୍ତଙ୍କୁ ଚିକିତ୍ସା ପରେ ଛାଡି ଦିଆଯାଇଛି।

## ପଲିଥିନମୁକ୍ତ ପରିବେଶ ପାଇଁ ସଚେତନ କଲେ ଛାତ୍ରୀଛାତ୍ର

**ଭୁବନେଶ୍ୱର, ୨୫।୧୧(ବ୍ୟୁରୋ)**

ପଟିଆସ୍ଥିତ ଓଡିଏମ୍ ପବ୍ଲିକ ସ୍କୁଲ ପରିସରରେ ରବିବାର ଏନ୍‌ସିସି ଦିବସପାଳିତ ହୋଇଯାଇଛି। ଏହି ଅବସରରେ ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଏକ ସାଇକେଲ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଡ. ମୀନକେତନ କ୍ୟାଡେଟ୍‌ମାନଙ୍କୁ ଦିବସର ମହତ୍ତ୍ୱ ସମ୍ପର୍କରେ ବୁଝାଇବା ସହ ନିଷ୍ଠା ଓ ତ୍ୟାଗ ମନୋଭାବ ନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏନ୍‌ସିସି ଥାର୍ଡ ଅଫିସର ରଶ୍ମି ରଞ୍ଜନ ଜେନାଙ୍କ ତତ୍ତ୍ୱାବଧାନରେ ୫୦ କ୍ୟାଡେଟ୍ ପଟିଆ, ଇନ୍‌ଫୋସିସ୍ ରୋଡ୍, ଶିଖରଚଣ୍ଡୀ, କିଟ୍ ଛକ ଦେଇ ବିଦ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଶୋଭାଯାତ୍ରାରେ ‘ଗୋ ଗ୍ରୀନ୍ ଗୋ କ୍ଲିନ୍’ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। କ୍ୟାଡେଟ୍‌ମାନେ ପଲିଥିନମୁକ୍ତ ସ୍ୱଚ୍ଛ ପରିବେଶ ଗଠନ ପାଇଁ ଲୋକଙ୍କୁ ବୁଝାଇଥିଲେ। ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ବରିଷ୍ଠ ପରାମର୍ଶଦାତା ବ୍ରହ୍ମାନନ୍ଦ ରାଉତ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।


classified


automobile

**SALE**

Innova 2012 6+1 Dzire VDI 2015 immediate sale. 8599843131, 8984915715. D-9614


real estate

**SALE**

Bhubaneswar AIIMS Hospital, DOON/ NMIT College front gharabari plot. 9437298164. D-64351

30' road patta gharabari boundary residential plot at Benupur near Hanspal (100' road side). 9437033320. D-64373

Morningsun Residency simplex near Hanspal- 28,00,000/- (Hando-ver within 1month) 8908015464, 9853347909. D-64378

Litigation free plots near Xavier University/ Birla School BDA Zone, Bhubaneswar. Sqft.- 250/-,160/-. 9937746907, 9337259012. D-64382

9000 sqft. plot (212 decml) for sale, 52 ft. frontage to Sunderpur Mainroad and 100 mtrs from 200 ft. road near to upcoming Wisdom International School, D.N. Homes, Orchid Lifestyle, KIIMS Medical/ KIIT College, Bigbazar at a 4 km. distance. Contact: 9338342502, 9437095996. D-65192

ସୁନ୍ଦରପଦା Hitech ପାଖରେ 100' and 50' Revenue Road ଆଉ 4ଟି ଘରବାରି ବାଉଣ୍ଡାରି ପ୍ଲଟ ବିକ୍ରିହେବ। (sqft. 600/-) 9777236619. D-64383

2000 sqft. plot (10nos) at Sankarpur, Vipul Garden backside, Ghatikia, Bhubaneswar (Electricity, supply water 30' road): 7381564227. D-65080

**AFFIDAVIT**

ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍, କଟକ ସଦରଙ୍କ ନିକଟରେ ତା୨୪।୧୧।୨୦୧୮ ରିଖରେ ଶପଥପାଠରେ ମୋର ସାଙ୍ଗିଆ ପରିବର୍ତ୍ତନକରି Manoj Kumar Naik ପରିବର୍ତ୍ତେ Manoj Kumar Nayak ହୋଇଛି। ଏହା ସମସ୍ତ ଉଦ୍ଦେଶ୍ୟ, ନଥିପତ୍ରରେ କାର୍ଯ୍ୟକାରୀ ହେବ। ଧ-୯୬୬୦

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**1st Birthday Wish**



(Rio)
**Saharsh Mohanty**
(Bramheswar Bagh, Bhubaneswar)

May God Bless you with lots of love and affection. Happy first Birthday Saharsh (Rio). Wishes from: Papa, Mama, Jeje, Maa, Aja, Aai, Peisa, Peisi, Little, Tapu, Mamuni, Misha, Dipun & Puppet. D-9640

**Birthday Wish**



(Pintu)
**Jyoti Ranjan Lenka**

On your birthday, I wish all your dreams come true and you get everything in life that makes you happy wishing you a Happy Birthday.
**Best wishes from**
**DUFFERI**
D-65199


## ଏୟାର ଓଡ଼ିଶା ବଦଳରେ ନୂଆ ସଂସ୍ଥା ଖୋଜୁଛି କେନ୍ଦ୍ର

**ଜୟପୁର, ୨୫।୧୧ (ନି.ପ୍ର./ ଡି.ଏନ୍.ଏ.)**

**ଜୟପୁରରୁ ଉଡ଼ାଣ ପ୍ରସଙ୍ଗ**

■ **ଜାନୁଆରୀ ସୁଦ୍ଧା ନୂଆ ବିଡ୍ ସରିବ: ଉଷା ପାଢ଼ୀ**

କେନ୍ଦ୍ର ଉଡ଼ାଣ ଯୋଜନାରେ ସାମିଲ ହୋଇ ବିଫଳ ହୋଇଥିବା ଏୟାର ଓଡ଼ିଶାର ଲାଇସେନ୍ସ ରଦ୍ଦ ପରେ ମୁହଁ ଖୋଲିଛନ୍ତି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ବିଭାଗ ଯୁଗ୍ମ ସଚିବ ଉଷା ପାଢ଼ୀ। ରବିବାର ଜୟପୁର ଏୟାରପୋର୍ଟ ଉନ୍ନୟନ କାର୍ଯ୍ୟ ସମୀକ୍ଷା ପରେ ସେ କହିଛନ୍ତି ଯେ ବିଭାଗର ଚୁକ୍ତି ମୁତାବକ ଏୟାର ଓଡ଼ିଶା ସେବା ଯୋଗାଇ ନ ଥିବାରୁ ଲାଇସେନ୍ସ ରଦ୍ଦ କରାଯାଇଛି। ଏହାପରେ ବିଡ୍ ପକ୍ରିୟା ଆରମ୍ଭ କରିଛି ବିଭାଗ। ତୁରନ୍ତ ଏହି ପକ୍ରିୟା ସାରି ଜାନୁଆରୀ ପ୍ରଥମ ସପ୍ତାହ ସୁଦ୍ଧା ଯେଉଁ ବିମାନ ସେବା ପ୍ରଦାନକାରୀ ସଂସ୍ଥା ଏଥିରେ ସଫଳ ହୋଇଥିବ, ତାଙ୍କୁ କାର୍ଯ୍ୟାଦେଶ ଦିଆଯିବ। ଜୟପୁର ଏୟାରଷ୍ଟ୍ରିପର ଭିତ୍ତିଭୂମି ସେଫ୍ଟି ଓ ଅପରେସନ ମାନୁଆଲ ଦେଖିବା ପରେ ପାଢ଼ୀ ଜଣାଇଛନ୍ତି ଯେ ୧୫ ଦିନ ମଧ୍ୟରେ ଏହି କାମ ସରିବ। ଏୟାରପୋର୍ଟ ଅଥରିଟି ଅଫ ଇଣ୍ଡିଆର ଏକ ଟିମ୍ ୨୦ ଦିନ ଭିତରେ ଆସି ପରିଦର୍ଶନ କରିବା ପରେ ଡିଜିସିଏ ନିକଟରେ ଲାଇସେନ୍ସ ପାଇଁ ଆବେଦନ କରାଯିବ। ସମୀକ୍ଷା ବେଳେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଉପସ୍ଥିତ ଥିବାବେଳେ ନିର୍ମାଣ ଦାୟିତ୍ୱରେ ଥିବା ରାସ୍ତା ଓ ଗୃହ ବିଭାଗ ନିର୍ବାହୀ ଯନ୍ତ୍ରୀ ତପନ ପାଣିଗ୍ରାହୀ ସୂଚନା ଦେଇଥିଲେ ଯେ ଜୟପୁର ଏୟାରଷ୍ଟ୍ରିପର ସିଭିଲ କାର୍ଯ୍ୟ ସରି ଫିନିସିଂ କାର୍ଯ୍ୟ ଚାଲିଛି। ବିମାନ ଘାଟିର ଟର୍ମିନାଲ ବିଲ୍ଡିଂରେ ସୁରକ୍ଷା ଏକ୍ସରେ ମେସିନ, ସିସି କ୍ୟାମେରା ଲାଗିବ। ୧୫ରୁ ୨୦ ଦିନ ଭିତରେ କାର୍ଯ୍ୟ ସରିବା ପରେ ବିଭାଗକୁ ହସ୍ତାନ୍ତର କରାଯିବ। ଅନ୍ୟପକ୍ଷରେ ସଚିବଙ୍କୁ ଭେଟି ଜୟପୁର ଚାମ୍ବର ଅଫ୍ କମର୍ସ ଏକ ଦାବିପତ୍ର ଦେଇଛି। ୧୯୮୦ ବାୟୁଦୂତ ଯେପରି ଜୟପୁରରୁ ଭୁବନେଶ୍ୱର, ବିଶାଖାପାଟଣା, ରାଜମହେନ୍ଦ୍ରି, ହାଇଦ୍ରାବାଦ ରୁଟ୍‌ରେ ଚଳାଚଳ କରୁଥିଲା, ସେପରି ଚଳାଚଳ ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ତେବେ ଚାମ୍ବର ଅଫ୍ କମର୍ସର କର୍ମକର୍ତ୍ତାଙ୍କୁ ପାଢ଼ୀ କହିଥିଲେ ଯେ ପ୍ରଥମ ପର୍ଯ୍ୟାୟରେ ଆମେ ଭୁବନେଶ୍ୱରକୁ ବିମାନ ସେବା ଯୋଗାଇବୁ। ଏହି ରୁଟ୍ ବ୍ୟାବସାୟିକ ସଫଳତା ପାଇଲେ ବିଶାଖାପାଟଣା, ହାଇଦ୍ରାବାଦ ରୁଟ୍ କଥା ଚିନ୍ତା କରାଯିବ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଜୟପୁରରୁ ବିମାନ ଚଳାଚଳ ପାଇଁ ୨୦୧୭ ସେପ୍ଟେମ୍ବର ଲକ୍ଷ୍ୟଧାର୍ଯ୍ୟ ଥିଲାବେଳେ ଭିତ୍ତିଭୂମି ଠିକ୍ ନ ଥିବାରୁ ଏଥିରେ ବିଳମ୍ବ ହୋଇଥିଲା। ପ୍ରଥମେ ରାଜ୍ୟ ସରକାର ସେପ୍ଟେମ୍ବର, ପରେ ଡିସେମ୍ବର ଏବଂ ମାର୍ଚ୍ଚ ୨୦୧୮କୁ ଡେଡ୍ ଲାଇନ୍ ରଖିଥିଲେ ମଧ୍ୟ ବିମାନଘାଟିର କାର୍ଯ୍ୟ ଶେଷ ହୋଇପାରି ନଥିଲା।

**■ ପ୍ରଥମ ପୃଷ୍ଠାରୁ...**

## ବାଟବଣା...

ନୀତି ଏକପ୍ରକାର ସ୍ଥାଣୁ ପାଲଟିଛି। ବିଦ୍ୟୁତ୍ ବିଲ୍ ହ୍ରାସ କରିବା ପାଇଁ ରାଜ୍ୟ ସରକାର ସମସ୍ତ ସରକାରୀ କାର୍ଯ୍ୟାଳୟ, ହସ୍ପିଟାଲ, ଶିକ୍ଷାନୁଷ୍ଠାନରେ ଛାତ ଉପରେ ସୌରଶକ୍ତି ପ୍ରକଳ୍ପ(ଆର୍‌ଟିଏସ୍) କରିବାକୁ ଯୋଜନା କରାଯାଇଥିଲା। ତେବେ ତାହା ମଧ୍ୟ ଏକପ୍ରକାର ଫେଲ୍ ମାରିଛି। ଯେଉଁ ଘରୋଇ ସଂସ୍ଥା ସୌର ପ୍ରକଳ୍ପ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି ସେମାନଙ୍କ ଉତ୍ପାଦିତ ଶକ୍ତି ନେବାକୁ ରାଜ୍ୟ ସରକାର ମଙ୍ଗୁ ନାହାନ୍ତି। ଶକ୍ତି ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା ହେଲା, କୋଇଲା ଏବଂ ଜଳବିଦ୍ୟୁତ୍ ପ୍ରକଳ୍ପରୁ ବିଦ୍ୟୁତ୍ ୟୁନିଟ୍ ପିଛା ୨.୮୦ ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିବା ବେଳେ ସୌରଶକ୍ତି ପ୍ରକଳ୍ପରୁ କ୍ରୟ କଲେ ୟୁନିଟ୍ ପିଛା ୪.୮୦ ପଇସା ଦେବାକୁ ପଡ଼ିବ। ଯଦି ରାଜ୍ୟ କିମ୍ବା କେନ୍ଦ୍ର ସରକାର ସୌରଶକ୍ତି ପ୍ରକଳ୍ପକୁ ପ୍ରୋତ୍ସାହନ ଦେଇ ଶକ୍ତି କ୍ରୟ ନ କରିବେ ତେବେ ସୌରଶକ୍ତି ଉତ୍ପାଦନ ସମ୍ଭବ ହେବନାହିଁ। ଏଠାରେ ସୂଚନାଯୋଗ୍ୟ ଯେ, ୧ ମେଗାୱାଟ୍ ସୌରଶକ୍ତି ପ୍ରକଳ୍ପ ପାଇଁ ୧.୫ କୋଟି ଟଙ୍କା ଖର୍ଚ୍ଚ ହେଉଛି। ସେହିପରି ଯଦି ଜଣେ ବ୍ୟକ୍ତି ନିଜ ଛାତ ଉପରେ ଆର୍‌ଟିଏସ୍ କରନ୍ତି ତେବେ ତାଙ୍କୁ ୧ କିଲୋୱାଟ୍ ପାଇଁ ୬୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଏଥିଲାଗି କେନ୍ଦ୍ର ସରକାର ୧୮ ହଜାର ଟଙ୍କା ରିହାତି ପ୍ରଦାନ କରିବେ। ଆରଟିଏସ୍ ଏବଂ ସୌରଶକ୍ତି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ପ୍ରକଳ୍ପ ମୂଲ୍ୟର ୩୦ ପ୍ରତିଶତ ସବ୍‌ସିଡି ଦେଉଛନ୍ତି। ରାଜ୍ୟ ସରକାର କୌଣସି ଆର୍ଥିକ ପ୍ରୋତ୍ସାହନ ଦେଉ ନ ଥିବାରୁ ସାଧାରଣ ଲୋକେ କିମ୍ବା ଘରୋଇ ସଂସ୍ଥା ରାଜ୍ୟରେ ପ୍ରକଳ୍ପ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏ ସମ୍ପର୍କରେ ଜେଡ୍‌କଲର ନିର୍ଦ୍ଦେଶକ ଏସ.ଏନ୍. ତ୍ରିପାଠୀଙ୍କୁ ପଚାରିବାରୁ ସେ କହିଲେ, ସୌର ପ୍ରକଳ୍ପ ଦିଗରେ ପଦକ୍ଷେପ ନିଆଯାଉଛି। ମନମୁଣ୍ଡାଠାରେ ୨୦ ମେଗାୱାଟ୍‌ର ଏକ ପ୍ରକଳ୍ପ ସ୍ଥାପନ କରାଯାଇଛି। କେନ୍ଦ୍ର ସରକାର ଏଥିପାଇଁ ସବ୍‌ସିଡି ଦେଉଛନ୍ତି। ଆର୍‌ଟିଏସ୍ କଥା ଓରେଡା ଦେଖୁଛି। ଜଳବିଦ୍ୟୁତ୍ ପ୍ରକଳ୍ପ ପାଇଁ ସ୍ଥାନ ଚିହ୍ନଟ ପ୍ରକ୍ରିୟା ଚାଲିଛି।

## ମିନି ମାରାଥନବେଳେ...

ମେଡିକାଲରେ ଭର୍ତ୍ତିକରାଯାଇଛି। ମୃତକ ଜଣକ ହେଲେ କମାଗୁରୁ ବେଲପଦା ଆଦିବାସୀ ସାହିର କୃଷ୍ଣଚନ୍ଦ୍ର ପରିଡା(୫୩)। ଦେଖଣାହାରୀଙ୍କ କହିବାନୁଯାୟୀ, କୃଷ୍ଣ ଅନ୍ୟମାନଙ୍କ ଭଳି ମାରାଥନ ପାଇଁ ମିଳିଥିବା ଟି-ଶାର୍ଟ ପିନ୍ଧି ଦୌଡୁଥିବାବେଳେ ଅସୁସ୍ଥ ହୋଇ ତଳେ ପଡ଼ିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କିନ୍ତୁ କୃଷ୍ଣଙ୍କ ସ୍ତ୍ରୀ ବାସନ୍ତୀ କହିଛନ୍ତି ଯେ, ତାଙ୍କ ସ୍ୱାମୀ ମିନି ମାରାଥନରେ ପ୍ରାଣ ହରାଇନାହାନ୍ତି। ଅରିସଲ-କମାଗୁରୁ ରାସ୍ତାରେ କୃଷ୍ଣ ଚାଲି ଯାଉଥିବାବେଳେ ମିନି ମାରାଥନ ଯାଉଥିଲା। ସେହି ସମୟରେ ଗୋଡ଼ ଖସିଯିବାରୁ ସେ ରାସ୍ତାରେ ପଡ଼ିଯାଇଥିଲେ ବୋଲି ବାସନ୍ତୀ କହିଛନ୍ତି। ଜଙ୍କିଆ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ୧୫/୧୮ ନମ୍ବରରେ ଏକ ଅପମୃତ୍ୟୁ ମାମଲା କରିଛି।

ଅନ୍ୟପକ୍ଷରେ ଅସୁସ୍ଥ ଛାତ୍ରୀମାନେ ହେଲେ ଚାନ୍ଦୁଆ ହାଇସ୍କୁଲର ୬ଷ୍ଠ ଶ୍ରେଣୀର ରଶ୍ମିରେଖା ସିଂ, ସୋନାଲି ମୁର୍ମୁ ଓ ହୀରାମଣି ମୁର୍ମୁ। ସେମାନେ ହାଇସ୍କୁଲ ଛାତ୍ରୀନିବାସରେ ରୁହନ୍ତି। ଏହି ୩ଜଣଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଚାନ୍ଦୁଆ ଛକଠାରୁ ବ୍ଲକ୍ ଅଫିସ୍ ପର୍ଯ୍ୟନ୍ତ ପ୍ରାୟ ୨କି.ମି. ରାସ୍ତା ଦୌଡ଼ିଥିଲେ। କିଛି ବାଟ ଯିବା ପରେ ୩ ଛାତ୍ରୀ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କୁ ଏକ ଅଟୋରିକ୍ସାରେ ନେଇ ବାରିପଦା ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଇଥିଲେ।

ମିନି ମାରାଥନରେ ଛାତ୍ରୀମାନଙ୍କୁ କାହିଁକି ସାମିଲ କରାଯାଇଥିଲା ବୋଲି ପ୍ରଶ୍ନ ଉଠାଇଛି ଜେଏମ୍‌ଏମ୍। ଜେଏମ୍‌ଏମ୍ ରାଜ୍ୟ ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା ଅଭିଯୋଗ କରିଛନ୍ତି ଯେ, ପିଲାମାନଙ୍କୁ ମାରାଥନ ସମ୍ପର୍କରେ ପୂର୍ବରୁ କୌଣସି ସୂଚନା ଦିଆଯାଇ ନ ଥିବାବେଳେ ବଡ଼ିଭୋରରୁ ସେମାନଙ୍କୁ ଉଠାଇ ସାମିଲ କରାଯାଇଥିଲା। ଏପରି କି ଦୌଡ଼ ପୂର୍ବରୁ ଡାକ୍ତରୀ ଟିମ୍ ଦ୍ୱାରା ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ନ ଥିଲା। ସେହିପରି ଅସୁସ୍ଥମାନଙ୍କୁ ଆମ୍ବୁଲାନ୍ସ ବଦଳରେ ଅଟୋରେ ନିଆଯାଇଥିଲା। ଏଭଳି ଛାତ୍ରୀମାନଙ୍କ ଜୀବନ ପ୍ରତି ଖେଳ ଖେଳିଥିବା ସ୍କୁଲ କର୍ତ୍ତୃପକ୍ଷ ଓ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜେନା ଦାବି କରିଛନ୍ତି। ଛାତ୍ରୀନିବାସର ସୁପରିଣ୍ଟେଣ୍ଡେଣ୍ଟ ରଶ୍ମିତା ଜେନା କହିଛନ୍ତି ଯେ, ମୁଁ ଛୁଟିରେ ଥିଲି, ଛାତ୍ରୀମାନେ କିପରି ବାହାରକୁ ଗଲେ ଜାଣିନାହିଁ। କିନ୍ତୁ ଛାତ୍ରୀମାନେ ଅସୁସ୍ଥ ହେବା ଜାଣି ମେଡିକାଲକୁ ଯାଇ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛି। ପ୍ରଧାନଶିକ୍ଷକ ଅଲେଖ ରଞ୍ଜନ ପାଠୀ କହିଛନ୍ତି ଯେ, ମୁଁ ଛୁଟିରେ ଥିଲି, ଛାତ୍ରୀନିବାସ ଦାୟିତ୍ୱରେ ଥିବା ବିଜ୍ଞାନ ଶିକ୍ଷକ ବିଦ୍ୟାଧର ସେଠୀଙ୍କ ସହ ଆଲୋଚନା କରିଛି। ବିଜୁ ଯୁବ ବାହିନୀର କେତେଜଣ କର୍ମକର୍ତ୍ତା ସ୍କୁଲକୁ ଆସି ମାରାଥନ ଦୌଡ଼ରେ ଛାତ୍ରୀଙ୍କୁ ସାମିଲ କରିବାପାଇଁ ଶିକ୍ଷକ ସେଠୀଙ୍କୁ କହିଥିଲେ। ଛାତ୍ରୀମାନେ ଏଥିରେ ସାମିଲ ହେବାପାଇଁ ଆଗ୍ରହ ପ୍ରକାଶ କରି ଦୌଡ଼ରେ ସାମିଲ ହୋଇଥିଲେ ବୋଲି ପ୍ରଧାନଶିକ୍ଷକ ପାଠୀ କହିଛନ୍ତି।

## ରାତିଅଧିଆ...

ଆଡ୍ଡାରେ ଲୁଚି ରହିଥିବା ୬ ଆତଙ୍କବାଦୀ ନିହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୫ ସ୍ଥାନୀୟ ଆତଙ୍କବାଦୀ ହୋଇଥିବାବେଳେ ଜଣେ ପାକିସ୍ତାନୀ ବୋଲି ଜଣାପଡ଼ିଛି। ନିହତ ଆତଙ୍କବାଦୀଙ୍କ ମଧ୍ୟରେ ହିଜ୍‌ବୁଲ କମାଣ୍ଡର ଉମର ଜାଭେଦ୍ ଗନାଏ ଓରଫ ହଞ୍ଜାଲା ମଧ୍ୟ ରହିଛନ୍ତି। ହଞ୍ଜାଲା ଗୁରୁବାର ଶ୍ରୀନଗରର ଲାଲଚୌକସ୍ଥିତ ଘଣ୍ଟାଘର ସାମ୍ନାରେ ସେଲ୍ଫି ଉଠାଇ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏଥିରେ ସେ ସେନାକୁ ଆକ୍ରମଣ ପାଇଁ ଧମକ ଦେଉଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ରାତି ପାହିବା ପୂର୍ବରୁ ସଦ୍ୟ ଏନ୍‌କାଉଣ୍ଟର ଖବର ଚାରିଆଡେ ପ୍ରଚାର ହୋଇଯିବାରୁ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ମିଳିତ ଅପରେଶନ୍ ଟିମ୍‌କୁ ଟେକାମାଡ଼ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଯବାନଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନରେ ନୋମାନ୍ ଅଶରଫ୍ ନାମକ ଜଣେ ବିକ୍ଷୋଭକାରୀ ନିହତ ହୋଇଥିବାବେଳେ ୫ ଯୁବକ ଆହତ ହୋଇଛନ୍ତି। ଅନ୍ୟପକ୍ଷରେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ୩୪ ଆର୍‌ଆର୍‌ର ୨ ଯବାନ ଆହତ ହୋଇଥିଲେ। ଉଭୟଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ନାଜିର ଅହମ୍ମଦ ଶହୀଦ ହୋଇଛନ୍ତି। ଆତଙ୍କବାଦୀଙ୍କ ମୃତଦେହ ନିକଟରୁ ବିପୁଳ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଶୋପିଆନ୍ ଓ କୁଲଗାମ ଜିଲାରେ ଗୁଜବଜନିତ ଅସ୍ୱାଭାବିକ ସ୍ଥିତିକୁ ଏଡ଼ାଇବା ପାଇଁ ମୋବାଇଲ ଇଣ୍ଟରନେଟ ସେବାକୁ ବନ୍ଦ କରାଯାଇଛି। ସେପଟେ ରବିବାର ସକାଳେ ପୁଲୱାମାର ଖ୍ରେଉ ଅଞ୍ଚଳରେ ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ଜଣେ ଜୈଶ୍ ଆତଙ୍କବାଦୀ ନିହତ ହୋଇଛନ୍ତି।

## ମାମୁ ଗୁଳିରେ...

ଅନ୍ୟ ୩ ଜଣଙ୍କ ସହ ମିଶି ଶନିବାର ରାତିରେ ଏକ ଦେଶୀ ବନ୍ଧୁକ ନେଇ ଜଙ୍ଗଲକୁ ଶିକାର କରିବାକୁ ଯାଇଥିଲେ। ସେଠାରେ କୌଣସି କାରଣରୁ ମାମୁଙ୍କ ଗୁଳି ମାଡରେ ଭଣଜା କ୍ଷେତ୍ରଙ୍କ ମୃତ୍ୟୁ ଘଟିଥିଲା । କ୍ଷେତ୍ରଙ୍କ ଛାତି ଓ ପେଟରେ ୨ଟି ଗୁଳି ବାଜିଥିବା ବେଳେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇ ବିଶ୍ୱନାଥପୁର ଥାନାଧିକାରୀ କାହ୍ନୁଚରଣ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ଗାଁକୁ ଯାଇ ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ରବିବାର ପୋଲିସ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରିଛି । ମାମୁଙ୍କୁ ଥାନାକୁ ଆଣି ପୋଲିସ ପଚରାଉଚୁରା କରୁଛି। ଏ ନେଇ ଥାନାରେ ଏକ ମାମଲା (ନଂ.୫୬/୧୮) ରୁଜୁ ହୋଇଛି ।


# ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
**ଚତୁର୍ଦ୍ଦଶାହ ଉପଲକ୍ଷେ**



**ସ୍ୱର୍ଗତା ଶାନ୍ତିଲତା ଦାସ**
ଆବିର୍ଭାବ: ୧୨।୬।୧୯୩୯
ତିରୋଧାନ: ୧୩।୧୧।୨୦୧୮
ମଇଁଦିପୁର କମଳପୁର ୨୨ମୌଜା

ତୁମର ଅସରନ୍ତି ସ୍ନେହ, ଶ୍ରଦ୍ଧା, ମମତା ଏବଂ ପରୋପକାରିତା ଆମ୍ଭମାନଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେଉଥିବ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ଶୋକସନ୍ତପ୍ତ: ପରିବାର, ପୁତ୍ର-ରାସବିହାରୀ (ବାବୁ), ପୁତ୍ରବଧୂ-କ୍ରିଷ୍ଣା, ମଧୁସ୍ମିତା, କନ୍ୟା-କଲ୍ୟାଣୀ, ସର୍ମିଷ୍ଠା, ଜ୍ୱାଇଁ-ରାଜେନ୍ଦ୍ର, ସତ୍ୟଜିତ୍, ଗୁନ୍‌ଗୁନ୍, ମୁନ୍‌ମୁନ୍, ସୁନ୍‌ସୁନ୍, ଓମ୍, ସୋମ, ଶ୍ରିଷ୍ଟି। ଧ-୯୬୭୦

**ଏକାଦଶାହ ଉପଲକ୍ଷେ**



**✓ ଫୁଲ ଦେଇ**
ଗ୍ରାମ - ବଢ଼େଇଟିକର, ପୋ - ଶଙ୍ଖଚିଲା
ଜିଲ୍ଲା - ଯାଜପୁର
ଆବିର୍ଭାବ : ୦୪.୦୧.୧୯୨୬
ତିରୋଧାନ : ୧୬.୧୧.୨୦୧୮
ତୁମ ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଚିରଦିନ ସ୍ମୃତି ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ : ବନ୍ଧୁ ଓ ପରିବାରବର୍ଗ**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ସୁଦର୍ଶନ ନାୟକ**
(ଡୁମ୍‌ଡୁମା, ଭୁବନେଶ୍ୱର)
ଆବିର୍ଭାବ: ୨୦।୦୧।୧୯୫୮
ତିରୋଧାନ: ୦୭।୧୧।୨୦୧୭
ଶ୍ରାଦ୍ଧଦିବସ-୨୬।୧୧।୨୦୧୮

ବାପା, ଆମକୁ ଦୁଃଖ ସାଗରରେ ଭସାଇ ଦେଇ ଆପଣ ବାହୁଡିଗଲେ। ମାତ୍ର ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ସର୍ବଦା ଆମକୁ ଦିଗ୍‌ଦର୍ଶନ ଦେଉଥିବ। ଆପଣଙ୍କର ଅମର ଆତ୍ମାର ପରମତୃପ୍ତି ଓ ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ସ୍ତ୍ରୀ-ଅହଲ୍ୟା ନାୟକ, ପୁଅ-ସୁନୀଲ ନାୟକ, ଝିଅ-ମାମା, ସୀମା, ମମତା, ଜ୍ୱାଇଁ-ମାନସ, ଭାଇ-ଗୌରହରି ନାହାକ ଏବଂ ପରିବାରବର୍ଗ। ଧ-୯୬୨୮

D-64543


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜି ତୃତୀୟ ଭାବରେ ଚନ୍ଦ୍ର ହେତୁ ବନ୍ଧୁଙ୍କ ମାଧ୍ୟମରେ ଅର୍ଥଲାଭ ହେବ। କିନ୍ତୁ ପାରିବାରିକ ଝଗଡା ଅଥବା ଋଣ କିମ୍ବା ବ୍ୟବସାୟରେ କିଛି ପ୍ରତିବନ୍ଧକ ଜନିତ ବିଷୟକୁ ନେଇ ଚିନ୍ତିତ ରହିବେ। ଅନ୍ୟମାନଙ୍କ କଥାଗୁଡିକ ଠିକ୍ ଥିଲେ ମଧ୍ୟ ବିରକ୍ତି ହେତୁ ଆପଣଙ୍କୁ ଭଲ ଲାଗିବ ନାହିଁ। କର୍ମକ୍ଷେତ୍ରରେ ନିଜର ପ୍ରାଧାନ୍ୟ ରକ୍ଷା ସକାଶେ କଥାରେ ଜୋର ଦେଇପାରନ୍ତି।

**ବୃଷ**

ନିକଟ ସମ୍ପର୍କୀୟଙ୍କ ସାହାଯ୍ୟ ଲାଭ କରି ଆର୍ଥିକ ଓ ସାମାଜିକ ସ୍ତରରେ ଉପକୃତ ହେବେ। କୌଣସି ବିବାଦୀୟ ଘଟଣାର ସମାଧାନ ସକାଶେ ଆପଣଙ୍କ ପିଲାମାନେ ଆପଣଙ୍କୁ ସାହାଯ୍ୟ କରିପାରନ୍ତି। ପ୍ରକାଶନ, ପ୍ରଶାସନ ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପାଇପାରିବେ। ରାଜନୀତି, ଆଇନ ଓ ଅଦାଲତ କ୍ଷେତ୍ରରେ ଦୃଢ଼ ସମର୍ଥନ ଅବ୍ୟାହତ ଯୋଗୁ ଆଗେଇଯିବେ।

**ମିଥୁନ**

ଚନ୍ଦ୍ରଙ୍କ ସ୍ଥିତି ଭଲ ଥିଲେ ମଧ୍ୟ ଶନିଙ୍କ ଦୃଷ୍ଟି କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟି କରିବ। ଆପଣ ଆଜି ମାନସିକ ବ୍ୟସ୍ତତା କାରଣରୁ କୌଣସି କାମ ଶୃଙ୍ଖଳିତ ଭାବରେ କରିପାରିବେ ନାହିଁ। ବନ୍ଧୁମାନଙ୍କୁ କିଛି କଡା ଭାଷା ପ୍ରୟୋଗ କଲେ ଶତ୍ରୁତା ଅର୍ଜନ କରିବେ। କର୍ମ କ୍ଷେତ୍ରରେ ଧୀରେ ସୁସ୍ଥେ ଗତି କଲେ ଅବଶ୍ୟ ଉପକୃତ ହେବେ।

**କର୍କଟ**

କାର୍ଯ୍ୟକ୍ଷେତ୍ରରେ ଜଞ୍ଜାଳ କ୍ରମଶଃ ବୃଦ୍ଧି ପାଇବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ସତର୍କରେ କାମ କରନ୍ତୁ, ନଚେତ୍ ପରେ ଅନୁତାପ କରିବାକୁ ପଡିବ। ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ, ଅବଶ୍ୟ ସବୁ କଥାରେ ନରମି ରହି ପାରିଲେହିଁ ସୁଫଳ ପାଇବେ। ପ୍ରକୃତ ଘଟଣା ନ ବୁଝି ପଡୋଶିନୀ କ୍ରୋଧ ପ୍ରକାଶ କରିପାରନ୍ତି।

**ସିଂହ**

ଶୁକ୍ରଙ୍କ ତୃତୀୟ ସ୍ଥିତି ଭଉଣୀ କିମ୍ବା ସହକର୍ମୀଙ୍କ ସହଯୋଗରେ ଲକ୍ଷ୍ୟପୂରଣ କରାଇବ। ଅତୀତର ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିପାରେ,କିନ୍ତୁ ଆପଣଙ୍କ ବିଜୟ ଲାଭ ଅବଶ୍ୟମ୍ଭାବୀ । ଆଜି ଅର୍ଥଲାଭର ଯୋଗ ରହିଛି,ଅବଶ୍ୟ ଏହା ଆପଣଙ୍କର ବହୁତ ପୂର୍ବରୁହିଁ ପାଇବାର ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ।

**କନ୍ୟା**

ଆପଣଙ୍କ ଓ କଥା ଓ କାମରେ ଆତ୍ମୀୟ ସ୍ୱଜନ ଏବଂ ଅଧସ୍ତନ କର୍ମଚାରୀମାନେ ପ୍ରଶଂସାରେ ଶତମୁଖ ହୋଇପାରନ୍ତି। ପାରିବାରିକ କ୍ଷେତ୍ରକୁ ପାଖ ପଡୋଶୀ ମାନେ କାନକୁହା କଥା କହି ସମସ୍ୟା ବହୁଳ କରି ପାରନ୍ତି। ଯାନ ବାହାନରେ ସତର୍କ ରହିବା ଭଲ ନଚେତ୍ କୌଣସି ଅପ୍ରୀତିକର ପରିସ୍ଥିତିର ସାମନା କରିବାକୁ ପଡିପାରେ।

**ତୁଳା**

ପାରସ୍ପରିକ ବୁଝାମଣା ଭିତିରେ ପାରିବାରିକ ଜୀବନ ପ୍ରୀତିପ୍ରଦ ରହିବ। ଈର୍ଷାପରାୟଣ ବନ୍ଧୁମାନଙ୍କ ପ୍ରାୟୋଜିତ ଚକ୍ରାନ୍ତ କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ଅନିୟମିତ ଆହାର ଯୋଗୁ ସ୍ୱାସ୍ଥ୍ୟହାନି ଘଟିବାର ସମ୍ଭାବନା ରହିଛି। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବେ।

**ବିଛା**

ଅଷ୍ଟମସ୍ଥ ଚନ୍ଦ୍ର ମିଥୁନ ରାଶିରେ ଆପଣଙ୍କୁ ବହ୍ୱାଳାପ ଜନିତ ବନ୍ଧୁଙ୍କ ସହ ମତାନ୍ତର ସୃଷ୍ଟି କରିବ। ଆପଣ ଯେଉଁ କାମରେ ହାତ ଦେଇଛନ୍ତି । ସେଥିରେ କୃତକାର୍ଯ୍ୟ ଅବଶ୍ୟ ହେବେ। ଲେଖା ପଢାରୁ, କଳା, ସାହିତ୍ୟରେ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ। ଯେଉଁ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ।

**ଧନୁ**

ଆପଣଙ୍କ କୌଣସି କାମ ଅଟକି ନ ରହିଲେ ମଧ୍ୟ ସହଜ କିମ୍ବା ଶୀଘ୍ର ସମ୍ପନ୍ନ ହେବା କଷ୍ଟକର ହୋଇପାରେ। ଆପଣଙ୍କ ଲୋକ ପ୍ରିୟତା ପାଖ, ପଡୋଶୀଙ୍କ ଈର୍ଷାପରାୟଣତାକୁ ବୃଦ୍ଧି କରିପାରେ। କେତେକ ନୂତନ କାମର ପରିକଳ୍ପନା କରିବେ। କୌଣସି ସମସ୍ୟା ବହୁଳ ପରିସ୍ଥିତିରେ ଗୁରୁଜନଙ୍କ ସାନ୍ତ୍ୱନା ବାଣି ମନରେ ଆଶ୍ୱସ୍ତି ପ୍ରଦାନ କରିବ।

**ମକର**

ଆଜିର ଚନ୍ଦ୍ରଙ୍କ ସ୍ଥିତି ଆପଣଙ୍କ ବନ୍ଧୁମାନଙ୍କ ସହ ଯାତ୍ରା ଓ ନୂତନ କର୍ମାରମ୍ଭ ପାଇଁ ଅନୁକୂଳ ରହିବ। କର୍ମକ୍ଷେତ୍ରରେ ଯୁକ୍ତି ଯୁକ୍ତ କଥା କହି, ଅର୍ଥ ଓ ସମ୍ମାନ ଲାଭ କରିବାରେ ସଫଳ ହେବେ। କିନ୍ତୁ ପାରିବାରିକ ସ୍ତରରେ କୌଣସି ପ୍ରତିବନ୍ଧକ ହେତୁକ ମାନସିକ ଆଘାତ ପାଇପାରନ୍ତି। ଏକ ଭିନ୍ନ ପରିସ୍ଥିତିରେ ଭାଙ୍ଗିପଡିଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବାର ଆଶା ରହିଛି।

**କୁମ୍ଭ**

ଆପଣ ଆଜି ଯାହାକୁ ଯାହା ନିର୍ଦ୍ଦେଶ ଦେବେ ସେହି ବ୍ୟକ୍ତି ତାହାକୁ କଦାପି ମନା କରିବ ନାହିଁ। ଅବଶ୍ୟ ପରିବାରରେ ପିଲାମାନଙ୍କର କିଛି ସମସ୍ୟା ମନକୁ ବିଚଳିତ କରିବାର ଆଶଙ୍କା ଦେଖାଦେବ । ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କରନ୍ତୁ ନାହିଁ। ଭୁଲ୍ ବୁଝାମଣା ଜନିତ ପାରିବାରିକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହେବା ଆଶଙ୍କା ଦେଖାଦେବ।

**ମୀନ**

କର୍ମକ୍ଷେତ୍ରରେ ଶନିଙ୍କ ପ୍ରଭାବରେ କାମଟି ପୂର୍ଣ୍ଣସଙ୍ଗ ହେବାର ଖୁବ୍ କମ୍ ଆଶା ରହିଛି। ବନ୍ଧୁଗହଣରେ ଅପ୍ରିୟ ସତ୍ୟ ପ୍ରକାଶ କରି ବିବାଦୀୟ ହୋଇ ପାରନ୍ତି। ଗୃହ କାମରେ ବ୍ୟସ୍ତ ରହି କୌଣସି କାମକୁ ପାଶୋରି ଦେଇ ପାରନ୍ତି। ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ଆନୁଷ୍ଠାନିକ କାମରେ ସଫଳତା ନିଶ୍ଚିତ ପାଇବେ।

ଆଜି ମାର୍ଗଶୀର କୃଷ୍ଣ ଚତୁର୍ଥୀ ସୋମବାର, ନଭେମ୍ବର ୨୬ ତାରିଖ,ରାଶି ନକ୍ଷତ୍ର-ଆରଦ୍ରା/ମିଥୁନ, ଦିବା ଘ୧୨।୪୦ମି. ଗତେ ପୁନର୍ବସୁ ନକ୍ଷତ୍ର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମିଥୁନ ରାଶିର ଘାତବାର, ସକାଳ ଘ୬।୩୦ମି. ମଧ୍ୟେ ଘ୧୨।୫୭ମି. ଗତେ, ଘ୨।୧୮ମି. ମଧ୍ୟେ ଅମୃତ ବେଳା। ଦିବା ଘ୮।୫୩ମି. ଗତେ ଘ୧୦।୧୮ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ୭।୨୭ମି. ଗତେ ଘ୮।୫୦ମି. ମଧ୍ୟେ ରାହୁ କାଳ।




## ସଂକ୍ଷେପରେ

### କାର୍ତ୍ତିକରେ ଶ୍ରୀମନ୍ଦିର ହୁଣ୍ଡି ଆୟ ୯୮ ଲକ୍ଷ ଟଙ୍କା

- ସୁନା ୨୦୩ ଗ୍ରାମ୍, ରୁପା ୧,୫୧୧ ଗ୍ରାମ
- ଗୋଟିଏ ଦିନରେ ସର୍ବାଧିକ ୫, ୬୪, ୮୭୯ ଟଙ୍କା

**ପୁରୀ ଅଫିସ, ୨୫।୧୧:** ଶେଷ ହୋଇଛି ଦାନ ଧର୍ମର ମାସ କାର୍ତ୍ତିକ। ଏହି ପବିତ୍ର ମାସରେ ପ୍ରତିଦିନ ଶ୍ରୀମନ୍ଦିରରେ ଭକ୍ତ ଓ ହବିଷିଆଳିଙ୍କ ଭିଡ଼ ହୋଇଥାଏ। ଅନ୍ୟ ମାସ ଅପେକ୍ଷା ଶ୍ରୀମନ୍ଦିର ହୁଣ୍ଡିରୁ ଦାନ ଦକ୍ଷିଣା ଆକାରରେ ଅଧିକ ଆୟ ଥାଏ। ଚଳିତବର୍ଷ କାର୍ତ୍ତିକ ମାସରେ ହୁଣ୍ଡିରୁ ମିଳିଛି ୯୮ ଲକ୍ଷ ୮୫ ହଜାର ୫୯୪ ଟଙ୍କା। ଗୋଟିଏ ଦିନରେ ଅର୍ଥାତ୍ ନଭେମ୍ବର ୧୮ରେ ସର୍ବାଧିକ ୫ ଲକ୍ଷ ୬୪ ହଜାର ୮୭୯ ଟଙ୍କା ହୁଣ୍ଡିରୁ ମିଳିଛି। ସେହିପରି ଏହି ସମୟ ମଧରେ ଶ୍ରଦ୍ଧାଳୁମାନେ ହୁଣ୍ଡିରେ ମୋଟ ୨୦୩ ଗ୍ରାମ ୨୦୦ ମିଲିଗ୍ରାମ ସୁନା ଓ ୧ କିଗ୍ରା ୫୧୧ ଗ୍ରାମ ୨୪୦ ମିଲିଗ୍ରାମ ରୁପା ପକାଇଛନ୍ତି। କେବଳ ନଭେମ୍ବର ୨୦ରେ ସର୍ବାଧିକ ୫୫ ଗ୍ରାମ ୧୧୦ ମିଲିଗ୍ରାମ ସୁନା ଓ ନଭେମ୍ବର ୧୦ ତାରିଖରେ ୨୨୮ ଗ୍ରାମ୍ ୫୦୦ ମିଲିଗ୍ରାମ ରୁପା ହୁଣ୍ଡିରୁ ମିଳିଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ୩୪ବର୍ଷ ତଳେ ଶ୍ରୀମନ୍ଦିର ନାଟ ମଣ୍ଡପରେ ଏହି ହୁଣ୍ଡି ସ୍ଥାପନ ହୋଇଛି। ଚଳିତବର୍ଷ ଅକ୍ଟୋବର ୨୫ରୁ କାର୍ତ୍ତିକ ମାସ ଆରମ୍ଭ ହୋଇ ନଭେମ୍ବର ୨୩ରେ ସରିଥିଲା। କାର୍ତ୍ତିକ ମାସରେ ଦାନ, ଧର୍ମ କଲେ ଅଶେଷ ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରଖି ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ଭକ୍ତମାନେ ଉକ୍ତ ହୁଣ୍ଡିରେ ଟଙ୍କା, ସୁନା, ରୁପା, ବସ୍ତ୍ର ଆଦି ପକାଇଥାନ୍ତି। ପ୍ରତିଦିନ ସନ୍ଧ୍ୟାରେ ଶ୍ରୀମନ୍ଦିର ବେଢା ପରିସରରେ ଥିବା ଶ୍ରୀମନ୍ଦିର ପ୍ରଶାସନର ଶାଖା କାର୍ଯ୍ୟାଳୟରେ ଏହାର ଗଣତି କରାଯାଇ ସର୍ବସାଧାରଣରେ ଅବଗତ କରାଯାଇଥାଏ।

### ୫ଦିନରେ ବିଧାନସଭା ଅଧିବେଶନ ବନ୍ଦ ହେବା ପ୍ରସଙ୍ଗ

# ସରକାର ପଳାୟନପନ୍ଥୀ: ବିରୋଧୀ

## ସର୍ବସମ୍ମତିକ୍ରମେ ମୁଲତବୀ ଘୋଷଣା କରାଯାଇଛି: ସରକାରୀ ମୁଖ୍ୟ ସଚେତକ

**ଭୁବନେଶ୍ୱର, ୨୫।୧୧(ବ୍ୟୁରୋ)**

ପଞ୍ଚଦଶ ବିଧାନସଭାର ଚତୁର୍ଦ୍ଦଶ ଅଧିବେଶନ ଗତ ୧୬ରୁ ଆରମ୍ଭ ହୋଇଥିଲା। ଏହି ଅଧିବେଶନରେ ସର୍ବମୋଟ ୨୩ଟି କାର୍ଯ୍ୟ ଦିବସ ରହିଥିଲା। ମାତ୍ର ୫ଟି କାର୍ଯ୍ୟଦିବସ ପରେ ବାଚସ୍ପତି ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ କରିଦେଇଛନ୍ତି, ଯାହାକୁ ନେଇ ସରକାରୀ ଦଳ ଉପରେ ବର୍ଷିଛନ୍ତି ବିରୋଧୀ। ଗୃହରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ଥିବାବେଳେ ସରକାର ଜାଣିଶୁଣି ପଳାୟନପନ୍ଥୀ ହୋଇଥିବା ବିରୋଧୀ ଅଭିଯୋଗ ଆଣିଛନ୍ତି।

ବିଧାନସଭା ଅଧିବେଶନର ୨୩ଟି କାର୍ଯ୍ୟ ଦିବସକୁ ଶାସକ ବିଜେଡି ୫ଦିନରେ ଶେଷ କରିବା ଦୁର୍ଭାଗ୍ୟଜନକ। ଏହା ସମ୍ପୂର୍ଣ୍ଣ ଭାବେ ଅଗଣତାନ୍ତ୍ରିକ ବୋଲି ଭାଜପା ବିଧାୟକ ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି। ଭାଜପା ମୁଖ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରଦୀପ କହିଛନ୍ତି, ଚଳିତ ବିଧାନସଭାରେ ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବାର ଥିଲା। ତିତ୍‌ଲି କ୍ଷତିଗ୍ରସ୍ତଙ୍କୁ ଏ ପର୍ଯ୍ୟନ୍ତ ସହାୟତା ନ ମିଳିବା, କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାକୁ ରାଜ୍ୟରେ ଲାଗୁ ନ କରିବା, ଆମ ଗାଁ ଆମ ବିକାଶ ଯୋଜନାରେ ବ୍ୟାପକ ଦୁର୍ନୀତି, ଚାଷୀ ସମସ୍ୟା ଏବଂ ବିଜୁ ଯୁବ ବାହିନୀର ଗୁଣ୍ଡାରାଜ ସମ୍ପର୍କରେ ବ୍ୟାପକ ଆଲୋଚନା କରିବାର ଥିଲା। ହେଲେ ସରକାର ହଠାତ୍ ଗୃହ କାର୍ଯ୍ୟ ବନ୍ଦ କରି ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରଖି ପଳାୟନପନ୍ଥୀର ଭୂମିକା ନିଭାଇଛନ୍ତି। ବିରୋଧୀ ଦଳ ଉଠାଇଥିବା ପ୍ରସଙ୍ଗକୁ ସାମ୍ନା ନ କରିପାରିବାରୁ ସରକାର ବିଧାନସଭା ବନ୍ଦ କରିବା ପାଇଁ ବାଧ ହୋଇଛନ୍ତି। ଢେଙ୍କାନାଳ ଜିଲା ବଳରାମପୁରଠାରେ ବିୟର ଫ୍ୟାକ୍ଟ୍ରି ପାଇଁ ଗଛ କଟାଯିବା ପ୍ରସଙ୍ଗକୁ ଭାଜପା ଉଠାଇବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଧ ହୋଇ ଗଛକାଟିବା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଚାଷୀ ଆତ୍ମହତ୍ୟା, କୃଷି ଋଣ, ମରୁଡ଼ି ପରିସ୍ଥିତି, ମାଟିଆଗୁଣ୍ଡି ପୋକ, ଭାଗଚାଷୀଙ୍କ ସମସ୍ୟା, ଚିଟ୍‌ଫଣ୍ଡ କାରବାର, ବେକାରି ସମସ୍ୟା ବୃଦ୍ଧି, ନାବାଳିକା ବଳାତ୍କାର ବୃଦ୍ଧି ଘଟଣା, ବିଦ୍ୟୁତ ଯୋଗାଣ କମ୍ପାନୀ ସେସୁରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିବା ପ୍ରସଙ୍ଗରେ ଆଲୋଚନା କଲେନାହିଁ। ଏଭଳି ଅନେକ ପ୍ରସଙ୍ଗକୁ ସାମ୍ନା କରିପାରୁ ନ ଥିବା ଭୟରେ ସରକାର ବିଧାନସଭା ବନ୍ଦ କରିଛନ୍ତି ବୋଲି ପ୍ରଦୀପ କହିଛନ୍ତି।

କଂଗ୍ରେସ ବିଧାୟକ ନବ ଦାସ କହିଛନ୍ତି ଯେ, ବିରୋଧୀଙ୍କ ପକ୍ଷରୁ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବାର ଥିଲା। ମାତ୍ର ଏ ସରକାରର ସଂଖ୍ୟା ଗରିଷ୍ଠତା ଥିବାରୁ ୨୩ଦିନର କାର୍ଯ୍ୟ ଦିବସକୁ ୫ଦିନରେ ବନ୍ଦ କରିଦିଆଗଲା। ତିତ୍‌ଲି କ୍ଷତିଗ୍ରସ୍ତଙ୍କ ସମ୍ପର୍କରେ ଆଲୋଚନା ହେବାର ଥିଲା। ଏହାସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବାର ଥିଲା ବୋଲି ସେ କହିଛନ୍ତି।

ଏହି ପ୍ରସଙ୍ଗରେ ସରକାରୀ ଦଳ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ କହିଛନ୍ତି ଯେ, ସହମତି ଭିତ୍ତିରେ ବିଧାନସଭା ବନ୍ଦ ରଖାଗଲା। ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ସେଥିରେ ସମସ୍ତଙ୍କ ମତାମତ ଲୋଡାଯାଇଥିଲା। କାର୍ଯ୍ୟ ସମ୍ପାଦନ ପାଇଁ କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟ ନ ଥିଲା। ଏହି ସମୟରେ ସମସ୍ତଙ୍କ ସହମତିରେ ଗୃହ ମତାମତ ନିଆଯାଇ ଅଧିବେଶନ ବନ୍ଦ କରାଯାଇଛି। ଯେତିକି ଦିନ ଗୃହ ଚାଲିଛି ବିରୋଧୀ କେତେମାତ୍ରାରେ ଆଲୋଚନା କରିଛନ୍ତି ସମସ୍ତେ ଦେଖିଛନ୍ତି। ପ୍ରତ୍ୟେକ ଦିନ ଭାଜପାର ୪ଜଣ ସଦସ୍ୟ ଆସୁଥିଲେ ବୋଲି ଶତପଥୀ କହିଛନ୍ତି।

# ଆଜି ଶ୍ରୀମନ୍ଦିରରେ ପଇତାଲାଗି

**ପୁରୀ ଅଫିସ,୨୫।୧୧**

## ୪ ଘଣ୍ଟା ବନ୍ଦ ରହିବ ଦର୍ଶନ

ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କର ପଇତାଲାଗି ଏବଂ ମଙ୍ଗଳବାର ବନକଲାଗି ନୀତି ଅନୁଷ୍ଠିତ ହେବ। ନୀତି ପାଇଁ ଏହି ଦୁଇଦିନ ଅପରାହ୍ନ ପ୍ରାୟ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ତାଙ୍କ ସୂଚନା ମୁତାବକ, ଏହା ଗୁପ୍ତ ନୀତି ହୋଇଥିବାରୁ ଶ୍ରୀମନ୍ଦିରର ଜୟବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦଇତାପତି ସେବକମାନେ ମହାପ୍ରଭୁଙ୍କୁ ପଇତାଲାଗି ଏବଂ ଦତ୍ତ ମହାପାତ୍ର ସେବକମାନେ ଠାକୁରଙ୍କ ବନକଲାଗି କରିବେ। ପ୍ରାୟ ୪ ଘଣ୍ଟା ଧରି ଏହି ନୀତି ଚାଲିବ। ନୀତି ସମ୍ପନ୍ନ ପରେ ପୁଣି ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନ କରିପାରିବେ।




# ଟ୍ରକ୍ ଚକ ତଳେ ଚାପି ହୋଇ ସ୍କୁଟି ଚାଳକଙ୍କ ମୃତ୍ୟୁ

**ଭୁବନେଶ୍ୱର, ୨୫।୧୧(ବ୍ୟୁରୋ)**

ମଞ୍ଚେଶ୍ୱର ଥାନା ନିକଟରେ ଟ୍ରକ୍ ଚକ ତଳେ ଚାପିହୋଇ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭିଏସ୍ଏସ୍ ନଗରର ଲିଙ୍ଗରାଜ ଜେନା। ଇଡକୋ ମାର୍କେଟ କମ୍ପ୍ଲେକ୍ସ ନିକଟରେ ତାଙ୍କର ଏକ ପାନ ଦୋକାନ ରହିଛି। ରବିବାର ଅପରାହ୍ନ ପ୍ରାୟ ୧ଟା ବେଳକୁ ସେ ଦୋକାନ ବନ୍ଦ କରି ସ୍କୁଟିରେ ଘରକୁ ଫେରୁଥିଲେ। ମଞ୍ଚେଶ୍ୱର ଥାନା ନିକଟରେ ଏକ ଟ୍ରକ(ଓଆର ୦୨ବିଡବ୍ଲ୍ୟୁ ୬୭୪୮)କୁ ଅତିକ୍ରମ କରିବା ବେଳେ ଲିଙ୍ଗରାଜଙ୍କ ସ୍କୁଟି ଚକ ବାଲିରେ ଖସିଯାଇଥିଲା। ଫଳରେ ସେ ଗାଡ଼ିରୁ ଖସି ଟ୍ରକ ପଛ ଚକ ତଳେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡ ଚକ ତଳେ ଚାପି ହୋଇଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇବା ସହ ଟ୍ରକକୁ ଜବତ କରିଛି। ଡ୍ରାଇଭର ନୟାଗଡ଼ ଜିଲା ଫତେଗଡ ଥାନା ସାନସହର ଗ୍ରାମର ସାଧୁ ଚରଣ ପରିଡାଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ଏକ ମାମଲା(୫୫୭/୧୮) ରୁଜୁ ହୋଇଛି।









> ନ୍ୟାୟ ଓ ସଦାଚାରର ପୂର୍ଣ୍ଣତା ନିମିତ୍ତ ଜଣେ ସନ୍ଥର ପବିତ୍ରତା ଯେତିକି ଆବଶ୍ୟକ – ଜଣେ ଯୋଦ୍ଧାର ଖଣ୍ଡା ମଧ୍ୟ ସେତିକି ଆବଶ୍ୟକ। ଶିବାଜୀଙ୍କ ବ୍ୟତୀତ ତାଙ୍କର ସନ୍ଥଗୁରୁ ରାମଦାସ ପୂର୍ଣ୍ଣ ହୋଇପାରନ୍ତି ନାହିଁ। ନ୍ୟାୟକୁ ରକ୍ଷା କରିବା ପାଇଁ ଓ ଦୁର୍ବଳକୁ ବଳବାନର ଅତ୍ୟାଚାରରୁ ରକ୍ଷାକରିବା ପାଇଁ କ୍ଷତ୍ରିୟ ବୃତ୍ତିର ସୃଷ୍ଟି ହୋଇଛି।
> – ଶ୍ରୀଅରବିନ୍ଦ



# 'ଅଯୋଧ୍ୟା' ଅସ୍ତ୍ର

ସାଧାରଣ ନିର୍ବାଚନକୁ ୬ ମାସରୁ କମ୍ ସମୟ ଥିବା ବେଳେ ଶୀତଳଭଣ୍ଡାରରୁ 'ଅଯୋଧ୍ୟା' ପ୍ରସଙ୍ଗକୁ ପୁଣି କଢ଼ାଯାଇଛି। ଉତ୍ତରପ୍ରଦେଶ ଏଥିପାଇଁ ହିନ୍ଦୁତ୍ୱ ରାଜନୀତିର ପ୍ରୟୋଗଶାଳା ପାଲଟିଛି। ଭାରତୀୟ ଜନତା ପାର୍ଟି (ଭାଜପା) ସାଧାରଣ ନିର୍ବାଚନ ପୂର୍ବରୁ ରାଜନୈତିକ ରଣକୌଶଳ ସ୍ଥିର କରୁଥିବା ବେଳେ ତା'ର ଅମାନିଆ ସହଯୋଗୀ ଶିବସେନା ନୂଆ ଗୋଟି ଚଳାଇଛି। ଏହାର ମୁଖ୍ୟ ଉଦ୍ଧବ ଠାକ୍‌ରେ ଓ ଦଳୀୟ କର୍ମକର୍ତ୍ତା ନଭେମ୍ବର ୨୪ରେ ଅଯୋଧ୍ୟାରେ ପହଞ୍ଚି ରାମ ମନ୍ଦିର ପ୍ରତିଷ୍ଠା ନେଇ ଭାଜପା ତୁରନ୍ତ ତାରିଖ ନିର୍ଦ୍ଧାରଣ କରୁ ବୋଲି ଆହ୍ୱାନ ଦେଇଛନ୍ତି। ନଭେମ୍ବର ୨୫ରେ ଏକ ଶୋଭାଯାତ୍ରା କରି ଉଦ୍ଧବ କହିଛନ୍ତି ଯେ, ଅଯୋଧ୍ୟା ଆସିବାରେ ତାଙ୍କର କୌଣସି ଗୁପ୍ତ କାର୍ଯ୍ୟସୂଚୀ ନାହିଁ। ରାମ ମନ୍ଦିର ପ୍ରତିଷ୍ଠା ପାଇଁ ଦେଶ ଓ ବିଶ୍ୱରେ ଥିବା ହିନ୍ଦୁଙ୍କ ଭାବାବେଗକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ସେ ଏଠାରେ ଉପସ୍ଥିତ ବୋଲି କହିଛନ୍ତି। ପଛରେ ରହି ନ ଯିବା ଉଦ୍ଦେଶ୍ୟରେ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ପକ୍ଷରୁ ନଭେମ୍ବର ୨୫ରେ ମଧ୍ୟ ଅଯୋଧ୍ୟାରେ 'ଧର୍ମସଭା' ଆରମ୍ଭ ହୋଇଯାଇଛି। ଭିଏଚ୍‌ପିର ଅନ୍ତର୍ଜାତୀୟ ସାଧାରଣ ସମ୍ପାଦକ ଚମ୍ପତ୍ତି ରାଏ ଆଉ ପାଦେ ଆଗେଇ ଯାଇ ମତ ଦେଇଛନ୍ତି ଯେ, ଅଯୋଧ୍ୟାର ବିବାଦୀୟ ସମୁଦାୟ ଭୂମି ଉପରେ ରାମ ମନ୍ଦିର ସ୍ଥାପନ କରିବା ସଙ୍ଗଠନର ମୂଳ ଲକ୍ଷ୍ୟ। ଉଲ୍ଲେଖଯୋଗ୍ୟ ଯେ, ରାମ ମନ୍ଦିର ଜମି ବିବାଦ ସଂକ୍ରାନ୍ତ ମାମଲା ଉପରେ ସୁପ୍ରିମକୋର୍ଟ ୨୦୧୯ ଜାନୁୟାରୀରେ ରାୟ ଦେବେ। ଅଦାଲତି ନିଷ୍କର୍ଷ ବିଳମ୍ବ ହେଉଥିବା ଦେଖି ଅଖିଳ ଭାରତୀୟ ସନ୍ଥ ସମିତି ନିକଟରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ସମ୍ମିଳନୀରେ ସାରା ଦେଶରୁ ଆସିଥିବା ୩,୦୦୦ରୁ ଉର୍ଦ୍ଧ୍ୱ ସାଧୁଙ୍କ ସମାବେଶରେ ରାମ ମନ୍ଦିର ନିର୍ମାଣ ନେଇ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଇଥିଲା। ସରକାର ଏ ନେଇ ତୁରନ୍ତ ଆଇନ ପ୍ରଣୟନ କରନ୍ତୁ, ନଚେତ୍ ଅଧ୍ୟାଦେଶ ଜରିଆରେ ରାମ ମନ୍ଦିର ନିର୍ମାଣ ପଥ ପରିଷ୍କାର କରନ୍ତୁ ବୋଲି ସାଧୁମାନେ ଚେତାବନୀ ଶୁଣାଇଥିଲେ। ଏବେ ଅଯୋଧ୍ୟାରେ ହିନ୍ଦୁ ସଙ୍ଗଠନ ଓ ରାଜନୈତିକ ଦଳର ଉପସ୍ଥିତି ଦେଶର ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କଲା ଭଳି ପରିସ୍ଥିତି ଉପୁଜାଇଲାଣି।

ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ପକ୍ଷରୁ ସର୍ବଦା କୁହାଯାଉଛି ଯେ, ଦେଶ ଓ ଦେଶ ବାହାରେ ଥିବା ହିନ୍ଦୁମାନେ ରାମ ମନ୍ଦିର ନିର୍ମାଣ ଚାହୁଁଛନ୍ତି। ନିର୍ବାଚନ ଆସିଲେ ଏଭଳି ସ୍ଲୋଗାନ୍ ଶୁଣିବାକୁ ମିଳିଥାଏ। ଆଜିଯାଏ କୌଣସି ସଙ୍ଗଠନ ପକ୍ଷରୁ କଦାପି ପରିସଂଖ୍ୟାନ ଦିଆଯାଇ ନାହିଁ ଯେ କେତେ ପ୍ରତିଶତ ହିନ୍ଦୁ ରାମ ମନ୍ଦିର ପ୍ରତିଷ୍ଠା ଚାହାନ୍ତି। ଅନେକ ରିପୋର୍ଟରୁ ଜଣାଯାଇଛି, ସ୍ଥାନୀୟ ବାସିନ୍ଦା ଏହି ପ୍ରସଙ୍ଗକୁ ନେଇ ଆଉ ଅଶାନ୍ତି ଚାହୁଁ ନାହାନ୍ତି। ଲୋକେ ଯେତିକି ଭୋଗିଲେଣି, ଅଶାନ୍ତିକୁ ଡରି ଏବେ ଦାବି କରୁଛନ୍ତି ବିବାଦୀୟ ସ୍ଥାନରେ ନା ମନ୍ଦିର ନା ମସ୍‌ଜିଦ୍, ପିଲାଙ୍କ ପାଇଁ ଖେଳପଡ଼ିଆ ହେଉ। ଏଭଳି ସୁନ୍ଦର ପ୍ରସ୍ତାବକୁ ଗମ୍ଭୀରତାର ସହ ନେବାର ସମୟ ଆସିଛି। ଧର୍ମ ଓ ଜାତିବାଦ ନାମରେ ଏକ ଭୋଟ ବ୍ୟାଙ୍କ ସୃଷ୍ଟି କରିବାକୁ ଚାହୁଁଥିବା ରାଜନୈତିକ ଦଳ ଓ ନେତାଙ୍କୁ ସ୍ଥାନୀୟ ବାସିନ୍ଦାଙ୍କ ଏପରି ବାର୍ତ୍ତା ଅନେକ କିଛି ଶିଖାଇପାରିବ। ଉଦ୍ଧବ ଠାକ୍‌ରେଙ୍କ କଥା ଦେଖିଲେ ଗତ ନିର୍ବାଚନରେ ମହାରାଷ୍ଟ୍ରରେ ତାଙ୍କୁ ଆଶାନୁରୂପ ସଫଳତା ମିଳିପାରି ନ ଥିଲା। ମୁଖ୍ୟମନ୍ତ୍ରୀ ହେବା ଆଶା ପୂରଣ ହୋଇ ନ ଥିବାରୁ 'ଅଯୋଧ୍ୟା ଚାଲ' ଅଭିଯାନ ଜରିଆରେ ସେ ରାଜନୈତିକ ଫାଇଦା ନେବାକୁ ନୂଆ ଫନ୍ଦି କରିଛନ୍ତି ବୋଲି କୁହାଯାଉଛି। ଆଗତୁରା ରାମ ମନ୍ଦିର ପ୍ରସଙ୍ଗକୁ ଭାଜପାଠାରୁ ଛଡ଼ାଇ ନେଇ ପରୋକ୍ଷରେ ଗୈରିକ ଦଳକୁ ଆସନ ବୁଝାମଣା ପାଇଁ ଚାପ ପ୍ରୟୋଗ ଲକ୍ଷ୍ୟରେ ଉଦ୍ଧବ ଏଭଳି ଚିନ୍ତା କରିଥାଇପାରନ୍ତି ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଉଛନ୍ତି। ଶୁଣିବାକୁ ମିଳୁଛି, ନଭେମ୍ବର ୨୫ରେ ଅଯୋଧ୍ୟାରେ ଅନୁଷ୍ଠିତ ଧର୍ମସଭାକୁ ଭାଜପା ଭିତିରି ସମର୍ଥନ କରୁଛି। କାଳେ ହାତରୁ ଭୋଟ ଖସିଯିବ ସେହି ଲକ୍ଷ୍ୟରେ ଏହାର କିଛି ନେତା ଓ କର୍ମୀ ସେଠାରେ ପହଞ୍ଚିଛନ୍ତି।

ଅଯୋଧ୍ୟାର ସମୁଦାୟ ଘଟଣାକ୍ରମକୁ ଦେଖିଲେ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିବା ସକାଶେ ରାଜନୈତିକ ଧ୍ରୁବୀକରଣ ଆରମ୍ଭ ହୋଇଯାଇଛି। ସବୁଥର ଭଳି ନିର୍ବାଚନ ସରିଗଲେ ଏହି ପ୍ରସଙ୍ଗ ଶୀତଳଭଣ୍ଡାରକୁ ଚାଲିଯିବ। ତଥାପି ଯେତେ ଦିନ ଯାଏ ଏହାକୁ ତଟକା କରି ରଖାଯାଇପାରିବ ସେତେ ଫାଇଦା ମିଳିପାରିବ ବୋଲି ରାଜନେତାମାନେ ଧରି ନେଇଛନ୍ତି। ଭୋଟ ରାଜନୀତି କରୁଥିବା ବ୍ୟକ୍ତି ଓ ଦଳର ଭିତିରି ଆଭିମୁଖ୍ୟକୁ ସାଧାରଣ ଜନତା ବୁଝିବା ଦରକାର। ୨୦୧୮ ଜାତିସଂଘ ରିପୋର୍ଟ ଅନୁଯାୟୀ, ମାନବ ବିକାଶ ସୂଚକାଙ୍କ (ଏଚ୍‌ଡିଆଇ)ରେ ଭାରତ ୧୮୯ ଦେଶ ମଧ୍ୟରୁ ୧୩୦ରେ ପହଞ୍ଚିଛି। ଅର୍ଥାତ୍ ଲୋକଙ୍କ ବିକାଶକୁ ଅଣଦେଖା କରାଯାଉଛି। ତଥାକଥିତ 'ବିକାଶ'କୁ ନେଇ ମୋଦି ସରକାର ଡିଣ୍ଡିମ ପିଟୁଥିବା ବେଳେ ଏହି ରିପୋର୍ଟରୁ ଭାରତୀୟଙ୍କ ଜୀବନଧାରଣ କେଉଁ ସ୍ତରରେ ଅଛି ବୁଝାପଡୁଛି। ରାଜନୈତିକ ଉନ୍ମାଦ ବା ସାମ୍ପ୍ରଦାୟିକତା ଲୋକଙ୍କ ପେଟ ପୂରାଏ ନାହିଁ। କେନ୍ଦ୍ରରେ କ୍ଷମତାସୀନ ଏନ୍‌ଡିଏ ସରକାର ନିର୍ବାଚନ ପୂର୍ବରୁ ଦେଇଥିବା ଅନେକ ପ୍ରତିଶ୍ରୁତି ଅପୂରଣୀୟ ହୋଇ ରହିଛି। ଆଉ ଗୋଟିଏ ବଡ଼ ନିର୍ବାଚନକୁ ସାମ୍ନା କରିବା ପୂର୍ବରୁ ନିଜ ଦୋଷ ଦୁର୍ବଳତା ଲୁଚାଇ ଲୋକଙ୍କୁ ଭୁଲାଇବା ପାଇଁ ଅଯୋଧ୍ୟାକୁ ଅସ୍ତ୍ର କରା ନ ଯାଉ।

# ଛେଳି କୁକୁର ଉପାଖ୍ୟାନ



ଡ. ପଦ୍ମାରବିନ୍ଦ ରଥ

ତିନି ଦୁଷ୍ଟରେ ଛେଳି କୁକୁର– କାହାଣୀଟି ସମସ୍ତେ ପଢ଼ିଥିବେ। ଗୋଟିଏ ଛେଳିକୁ ହାସଲ କରିବା ପାଇଁ ଅନେକ ଲୋକ କ୍ରମାଗତ ଭାବରେ ଛେଳିଟିକୁ କୁକୁର ବୋଲି କହିଲେ ଏବଂ ଛେଳିର ମାଲିକ ସେମାନଙ୍କ କଥାରେ ଭାସିଯାଇ ଛେଳିଟିକୁ ଛାଡିଦେଇ ଗଲା। କଥାର ସାରାଂଶ ହେଲା, ନିଜେ ଠିକ୍ ଥାଇ ମଧ୍ୟ ଅନ୍ୟମାନଙ୍କର ପ୍ରରୋଚନାରେ ବୁଦ୍ଧି ଭ୍ରଷ୍ଟ ହେଲେ ନିଜ ଉପରୁ ବିଶ୍ୱାସ ତୁଟିଯାଏ ଏବଂ ପରିଣାମ ସ୍ୱରୂପ ନିଜର ହିଁ କ୍ଷତି ହୁଏ। ତେବେ ଏଥିରୁ ଏକଥା ମଧ୍ୟ ସ୍ପଷ୍ଟ ହୁଏ ଯେ କାହାଣୀଟିର ରଚନା ସମୟର ସମାଜରେ ଗୋଟିଏ ଛେଳିର ଆର୍ଥିକ ଏବଂ ସାମାଜିକ ମୂଲ୍ୟ ଗୋଟିଏ କୁକୁରଠାରୁ ଅଧିକ ଥିଲା। ହେଲେ ବର୍ତ୍ତମାନର ସାମାଜିକ ପୃଷ୍ଠଭୂମିରେ ଦେଖିଲେ ଜଣାପଡେ, ବୋଧହୁଏ ସମାଜରେ କୁକୁରମାନଙ୍କର ମୂଲ୍ୟ ଏବଂ ଉପାଦେୟତା ଛେଳି ତୁଳନାରେ ଯଥେଷ୍ଟ ଅଧିକ ହୋଇଯାଇଛି।

ଏଠାରେ ଦିଲ୍ଲୀ ସହରରେ କିଛିଦିନ ତଳେ ଦୃଷ୍ଟିଗୋଚର ହୋଇଥିବା ଗୋଟିଏ ମର୍ମସ୍ପର୍ଶୀ ଘଟଣା ଉଲ୍ଲେଖ କରିବା ଉଚିତ ହେବ। ଅଫିସ କାମ ସାରି ଘରକୁ ଫେରିବା ରାସ୍ତାରେ ଗୋଟିଏ ଟ୍ରାଫିକ୍ ଛକରେ ଗାଡି ଅଟକାଇ ସବୁଜ ସଙ୍କେତକୁ ଅପେକ୍ଷା କରିବାକୁ ପଡିଲା। ଠିକ୍ ସେତିକିବେଳକୁ ପାଖରେ ଗୋଟିଏ ଅଟୋ ଆସି ରହିଲା। ସେ ମଧ୍ୟ ସଙ୍କେତକୁ ଅପେକ୍ଷା କରୁଥାଏ। ତା' ଭିତରେ ବସିଥିଲେ ସ୍ୱାମୀ–ସ୍ତ୍ରୀ ଦୁଇଜଣ ଏବଂ ସେମାନଙ୍କ ସାଥିରେ ଥିଲା ଗୋଟିଏ ଛେଳି। ବୋଧହୁଏ ଆକାରରେ ବଡ଼ ହୋଇଥିବା କାରଣରୁ ଛେଳିଟିର ମୁଣ୍ଡଟି ବାହାରକୁ ରହିଥାଏ। ଟ୍ରାଫିକ୍ ବନ୍ଦୋବସ୍ତରେ ଥିବା ବାବୁମାନଙ୍କ ଭିତରୁ ଦୁଇଜଣ ଧାଇଁଆସିଲେ ଅଟୋ ପାଖକୁ ଏବଂ ଜେରା କରିବା ଆରମ୍ଭ କରିଦେଲେ। ତୁମେ ଆଇନ ଭଙ୍ଗ କରିଛ। ଏପରି ଭାବରେ ତୁମେ ଅଟୋରେ ଛେଳି ନେଇ ଯାଇପାରିବ ନାହିଁ। ଏଇଟା ଯଦି କୁକୁର ହୋଇଥାନ୍ତା ଆମର କିଛି ଆପତ୍ତି ନ ଥିଲା। ଯେତେ କହିଲେ, ବାବୁ, ଆମେ ଗାଁରୁ ଆସିଛୁ। ଗାଁରେ କାମଧନ୍ଦା କିଛି ମିଳିଲାନି ବୋଲି କାମ ପାଇବା ଆଶାରେ ସହରକୁ ପଳେଇ ଆସିଛୁ। ସମ୍ପତ୍ତି ବୋଲି ଏଇ ଗୋଟିଏ ଛେଳି ଥିଲା ଆମ ପାଖରେ। ପିଲାଟି ବେଳରୁ ଆମ ପାଖରେ ସେ ଅଛି। ବିକିବାକୁ ମନ ବଳିଲାନି, ସେଥିପାଇଁ ନେଇ ଆସିଲୁ। କିଛି ନ ହେଲେ କ୍ଷୀର ଟିକେ ତ ଦେବ! ପୁଣି ବାବୁ କହିଲେ, ସେସବୁ କହିଲେ ହେବନି। ଚାଲାଣ କାଟିବାକୁ ହେବ। ଆଇନ କାନୁନ ଭଙ୍ଗ କଲେ ଦିଲ୍ଲୀରେ ଦଣ୍ଡ ସ୍ୱରୂପ ଯେଉଁ ଅର୍ଥ ଦେବାକୁ ହୁଏ ତାକୁ ଚାଲାଣ କୁହାଯାଏ। ଅନେକ ସମୟରେ ଦେଖାଯାଇଛି, ଚାଲାଣ ନାଁରେ ଅର୍ଥ ନିଆଯାଏ ହେଲେ ପାଉତି ମିଳେନି। ତେବେ ସେ ଯାହା ହେଉ, ନିରୀହ ଦମ୍ପତି କ'ଣ କରିବେ ବୋଲି ଚିନ୍ତାରେ ପଡି ଯାଇଥିଲେ, ଅଟୋଟିକୁ ରାସ୍ତା କଡକୁ ନେଇ ଠିଆ କରାଯାଇଥିଲା, ସ୍ୱାମୀ–ସ୍ତ୍ରୀ ଦୁଇଜଣ କାକୁତି ମିନତି କରୁଥିଲେ ଏବଂ ବାବୁ ଜଣକ ଏକାଗ୍ର ହୋଇ କିଛି ହିସାବ କିତାବ କରିବାରେ ବ୍ୟସ୍ତ ଥିଲେ। ଆମ ପାଇଁ ସବୁଜ ସଙ୍କେତ ହୋଇସାରିଥିଲା। ତେଣୁ ଆଉ ସେଠି ଗାଡି ରଖି ଘଟଣାର ଉପସଂହାର କେମିତି ହେଲା ଦେଖିବାର ସୁଯୋଗ ନ ଥିଲା।

ତେବେ ଘଟଣାଟି ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଦେଲା। ସାଥିରେ ଯାଉଥିବା ସହକର୍ମୀଙ୍କୁ ପଚାରିଲି, ଏମିତି କିଛି ନିୟମ ସତରେ ଅଛି କି? ସେ ବି ନିଜର ଅଜ୍ଞତା ଦେଖାଇ ମୁଣ୍ଡ ହଲାଇଲେ। କିନ୍ତୁ ପରେ ପରେ କହିଲେ, ସେମିତି କିଛି ନିୟମ ଅଛି କି ନାହିଁ ଜାଣି ଅଧିକ କ'ଣ ହେବ? ଛେଳି ଭଳି ଗୋଟିଏ ତୁଚ୍ଛ ପ୍ରାଣୀ କେବେ କ'ଣ କୁକୁର ଭଳି ସମୟୋପଯୋଗୀ ପ୍ରାଣୀର ସମକକ୍ଷ ହୋଇପାରିବ? ଭାବିଲି, ଯଦି ଛେଳିଟି ଜାଗାରେ ଅଟୋ ଭିତରେ କୁକୁରଟିଏ ଥାଆନ୍ତା, ତେବେ ହୁଏତ ପରିସ୍ଥିତି ଭିନ୍ନ ପ୍ରକାରର ହୋଇଥାନ୍ତା। ଅନେକ କୁକୁରଙ୍କୁ (ଅବଶ୍ୟ ସେମାନେ ସବୁ ବିଦେଶୀ ମୂଳରୁ ଆସିଥିବାରୁ ଲେଖକ ସେମାନଙ୍କ ବଂଶ ବା କୁଳ ବିଷୟରେ ଅଜ୍ଞ) ବଡ ବଡ ଗାଡିର କାଚ ଝରକା ବାହାରକୁ ମୁହଁ କରି ଯାଉଥିବାର ଦୃଶ୍ୟ ଅନେକେ ଦେଖିଥିବେ। ସେତେବେଳେ କେଉଁ ଟ୍ରାଫିକ୍ ଛକରେ ତାଙ୍କୁ କେବେ ଅଟକାଯିବାର ନଜିର ପ୍ରାୟତଃ ନାହିଁ।

ଦିଲ୍ଲୀ ସହରରେ ରହୁଥିବା ସ୍ୱାସ୍ଥ୍ୟ ସଚେତନ ଅଧିକାଂଶ ଲୋକ ସବୁଦିନ ସକାଳେ ଚାଲିବାକୁ ଗଲାବେଳେ ଫୁଟ୍‌ପାଥରେ ନିର୍ଦ୍ୱନ୍ଦ୍ୱରେ ଚାଲିପାରନ୍ତି ନାହିଁ। କାରଣ ହେଲା, ଫୁଟ୍‌ପାଥରେ ଚାଲିବାର ଏବଂ ମଳତ୍ୟାଗ କରିବାର ଏକାଧିକାର ଥାଏ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ଘରେ ରହୁଥିବା କୁକୁରମାନଙ୍କର। ଏପରି ଅନେକ କୁକୁରଙ୍କୁ ବାହାରେ ବୁଲାଇବା ଦାୟିତ୍ୱରେ ଥାନ୍ତି ୟୁନିଫର୍ମପିନ୍ଧା ବାବୁମାନେ। କୁକୁରମାନଙ୍କର ଯଦି ସେତିକି ଗୁରୁତ୍ୱପୂର୍ଣ୍ଣ ଅବଦାନ ନ ଥାନ୍ତା, ତେବେ କ'ଣ ସେମାନଙ୍କ ମାଲିକମାନେ କୁକୁରଗୁଡାକୁ ଏତେ ସହଜରେ ରାସ୍ତାଘାଟ ମଇଳା କରିବାକୁ ଦିଅନ୍ତେ? ନିଶ୍ଚିତ ଭାବରେ କିଛି ଗୋଟେ ମହାନ୍ କାରଣ ରହିଛି, ଯାହା କି ସାଧାରଣ ମଣିଷ ତା' ଚର୍ମଚକ୍ଷୁରେ ଦେଖିପାରୁନି। ଦିନେ ଆଗ୍ରହବଶତଃ ଜଣେ କୁକୁର ବ୍ୟବସାୟୀଙ୍କୁ ପଚାରି ବସିଲି, ଭାଇ, ଆଜିକାଲି ବିଦେଶୀ କୁକୁରଙ୍କର ଚାହିଦା ଏତେ ଅଧିକ ବଢିଯିବାର କାରଣ କ'ଣ? ଉତ୍ତର ଦେବାକୁ ଯାଇ ବ୍ୟବସାୟୀ ଜଣକ ଯାହା ସବୁ କହିଲେ ସେଥିରୁ ଅନେକ କାରଣ ଆମଦାନି–ରପ୍ତାନି ଭଳି ଦୁର୍ବୋଧ ଅର୍ଥନୈତିକ ବିଷୟମାନଙ୍କ ଉପରେ ନିର୍ଭର କରୁଥିଲା। ହେଲେ ତା' ସହିତ ସେ ମୁଖ୍ୟତଃ କେତୋଟି ସାମାଜିକ କାରଣ ଉପରେ ମଧ୍ୟ ଆଲୋକପାତ କଲେ। କହିଲେ ସମାଜରେ କ୍ରମବର୍ଦ୍ଧିଷ୍ଣୁ ଅପରାଧ ଏବଂ ତା' ସହିତ ସଂପୃକ୍ତ ଅସୁରକ୍ଷାର ଭାବନା ହିଁ ଏହାର ମୁଖ୍ୟ କାରଣ। ତାଙ୍କ କହିବା ଅନୁସାରେ ଘରେ କୁକୁରଟିଏ ଥିଲେ ମଣିଷକୁ ଅନ୍ୟ ହାନିକାରକ ମଣିଷମାନଙ୍କଠାରୁ ସୁରକ୍ଷା ମିଳେ। ଆଜି ମଣିଷର ବିଶ୍ୱସନୀୟତା ହ୍ରାସ ପାଇଛି ଏବଂ କୁକୁର ଉପରେ ବିଶ୍ୱାସ ବଢିଛି। କେବଳ ସେତିକି ନୁହେଁ, ଉଭୟ ମା' ଏବଂ ବାପା କର୍ମଜୀବୀ ହୋଇଥିଲେ ଘରେ ଥିବା ଛୋଟ ପିଲାମାନଙ୍କ ପାଇଁ କୁକୁରଟିଏ ହିଁ ସବୁଠାରୁ ବଡ ବନ୍ଧୁ ହୋଇଥାଏ। ଏପରି ଅନେକ କାରଣ ସେ କହିଗଲେ। ପୁଣି ପଚାରିଲି, ତେବେ ବିଦେଶୀ କୁକୁର କ'ଣ ପାଇଁ? ଆମ ଦେଶରେ କ'ଣ କୁକୁର ଅଭାବ? ପ୍ରଶ୍ନଟିର ଉତ୍ତର ଦେବାକୁ ବ୍ୟବସାୟୀ ବନ୍ଧୁ ଜଣକ ପ୍ରଥମେ କୁଣ୍ଠା ପ୍ରକାଶ କଲେ, ପରେ କହିଲେ, ବିଦେଶୀ କୁକୁର ଅଧିକ ବିଶ୍ୱାସୀ, ବୁଦ୍ଧିମାନ ଏବଂ ସ୍ନେହୀ ହୋଇଥାନ୍ତି। ତା' ଛଡା ଏହା ପ୍ରତିଷ୍ଠା ଏବଂ ପ୍ରତିପତ୍ତିର ଏକ ଅଘୋଷିତ ପ୍ରମାଣପତ୍ର କହିଲେ ଅତ୍ୟୁକ୍ତି ହେବନାହିଁ।

ମୋତେ ମୋ ପ୍ରଶ୍ନର ଉତ୍ତର ମିଳି ସାରିଥିଲା। କେବଳ ପଶୁଙ୍କ ବର୍ଗୀକରଣରେ ନୁହେଁ, ମଣିଷ ନିଜ ନିଜ ଭିତରେ ମଧ୍ୟ ଏମିତି ଅନେକ ପ୍ରାଚୀର ଠିଆ କରିରଖିଛି। ଆମେ ସବୁବେଳେ ନିଜକୁ ନିଜ ପାଖ ପଡିଶାଙ୍କଠାରୁ ସାମାଜିକ ପ୍ରତିପତ୍ତିରେ ବଡ ବୋଲି ପ୍ରମାଣିତ କରିବାକୁ ଚାହୁଁ। ସେଇଥିପାଇଁ ହୁଏତ ଆମେ ଛେଳି ତୁଳନାରେ କୁକୁରକୁ ଏବଂ ଦେଶୀ କୁକୁର ତୁଳନାରେ ବିଦେଶୀ କୁକୁରକୁ ଅଧିକ ପ୍ରାଧାନ୍ୟ ଦେଉ। ଏଠାରେ ପଶୁମାନଙ୍କର କୌଣସି ଗୋଟିଏ ପ୍ରଜାତିକୁ ନ୍ୟୂନ କରିବା କିମ୍ବା ଅନ୍ୟ କାହାକୁ ବ୍ୟଙ୍ଗ କରିବାର ଉଦ୍ଦେଶ୍ୟ ନାହିଁ। ହେଲେ ଭାବିଲେ ଦୁଃଖ ଲାଗେ ଯେ ଆମେ ନିଜର ନିଜତ୍ୱକୁ ଭୁଲି ଏତେ ତଳକୁ ଚାଲି ଆସିଲୁଣି ଯେ ନିଜକୁ ବଡ ବୋଲି ପ୍ରମାଣିତ କରିବା ପାଇଁ ଆମେ ଏହିପରି ଅନେକ ଆଶାବାଡିମାନଙ୍କର ସହାୟତା ନେଉଛୁ। ଆମ ଭିତରେ ଯେତେ ମେଧାବୀ ଲୋକ ଥିଲେ ମଧ୍ୟ ଯେ ପର୍ଯ୍ୟନ୍ତ ତାକୁ କୌଣସି ବିଦେଶୀ ସଂସ୍ଥା ତରଫରୁ ମାନ୍ୟତା ନ ମିଳିଛି ସେତେବେଳ ଯାଏଁ ତା'ର ମେଧା ଆମପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଆମ ଶାସ୍ତ୍ରମାନଙ୍କ ଭିତ୍ତିରେ ଯଦି କେହି ଭାରତୀୟ କୌଣସି ବୈଜ୍ଞାନିକ ସିଦ୍ଧାନ୍ତ ଉପସ୍ଥାପନ କରନ୍ତି ତେବେ ତାକୁ ଆମେ ହସରେ ଉଡାଇଦେଉ। ହେଲେ ସେହି ସିଦ୍ଧାନ୍ତ ଯେତେବେଳେ କୌଣସି ବିଦେଶୀ ତର୍କ ଉପରେ ଆଧାରିତ ହୋଇ ପ୍ରକାଶିତ ହୁଏ ଆମେ ତା'ର ସପକ୍ଷରେ ଶତମୁଖ ହୋଇପଡୁ। ହୁଏତ ଛେଳିଟିକୁ ଅଟୋରେ ଆଣି ଆସୁଥିବା ଦମ୍ପତିଟି ପାଖରେ ସେଇ ଆଶାବାଡିଟି ନ ଥିଲା ବୋଲି ସେ ହନ୍ତସନ୍ତ ହେଲେ ଏବଂ ଅନୁରୂପ ପରିବେଶରେ ବିଦେଶୀ କୁକୁରଟିଏ ଥିଲେ ସେ ହୁଏତ ବିନା ପରିଚୟପତ୍ରରେ ମଧ୍ୟ ଆମର ପରିଚୟ ଦେଇଦିଏ।

ଅନ୍ୟମାନଙ୍କର ପ୍ରରୋଚନାରେ ଛେଳିଟିକୁ କୁକୁର ଭାବି ଛାଡିଦେଇ ଯାଇଥିବା ଲୋକଟି ଭଳି ଆଜି ଆମେ ବି ବୁଦ୍ଧିଭ୍ରଷ୍ଟ ହୋଇଛେ ଏବଂ ଅନ୍ୟମାନଙ୍କଠାରୁ ପ୍ରମାଣପତ୍ର ଆଶା କରୁଛେ। ଯେମିତି ଦୁନିଆଟିଏ ମୁଁ ଦେଖିବାକୁ ଚାହୁଁଛି, ପ୍ରଥମେ ମୋତେ ହିଁ ସେମିତି ହେବାକୁ ହେବ। ଯଦି ମୁଁ ଚାହୁଁଛି ସମସ୍ତେ ମୋତେ ବଡ ବୋଲି ଭାବନ୍ତୁ, ମୋର ସମ୍ମାନ କରନ୍ତୁ, ତେବେ ମୋତେ ହିଁ ପ୍ରଥମେ ସମସ୍ତଙ୍କର ସମ୍ମାନ କରିବାକୁ ହେବ। କୌଣସି ଆଶାବାଡିର ସାହାରାରେ ଆମେ ବଡ଼ ହୋଇ ପାରିବା ନାହିଁ।

ମୋ– ୮୮୦୦୬୩୬୫୭୬,
rath2005@gmail.com

# ପ୍ଲାଷ୍ଟିକ୍‌ର ବିକଳ୍ପ

ଡ. ସୁଶାନ୍ତ କୁମାର ସାହୁ

ଭାରତର ବିଭିନ୍ନ ରାଜ୍ୟ ସହ ଆମ ରାଜ୍ୟ ଓଡ଼ିଶା ପ୍ଲାଷ୍ଟିକ ନିର୍ମିତ ନିତ୍ୟ ବ୍ୟବହୃତ ଦ୍ରବ୍ୟ ଯଥା ଜରି, ଥଳି ଓ ଅନ୍ୟାନ୍ୟ ବସ୍ତୁ ଉପରେ ନିଷେଧାଦେଶ ଜାରି କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାକୁ ଚାରିଆଡୁ ପରିବେଶବିତ୍ ଓ ବୁଦ୍ଧିଜୀବୀମାନେ ପ୍ରଶଂସା କରିଛନ୍ତି। ୨୦୧୮ ବିଶ୍ୱ ପରିବେଶ ଦିବସ ଅବସରରେ ଜାତିସଂଘ ଯେଉଁ ପ୍ଲାଷ୍ଟିକମୁକ୍ତ ବିଶ୍ୱର ଅନୁଚିନ୍ତା ପାଇଁ ବିଚାରବିମର୍ଶ ଲୋଡିଥିଲା, ସେଥିରେ ବିଶ୍ୱ ସମୁଦାୟକୁ ଭାରତ ପ୍ଲାଷ୍ଟିକ ପ୍ରଦୂଷଣର କୁପରିଣାମରୁ ମୁକ୍ତି ପାଇବାର ଆହ୍ୱାନ ରଖିଛି। ପ୍ଲାଷ୍ଟିକ ଯେପରି ଆମ ପରିବେଶ, ବନ୍ୟଜନ୍ତୁ ଓ ସମଗ୍ର ମାନବ ଜାତିର ଭୟଙ୍କର ଶତ୍ରୁ ସାଜି ସମସ୍ତଙ୍କୁ ବିନାଶ କରିବାକୁ ବସିଲାଣି ସେଥିନେଇ ସମସ୍ତେ ଚିନ୍ତା ପ୍ରକଟ କରିଛନ୍ତି। ଧୀରେ ଧୀରେ ଏକକ ବ୍ୟବହାରର ହ୍ରାସ ଘଟାଇ ପ୍ଲାଷ୍ଟିକ୍‌ର ପୁନଃଚକ୍ରଣ ଉପରେ ଅଧିକ ଗୁରୁତ୍ୱାରୋପ କଲେ ଗୋଟିଏ ସବୁଜ ଓ ସୁନ୍ଦର ପୃଥିବୀରେ ଆମେ ବଞ୍ଚିବାର ସୌଭାଗ୍ୟ ଲାଭ କରିପାରିବା। ଅପରପକ୍ଷରେ ଆମ ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ ଯେପରି କାୟା ବିସ୍ତାର କରିଛି, ତାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଅସମ୍ଭବ। ବିଗତ ଦଶନ୍ଧି ଧରି ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ଏଇ ପ୍ଲାଷ୍ଟିକର ବ୍ୟବହାର ପୂରାପୂରି ବନ୍ଦ କରିବା ପାଇଁ ଅନେକ କାର୍ଯ୍ୟକ୍ରମ ଚଳାଇ ଶେଷରେ ବିଫଳ ହୋଇଛନ୍ତି।

୨୦୧୨ ବର୍ଷର ଆକଳନ ଅନୁସାରେ ଭାରତୀୟ ପ୍ଲାଷ୍ଟିକ ବଜାରରେ ପ୍ରାୟ ୨୫ ହଜାର କମ୍ପାନୀ ଓ ୩.୫ ମିଲିୟନ ଲୋକ ଜଡ଼ିତ। ଏହି ସଂଖ୍ୟା ୨୦୧୮ରେ ଢେର ଅଧିକ ହେବ। ସମ୍ପ୍ରତି ୨୪% ପ୍ଲାଷ୍ଟିକ ସାମଗ୍ରୀ କେବଳ ପ୍ୟାକେଜିଙ୍ଗ କମ୍ପାନୀଗୁଡ଼ିକରେ ବ୍ୟବହୃତ ହେଉଛି। ବିଭିନ୍ନ ପ୍ଲାଷ୍ଟିକ ସାମଗ୍ରୀକୁ ନେଇ ଛୋଟ ବଡ ବ୍ୟବସାୟ କରି ଅନେକ ଲୋକ ଗୁଜୁରାଣ ମେଣ୍ଟାଉଛନ୍ତି। ତେଣୁ ହଠାତ୍ ପ୍ଲାଷ୍ଟିକ ତିଆରି କାରଖାନଗୁଡ଼ିକ ଉପରେ ରୋକ ଲଗାଇଲେ ଏଥିରେ କାର୍ଯ୍ୟକରି ଚଳୁଥିବା ଅନେକ ଲୋକ ରୋଜଗାର ହରେଇବେ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଚାଷ। ଅଧିକାଂଶ ଭାରତୀୟ କୃଷି ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି। ପ୍ରାୟ ୨୩% ପ୍ଲାଷ୍ଟିକ ସାମଗ୍ରୀ କୃଷିଭିତ୍ତିକ ଶିଳ୍ପରେ ବ୍ୟବହୃତ ହେଉଛି। ବିହନ, ଔଷଧ ଓ କୀଟନାଶକ ଇତ୍ୟାଦି ଦ୍ରବ୍ୟଗୁଡ଼ିକୁ ଦୀର୍ଘଦିନ ଧରି ସୁରକ୍ଷିତ ଭାବରେ ସାଇତି ରଖିବାରେ ଏହା ସାହାଯ୍ୟ କରୁଛି। ଏହିସବୁ ପ୍ଲାଷ୍ଟିକ ବସ୍ତୁର ବିକଳ୍ପ ସୃଷ୍ଟି ହେବାକୁ ଅନେକ ଦିନ ଲାଗିପାରେ। ଯେଉଁମାନେ ପ୍ଲାଷ୍ଟିକ ସମ୍ବନ୍ଧୀୟ ବସ୍ତୁରେ ଜ୍ଞାନକୌଶଳ ନେଇଛନ୍ତି ଓ ଉଚ୍ଚଶିକ୍ଷା ଲାଭ କରିଛନ୍ତି, ସେମାନଙ୍କୁ ଆଉଥରେ ଅନ୍ୟ କୌଣସି ବସ୍ତୁରେ ଜ୍ଞାନ ଆହରଣ କରିବା ସହଜ ହେବ ନାହିଁ। ଭାରତରେ ଲକ୍ଷ ଲକ୍ଷ ସଂଖ୍ୟାରେ ଆଇଟି ପ୍ଲାଷ୍ଟିକ ଇଞ୍ଜିନିୟର କାର୍ଯ୍ୟରତ ଓ କାର୍ଯ୍ୟ ଅନ୍ୱେଷଣରେ ସଂଘର୍ଷ ଜାରି ରଖିଛନ୍ତି। ହଠାତ୍ ପ୍ଲାଷ୍ଟିକ ବନ୍ଦ ହୋଇଗଲେ, ଦେଶରେ ବେକାରି ଓ ବେରୋଜଗାରୀ ବଢ଼ିବ ହିଁ ବଢ଼ିବ।

ଉପରୋକ୍ତ ଅସୁବିଧା ସତ୍ତ୍ୱେ ଆମକୁ ଆମ ପରିବେଶ ପାଇଁ ଚିନ୍ତା କରିବାକୁ ହେବ। ଏହାକୁ ସକାରାତ୍ମକ ଭାବେ ନେଇ ଏକାସାଙ୍ଗରେ ସବୁ କ୍ଷେତ୍ରରୁ ପ୍ଲାଷ୍ଟିକକୁ ବିଦାୟ ଦେବା ଠିକ୍ ହେବ ନାହିଁ। ଧୀରେ ଧୀରେ ଗୋଟିଏ ଗୋଟିଏ କ୍ଷେତ୍ରରୁ ଏହାକୁ ବନ୍ଦ କରିବା ସହ ଏହାର ବିକଳ୍ପ ତିଆରି କରାଯାଇପାରିବ ସେଥିନେଇ ଚିନ୍ତା କରିବା ଜରୁରୀ। ବିଭିନ୍ନ ପ୍ରକାର ଜୀବାଣୁ ଓ ବୃକ୍ଷରୁ ମଧ୍ୟ ପ୍ଲାଷ୍ଟିକର ବିକଳ୍ପ ସନ୍ଧାନ କରାଯାଇପାରେ। ସେହିପରି ପ୍ରବଳ ମାତ୍ରାରେ ବୃଦ୍ଧି ପାଉଥିବା ଅଶୋଧିତ ତୈଳ ଦରକୁ ରୋକିବାକୁ ମଧ୍ୟ ଜୈବ ବିଜ୍ଞାନ ମାଧ୍ୟମରେ ପଲିମର ପେଟ୍ରୋଲ ସୃଷ୍ଟି କଥା ଏବେ ଚିନ୍ତା କରାଗଲାଣି। ଏକସୂତ୍ରୀ ବ୍ୟବହାର ପ୍ଲାଷ୍ଟିକ ବଦଳରେ ସାମଗ୍ରିକ ଭାବେ ବହୁଥର ବ୍ୟବହାର ହୋଇପାରୁଥିବା ଜୈବ ପ୍ଲାଷ୍ଟିକର ଅଧିକ ଆବିଷ୍କାର ପାଇଁ ଏବେ ବୈଜ୍ଞାନିକମାନେ ଗବେଷଣା ଚଳାଇଛନ୍ତି। ୟୁରୋପର ଜୈବ ପ୍ଲାଷ୍ଟିକ ଅନୁସନ୍ଧାନର ହାର ସମ୍ପ୍ରତି ବିଶ୍ୱର ସମୁଦାୟ ପଲିମର ପ୍ଲାଷ୍ଟିକ ହାର ସହ ସମାନ। ବିଶ୍ୱର ଜୈବ ପ୍ଲାଷ୍ଟିକ ଉତ୍ପାଦନ ୬.୬ ମିଲିୟନ ଟନ ହାରରେ ବୃଦ୍ଧିପାଇ ୨୦୨୧ ମସିହା ସୁଦ୍ଧା ୮.୫ ମିଲିୟନ ଟନ ହାରରେ ପହଞ୍ଚିବ ବୋଲି ଜୈବ ବିଜ୍ଞାନୀମାନେ ମତ ଦିଅନ୍ତି। ଜୈବଭିତ୍ତିକ ପ୍ଲାଷ୍ଟିକ, ଶ୍ୱେତସାର, ଉଦ୍ଭିଦ ତୈଳ, ପିଏଲଏ ମଞ୍ଜି ଏବଂ ପିଏଚ୍‌ଏ ଇତ୍ୟାଦି ଜୈବ ପ୍ଲାଷ୍ଟିକ ହିସାବରେ ବିଭିନ୍ନ ପ୍ଲାଷ୍ଟିକ ଓ ଲେପର ବିକଳ୍ପ ଭରଣା କରିପାରିବ। ୟୁରୋପୀୟ ଦେଶଗୁଡ଼ିକରେ ଅଧିକ ଜୈବ ପ୍ଲାଷ୍ଟିକ ନିର୍ମିତ ବସ୍ତୁର ବ୍ୟବହାର କରାଯାଉଥିବାରୁ ଏଠାକାର ପରିବେଶ ସ୍ୱଚ୍ଛ ଓ ନିର୍ମଳ ରହୁଛି। ଆମ ସରକାର ମଧ୍ୟ ସେଇ ସବୁ ପଦ୍ଧତି ଆପଣାଇ ଜୈବ ପ୍ଲାଷ୍ଟିକ ଉପରେ ଗବେଷଣା କ୍ଷେତ୍ରକୁ ବୃହତ୍ ଓ ତ୍ୱରାନ୍ୱିତ କରିବା ଦରକାର। ସେହିପରି ବୈଜ୍ଞାନିକ ଓ ବୁଦ୍ଧିଜୀବୀମାନେ ମଧ୍ୟ ଏ ଦିଗରେ ବିଚାରବିମର୍ଶ ଜାରି ରଖିବା ଉଚିତ। କିନ୍ତୁ ସବୁଠାରୁ ବଡ କଥା ହେଲା ଲୋକମାନଙ୍କ ମନରୁ ପ୍ଲାଷ୍ଟିକ ବ୍ୟବହାରର ନିଶାକୁ ବିଦାୟ ଦେବା। ଏଥିପାଇଁ ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି। ଶେଷରେ ଅପରାଜେୟ ପ୍ଲାଷ୍ଟିକକୁ ପରାଜିତ କରିବା ପାଇଁ ଆମକୁ ବ୍ୟକ୍ତିଗତ ସ୍ତରରେ ହିଁ ବଦଳିବାକୁ ପଡିବ।

ବୈଜ୍ଞାନିକ, ଏମ୍‌ଏସ୍‌ଟିଡି, ସିଏସ୍‌ଆଇଆର, ଥିରୁଭାନନ୍ତପୁରମ୍, ମୋ– ୭୮୭୩୭୧୯୦୫୬, ଇମେଲ–sushantanano@gmail.com

## ଏଇ ଭାରତରେ

ଜନସାଧାରଣ ଦାବି ହାସଲ ଲାଗି ବିକ୍ଷୋଭ ପ୍ରଦର୍ଶନ ଅଥବା ଆନ୍ଦୋଳନ କରନ୍ତି। ତେବେ ଦାବି ହାସଲ ପାଇଁ ଲୋକେ ଭିନ୍ନ ଭିନ୍ନ ତରିକା ଆପଣାଇ ଥାଆନ୍ତି। ବର୍ଷାଦିନେ ସଡ଼କ ପଥ କର୍ଦ୍ଦମାକ୍ତ ହୋଇ ଯାତାୟାତରେ ବାଧା ସୃଷ୍ଟିହେଲେ ପ୍ରଶାସନ ବିରୋଧରେ ସ୍ୱର ଉତ୍ତୋଳନ କରାଯାଏ। ଲୋକେ ରାସ୍ତାରେ ତଳି ରୋଇ ପ୍ରତିବାଦ ଜଣାଇଥାଆନ୍ତି। ଓଡ଼ିଶାରେ ଇଞ୍ଜିନିୟରିଂ ପାସ୍ କରିଥିବା ଛାତ୍ରୀଛାତ୍ର ଚାକିରି ନ ପାଇ ବିଧାନସଭା ସମ୍ମୁଖରେ ଜୋତା ପଲିସି କରିବାର ଦୃଷ୍ଟାନ୍ତ ରହିଛି। କିନ୍ତୁ ଗୁଜରାଟର ଏକ କେନାଲରେ ପାଣି ନ ଆସିବାରୁ ସେଠାରେ ସ୍ଥାନୀୟ ଲୋକମାନେ ଅଭିନବ ଉପାୟରେ ପ୍ରତିବାଦ ଜଣାଇଛନ୍ତି। କୃଷକମାନେ ଏଥିପାଇଁ ଏକ ଯୋଜନା ପ୍ରସ୍ତୁତ କରି ଶୁଖିଲା କେନାଲରେ ଫୁଟବଲ୍ ଖେଳିଥିଲେ। ଏହାକୁ ଦେଖିବାପାଇଁ ଆଖପାଖର ଲୋକେ ବି ଜମା ହୋଇଯାଇଥିଲେ। ସ୍ଥାନୀୟ କେତେକ ଖବରଦାତାଙ୍କୁ ମଧ୍ୟ ଡକାଯାଇ ଏ ସମ୍ପର୍କିତ ଖବର ଛାପିବାକୁ ଅନୁରୋଧ କରାଯାଇଥିଲା। କାରଣ ଉଦ୍ଦେଶ୍ୟ ଥିଲା ସ୍ଥାନୀୟ ପ୍ରଶାସନ ତଥା ସରକାରଙ୍କୁ ଅବହେଳା ସମ୍ପର୍କରେ ଅବଗତ କରାଇବା। ଗୁଜରାଟ ଭାବନଗର ଜିଲା ଅନ୍ତର୍ଗତ ଗଧଡା ତହସିଲରେ ଥିବା ପାଟଣ ଅଞ୍ଚଳରେ ଘଟିଛି ଏପରି ଏକ ଅଭାବନୀୟ ଘଟଣା। ସ୍ଥାନୀୟ ସୁଜଳାମ୍ ସୁଫଳାମ୍ କେନାଲରେ ପାଣି ଛଡାଯାଇ ନାହିଁ। ଜଳସେଚନ ଅଭାବରୁ ଖେତରେ ଫସଲ ମରିବାକୁ ବସିଲାଣି। ଏହାର ବିରୋଧ କରି ସ୍ଥାନୀୟ କୃଷକମାନେ ଏକତ୍ରିତ ହୋଇ ପ୍ରତିବାଦ ଜଣାଇଥିଲେ। ପ୍ରତିବାଦ ସ୍ୱରୂପ ସେମାନେ ଏକତ୍ରିତ ହୋଇ ଶୁଖିଲା କେନାଲରେ ଭଲିବଲ୍ ଖେଳିଥିଲେ। ଏହାର ଭିଡିଓ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ନଭେମ୍ବର ୧୯୯୩

- ଜୋର୍ଡାନ ଇସ୍ରାଏଲ ସହିତ କୌଣସି ସ୍ୱତନ୍ତ୍ର ଶାନ୍ତି ରାଜିନାମା ସ୍ୱାକ୍ଷର କରିବ ନାହିଁ ବୋଲି ଦେଶର ସୂଚନା ମନ୍ତ୍ରୀ ଆବୁ ନାଓ୍ୱାର କହିଛନ୍ତି।
- ପେଟ୍ରୋଲ ଉତ୍ପାଦନକାରୀ ଦେଶ ସମୂହ ସଙ୍ଗଠନ (ଓପେକ୍)ର ଦୁଇଦିନିଆ ସମ୍ମିଳନୀରେ ପ୍ରତିଦିନ ୨୪.୫୨ ମିଲିୟନବ୍ୟାରେଲତୈଳଉତ୍ପାଦନକରିବାନେଇସହମତି।

## ଚିରନ୍ତନୀ

ଅସଲ ସତଟି ଘୋଡ଼ାଇବା ପାଇଁ
ଭାଷାର ଚାତୁରୀ ଛଳନା କଥା
ବାକି ଅଛି ସେ କି, ବୁଝିବାକୁ ତାକୁ
ବେକ ପରେ ଯା'ର ରହିଛି ମଥା

(ପ୍ରେମର ଅର୍ଥ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | A | | | | | C | 8 | | | 1 | | 7 | 4 |
| C | | | | | B | E | | | | | | | | 0 |
| B | | | 7 | | 8 | | 1 | 0 | | | | | 3 | |
| | 4 | 8 | 9 | 6 | | | | A | | | | | 5 | |
| | 2 | 0 | C | | | | | | | | | 6 | | D |
| A | | 4 | | | | 8 | | | | 7 | | 9 | | 6 |
| | 3 | C | | | D | | | | | | | | | |
| E | | | | | 6 | | 4 | | | | D | B | | |
| | | | | | 3 | | | E | | 1 | 2 | | | A |
| | | D | B | | 1 | 5 | 7 | 2 | | | | | 0 | 3 |
| | | | | | | 1 | | | | E | C | | | 5 |
| | 5 | | | | | | E | C | 0 | | | | | |
| | | 7 | | | 9 | D | | | | | 4 | 2 | | |
| 3 | | | | D | | | | 9 | 8 | | | | | B |
| 1 | 0 | 2 | | | 5 | 3 | | B | | | | | C | E |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 9 | 3 | A | B | 7 | D | E | 1 | 4 | 5 | 2 | 6 | 8 | C |
| C | 1 | E | 9 | 4 | 0 | A | 3 | 2 | 6 | 7 | 8 | D | B | 5 |
| A | 2 | 8 | D | 5 | C | 4 | 0 | 6 | E | 9 | B | 7 | 3 | 1 |
| 6 | D | B | E | 1 | 8 | 9 | 5 | 7 | 3 | A | C | 2 | 0 | 4 |
| 7 | 5 | 4 | 3 | 6 | 2 | 8 | C | B | 0 | D | 1 | E | 9 | A |
| 5 | C | 1 | 2 | 9 | 6 | 3 | 4 | 0 | D | 8 | A | B | 7 | E |
| B | 4 | 6 | 8 | 0 | E | 1 | 7 | D | C | 3 | 9 | A | 5 | 2 |
| 9 | A | D | C | 3 | B | 6 | 2 | 5 | 7 | E | 0 | 1 | 4 | 8 |
| 3 | E | 7 | 4 | D | A | B | 8 | 9 | 2 | 1 | 5 | 0 | C | 6 |
| 2 | 8 | 0 | 5 | 7 | 1 | C | A | E | B | 6 | 4 | 3 | D | 9 |
| 8 | 6 | 5 | 1 | C | 3 | 2 | D | 4 | A | 0 | 7 | 9 | E | B |
| 4 | 0 | C | 7 | 2 | 5 | E | 9 | A | 1 | B | 3 | 8 | 6 | D |
| E | 7 | 2 | B | A | 9 | 0 | 6 | 8 | 5 | C | D | 4 | 1 | 3 |
| D | B | 9 | 0 | E | 4 | 5 | 1 | 3 | 8 | 2 | 6 | C | A | 7 |
| 1 | 3 | A | 6 | 8 | D | 7 | B | C | 9 | 4 | E | 5 | 2 | 0 |

ଗତକାଲିର ଉତ୍ତର

## ଆମ ସମସ୍ୟା

### ଆମ ବସ୍

ମହାଶୟ,

ଓଡ଼ିଶା ସରକାର ଭୁବନେଶ୍ୱର ସହର ମଧ୍ୟରେ ଆମ ବସ୍ ସେବା ପ୍ରଚଳନ କରିଛନ୍ତି। ଏହା ପୂର୍ବରୁ ସିଟି ବସ୍ ସେବା ମଧ୍ୟ ଆରମ୍ଭ କରାଯାଇଥିଲା। ଯେତେବେଳେ ସିଟି ବସ୍ ସେବା ଆରମ୍ଭ ହେଲା ସେହି ସମୟରେ କିଛିଦିନ ପାଇଁ ଜିଜିପି କଲୋନୀ ରୁଟ୍‌ରେ ସିଟି ବସ୍ ଯିବାଆସିବା ହେଉଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ତାକୁ ବନ୍ଦ କରିଦିଆଗଲା। ବର୍ତ୍ତମାନ ଆମ ବସ୍‌ର ମଧ୍ୟ ଜିଜିପି କଲୋନୀକୁ କୌଣସି ରୁଟ୍ ଦିଆଯାଇପାରି ନାହିଁ। ବସ୍ ସେବା ନ ପାଇ ଜିଜିପି କଲୋନୀ, ପାଣ୍ଡରା ଏବଂ ଆଖପାଖ ଅଞ୍ଚଳବାସୀ ହଇରାଣ ହେଉଛନ୍ତି। ନଗର ଉନ୍ନୟନ ବିଭାଗ ଏଥି ପ୍ରତି ଦୃଷ୍ଟି ଦିଅନ୍ତୁ।

କେ. ରବି, ଜିଜିପି କଲୋନୀ, ରସୁଲଗଡ଼, ଭୁବନେଶ୍ୱର

### ଡାକ ବିତରଣରେ ଅବହେଳା

ଭୁବନେଶ୍ୱରସ୍ଥିତ ବ୍ରହ୍ମେଶ୍ୱରପାଟଣା (ଟଙ୍କପାଣି) ଅଞ୍ଚଳଟି କେବଳ ଜନବହୁଳ ନୁହେଁ ଏଠାରେ ୧୦୦୦ ବର୍ଷ ତଳର ପ୍ରାଚୀନ କୀର୍ତ୍ତିରାଜି ବିଦ୍ୟମାନ। ବହୁ ବୁଦ୍ଧିଜୀବୀ, ସାହିତ୍ୟିକ, କଳାକାର ଏଠାରେ ରହିବା ସ୍ଥଳେ ଏଠାରେ ଡାକଘରଟିଏ ନାହିଁ। ବିଗତ ଦୁଇମାସ ହେବ ଘର ଘର ବୁଲି ବଣ୍ଟା ଯାଉଥିବା ସାଧାରଣ ଚିଠି, ବୁକପୋଷ୍ଟ, ପ୍ରିଣ୍ଟେଡ ବୁକ, ଦୈନିକ ଖବରକାଗଜକୁ ଏବେ ବନ୍ଦ କରାଯାଇ କିଛି ଡାକଘରେ ପାହାଡ ପରି ଜମାଇ ରଖାଯାଇଛି। ଅଭିଯୋଗ କଲେ ନୂଆ ଡାକବାବୁ ନୀରବ। ତେଣୁ ମହାଡାକପାଳ ବ୍ରହ୍ମେଶ୍ୱରପାଟଣାରେ ସ୍ୱତନ୍ତ୍ର ଉପଡାକଘରଟିଏ ଖୋଲିବାକୁ ଅନୁରୋଧ।

ଲାବଣ୍ୟ ଚନ୍ଦ୍ର ସାହୁ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସାପ୍ତାହିକ ପଞ୍ଜିକା

ନଭେମ୍ବର ୧୮–ଉତ୍ତରାଖଣ୍ଡରେ ୧୫୦ ମିଟର ଗଭୀର ଖାଇକୁ ଏକ ବସ୍ ଖସିପଡ଼ିବା ଫଳରେ ୧୪ ଯାତ୍ରୀଙ୍କ ମୃତ୍ୟୁ।
୧୯– ହାଇକୋର୍ଟର ନୂଆ ବିଚାରପତି ଭାବେ ଅକ୍ଷୟ କୁମାର ମିଶ୍ର ଓ ଶତ୍ରୁଘ୍ନ ପୂଜାହାରୀ ଶପଥ ନେଲେ।
୨୦– କଟକ–ଜଗତପୁର ମହାନଦୀ ପୋଲ ଉପରେ ଏକ ଯାତ୍ରୀବାହୀ ବସ୍ ନଦୀକୁ ଖସି ପଡ଼ିବାର ୧୦ ଜଣଙ୍କ ମୃତ୍ୟୁ ଓ ୪୬ ଆହତ।
୨୧– ଜମ୍ମୁ–କଶ୍ମୀର ରାଜ୍ୟପାଳ ସତ୍ୟପାଲ ମଲିକ ରାଜ୍ୟ ବିଧାନ ସଭାକୁ ଭଙ୍ଗ କରିଛନ୍ତି।
୨୨– ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା ବିଶିଷ୍ଟ ସାହିତ୍ୟିକ ଓ ସାମାଜିକ କର୍ମୀ ବୈଷ୍ଣବ ପରିଡ଼ାଙ୍କର ୭୭ ବର୍ଷ ବୟସରେ କର୍କଟ ରୋଗରେ ପରଲୋକ।
୨୩– ନାଇଜେରିଆର ଉତ୍ତର–ପୂର୍ବାଞ୍ଚଳରେ ଥିବା ବୋର୍ନୋରେ ଦୁର୍ଦ୍ଦାନ୍ତ ବୋକୋ ହାରାମ ଆତଙ୍କବାଦୀମାନେ ଏକ ସେନା ଶିବିର ଉପରେ ଆକ୍ରମଣ କରି ୭୦ ସୈନିକଙ୍କୁ ହତ୍ୟା କରିଛନ୍ତି।




ଇହ ଜନ୍ମରେ ଯେତେଦୂର ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ।

- ଗୀତା

## ସଂକ୍ଷେପରେ

### ଘରେ ପଶି ମହିଳାଙ୍କୁ ବଳାତ୍କାର ଉଦ୍ୟମ

**ହାଟଡିହୀ,୨୫। ୧୧(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସଙ୍ଖୋ ବାଲିଆ ଅଞ୍ଚଳରେ ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରାଯାଇ ବଳାତ୍କାର ଉଦ୍ୟମ କରାଯାଇଥିବା ନନ୍ଦିପଦା ଥାନାରେ ଅଭିଯୋଗ ହୋଇଛି। ମହିଳା ଜଣକ ଘରେ ଏକୁଟିଆ ଥିବାର ସୁଯୋଗ ନେଇ କେତେଜଣ ବ୍ୟକ୍ତି ଶନିବାର ରାତିରେ ଘରେ ପଶି ତାଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହି ମହିଳାଙ୍କ ପାଟି ଶୁଣି ପଡିଶା ଲୋକ ଦୌଡି ଆସିବାରୁ ଅଭିଯୁକ୍ତମାନେ ପଳାଇଯାଇଥିଲେ।

# ସମ୍ବଲପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ହେଉ : ନଗେନ୍ଦ୍ର

**ସମ୍ବଲପୁର,୨୫।୧୧ (ବ୍ୟୁରୋ)**

ସମ୍ବଲପୁର ଜିଲାରେ ଓଡ଼ିଶା ହାଇକୋର୍ଟର ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ହେଉ। ଏଠାରେ ଭିତ୍ତିଭୂମି ସହ ସମସ୍ତ ସୁବିଧା ରହିଛି। ଏହା ରାଜ୍ୟର ଦ୍ୱିତୀୟ ରାଜଧାନୀ ବୋଲି ମଧ୍ୟ କୁହାଯାଏ। ଏଣୁ ସରକାର ଯଥାଶୀଘ୍ର ସମ୍ଭବ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରନ୍ତୁ। ରବିବାର ମିଟ୍ ଦି' ପ୍ରେସ କାର୍ଯ୍ୟକ୍ରମରେ ଯୋଗଦେଇ ସମ୍ବଲପୁର ସାଂସଦ ନଗେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ସେହିପରି ଭିମ୍ସାର୍‌ରେ ଜୁନିୟର ଡାକ୍ତର ଓ ନିର୍ଦ୍ଦେଶକଙ୍କ ମଧ୍ୟରେ ଲାଗି ରହିଥିବା ବିବାଦ ଆଲୋଚନା ଜରିଆରେ ସମାଧାନ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ଗଣମାଧ୍ୟମ ପ୍ରତିନିଧିଙ୍କ ସ୍ୱତନ୍ତ୍ର ସ୍ୱାଧିନତା ରହିଛି। ଖବର ସଂଗ୍ରହରେ ପ୍ରଶାସନିକ ଅଧିକାରୀ ଓ ରାଜନେତାମାନେ ସହଯୋଗ କରିବା ଉଚିତ। ଡ. ଦାମ ରାଉତ ଗଢିଥିବା ନୂତନ ଦଳ ଓ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅପରାଜିତା ଷଡ଼ଙ୍ଗୀଙ୍କ ଭାଜପାରେ ଯୋଗଦାନର କୌଣସି ପ୍ରଭାବ ବିଜେଡ଼ି ଉପରେ ପଡ଼ିବ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଲୋକେ ମତଦାନ କରୁଛନ୍ତି। ଏଥିସହ ସେ ତାଙ୍କ ନିଜ ରାଜନୈତିକ ଜୀବନୀ ଓ ସମ୍ବଲପୁର ଜିଲା ପାଇଁ କରିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ସୂଚନା ଦେଇଥିଲେ। ଧାନର ସହାୟକ ମୁଲ୍ୟ ୨୯୫୦ ଟଙ୍କା କରାଯାଉ ବୋଲି ଦାବି କରିଥିଲେ।

ସମ୍ବଲପୁର ଦେଇ ଅନେକ ଟ୍ରେନ ଚାଲିବା ଆରମ୍ଭ କରିଛି। ଆଗକୁ ଅଧିକ ଟ୍ରେନ ଚଳାଚଳ କରିବା ପାଇଁ ପ୍ରସ୍ତାବ ଦିଆ ହୋଇଛି। ୨୦୧୯ ସାଧାରଣ ନିର୍ବାଚନରେ ଟିକେଟ ପାଇବା ପ୍ରଶ୍ନର ଉତ୍ତର ରଖି କହିଥିଲେ ଯେ ସମ୍ବଲପୁର ସାଂସଦ ଅଧୀନ ସମସ୍ତ ଅଞ୍ଚଳରେ ବିକାଶ କାର୍ଯ୍ୟ କରା ହୋଇଛି । ଲୋକମାନଙ୍କ ସହ ଭଲ ସମ୍ପର୍କ ରହିଛି । ମୋର ବିଶ୍ୱାସ, ଆଗାମୀ ନିର୍ବାଚନରେ ଲଢିବା ପାଇଁ ସୁଯୋଗ ମିଳିବ। ହେଲେ ନିଷ୍ପତ୍ତି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କର ବୋଲି ସେ ସ୍ପଷ୍ଟ କରିଥିଲେ। ଏହି ଅବସରରେ ପ୍ରେସ କ୍ଲବ ସଭାପତି ତ୍ରିବିକ୍ରମ ପ୍ରଧାନ, ସମ୍ପାଦକ ଭବାନୀ ଶଙ୍କର ଭୋଇଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଫାଲୁଆ ଫାଲୁଆ ଗୁଣ୍ଡା**
**ମାରି ଦେଉଥାଏ ପିହାଣମୁହାଁ**
**ଚାହିଁ ବସିଥାଏ ଭେଣ୍ଡା ।**

ମାରିନେଲେ ମହାପାତ୍ରେ ଚାହିଁଆରେ ଜଳକା ଭଳିମାରି ଖାଇବାଲୋକ ସବୁ ଖାଇଯାଉଥିବା ବେଳେ ଚାହିଁବା ଲୋକ କେବଳ ଚାହିଁ ରହିବା ହିଁ ସାର ହୋଇଥାଏ। ପରୋକ୍ଷରେ ଜଣକୁ ଭକୁଆ ବନେଇ ଅନ୍ୟଜଣେ ସକଳ ସୁବିଧା ସୁଯୋଗ କୌଶଳ କରି ହାତେଇନେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଫୁଟିଲା ଛତୁ**
**କିଛି ନ ହେଉଣୁ ଆଜହୁଁ ମାତୁ ?**

ଉତ୍ସାହଜନକ ପରିବେଶରେ ବ୍ୟକ୍ତି ଉଦ୍‌ବୁଦ୍ଧ ହେବା ସ୍ୱାଭାବିକ। କିନ୍ତୁ କିଛି ବ୍ୟକ୍ତି ତୁଚ୍ଛାକୁ ଫୁଲିଉଠନ୍ତି। ମଣିଷର ଉଦ୍‌ବାର୍ଯ୍ୟ ପଣିଆର ରୂପ। କୁଆଡୁ କିଛି ନ ହେଉଣୁ ବା ନ ଘଟୁଣୁ ବ୍ୟକ୍ତି ଧରାକୁ ସରା ମଣି ନିଜ ଆତ୍ମବଡ଼ିମା ଦେଖେଇ ହେବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

**DIRECTORATE OF SECONDARY EDUCATION, ODISHA**
6th Floor, Heads of Departments Building, Unit-V, Bhubaneswar-751001
E-mail : dseorissaedn@yahoo.com

**RFP : CORRIGENDUM NOTICE**

Notice No. 35956 Date : 24.11.2018

No.58-N: With reference to the Publication of RFP No. 32532 and No. 32533 on 03.11.2018, the Version-II of the RFPS have been released and made available on the website i.e. **http://opepa.odisha.gov.in/ & http://sme.odisha.gov.in**

**Sd./- Director**
**Secondary Education, Odisha**

11024/11/0008/1819

**BUS-STAND LAXMI PUJA COMMITTEE, ANGUL**

**FUNNY LUCKY DRAW ON 23.11.2018 AT 8 PM**

**1ST PRIZE - O-12771** **2ND PRIZE - D-02083**
**3RD PRIZE - F-12882** **4TH PRIZE - I-11093**

**CONSOLATION PRIZE**
**A-10815, B-04978, C-05902, D-12326, E-02113, F-00889, G-10925, H-12324, I-03919, J-05558, K-14553, L-12459, M-15052, N-13388, O-14012.**

**Sd./- Secretary, Bus-Stand Laxmi Puja Committee, Angul**

# ଓଡ଼ିଆ ଖେଳାଳି ପ୍ରମୋଦଙ୍କୁ ଦୁଇ ପଦକ

**କଟକ ଅଫିସ, ୨୫।୧୧**

ଅଷ୍ଟ୍ରେଲିଆର ଭିକ୍ଟୋରିଆ ସହରରେ ଚାଲିଥିବା ଅଷ୍ଟ୍ରେଲିଆ ପାରା ବ୍ୟାଡ୍‌ମିଣ୍ଟନ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରୁଥିବା ଏକମାତ୍ର ଓଡ଼ିଆ ତାରକା ଖେଳାଳି ପ୍ରମୋଦ ଭଗତ ପୁନର୍ବାର ରାଜ୍ୟ ଏବଂ ଦେଶକୁ ଗୌରବାନ୍ୱିତ କରିଛନ୍ତି। ଅଷ୍ଟ୍ରେଲିଆର ଟୁର୍ନାମେଣ୍ଟରେ ସେ ଡବଲ ପଦକ ସଫଳତା ପାଇଛନ୍ତି। ସିଙ୍ଗଲ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ସହ ଡବଲ୍ସ ବିଭାଗରେ ସେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ସିଙ୍ଗଲ୍ସ ବିଭାଗରେ ପ୍ରମୋଦଙ୍କ ପ୍ରତିଦ୍ୱନ୍ଦ୍ୱୀ ଥିଲେ ଇଣ୍ଡୋନେସିଆର ଉକୁନ ରୁକାଣ୍ଡି। ଉକୁନ୍‌ଙ୍କୁ ସେ ୨୧-୧୬, ୨୧-୧୮ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଥିଲେ। ଅନ୍ୟପକ୍ଷରେ ଡବଲ୍ସ ଫାଇନାଲରେ ପ୍ରମୋଦ ଓ ଅନ୍ୟତମ ଖେଳାଳି ସୁକାନ୍ତ କଦମଙ୍କ ଯୋଡ଼ି ଇଣ୍ଡୋନେସିଆର ଫେଡ୍ରି ସତ୍ୟବାନ-ଡୁୟୋକୋଙ୍କ ଠାରୁ ପରାସ୍ତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ପ୍ରମୋଦଙ୍କ ଘର ବରଗଡ଼ ଅତାବିରା ଅଞ୍ଚଳରେ। ପିତା ସ୍ୱର୍ଗତ କୈଳାସ ଚନ୍ଦ୍ର ଭଗତ ଓ ମା' କୁସୁମ ଦେବୀଙ୍କ ପୁଅ ପ୍ରମୋଦ ପାରା ବ୍ୟାଡ୍‌ମିଣ୍ଟନ କ୍ରୀଡ଼ା ବିଶ୍ୱ ର୍‍ୟାଙ୍କିଙ୍ଗରେ ନମ୍ବର ୱାନ ସ୍ଥାନରେ ଅଛନ୍ତି। ସେ ଗତ କିଛି ବର୍ଷ ହେବ ଭାରତୀୟ ପାରା ବ୍ୟାଡ୍‌ମିଣ୍ଟନ ଦଳରେ ନିୟମିତ ଖେଳାଳି ଭାବେ ଏସଏଲ-୩ (ଷ୍ଟାଣ୍ଡିଂ ଲେୟାର-୩) ବର୍ଗରେ ପ୍ରତିନିଧିତ୍ୱ କରିଆସୁଛନ୍ତି। ଓଡ଼ିଶା ପାରା ବ୍ୟାଡମିଣ୍ଟନ ସଂଘ ପକ୍ଷରୁ ପ୍ରମୋଦଙ୍କୁ ଶୁଭେଚ୍ଛା ଜଣାଯାଇଛି ।




ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ଗହଣରେ ଆତ୍ମରକ୍ଷା ପ୍ରଶିକ୍ଷଣ ନେଉଥିବା ଛାତ୍ରୀମାନେ।

# ମାଷ୍ଟର ଟ୍ରେନର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଭୁବନେଶ୍ୱର, ୨୫।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ତରଫରୁ ମାଷ୍ଟର ଟ୍ରେନର ପ୍ରଶିକ୍ଷଣ ଶିବିର ରବିବାର ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ଉଦ୍‌ଯାପିତ ହୋଇଯାଇଛି। ଏହି ବ୍ୟାଚ୍‌ରେ ୮୬ଜଣ ଛାତ୍ରୀ ଗତ ୧୯ରୁ ଆତ୍ମରକ୍ଷା କୌଶଳ 'ରିଆକ୍ଟ' ପ୍ରଶିକ୍ଷଣ ନେଉଥିଲେ। ଆଗାମୀ ଦିନରେ ଏହି ମାଷ୍ଟର ଟ୍ରେନରମାନେ ଯୁକ୍ତ ୨ ଛାତ୍ରୀମାନଙ୍କୁ ନିଜ ନିଜ କଲେଜରେ ଏହି ଶିକ୍ଷା ପ୍ରଦାନ କରିବେ। ଡ. ହରିପ୍ରସାଦ ପଟ୍ଟନାୟକ ଏବଂ ସ୍କୁଲ ଓ ଗଣଶିକ୍ଷା ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିକ୍ଷା ପ୍ରଦାନ କରାଯାଉଥିଲା।

**OFFICE OF THE SUPERINTENDING ENGINEER**
**BALANGIR (R&B) CIRCLE, BALANGIR**
Email: sepwdbalangir@gmail.com, Phone No.: (06652) 231866

**OFFICE ORDER**

**Bid Identification No. SE (R&B) BGR / 07 / 2018-19**
**Ref id: 2018_EICCL_50055_2**

No. 2337 Date: 17.11.2018

(1)The work at Sl. No. 02 i.e. "Widening and strengthening from double lane to 4-lane standard of Bhawanipatna - Khariar road from 0/00 to 2/00 km in the district of Kalahandi under State Plan (Normal) for the year 2018-19" in above Bid Identification No. is hereby cancelled due to qualification of single response bidder.

**Sd./- Superintending Engineer,**
**Balangir (R&B) Circle, Balangir**

34131/11/0035/18/19

**GOVERNMENT OF ODISHA**
**DEPARTMENT OF TOURISM**

No.11887/TSM, Bhubaneswar Dt.22.11.18
TCT-COOD-MISC-22/2018

**Expression of Interest**
**for operation of Jet Skies, Speed Boats & other water sports equipment at Barkul, Tampara & Gopalpur**

No.24-R: Department of Tourism (DoT), Government of Odisha in its endeavour to optimize the tourism potential of the State envisage to operate water sports facilities in different potential tourist destinations on PPP mode. Department of Tourism has procured / process of procurement boating equipments out of financial assistance from Ministry of Tourism, Govt. of India under Swadesh Darshan Scheme to promote water sports facilities at Barkul on Chilka Lake, Tampara Lake and Gopalpur-on-Sea.

Expression of Interest (EOI) is invited from cruise/ water sports operators / other tourism service providers for O&M on operate, maintain, share & transfer mode. The detail EOI can be downloaded from our website www.odishatourism.gov.in. The last date for submission of proposal is **11.12.2018 upto 4.00 PM**.

**Sd./- Director, Tourism & Spl. Secy. to Govt.**

37001/11/0057/1819

**GOVERNMENT OF ODISHA**
**e-Procurement Notice**
**ANGUL (R&B) DIVISION**
**Bid Identification No. - 35 of 2018 - 19**
e-mail ID: angulrbdivision@yahoo.co.in

No.879-B

1. Number of Works : 3 (Three) numbers of Building works, 2 (Two) number of Road works
2. Approximate estimated cost : Varies from Rs.8.00 lakh to Rs.62.00 lakh
3. Period of completion : Varies from 02 (Two) to 06 (Six) Calendar months
4. Date & Time of availability of bid document in the portal : Dt. 28.11.2018 at 10.00 A.M.
5. Last date / Time for receipt of bid in the portal : Dt. 12.12.2018 up to 5.00 P.M.
6. Date of opening of Bid : Dt. 13.12.2018 at 11.00 A.M.
7. Name and address of the Office Inviting Bid : Executive Engineer, Angul (R&B) Division, Angul
8. The bidders have to participate in ONLINE bidding only.

Further details can be seen from the e-procurement portal **https:/tendersodisha.gov.in**.

**Sd./- Er. S. N. Acharya**
**Executive Engineer,**
**Angul (R&B) Division**

34074/11/0029/1819

**OFFICE OF THE**
**BARIPADA MUNICIPAL COUNCIL, BARIPADA**
Phone:-06792-252703, Fax:-06792-252703
Email:-baripadam.hud@nic.in, Website- www.baripadamunicipality.in

No: 9697 Date: 22.11.2018

**DTCN PART-I (TECHNICAL BID) SECTION-II**
**COMPETITIVE BIDDING THROUGH 'e' Procurement**

No.355-C: The Executive Officer on behalf of Baripada Municipality, Baripada invites percentage rate bids in single cover system in ONLINE MODE only in conformity with Detailed Tender Call Notice (DTCN).

Bid Documents consisting of Work, Estimated Cost, Cost of Tender Paper, EMD and time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.

Tender Reference No: BPDM- 05 of 2018-2019 Tender I.D No :

| Sl. No. | Description | Critical Dates |
|---|---|---|
| 1 | Procurement Officer - Publisher / Tender Inviting Authority / Bids | Executive Officer, Baripada Municipality, Baripada. |
| 2 | Name of the Work | Construction of Civil Work (As per DTCN) |
| 3 | Nos. of Work | As per DTCN |
| 4 | Tendered cost of the works | As per DTCN |
| (i) | Period of availability of tenders on-line for bidding | From Dt. 26.11.2018 (11.00 A.M.) to Dt. 10.12.2018 (5.00 P.M.) |
| (ii) | Last date & time of bidding on-line (Submission of Bids) | Dt. 10.12.2018 (5.00 P.M.) |
| (iii) | Date & time of opening of the Bids received on-line | Dt. 12.12.2018 (11.30 A.M. onwards) |
| (iv) | To be intimated later to the bidder(s) found qualified after evaluation of Technical Bids and Price Bid received on-line. | |

5. Detail Tender Call Notice (DTCN) may also be seen from the Baripada Municipality Website i.e. **www.baripadamunicipality.in**.

Further details can be seen from the procurement portal i.e. **www.tendersorissa.gov.in**.

**Sd./- Executive Officer,**
**Baripada Municipality**

13078/11/0031/1819

**ତହସିଲଦାରଙ୍କ କାର୍ଯ୍ୟାଳୟ, ଓଡ଼ଗାଁ, ଜିଲ୍ଲା-ନୟାଗଡ଼**

**ବିଜ୍ଞାପନ ସଂଖ୍ୟା: ୪୩୯୯** **ତା.୧୯।୧୧।୧୮**

**ଲଘୁ ଖଣିଜ ସମ୍ପଦ ଲିଜ୍ ନିମନ୍ତେ ବିଜ୍ଞାପନ**

**No.75-F:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ଓଡ଼ଗାଁ ତହସିଲ୍ ଅଧୀନସ୍ଥ ନିମ୍ନଲିଖିତ ସୂଚୀ ବର୍ଣ୍ଣିତ ଲଘୁ ଖଣିଜ ଖାଦାନଗୁଡ଼ିକ ୨୦୧୮-୧୯ ଆର୍ଥିକ ବର୍ଷ ଠାରୁ ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ଦୀର୍ଘ ମିଆଦି ସୂତ୍ରେ ଅନ୍ୟୂନ ୫(ପାଞ୍ଚ) ବର୍ଷ ପାଇଁ ଲିଜ୍ ଆକାରରେ ତହସିଲଦାରଙ୍କ ଦ୍ୱାରା ବନ୍ଦୋବସ୍ତ କରାଯିବା ପାଇଁ ସ୍ଥିର କରାଯାଇଅଛି। ଇଚ୍ଛୁକ ବ୍ୟକ୍ତିବିଶେଷ O.M.M.C. (Amendment) Rules-2016, Form-M ପୂରଣ କରି ତିନି କପି ସହ ନିମ୍ନଲିଖିତ ଦଲିଲ/ କାଗଜାତ ସଂଲଗ୍ନ କରି ଜଉମୁଦ ଦିଆ ଲଫାପାରେ ତା.୦୭।୧୨।୨୦୧୮ରିଖ ଅପରାହ୍ଣ ୦୪ ଘଟିକା ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉଦ୍ଦିଷ୍ଟ ଟେଣ୍ଡର ବାକ୍ସରେ ଦାଖଲ କରିବେ। ଉକ୍ତ ଦରଖାସ୍ତଗୁଡ଼ିକୁ ତା୧୦।୧୨।୨୦୧୮ରିଖ ଦିନ ୧୧ ଘଟିକା ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ତନଖି କରାଯିବ। ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ କରାଯାଇ ନଥାଏ ବା ସମସ୍ତ ଦରଖାସ୍ତକାରୀ ଲିଜ୍ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି ତା'ହେଲେ ୨ୟ ଥର ପାଇଁ ତା୨୬।୧୨।୨୦୧୮ରିଖ ଅପରାହ୍ଣ ୦୨ ଘଟିକା ପର୍ଯ୍ୟନ୍ତ ଇଚ୍ଛୁକ ବ୍ୟକ୍ତି ଦରଖାସ୍ତ କରିପାରିବେ ଏବଂ ସେଗୁଡ଼ିକ ଉକ୍ତ ଦିନ ୦୪ ଘଟିକା ସମୟରେ ସମସ୍ତ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ତନଖି କରାଯିବ। ସେହିପରି ଯଦି ୨ୟ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ କରାଯାଇନଥାଏ ବା ସମସ୍ତ ଦରଖାସ୍ତକାରୀ ଲିଜ୍ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି ତା'ହେଲେ ୩ୟ ଥର ପାଇଁ ତା.୧୬।୦୧।୨୦୧୮ ରିଖ ଦିନ ୦୨ ଘଟିକା ପର୍ଯ୍ୟନ୍ତ ଇଚ୍ଛୁକ ବ୍ୟକ୍ତି ଦରଖାସ୍ତ କରିପାରିବେ ଏବଂ ସେଗୁଡ଼ିକ ଉକ୍ତ ଦିନ ୦୪ ଘଟିକା ସମୟରେ ସମସ୍ତ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ତନଖି କରାଯିବ। ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ। ଅସଂପୂର୍ଣ୍ଣ ଦରଖାସ୍ତଗୁଡ଼ିକ ବାତିଲ କରାଯିବ। ପୂର୍ବ ନିଲାମମାନଙ୍କରେ ନିଲାମ ଦେୟ ବକେୟା ରଖିଥିବା ବ୍ୟକ୍ତି ନିଲାମରେ ଅଂଶଗ୍ରହଣ କରିପାରିବେ ନାହିଁ। କର୍ତ୍ତୃପକ୍ଷଙ୍କର କୌଣସି କାରଣ ନ ଦର୍ଶାଇ ନିଲାମ ଖାରଜ କିମ୍ବା ସ୍ଥଗିତ କରିବାର ଅଧିକାର ରହିଛି।

ନିଲାମ ସଂକ୍ରାନ୍ତୀୟ ସବିଶେଷ ବିବରଣୀ ତହସିଲ୍ କାର୍ଯ୍ୟାଳୟ, ଓଡଗାଁ ତଥା ଜିଲ୍ଲାପାଳ, ନୟାଗଡଙ୍କ website: www.Nayagarh.nic.in ରେ ଉପଲବ୍ଧ ଅଟେ।

**24036/11/0001/1819** **ସ୍ୱା./- ତହସିଲଦାର, ଓଡ଼ଗାଁ**

**GOVERNMENT OF ODISHA**
**DEPARTMENT OF WATER RESOURCES,**
**OFFICE OF THE EXECUTIVE ENGINEER,**
**KALAHANDI IRRIGATION DIVISION, BHAWANIPATNA**
e-mail address: - eekldbpt2008@hotmail.com
**e-PROCUREMENT NOTICE No- 04 (KID) / 2018-19**

No.849-A

**PERCENTAGE RATE e-TENDER**

1. The Executive Engineer, Kalahandi Irrigation Division, Bhawanipatna, Dist-Kalahandi, PIN-766001, (Odisha) on behalf of governor of Odisha invites **"PERCENTAGE RATE Bids" IN DOUBLE COVER SYSTEM**, in electronic tendering system for the construction works detailed in the table below.
2.

| | |
|---|---|
| Package No. | BID ID No. 01 (KID) / 2018-19 |
| Name of Work | Improvement to Service Road of R.F.B. of River Tel near village Mankarsoal from RD. 00mtr. to 2700mtr. |
| Approximate value of work | Rs.95.49 Lakhs (Excluding GST) |
| Period of Completion | 03, (Three) calendar Months. |
| Classification of Bidder | 'B' & 'A' class Contractor only |
| Tender documents available on website | Can be downloaded from Website (http://www.tendersodisha.gov.in) |
| Bid documents available Date and Time | 26.11.2018 at11.00Hrs |
| Bid clarification start date & Closing date | 26.11.2018 to 30.11.2018 during office hours |
| On Line Bid submission closing date and time | 10.12.2018 at17.00 Hrs |
| Last date and time of Receipt of relevant document in hard copy | 10.12.2018 during office hours |
| Date, Time and Venue of opening of bid online | 11.12.2018 at 11.30Hrs office of the Executive Engineer, Kalahandi Irrigation Division, Bhawanipatna |
| Date / Time of Opening of Financial Bid | To be intimated after evaluation of Technical Bid |

Further details can be seen from Govt. website. Any addendum / corrigendum / cancellation to the above notice will be published in the Govt. website **www.tendersodisha.gov.in** only.

**Sd./- (P.K.Das)**
**Executive Engineer,**
**Kalahandi Irrigation Division, Bhawanipatna**

32007/11/0006/1819

# GOVERNMENT OF ODISHA
## DEPARTMENT OF HIGHER EDUCATION

**ACTIVATION OF MEDHABRUTI PORTAL FOR ONLINE VALIDATION OF FRESH "E-MEDHABRUTI" APPLICATIONS PERTAINING TO THE YEAR 2016-17 & 2017-18 IN RESPECT OF TECHNICAL & PROFESSIONAL MERIT ONLY**

**No.N:-** It is hereby informed to all Principals / Heads of Technical and Professional Colleges/ Institutions in the State of Odisha and outside Odisha that there are certain un-validated data of students who have applied for e-medhabruti for the year 2016-17 and 2017-18 under the above Fresh category and due to non-validation by the concerned authorities of the Colleges, Institutions etc. some students are deprived of getting scholarship for whole duration of the course.

Now, Government have been pleased to activate the window for online validation of un-validated date of students pertaining to the year 2016-17 & 2017-18 who are continuing in the study as per the guidelines of the concerned years as a one-time measure.

The Principal's validation window for 2016-17 (Fresh) & 2017-18 (Fresh) shall remain open from 26.11.2018 to 26.12.2018.

All Principals/ Heads of Technical and Professional Colleges/ Institutions in the State of Odisha and outside Odisha are hereby advised to validate the records of students within the above stipulated period. Otherwise, they will be personally held responsible in case they failed to validate the student records following which the student looses out the scholarship benefits. Further, it is requested to ensure disposal of all left out online applications displayed in their log in either by validating the eligible applicants or by rejecting the ineligible applicants mentioning the reason thereof in the appropriate column.

In case of any problem faced by the Institutes at the time of online validation, they may take the help of Sanjog Helpline (Toll Free) No. 155335 / 18003456770/ 0674-2396550 or e-mail on emedhabruti1819@gmail.com.

**Sd./-**
**Additional Secretary to Government**

11001/11/0049/1819



ଈଶ୍ୱର ଯାହାକୁ ରକ୍ଷା କରନ୍ତି, ପୃଥିବୀର କୌଣସି ଶକ୍ତି ତା'ର କିଛି କରିପାରେ ନାହିଁ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ମହିଳାଙ୍କ ନିଶାମୁକ୍ତ ଅଭିଯାନ

ରେଙ୍ଗାଲି,୨୫।୧୧(ଡି.ଏନ.ଏ.) ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଘିଚାମୁରା ଗ୍ରାମପଞ୍ଚାୟତ କୁମକାରମା ଗ୍ରାମରେ ନିଶା ନିବାରଣ ଅଭିଯାନ ସହ ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମ କରାଯାଇଛି। ରବିବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଘିଚାମୁରା ପଞ୍ଚାୟତକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ପାଇଁ ମହିଳାମାନେ ସଜବାଜ ହୋଇଛନ୍ତି। ଏହି ପରିପେକ୍ଷୀରେ ଏକ ଶୋଭାଯାତ୍ରା ଏବଂ ପଥପ୍ରାନ୍ତ ସଭା ହୋଇଥିଲା। ଘିଚାମୁରା ସରପଞ୍ଚ ଅନ୍ନପୂର୍ଣ୍ଣା ସାହୁ, ନାଏବ ସରପଞ୍ଚ ଚନ୍ଦ୍ରଶେଖର କିଶାନ, ଜଗଦୀଶ ସାହୁ, ସବିତା କିଶାନ, ହେମନ୍ତି ମକର, ମୀନା ବରିହା, ବିଜୁ ଯୁବ ବାହିନୀ, ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ସାମିଲ ହୋଇଥିଲେ।

### ବଡ଼ମାଲ ଚର୍ଚ୍ଚରେ ଖ୍ରୀଷ୍ଟରାଜା ପର୍ବ ପାଳିତ

ନାକଟିଦେଉଳ,୨୫।୧୧(ଡି.ଏନ.ଏ) ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଘୋଷରାମାଳ ଗ୍ରାମ ପଞ୍ଚାୟତ ବଡ଼ମାଲ ଗ୍ରାମସ୍ଥିତ ସେଣ୍ଟଆଣ୍ଟୋନୀ ଚର୍ଚ୍ଚ ପାରିସ ପକ୍ଷରୁ ରବିବାର ଖ୍ରୀଷ୍ଟରାଜା ପର୍ବ ପାଳିତ ହୋଇଯାଇଛି। ଫାଦର ଯୁଗଳ କିଶୋର ହରୋଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡି ଜିଲା ସଭାପତି ପ୍ରମୋଦ କୁମାର ରଥ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ରାଉଳ, ନାକଟିଦେଉଳ ବିଡିଓ ମେଥୋଡିୟସ ଲାକ୍ରା, ଥାନା ଅଧିକାରୀ ବିନୋଦ ଲାକ୍ରା, ତହସିଲଦାର ସମୀର କୁମାର ବିଲୁଙ୍ଗ, ବ୍ଲକ ବିଜେଡି ସଭାପତି ମୂଳିଆ ରାଉଳ, ଘୋଷରାମାଳ ସରପଞ୍ଚ ଅମ୍ରିତ ପାନ୍ନା, ସାହେବୀର ପୂର୍ବତନ ସରପଞ୍ଚ ରାମପ୍ରସାଦ ସାହୁ, ସମାଜସେବୀ ବେନେଦିକ ଲାକ୍ରା, ମୁନା ରାଉଳ, ନିମାସ ଲାକ୍ରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାଇଭଉଣୀମାନଙ୍କୁ ଏକତା, ଭାଇଚାରା ଓ ସାଂସ୍କୃତିକ ପରମ୍ପରା ବଜାୟ ରଖିବାକୁ କହିଥିଲେ। ଏହି ଅବସରରେ ଆୟୋଜିତ ନୃତ୍ୟ ପ୍ରତିଯୋଗିତାରେ ବଡ଼ମାଲ ପ୍ରଥମ, ପାଣ୍ଡରିଶୀଳା (କ) ଦ୍ୱିତୀୟ ଓ ପାଣ୍ଡରିଶୀଳା ତୃତୀୟ ସ୍ଥାନ ଅଧିକାର କରି ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ବଡ଼ମାଲ ପାରିସ ଅନ୍ତର୍ଗତ ବଡ଼ମାଲ, ପାଣ୍ଡରିଶିଳା, ପିଛୁଲାମାଲ, ଖାଟକିମାଲ, ଚରଡ଼ପଶି, କଣ୍ଢେଲ, ବଳମ, ମୁଟୁରୁମୁଣ୍ଡା, ଡାଙ୍ଗଟେକା, ସାହାଜବାହାଲ, ନୂଆଗାଁ, ଶଙ୍ଖଭାଙ୍ଗୁଣି, କୁଟାସିଙ୍ଗା, କଦଳୀଗଡ଼, ରେଢ଼ାଖୋଲ ଏବଂ ବାହାଲଝରଣ ଆଦି ମଣ୍ଡଳୀର ଶତାଧିକ ଜନସାଧାରଣ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ।

### ଜାମୁଯୋରୀରେ କୃଷକ ସମ୍ପର୍କ ମେଳା

ନାକଟିଦେଉଳ,୨୫।୧୧(ଡି.ଏନ.ଏ.) ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଜାମୁଯୋରୀ ଗ୍ରାମରେ ରବିବାର କୃଷି ବିଭାଗ ପକ୍ଷରୁ ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା ଆୟୋଜିତ ହୋଇଯାଇଛି। ବ୍ଲକର ସହକାରୀ କୃଷି ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରେଢ଼ାଖୋଲ ବିଧାୟକ ତଥା ସରକାରୀ ଦଳର ଉପମୁଖ୍ୟ ସଚେତକ ଇଂ. ରୋହିତ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୃଷକ ଏବଂ ବିଭାଗୀୟ ଅଧିକାରୀମାନେ ସମନ୍ୱୟ ରକ୍ଷା କରି ଚାଷର ଉନ୍ନତି ଦିଗରେ କାର୍ଯ୍ୟ କରିବାକୁ ଗୁରୁତ୍ୱାରୋପ କରିଥିଲେ। କୃଷକ କଲ୍ୟାଣକାରୀ ଯୋଜନାଗୁଡ଼ିକ ସମ୍ପର୍କରେ ଚାଷୀମାନେ ଅବଗତ ହେବା ନିହାତି ଜରୁରୀ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ରାଉଳ, ସମ୍ବଲପୁରର ଉପକୃଷି ନିର୍ଦ୍ଦେଶକ ଖଗେନ୍ଦ୍ର ନାଥ ଜେନା, ରେଢ଼ାଖୋଲ ବ୍ଲକର କୃଷି ଅଧିକାରୀ ଦୁଃଶାସନ ପ୍ରହରାଜ, ବ୍ଲକ ବିଜେଡି ସଭାପତି ମୂଳିଆ ରାଉଳ, ଜାମୁଯୋରୀ ଗ୍ରାମ ପଞ୍ଚାୟତର ସରପଞ୍ଚ ଅଜିତ ପ୍ରଧାନ, ପୂର୍ବତନ ସରପଞ୍ଚ ହରିହର ପ୍ରଧାନ, ଉଦ୍ୟାନ ବିଭାଗ ଅଧିକାରୀ ଜିଲା ମତ୍ସ୍ୟ ଅଧିକାରୀ ପ୍ରଶନ୍ନ ପଟ୍ଟନାୟକ, ପଶୁ ସମ୍ପଦ ବିଭାଗର ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଶେଷରେ ସମିତି ସଭ୍ୟ ସାଗର ସାହୁ ଧନ୍ୟବାଦ ଦେଇଥିଲେ। ବ୍ଲକର କୃଷି ଅଧିଦର୍ଶକ ନାରାୟଣ ମାଝୀ, ଦୟାନିଧି ବେହେରା, ଜିତେନ୍ଦ୍ର କୁମାର ଦେବତା, ନାରାୟଣ ଶତପଥି ଏବଂ ଜ୍ୟୋତ୍ସ୍ନାରାଣୀ ପ୍ରଧାନ ପ୍ରମୁଖ ମେଳା ପରିଚାଳନା କରିଥିଲେ।

# ରନ୍ ଫର୍ ହକି, ୫ କିମି ଗଣଦୌଡ଼





ରବିବାର ସମ୍ବଲପୁର ପିଏଚଡି ପଡ଼ିଆରେ ଅତିଥିଙ୍କ ସହ ପୁରସ୍କୃତ କୃତୀମାନେ । ଗଣଦୌଡ଼ରେ ଶ୍ରେଷ୍ଠ ସ୍ଥାନ ହାସଲ କରିଥିବା କୈଳାଶ କୁମ୍ବାର (ପୁରୁଷ) ଓ ରାଜକୁମାରୀ ଏକ୍କା (ମହିଳା) ପଦକ ସହ ।

ସମ୍ବଲପୁର,୨୫।୧୧(ବ୍ୟୁରୋ)

କଳିଙ୍ଗ ଷ୍ଟାଡ଼ିୟମରେ ପୁରୁଷ ବିଶ୍ୱ କପ୍ ହକି ଟୁର୍ନାମେଣ୍ଟ ଚଳିତମାସ ୨୯ ତାରିଖରୁ ଆରମ୍ଭ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ବିଭିନ୍ନ ଦେଶର ଖେଳାଳିମାନେ ଭୁବନେଶ୍ୱରରେ ଆସି ପହଞ୍ଚିଛନ୍ତି। ଏହାକୁ ଦୃଷ୍ଟିରେ ରଖି ପ୍ରଚାରପ୍ରସାର ଜୋର୍‌ଦାର୍ ହୋଇଛି। ରବିବାର ରାଜ୍ୟ ସାରା ରନ ଫର୍ ହକି କାର୍ଯ୍ୟକ୍ରମ କରାଯାଇଛି। ଏହି କ୍ରମରେ ସମ୍ବଲପୁର ଜିଲା ପ୍ରଶାସନ, କ୍ରୀଡ଼ା ଓ ଯୁବ ବ୍ୟାପାର ପକ୍ଷରୁ ୫ କିମି ଗଣଦୌଡ଼ ହୋଇଥିଲା। ଏଥିରେ ସହରର ବିଭିନ୍ନ ଅଞ୍ଚଳରୁ ୧୦ ବର୍ଷରୁ ଉର୍ଦ୍ଧ୍ୱ ୪ହଜାର ବାଳିକା ବାଳକ, ମହିଳା ଓ ପୁରୁଷ ଭାଗ ନେଇଥିଲେ। ମହିଳା ବର୍ଗରେ ରାଜକୁମାର ଏକ୍କା, ଜୟନ୍ତି ସେଠ, ମିନିକ୍ଷୀ ସ୍ମୃତି ମିଞ୍ଜ୍ ଏବଂ ପୁରୁଷ ବର୍ଗରେ କୈଳାଶ କୁମ୍ବାର, ସୁଧାଂଶୁ ନାୟକ ଓ ବାଳକୃଷ୍ଣ ଓରାମ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କୃତୀ ପ୍ରତିଯୋଗୀମାନଙ୍କୁ ସ୍ୱର୍ଣ୍ଣ, ରୌପ୍ୟ, କାଂସ୍ୟ ପଦକ ସହ ୧୦, ୭ ଓ ୫ହଜାର ଟଙ୍କା ଅର୍ଥ ରାଶି ପୁରସ୍କୃତ କରାଯାଇଛି। ଏତଦ୍‌ବ୍ୟତୀତ ଉଭୟ ବର୍ଗରୁ ୨୦ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଦିଆଯାଇଛି।

ସମଲେଶ୍ୱରୀ ମନ୍ଦିର ଛକରୁ ଗଣଦୌଡ଼ ଆରମ୍ଭ ହୋଇଥିଲା। ରିଂ-ରୋଡ, ବାଲିବନ୍ଧା, କୁଞ୍ଜେଲପଡ଼ା, ମୁଦିପଡ଼ା ଛକ, ହସ୍ପିଟାଲ ରୋଡ, ଗଙ୍ଗାଧର ମେହେର କଲେଜ ଛକ, ଫାଟକ, ବୁଢ଼ାରଜା, ଅଇଁଠାପାଲି ତଳି ଛକ ଦେଇ ପିଏଚଡି ପଡ଼ିଆଠାରେ ପହଞ୍ଚିଥିଲା। ଜିଲାପାଳ ସମର୍ଥ ବର୍ମାଙ୍କ ପରିଚାଳନାରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଏମ୍‌ପି ନଗେନ୍ଦ୍ର ପ୍ରଧାନ, ଉତ୍ତରାଞ୍ଚଳ ପୋଲିସ ଡିଆଇଜି ସତ୍ୟବ୍ରତ ଭୋଇ, ଏସ୍‌ପି ସଞ୍ଜୀବ ଅରୋରା, ଡିଏଫଓ ଡ. ସଞ୍ଜିତ କୁମାର, ପିଡିଡିଆରଡିଏ ସୁକାନ୍ତ ତ୍ରିପାଠୀ, ସିଡିଏମଓ ଡା. କଲ୍ୟାଣ କୁମାର ଗୁପ୍ତା, ଉପଜିଲାପାଳ ପ୍ରଦୀପ କୁମାର ସାହୁ, ମହାନଗର ନିଗମ କମିଶନର ଜ୍ଞାନରଞ୍ଜନ ଭଞ୍ଜଦେଓ, ଡେପୁଟି କମିଶନର ସୁଧାଂଶୁ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସସ୍ମିତା ପଟ୍ଟନାୟକ ଏହାକୁ ସଂଯୋଜନା କରିଥିଲେ। ସମ୍ବଲପୁର କଳା ପରିଷଦର କଳାକାରମାନେ ସଙ୍ଗୀତ ପରିବେଷଣ କରିଥିଲେ। ତ୍ରିଲୋଚନ ତ୍ରିପାଠୀ, ବିଭୂତି ଭୂଷଣ ପଟ୍ଟନାୟକ, ଅନଙ୍ଗ ସାଏଦେଓ, ରାଜକୁମାର ଜାଲ, ସୁଶ୍ରୀତା ପାଣିଗ୍ରାହୀଙ୍କ ସୁଲଳିତ କଣ୍ଠ ସ୍ୱରରେ ଝଙ୍କୃତ ହୋଇଥିଲା ଉତ୍ସବ ପରିସର। ଅତିଥିମାନେ ବିଶ୍ୱ କପ୍ ହକି ବାର୍ତ୍ତା ଦେବା ସହ 'ପଲିଥିନମୁକ୍ତ ସମ୍ବଲପୁର'ର ଆହ୍ୱାନ ଦେଇଥିଲେ।







ଗଣଦୌଡରେ ଆୟୋଜିତ ସଙ୍ଗୀତ କାର୍ଯ୍ୟକ୍ରମରେ ସୁଶ୍ରୀତା ପାଣିଗ୍ରାହୀ ଓ ତ୍ରିଲୋଚନ ତ୍ରିପାଠୀ ସଙ୍ଗୀତ ପରିବେଷଣ କରୁଛନ୍ତି (ବାମ)। ଭାଗନେଇଥିବା ପ୍ରତିଯୋଗୀମାନେ।

- ଭାଗନେଲେ ୪ହଜାର ପ୍ରତିଯୋଗୀ
- ମହିଳାରେ ରାଜକୁମାରୀ ଏକ୍କା, ପୁରୁଷରେ କୈଳାସ କୁମ୍ବାର ପ୍ରଥମ

## ସଗରା ପଞ୍ଚାୟତରେ ନିଶାମୁକ୍ତ ଅଭିଯାନ



ମହିଳାଙ୍କ ସଚେତନତା ଶୋଭାଯାତ୍ରା।

ବାମରା,୨୫।୧୧(ସ୍ୱ.ପ୍ର.) ସମ୍ବଲପୁର ଜିଲା ବାମରା ବ୍ଲକ ସଗରା ଗ୍ରାମପଞ୍ଚାୟତକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବାକୁ ଅଭିଯାନ ଆରମ୍ଭ ହୋଇଛି। ଏ ନେଇ ମହିଳାମାନେ ରବିବାର ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ପଞ୍ଚାୟତର ୨୬ ସ୍ୱୟଂ ସହାୟକ ଦଳର ସଦସ୍ୟଙ୍କ ସମେତ ପ୍ରାୟ ୪ଶହରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଏଥିରେ ସାମିଲ୍ ହୋଇଥିଲେ। ଗ୍ରାମର ପୁଷ୍ପଲତା ପଟେଲ ଏହାର ନେତୃତ୍ୱ ନେଇଥିଲେ। ପ୍ରମିତା ଲାକ୍ରା, ପ୍ରମିଳା ନାଏକ, ଉର୍ମିଳା ଏକ୍କା, ତୁଳସୀ ନାଏକ, ଗୀତା ବୁଡା, ନମିତା କୁମୁରା ପ୍ରମୁଖ ସହଯୋଗ କରିଥିଲେ। ପଞ୍ଚାୟତ କାର୍ଯ୍ୟାଳୟଠାରୁ ଶୋଭାଯାତ୍ରା ବାହାରିଥିଲା। ଓରାମପଡ଼ା, ଖ୍ରୀଷ୍ଟାନପଡ଼ା, ତୁରିପଡ଼ା, ଖଜୁରିମୁଣ୍ଡା, ମୁଣ୍ଡାଡ଼ିପା, ଧୁବାପଡ଼ା ଓ ସଗରା ବସ୍ତିର ଲୋକଙ୍କୁ ବେଆଇନ ମଦ ବିକ୍ରି ବନ୍ଦ କରିବାରେ ସହଯୋଗର ହାତ ବଢ଼ାଇବାକୁ ଅନୁରୋଧ କରାଯାଇଥିଲା। ପରେ ସଗରା ଦୁର୍ଗା ମଣ୍ଡପଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ସରପଞ୍ଚ ଦିଗାମ୍ବର ନାଏକ, ସମିତି ସଭ୍ୟା ବିଣାପାଣୀ ନାଏକ, ପ୍ରଫୁଲ୍ଲ ପଟେଲ, ଉଦୟନାଥ ନାଏକ, ଉମେଶ ଚନ୍ଦ୍ର ନାଏକ, କପୁର ସାହୁ ଓ ରଶ୍ମିରେଖା ସାହୁ ଉପସ୍ଥିତ ରହିଥିଲେ।

### ୟୁଏଇରେ ଷଷ୍ଠ ସଂସ୍କରଣ ଓଡ଼ିଶା କପ୍ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ

## ୧୦ ପ୍ରବାସୀ ଦଳ ସାମିଲ, ୧୪ରେ ଫାଇନାଲ

ସମ୍ବଲପୁର,୨୫।୧୧(ବ୍ୟୁରୋ)

ୟୁନାଇଟେଡ଼ ଆରବ ଏମିରେଟ୍ସଠାରେ ପ୍ରବାସୀ ଓଡ଼ିଆଙ୍କ ପକ୍ଷରୁ ଓଡ଼ିଶା କପ୍ କ୍ରିକେଟ ଟୁର୍ନାମେଣ୍ଟର ଷଷ୍ଠ ସଂସ୍କରଣ ଆରମ୍ଭ ହୋଇଛି। ଏଥିରେ ଜଗନ୍ନାଥ ସେବା ସଂଘ, କଳିଙ୍ଗ ବୀର, କଳିଙ୍ଗ ୱାରିଅର, ଓଡ଼ିଶା ବ୍ଲାଷ୍ଟର୍ସ, ଓଡ଼ିଶା କ୍ରିକେଟ କ୍ଲବ, ଆବୁଧାବି ଓଡ଼ିଆ ସମାଜ, ଉତ୍କଳ ଚ୍ୟାଲେଞ୍ଜର, ଉତ୍କଳ ରାଇଜିଂ ଷ୍ଟାର, ଫୁଜାରିଆ ଓଡ଼ିଆ ଆସୋସିଏଶନ, ଷ୍ଟାର ଏକାଦଶ ଓଡ଼ିଶା ଆଦି ୧୦ ଦଳର ଖେଳାଳିମାନେ ଭାଗ ନେଇଛନ୍ତି। ଆଇପିଏଲ ଢ଼ାଞ୍ଚାରେ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଆସନ୍ତା ଡିସେମ୍ବର ୧୪ ତାରିଖରେ ହେବ। ସେଥିରେ ଆନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ଓଡ଼ିଆ କ୍ରିକେଟ ଖେଳାଳି ଓ ସିନେ ତାରକା ଯୋଗଦେବେ ବୋଲି ପ୍ରତିଷ୍ଠାତା ନିର୍ଲିପ୍ତ ମହାନ୍ତି ସୂଚନା ଦେଇଛନ୍ତି। ଏମିରେଟ୍ସରେ ରହୁଥିବା ପ୍ରବାସୀ ଓଡ଼ିଆମାନଙ୍କ ମଧ୍ୟରେ ସୁସମ୍ପର୍କ ଓ ଭାତୃତ୍ୱଭାବ ବଜାୟ ରଖିବା ସହ ସେଠାକାର ଓଡ଼ିଆ କ୍ରିକେଟ ଖେଳାଳିଙ୍କ ପାଇଁ କ୍ରୀଡ଼ା ସୁଯୋଗ ସୃଷ୍ଟି କରିବା ପାଇଁ ଏହି ଟୁର୍ନାମେଣ୍ଟର ପରିକଳ୍ପନା ସ୍ୱାଗତଯୋଗ୍ୟ ବୋଲି ୱିପ୍ରୋ ମଧ୍ୟପ୍ରାଚ୍ୟର ଜିଏମ ପ୍ରିୟଦର୍ଶୀ ପାଣିଗ୍ରାହୀ କହିଛନ୍ତି।



ୟୁନାଇଟେଡ଼ ଆରବ ଏମିରେଟସ୍‌ଠାରେ ପ୍ରବାସୀ ଓଡିଆ ପକ୍ଷରୁ ଓଡ଼ିଶା କପ୍ କ୍ରିକେଟ ଟୁର୍ନାମେଣ୍ଟର ଷଷ୍ଠ ସଂସ୍କରଣର ଅଧିନାୟକମାନେ ।

## ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ କୁଇଜ ପ୍ରତିଯୋଗିତା

ରେଙ୍ଗାଲି,୨୫।୧୧(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲିସ୍ଥିତ ନୂଆ ରମ୍ଭେଲା ନୋଡ଼ାଲ ଉଚ୍ଚ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରେଙ୍ଗାଲି ବ୍ଲକର ସପ୍ତମରୁ ଦଶମ ଶ୍ରେଣୀର ପ୍ରାୟ ୧୦୭ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୁଇଜରେ ନୂଆ ରମ୍ଭେଲା ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ଲୋପାମୁଦ୍ରା ପୋମ ପ୍ରଥମ, ଶିଶୁ ନାଗ ଦ୍ୱିତୀୟ, ମିନତୀ ସୁନନୀ ତୃତୀୟ ସ୍ଥାନ ଅଧିକାର କରି ଡିସେମ୍ବର ୨ରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୧ ହଜାର, ୭ଶହ ଓ ୫ଶହ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି।

## ଭିମ୍‌ସାରରେ ଡାକ୍ତରଙ୍କ ଆନ୍ଦୋଳନକୁ ବିରୋଧ, କାର୍ଯ୍ୟାନୁଷ୍ଠାନ ଦାବି

### ହୀରାଖଣ୍ଡ ପଶ୍ଚିମ ଓଡ଼ିଶା ପୂର୍ବତନ ସୈନିକ ସଂଘର ବିକ୍ଷୋଭ

ସମ୍ବଲପୁର,୨୫।୧୧(ବ୍ୟୁରୋ) ଭୀମସାର ନିର୍ଦ୍ଦେଶକ ପ୍ରଫେସର ଅଶ୍ୱିନୀ ପୁଜାରୀ ଓ ଡାକ୍ତରଙ୍କ ମଧ୍ୟରେ ମତାନ୍ତରକୁ ନେଇ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ନିର୍ଦ୍ଦେଶକଙ୍କୁ ବହିଷ୍କାର ଦାବିରେ ଜୁନିୟର ଡାକ୍ତରମାନେ ରୋଗୀସେବା ଛାଡି ଆନ୍ଦୋଳନ ଚଳାଇଛନ୍ତି। ଫଳରେ ରୋଗୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆପୋସ ବୁଝାମଣା ପାଇଁ ପ୍ରଶାସନିକସ୍ତରରେ ଉଦ୍ୟମ ହୋଇଥିଲେ ମଧ୍ୟ ବିବାଦ ଟଳି ନାହିଁ। ଡାକ୍ତରମାନେ ସେମାନଙ୍କ ଜିଦ୍‌ରେ ଅଟଳ ରହିଛନ୍ତି। ଫଳରେ ଅସ୍ୱାଭାବିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଡାକ୍ତରମାନଙ୍କ ଅସହଯୋଗକୁ ପ୍ରତିବାଦ କରି ଭୀମସାର ନିର୍ଦ୍ଦେଶକଙ୍କ ସପକ୍ଷରେ ହୀରାଖଣ୍ଡ ପଶ୍ଚିମ ଓଡ଼ିଶା ପୂର୍ବତନ ସୈନିକ ସଂଘ ରବିବାର ପୂର୍ବାହ୍ନ ସାଢ଼େ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ପ୍ରତିକାତ୍ମକ ବିକ୍ଷୋଭ କରିଛନ୍ତି। ସେମାନେ ଜିଲା ସ୍କୁଲ ଛକସ୍ଥିତ ଡା. ଏପିଜେ ଅବଦୁଲ କଲାମ୍‌ଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଜୁନିୟର ଡାକ୍ତରଙ୍କ ଆନ୍ଦୋଳନକୁ ବିରୋଧ କରିଥିଲେ। ରୋଗୀସେବା ବ୍ୟାହତ ପାଇଁ ସେମାନଙ୍କୁ ଦାୟୀ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। କର୍ଣ୍ଣେଲ ପ୍ରଭାତ କୁମାର ପଣ୍ଡା, ସଂଘ ସଭାପତି ରଞ୍ଜନ ତ୍ରିପାଠୀ, ସାଧାରଣ ସମ୍ପାଦକ ସୁବୋଧ ପାଣିଗ୍ରାହୀ, ସଭ୍ୟ ଶିବନାରାୟଣ ବେହେରା, ହୃଷିକେଶ ପାଢ଼ୀ, ଦେବେନ୍ଦ୍ର ହୋତା, ଦେବିପ୍ରସାଦ ନାଥ ପ୍ରମୁଖ ବିକ୍ଷୋଭରେ ସାମିଲ୍ ହୋଇଥିଲେ।



ରବିବାର ସମ୍ବଲପୁର ଜିଲା ସ୍କୁଲ ଛକ ସ୍ଥିତ ଡା. ଏପିଜେ ଅବଦୁଲ କଲାମ୍‌ଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ପୂର୍ବତନ ସୈନିକ ସଂଘ ପକ୍ଷରୁ ବିକ୍ଷୋଭ କରାଯାଉଛି।

### ବିଶ୍ୱକପ୍ ହକି ପାଇଁ ମାରାଥନ ଦୌଡ଼

ଟିପିଲିମା,୨୫।୧୧(ଡି.ଏନ.ଏ.) ବିଶ୍ୱକପ୍ ହକିର ପ୍ରଚାର ପ୍ରସାର ଜୋର୍‌ଦାର ହୋଇଥିବାବେଳେ ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଧନକଉଡ଼ା ବ୍ଲକସ୍ଥିତ କର୍ଡୋଲା ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ଏକ ମାରାଥନ ଦୌଡ଼ ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ ବାହିନୀ ସଭାପତି ସୁବ୍ରତ ମେହେରଙ୍କ ନେତୃତ୍ୱରେ ଏହା ଆୟୋଜିତ ହୋଇଥିଲା। କର୍ଡୋଲା ଗ୍ରାମରୁ ଟିପିଲିମା ୩ କିମି ଗଣଦୌଡ଼ରେ ଯୁବବାହିନୀର ଶତାଧିକ ଯୁବକ ସାମିଲ ହୋଇଥିଲେ। ଏଥିସହ ଏକ ଦସ୍ତଖତ ଅଭିଯାନ ମଧ୍ୟ ହୋଇଥିଲା। କର୍ଡୋଲା ପୂର୍ବତନ ସରପଞ୍ଚ ଗୋରେଖ ରାଉତ ମୁଖ୍ୟ ଅତିଥି, କର୍ଡୋଲା ଆଥଲେଟିକ୍ ଆସୋସିଏଶନ ସଭାପତି ଲୋକନାଥ ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ମୁକେଶ ଭୋସାଗର, କୋଷାଧ୍ୟକ୍ଷ ଅଲେଖ ରାଉତ, ସଦସ୍ୟ ପ୍ରକାଶ ଥପା, ଚରଣ ମେହେର, ରଞ୍ଜିତ ଖଡ଼ିଆ, ବୃନ୍ଦାବନ ସେଟ, ପ୍ରେମାନନ୍ଦ ସେଟ, ଡୋଲାମଣୀ ମେହେର ପ୍ରମୁଖ ସହଯୋଗ କରିଥିଲେ। ମାରାଥନରେ ଶ୍ରେଷ୍ଠ ୩ଜଣଙ୍କୁ ଟ୍ରଫି ପୁରସ୍କୃତ କରାଯାଇଥିଲା।



ମିତବ୍ୟୟିତା ମନୁଷ୍ୟର ଏକ ମହତ ଗୁଣ, ଏହା ମନୁଷ୍ୟକୁ ସତ୍ୟବାଦୀ ଓ ନିର୍ଭୀକ ହେବା ନିମନ୍ତେ ବରାବର ସାହାଯ୍ୟ କରିଥାଏ।

–ଇନ୍ଦିରା ଗାନ୍ଧୀ

## ସଂକ୍ଷେପରେ

### ଜୀବନ ପ୍ରତି ବିପଦ, ଥାନାର ଦ୍ୱାରସ୍ଥ ସରପଞ୍ଚ

ସମ୍ବଲପୁର,୨୫।୧୧(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ବୀରସିଂଗଡ଼ ପଞ୍ଚାୟତ ସରପଞ୍ଚ ରିଙ୍କାରାଣୀ ବେହେରା ତାଙ୍କ ଜୀବନ ପ୍ରତି ବିପଦ ଥିବା ଥାନାରେ ଅଭିଯୋଗ କରିଛନ୍ତି। ଅଞ୍ଚଳର ଭରତଚନ୍ଦ୍ର ସାହୁ, ଭଗବାନ ସାହୁ, ଜଗତାନନ୍ଦ ବିଶ୍ୱାଳ, ସାହେବ ବୁଡିଆଙ୍କ ନାମରେ ସେ ଅଭିଯୋଗ କରିଛନ୍ତି । ଅନେକ ସମୟରେ ଏହି ୪ ଯୁବକ ଜାତିଆଣ ଆକ୍ଷେପ କରିବା ସହ ଧମକ ଦେଇ ଆସୁଥିବା ସେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ପୋଲିସ ଏ ନେଇ ଏକ ମାମଲା (ନଂ.୧୬୩/୧୮) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଅନ୍ତର୍ଜାତୀୟ ମହିଳା ହିଂସା ବିରୋଧୀ ଦିବସ

ସମ୍ବଲପୁର,୨୫।୧୧(ବ୍ୟୁରୋ)

ଆନ୍ତର୍ଜାତୀୟ ମହିଳା ହିଂସା ବିରୋଧୀ ଦିବସ ରବିବାର ପାଳିତ ହୋଇଯାଇଛି । ଏହି ଅବସରରେ ସଚେତନ ରାଲି ଓ ଦସ୍ତଖତ ଅଭିଯାନ ହୋଇଥିଲା। ପିଏଚଡି ପଡ଼ିଆଠାରେ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଓ ଜିଲାପାଳ ସମର୍ଥ ବର୍ମା ଦସ୍ତଖତ ଅଭିଯାନର ଶୁଭାରମ୍ଭ କରିଥିଲେ। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟଠାରେ କିରଣମୟୀ ପଣ୍ଡା ସଚେତନତା ଶୋଭାଯାତ୍ରାକୁ ସବୁଜ ପତାକା ଦେଖାଇ ଆରମ୍ଭ କରିଥିଲେ। ଏଥିରେ ଅଙ୍ଗନୱାଡ଼ି କର୍ମୀ, ଆଶା, ଗୃହ କର୍ମୀ, ମହିଳା ଆରୋଗ୍ୟ ସମିତି, ଏଏନଏମ ସାମିଲ ଥିଲେ । ଜିଲା ସଦର ଡାକ୍ତରଖାନା ପରିସରସ୍ଥ ତାଲିମ ଗୃହଠାରେ ସଭା ହୋଇଥିଲା । ଏଥିରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କଲ୍ୟାଣ କୁମାର ଗୁପ୍ତା, ପୋଲିସ ଅଧିକାରୀ ସୁଜାତା ପଣ୍ଡା, ସିଡବ୍ଲୁସି ସଭ୍ୟା ବାଣି ମହାପାତ୍ର, ନିଳାଦ୍ରୀ ପଣ୍ଡା ସମ୍ମାନିତ ଅତିଥି ଥିଲେ । ୱାନ ଷ୍ଟପ୍ ସେଣ୍ଟର ପ୍ରଶାଶିକା ମୌସୁମି ଦୋରା ସୂଚନା ପ୍ରଦାନ କରିଥିଲେ ।

### ଚିକିତ୍ସା ଲାଗି ଟଙ୍କା ବାଧକ୍

## ରୋଗ୍‌ରେ ଶଢୁଛନ୍ ୨୨ ବଛରିଆ ସାଧବ

ମନମୁଣ୍ଡା, ୨୫।୧୧ (ଡି.ଏନ.ଏ)



ରୋଗ୍‌ରେ ପୀଡ଼ିତ୍ ସାଧବ ଭୋଇ।

ଯେନ୍ ବଏସେ ବାପର ସଂଗେ ଖଁଦ୍‌କେ ଖଁଦ୍ ମିଶେଇ ଚାଲ୍‌ବାର କଥା, କମେଇକୁଢ଼େଇ କୁଟୁମ୍ ପୁଷ୍‌ବାର କଥା, ସେ ବଏସେ ସେ ରୋଗ୍‌ରେ କଲ୍‌ବଲ ହେଉଛନ୍। ମନମୁଣ୍ଡା ପଁଚେତ୍ ମହୁଲବାହାଲି ଗାଁର ବିପ୍ର ଭୋଇକଁର ପୁଓ ସାଧବ ଭୋଇ(୨୨)। ସାଂଗ୍‌ସାଥିକର ସଂଗେ ପାଠ୍ ପଢ଼ି ଯାଉଥିଲେ, ବଡ଼ା ହସ୍‌ଖୁସିଥି ତାକର ଦିନ୍ ଗଡ଼ିଯାଉଥିଲା। ମା'ବାପ୍ ବି ସପନ୍ ଦେଖିଥିଲେ ପୁଓ ପାଠ୍ ପଢ଼ି ବଡ଼ ମୁନୁଷ୍ ହେବା, ଚାକ୍‌ରି କରବା, ବୁଢ଼ାବୁଢ଼ୀ କାଲେ ଆମର ସାହାରା ହେବା। ହେଲେ ଦଇବର ଲେଖା ଥିଲା ଭିନେ। ସାଧବ ଯେତେବେଲେ ୯ମ ଶ୍ରେଣୀରେ ପାଠ୍ ପଢୁଥିଲେ ତାହାକୁ ସ୍କାଇନୋ ସେରିବେଲାର ଏଟାସ୍କିଆ(ଏସ୍.ସି.ଏ) ରୋଗ୍ ହେଲା। ଯେନ୍‌ଥିରଲାଗି ତାକର ହାତ୍‌ଗୋଡ଼ ପୋଲିଓ ହେଲା ଲେଖେଁ ବଁକାଟେଁକା ହେଇଗଲା। ସେ ଚଲାବୁଲା, ଗଧାମଖା, ଖୁଆପିଆ କିଛି ନାଇଁ କରିପାରଲେ। ଏନ୍‌ତାଥି ଶେଷେ ତାକର ପାଠ୍‌ପଢ଼ା ବଁଦ୍ ହେଇଗଲା। ଦିନୁଦିନ୍‌କେ ପାଟି ଖନି ମାରଲା, କଥାବାର୍ତା ବି ଠିକ୍‌ରେ କହି ନାଇଁପାରଲେ। ତାକର ସେବା ଯତନ୍‌ରେ ଲାଗିଥିବାର ମା' ବି ପୁଓର ଚିନ୍‌ତାରେ ଘାରି ହେଇ ହେଇ ଆରପାରକେ ଚାଲିଗଲେ। ଏହେଦେ ଘରେ ଖାଲି ବାପା ଆର୍ ବଡ଼ଭାଇ। ବାପା ଆର୍ ଭାଇ କୁଲିମଜୁରି କରି ପରିବାର ଚଲଉଛନ୍। ଦୁଇବେଲା ଖାଏବାର ଲାଗି ଫିଁଦିନ୍ ତାହାକୁ ବାହାଜାଂଗଲ ମାଜ୍‌ବାକେ ପଡୁଛେ। ଏନ୍‌ତାଥି ବାପ୍ ଭାଇ ସାଧବର ଦେଖାଶୁନା ଲାଗି ସମିଆ ନାଇଁପାଏବାର। କାମ୍‌ଧଁଦାରୁ ଫିର୍‌ଲେ ବାପା ପୁଓକେ ଗଧାମଖା, ଝାଡ଼ାଝପଟ, ଖୁଆପିଆ କରଉଛନ୍। ମା' ନାଇଁଥିବାର ଲାଗି ବାପାକେ ରଁଧାବଢ଼ାନୁ ମୂଲ୍ କରି ଘରର ସବୁ କାମ୍ କରବାକେ ପଡୁଛେ। ବଡ଼ା କଷ୍‌ଟେ ସେ ପୁଓକେ ପାସର ମନମୁଣ୍ଡା, ସୁବର୍ଣ୍ଣପୁର ମୁଖିଆ ଡାକ୍‌ତରଖାନାରେ ଚିକିତ୍ସା କରେଇଥିଲେ। ହେଲେ ଇ ରୋଗ୍‌ର ଚିକିତ୍ସା ଇଠାନେ ସମ୍ଭବ୍ ନୁହେ ବଲି ଡାକ୍‌ତର କହେବାର ସଂଗେ ବଡ଼ ଡାକ୍‌ତରଖାନାକେ ନେବାକେ ପରାମଶ୍ ଦେଇଥିଲେ। ଗାଁର କେତେ ସହୃଦୁଦ୍ ଲୁକ୍‌କର ସାହାଯ୍‌ରେ ବିପ୍ର ପୁଓକେ ବୁର୍ଲା ବଡ଼ ଡାକ୍‌ତରଖାନାକେ ନେଇଥିଲେ। ହେଲେ ଟଁକା ପଏସା ଅଭାବୁ ସେଠାନେ ରହି ଚିକିତ୍ସା କରାବାର ସମ୍ଭବ ନାଇଁ ହେଲାରୁ ପୁଓକେ ଧରି ଘରକେ ଫିରିଆଏଲେ। ଏହେଦେ ଟଁକା ପଏସା ଅଭାବୁ ବାପା ବିପ୍ର ଭଗବାନ ଭର୍‌ସାରେ ହାତ୍ ଟେକି ଦେଇଛନ୍ ସତ୍ ହେଲେ ପୁଓର ଚିନ୍‌ତା ତାହାକୁ ସବୁବେଲେ ଘାରୁଛେ। ଇଆଡେ ସାଧବ ସବୁବେଲେ ଖଟେ ପଡ଼ିରହୁଛନ୍ ଆର୍ ନିଜର ସାଂଗ୍‌ସାଥିକୁ ଦେଖି ସବୁବେଲେ ଲହ ଗଡ଼ଉଛନ୍। ଚିକିତ୍ସା ନାଇଁ କରାଗଲେ ଦିନୁଦିନ୍‌କେ ଇ ରୋଗ୍ ଗୋଡ଼ହାତ୍ ପକେଇ ଦେବାର ସଂଗେ ମଗଜ୍‌କେ ବି ଅକାମି କରିଦେବା। ଏନ୍‌ତାଥି ଯଦି ଜିଲା ପର୍‌ଶାସନ, ସରକାରୀ ବେସରକାରୀ ଅନୁଷ୍ଠାନ୍ କି କେହେନ୍‌ସି ସହୃଦୁଦ୍ ଲୋକ୍ ପୁଓର ଚିକିତ୍ସା ଲାଗି ହାତ୍ ବଢ଼ାତେ, ମୋର ପୁଓ ଠିକ୍ ହେଇପାରତା ବଲି ବିପ୍ର କଁଦ୍‌କଁଦ୍‌ନିଆଁ ହେଇ କହିଛନ୍।

### ଏମ୍‌ସିଏଲ୍ ଖଣିରେ ଦୁର୍ଘଟଣା, ହାଇୱା ଧକ୍କାରେ ବାଇକ୍ ଚାଳକ ମୃତ

## କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକୋ



କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିବା ଗ୍ରାମବାସୀଙ୍କୁ ପୋଲିସ ଅଧିକାରୀ ବୁଝାଶୁଝା କରୁଛନ୍ତି।

ଲଖନପୁର,୨୫।୧୧(ଡି.ଏନ୍.ଏ.)

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁର କ୍ଷେତ୍ର ଅଧୀନ ବେଲପାହାଡ଼ ଖୋଲାମୁହଁ କୋଇଲାଖଣିରେ ରବିବାର ସକାଳ ସାଢ଼େ ୫ଟାରେ ଦୁର୍ଘଟଣା ଘଟିଛି। ଏକ ହାଇଓା ଧକ୍କାରେ ବାଇକ୍ ଚାଳକ ଜୁରାବଗା ଗ୍ରାମର ଅଶୋକ ପାନ (୪୪)ଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ଗ୍ରାମବାସୀ ଖଣି ଅଞ୍ଚଳରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଶହ ଶହ ଗାଡ଼ି ଅଟକି ରହିଥିଲା। କୋଇଲା ପରିବହନ ବାଧାପ୍ରାପ୍ତ ହୋଇଥିଲା। ବନହରପାଲି ଥାନା ଓ ବନ୍ଧବାହାଲ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ତେବେ ଅଶୋକଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ, ପରିବାର ପ୍ରତିପୋଷଣ ଓ ଝିଅପୁଅଙ୍କ ପାଠ ପଢ଼ିବା ପାଇଁ ମାସିକ ସହାୟତା ଯୋଗାଇଦେବା ଦାବିରେ ଆନ୍ଦୋଳନକାରୀ ଅଡ଼ିବସିଥିଲେ। ଏମ୍‌ସିଏଲ୍ ଅଧୀନରେ କାର୍ଯ୍ୟ କରୁଥିବା ଠିକାସଂସ୍ଥା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ୯ ଲକ୍ଷ ଟଙ୍କା କ୍ଷତିପୂରଣ ଓ ପରିବାରର ଜଣଙ୍କୁ ଠିକାସଂସ୍ଥାରେ ନିଯୁକ୍ତି ଦେବାକୁ ସେ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଓଡି୧୯-ଜି୬୫୦୧ନଂ ହାଇୱା ଓ ଓଆର୍୧୫-ଡି୬୩୮୬ନଂ ବାଇକ୍ ଜବତ କରିଛି। ଏ ନେଇ ଏକ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି।

ସୂଚନାଯୋଗ୍ୟ, ଏମ୍‌ସିଏଲ୍‌ରେ କୋଇଲା ପରିବହନ ପାଇଁ ଜେଜେସିସିପିଏଲ୍ ନାମକ ଠିକାସଂସ୍ଥା ଟେଣ୍ଡର ମାଧ୍ୟମରେ ନିୟୋଜିତ ହୋଇଛି। ଏହି ସଂସ୍ଥା ଅଧୀନରେ ଅଶୋକ ହାଇୱା ଚାଳକଭାବେ କାମ କରୁଥିଲେ। ରାତି ଡ୍ୟୁଟି ସାରି ରବିବାର ସକାଳ ସାଢ଼େ ୫ଟାରେ ଅଶୋକ ନିଜ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଠିକାସଂସ୍ଥାର ଏକ ହାଇୱା ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଅଶୋକ ଗୁରୁତର ଆହତ ହୋଇଥିଲେ। ପ୍ରଥମେ ତାଙ୍କୁ ବେଲପାହାଡ଼ ମେଡିକାଲ ଓ ପରେ ବୁର୍ଲା ବଡ଼ ମେଡିକାଲ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।

## ଏନ୍‌ସିସି ଦିବସ ଉପଲକ୍ଷେ ରକ୍ତଦାନ: ୪୧ୟୁନିଟ୍ ରକ୍ତ ସଂଗ୍ରହ

ଦେବଗଡ଼,୨୫।୧୧(ସ୍ୱ.ପ୍ର.)

ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ(ଏନସିସି) ଦିବସ ପାଳନ ଉପଲକ୍ଷେ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସ୍ଥାନୀୟ ଦେବଗଡ କଲେଜ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏନସିସି ଅଫିସର ସଂଗ୍ରାମକେଶରୀ ନନ୍ଦଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କଲେଜ ଅଧ୍ୟକ୍ଷା ସନ୍ତୋଷିନୀ ଶତପଥୀ, ରାଜନୀତି ବିଜ୍ଞାନ ପ୍ରଧ୍ୟାପକ ପ୍ରତାପଚନ୍ଦ୍ର ଦାଶ, ବୋଟାନୀ ପ୍ରଧ୍ୟାପକ ମନୋରଞ୍ଜନ ମାରାଣ୍ଡି, ଲେଫ୍‌ନାଣ୍ଟ୍ ଜୟସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ରହି କଲେଜ ଛାତ୍ରୀଛାତ୍ର ତଥା କ୍ୟାଡେଟମାନଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହ ଉତ୍ସାହିତ କରିଥିଲେ । ଏହି ଶିବିରରେ ଡ. ପ୍ରିୟରଞ୍ଜନ ପଣ୍ଡା, ବ୍ଲଡ ବ୍ୟାଙ୍କ କର୍ମଚାରୀ ତଥା ପିଆର୍‌ଓ ମଳୟ ବେହେରା ଏବଂ ମେଡିକାଲ ଟିମ ପ୍ରମୁଖ ସହଯୋଗ କରିଥିଲେ । କ୍ୟାଡେଟମାନଙ୍କ ଠାରୁ ୪୧ୟୁନିଟ ରକ୍ତ ସଂଗ୍ରହ କରିଥିଲେ ।




ରକ୍ତଦାନ ଶିବିରରେ ସମର ଶିକ୍ଷାର୍ଥୀ ବାହିନୀର ଛାତ୍ରୀଛାତ୍ରମାନେ।

## ବନ୍ଦ ପାଳନକୁ ସଫଳ କରିବାକୁ ଆହ୍ୱାନ

ରିଆମାଳ,୨୫।୧୧(ଡି.ଏନ.ଏ.)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ପାଇଁ ରାଜ୍ୟ ତଥା କେନ୍ଦ୍ର ସରକାର ବିରୋଧରେ ଆସନ୍ତା ୨୯ ଓ ୩୦ତାରିଖରେ ସରକାରୀ କାର୍ଯ୍ୟାଳୟ, ବଜାର ଓ ବିଦ୍ୟାଳୟ ଗୁଡ଼ିକ ବନ୍ଦ କରାଯିବ। । ଏଥିପାଇଁ ରିଆମାଳ ଦୁର୍ଗାପୂଜା ମଣ୍ଡପଠାରେ ରବିବାର ରିଆମାଳ ଓକିଲ ସଂଘ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘର ସଭାପତି ପ୍ରମୋଦ ନନ୍ଦଙ୍କ ଆମନ୍ତ୍ରଣକ୍ରମେ ବଣିକ ସଂଘ, ସ୍ଥାନୀୟ ଅଧିବାସୀ ଓ ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ। ଏହି ବନ୍ଦକୁ ବଣିକ ସଂଘ ଓ ସ୍ଥାନୀୟ ଅଧିବାସୀ, ବୁଦ୍ଧିଜୀବୀମାନେ ପୂର୍ଣ୍ଣ ସମର୍ଥନ କରିବେ ବୋଲି ଉପସ୍ଥାପନା କରିଥିଲେ। ଓକିଲ ସଂଘର ସମ୍ପାଦକ ଯୁଧିଷ୍ଠିର ବିଶ୍ୱାଳ ସଂଯୋଜନା ଓ ଧନ୍ୟବାଦ ଅର୍ପଣ କରିଥିବାବେଳେ ଓକିଲ ସଂଘର ସଭାପତି ପ୍ରମୋଦ ନନ୍ଦ ସଭାପତିତ୍ୱ କରିଥିଲେ। ଅନ୍ୟପକ୍ଷରେ ରିଆମାଳ ଓକିଲ ସଂଘର ସମସ୍ତ ଓକିଲ ଉକ୍ତ ବୈଠକରେ ଯୋଗଦେଇଥିଲେ।

## ହକି ବିଶ୍ୱ କପ୍ ପାଇଁ ଦୌଡ଼ିଲା ଦେବଗଡ



'ରନ୍ ଫର୍ ହକି' କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ରମାନେ।

ଦେବଗଡ଼,୨୫।୧୧(ସ୍ୱ.ପ୍ର)

ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା ହକି ବିଶ୍ୱକପ୍ ଉପଲକ୍ଷେ ଜିଲା ପ୍ରଶାସନ ପକ୍ଷରୁ 'ରନ୍ ଫର୍ ହକି'ର ବାର୍ତ୍ତା ନେଇ ରବିବାର ଏକ ଜିଲାସ୍ତରୀୟ ଗଣଦୌଡ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବଣିଆଁ କିଲିଣ୍ଡାସ୍ଥିତ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସମ୍ମୁଖରୁ ମହିଳା ପୁରୁଷମାନଙ୍କୁ ନେଇ ଏକ ବିଶାଳ ଗଣଦୌଡର ଆୟୋଜନ କରାଯାଇ ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମସ୍ଥିତ ଇଣ୍ଡୋର ହଲ୍‌ଠାରେ ପହଞ୍ଚିଥିଲା । ଏହି ଗଣଦୌଡକୁ ଜିଲାପାଳ ସୁଧାଂଶୁ ମୋହନ ସାମଲ ଓ ଏସ୍‌ପି ଅନୁପମା ଜେମସ୍ ସବୁଜ ଶୁଭାରମ୍ଭ କରିଥିଲେ । ଜିଲା କ୍ରୀଡାଧିକାରୀ ଚନ୍ଦନ ସାହୁ ଓ ଡିଆଇପିଆରଓ ବିଜୟ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଗଣଦୌଡରେ ଶୀର୍ଷ ୮ଟି ସ୍ଥାନରେ ରହିଥିବା ଉଭୟ ମହିଳା ଓ ପୁରୁଷ ଦୌଡାଳିଙ୍କୁ ପୁରସ୍କୃତ କରାଯାଇଥିଲା । ଏସ୍‌ଡିପିଓ ସୁଲେମାନ୍ ଏକ୍କା, ଡିଏସପି ଆନ୍ଥୋନୀ ତିର୍କୀ, ଥାନା ଅଧିକାରୀ ଆନନ୍ଦ ଡୁଙ୍ଗଡୁଙ୍ଗ, ରିଜର୍ଭ ଇନ୍ସପେକ୍ଟର କାଳୀଚରଣ ମାଝୀଙ୍କ ସମେତ ଅନ୍ୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ଗଣଦୌଡାଳୀମାନଙ୍କୁ ଉତ୍ସାହିତ କରିବାସହ ଟ୍ରାଫିକ୍ ନିୟନ୍ତ୍ରଣରେ ସହଯୋଗ କରିଥିଲେ ।

## ସେଣ୍ଢା ହାଇସ୍କୁଲରେ ସଂକଳ୍ପରୁ ସିଦ୍ଧି କାର୍ଯ୍ୟକ୍ରମ

ଦେବଗଡ,୨୫।୧୧(ସ୍ୱ.ପ୍ର.)

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧୀନସ୍ଥ ନେହେରୁ ଯୁବ କେନ୍ଦ୍ର ଦେବଗଡ ତରଫରୁ ରିଆମାଳ ବ୍ଲକ ଅଧୀନ ସେଣ୍ଢା ହାଇସ୍କୁଲ ପରିସରରେ ସଂକଳ୍ପରୁ ସିଦ୍ଧି କାର୍ଯ୍ୟକ୍ରମ ରବିବାର ପାଳିତ ହୋଇଯାଇଛି । ଯୁବ କେନ୍ଦ୍ରର ଜିଲା ସଂଯୋଜକ ପ୍ରଦୀପ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ହୋଇଥିଲା ଏହି କାର୍ଯ୍ୟକ୍ରମ। ସମ୍ମାନିତ ଅତିଥି ଭାବେ ଏଥିରେ ନାଉଲିପଡା ହାଇସ୍କୁଲର ପ୍ରଧାନଶିକ୍ଷକ ଟଙ୍କଧର ଦେହୁରୀ, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଶ୍ରୀକୃଷ୍ଣପ୍ରସାଦ ପ୍ରଧାନ, ପ୍ରକୃତିବନ୍ଧୁ ଲଳିତ ମୋହନ ସାହୁ, ସାମାଜିକକର୍ମୀ ତାପସ ସାହୁ, ସ୍ୱୟଂ ସହାୟକ ଗୋଷ୍ଠୀ ରିଆମାଳ ବ୍ଲକ ବିଏଲଏଫ୍ ଟୁସି ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଯୋଗଦେଇଥିବା ଅତିଥି ବୃନ୍ଦ ଯୁବତୀଯୁବକମାନେ କିଭଳି ସ୍ୱାବଲମ୍ବୀ ହୋଇପାରିବେ, ସ୍ୱଚ୍ଛ ଭାରତ ମିଶନ ସଫଳତା ଏବଂ ଦୁର୍ନୀତି ମୁକ୍ତ ସମାଜ ଗଠନ ସମ୍ପର୍କରେ ନିଜ ନିଜ ବକ୍ତବ୍ୟ ରଖିଥିଲେ । ଉକ୍ତ କର୍ମଶାଳାରେ ୮୦ଜଣ ଯୁବତୀଯୁବକ ଯୋଗଦେଇଥିଲେ । ଶିକ୍ଷକ ପ୍ରଦୀପ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କାର୍ଯ୍ୟକ୍ରମ ପରିଚାଳନାରେ ଯୁବକ ସଂଘର ସଭାପତି ଓମ୍‌ପ୍ରକାଶ ଭୁତିଆ, ସମ୍ପାଦକ ଉଦୟ ସାହୁ, ସାମାଜିକକର୍ମୀ ଚନ୍ଦ୍ରକାନ୍ତୀ ଭୋଇ, ପ୍ରିୟଙ୍କା ପାତ୍ର, ନିରୁପ ଦାସ, ପ୍ରିୟଙ୍କା ପାତ୍ର, ସୁବ୍ରତ ମହାକୁଳ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଗମ୍ଭାରିପାଳ ପ୍ରାଥମିକ ସ୍କୁଲ ଶିକ୍ଷକ ଧରଣୀଧର ନାଏକ ଧନ୍ୟବାଦ ଦେଇଥିଲେ ।




ସଂକଳ୍ପରୁ ସିଦ୍ଧି କାର୍ଯ୍ୟକ୍ରମରେ ଯୋଗଦେଇଥିବା ମଞ୍ଚାସୀନ ଅତିଥିମାନେ।

### ରାଜ୍ୟସ୍ତରୀୟ ମା'କନକ ଦୁର୍ଗା ଫୁଟବଲ ଟୁର୍ଣ୍ଣାମେଣ୍ଟ

## ମହାବୀର କ୍ଲବକୁ ହରାଇ ବିଛଣାପୁର ଚାମ୍ପିୟନ୍

ଦେବଗଡ଼,୨୫।୧୧(ସ୍ୱ.ପ୍ର.)

ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମଠାରେ ଛାତଖାଇ ଉପଲକ୍ଷେ ମନୋରମା କ୍ଲବ ମଠସାହି ତରଫରୁ ୩ୟ ରାଜ୍ୟସ୍ତରୀୟ ମା'କନକ ଦୁର୍ଗା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ଦେବଗଡ ସମେତ ପଡୋଶୀ ସମ୍ବଲପୁର ଓ ସୁନ୍ଦରଗଡ ଜିଲାର ବଛାବଛା୧୬ଟି ଫୁଟବଲ ଟିମ ଅଂଶଗ୍ରହଣ କରିଥିଲେ । ରବିବାର ଏହି ୨ୟ ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବିଛଣାପୁର ଟିମ ଏବଂ ମହାବୀରକ୍ଲବ ସମ୍ବଲପୁର ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏହି ସଂଘର୍ଷ ପୂର୍ଣ୍ଣ ମ୍ୟାଚରେ ବିଛଣାପୁର ଟିମ୧/୦ରେମହାବୀର କ୍ଲବ ସମ୍ବଲପୁରକୁ ହରାଇ ଚାମ୍ପିୟନ ହେଇଥିଲା । ମହାବୀର କ୍ଲବ ସମ୍ବଲପୁର ରନର୍ସଅପ ହୋଇଥିଲା । ରେଫରୀ ଭାବେ ପ୍ରଦୀପ ସାହୁ, ପ୍ରଦୀପ ଛତ୍ରିଆ, ପୁରୁଷୋତମ ସ୍ୱାଇଁ, ମନୋଜ ନାୟକ, ସୁଜିତ ଝାଙ୍କର, ରାଜନ ଝାଙ୍କର ପ୍ରମୁଖ ଖେଳ ପରିଚାଳନା କରିଥିବା ବେଳେ ବେଣୁଧର ଗଡନାୟକ ଧାରା ବିବରଣୀ ଦେଇଥିଲେ । ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ସ୍ୱତନ୍ତ୍ର ଅତିଥି ଭାବେ ହରିଜନ ଓ ଆଦିବାସୀ ଉନ୍ନୟନ ଟ୍ରଷ୍ଟର ସମ୍ପାଦକ ଉଇଲିୟମ ହେଣେଜ୍ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ଡିଆଇପିଆରଓ ବିଜୟ ମିଶ୍ର, କଂଗ୍ରେସ ଜିଲା ସଭାପତି ଉମାଶଙ୍କର ସାହୁ, ପୂର୍ବତନ ଫୁଟବଲ ଖେଳାଳୀ ମାର୍କେଣ୍ଡେଶ୍ୱର ଶତପଥି, ବିପିନ ବିହାରି ନନ୍ଦ, ନାସିରଖାନ, ପ୍ରଭାସ ମିଶ୍ର, ଶୁଶିଲ କର, କ୍ରୀଡା ସମ୍ପାଦକ ଧିରେନ ନାଏକ ପ୍ରମୁଖ ଯୋଗଦେଇଥିଲେ। ଚାମ୍ପିୟନ ବିଛଣାପୁରଟିମକୁ୧୦ହଜାର ଏବଂ ରନର୍ସଅପ ମହାବୀର କ୍ଲବ ସମ୍ବଲପୁରକୁ ୭ହଜାର ଟଙ୍କାର ପୁରସ୍କାର ସହ ସିଲ ଓ ଟ୍ରଫି ପ୍ରଦାନ କରାଯାଇଥିଲା । ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ, ମ୍ୟାନ ଅଫ ଦି ମ୍ୟାଚ ବିଛଣାପୁର ଟିମର ସନ୍ତୋଷ ମିଶ୍ରଙ୍କୁ ଦିଆଯାଇଥିଲା । ଖେଳ ଦେଖିବା ପାଇଁ ଦିନ ତମାମ ବହୁ ସଂଖ୍ୟକ ଦର୍ଶକଙ୍କଉପସ୍ଥିତି ଦେଖିବାକୁ ମିଳିଥିଲା । ଟୁର୍ଣ୍ଣାମେଣ୍ଟ ଆୟୋଜନରେ କ୍ଲବର ପ୍ରଦୀପ ବେହେରା, କିଶୋର ବେହେରା, ମଛିନ୍ଦ୍ର ନାୟକ, ରାଜେଶ ନାୟକ, ଅରୁଣ ଟାଲି, ଅନନ୍ତ ମେହେର, ନନ୍ଦ ମାଝୀ, ରୋମାଞ୍ଚଳ ବେହେରା, କାଳିଆ ରାଉତଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।



ଅତିଥିମାନଙ୍କ ଗହଣରେ ବିଜୟୀ ଦଳର ଖେଳାଳିମାନେ।



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ।
ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଦୟାସାଗର କ୍ରିକେଟ: ବଡେମୁରା ବିଜୟୀ

**ସମ୍ବଲପୁର,୨୫।୧୧(ବ୍ୟୁରୋ) :** ଯୁଯୁମୁରା ବ୍ଲକ କେଶପାଲିଠାରେ ରବିବାର ଦୟାସାଗର କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁବର୍ଣ୍ଣପୁରକୁ ହରାଇ ବଡେମୁରା ଦଳ ବିଜୟୀ ହୋଇଛି। ଟସ ଜିତି ବଡେମୁରା ବ୍ୟାଟିଂ କରି ୧୫ ଓଭରରେ ୬ ଉଇକେଟରେ ୧୯୩ ରନ ସଂଗ୍ରହ କରିଥିଲା। ଜବାବରେ ସୁବର୍ଣ୍ଣପୁର ୯୧ ରନ କରିଥିଲା। ପୁରସ୍କାର ବିତରଣୀ ସଭାରେ ଅତିଥି ଭାବେ କଂଗ୍ରେସ ନେତା ଆଶଫ ଅଲ୍ଲିଖାନ, ବିଜୟ ପ୍ରଧାନ, ବେଦପ୍ରକାଶ ବିଶ୍ୱାଳ, କୃଷ୍ଣ ସାହୁ ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ।

### ନାଚପାର୍ଟିକୁ ଆକ୍ରମଣ, ୩ ଗିରଫ

**ବରଗଡ଼ ଅଫିସ,୨୫।୧୧:** ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ା ନିକଟରେ ଏକ ନାଚପାର୍ଟି ଗାଡିକୁ ଅଟକାଇ ଆକ୍ରମଣ ଓ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ରବିବାର ସ୍ଥାନୀୟ ଟାଉନ ଥାନା ପୋଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅତାବିରା ଥାନା ଭୋଇପୁରର ଆକାଶ ମହାନନ୍ଦ, ଅତାବିରା ମିନାରବନ୍ଧ ପଡ଼ାର ଏମଡ଼ି ଆଜାଦ ଏବଂ ଲାଦେରପାଲିର ନୃପଞ୍ଜୟ ଓରଫ ଚିଣ୍ଟୁ ଓରଫ ବୁଲୁ ଦାଶ।

### ମିଲର୍ସଙ୍କ ଦାଦାଗିରି, ଚାଷୀଙ୍କ ଆନ୍ଦୋଳନ ଚେତାବନୀ

ସମ୍ବଲପୁର,୨୫।୧୧(ବ୍ୟୁରୋ) ସମ୍ବଲପୁର ଜିଲାରେ ଚଳିତ ଖରିଫ ଋତୁ ଧାନ ସଂଗ୍ରହ ଆରମ୍ଭରୁ ବିଭ୍ରାଟ ଦେଖା ଦେଇଥିଲା। ପରେ ପ୍ରଶାସନ, ମିଲର୍ସ ଓ ଚାଷୀଙ୍କ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା ପରେ ସମାଧାନ ବାଟ ଖୋଲିଥିଲା। ନଭେମ୍ବର ୧୯ ତାରିଖରୁ ଧାନ କିଣାବିକା ସ୍ୱାଭାବିକ ହୋଇଥିଲା। ହେଲେ ସମ୍ପ୍ରତି ଅନେକ ମାର୍କେଟରେ ଅବ୍ୟବସ୍ଥା ଦେଖାଦେଇଛି। ମିଲ ମାଲିକମାନେ ଚାଷୀଙ୍କ କଟ୍‌ନି ଛଟନି ଆଳରେ କ୍ୱିଣ୍ଟାଲ ଆକାରରେ ଧାନ କାଟି ଦେଉଛନ୍ତି। ଏପରିକି ଗ୍ରେଡିଙ୍ଗ୍ ମେଶିନ ବ୍ୟବହାର କରି ଧାନ ନେଉଛନ୍ତି। ଏହାକୁ ଚାଷୀମାନେ ବିରୋଧ କରିଛନ୍ତି। ରବିବାର ବରେଇପାଲି ମାର୍କେଟ ପରିସରରେ ଜିଲା ଚାଷୀ ସଙ୍ଗଠନର ଏକ ବୈଠକ ହୋଇଥିଲା। ସେଥିରେ ମିଲର୍ସଙ୍କ ଦାଦାଗିରି ପ୍ରତିବାଦରେ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଜିଲା ସଭାପତି ମୁରାରି ପୁରୋହିତଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ଏଥିରେ ଧାନର ମାନ ଚାଷୀ ସଙ୍ଗଠନର ଉପସ୍ଥିତିରେ ପରୀକ୍ଷା କରାଯିବାକୁ ଆଲୋଚନା ହୋଇଛି। ୨୦୧୧-୧୨ ମସିହାରୁ ବନ୍ଦ ହୋଇଥିବା ଗ୍ରେଡିଂ ବ୍ୟବସ୍ଥା ପୁଣି ମିଲର୍ସମାନେ ଲାଗୁ କରିଛନ୍ତି। ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ଜୋର୍‌ଦାର ପ୍ରତିବାଦ କରାଯିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଜିଲାସ୍ତରୀୟ ଧାନ ସଂଗ୍ରହ ପ୍ରସ୍ତୁତି ବୈଠକରେ କୁଚିଣ୍ଡା ସବ୍‌ଡିଭିଜନରେ ୨୨ ତାରିଖରୁ ଧାନ ସଂଗ୍ରହ ନିଷ୍ପତ୍ତି ହୋଇଥିଲା। ଏବେ ତାହା ୩୦ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। କୁଚିଣ୍ଡା ଅଞ୍ଚଳରେ ଧାନର ଅଭାବୀ ବିକ୍ରି ହେବ ବୋଲି ବୈଠକରେ ଚର୍ଚ୍ଚା ହୋଇଥିଲା।

# ବୋଇତ ବନ୍ଦାଣ ଉତ୍ସବରେ ରାଜନୀତିର ବାସ୍ନା

**ଚାନ୍ଦବାଲି/ଭଦ୍ରକ ଅଫିସ, ୨୫।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକରେ ବୋଇତ ବନ୍ଦାଣ ପରମ୍ପରା ନିଆରା ଓ ସ୍ୱତନ୍ତ୍ର। ଚାନ୍ଦବାଲିରେ ପ୍ରାଚୀନ ଉତ୍କଳର ନୌବାଣିଜ୍ୟ ସ୍ମୃତି ଅଦ୍ୟାବଧି ଜାକଜମକରେ ପାଳନ ହୁଏ। ପ୍ରତିବର୍ଷ ବେସରକାରୀ ସ୍ତରରେ ଏହି ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଇଆସୁଛି। ଏହାକୁ ରାଜ୍ୟସ୍ତରୀୟ ସରକାରୀ ଉତ୍ସବ ଭାବେ ପାଳନ କରିବା ଲାଗି ଦାବି ହେଉଥିଲେ ମଧ୍ୟ ପ୍ରଶାସନ ଏହାକୁ ଅଣଦେଖା କରିଆସୁଛି। ଏଭଳି ସ୍ଥିତିରେ ଚଳିତବର୍ଷ ବୋଇତ ବନ୍ଦାଣ ଉତ୍ସବ ପାଳନ ଅବସରରେ ପତିଆରା ବଢ଼ାଇ ଫାଇଦା ନେବା ଲକ୍ଷ୍ୟରେ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ଉଦ୍ୟମ କରିଛନ୍ତି।

ଚଳିତବର୍ଷ ଧାମରା ଓ ଚାନ୍ଦବାଲିରେ ଗତ ଗୁରୁବାର ଓ ଶୁକ୍ରବାର ଦୁଇଦିନ ଧରି ଅନୁଷ୍ଠିତ ବୋଇତବନ୍ଦାଣ ଉତ୍ସବରେ ୩ ଦଳ ଭିନ୍ନ ଭିନ୍ନ ସ୍ଥାନରେ ସଭା ଆୟୋଜନ କରିଥିଲେ। ଏହି ମଞ୍ଚଗୁଡ଼ିକୁ ନିମନ୍ତ୍ରିତ ହୋଇ ଆସିଥିବା ଅତିଥିଙ୍କୁ ନେଇ ରାଜନୈତିକ ସ୍ତରରେ ଆଲୋଚନା ଜୋର୍ ଧରିଛି। କେତେକ ନେତା ନିଜେ ଉତ୍ସବ ଆୟୋଜନ କରି ଅତିଥି ହେବା ଘଟଣା ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ଧାମରାରେ ଭାଜପା ଦ୍ୱାରା ପରିଚାଳିତ ଉତ୍ସବରେ ରାଜ୍ୟପାଳ ଗଣେଶୀ ଲାଲ ମୁଖ୍ୟଅତିଥି ହେବା ଘଟଣା ସମସ୍ତଙ୍କୁ ଚକିତ କରିଛି। ଇଂଲିଶରେ ଛପା ଯାଇଥିବା ନିମନ୍ତ୍ରଣ ପତ୍ରରେ ଭାଜପାର ଜିଲା ସଭାପତି ବଦ୍ରିନାରାୟଣ ଧଳଙ୍କ



ବିଜେଡିର ବୋଇତ ବନ୍ଦାଣ ଉତ୍ସବରେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଓ ଅନ୍ୟମାନେ।




ଭାଜପା ତରଫରୁ ବୋଇତ ବନ୍ଦାଣ ଉତ୍ସବ ନିମନ୍ତ୍ରଣ କାର୍ଡ।

## ଚର୍ଚ୍ଚାରେ ଅତିଥି ଓ ପ୍ରାୟୋଜିତ ସଭା

ନାମ ପୂର୍ବରୁ 'ସୋସିଆଲ ୱାର୍କର' ବୋଲି ଲେଖା ରହିଥିବାରୁ ଉତ୍ସବ ଆୟୋଜନ ଉଦ୍ଦେଶ୍ୟ ପଦାରେ ପଡ଼ିଛି। ଏହା ଏକ ଦଳୀୟ ସମାବେଶ ହୋଇଥିବା ସତ୍ତ୍ୱେ ସାଂସ୍କୃତିକ କାର୍ଯ୍ୟକ୍ରମ କୁହାଯାଇ ରାଜ୍ୟପାଳ ଏଠାକୁ ମୁଖ୍ୟଅତିଥି ହୋଇ କିପରି ଆସିଥିଲେ, ସେନେଇ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଏହି ସଭାରେ କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିଓ, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ବ୍ରଜରାଜନଗର ବିଧାୟିକା ଡା. ରାଧାରାଣୀ ପଣ୍ଡା, ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ, ରାଜନଗରର ପୂର୍ବତନ ବିଧାୟକ ଅଲେଖ ଜେନା, ଚାନ୍ଦବାଲିର ପୂର୍ବତନ ବିଧାୟକ ବିଷ୍ଣୁ ସେଠୀ, ବାସୁଦେବପୁରର ନେତା ମାଧବାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଭାଜପା ଜିଲା ସଭାପତି ବଦ୍ରିନାରାୟଣ ଧଳ କୁହନ୍ତି, ଏହା ସାଂସ୍କୃତିକ ମଞ୍ଚ ଏଣୁ ଏହାକୁ ରାଜନୀତିକରଣ କରା ନ ଯାଉ। ଏଣୁ ମୋ ନାଁ ପୂର୍ବରୁ 'ସୋସିଆଲ ୱାର୍କର' ଲେଖାଯାଇଛି। ସେହିପରି ଧାମରାରେ ବିଜେଡି ଏମ୍‌ପି ଅର୍ଜୁନ ଚରଣ ସେଠୀଙ୍କ ସହ ନିଜ ଦ୍ୱାରା ଗଠିତ ଦଳ ଆମ ଓଡ଼ିଶା ପାର୍ଟି ଛାଡ଼ି ବିଜେଡିରେ ନୂଆକରି ପାଦ ଥାପିଥିବା ରାଜ୍ୟ ସଭା ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ, ମନ୍ତ୍ରୀ ଅନନ୍ତ ଦାସ, ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଜେଡି ରାଜ୍ୟ ମହିଳା ସମ୍ପାଦିକା ସୁଲତା ଦେଓ ପ୍ରମୁଖ ବୋଇତ ବନ୍ଦାଣ ଉତ୍ସବରେ ଅତିଥି ହୋଇଥିଲେ।

ଏପଟେ ଚାନ୍ଦବାଲିରେ ଅନୁଷ୍ଠିତ ଏକ ମଞ୍ଚରେ ବିଧାୟକ ବ୍ୟୋମକେଶ ରାୟଙ୍କ ନେତୃତ୍ୱରେ ରାଜ୍ୟ ସଭା ସଦସ୍ୟ ପ୍ରତାପ ଦେବ, ଜିଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଚାନ୍ଦବାଲି ବିଧାୟକ ସୌମ୍ୟରଞ୍ଜନଙ୍କୁ ଅତିଥି ଭାବେ ଡାକି ନିଜେ ଅନୁପସ୍ଥିତ ରହିଥିଲେ। ଅନ୍ୟ ଏକ ମଞ୍ଚକୁ ଯାଇ ବିଜେଡି ଏମ୍‌ପି ପ୍ରତାପ ଦେବଙ୍କ ସହ ସଭାରେ ଯୋଗଦେବାକୁ ବ୍ୟୋମକେଶ ଉଚିତ ମନେ କରିଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ କୌତୂହଳ ବିଷୟ ହେଉଛି ଯେ, ଏମ୍‌ପି ଓ ଅତିଥିମାନଙ୍କୁ କିଛିଦିନ ପୂର୍ବରୁ ବ୍ୟୋମକେଶଙ୍କ ତରଫରୁ ନିମନ୍ତ୍ରଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ବ୍ୟୋମକେଶ ତାଙ୍କ ଚିନ୍ତାଧାରା ବଦଳାଇଥିଲେ। ଜନସାଧାରଣଙ୍କ କହିବା ଅନୁଯାୟୀ, ଏହି ନେତାମାନଙ୍କ ସାହାଯ୍ୟରେ ଆସନ୍ତା ନିର୍ବାଚନ ପାଇଁ ଭୋଟ୍ ଟିକେଟ ହାସଲ କରିବାରେ ସଫଳତା ମିଳିବ ନାହିଁ ବୋଲି ଜାଣିବା ପରେ ବ୍ୟୋମକେଶ ଭିନ୍ନ ଏକ ମଞ୍ଚରେ ପ୍ରତାପ ଦେବଙ୍କ ସହ ରହି ସଭା ଆୟୋଜନ କରିଥିଲେ। ବ୍ୟୋମକେଶଙ୍କ ଏହି ପରିବର୍ତ୍ତନ ଏବେ ଲୋକଲୋଚନକୁ ଆସିଛି। ବ୍ୟୋମକେଶ କହନ୍ତି, ସମୟ ସ୍ୱଳ୍ପତା କାରଣରୁ ଗୋଟିଏ ଦିନରେ ୨ଟି ସ୍ଥାନରେ ଉପସ୍ଥିତ ରହିବା ସମ୍ଭବପର ନୁହେଁ। କିନ୍ତୁ ସେ ସମସ୍ତ ଅତିଥିଙ୍କୁ ପାଛୋଟିଛନ୍ତି। ପରମ୍ପରା ଅନୁଯାୟୀ ଧାମରାରୁ ଆସିଥିବା ସାଧବପୁଅଙ୍କୁ ସେ ଚାନ୍ଦବାଲିରେ ସ୍ୱାଗତ କରିଛନ୍ତି। ଏଠି କଂଗ୍ରେସ ଦ୍ୱାରା ଆୟୋଜିତ ଅନ୍ୟ ଏକ ମଞ୍ଚରେ ସୌମ୍ୟରଞ୍ଜନଙ୍କ ବଡ଼ଭାଇ ତଥା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ଏମ୍‌ପି ଅନନ୍ତ ସେଠୀ, ବାସୁଦେବପୁର ଏନ୍‌ଏସି ଚେୟାରମ୍ୟାନ ଅଶୋକ କୁମାର ଦାସ, ଚାନ୍ଦବାଲି ବିଧାନସଭା ଆସନ ପାଇଁ ବିଧାୟକ ଟିକେଟ ଲାଗି ଆଶାୟୀ ଭାବେ ଚର୍ଚ୍ଚାରେ ରହିଥିବା ଅମିୟ ମହାପାତ୍ର, ମନୋଜ ବିଶ୍ୱାଳ, ଜ୍ୟୋତିପ୍ରକାଶ ମହାନ୍ତି, ସତ୍ୟାନନ୍ଦ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ଏହିସବୁ ଘଟଣାକୁ ନେଇ ଆମ୍ ଆଦମୀ ପାର୍ଟିର ଚାନ୍ଦବାଲି ଆବାହକ ରାକେଶ ପଣ୍ଡା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ବିଜେଡିରେ ନୂଆକରି ଯୋଗ ଦେଇଥିବା ରାଜ୍ୟସଭା ସଦସ୍ୟ ସୌମ୍ୟରଞ୍ଜନଙ୍କ ସହ ମଞ୍ଚାସୀନ ହେଲେ କାଳେ କିଛି ନକାରାତ୍ମକ ପ୍ରଭାବ ପଡ଼ିବ ସେହି ଆଶଙ୍କାରେ ବିଧାୟକ ରାୟ ଉତ୍ସବକୁ ଆସି ନ ଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ଗୋଟିଏ ଦିନରେ ସୌମ୍ୟରଞ୍ଜନଙ୍କ ଭାଇ ନିରଞ୍ଜନ କଂଗ୍ରେସ ପ୍ରାୟୋଜିତ ଉତ୍ସବରେ ମଞ୍ଚାସୀନ ହେବା ଘଟଣା ଏଭଳି ଅନୁପସ୍ଥିତିର ଅନ୍ୟତମ କାରଣ ହୋଇପାରେ ବୋଲି ମଧ୍ୟ କୁହାଯାଉଛି। କମ୍ୟୁନିଷ୍ଟ ନେତା ଦିବ୍ୟସିଂହ ନାୟକ ଏଭଳି ରାଜନୀତିକୁ ତୀବ୍ର ସମାଲୋଚନା କରିଛନ୍ତି। ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଏହି ୩ ଦଳ ଏଭଳି ଉତ୍ସବ ପାଳନ ନାଁରେ ରାଜନୀତି କରୁଛନ୍ତି। ଅନ୍ୟପକ୍ଷେ ଚାନ୍ଦବାଲି ସାଂସ୍କୃତିକ ପରିଷଦର ସମ୍ପାଦକ ପ୍ରଫେସର ଶାନ୍ତନୁ କୁମାର ମହାନ୍ତି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ବୋଇତ ବନ୍ଦାଣ ଉତ୍କଳୀୟ ସଂସ୍କୃତିର ମହାନ୍ ପର୍ବ। ଏଭଳି ଉତ୍ସବକୁ ଦଳୀୟ ଭିତ୍ତିରେ ଭାଗ ଭାଗ କରା ନ ଯାଉ।

## ଏଥରର ଶେଷ ଚେଷ୍ଟା, ତା'ପରେ ଠୋସ୍ ପଦକ୍ଷେପ

**ଭୁବନେଶ୍ୱର, ୨୫।୧୧(ବ୍ୟୁରୋ)**

ରାଉରକେଲା ବିଧାୟକ ଦିଲ୍ଲୀପ ରାୟ କିଛିଦିନ ମଧ୍ୟରେ ଭାଜପା ଛାଡ଼ିପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। ଏହାସହ ସେ ବିଧାୟକ ପଦରୁ ମଧ୍ୟ ଇସ୍ତଫା ଦେବେ ବୋଲି କୁହାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଉରକେଲାବାସୀଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ନ ରଖିବା କାରଣରୁ ଦିଲ୍ଲୀପ ଏଭଳି ନିଷ୍ପତ୍ତି ନେବାକୁ ସ୍ଥିର କରିଥିବା କୁହାଯାଉଛି। ଅନ୍ୟପଟେ ସେ ନିଜ ଇସ୍ତଫାର କାରଣ ଭାଜପା ଏବଂ ଦଳର ନେତାମାନଙ୍କ ଉପରେ ଲଦିଛନ୍ତି। ରାଉରକେଲାର ଆଇଜିଏଚ୍ ହସ୍ପିଟାଲକୁ ସୁପରସ୍ପେଶିଆଲିଟି ହସ୍ପିଟାଲ ଓ ମେଡିକାଲ କଲେଜ କରିବା ସହ ବ୍ରାହ୍ମଣୀ ଦ୍ୱିତୀୟ ସେତୁ ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ରାଉରକେଲାବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରଧାନମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ପାଳନ ନ କରିବାରୁ ସେ ଲୋକମାନଙ୍କ ପାଖକୁ ଯାଇପାରୁ ନାହାନ୍ତି ବୋଲି ଚର୍ଚ୍ଚା ହେଉଛି। ଏଥିପାଇଁ ସେ ଆଉ ଏକବାର ଚେଷ୍ଟା କରିବେ ନଚେତ୍ ବଡ ନିଷ୍ପତ୍ତି ନେବେ ବୋଲି ତାଙ୍କର ଜଣେ ପାଖ ଲୋକ ସୂଚନା ଦେଇଛନ୍ତି। ରାଉରକେଲାବାସୀଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କରିବାକୁ ସେ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ରର ଅନ୍ୟାନ୍ୟ ବରିଷ୍ଠ ମନ୍ତ୍ରୀଙ୍କୁ ଭେଟି ଜଣାଇଥିଲେ। ରାଉରକେଲାବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ସେ ଆସନ୍ତା ୪ରୁ ୫ଦିନ ମଧ୍ୟରେ ଆଉଥରେ ଚେଷ୍ଟା କରିବେ ବୋଲି ଏକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଯଦି ତାଙ୍କ କଥାକୁ ଗୁରୁତ୍ୱ ଦିଆ ନ ଯିବ ତେବେ ସେ କିଛି ଠୋସ୍ ପଦକ୍ଷେପ ଗ୍ରହଣ କରିବେ ବୋଲି ସୂଚନା ଦେଇଛନ୍ତି। ଅନ୍ୟପଟେ ବିଗତ କିଛିଦିନରୁ ଦିଲ୍ଲୀପଙ୍କ ବିଜେଡିରେ ଯୋଗଦାନ ନେଇ ମଧ୍ୟ ଚର୍ଚ୍ଚା ଚାଲିଛି। ଏଥିପାଇଁ ନିକଟରେ ତାଙ୍କ ସହ କିଛି ବିଜେଡି ନେତା ଯୋଗାଯୋଗ କରିଥିବା ମଧ୍ୟ ଜଣେ ନେତା ସୂଚନା ଦେଇଛନ୍ତି।

### ନିଖୋଜ ବୃଦ୍ଧଙ୍କ ଗଳିତ ମୃତଦେହ ଉଦ୍ଧାର

**ରେଢ଼ାଖୋଲ, ୨୫।୧୧ (ଡି.ଏନ.ଏ.)**

ସମ୍ବଲପୁର ଜିଲା ଚାରମାଳ ଥାନାଞ୍ଚଳ ଚୁଡାପୁଡୁଗ ଗ୍ରାମର ଭୁବନ ଖଡିଆ(୬୮) ଗତ ଅକ୍ଟୋବର ୨୮ ତାରିଖରୁ ନିଖୋଜ ଥିଲେ। ତାଙ୍କର ଗଳିତ ମୃତଦେହ ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ପୋଲିସ ଉଦ୍ଧାର କରିଛି। ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ବୋଲି ଜଣାପଡ଼ିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଭୁବନ ନିଖୋଜ ହେବା ନେଇ ତାଙ୍କ ପୁଅ ଚାରମାଳ ଥାନାରେ ଅଭିଯୋଗ କରିଥିଲେ। ହେଲେ ତାଙ୍କର କୌଣସି ପତ୍ତା ମିଳି ନଥିଲା। ରବିବାର କେତେକ ଗ୍ରାମବାସୀ ନିକଟସ୍ଥ ଜଙ୍ଗଲକୁ ଯାଇଥିବା ବେଳେ ଭୁବନଙ୍କ ମୃତଦେହ ଏକ ଗଛରେ ଝୁଲୁଥିବା ଦେଖିବାକୁ ପାଇଥିଲେ।

## ଲୁଚାଛୁପାରେ ଉଦ୍‌ଘାଟିତ ଅଗ୍ନିଶମ ସେବାକେନ୍ଦ୍ର

**ଜମନକିରା,୨୫।୧୧(ଡି.ଏନ୍.ଏ.)**

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ସଦର ମହକୁମାରେ ଲୁଚାଛୁପାରେ ଗତ ନଭେମ୍ବର ୧୪ ତାରିଖରେ ବହୁ ପ୍ରତିକ୍ଷିତ ଅଗ୍ନିଶ୍ରମ ସେବାକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଭାଗର ଏଭଳି କାର୍ଯ୍ୟକୁ ଅଞ୍ଚଳବାସୀ ନାପସନ୍ଦ କରିବା ସହ ସମାଲୋଚନା କରିଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ, ପ୍ରତି ବ୍ଲକ୍ ସଦର ମହକୁମାରେ ଯୁଦ୍ଧକାଳୀନ ଭିତ୍ତିରେ ଅଗ୍ନିଶମ ସେବାକେନ୍ଦ୍ର ଖୋଲିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ତଦନୁଯାୟୀ, ଜମନକିରାରେ ୨୦୧୪ରୁ ଆବଶ୍ୟକୀୟ ଭିତ୍ତିଭୂମି କାର୍ଯ୍ୟ ଆରମ୍ଭ କରାଯାଇଥିଲା। ୨୦୧୮ରେ ଏହା ଶେଷ ହୋଇଥିଲା। ଅଞ୍ଚଳବାସୀ କିନ୍ତୁ ପୂର୍ବଭଳି କୁଚିଣ୍ଡା ଉପଖଣ୍ଡରେ ଥିବା ଅଗ୍ନିଶମ ସେବାକେନ୍ଦ୍ର ଉପରେ ନିର୍ଭର କରିଆସୁଥିଲେ। ହେଲେ ସେଥିରେ ସମସ୍ୟା ହେଉଥିଲା। ସେବା କାର୍ଯ୍ୟରେ ବିଳମ୍ବ ଘଟୁଥିଲା। ଯଥାଶୀଘ୍ର ଅଗ୍ନିଶମ ସେବା କାର୍ଯ୍ୟକ୍ଷମ କରିବାକୁ ଦାବି ହୋଇଆସୁଥିଲା। ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ତରବରିଆ ଭାବେ ୪ରୁ ୫ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଗତ ୧୪ ତାରିଖ ଦିନ ସେବାକେନ୍ଦ୍ରକୁ ଉଦ୍‌ଘାଟିତ କରାଯାଇଛି। କେନ୍ଦ୍ରରେ ଆନୁସଙ୍ଗିକ ବ୍ୟବସ୍ଥାର ଅଭାବ ପରିଲକ୍ଷିତ ହୋଇଛି। ଏଣୁ ଲୋକଙ୍କୁ ଅନ୍ଧାରରେ ରଖାଯାଇ ସେବାକେନ୍ଦ୍ରକୁ ଉଦ୍‌ଘାଟନ କରାଯାଇଥିବା ଚର୍ଚ୍ଚା ହେଉଛି। ଏପରି କି ଗଣମାଧ୍ୟମ ଓ ଅଞ୍ଚଳର ବିଶିଷ୍ଟ ଲୋକଙ୍କୁ ମଧ୍ୟ କାର୍ଯ୍ୟକ୍ରମକୁ ଦୂରେଇ ରଖାଯାଇଥିଲା। ଏଣୁ କେନ୍ଦ୍ରଟି ଆନୁଷ୍ଠାନିକ ଭାବେ ଖୋଲାଯାଇଛି କି ନାହିଁ ଲୋକେ ଦ୍ୱନ୍ଦ୍ୱରେ ରହିଛନ୍ତି।

ଏ ସଂକ୍ରାନ୍ତରେ ସେବାକେନ୍ଦ୍ର ଅଧିକାରୀ ବିଜୟ କୁମାର କିଷାନଙ୍କୁ ଯୋଗାଯୋଗ କରିବାରେ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ ଉଦ୍‌ଘାଟନୀ ଉତ୍ସବରେ ସାମିଲ ହୋଇଥିଲେ ବୋଲି କହିଥିଲେ। ବିଭାଗର ନିର୍ଦ୍ଦେଶ ଅନୁସାରେ ଉଦ୍‌ଘାଟନ କରାଯାଇଥିବା ସହକାରୀ ଅଗ୍ନିଶମ ଅଧିକାରୀ ଜିତେନ୍ଦ୍ର କୁମାର ଦାସ କହିଛନ୍ତି।



ଜମନକିରା ବ୍ଲକ୍ ସଦର ମହକୁମାରେ ଉଦ୍‌ଘାଟିତ ଅଗ୍ନିଶମ ସେବାକେନ୍ଦ୍ର।

## ଓଭର ଟ୍ୟାଙ୍କ ନିର୍ମାଣ ସତ୍ତ୍ୱେ ପାଣି ଯୋଗାଣରେ ସମସ୍ୟା

**ଜମନକିରା,୨୫।୧୧(ଡି.ଏନ୍.ଏ.)**

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ସଦର ମହକୁମାସ୍ଥିତ ମଲଟି ଟୁଙ୍ଗୁରିରେ ନିର୍ମାଣ ସରିଥିବା ଓଭରଟ୍ୟାଙ୍କରୁ ଅଦ୍ୟାବଧି ପାଣି ଯୋଗାଣ ସମ୍ଭବ ହୋଇପାରିନାହିଁ। ଏଣୁ ଆସନ୍ତା ୭ ଦିନ ମଧ୍ୟରେ ଏହା କାର୍ଯ୍ୟକ୍ଷମ ନ ହେଲେ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବୁ ବୋଲି ସ୍ଥାନୀୟ ଲୋକେ ଗଣମାଧ୍ୟମକୁ ଜଣାଇଛନ୍ତି।

ସୂଚନା ଅନୁସାରେ, ବ୍ଲକ୍ ସଦର ମହକୁମାର ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ୨ ଲକ୍ଷ ଲିଟର ବିଶିଷ୍ଟ ଏକ ଉଚ୍ଚ ଟାଙ୍କି ସ୍ଥାପନା କାର୍ଯ୍ୟ ୪୧.୭୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୨୦୧୫ ମସିହା ଅକ୍ଟୋବର ୯ ତାରିଖରୁ ଆରମ୍ଭ ହୋଇଥିଲା। ୨୦୧୬ ଏପ୍ରିଲ ୮ ତାରିଖରେ ଏହାକୁ ଶେଷ କରିବାକୁ ଚୁକ୍ତି ହୋଇଥିଲା। ମାତ୍ର ଠିକା ସଂସ୍ଥା କାର୍ଯ୍ୟକୁ ବହୁ ବିଳମ୍ବରେ ଶେଷ କରିଥିଲା। ତେବେ ଏହାସତ୍ତ୍ୱେ ଟାଙ୍କିରୁ ପାଣି ଯୋଗାଣ ହୋଇପାରୁନାହିଁ। ଏଭଳି ସ୍ଥିତିରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ରହିଥିବା ସମସ୍ୟାକୁ ଅଣଦେଖା କରି ତରବରିଆ ଭାବେ ପଞ୍ଚାୟତକୁ ହସ୍ତାନ୍ତର କରିବା ପାଇଁ ପ୍ରୟାସ ଚଳାଇଛି। ପଞ୍ଚାୟତ କର୍ତ୍ତୃପକ୍ଷ ଏବଂ ସରପଞ୍ଚ କିନ୍ତୁ ଏହାକୁ ବିରୋଧ କରିଛନ୍ତି। ପଞ୍ଚାୟତ ସରପଞ୍ଚ ଭାସ୍କରଚନ୍ଦ୍ର ଭୋଇଙ୍କ କହିବା ଅନୁଯାୟୀ, ଗତ ନଭେମ୍ବର ୫ ତାରିଖରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ପାଣି ଟାଙ୍କି ହସ୍ତାନ୍ତର ପାଇଁ ଚିଠି ପ୍ରଦାନ କରାଯାଇଥିଲା। ତେବେ ପରୀକ୍ଷା ସମୟରେ ଟାଙ୍କିରୁ ମଇଳା ପାଣି ବାହାରିଥିଲା। ପରୀକ୍ଷା ନିରୀକ୍ଷା ସହ ଟାଙ୍କିର ସ୍ଥାୟିତ୍ୱ ନିରୂପଣ ନ ହେବା ପର୍ଯ୍ୟନ୍ତ ହସ୍ତାନ୍ତର ପ୍ରକ୍ରିୟାରୁ ଦୂରେଇ ରହିବୁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏ ସଂକ୍ରାନ୍ତରେ ବିଭାଗୀୟ ସହକାରୀ ଯନ୍ତ୍ରୀ ବିଜୟ କୁମାର ବେହେରାଙ୍କୁ ପଚାରିବାରେ ପାଣି ଟାଙ୍କି ଜମନକିରା ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି। ସରପଞ୍ଚ ଭୋଇ କିନ୍ତୁ ବିନା ପରୀକ୍ଷାରେ ହସ୍ତାନ୍ତର ପ୍ରକ୍ରିୟା ଗ୍ରହଣ କରାଯିବ ନାହିଁ ବୋଲି କହିଛନ୍ତି।







ରବିବାର ସମ୍ବଲପୁର ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ କଖଗ ଆୟୋଜିତ ମାନସ ନାଟକର ଏକ ଦୃଶ୍ୟ(ବାମ) । ରବିବାର ସମ୍ବଲପୁର ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ କଖଗ ଆୟୋଜିତ ଦେଖ୍ ଭାଇ ଦେଖ୍ ନାଟକର ଏକ ଦୃଶ୍ୟ ।

### କଖଗ ନାଟ୍ୟୋତ୍ସବ ଉଦ୍‌ଘାଟିତ

## ପ୍ରଥମ ରଜନୀରେ ମାନସ, ଦେଖ୍ ଭାଇ ଦେଖ୍ ମଞ୍ଚସ୍ଥ

**ସମ୍ବଲପୁର, ୨୫।୧୧ (ବ୍ୟୁରୋ)**

ଧନୁପାଲି କଖଗ ଆୟୋଜିତ ନାଟ୍ୟୋତ୍ସବ- ୨୦୧୮ ରବିବାର ରାତିରେ ସମ୍ବଲପୁର ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ଉଦଘାଟିତ ହୋଇଯାଇଛି । ପ୍ରଥମ ରଜନୀରେ ନାଟକ ମାନସ ଓ ଦେଖ୍ ଭାଇ ଦେଖ୍ ମଞ୍ଚସ୍ଥ ହୋଇଥିଲା । ଦୁଇ ନାଟକକୁ ବ୍ରଜେନ୍ଦ୍ର ନାୟକ ରଚନ, ନିର୍ଦ୍ଦେଶକ ଓ ସଂଗୀତ ପରିଚାଳନା କରିଥିଲେ । ପ୍ରଥମ ନାଟକ ମାନସ ଗୋଟିଏ ଚରିତ୍ରକୁ ନେଇ ମଞ୍ଚସ୍ଥ ହୋଇଥିଲା । ଦିଲୀପ ପାଣି ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ । ସଂପ୍ରତି ମଣିଷ ଅନ୍ଧାରରୁ ଆସି ଆଲୋକ ଦେଖି ଉଲ୍ଲସିତ ହେଉଛି । ଧିରେ ଧିରେ ଜୀବନ ପ୍ରତି ଆଶକ୍ତି ବଢ଼ିଛି । କିଛି ଅଧିକାର ପାଇବା ଆଶା, ଲୋଭରେ ଧାଇଁବା ଆରମ୍ଭ କରିଛି । ଯେତେ ବେଳେ କିଛି ପାଇଗଲା ପରି ମନେ ହେଉଛି, ତାହା ପ୍ରକୃତରେ କୁହେଳିକା ପାଲଟିଛି । ଅପରପକ୍ଷେ ଯାହାକିଛି ପାଇଥିବା ତାହା ମଧ୍ୟ ଚାଲିଯାଇଛି । ଏହି କଥା ବସ୍ତୁକୁ ନେଇ ନାଟକଟି ଗତିଶୀଳ ହୋଇଥିଲେ । ଦ୍ୱିତୟ ନାଟକ ଦେଖ୍ ଭାଇ ଦେଖ୍ ହାସ୍ୟରସାତ୍ମକ ଥିଲା । ସଂସାରଟି ସୁଖ ଓ ଦୁଃଖ, ସତ ଓ ମିଛକୁ ନେଇ ଚାଲିଛି । କିନ୍ତୁ ଜୀବନକୁ ଆଉ ଟିକିଏ ସହଜ ସରସ କରିବା ଅଭିପ୍ରାୟରେ ମଣିଷ ବିଚିତ୍ର କାଯରଯକଳାପ କରିବାକୁ କୁଣ୍ଠାବୋଧ କରିନଥାଏ । ଏହାକୁ ନେଇ ନାଟକ ମଞ୍ଚସ୍ଥ ହୋଇଥିଲା । ବିଭିନ୍ନ ଭୂମିକାରେ କୃଷ୍ଣଚନ୍ଦ୍ର ଆଚାଯରଯ, ମହେଶ ତ୍ରିପାଠୀ, ଶ୍ୟାମସୁନ୍ଦର ଧର, ଶ୍ୱାସତ ପୂଜାରୀ ଓ ସଂଯୁକ୍ତା ପଣ୍ଡା ଅଭିନୟ କରିଥିଲେ । ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି, ଏଲଆଇସି ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ମନୋଜ ପଣ୍ଡା, ଅବନିଶ ପଣ୍ଡା, ଏଲକେ ପଟ୍ଟନାୟକ, ଡ. ଦ୍ୱାରିକାନାଥ ନାୟକ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ପୁରୁଖା ନାଟ୍ୟ କଳାକାର ରାଜେନ୍ଦ୍ର ପଣ୍ଡା, ଡ. ଦିଲୀପ କୁମାର ପଣ୍ଡା, ଡ. ଶ୍ୟାମସୁନ୍ଦର ଧର, କୃଷ୍ଣଚନ୍ଦ୍ର ଆଚାଯରଯଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ସୋସିଆଲ୍ ମିଡିଆରେ ଭୁଲ୍ ତଥ୍ୟ ଦେଇ ଚର୍ଚ୍ଚାରେ ଭାଜପା ନେତା

**ସମ୍ବଲପୁର,୨୫।୧୧(ବ୍ୟୁରୋ)**

ସମ୍ବଲପୁର ଜିଲାର ଭାଜପା ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହପାତ୍ର ସୋସିଆଲ ମିଡିଆ (ନିଜ ଫେସବୁକ ଆକାଉଣ୍ଟରେ)ରେ ଭୁଲ ତଥ୍ୟ ଦେଇ ସମାଲୋଚିତ ହୋଇଛନ୍ତି। ଫେସବୁକରେ ସେ ଝାଙ୍କରପାଲି ଗ୍ରାମ ଗୁଣ୍ଡେରପୁର ବ୍ଲକରେ ରହିଥିବା ଉଲ୍ଲେଖ କରିଛନ୍ତି। ହେଲେ ଝାଙ୍କରପାଲି ଗ୍ରାମ ଯୁଯୁମୁରା ବ୍ଲକରେ ରହିଛି। ସେହିପରି ସମ୍ବଲପୁର ଜିଲାରେ ଗୁଣ୍ଡେରପୁର ବ୍ଲକ ବୋଲି କିଛି ନାହିଁ । ଅନ୍ୟପଟେ ଗୁଣ୍ଡେରପୁର ଗ୍ରାମରେ ମାନେଶ୍ୱର ବ୍ଲକ ରହିଥିବା ଦର୍ଶାଇଛନ୍ତି। ଏହି ଦୁଇଟି ଭୁଲ୍ ତଥ୍ୟ ଦେବେନ୍ଦ୍ର ଫଟୋ ସହ ଅପ୍‌ଲୋଡ କରିଛନ୍ତି । ସେଥିରେ ଦୁଇଜଣଙ୍କୁ ଟ୍ୟାଗ ମଧ୍ୟ କରିଛନ୍ତି। ଏହା ଭାଇରାଲ ହେବା ପରେ ଚର୍ଚ୍ଚା ଜୋର୍ ଧରିଛି। ଦେବେନ୍ଦ୍ର ଭାଜପାର ଜଣେ ଦକ୍ଷ ଓ ଆଗ ଧାଡିର ନେତା ଅଟନ୍ତି। ଏପରି କି ସେ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀର ବିଧାନସଭା ପ୍ରାର୍ଥୀ ଆଶାୟୀ ତାଲିକାରେ ତାଙ୍କର ନାମ ରହିଛି। ମାତ୍ର ସେ ନିଜ ବିଧାନସଭା ଅଞ୍ଚଳର ଗ୍ରାମ ଓ ଠିକଣା ଜାଣି ନ ଥିବା ଏବେ ଆଲୋଚନା ହେଉଛି। ଏ ସମ୍ପର୍କରେ ଭାଜପା ନେତା ଦେବେନ୍ଦ୍ର ମହାପାତ୍ରଙ୍କୁ ପଚାରିବାରେ ମୋ ଫେସବୁକ୍ ଆକାଉଣ୍ଟରେ ଆମର ଜଣେ କର୍ମୀ ଏଭଳି ଭୁଲ ତଥ୍ୟ ଅପଲୋଡ କରିଥିବା ସେ କହିଛନ୍ତି। ସଂଶୋଧନ କରି ଦିଆଯିବ ବୋଲି ସେ କହିଥିଲେ ।



ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୨୬ ନଭେମ୍ବର, ୨୦୧୮



ପ୍ରତ୍ୟେକ ଧର୍ମକୁ ସ୍ନେହ କର, ପ୍ରେମ କର, ସମ୍ମାନ ଦିଅ। ମନେରଖ ପ୍ରତ୍ୟେକ ଧର୍ମ ସେଇ ପରମେଶ୍ୱରଙ୍କ ପାଖକୁ ଯିବାର ଏକମାତ୍ର ପଥ।
- ଶିରିଡ଼ି ସାଇବାବା



## ସଂକ୍ଷେପରେ



### ୟୁକେର ହାଉସ୍ ଅଫ ଲର୍ଡ଼ସରେ ଅରବିନ୍ଦ ପାଢ଼ୀ

**ସମ୍ବଲପୁର,୨୫।୧୧( ବ୍ୟୁରୋ)-** ବରିଷ୍ଠ ଆଇଏଏସ୍ ଅଧିକାରୀ ତଥା ବର୍ତ୍ତମାନ ଆନ୍ତର୍ଜାତୀୟ ସଂସ୍ଥାର ନିର୍ଦ୍ଦେଶକ ଦାୟିତ୍ୱରେ ଥିବା ଡ. ଅରବିନ୍ଦ କୁମାର ପାଢ଼ୀ ରବିବାର ଗ୍ରେଟବ୍ରିଟେନ୍‌ର ଲଣ୍ଡନଠାରେ ଗୋଲ ଟେବୁଲ ବୈଠକରେ ଯୋଗ ଦେଇଥିଲେ । ହାଉସ ଅଫ୍ ଲର୍ଡ଼ସରେ ଲର୍ଡ଼ ସେଖ୍‌ଙ୍କ ଅଧକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ପ୍ରଶାସକ, କେନ୍ଦ୍ରାଞ୍ଚଳ ଓ ଉତ୍ତରାଞ୍ଚଳ ଆରଡ଼ିସି ଏବଂ ଓଡ଼ିଶା ସଂସ୍କୃତି ଓ ପର୍ଯ୍ୟଟନ ସଚିବ ଦାୟିତ୍ୱରେ ଥିବା ସମୟରେ ଧର୍ମୀୟ ସମାଗମ ପରିଚାଳନା ବିଷୟରେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ନବକଳେବର ଓ ରଥଯାତ୍ରା ସମୟରେ ଯୋଜନା ଓ କାର୍ଯ୍ୟକାରିତା ବାବଦରେ ତାଙ୍କର ଉପସ୍ଥାପିତ ତଥ୍ୟକୁ ଅନ୍ୟ ଅଂଶଗ୍ରହଣକାରୀ ଦେଶର ପ୍ରତିନିଧିମାନେ ଉତ୍ସୁକତାର ସହ ଶୁଣିଥିଲେ। ବୈଠକରେ ବିଭିନ୍ନ ପ୍ରତିନିଧିମାନେ ଜନସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ଅନ୍ୟାନ୍ୟ ମାନବସମ୍ବଳ ପରିଚାଳନା ଉପରେ ଭାବବିନିମୟ କରିଥିଲେ। ଯାହାକି ଶିକ୍ଷଣୀୟ ଥିଲା ବୋଲି ଡ. ପାଢ଼ୀ କହିଥିଲେ।

### ସୁନ୍ଦରଗଡ଼ ଫାଇନାଲରେ

ସମ୍ବଲପୁର, ୨୫।୧୧ (ବ୍ୟୁରୋ)- ୫୯ତମ ସିନିୟର ଆନ୍ତଃ ଜିଲା ଗୌରିଶଙ୍କର ସାହାଣୀ କପ୍ ଫୁଟବଲ ଟୁର୍ନାମେଣ୍ଟ ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ସୁନ୍ଦରଗଡ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି । ୨୭ ତାରିଖ ହୀରାକୁଦ ସୁବାଷ ମଇଦାନଠାରେ ହେବାକୁ ଥିବା ଫାଇନାଲ ମ୍ୟାଚରେ କଟକ ଦଳକୁ ଭେଟିବ । କୁଚିଣ୍ଡା ଖେଳ ପଡିଆରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ସୁନ୍ଦରଗଡ ବନାମ ସମ୍ବଲପୁର ମଧରେ ସଂଘର୍ଷପୂର୍ଣ୍ଣ ଓ ଚିତାକର୍ଷକ ହୋଇଥିଲା । ୧-୧ ଗୋଲରେ ମ୍ୟାଚ ଶେଷ ହୋଇଥିଲା । ତେଣୁ ରେଫରି ପେନାଲ୍ଟି ପଦ୍ଧତିର ଆଶ୍ରୟ ନେଇଥିଲେ । ଏଥିରେ ସୁନ୍ଦରଗଡ ଦଳ ଗୋଟିଏ ଗୋଲରେ ବିଜୟୀ ହୋଇଥିଲା । କୁଚିଣ୍ଡା କ୍ରୀଡା ସଂଘର କ୍ଷୀତିଶ ଭୋଇ, ଟୁଲୁ ଶର୍ମା, ଅଖିଳେଶ ପ୍ରତାପ ସିଂଙ୍କ ପରିଚାଳନାରେ ମ୍ୟାଚ ହୋଇଥିଲା। କୁଚିଣ୍ଡା ବିଧାୟକ ରବିନାରାୟଣ ନାୟକ ମୁଖ୍ୟଅତିଥି, ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ, କାଉନସିଲ ସଭ୍ୟ ସୁନୀଲ ସାହୁ, ବିକାଶ ମିଶ୍ର ଓ ସୁବୋଧ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳାଳୀଙ୍କ ସହ ପରିଚିତ ହୋଇଥିଲେ ।



ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବ ପାଇଁ ଅଭ୍ୟାସ ଜୋର୍‌ଦାର

# ‘ଇଷ୍ଟ୍ ଟୁ ୱେଷ୍ଟ୍’ରେ ବିଶ୍ୱର ଝଲକ

**ଭୁବନେଶ୍ୱର,୨୫।୧୧(ବ୍ୟୁରୋ)**

ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ଉତ୍ସବରେ ଦେଖିବାକୁ ମିଳିବ ସମଗ୍ର ବିଶ୍ୱର ଝଲକ। ମଞ୍ଚରେ ଭାରତୀୟ ଏବଂ ପାଶ୍ଚାତ୍ୟ କଳା, ସଂସ୍କୃତିର ନିଦର୍ଶନକୁ ଏକାସଙ୍ଗେ ପରିବେଷଣ କରାଯିବ। ପୂର୍ବ ଓ ପାଶ୍ଚାତ୍ୟର ଏହି ସମ୍ମିଶ୍ରଣକୁ କୁହାଯିବ ‘ଇଷ୍ଟ୍ ଟୁ ୱେଷ୍ଟ୍’। କ୍ଲାସିକାଲ୍ ଓ ମଡର୍ନ ଡ୍ୟାନ୍ସର ଫ୍ୟୁଜନ୍ ଉଦ୍‌ଘାଟନୀ ଉତ୍ସବର ମୁଖ୍ୟ ଆକର୍ଷଣ ହେବାକୁ ଥିବା ବେଳେ ଏଥିପାଇଁ ରବିବାରଠାରୁ କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆରମ୍ଭ ହୋଇଯାଇଛି ଜୋର୍‌ଦାର ଅଭ୍ୟାସ। ଶିଳ୍ପୀମାନେ ନୃତ୍ୟ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶନାରେ ନୃତ୍ୟାଭ୍ୟାସ ଆରମ୍ଭ କରିଦେଇଛନ୍ତି।

ଉଦ୍‌ଘାଟନୀ ଉତ୍ସବରେ ପରିବେଷଣ ହେବାକୁ ଥିବା ‘ଆର୍ଥ ସଙ୍ଗ୍’ର ଏକ ପ୍ରମୁଖ ଭାଗ ରହିବ ‘ଇଷ୍ଟ୍ ଟୁ ୱେଷ୍ଟ୍’, ଯେଉଁଥିରେ ପୂର୍ବରୁ ପଶ୍ଚିମ ପର୍ଯ୍ୟନ୍ତ ‘ସମଗ୍ର ବିଶ୍ୱ ଏକ’ ବୋଲି ବାର୍ତ୍ତା ଦିଆଯିବ। ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କ ନୃତ୍ୟ ନିର୍ଦ୍ଦେଶନାରେ ‘ଇଷ୍ଟ୍’ ଭାଗ ହେବାକୁ ଥିବା ବେଳେ ‘ୱେଷ୍ଟ୍’ ଭାଗର ନିର୍ଦ୍ଦେଶନା ଦେଇଛନ୍ତି ଦେଶର ଜଣାଶୁଣା କୋରିଓଗ୍ରାଫର ଶୈମକ୍ ଡାଭର୍। ସାଢ଼େ ୮ ମିନିଟ୍‌ର ଏହି ଆକ୍ଟରେ ଭାରତର ୭ ଶାସ୍ତ୍ରୀୟ ନୃତ୍ୟକୁ ପରିବେଷଣ କରାଯିବ। ପ୍ରତି ଆର୍ଟଫର୍ମରେ ଜଣେ ଜଣେ ନୃତ୍ୟ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ, ଭାରତନାଟ୍ୟମ୍, କୁଚିପୁଡ଼ି, କଥକ, ସାତ୍ରୀୟା, ମଣିପୁରୀ ଓ ମୋହିନୀଆଟ୍ଟମ୍ ପରିବେଷଣ କରାଯିବ। ପ୍ରତି ଦଳରେ ୭ଜଣ କରି ମୋଟ ୪୯ଜଣ ନୃତ୍ୟଶିଳ୍ପୀ ରହିବେ ଏବଂ ଅରୁଣା ମହାନ୍ତି ଏହାର ନେତୃତ୍ୱ ନେବେ।

**୮ ମିନିଟ୍ ପାଇଁ ଦୁଇମାସ ଅଭ୍ୟାସ**

୨ ଘଣ୍ଟାର କାର୍ଯ୍ୟକ୍ରମରେ ମାତ୍ର ୮ ମିନିଟ୍ ୩୦ ସେକେଣ୍ଡ ପାଇଁ ହେବ କ୍ଲାସିକାଲ ଡ୍ୟାନ୍ସ। ଏହା ସ୍ୱଳ୍ପ ଅବଧି ପାଇଁ ଥିଲେ ମଧ ନୃତ୍ୟଶିଳ୍ପୀଙ୍କୁ ପ୍ରାୟ ଦୁଇମାସ ଧରି କସରତ୍ କରିବାକୁ ପଡ଼ିଛି। ନୃତ୍ୟର କନ୍‌ସେପ୍ଟରୁ ଆରମ୍ଭ କରି କଷ୍ଟ୍ୟୁମ୍ ପର୍ଯ୍ୟନ୍ତ, ସବୁକିଛି ଏହାମଧରେ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ସମଗ୍ର ବିଶ୍ୱକୁ ଭାରତୀୟ ଏବଂ ଉତ୍କଳୀୟ କଳା, ସଂସ୍କୃତିର ନୈପୁଣ୍ୟ ଦେଖାଇବାକୁ ହୋଇଛି ଏଭଳି ଅନବରତ ପ୍ରୟାସ। ଏହାର ପରିକଳ୍ପନା କରିଛନ୍ତି ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟଶିଳ୍ପୀ ଅରୁଣା ମହାନ୍ତି। ୨୧ ତାରିଖରୁ ସମସ୍ତ ନୃତ୍ୟଶିଳ୍ପୀଙ୍କୁ ନେଇ ଅଭ୍ୟାସ ଆରମ୍ଭ ହୋଇଥିବା ବେଳେ ଦିନରାତି ଲାଗିପଡ଼ି ଶିଳ୍ପୀମାନେ ଅଭ୍ୟାସ କରୁଛନ୍ତି। ଏପରି କି, ବେଳେ ବେଳେ ରାତି ପ୍ରାୟ ୨ଟା ପର୍ଯ୍ୟନ୍ତ ଅଭ୍ୟାସ ଚାଲୁଥିବା ଜଣାପଡ଼ିଛି।

**ୱେଷ୍ଟର୍ନ ଆକ୍ଟ କରିବେ ୮୦୦ କଳାକାର**

ଶାସ୍ତ୍ରୀୟ ନୃତ୍ୟର ୭ଟି ଶୈଳୀ ସହ ପାଶ୍ଚାତ୍ୟ ନୃତ୍ୟର ମଧ ୭ଟି ଶୈଳୀ ଉଦ୍‌ଘାଟନୀ ଉତ୍ସବରେ ଦେଖିବାକୁ ମିଳିବ। ତେଣୁ ଏକକାଳୀନ ୧୪ଟି ଡ୍ୟାନ୍ସଫର୍ମକୁ ଦେଖିବାର ସୁଯୋଗ ପାଇପାରିବେ ଦର୍ଶକ। ସପ୍ତମାତୃକା ଭଳି ଏଥିରେ ‘ସେଭେନ୍ ଡଟର୍ସ ଅଫ୍ ଇଭ୍’କୁ ଦର୍ଶାଯିବ। କୋରିଓଗ୍ରାଫର ଶୈମକ୍ ଡାଭର୍‌ଙ୍କ ନୃତ୍ୟ ନିର୍ଦ୍ଦେଶନାରେ ପ୍ରାୟ ୮୦୦ ନୃତ୍ୟଶିଳ୍ପୀ ଏହାକୁ ପରିବେଷଣ କରିବେ। ‘ବାଲେଟ୍’, ‘ସାମ୍ବା’, ‘ଜାଜ୍’, ‘ଆଫ୍ରୋ’, ‘ବାଲିନିଜ୍’ ଓ ଆଫ୍ରୋ-ବ୍ରାଜିଲିଆନ୍ ମାର୍ଶାଲ ଆର୍ଟ ‘କ୍ୟାପୋଏରା’ ଏଥିରେ ରହିବ। ପ୍ରତି ଦଳକୁ ଭିନ୍ନ ଭିନ୍ନ କଷ୍ଟ୍ୟୁମ୍‌ରେ ଉପସ୍ଥାପନ କରାଯିବ।

**୭ ଗୁରୁଙ୍କ ନିର୍ଦ୍ଦେଶନାରେ ‘ସପ୍ତମାତୃକା’**

ଶକ୍ତିରୂପରେଅବତୀର୍ଣ୍ଣହେବେଧରିତ୍ରୀମା’। ୭ ଶକ୍ତିକୁ ନେଇ ସୃଷ୍ଟି ହେବ ସପ୍ତମାତୃକା। ପ୍ରତି ଶକ୍ତିକୁ ଗୋଟିଏ ଗୋଟିଏ ଶାସ୍ତ୍ରୀୟ ନୃତ୍ୟ ବ୍ୟାଖ୍ୟା କରିବ। ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର୍. ରେହମାନ୍‌ଙ୍କ ‘ଜୟ ହିନ୍ଦ୍ ହିନ୍ଦ୍ ଜୟ ଇଣ୍ଡିଆ’ ଗୀତର ତାଳେ ତାଳେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରିବେ। ୭ ଶାସ୍ତ୍ରୀୟ ନୃତ୍ୟ ପାଇଁ ଏକକାଳୀନ ବାଦ୍ୟ ବାଜିବ, ଯାହାର ତାଳେ ତାଳେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରିବେ। ପ୍ରତି ନୃତ୍ୟଶୈଳୀ ଜଣେ ଜଣେ ଗୁରୁଙ୍କ ନେତୃତ୍ୱରେ ପ୍ରସ୍ତୁତ ହୋଇଛି। ଅରୁଣା ମହାନ୍ତିଙ୍କ ନେତୃତ୍ୱରେ ଓଡ଼ିଶୀ, ଶ୍ରୁତି ଗୋପାଳମ୍‌ଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଭାରତନାଟ୍ୟମ୍, ମୋହିନୀଅଟ୍ଟମ୍‌ରେ ଏମ୍. ଗାଙ୍ଗୁଲୀ, ମଣିପୁରୀରେ ବିମ୍ବାବତୀ ଦେବୀ, ଅସୀମବନ୍ଧୁ ଭଟ୍ଟାଚାର୍ଯ୍ୟଙ୍କ ନିର୍ଦ୍ଦେଶନାରେ କଥକ, କୁଚିପୁଡ଼ିରେ ଶୈଳଜା ଓ ଗୁରୁ ଅନିତା ଶର୍ମାଙ୍କ ନୃତ୍ୟ ନିର୍ଦ୍ଦେଶନାରେ ସାତ୍ରୀୟା ନୃତ୍ୟ ପରିବେଷଣ ହେବ।



ଉଦ୍‌ଘାଟନୀ ଉତ୍ସବ ପାଇଁ କଳିଙ୍ଗ ଷ୍ଟାଡିୟମରେ ରବିବାର ଅଭ୍ୟାସ କରାଯାଉଛି।

## ଗାର୍ଲିକ୍ ନାନ୍‌ର ଫ୍ୟାନ୍ ଅଷ୍ଟ୍ରେଲିଆ ଖେଳାଳି

ହକି ବିଶ୍ୱକପ୍ ପାଇଁ ଅଧିକାଂଶ ଟିମ୍ ଭୁବନେଶ୍ୱରରେ ପହଞ୍ଚି ସାରିଲେଣି। ଖେଳାଳିଙ୍କ ରହିବାଠାରୁ ଆରମ୍ଭ କରି ସେମାନଙ୍କ ଖାଦ୍ୟପେୟ ସବୁକୁ ତନ୍ନ ତନ୍ନ କରି ଯାଞ୍ଚ କରାଯାଉଛି। ହୋଟେଲ ପକ୍ଷରୁ ଖେଳାଳିଙ୍କୁ ଦେଶୀ, ବିଦେଶୀ ଅନେକ ପ୍ରକାରର ମନପସନ୍ଦର ଖାଦ୍ୟପେୟ ପରଷି ଦିଆଯାଉଛି। ତେବେ ଅଷ୍ଟ୍ରେଲିଆ ଖେଳାଳି ଦେଶୀ ଖାଦ୍ୟର ପ୍ରଶଂସା କରିଛନ୍ତି। ଏହି ବିଦେଶୀ ଖେଳାଳି ନାନ୍, ବଟର୍ ନାନ୍ ସମେତ ଗାର୍ଲିକ୍ ନାନ୍‌ର ଫ୍ୟାନ୍ ପାଲଟିଛନ୍ତି। ନାନ୍‌କୁ ଡେଲିସିୟସ୍ ଏବଂ ଟେଷ୍ଟି କହିବା ସହ ଭାରତୀୟ ଖାଦ୍ୟ ବିଶ୍ୱରେ ଅନ୍ୟତମ ବୋଲି ସେମାନେ କହିଛନ୍ତି। କେବଳ ଖେଳାଳି ନୁହନ୍ତି କୋଚ୍ ଏବଂ ଅଫିସିଆଲ୍ ମେମ୍ବର ମଧ ଭାରତୀୟ ଖାଦ୍ୟକୁ ନେଇ ବେଶ୍ ଖୁସି ଅଛନ୍ତି।

## ପ୍ରତି ୨ ମିନିଟ୍‌ରେ ‘ମୋ ବସ୍’

ହକି ବିଶ୍ୱକପ୍ ସମୟରେ ଯାତ୍ରୀ ଏବଂ ପର୍ଯ୍ୟଟକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଆସନ୍ତା ୨୭ ତାରିଖରୁ କ୍ୟାପିଟାଲ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ(ସିଆର୍‌ୟୁଟି) ପକ୍ଷରୁ ‘ମୋ ବସ୍’ ସଟଲ ଆରମ୍ଭ ହେବ। ଏହି ବସ୍ ଜନତା ମଇଦାନରୁ ଭାୟା କଳିଙ୍ଗ ଷ୍ଟାଡିୟମ ଦେଇ ପ୍ରଦର୍ଶନୀ ପଡ଼ିଆ ପର୍ଯ୍ୟନ୍ତ ଚାଲିବ। ହକି ବିଶ୍ୱକପ୍ ସମୟରେ ଦର୍ଶକଙ୍କ ପାଇଁ ଜନତା ମଇଦାନରେ ମାଗଣାରେ କାର ଓ ବାଇକ୍ ପାର୍କିଂ ସେବା ଯୋଗାଇ ଦିଆଯିବ। ଏଠାରେ ଗାଡ଼ି ପାର୍କିଂ କରି ସାଧାରଣ ଲୋକ ଓ ପର୍ଯ୍ୟଟକମାନେ ଯେପରି ସୁବିଧାରେ କଳିଙ୍ଗ ଷ୍ଟାଡିୟମ ସମେତ ପ୍ରଦର୍ଶନୀ ପଡ଼ିଆରେ ହେବାକୁ ଥିବା ଭୁବନେଶ୍ୱର ସିଟି ଫେଷ୍ଟିଭାଲ୍‌କୁ ଯାଇପାରିବେ ସେଥିପାଇଁ ‘ମୋ ବସ୍’ ସହାୟକ ହେବ। ଆସନ୍ତା ୨୭ ତାରିଖରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ଏହା ଚାଲିବ। ପ୍ରତ୍ୟେହ ଅପରାହ୍ନ ୩ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ପ୍ରତି ୨ ମିନିଟ୍‌ରେ ଗୋଟିଏ ଲେଖାଏ ବସ୍ ଚଳାଚଳ କରିବ। ଏସି ବସ୍ ପାଇଁ ଭଡ଼ା ୩୦ଟଙ୍କା ଏବଂ ନନ୍‌ଏସି ବସ୍ ପାଇଁ ୧୫ଟଙ୍କା ଧାର୍ଯ୍ୟ କରାଯାଇଛି।

## ଆଜିଠୁ ଗଡ଼ିବ ‘ମୋ ସାଇକେଲ’

ସୋମବାରଠାରୁ ରାଜଧାନୀରେ ଗଡ଼ିବ ‘ମୋ ସାଇକେଲ’। ଏଥିପାଇଁ ସହରବାସୀଙ୍କ ମଧରେ ବେଶ୍ ଉତ୍କଣ୍ଠା ଦେଖିବାକୁ ମିଳିଛି। ସେବା ଆରମ୍ଭ ପୂର୍ବରୁ ଅନେକ ଲୋକ ବୁକିଂ କରିଛନ୍ତି। ପ୍ରତି ଅଧ ଘଣ୍ଟା ପାଇଁ ସାଇକେଲ ଭଡ଼ା ୫ ଟଙ୍କା ଧାର୍ଯ୍ୟ କରାଯାଇଛି। କିନ୍ତୁ ପ୍ରଥମ ୫ଦିନ ସମସ୍ତଙ୍କ ପାଇଁ ମାଗଣାରେ ସାଇକେଲ ଉପଲବ୍ଧ ହେବ। ଏହାପରେ ଭଡ଼ା ଦେବାକୁ ପଡ଼ିବ। ଯଦି କେହି ସେବା ପ୍ରଦାନକାରୀ ସଂସ୍ଥାରେ ସଦସ୍ୟ ଭାବେ ପଞ୍ଜୀକୃତ ହେବେ ତେବେ ତାଙ୍କୁ ପ୍ରତିଦିନ ମାଗଣାରେ ଅଧଘଣ୍ଟା ସାଇକେଲ ଚଳାଇବାର ସୁବିଧା ମିଳିବ। ପ୍ରଥମ ପର୍ଯ୍ୟାୟରେ ୧୨୦ଟି ସ୍ଥାନରେ ପ୍ରାୟ ୧୪୦୦ ସାଇକେଲ ଉପଲବ୍ଧ ହେବ। ଆସନ୍ତା ଡିସେମ୍ବର ୧ରୁ ୨ହଜାର ସାଇକେଲ ବ୍ୟବସ୍ଥା କରାଯିବ। ହେକ୍ସି ବାଇକ୍, ୟାନା ଓ ୟୁଲୁ ନାମକ ୩ଟି ସଂସ୍ଥା ସାଇକେଲ ଯୋଗାଇବେ। ୟାନା ଏବଂ ହେକ୍ସି ସଂସ୍ଥାର ସଦସ୍ୟତା ଦେୟ ମାସିକ ୧୦୦ଟଙ୍କା ରଖିଥିବାବେଳେ ୟୁଲୁ ପକ୍ଷରୁ ୧୪୯ଟଙ୍କା ରଖାଯାଇଛି।

## ୨, ୯, ୧୬ରେ ପଥ ଉତ୍ସବ

ପୁଣି ଥରେ ଜନପଥରେ ଆୟୋଜିତ ହେବ ପଥ ଉତ୍ସବ। ହକି ବିଶ୍ୱକପ୍ ପାଇଁ ଆସନ୍ତା ଡିସେମ୍ବର ୨, ୯ ଓ ୧୬ ତାରିଖରେ ପଥ ଉତ୍ସବ ଆୟୋଜନ କରାଯିବ। ମାଷ୍ଟରକାଣ୍ଟିନ୍‌ଠାରୁ ରାମମନ୍ଦିର ପର୍ଯ୍ୟନ୍ତ ରାସ୍ତାରେ ହେବାକୁ ଥିବା ଏହି ଉତ୍ସବରେ ଦୁଇଟି ମଞ୍ଚ ପ୍ରସ୍ତୁତ ହେବ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଅନ୍ୟାନ୍ୟ ସାମାଜିକ ଏବଂ ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।



## ଝଲସୁଛି ଫ୍ଲାଏଓଭର୍

**ଭୁବନେଶ୍ୱର,୨୫।୧୧(ବ୍ୟୁରୋ):** ଭୁବନେଶ୍ୱର ଏବେ ରଙ୍ଗିନ ଆଲୋକରେ ସଜ୍ଜିତ ହୋଇଯାଇଛି। ରାତି ହେଲେ ଝଟକୁଛି ୧୬ ନମ୍ବର ଜାତୀୟ ରାଜପଥରେ ଥିବା ୩ ଫ୍ଲାଏଓଭର। ରଙ୍ଗିନ ନିୟନ୍ ଲାଇଟ୍‌ର ଚମକରେ ସମ୍ପୂର୍ଣ୍ଣ ଓଭରବ୍ରିଜ୍ ଆଲୋକିତ ହୋଇଛି। ଯାହାକି ଦେଖଣାହାରୀଙ୍କୁ କିଛିକ୍ଷଣ ପାଇଁ ଅଟକାଇ ଦେଉଛି। ହକି ବିଶ୍ୱକପ୍ ପାଇଁ ସହରର ଜୟଦେବ ବିହାର, ଆଚାର୍ଯ୍ୟ ବିହାର ଓ ବାଣୀବିହାର ଓଭରବ୍ରିଜ୍‌କୁ ବିଭିନ୍ନ ରଙ୍ଗର ଲାଇଟ୍‌ରେ ସଜ୍ଜାଯାଇଛି। ବିଡିଏର ଲାଇଟ୍ ସ୍କଲ୍ପଚର ପ୍ରୋଜେକ୍ଟ ଅଧୀନରେ ହୋଇଥିବା ଏହି ଆଲୋକୀକରଣ କାର୍ଯ୍ୟ ବିଶ୍ୱକପ୍ ବେଳେ ମୁଖ୍ୟ ଆକର୍ଷଣ ସାଜିବ। ବିଶେଷକରି ଫ୍ଲାଏଓଭରଗୁଡିକରେ ହୋଇଥିବା ଥ୍ରୀଡି ପେଣ୍ଟିଂକୁ ଏହି ନିୟନ୍ ଲାଇଟ୍ ଅଧିକ ଆକର୍ଷଣୀୟ କରୁଛି। ପୂର୍ବରୁ ଜୟଦେବ ବିହାର ଫ୍ଲାଏଓଭର ଆଲୋକୀକରଣ କାମ ଶେଷ ହୋଇଥିବା ବେଳେ ଶନିବାର ଆଚାର୍ଯ୍ୟ ବିହାର ଏବଂ ରବିବାର ବାଣୀବିହାର କାମ ଶେଷ ହୋଇଛି।

## ଉନ୍ମୋଚିତ ହେଲା ‘ଡଟ୍ ଫେଷ୍ଟ୍’ର ଲୋଗୋ, କ୍ୟାଲେଣ୍ଡର

# ଫୁଡ୍, କନସର୍ଟ, କମେଡ଼ି ମୁଖ୍ୟ ଆକର୍ଷଣ

**ଭୁବନେଶ୍ୱର,୨୫।୧୧(ବ୍ୟୁରୋ)**

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଏବଂ ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ମିଳିତ ଭାବେ ଡିସେମ୍ବର ୧ରୁ ୧୬ ପର୍ଯ୍ୟନ୍ତ ଭୁବନେଶ୍ୱର ସିଟି ଫେଷ୍ଟିଭାଲ୍ ‘ଡଟ୍ ଫେଷ୍ଟ୍’ ଆୟୋଜନ କରାଯିବ। ହକି ବିଶ୍ୱକପ୍ ସହ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ହେବାକୁ ଥିବା ଏହି ଫେଷ୍ଟିଭାଲ ୪ଟି ମୁଖ୍ୟ ଭାଗକୁ ଫୋକସ୍ କରିବ। ଫୁଡ୍ ଫେଷ୍ଟିଭାଲ୍, କନସର୍ଟ ଓ ଷ୍ଟାଣ୍ଡଅପ୍ କମେଡି ଶୋ’, ଫେଷ୍ଟିଭାଲ ଅଫ୍ ଷ୍ଟୋରୀ ଟେଲିଂ ଏବଂ ଭୁବନେଶ୍ୱର ୱାକ୍‌ସ ‘ଡଟ୍ ଫେଷ୍ଟ୍’ର ମୁଖ୍ୟ ଆକର୍ଷଣ ରହିବ ବୋଲି ରବିବାର ଏକ ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହାସହ ଫେଷ୍ଟ୍ ଭୁବନେଶ୍ୱରର ଲୋଗୋ ଏବଂ କାର୍ଯ୍ୟକ୍ରମ କ୍ୟାଲେଣ୍ଡର୍‌କୁ ମଧ ଉନ୍ମୋଚନ କରାଯାଇଛି। ହକି ବିଶ୍ୱକପ୍ ଲାଗି ଦେଶ ବିଦେଶରୁ କ୍ରୀଡ଼ାବିତ ଓ ଅତିଥି ଆସୁଥିବାର ଦୃଷ୍ଟିରେ ରଖି ଆୟୋଜିତ ହେବ ଏହି ବହୁ ପ୍ରତୀକ୍ଷିତ ଫେଷ୍ଟିଭାଲ।

ବିଏମ୍‌ସି କାର୍ଯ୍ୟାଳୟରେ ଆୟୋଜିତ ଏହି ଲୋଗୋ ଉନ୍ମୋଚନ କାର୍ଯ୍ୟକ୍ରମରେ ବାସଗୃହ ଓ ସହରାଞ୍ଚଳ ବିକାଶ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟଅତିଥିଭାବେ ଯୋଗଦେଇ କହିଥିଲେ, ୨୦୧୫ରେ ‘ଆଇ ଆମ୍ ଭୁବନେଶ୍ୱର’ ପ୍ରକଳ୍ପ ଆରମ୍ଭ ହେବାଠାରୁ ଭୁବନେଶ୍ୱର କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ବହୁ ଆଗକୁ ଯାଇଛି। ମନ୍ଦିରମାଳିନୀ ସହରଭାବେ ଜଣାଶୁଣା ଭୁବନେଶ୍ୱରର ମନ୍ଦିରଗୁଡ଼ିକ ଉତ୍କୃଷ୍ଟ କାରୁକାର୍ଯ୍ୟ ପାଇଁ ପରିଚିତ ହୋଇଥିବାରୁ ଏହାଉପରେ ଅଧିକ ଫୋକସ୍ କରାଯାଉଥିବା ସେ କହିଥିଲେ। ସମ୍ମାନିତ ଅତିଥିଭାବେ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ଭୁବନେଶ୍ୱର ସହର ଏବେ ମାଇସ୍ ଟୁରିଜିମ୍ ଏବଂ ସ୍ପୋର୍ଟସ୍ ଟୁରିଜିମ୍ ପାଇଁ ଏକ ଉତ୍କୃଷ୍ଟ ଓ ପସନ୍ଦିତା ସ୍ଥାନଭାବେ ପରିଣତ ହୋଇଥିବା କହିଥିଲେ। ଅନ୍ୟତମ ଅତିଥିଭାବେ କ୍ରୀଡ଼ା ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଯୋଗଦେଇ କହିଥିଲେ, ଓଡ଼ିଶା ଏବଂ ଓଡ଼ିଶାବାସୀ ‘ଅତିଥି ଦେବୋ ଭବଃ’ ବାର୍ତ୍ତାରେ ବିଶ୍ୱାସ ରଖନ୍ତି। ପୁରୁଷ ହକି ବିଶ୍ୱକପ୍ ପାଇଁ ଓଡ଼ିଶା ଚଳିତବର୍ଷ ସର୍ବାଧିକ ପର୍ଯ୍ୟଟକଙ୍କ ଆଗମନ ରେକର୍ଡ କରିବାକୁ ଯାଉଛି। ଯାହାଙ୍କୁ ଉପଯୁକ୍ତ ଆତିଥ୍ୟ ଯୋଗାଇଦେବାରେ ଏହି ଫେଷ୍ଟିଭାଲ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ। ଭୁବନେଶ୍ୱର ଏହାର କଳା, ହସ୍ତତନ୍ତ, ଉତ୍ସବ ମହୋତ୍ସବ ଓ ଅଭିନବ ଚିନ୍ତାଧାରା ପାଇଁ ପରିଚିତ। ଷ୍ଟାମ୍ପ, ଐତିହ୍ୟ ଯାତ୍ରା, ମ୍ୟୁଜିୟମ୍ ୱାକ୍ ଓ ଆର୍ଟ ଟ୍ରେଲ୍ ଭଳି କଳା ପ୍ରକଳ୍ପ କାର୍ଯ୍ୟକାରୀ କରାଯିବା ଦ୍ୱାରା ଭୁବନେଶ୍ୱର ଭାରତର ‘କ୍ରିଏଟିଭ୍ ଇକୋନମି’ ସହରରେ ପରିଣତ ହେଉଛି ବୋଲି ବିଏମ୍‌ସି କମିଶନର୍ ଡ. କ୍ରିଷ୍ଣନ କୁମାର କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ବିଜୟ କୁମାର ମହାନ୍ତି, ପ୍ରିୟଦର୍ଶୀ ମିଶ୍ର, ମେୟର ଅନନ୍ତ ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ମହୋତ୍ସବରେ ଦେଶର ଅଗ୍ରଣୀ କଳାକାରଙ୍କ କନ୍‌ସର୍ଟ ଓ ଶୋ’ ସହ ଦେଶ ବିଦେଶର ଖାଦ୍ୟ, ଷ୍ଟୋରୀ ଟେଲିଂ କାର୍ଯ୍ୟକ୍ରମ ଏବଂ ଆର୍ଟ ଓ ନେଚର ଟ୍ରେଲ୍ ମୁଖ୍ୟ ଆକର୍ଷଣ ସାଜିବ। ଏଥିପାଇଁ ପ୍ରବେଶ ଶୁଳ୍କ ୨୫୦ଟଙ୍କା ରହିବ।




‘ଡଟ୍ ଫେଷ୍ଟ୍’ର ଲୋଗୋ ଉନ୍ମୋଚନ ଅବସରରେ ଉପସ୍ଥିତ ଅତିଥିମାନେ।




ଶିଶୁଭବନ ଛକ ନିକଟରେ ଏକାମ୍ର କ୍ଷେତ୍ରକୁ ଆଲୋକମାଳାରେ ସଜାଯାଇଛି।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବାକୁ ଥିବା କଳାକାରଙ୍କ ସହ କୋରିଓଗ୍ରାଫର ଶିଆମକ ଡାଭର, ଅଭିନେତା ସବ୍ୟସାଚୀ, ଅଭିନେତ୍ରୀ ଅର୍ଚ୍ଚିତା।



ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।

- ରାମକୃଷ୍ଣ ପରମହଂସ



## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ smbselfie@gmail.com ରେ ଆମର ସେଲ୍ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍ଫି କର୍ଣ୍ଣର



@ ବନ୍ଦିତା



@ ତପନ

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

■ ସୁବାସିନୀ ହତ୍ୟାକାଣ୍ଡର ପର୍ଦ୍ଦାଫାଶ

# ଅବିଶ୍ୱାସ, ଅନ୍ଧବିଶ୍ୱାସରୁ ହତ୍ୟା

**ଝାରସୁଗୁଡ଼ା ଅଫିସ, ୨୫।୧୧**

ଅବିଶ୍ୱାସ ଏବଂ ଅନ୍ଧବିଶ୍ୱାସ ସୁବାସିନୀ ହତ୍ୟାକାଣ୍ଡର କାରଣ। ଲଖନପୁର ବ୍ଲକ୍ ଅଇଁଲାଝରନ୍‌ର ସୁବାସିନୀ ପ୍ରଧାନ (୪୮) ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ କରିବା ଅବସରରେ ପୋଲିସ ଏହା କହିଛି। ଅନ୍ଧବିଶ୍ୱାସ ଏବଂ ଅବିଶ୍ୱାସର ବଶବର୍ତ୍ତୀ ହୋଇ ସୁବାସିନୀଙ୍କ ଜଣେ ସମ୍ପର୍କୀୟ ଭଉଣୀ ଏବଂ ଅନ୍ୟ ଦୁଇଜଣ ମିଶି ଏହି ହତ୍ୟାକାଣ୍ଡ ଭିଆଇଥିଲେ। ରବିବାର ଖବରଦାତା ସମ୍ମିଳନୀରେ ଝାରସୁଗୁଡ଼ା ଏସ୍‌ଡିପିଓ କୈଳାସ ଆଚାର୍ଯ୍ୟ ଏହି ସୂଚନା ଦେବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ସେ କହିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ସୁବାସିନୀଙ୍କ ସମ୍ପର୍କୀୟ ଭଉଣୀ ଏକାତାଲିର ଶାନ୍ତିଲତା ସାହୁ (୪୬), ତାଙ୍କ ସ୍ୱାମୀ କ୍ଷୀରୋଦ ସାହୁ (୫୦) ଓ ମଙ୍ଗଳବଜାର ଟାଟାଗଳିର ରଙ୍ଗମିସ୍ତ୍ରି ଏମ୍‌ଡି. ଅଜମଲ ଅଲ୍ଲୀ (୩୦)। ଏମାନଙ୍କଠାରୁ ପୋଲିସ ୩ଟି ସୁନା ଚେନ୍, କାନଫୁଲ, ହତ୍ୟାରେ ବ୍ୟବହୃତ ହାତୁଡ଼ି ଓ ଗୋଟିଏ କାର୍ ଜବତ କରିଛି।

୨୦୧୫ରେ ଶାନ୍ତିଲତା ଏବଂ କ୍ଷୀରୋଦଙ୍କ ଝିଅ ଦୀପା କାର୍ ଯୋଗେ ଭୁବନେଶ୍ୱରରୁ ଝାରସୁଗୁଡ଼ା ଆସୁଥିବା ବେଳେ ଢେଙ୍କାନାଳ ନିକଟରେ ଏକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ଦୀପାଙ୍କ ମୃତ୍ୟୁ ପରେ ଏମାନଙ୍କ ଜୀବନରେ ଘୋଟିଯାଇଥିଲା ଅବିଶ୍ୱାସ ଏବଂ ଅନ୍ଧବିଶ୍ୱାସର କଳା ବାଦଲ। କାରଣ ଦୁର୍ଘଟଣାର କିଛିଦିନ ପୂର୍ବରୁ ଗୋଟିଏ ଶନିବାର ସୁବାସିନୀ କଖାରୁ ନେଇ ଶାନ୍ତିଲତାଙ୍କ ଘରକୁ ଯାଇଥିଲେ, ଯାହା ଅଶୁଭ ଲକ୍ଷଣ ବୋଲି ଶାନ୍ତିଲତା ବିଶ୍ୱାସ କରୁଥିଲେ। ସେହିପରି ଦୀପା ଭୁବନେଶ୍ୱର ଯିବା ପଛରେ ସୁବାସିନୀଙ୍କ ପ୍ରରୋଚନା ରହିଥିବା ଶାନ୍ତିଲତା ଭାବୁଥିଲେ। ଏହି ଦୁଇଟି ଘଟଣାରେ ଏମାନଙ୍କ ମଧ୍ୟରେ ଅବିଶ୍ୱାସ ଏବଂ ଅନ୍ଧବିଶ୍ୱାସ ଘନୀଭୂତ ହୋଇଥିଲା। ସେହିଦିନଠାରୁ ସୁବାସିନୀଙ୍କୁ ପାନେ ଦେବା ପାଇଁ ଶାନ୍ତିଲତା ସୁଯୋଗ ଖୋଜୁଥିଲେ।

ଗତ ୧୧ ତାରିଖରେ ସୁବାସିନୀ ଝାରସୁଗୁଡ଼ା କକ୍ସ କଲୋନୀରେ ରହୁଥିବା ତାଙ୍କ ଭଉଣୀ ପଙ୍କଜିନୀଙ୍କ ଘରକୁ ଆସିଥିଲେ। ସେହିଦିନ ହିଁ ସୁବାସିନୀ ପଙ୍କଜିନୀଙ୍କ ଘରୁ ବାହାରି ଶାନ୍ତିଲତାଙ୍କ ଘରକୁ ଯାଇଥିଲେ। ଏହି ସୁଯୋଗ ହାତଛଡ଼ା ନ କରି ସୁବାସିନୀଙ୍କୁ ହତ୍ୟା କରିବା ପାଇଁ ଶାନ୍ତିଲତା ଯୋଜନା କରିବା ସହ ଏଥିରେ ତାଙ୍କୁ ସାହାଯ୍ୟ କରିବା ପାଇଁ ଏମ୍‌ଡି. ଅଜମଲ ଅଲ୍ଲୀଙ୍କୁ ଡକାଇଥିଲେ। ସୁବାସିନୀ ଶୋଇବା ପରେ ପୂର୍ବରୁ ଘରେ ଲୁଚି ରହିଥିବା ଏମ୍‌ଡି. ଅଜମଲ ଅଲ୍ଲୀ ଏବଂ ଶାନ୍ତିଲତା ଏକ ହାତୁଡ଼ିରେ ତାଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ସୁବାସିନୀଙ୍କ ମୃତ୍ୟୁ ହୋଇଥିଲା। ପ୍ରମାଣ ନଷ୍ଟ କରିବା ପାଇଁ ମୃତଦେହକୁ ଏକ ବିଦ୍ୟୁତ ତାରରେ ବାନ୍ଧି, କମ୍ବଳ ଗୁଡ଼ାଇ ଅଖାରେ ଭର୍ତ୍ତି କରିଥିଲେ। କ୍ଷୀରୋଦ ନିଜ ନୂଆ କାର୍‌ରେ ମୃତଦେହ ଲଦି ରେଙ୍ଗାଲି ରାସ୍ତାରେ ଯାଇ ରମ୍ପେଲା ବ୍ରିଜ ଉପରୁ ଇବ୍ ନଦୀକୁ ଉକ୍ତ ମୃତଦେହ ଫିଙ୍ଗି ଦେଇଥିଲେ।

ଅନ୍ୟପକ୍ଷରେ ସୁବାସିନୀ ଘରେ ପହଞ୍ଚି ନ ଥିବା ତାଙ୍କ ଭଉଣୀ ପଙ୍କଜିନୀ ଜାଣିବା ପରେ ୧୫ ତାରିଖରେ ବିଟିଏମ୍ ଫାଣ୍ଡିରେ ଏ ନେଇ ଅଭିଯୋଗ କରିଥିଲେ। ନଭେମ୍ବର ୧୬ରେ ଝାରସୁଗୁଡ଼ା ଜିଲା ବନହରପାଲି ଥାନା ଦୁସୁରାପାଲି ଗ୍ରାମ ନିକଟ ଇବ୍‌ନଦୀରୁ ସୁବାସିନୀଙ୍କ ମୃତଦେହ ମିଳିଥିଲା। ପରେ ଟାଉନଥାନା ପୋଲିସ ଏକ ମାମଲା ରୁଜୁ କରିବା ସହ ଏହାକୁ ଏକ ହତ୍ୟାକାଣ୍ଡ ବିବେଚନା କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ଶାନ୍ତିଲତା, କ୍ଷୀରୋଦ ଏବଂ ଅଜମଲଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରାଯାଇଥିବା ଇନ୍ସପେକ୍ଟର ପବିତ୍ର କିଷାନ ଏବଂ ସୂଚୀସ୍ମିତା ମହାନ୍ତି ସୂଚନା ଦେଇଛନ୍ତି।





ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀଙ୍କ ସମେତ ଅଭିଯୁକ୍ତ କ୍ଷୀରୋଦ ସାହୁ ଓ ଏମ୍‌ଡି. ଅଜମଲ ଅଲ୍ଲୀ (ବାମ)। ଶାନ୍ତିଲତା ସାହୁ।

## ଆକ୍ରମଣ ଘଟଣାକୁ ଧର୍ମେନ୍ଦ୍ରଙ୍କ ନିନ୍ଦା

**ଭୁବନେଶ୍ୱର, ୨୫।୧୧ (ବ୍ୟୁରୋ)**

ଉତ୍କଳ ଭାରତ ସଭାପତି ଖାରବେଳ ସ୍ୱାଇଁଙ୍କ ଉପରେ ଆକ୍ରମଣ ଘଟଣାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିନ୍ଦା କରିଛନ୍ତି। ସାମାଜିକ ଗଣମାଧ୍ୟମ ଜରିଆରେ ଧର୍ମେନ୍ଦ୍ର ଏକ ଭିଡିଓ ଜାରିକରି ଏହି ପ୍ରସଙ୍ଗରେ ଶାସକ ଦଳକୁ ଟାର୍ଗେଟ କରି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପରକୁ ସହନଶୀଳ, ହେଲେ ତାଙ୍କ ସହ ଅସହମତି ରଖୁଥିବା ବ୍ୟକ୍ତିବିଶେଷଙ୍କୁ ଅପମାନିତ କରିବାରେ ସେ ଆନନ୍ଦ ପାଆନ୍ତି। ଏନେଇ ତାଙ୍କର ପୂର୍ବରୁ ବହୁ ଅନୁଭବ ରହିଛି । ରାଜନୀତିରେ ସହମତି, ଅସହମତି, ଆଲୋଚନା ଓ ପର୍ଯ୍ୟାଲୋଚନା ଗଣତାନ୍ତ୍ରିକ ପ୍ରକ୍ରିୟାର ଅଙ୍ଗ । ଖାରବେଳ ସ୍ୱାଇଁ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି । ତାଙ୍କର ଓ ଅନ୍ୟ ବିରୋଧୀ ନେତାମାନଙ୍କର ମୁଖ୍ୟମନ୍ତ୍ରୀଙ୍କୁ ସମାଲୋଚନା କରିବାର ଅଧିକାର ଅଛି । ମୁଖ୍ୟମନ୍ତ୍ରୀଙ୍କର ମଧ୍ୟ ସମସ୍ତଙ୍କୁ ସମାଲୋଚନା କରିବାର ଅଧିକାର ଅଛି। ମାତ୍ର ଓଡ଼ିଶାର ଟିକସଦାତାମାନଙ୍କର ଅର୍ଥରେ ଗଢ଼ା ହୋଇଥିବା ବିଜୁ ଯୁବ ବାହିନୀକୁ ବ୍ୟବହାର କରି ଆକ୍ରମଣ କରିବା ନିନ୍ଦନୀୟ ବୋଲି ଧର୍ମେନ୍ଦ୍ର କହିଛନ୍ତି। ସଭା କରିବା ପୂର୍ବରୁ ଖାରବେଳ ଥାନାକୁ ଯାଇ ସୁରକ୍ଷା ଦେବା ପାଇଁ ଅନୁରୋଧ କରିଥିଲେ। ମାତ୍ର ଏହି ସଭାସ୍ଥାନକୁ କୌଣସି ପୋଲିସ କର୍ମଚାରୀ ଆସିଲେ ନାହିଁ । କ୍ଷମତା ଯିବା ଡରରେ ବିଜୁ ଯୁବ ବାହିନୀକୁ ଗୁଣ୍ଡା ଭାବେ ସରକାର ବ୍ୟବହାର କରୁଛନ୍ତି। ଆଉ କିଛି ମାସ ପରେ ନିର୍ବାଚନ। ମୁଖ୍ୟମନ୍ତ୍ରୀ ଲୋକଙ୍କ ମତାମତ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ଓ ନିଜର ବଟସ୍କରମାନଙ୍କୁ ବିରୋଧୀଙ୍କ ବିରୋଧରେ ହିଂସାରୁ ନିବୃତ୍ତ ରଖନ୍ତୁ ବୋଲି ଧର୍ମେନ୍ଦ୍ର କହିଛନ୍ତି ।

**ଖାରବେଳଙ୍କୁ ଆକ୍ରମଣ ଘଟଣା**

# ଆଜି କାଶୀପୁର ଯିବ କ୍ରାଇମବ୍ରାଞ୍ଚ ଟିମ୍

■ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ: ଡିଜିପି

**ଭୁବନେଶ୍ୱର, ୨୫।୧୧ (ବ୍ୟୁରୋ)**

ଉତ୍କଳ ଭାରତ ସଭାପତି ଖାରବେଳ ସ୍ୱାଇଁଙ୍କୁ ଆକ୍ରମଣ ଘଟଣାର ତଦନ୍ତ କରୁଛି କ୍ରାଇମ୍‌ବ୍ରାଞ୍ଚ। ଏଥିପାଇଁ ଜଣେ ଇନ୍ସପେକ୍ଟର ର୍‍ୟାଙ୍କର ଅଧିକାରୀଙ୍କ ନେତୃତ୍ୱରେ ଏକ ୪ଜଣିଆ ଟିମ୍ ସୋମବାର ରାୟଗଡ଼ା ଜିଲାର କାଶୀପୁର ଯିବେ। ଏହି ଘଟଣାରେ ଏକ ମାମଲା(୨୬/୧୮) ରୁଜୁ ହୋଇଛି। ଏଥିରେ ଯେଉଁମାନଙ୍କ ସମ୍ପୃକ୍ତି ଥିବା ନେଇ ତଦନ୍ତରୁ ଜଣାପଡ଼ିବ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ଖୁବ୍‌ଶୀଘ୍ର ଘଟଣାର ପର୍ଦ୍ଦାଫାଶ କରାଯିବ ବୋଲି କ୍ରାଇମ୍‌ବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ କହିଛନ୍ତି।

ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା କହିଛନ୍ତି, ଏହି ଘଟଣାକୁ ଗୁରୁତ୍ୱର ସହ ନିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏହାର ତଦନ୍ତ କ୍ରାଇମ୍‌ବ୍ରାଞ୍ଚ କରୁଛି। ଖାରବେଳଙ୍କୁ ମାଡ଼ ମାରିଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି। ସେମାନଙ୍କୁ ଛଡ଼ାଯିବ ନାହିଁ ବୋଲି ଡିଜିପି କହିଛନ୍ତି। ଅନ୍ୟପଟେ ଖାରବେଳ ରବିବାର ସକାଳେ ନିଜ ସମର୍ଥକଙ୍କ ସହ ରାୟଗଡା ଯାଇ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ଉତ୍କଳ ଭାରତ ସଭାପତି ଖାରବେଳ ସ୍ୱାଇଁ ଶନିବାର ରାୟଗଡା ଜିଲା କାଶୀପୁରରେ ପଥପ୍ରାନ୍ତ ପ୍ରଚାର କରୁଥିବା ବେଳେ କେତେଜଣ ଯୁବକ ତାଙ୍କୁ ମାଡ ମାରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିଭିନ୍ନ ରାଜନୈତିକ ମହଲରେ ପ୍ରତିକ୍ରିୟା ପ୍ରକାଶ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରାଇମବ୍ରାଞ୍ଚଙ୍କୁ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ଏହାର ତଦନ୍ତ କରି ତୁରନ୍ତ ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀ କ୍ରାଇମ୍‌ବ୍ରାଞ୍ଚକୁ ନିର୍ଦ୍ଦେଶ ଦେଇଛନ୍ତି।

## ସୁମନ୍ତଙ୍କୁ ୭ ଦିନ ରିମାଣ୍ଡରେ ନେବ ପୋଲିସ

**ରାୟଗଡା ଅଫିସ୍, ୨୫।୧୧**

ରାୟଗଡ଼ା ଜିଲା କାଶିପୁରଠାରେ ଶନିବାର ଉତ୍କଳ ଭାରତ ସଭାପତି ଐର ଖାରବେଳ ସ୍ୱାଇଁଙ୍କୁ ଆକ୍ରମଣ ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ପୋଲିସ । ଗିରଫ ହୋଇଥିବା ଯୁବକ ସୁମନ୍ତ ନାୟକଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ କୌଣସି ରାଜନୈତିକ ଦଳର ସମ୍ପୃକ୍ତି ଅଛି ନା ନାହିଁ ତାହା ଜାଣିବା ନିମନ୍ତେ ପୁନର୍ବାର ତଦନ୍ତ କରିବାକୁ ସୁମନ୍ତଙ୍କୁ ୭ ଦିନ ରିମାଣ୍ଡରେ ଅଣାଯିବ। ଏଥିସହ ବିଶୃଙ୍ଖଳା ଭିଆଇଥିବା ଅନ୍ୟ ୩ ଜଣଙ୍କୁ ପୋଲିସ ଖୋଜୁଛି। ସେମାନଙ୍କୁ ତୁରନ୍ତ ଗିରଫ କରାଯିବ। ରବିବାର ଏକ ଖବରଦାତା ସମ୍ମିଳନୀରେ ରାୟଗଡ଼ା ଏସ୍‌ପି ରାହୁଲ ପିଆର୍ ଏହି ସୂଚନା ଦେଇଛନ୍ତି। ପୋଲିସ ଡିଜିଙ୍କ ନିର୍ଦ୍ଦେଶ ପ୍ରକାରେ ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ କରିବ ବୋଲି ଏସପି କହିଛନ୍ତି। ଅପରପକ୍ଷରେ ଏହି ଘଟଣାର ତୀବ୍ର ନିନ୍ଦା କରିବା ସହ ଏଥିରେ ଦଳର କୌଣସି ସମ୍ପୃକ୍ତି ନ ଥିବା ବିଜେଡ଼ି କହିଛି। ଆକ୍ରମଣକାରୀ ସୁମନ୍ତ ବିଜେଡି ଦଳର ବୋଲି ଯେଉଁ ଅପପ୍ରଚାର କରାଯାଉଛି ତାହା ଅତ୍ୟନ୍ତ ନିନ୍ଦନୀୟ ବୋଲି ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣମନ୍ତ୍ରୀ ରମେଶ ଚନ୍ଦ୍ର ମାଝି, ବିଧାୟକ ତଥା ରାୟଗଡା ଜିଲା ବିଜେଡି ପର୍ଯ୍ୟବେକ୍ଷକ ସଞ୍ଜୟ କୁମାର ଦାସବର୍ମା ଏବଂ ରାଜ୍ୟ ସଭା ସଦସ୍ୟ ଏନ୍.ଭାସ୍କର ରାଓ କହିଛନ୍ତି ।

## କୋଇଲା ବୋଝେଇ ଟ୍ରକ ଜବତ: ଚାଳକ ଗିରଫ

**ବନ୍ତ, ୨୫।୧୧ (ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବଜାରଠାରେ ଭଦ୍ରକ ଅଭିମୁଖେ ଯାଉଥିବା ଏକ ଚୋରା କୋଇଲା ବୋଝେଇ ଟ୍ରକକୁ ସ୍ଥାନୀୟ ପୋଲିସ ରବିବାର ଜବତ କରିଛି। ଏଥିସହ ଗାଡ଼ି ଚାଳକଙ୍କୁ ପୋଲିସ ଗିରଫ କରିଛି। ଏନେଇ ବନ୍ତ ଥାନାରେ ଏକ ମାମଲା(ନଂ.୧୦୧/୧୮) ରୁଜୁ କରାଯାଇଛି। ପୋଲିସ ସୂଚନା ଅନୁସାରେ, ଟ୍ରକଟି ତାଳଚେରରୁ କୋଇଲା ବୋଝେଇ କରି କେନ୍ଦୁଝର ଆସିଥିଲା। କିନ୍ତୁ ସେଠାରେ କୋଇଲା ଅନଲୋଡ ନ କରି ଚୋରାରେ ବିକ୍ରି ପାଇଁ ଭଦ୍ରକକୁ ଯାଉଥିଲା। ରବିବାର ମଧ୍ୟାହ୍ନ ସମୟରେ ବନ୍ତ ବଜାରଠାରେ ପୋଲିସ ଗାଡ଼ିକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲା। ଚାଳକ ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ଚୋରା ମାଲ ରଖିଥିବା ଅଭିଯୋଗରେ ପୋଲିସ ଟ୍ରକ ଜବତ କରିଥିଲା।

## ଦୁର୍ଘଟଣାରେ ମାଛ ବେପାରୀ ମୃତ

**ପଦ୍ମପୁର, ୨୫।୧୧ (ଡି.ଏନ.ଏ.)**

ଭଦ୍ରକ-ପଦ୍ମପୁର ରାସ୍ତାର ସାବରଙ୍ଗ ବଜାରଠାରେ ସଡ଼କ ଦୁର୍ଘଟଣାରେ ଜଣେ ମାଛ ବେପାରୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ବାସୁଦେବପୁର ଥାନା ଅଧୀନ ଚିରଳ ଗ୍ରାମର ଖଗେଶ୍ୱର ମଲିକ। ସେ ରବିବାର ଭୋର ସମୟରେ ମାଛ ବିକ୍ରି କରିବା ଲାଗି ବାଇକ୍‌ରେ ଭଦ୍ରକ ଯାଉଥିଲେ। ସାବରଙ୍ଗ ବଜାର ସ୍ଥିତ ପୋଲରେ ଧକ୍କା ହେବାରୁ ସେ ଧନନ୍ତରି ନଦୀକୁ ଖସି ପଡ଼ିଥିଲେ। ଭଦ୍ରକ ଗ୍ରାମାଞ୍ଚଳ ଥାନା ଏସ୍‌ଆଇ ଧନୁର୍ଜୟ ମୁଣ୍ଡା ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଏନେଇ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଏକ ମାମଲା (ନଂ.୫୭୫/୧୮) ରୁଜୁ ହୋଇଛି।

# ଓଡ଼ିଶା ସେନାର ବୀରତ୍ୱର ବୁନିଆଦି

**ଐତିହ୍ୟର ଓଡ଼ିଶା**

**ଡ. ସୁରେନ୍ଦ୍ର କୁମାର ମିଶ୍ର**

ପୂର୍ବସଂଖ୍ୟାର ଆଲୋଚନାରୁ ଜଣାଯାଉଛି 'ରାଜବିଦ୍ରୋହ' ଶବ୍ଦ ଉଦ୍ଦେଶ୍ୟହୀନ ଭାବରେ ପ୍ରୟୋଗ ହୋଇଅଛି। ବକ୍ସିଙ୍କର ପାରିବାରିକ ସମସ୍ୟା ପାଇକବିଦ୍ରୋହ ସହିତ ଯୋଡ଼ି ହୋଇ ଯାଇଥିବାରୁ ଭାରତରେ ସାମ୍ରାଜ୍ୟବାଦ ବିରୋଧରେ ହୋଇଥିବା ୧୮୦୪ ମସିହାର ପ୍ରଥମ ଯୁଦ୍ଧକୁ ମନେହୁଏ 'ରାଜବିଦ୍ରୋହ' ଶବ୍ଦରେ ହାଲକା କରି ଦିଆଯିବାର ପ୍ରୟାସ ହୋଇଅଛି। ଆମେ ବକ୍ସିଙ୍କର ପାଇକବିଦ୍ରୋହ ସହିତ ଯୋଡ଼ିହେବାର ଇତିହାସକୁ ସାମାନ୍ୟ ଆଲୋଚନା କଲେ ଜାଣିପାରିବା। ଇତିହାସରୁ ଜଣାଯାଉଛି ଗଡ଼ରୋଡଙ୍ଗ ଇଲାକା ବକ୍ସିଙ୍କ ପରିବାର ଜମିଦାରି ସୂତ୍ରରେ ବହୁବର୍ଷ ପର୍ଯ୍ୟନ୍ତ ଭୋଗଦଖଲ କରି ଆସୁଥିଲେ। ଗଜପତିଙ୍କର ସେନାପତି ଭାବରେ ବକ୍ସିଙ୍କର ସ୍ୱତନ୍ତ୍ର ମର୍ଯ୍ୟାଦା ଥିଲା। ସେନାପତି ଦାୟିତ୍ୱ ଗ୍ରହଣ କଲା ପରେ ସେ ଯେତେଗୁଡ଼ିଏ ଦାୟିତ୍ୱରେ ରହନ୍ତି, ତାହା ମଧ୍ୟରେ ଏକ ସମ୍ମାନଜନକ ବିଧି ଥିଲା ନୂତନ ଭାବରେ ଗଜପତି ସିଂହାସନ ଆରୋହଣ କରିବା ସମୟରେ ପାରମ୍ପରିକ ସେନାପତି ବେଶରେ ଗଜପତିଙ୍କ ଅଙ୍ଗଲାଗି ହୋଇ ରହିବା। ଏହା ସାମରିକ ସମୃଦ୍ଧି ଓ ବୀରତ୍ୱ ପରାକାଷ୍ଠାର ବାର୍ତ୍ତା ଦେଉଥାଏ। ଗଜପତିଙ୍କ ଶାସନ ଯିବା ପରେ ମଧ୍ୟ ସ୍ୱାଧୀନ ଭାରତରେ ପୁରୀ ଗଜପତିଙ୍କର ଏହି ପରମ୍ପରା ପ୍ରଚଳିତ ଅଛି।

ଫିରିଙ୍ଗି ଶାସନ ଆସିବା ପରେ ୧୮୦୪ ମସିହା ସେପ୍ଟେମ୍ବର ମାସରେ ଜମିଜମା ବନ୍ଦୋବସ୍ତ କାର୍ଯ୍ୟ ଆରମ୍ଭ କରି ଦେଇଥିଲେ। ସେତେବେଳେ ଗଡ଼ରୋଡ଼ଙ୍ଗ ଜମିଦାରି ବକ୍ସିଙ୍କ ନାମରେ ବନ୍ଦୋବସ୍ତ ହୋଇଥିଲା, ମାତ୍ର ଏହା ଗୋଟିଏ ବର୍ଷ ପାଇଁ ଥିଲା, ପରେ ୩ ବର୍ଷ ଲାଗି ହୋଇଥିଲା। ସେ ରୋଡ଼ଙ୍ଗ ଦଖଲରେ ଥାଇ ସରକାରଙ୍କୁ ଖଜଣା ଦେଉଥିଲେ। 'କୀଚକ ବାହୁବଳେ ବିରାଟ ରାଜା' ହେବା ଭଳି ଇଂରେଜମାନଙ୍କ ବଳରେ ବଙ୍ଗାଳୀ ପ୍ରଶାସକମାନେ ଓଡ଼ିଶାରେ ରାତାରାତି ନିଜକୁ ରାଜା ବୋଲି ମନେକରି ବସିଲେ। କୃଷ୍ଣଚନ୍ଦ୍ର ସିଂହ ସେହିପରି ଜଣେ, ସେ ସମୟରେ ନିଜକୁ ସର୍ବେସର୍ବା ମନେକରୁଥିଲେ। ଅମଲା ଥିଲେ ତାଙ୍କ ହାତରେ। ରାତାରାତି ଗଡ଼ରୋଡ଼ଙ୍ଗ ଜମିଦାରିର ମାଲିକାନା ସ୍ୱତ୍ୱ ବଦଳିଗଲା। ଦଲାଲଗିରିରେ ବାବୁ କୃଷ୍ଣ ସିଂହ ଆଗୁଆ ଥିଲେ। ତମ ଜମିକୁ ସନ୍ଧ୍ୟା ପରେ ହଡ଼ପ କରି କିଛିଦିନ ବାଦ ତମରି ଭାଇମାନଙ୍କୁ ବିକି ପବନରୁ ପଇସା ଆଦାୟ କରି ଆଜି ଏ ଧାମରେ କୋଠା, କାଲି ସେ ଶୈଳନିବାସରେ କୋଠି ତିଆରି କରି ଜମିଦାର ହୋଇଯାଉଥିଲେ। ପ୍ରକୃତରେ ଏମାନେ ବର୍ତ୍ତମାନ ବାଂଲାଦେଶର ମୂଳ ବାସିନ୍ଦା ଥିଲେ। କଲିକତା କହିଲେ ୩୬୦ ବର୍ଷ ତଳେ କେତୋଟି ଘାଟ ଗାଁର ସମାହାର ଥିଲା। କେବେ କେବେ ଓଡ଼ିଆ ସୈନ୍ୟବାହିନୀ ପଦ୍ମାନଦୀକୂଳ ପର୍ଯ୍ୟନ୍ତ ଅକ୍ତିଆର କରିଯାଉଥିଲେ ମଧ୍ୟ ସ୍ଥିର ଭାବରେ ଶହ ଶହ ବର୍ଷ ପର୍ଯ୍ୟନ୍ତ ହୁଗୁଳି ନଦୀର ଦକ୍ଷିଣ ସୀମା ଓଡ଼ିଶାର ଇଲାକାରେ ଅନ୍ତର୍ଭୁକ୍ତ ଥିଲା। ଏକଥା କାହୁଁ ଜାଣିବେ ଆୟାର ଓ ମିତ୍ର ସାଙ୍ଗ୍ୱା ଧରି ନାରେ-ନାରେ ହେଉଥିବା ମାନନୀୟ ମିତ୍ର ମହାଶୟ ! ସେ କାହୁଁ ଜାଣିବେ ଲାଙ୍ଗୁଳା ନରସିଂହ ଦେବ ଲକ୍ଷ୍ମଣାବତୀ ନଗ୍ର (ଢାକା)କୁ ଦିନ-ଦିନ ଧରି ଅକ୍ତିଆର କରି ହୁସିଆର କରିଦେଇ ଆସିଥିଲେ ଯେ ଆଉ ଆକ୍ରମଣକାରୀମାନେ ଦୁଇଶହ ବର୍ଷ ଧରି ଓଡ଼ିଶାରେ ଆଖି ମେଲେଇ ଚାହିଁବାକୁ ସାହସ କରୁ ନଥିଲେ! ଢାକା ଯେତେବେଳେ 'ଡାକେ'ବାଟ ମଧ୍ୟରେ ସୀମିତ ଥିଲା, ସେତେବେଳେ ଆମ ରାଇଜର ପାଇକ ସେନା ଦକ୍ଷିଣରେ କାବେରୀ ନଦୀ କୂଳରେ ପଡିଆରା ଜମେଇ ଶିବିର ପକେଇଥିଲେ। ଓଡ଼ିଆ ସୈନ୍ୟବାହିନୀ ହୁଗୁଳି ନଦୀ କୂଳରେ ପହଞ୍ଚିଯିବା ପରେ କାଳୀଘାଟରେ ଶତ୍ରୁଙ୍କର କଳାବାଦଲ ସଦୃଶ ଶିହରଣ ସୃଷ୍ଟି ହେଉଥିଲା। ଯେ ସ୍ଥିତି ସୂର୍ଯ୍ୟବଂଶର ଗଜପତି କପିଳେନ୍ଦ୍ର ଦେବଙ୍କ ନାତି ଗଜପତି ପ୍ରତାପରୁଦ୍ର ଦେବଙ୍କ ଶାସନ ପର୍ଯ୍ୟନ୍ତ ଅତୁଟ ରହିଥିଲା।

ଏଇ ପ୍ରସଙ୍ଗରେ ଡ. ସତ୍ୟନାରାୟଣ ରାଜଗୁରୁଙ୍କ ଗୋଟିଏ ମତ ପ୍ରସଙ୍ଗ ଦୃଷ୍ଟିରୁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ସେ ଲେଖିଛନ୍ତି ଧର୍ମରଥଙ୍କ ଦିଗ୍‌ବିଜୟ ବର୍ଣ୍ଣନା କରିବାକୁ ଯାଇ ପରବର୍ତ୍ତୀ ସୋମବଂଶୀ ମହାରାଜା ଉଦ୍ୟତ କେଶରୀଙ୍କ ପ୍ରଶସ୍ତିକାର ଲେଖିଅଛନ୍ତି ଯେ ତାଙ୍କର ସୈନ୍ୟମାନେ ଦକ୍ଷିଣରେ ସେତୁବନ୍ଧ ରାମେଶ୍ୱରଠାରୁ ଆରମ୍ଭ କରି ସୁଦୂର ଉତ୍ତରସୀମା ହିମାଳୟ ପର୍ଯ୍ୟନ୍ତ ଏବଂ ପୂର୍ବ ସାଗରଠାରୁ ପଶ୍ଚିମସାଗର ପର୍ଯ୍ୟନ୍ତ ଅଶ୍ୱଚାଳନା କରିଥିଲେ।

ସେତୂପାନ୍ତବନାନ୍ତରେ ହିମବତଃ
ପର୍ଯ୍ୟନ୍ତଭୂସୀମନି।
ପ୍ରାଗାମ୍ବୋଧିତଟୀ-ବନେଷୁ କଟକେ
ପୂର୍ବେତରଷ୍ମାଭୃତଃ॥

+ + +

ଅନେକ ଭାବିପାରନ୍ତି ଯେ, ଏହା ରାଜପ୍ରଶସ୍ତିକାରଙ୍କ ଅତିରିକ୍ତ ଓ ମିଥ୍ୟା ପ୍ରଶଂସା। କିନ୍ତୁ ଯେଉଁ ସମୟରେ ପ୍ରଶସ୍ତିକାର ଓଡ଼ିଶାରେ ଏହି ପ୍ରଶଂସା ଲେଖିଥିଲେ, ସେ ସମୟରେ ରାଷ୍ଟ୍ରକୂଟ, ଚୋଳ ପ୍ରଭୃତି ଅନ୍ୟାନ୍ୟ ଅଂଚଳର ରାଜପ୍ରଶସ୍ତିକାରଙ୍କ ଲିଖିତ ପ୍ରଶଂସାତ୍ମକ ବିଷୟକୁ ତ ମିଥ୍ୟା ଓ ଅତିଶୟୋକ୍ତି ବୋଲି ଭାରତ ଇତିହାସରୁ କେହି କାଟିଦେଇ ନାହାନ୍ତି, ତେବେ ଓଡ଼ିଶାର ଆଧୁନିକ ଦୁଃସ୍ଥ ଅବସ୍ଥାକୁ ଲକ୍ଷ୍ୟକରି ଏ ଦେଶର ପ୍ରାଚୀନ ବୀରତ୍ୱ ଅମୂଳକ ବୋଲି ଏଡ଼ାଇଦେବା କେତେଦୂର ସଙ୍ଗତ ହେବ, ତାହା କେହି ଐତିହାସିକ ବିଚାରକୁ ନେଇ ନ ଥିବା ବିସ୍ମୟକର।

ଧର୍ମରଥ ଥିଲେ ସୋମବଂଶୀୟ ମହାରାଜା। ଯୁଦ୍ଧରେ ସେ ପାଳବଂଶୀୟ ଅଜାପାଳଙ୍କୁ ଜୟ କରି ତାଙ୍କଠାରୁ କାମପାଳ ନାମକ ଏକ ବିରାଟ ଯୁଦ୍ଧହସ୍ତୀ ସମେତ ୩୨ ଘର ହାତୀ ବଳପୂର୍ବକ ଛଡ଼ାଇ ଆଣିଥିଲେ।

ଜିତ୍ୱାଜାପାଳମାଜୌ ଜନିତ ସୁରବଧୂ
ବିସ୍ମରସ୍ମେରବକ୍ତ୍ରଃ।
ଦ୍ୱାତ୍ରିଂଶତ୍ ସଃ କରୀନ୍ଦ୍ରାନ୍
ଶରନିକରହତାରୋହୋକାନଗ୍ରହୀଦ୍ ଯଃ॥

+ + +

ତାଙ୍କରି ପ୍ରଭାବରେ ଗୌଡ଼ଦେଶ ଓ ଆନ୍ଧ୍ରା ନଗରୀ ଭସ୍ମରେ ପରିଣତ ହୋଇଥିଲା। ସେତେବେଳେ ଗୌଡ଼ର ରାଜା ଥିଲେ ବିଗ୍ରହପାଳ (୨ୟ)। ସୋମବଂଶୀ ମହାରାଜା ଧର୍ମରଥଙ୍କ ଭାରତ ଦିଗ୍‌ବିଜୟ ଯେପରି ଓଡ଼ିଶାର ବୀରତ୍ୱର ପରିଚାୟକ ହୋଇଥିଲା, ସେପରି ମହାରାଜା ଯଯାତି କେଶରୀ (୨ୟ) ମହାଶିବଗୁପ୍ତଙ୍କ ଦିଗ୍‌ବିଜୟ ମଧ୍ୟ ଅଧିକ ବୀରତ୍ୱର ପରିଚାୟକ ଅଟେ। ଡ. ରାଜଗୁରୁଙ୍କର ଏହି ମତକୁ ଆମେ ଉଦାହରଣ ଦେବାର ଉଦ୍ଦେଶ୍ୟ ସ୍ପଷ୍ଟ। ଆମେ ଆମର ଦିଗ୍‌ବିଜୟକୁ ଭାରତ ଇତିହାସରେ ଉପସ୍ଥାପିତ ଲାଗି ଯେପରି ଆନମନା ହୋଇଥିଲୁ, ସେପରି ଭାରତ ପ୍ରଥମ ସ୍ୱାଧୀନତା ସଂଗ୍ରାମକୁ ସ୍ୱୀକାର ନ କରି ରାଜଦ୍ରୋହ ଆଖ୍ୟା ଦେଇ ୧୮୧୭ ମସିହାର ଯୁଦ୍ଧକୁ ମଧ୍ୟ 'ବିଦ୍ରୋହ' ଶବ୍ଦରେ ପାଣିଚିଆ କରିବାର ପ୍ରୟାସରେ ଏବେ ଡିଣ୍ଡିମ ପିଟୁଛୁ।



ରୋଡଙ୍ଗଗଡ଼ର ଦ୍ୱାର। (ଫଟୋ: ସ୍ୱାଧୀନ ଚମ୍ପତିରାୟ)



ଦିବ୍ୟସିଂହ ଦେବଙ୍କ ଅଭିଷେକ। (ଫାଇଲ ଫଟୋ)



> ଆମେରିକାକୁ ବେଆଇନ ଭାବେ ଅନୁପ୍ରବେଶ କରୁଥିବା ଲୋକଙ୍କୁ ଧରି ଅଟକ ରଖାଯିବ। ଏଭଳି ପ୍ରବାସୀଙ୍କ ଦାବିକୁ କୋର୍ଟ ବ୍ୟକ୍ତିଗତ ଭାବେ ମଞ୍ଜୁରୀ ନ ଦେବା ଯାଏ ସେମାନଙ୍କୁ ଛଡ଼ାଯିବ ନାହିଁ।
>
> **–ଡୋନାଲ୍ଡ ଟ୍ରମ୍ପ, ଆମେରିକା ରାଷ୍ଟ୍ରପତି**

## ସଂକ୍ଷେପରେ

### ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜାଫର ସରିଫଙ୍କ ପରଲୋକ



**ନୂଆଦିଲ୍ଲୀ,୨୫।୧୧(ପି.ଟି.):** ପୂର୍ବତନ କେନ୍ଦ୍ର ରେଳମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସି.କେ. ଜାଫର ସରିଫଙ୍କର ରବିବାର ସକାଳେ ବେଙ୍ଗାଲୁରୁର ଏକ ହସ୍ପିଟାଲରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା। ଶୁକ୍ରବାର ନମାଜ ପାଠ ଲାଗି ଯିବା ବେଳେ ସେ ସଂଜ୍ଞାହୀନ ହୋଇପଡିବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସରିଫ ବେଙ୍ଗାଲୁରୁ ଉତ୍ତର ଏବଂ ବେଙ୍ଗାଲୁରୁ ଗ୍ରାମାଞ୍ଚଳ ଲୋକ ସଭା ଆସନରୁ ଏକାଧିକ ଥର ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଥିଲେ ଏବଂ ପି.ଭି. ନରସିଂହ ରାଓ ସରକାରରେ ୧୯୯୧ରୁ ୧୯୯୫ ପର୍ଯ୍ୟନ୍ତ ରେଳମନ୍ତ୍ରୀ ଥିଲେ। ସେ ଜଣେ ଜାତୀୟ ସ୍ତରର ନେତା ଥିଲେ, ଯାହାଙ୍କର ସବୁ ସମ୍ପ୍ରଦାୟ ସହ ସମ୍ପର୍କ ରହିଥିଲା। ପ୍ରକୃତରେ ସେ ଜଣେ ଧର୍ମନିରପେକ୍ଷ ନେତା ଥିଲେ।

### ନଦୀରେ ବସ୍ ଖସି ୯ ମୃତ

**ନାହାନ(ହିମାଚଳପ୍ରଦେଶ)୨୫।୧୧(ପି.ଟି.):** ହିମାଚଳପ୍ରଦେଶର ସିରମୌର ଜିଲାରେ ବସ୍ ଦୁର୍ଘଟଣାରେ ୯ ଜଣଙ୍କର ମୃତ୍ୟୁ ହୋଇଥିଲା ବେଳେ ୨୫ ଜଣ ଆହତ ହୋଇଛନ୍ତି। ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ରେଣୁକାଜୀରୁ ନାହାନ ଯାଉଥିବା ବସ୍‌ଟି ୪୦ ଫୁଟ ଉଚ୍ଚ ବ୍ରିଜରୁ ଜଲାଲ ନଦୀ ମଧ୍ୟକୁ ଖସିପଡିଥିଲା। ଘଟଣାସ୍ଥଳରେ ୪ ଜଣଙ୍କର ମୃତ୍ୟୁ ହୋଇଥିଲା ବେଳେ ଗୁରୁତର ଥିବା ଅନ୍ୟ ୫ ଜଣଙ୍କର ହସ୍ପିଟାଲରେ ମୃତ୍ୟୁ ଘଟିଛି। ଆହତମାନଙ୍କୁ ନାହାନ ମେଡିକାଲ କଲେଜ ଏବଂ ଡାଡୁହୁ ସବ୍‌ଡିଭିଜନ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଡ୍ରାଇଭରର ବେପରୁଆ ଗାଡିଚାଳନା ଯୋଗୁ ଏଭଳି ଦୁର୍ଘଟଣା ଘଟିଲା ବୋଲି ଉଦ୍ଧାର କାର୍ଯ୍ୟ ତଦାରଖ କରୁଥିବା ଏଏସ୍‌ପି କହିଛନ୍ତି। ପୋଲିସ ଦୁର୍ଘଟଣାର ତଦନ୍ତ କରୁଛି।

### ମୋଜାମ୍ବିକରେ ହମଲା :୧୨ ନିହତ

ମାପୁଟୋ,୨୫।୧୧(ପି.ଟି.)

ଉତ୍ତର ମୋଜାମ୍ବିକର ନାଙ୍ଗାନେ ଜିଲାରେ ଇସଲାମୀୟ ମୌଳବାଦୀଙ୍କ ଆକ୍ରମଣରେ ୧୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ମହିଳା ଓ ଶିଶୁ ଅଛନ୍ତି। ଆକ୍ରମଣ ପରେ ଉକ୍ତ ଅଞ୍ଚଳରୁ ହଜାର ହଜାର ଲୋକ ଭୟଭୀତ ହୋଇ ପଡୋଶୀ ତାଞ୍ଜାନିଆକୁ ପଳାଇ ଯାଇଥିବା ପୋଲିସ କହିଛି।

### ଉଗାଣ୍ଡାରେ ବୋଟ ବୁଡ଼ି ୨୨ ମୃତ

**ମୁଟିମା,୨୫।୧୧(ପି.ଟି.):** ଉଗାଣ୍ଡାର ଉଗାଣ୍ଡାର ଭିକ୍ଟୋରିଆ ଲେକ୍‌ରେ ଏକ ବୋଟ ବୁଡିଯିବାରୁ ୨୨ ଜଣଙ୍କର ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ୬୦ରୁ ଅଧିକ ଲୋକ ବୁଡ଼ି ଯାଇଥିବା ଆଶଙ୍କା କରାଯାଉଛି। ବୋଟରେ ପାଖାପାଖି ୧୦୦ ଜଣ ଲୋକ ଯାଉଥିଲା ବେଳେ ଓଭରଲୋଡିଂ ଏବଂ ଖରାପ ପାଗ ଯୋଗୁ ତାହା ବୁଡିଯାଇଥିବା କୁହାଯାଉଛି। ୨୨ ଜଣଙ୍କ ମୃତଦେହ ମିଳିଥିଲା ବେଳେ ୨୬ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ଲୋକମାନେ ପାର୍ଟି ମନାଇବା ଲାଗି ବୋଟ ଯାତ୍ରା କରୁଥିଲେ।

### ଇତିହାସର ଆଇନାରେ

#### ନଭେମ୍ବର ୨୬ର ପ୍ରମୁଖ ଘଟଣା

୨୦୦୮ ନଭେମ୍ବର ୨୬ରେ ମୁମ୍ବାଇରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଏହାକୁ ୨୬/୧୧ ଆକ୍ରମଣ ଭାବରେ ଅଭିହିତ କରାଯାଏ। ପାକିସ୍ତାନର ଏଲ୍-ଇ-ଟି ଗୋଷ୍ଠୀର ୧୦ଜଣ ଆତଙ୍କବାଦୀ ସମୁଦ୍ର ପଥରେ ଆସି ମୁମ୍ବାଇର ତାଜ୍ ହୋଟେଲ ସମେତ ବିଭିନ୍ନ ସ୍ଥାନରେ ବୋମା ବର୍ଷଣ କରିବା ସହିତ ଗୁଳିରେ ଆକ୍ରମଣ କରିଥିଲେ। ଆକ୍ରମଣରେ ୧୬୪ ନିରୀହ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୩୦୮ ଆହତ ହୋଇଥିଲେ।

୧୯୯୭ ନଭେମ୍ବର ୨୬ରେ ଟୋନି ବ୍ଲେୟାର ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ ହୋଇଥିଲେ। ୧୯୫୩ ମେ ୬ରେ ଜନ୍ମଗ୍ରହଣ କରିଥିବା ଟୋନି ୧୯୯୭ରୁ ୨୦୦୭ ପର୍ଯ୍ୟନ୍ତ ଦୁଇଥର ପ୍ରଧାନମନ୍ତ୍ରୀ ହୋଇଥିଲେ। ୧୯୯୪ରୁ ୨୦୦୭ ପର୍ଯ୍ୟନ୍ତ ସେ ଲେବର ପାର୍ଟିର ନେତୃତ୍ୱ ନେଇଥିଲେ।

## ରାମମନ୍ଦିର ନିର୍ମାଣ ନେଇ ଧର୍ମସଭାର ନିଷ୍ପତ୍ତି

# କୁମ୍ଭମେଳାରେ ତାରିଖ ଘୋଷଣା

**ଅଯୋଧ୍ୟା,୨୫।୧୧**




ଅଯୋଧ୍ୟାରେ ରାମମନ୍ଦିର। ନବେ ଦଶକରୁ ଏହା ହେଉଛି ଅଧିକାଂଶ ହିନ୍ଦୁଙ୍କ ସ୍ୱପ୍ନ। ସମ୍ଭବତଃ ଏଇଥିପାଇଁ ପ୍ରତି ୫ ବର୍ଷରେ ନିର୍ବାଚନ ଆସିଲେ ଭାଜପାକୁ ମନେପଡ଼େ ଏହି ପ୍ରସଙ୍ଗ। ଏଥର ଉଭୟ କେନ୍ଦ୍ର ଓ ଉତ୍ତରପ୍ରଦେଶରେ କ୍ଷମତାସୀନ ଗୈରିକ ଦଳ ୨୦୧୯ରେ ପୁଣି କ୍ଷମତାସୀନ ହେବା ପାଇଁ ଏହାକୁ କରିଛି ଅସ୍ତ୍ର। ରାମ ଜନ୍ମଭୂମି–ବାବ୍ରି ମସ୍‌ଜିଦ ଜମି ବିବାଦ ସୁପ୍ରିମକୋର୍ଟରେ ବିଚାରାଧୀନ ଥିବାବେଳେ ହିନ୍ଦୁତ୍ୱବାଦୀ ସଙ୍ଗଠନଗୁଡ଼ିକୁ ନେଇ ଏକ ଚାପ ଗୋଷ୍ଠୀ ତିଆରି କରିଛି ଏନ୍‌ଡିଏ। ସେପଟେ ଭାଜପାଠାରୁ ହିନ୍ଦୁ ଭୋଟ ଛଡ଼ାଇନେବା ପାଇଁ ତା’ର ତଥାକଥିତ ଏକଚାଟିଆ ଅଧିକାରକୁ କ୍ଷୁଣ୍ଣ କରିବାକୁ ଗୋଟି ଚଳାଇଛି ଅମାନିଆ ସହଯୋଗୀ ଶିବସେନା। ଏହି ପରିପ୍ରେକ୍ଷୀରେ ଅଯୋଧ୍ୟାରେ ଆୟୋଜିତ ହୋଇଛି ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି)ର ‘ଧର୍ମସଭା’। ହଜାର ହଜାର ସାଧୁସନ୍ଥ, ଭାଜପା କର୍ମୀ ଓ ଶିବ ସୈନିକଙ୍କ ରଣହୁଙ୍କାରରେ ଅଯୋଧ୍ୟା ଉଠୁଛି ପଡୁଛି। ୧୯୯୨ ଡିସେମ୍ବର ୬ରେ ବାବ୍ରି ମସ୍‌ଜିଦ ଭଙ୍ଗାଯିବା ପରଠାରୁ ଅଯୋଧ୍ୟାରେ ଏହା ହେଉଛି ସବୁଠୁ ବଡ଼ ସମାବେଶ।

ବହୁ ପ୍ରତୀକ୍ଷିତ ରାମମନ୍ଦିର କେବେ ନିର୍ମାଣ କରାଯିବ ସେନେଇ ପ୍ରୟାଗରେ ଆସନ୍ତା ଜାନୁୟାରୀରେ ହେବାକୁ ଥିବା କୁମ୍ଭମେଳାରେ ଘୋଷଣା କରାଯିବ ବୋଲି ରବିବାର ଭିଏଚ୍‌ପିର ‘ଧର୍ମସଭା’ରେ ସାଧୁସନ୍ଥମାନେ ସ୍ପଷ୍ଟ କରିଛନ୍ତି।

ରାମମନ୍ଦିର ନିର୍ମାଣ ଦାବିରେ ଅଯୋଧ୍ୟାର ବଡ଼େ ଭକ୍ତ ମାଲ କୀ ବଗିଆରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଛି। ଏହି ଅବସରରେ ଧର୍ମସଭାକୁ ସମ୍ବୋଧିତ କରି ନିର୍ମୋହି ଆଖଡ଼ାର ରାମଜୀ ଦାଶ କହିଛନ୍ତି, ରାମମନ୍ଦିର ନିର୍ମାଣ ଆଉ ବିଳମ୍ବିତ ହେବ ନାହିଁ। ପ୍ରୟାଗ କୁମ୍ଭମେଳାରେ ଏହାର ନିର୍ମାଣ ଆରମ୍ଭ ତାରିଖ ଘୋଷଣା କରାଯିବ। ରାମଜନ୍ମଭୂମି ନ୍ୟାସ ଅଧ୍ୟକ୍ଷ ନୃତ୍ୟଗୋପାଳ ଦାଶ କହିଛନ୍ତି, ଅଦାଲତକୁ ଆମେ ସମ୍ମାନ କରୁଛୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କଠାରୁ ବଡ଼ ଆଶା କରାଯାଉଛି। ଉଭୟେ ମିଶି ଯଥାଶୀଘ୍ର ସମ୍ଭବ ରାମମନ୍ଦିର ନିର୍ମାଣର ପଥ ପରିଷ୍କାର କରନ୍ତୁ। ଅନ୍ୟପକ୍ଷରେ ‘ଧର୍ମସଭା’ ଅବସରରେ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି ହେବା ଆଶଙ୍କାରେ ସହରକୁ ସୁରକ୍ଷା ଛାଉଣିରେ ପରିଣତ କରାଯାଇଛି। ଏହାସତ୍ତ୍ୱେ ସଂଖ୍ୟାଲଘୁ ମୁସଲିମ ସମ୍ପ୍ରଦାୟର ବହୁ ମହିଳା ଓ ଶିଶୁ ଭୟ ଓ ଆତଙ୍କରେ ଅଯୋଧ୍ୟା ଛାଡ଼ି ଅନ୍ୟତ୍ର ପଳାୟନ କରିବାକୁ ବାଧ ହୋଇଛନ୍ତି। ଅନେକ ମୁସଲମାନଙ୍କ ଘରେ ତାଲା ଝୁଲୁଛି। କେବଳ ଅଯୋଧ୍ୟା ନୁହେଁ, ବରଂ ସମଗ୍ର ଉତ୍ତରପ୍ରଦେଶ ଓ ଜାତୀୟ ରାଜନୀତି ଏହାକୁ ନେଇ ସରଗରମ ହୋଇଛି। ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବିରୋଧୀ ଦଳଗୁଡ଼ିକ ଭାଜପାକୁ ଟାର୍ଗେଟ କରିଛନ୍ତି। କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଯେପରି ସୃଷ୍ଟି ନ ହୁଏ ସେଥିପାଇଁ ମୁସଲମାନ ସଙ୍ଗଠନଗୁଡ଼ିକ ଚିନ୍ତାବ୍ୟକ୍ତ କରିଛନ୍ତି। ୧୨ରୁ ଊର୍ଦ୍ଧ୍ୱ ସଂଖ୍ୟାଲଘୁ ସଙ୍ଗଠନକୁ ନେଇ ଗଠିତ ଅଲ୍ ଇଣ୍ଡିଆ ମୁସ୍‌ଲିମ ମଜ୍‌ଲିସ୍-ଇ-ମୁଶାଓ୍ୱରାତ୍ (ଏଆଇଏମ୍‌ଏମ୍‌ଏମ୍) ରବିବାର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ପତ୍ର ଲେଖି ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି। ଅଯୋଧ୍ୟାରେ ୨୨୧ ମିଟର ଉଚ୍ଚତାର ରାମ ମୂର୍ତ୍ତି ନିର୍ମାଣ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ ମଞ୍ଜୁରୀ ଦେଇଛନ୍ତି।

### ଉଠୁଛି ପଡୁଛି ଅଯୋଧ୍ୟା

- ୧୯୯୨ ପରେ ଭିଏଚ୍‌ପି, ଶିବସେନାର ସବୁଠୁ ବଡ଼ ସମାବେଶ
- ୨୨୧ ମିଟର ଉଚ୍ଚ ରାମ ମୂର୍ତ୍ତି ମଡେଲକୁ ଯୋଗୀଙ୍କ ମଞ୍ଜୁରୀ
- ଭୟରେ ଘର ଛାଡ଼ୁଛନ୍ତି ସଂଖ୍ୟାଲଘୁ

> ଅଯୋଧ୍ୟା ମାମଲାର ଶୁଣାଣି କରୁଥିବା ବିଚାରପତିଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବାକୁ ଧମକ ଦେଇଥିଲା କଂଗ୍ରେସ।
>
> **-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**



> ଏଥର ରାମମନ୍ଦିର ନିର୍ମାଣ କରିବା ପାଇଁ କେନ୍ଦ୍ରର ସମ୍ପୂର୍ଣ୍ଣ ଅଧିକାର ରହିଛି। ମନ୍ଦିର ନିର୍ମାଣ ନ କଲେ ଏହି ଏନ୍‌ଡିଏ ସରକାର ପୁନଃ କ୍ଷମତାସୀନ ହୋଇପାରିବ ନାହିଁ।
>
> **-ଉଦ୍ଧବ ଠାକ୍‌ରେ, ଶିବସେନା ଅଧ୍ୟକ୍ଷ**



> ନିର୍ବାଚନ ପାଖେଇ ଆସୁଥିବାରୁ ଭାଜପା ରାମଙ୍କ ନାମରେ ଭୋଟ ମାଗି ଲୋକଙ୍କ ଧାର୍ମିକ ଭାବାବେଗ ସହିତ ଖେଳୁଛନ୍ତି। ଏଭଳି ବିଭାଜନକାରୀ ରାଜନୀତିକୁ ପ୍ରତିହତ କରାଯିବ।
>
> **-ସୀତାରାମ ୟେଚୁରୀ, ସିପିଏମ୍ ସାଧାରଣ ସମ୍ପାଦକ**



> ବିଶ୍ୱହିନ୍ଦୁ ପରିଷଦର ‘ଧର୍ମସଭା’ ଓ ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେଙ୍କ ଅଯୋଧ୍ୟା ଗସ୍ତ ସୁପ୍ରିମକୋର୍ଟଙ୍କୁ ଏକ ଖୋଲା ଚ୍ୟାଲେଞ୍ଜ।
>
> **-ମୌଲାନା ୱାଲି ରେହମାନି, ଏଆଇଏମ୍‌ପିଏଲ୍‌ବି ସାଧାରଣ ସମ୍ପାଦକ**



## ସିଆଇସିଙ୍କ ନିର୍ଦ୍ଦେଶକୁ ବେଖାତିର

# କଳାଧନ ତଥ୍ୟ ଦେଉନି ପିଏମ୍‌ଓ

**ନୂଆଦିଲ୍ଲୀ,୨୫।୧୧(ପି.ଟି.)**



କେନ୍ଦ୍ରୀୟ ସୂଚନା କମିଶନ (ସିଆଇସି)ଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ବିଦେଶରୁ କେତେ ପରିମାଣରେ କଳାଧନ ଫେରିଛି ତାହାର ତଥ୍ୟ ଦେଉନାହିଁ। କୌଣସି ତଥ୍ୟ ଉପରେ ତଦନ୍ତ ଏବଂ ଅପରାଧୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସମ୍ଭାବନା ଥିଲେ ସେପରି ସ୍ଥଳରେ ତଥ୍ୟ ପ୍ରଦାନ ନ କରିବାକୁ ଆରଟିଆଇ ଆଇନରେ ବ୍ୟବସ୍ଥା ରହିଥିବା ପିଏମ୍‌ଓ ସଫେଇ ଦେଉଛି। ଗତ ଅକ୍ଟୋବର ୧୬ରେ ସିଆଇସି କଳାଧନ ତଥ୍ୟ ୧୫ ଦିନ ମଧ୍ୟରେ ଆବେଦନକାରୀଙ୍କୁ ପ୍ରଦାନ କରିବା ଲାଗି ପିଏମ୍‌ଓକୁ ନିର୍ଦ୍ଦେଶ ଦେଇଥିଲେ। ଏହାର ଉତ୍ତରରେ ପିଏମ୍‌ଓ କହିଛି, କଳାଧନର ତଦନ୍ତ ଲାଗି ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରାଯାଇଛି ଏବଂ ଏହା ତଦନ୍ତାଧୀନ ରହିଛି। ତେଣୁ ବର୍ତ୍ତମାନ ପରିପ୍ରେକ୍ଷୀରେ ତଥ୍ୟ ପ୍ରକାଶ କଲେ ତାହା ତଦନ୍ତ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାକୁ ପ୍ରଭାବିତ କରିବ। ଏଭଳି ସମ୍ଭାବନା ଥିଲେ ଆରଟିଆଇ ଆଇନର ଧାରା ୮(୧)(ଏଚ)ରେ ତଥ୍ୟ ନଦେବା ଲାଗି କୁହାଯାଇଥିବା ପିଏମ୍‌ଓ କହିଛି। ହ୍ୱିସିଲବ୍ଲୋୟର ପ୍ରଶାସନିକ ଅଧିକାରୀ ସଞ୍ଜୀବ ଚତୁର୍ବେଦୀ ଆରଟିଆଇରେ ତଥ୍ୟ ମାଗିଥିଲେ। ୨୦୧୪ ଜୁନ୍ ୧ ତାରିଖଠାରୁ ବର୍ତ୍ତମାନ ସୁଦ୍ଧା ବିଦେଶରୁ କେତେ ପରିମାଣର କଳାଧନ ଫେରିଆସିଛି, ତାହା ଜଣାଇବାକୁ ଭାରତୀୟ ଜଙ୍ଗଲ ସେବା ଅଧିକାରୀ ଚତୁର୍ବେଦୀ ଆବେଦନ କରିଥିଲେ। ତାଙ୍କୁ ଉତ୍ତର ନ ମିଳିବାରୁ ସେ ସିଆଇସିଙ୍କ ଦ୍ୱାରସ୍ଥ ହୋଇଥିଲେ।

## ୫୦ତମ ମନ୍ କୀ ବାତ୍

# ଅଧିକାର, କର୍ତ୍ତବ୍ୟ ମଧ୍ୟରେ ସମନ୍ୱୟ ରହୁ

**ନୂଆଦିଲ୍ଲୀ,୨୫।୧୧(ପି.ଟି.)**

ପ୍ରଧାନମନ୍ତ୍ରୀ ରବିବାର ତାଙ୍କର ୫୦ତମ ମନ୍ କୀ ବାତ୍ ରେଡିଓ ବାର୍ତ୍ତାରେ ପରିବାରର ବୟୋଜ୍ୟେଷ୍ଠ ଏବଂ କନିଷ୍ଠ ସଦସ୍ୟମାନଙ୍କ ମଧ୍ୟରେ ଯୋଗାଯୋଗ ଏବଂ ଖୋଲା ଆଲୋଚନା ହ୍ରାସ ପାଉଥିବା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଭଳି ଆଲୋଚନାରୁ ପିଲାଙ୍କୁ ଅନେକ କିଛି ଶିଖିବାକୁ ମିଳିଥାଏ ତଥା ଅନେକ ସମସ୍ୟା ସମାଧାନ ହୋଇଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏଥିସହିତ ସମ୍ବିଧାନ ପ୍ରଦତ୍ତ ଅଧିକାର ଏବଂ କର୍ତ୍ତବ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ଯଦି ଆମେ ଅନ୍ୟର ଅଧିକାରକୁ ସମ୍ମାନ ଦେବା ତେବେ ଆମର ଅଧିକାର ସ୍ୱତଃ ସୁରକ୍ଷିତ ହେବ। ସେହିପରି ଆମେ ଯଦି ନିଜର କର୍ତ୍ତବ୍ୟ ପୂରଣ କରିବା ତେବେ ଆମ ଅଧିକାର ମଧ୍ୟ ସୁରକ୍ଷିତ ରହିବ ବୋଲି ସେ କହିଥିଲେ।

ଯୁବସମାଜ ପାଖରେ ଧୈର୍ଯ୍ୟ ନାହିଁ କହିବା ଠିକ ନୁହେଁ। ତାଙ୍କ ବିଚାରରେ ସମୟ ନଷ୍ଟ କରିବା ପାଇଁ ନୁହେଁ ଚିନ୍ତାଧାରା ଆଜିର ପିଲାଙ୍କୁ ଅଧିକ ଇନୋଭେଟିଭ୍ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ମନ୍ କି ବାତ୍ ଏକ ଅଣରାଜନୈତିକ କାର୍ଯ୍ୟକ୍ରମ। ଏହି ମାସିକ ରେଡିଓ ବାର୍ତ୍ତାରୁ ସେ ରାଜନୀତିକୁ ଜାଣିଶୁଣି ବାହାରେ ରଖିଥିଲେ, କାରଣ ଏହା ଲୋକମାନଙ୍କ ଆଶା ଆକାଂକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମ। ନିଜର କିମ୍ବା ସରକାରଙ୍କ ସଫଳତା ବଖାଣିବାର ପ୍ଲାଟଫର୍ମ ନୁହେଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ଫୁର୍‌ସତ

### ରାତି ଯାଏ ଖୋଲାରହିବ ଐତିହାସିକ ସ୍ମାରକୀ



**ନୂଆଦିଲ୍ଲୀ:** ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ଅଧୀନରେ ଥିବା ପାଖାପାଖି ୪,୦୦୦ ଐତିହାସିକ ସ୍ମାରକୀ ସ୍ଥଳ ରାତି ୯ଟା ପର୍ଯ୍ୟନ୍ତ ଉନ୍ମୁକ୍ତ ରଖିବାକୁ ସରକାର ଯୋଜନା କରୁଛନ୍ତି। ଏଥିପାଇଁ ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହେବା ସମ୍ଭାବନା ଅଛି। ଜଣେ ବରିଷ୍ଠ ଅଫିସରଙ୍କ କହିବାନୁଯାୟୀ, ଏହିସବୁ ସ୍ମାରକୀସ୍ଥଳଗୁଡିକ ଉଭୟ ଘରୋଇ ଏବଂ ବିଦେଶୀ ପର୍ଯ୍ୟଟକଙ୍କ ନିମନ୍ତେ ଆକର୍ଷଣୀୟ କ୍ଷେତ୍ର। ଏଗୁଡିକୁ ରାତ୍ରି ପର୍ଯ୍ୟନ୍ତ ଖୋଲିବା ସହିତ ପର୍ଯ୍ୟଟନ କ୍ଷେତ୍ରଗୁଡିକର ବିକାଶ କରାଗଲେ ପର୍ଯ୍ୟଟକମାନେ ଅଧିକ ସଂଖ୍ୟାରେ ଆକୃଷ୍ଟ ହୋଇପାରିବେ। ଭାରତର ଐତିହାସିକ ସ୍ଥଳଗୁଡିକୁ ସୂର୍ଯ୍ୟାସ୍ତ ପରେ ବନ୍ଦ କରିଦିଆଯାଏ। ଅର୍ଥାତ୍ ପର୍ଯ୍ୟଟକଙ୍କୁ ସଂଧ୍ୟା ପରେ ପ୍ରବେଶ ଅନୁମତି ମିଳେନାହିଁ। କିନ୍ତୁ ଏହି କ୍ଷେତ୍ରଗୁଡିକୁ ଅଧିକ ଆଲୋକ ଏବଂ ଶବ୍ଦ ସୃଷ୍ଟିକାରୀ ଯନ୍ତ୍ର, ପ୍ରଦର୍ଶନୀ ଏବଂ ଖେଳ ଦ୍ୱାରା ସମୃଦ୍ଧ କରାଗଲେ ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଆକର୍ଷଣ କରାଯାଇ ପାରିବ।

# କସବଙ୍କୁ ଦିଆଯାଇଥିଲା ‘ସମୁଦ୍ର ତାଲିମ’




**ନୂଆଦିଲ୍ଲୀ:** ଗଭୀର ସମୁଦ୍ରରେ କିପରି ମାଛ ଧରିବାକୁ ହେବ ସେ ସମ୍ପର୍କରେ ୨୬/୧୧ ଆକ୍ରମଣର ଅନ୍ୟତମ ଆତଙ୍କବାଦୀ ଅଜମଲ କସବଙ୍କୁ କରାଚୀରେ ତାଲିମ୍ ଦିଆଯାଇଥିଲା। ପାକିସ୍ତାନୀ ଆତଙ୍କବାଦୀ ଗୋଷ୍ଠୀ ‘ଲଶ୍କର-ଇ-ତଇବା’(ଏଲ୍‌ଇଟି) ଆତଙ୍କବାଦୀମାନଙ୍କୁ ସମୁଦ୍ର ତାଲିମ ଦେଉଥିଲା ବୋଲି ନୂତନ ପୁସ୍ତକ ‘ଫ୍ରାଜାଇଲ୍ ଫ୍ରଣ୍ଟିୟର୍ସ: ଦି ସିକ୍ରେଟ ହିଷ୍ଟ୍ରି ଅଫ୍ ମୁମ୍ବାଇ ଟେରର ଆଟାକ୍ସ’ରେ ପ୍ରକାଶ ପାଇଛି। ତାଲିମ ପାଇ ସାରିବା ପରେ ଭଲ ବେତନରେ ଚାକିରି ମିଳିବ ବୋଲି କସବଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଏହି ତାଲିମ ଆତଙ୍କବାଦ ଘଟାଇବା ପାଇଁ ଉଦ୍ଦିଷ୍ଟ ଥିଲା ବୋଲି କସବଙ୍କୁ ଆଦୌ ଜଣା ନ ଥିଲା। ଜେରା ସମୟରେ କସବ ଏହା ପ୍ରକାଶ କରିଥିବା ଉକ୍ତ ପୁସ୍ତକରେ ବର୍ଣ୍ଣନା କରାଯାଇଛି। ଐତିହାସିକ ସରୋଜ କୁମାର ରଥଙ୍କ ଦ୍ୱାରା ଲିଖିତ ଉକ୍ତ ପୁସ୍ତକରେ ପୁଣି ଲେଖାଯାଇଛି, ପ୍ରଘଟ ହୋଇଯିବା ଆଶଙ୍କାରେ ମୁମ୍ବାଇ ଆକ୍ରମଣ ଯୋଜନାକୁ ଏଲ୍‌ଇଟି କମାଣ୍ଡର ହାଫିଜ ସୟିଦ, ଜାକିର-ଉର ରେହମନ୍ ଲାଖ୍‌ଭି, ଅବୁ ହାମ୍‌ଜା ଏବଂ ଅନ୍ୟମାନେ ନଭେମ୍ବର ୨୦୦୮ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଗୋପନ ରଖିଥିଲେ। ମୁମ୍ବାଇରେ ଆକ୍ରମଣ ଲାଗି ଆତଙ୍କବାଦୀଙ୍କୁ ଏଲ୍‌ଇଟି ଏବଂ ଆଇଏସ୍‌ଆଇ ମିଳିତ ଭାବେ ତାଲିମ ଦେଇଥିଲେ। ମୁମ୍ବାଇ ଆକ୍ରମଣ ପାଇଁ ୧୦ଆତଙ୍କବାଦୀଙ୍କୁ ୪ ପର୍ଯ୍ୟାୟରେ ତାଲିମ ପ୍ରଦାନ ପରେ ସମୁଦ୍ର ତାଲିମ ଦିଆଯାଇଥିଲା। ମାନଚିତ୍ରରୁ ସ୍ଥାନ ନିରୂପଣ, ସମୁଦ୍ରର ଗଭୀରତା ମାପ, ସମୁଦ୍ରପଥରେ ଜିପିଏସ୍ ବ୍ୟବହାର ଏବଂ ନୌକା ଚଳାଇବା ତାଲିମ ଦିଆଯାଉଥିଲା। ଭାରତୀୟ ନୌସେନାକୁ ବିପଥଗାମୀ କରାଇବା ପାଇଁ ଧୀବରଙ୍କ ଭଳି କିପରି ମାଛ ଧରିବାକୁ ହେବ ସେ ସମ୍ପର୍କରେ ତାଲିମ ଦିଆଯାଉଥିଲା ବୋଲି ଉକ୍ତ ପୁସ୍ତକରେ ବର୍ଣ୍ଣନା କରାଯାଇଛି।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୦ | ୧୪.୨ |
| ଚାନ୍ଦବାଲି | ୨୮.୬ | ୧୫.୫ |
| କଟକ | --- | ୧୫.୦ |
| ପାରାଦ୍ୱୀପ | ୨୯.୬ | ୧୬.୭ |
| ଭୁବନେଶ୍ୱର | ୩୧.୧ | ୧୩.୬ |
| ଗୋପାଳପୁର | ୩୧.୨ | ୧୫.୮ |
| ପୁରୀ | ୨୯.୬ | ୧୮.୦ |
| ଅନୁଗୋଳ | ୨୮.୭ | ୧୧.୦ |
| ବାରିପଦା | ୨୭.୬ | ୧୪.୪ |
| ଝାରସୁଗୁଡ଼ା | ୨୯.୦ | ୧୨.୧ |
| କେନ୍ଦୁଝର | ୨୫.୬ | ୧୨.୪ |
| ସମ୍ବଲପୁର | ୨୯.୮ | ୧୩.୨ |
| ସୁନ୍ଦରଗଡ଼ | ୩୧.୦ | ୧୨.୦ |
| ହୀରାକୁଦ | ୨୯.୬ | ୧୩.୬ |
| ତାଳଚେର | ୩୨.୨ | ୧୩.୦ |
| ଭବାନୀପାଟଣା | ୨୯.୦ | ୧୧.୦ |
| ବଲାଙ୍ଗୀର | ୩୦.୦ | ୧୨.୫ |
| କୋରାପୁଟ | ୨୭.୦ | ୧୦.୦ |
| ଫୁଲବାଣୀ | --- | ୯.୦ |
| ଟିଟିଲାଗଡ଼ | --- | ୧୧.୫ |
| ମାଲକାନଗିରି | ୩୨.୦ | ୧୧.୧ |
| ସୋନପୁର | ୨୯.୮ | ୧୧.୨ |
| ଦାରିଙ୍ଗିବାଡ଼ି | ୩୦.୫ | ୯.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ପ୍ରିୟଙ୍କାଙ୍କୁ ପ୍ରି-ୱେଡ଼ିଂ ପାର୍ଟି



**ନୂଆଦିଲ୍ଲୀ:** ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏବଂ ତାଙ୍କ ଭାବି ସ୍ୱାମୀ ତଥା ଆମେରିକୀୟ ପପ୍ ଗାୟକ ନିକ୍ ଜୋନ୍‌ସଙ୍କ ଉଦ୍ଦେଶ୍ୟରେ ଏକ ପାର୍ଟି ଆୟୋଜିତ ହୋଇଥିଲା। ପ୍ରିୟଙ୍କାଙ୍କ ଅଭିନୀତ ଆଗାମୀ ଫିଲ୍ମ ‘ଦି ସ୍କାଏ ଇଜ୍ ପିଙ୍କ୍’ ଟିମ୍ ଦ୍ୱାରା ଏହି ପାର୍ଟି ଦିଆଯାଇଥିଲା। ଉକ୍ତ ଫିଲ୍ମ ପ୍ରସ୍ତୁତ କରୁଥିବା ପ୍ରଯୋଜନା ସଂସ୍ଥା ଏହାର ଅଫିସିଆଲ୍ ଟୁଇଟର୍‌ରେ ଉଲ୍ଲେଖ କରିଛି, ‘ବିବାହ କରିବାକୁ ଯାଉଥିବା ଏହି ସୁନ୍ଦରୀ କନ୍ୟାର ଜୀବନ ସବୁବେଳେ ପ୍ରେମମୟ, ହସହସ ଏବଂ ସୁଖକର ହେଉ।’ ପ୍ରିୟଙ୍କା, ନିକ୍, ନିର୍ଦ୍ଦେଶକ ସୋନାଲି ବୋଷ୍ ଏବଂ ପ୍ରଯୋଜକ ସିଦ୍ଧାର୍ଥ ରଏ କପୁରଙ୍କୁ ନେଇ ଏକ ଫଟୋଗ୍ରାଫ୍ ପୋଷ୍ଟ କରାଯାଇଛି। ଏଥିସହିତ ଗୋଟିଏ କେକ୍ ଉପରେ ଅନେକ କ୍ୟାଣ୍ଡେଲ୍ ପ୍ରଜ୍ୱଳିତ ହୋଇଥିବାର ଦୃଶ୍ୟ ଦେଖିବାକୁ ମିଳୁଛି। ଉକ୍ତ କେକ୍‌ରେ ‘ପ୍ରିୟଙ୍କା ଓ ନିକ୍‌ଙ୍କୁ ଅଭିନନ୍ଦନ’ ବୋଲି ଉଲ୍ଲେଖ ରହିଛି। ଉକ୍ତ ଭାବି ଦମ୍ପତି ଶନିବାର ଅପରାହ୍ନରେ ଦିଲ୍ଲୀ ଛାଡି ମୁମ୍ବାଇ ଅଭିମୁଖେ ଯାତ୍ରା କରିଥିଲେ। ଯୋଧପୁର ରାଜପ୍ରାସାଦରେ ନଭେମ୍ବର ୨୯ରୁ ଡିସେମ୍ବର ୨ ମଧ୍ୟରେ କୌଣସି ଦିନ ଶୁଭ ପରିଣୟ ହେବାକୁ ଯାଉଛି।


**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର–(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ–(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି–09999032822, କଟକ ଅଫିସ–(0671)2321004, 2322004, ସମ୍ବଲପୁର–(0663) 2405816, ଢେଙ୍କାନାଳ ଅଫିସ–(06762)224254, ଫୁଲବାଣୀ ଅଫିସ–(06842)253116, 9438367053, ବଲାଙ୍ଗୀର ଅଫିସ–(06652)234333, ବରଗଡ ଅଫିସ–(06646)234789, ଅନୁଗୋଳ–(06764)237556, (ତାଳଚେର–(06760)241177, ରାଉରକେଲା ଅଫିସ–(0661)2643242, ସୁନ୍ଦରଗଡ଼–9437346088, ଯାଜପୁର ଅଫିସ–8895242449, ପାରାଦୀପ–(06722)221081, ବାଲେଶ୍ୱର ଅଫିସ–(06782)240604, ବାରିପଦା ଅଫିସ–9437018073, ଭବାନୀପାଟଣା–9437153870, ରାୟଗଡା ଅଫିସ–(06856)225625, 9437090496, କୋରାପୁଟ ଅଫିସ–06852252599, ଜୟପୁର–9437182105, ନବରଙ୍ଗପୁର–9437119068, ସୋନପୁର–9438739383, ଯାଜପୁର ରୋଡ଼–(06726)265030, ଖୋର୍ଦ୍ଧା ଅଫିସ–(06755)223444, ପୁରୀ ଅଫିସ–(06752)221922, ଆସ୍କା–(06822)273440, 272144, କେନ୍ଦୁଝର–9437197395, ଜଗତ୍‌ସିଂହପୁର ଅଫିସ–(06724)224030, 8763968203, ନୟାଗଡଅଫିସ–(06753)252710, ଭଦ୍ରକଅଫିସ–(06784)242101, ନୂଆପଡ଼ାଅଫିସ–(06678)223068, ଝାରସୁଗୁଡ଼ାଅଫିସ–(06645)272799, ଦେବଗଡ–9437121562, କେନ୍ଦ୍ରାପଡ଼ାଅଫିସ–06727233825, ପାରଳାଖେମୁଣ୍ଡି–9437140002.



ସିନିୟର ମହିଳା କ୍ରିକେଟର ମିଥାଲି ରାଜଙ୍କ ଭଳି ମୁଁ ମଧ୍ୟ ଏକଦା ଭଲ ଫର୍ମରେ ଥାଇ ସୁଦ୍ଧା ଭାରତୀୟ କ୍ରିକେଟ ଦଳରୁ ବାଦ୍ ପଡ଼ିଥିଲି।

**-ସୌରଭ ଗାଙ୍ଗୁଲି, ପୂର୍ବତନ ଭାରତୀୟ ଅଧିନାୟକ**



ସର୍ଫରାଜ ଅହମ୍ମଦ ଯଦି ପାକିସ୍ତାନ କ୍ରିକେଟ ଦଳର ଗୋଟିଏ ଫର୍ମାଟର ଅଧିନାୟକ ରୁହନ୍ତି ତେବେ ତାଙ୍କ ଉପରୁ ଚାପ ହ୍ରାସ ପାଇବ।

**-ଜାହିର ଆବାସ, ପୂର୍ବତନ ପାକିସ୍ତାନ କ୍ରିକେଟର**

## ସଂକ୍ଷେପରେ

### ସି.କେ. ନାଇଡୁ ଟ୍ରଫି: ଓଡ଼ିଶା ପରାସ୍ତ

କଟକ ଅଫିସ,୨୫।୧୧: ନାଗପୁରରେ ଅନୁଷ୍ଠିତ ୨୩ବର୍ଷରୁ କମ୍ ସି.କେ ନାଇଡୁ ଟ୍ରଫିରେ ଓଡ଼ିଶା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ବିଦର୍ଭଠାରୁ ଇନିଂସ ଓ ୩୨ରନ୍‌ରେ ପରାସ୍ତ ହୋଇଛି । ବିଦର୍ଭର ପ୍ରଥମ ଇନିଂସ୍ ୪୧୫ରନ୍ ଜବାବରେ ଓଡ଼ିଶା ପ୍ରଥମ ଇନିଂସ୍‌ରେ ୨୨୮ରନରେ ଅଲଆଉଟ ହେବା ସହ ଫଲୋଅନ ପାଇ ଦ୍ୱିତୀୟ ଇନିଂସ ବ୍ୟାଟିଂ କରିଥିଲା। ତେବେ ଦ୍ୱିତୀୟ ଇନିଂସ୍‌ରେ ଓଡ଼ିଶା ମାତ୍ର ୧୫୫ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା ।

### ସାହାଣୀ କପ୍: କଟକ-ସୁନ୍ଦରଗଡ଼ ଫାଇନାଲ

କଟକ ଅଫିସ,୨୫।୧୧: ସମ୍ବଲପୁରରେ ଚାଲିଥିବା ୫୯ତମ ସିନିୟର ପୁରୁଷ ଆନ୍ତଃ ଜିଲା ଫୁଟବଲ ଚାମ୍ପିୟନଶିପ୍ ତଥା ସାହାଣୀ କପ୍‌ରେ ରବିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଖେଳାଯାଇଥିଲା । ଏଥିରେ ସୁନ୍ଦରଗଡ଼ ପେନାଲ୍ଟି କିକ୍ ଜରିଆରେ ସମ୍ବଲପୁରକୁ ପରାସ୍ତ କରି ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି । ପ୍ରଥମ ସେମିରେ ଢେଙ୍କାନାଳକୁ ୪-୨ ଗୋଲରେ ହରାଇ ଫାଇନାଲରେ କଟକ ପ୍ରବେଶ କରିଥିଲା । ମଙ୍ଗଳବାର କଟକ-ସୁନ୍ଦରଗଡ଼ ମଧ୍ୟରେ ଫାଇନାଲ ମୁକାବିଲା ହେବ। ସୁନ୍ଦରଗଡ଼ ଓ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ନିର୍ଦ୍ଧାରିତ ସମୟ ମଧ୍ୟରେ ୧-୧ ଗୋଲରେ ଡ୍ର ରହିଥିଲା । ସମ୍ବଲପୁର ପକ୍ଷରୁ ରାଜୁ ଓରାମ ୪୫ତମ ମିନିଟରେ ପ୍ରଥମ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧର ୮୯ତମ ମିନିଟରେ ସୁନ୍ଦରଗଡ଼ ପକ୍ଷରୁ କିଶୋର ଖାଡ଼ିଆ ଏକ ଗୋଲ ଦେଇ ସ୍କୋର ସମାନ ସ୍ଥିତିରେ ପହଞ୍ଚାଇଥିଲେ। ପରେ ପେନାଲ୍ଟି କିକ ଜରିଆରେ ଫଳାଫଳ ନିର୍ଦ୍ଧାରଣ ହୋଇଥିଲା। ଏଥିରେ ସୁନ୍ଦରଗଡ଼ ୬-୫ ଗୋଲରେ ବିଜୟୀ ହୋଇଛି ।

## ହକି ବିଶ୍ୱକପ: ଜର୍ମାନୀ, ଆୟର୍ଲାଣ୍ଡ ଦଳ ପହଞ୍ଚିଲା

# 'କୌଣସି ଦଳ ଫେଭରାଇଟ ନୁହେଁ'

ଭୁବନେଶ୍ୱର, ୨୫।୧୧ (କ୍ରୀଡ଼ା ପ୍ରତିନିଧି)

ହକି ବିଶ୍ୱକପ ଖେଳିବା ପାଇଁ ରବିବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି ଟାଇଟଲ ଦାବିଦାର ଜର୍ମାନୀ ଓ ଯୁବ ଦଳ ଆୟର୍ଲାଣ୍ଡ। ୨୦୧୪ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ପାକିସ୍ତାନକୁ ହରାଇ ଜର୍ମାନୀ ଚାମ୍ପିୟନ ହୋଇଥିଲା। ତେଣୁ କଳିଙ୍ଗ ଷ୍ଟାଡିୟମରେ ସେହି ପ୍ରଦର୍ଶନ ଦୋହରାଇବା ଲକ୍ଷ୍ୟରେ ରହିଛି ଜର୍ମାନୀ। ଗତବର୍ଷ ହକି ୱାର୍ଲ୍ଡ ଲିଗ୍ ଫାଇନାଲରେ ଦଳ ଭାରତଠାରୁ ହାରି ବ୍ରୋଞ୍ଜ ପଦକ ହାତଛଡ଼ା କରିଥିଲେ ହେଁ ଏଥର ଉନ୍ନତ ପ୍ରଦର୍ଶନ ନେଇ ବେଶ୍ ଆଶାବାଦୀ। '' ଆମେ ପୁଣି ଭୁବନେଶ୍ୱର ଆସିଥିବାରୁ ଖୁସି ଅନୁଭବ ହେଉଛି। ଆମେ ଏଠାରେ ଅନେକ ମ୍ୟାଚ ଖେଳିଛୁ, ଏଠାକାର ଦର୍ଶକ ବହୁତ ଭଲ। ଆମର ପ୍ରସ୍ତୁତି ଭଲ ରହିଛି। କିଛିଟା କ୍ଳାନ୍ତ ଅନୁଭବ ହେଉଥିଲେ ହେଁ ଆମେ ଯଥାଶିଘ୍ର ଅଭ୍ୟାସ ଆରମ୍ଭ କରିବୁ'' ବୋଲି କହିଛନ୍ତି ଜର୍ମାନୀ ଅଧିନାୟକ ଫ୍ଲୋରିଆନ ଫୁକ୍ସ। ଆଗାମୀ ବିଶ୍ୱକପ ସବୁ ଦଳପାଇଁ କଷ୍ଟସାଧ୍ୟ ହେବ। କୌଣସି ଗୋଟିଏ ଦଳକୁ ଫେଭରାଇଟ କୁହା ଯାଇ ପାରିବନାହିଁ। ଆମେ ଏଠାକୁ କିଛି ପାଇବା ଆଶାରେ ଆସିଛୁ ଏବଂ ଏଥିପାଇଁ ଆମ ଦଳର ଦକ୍ଷତା ମଧ୍ୟ ଅଛି। ପ୍ରତି ମ୍ୟାଚ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସଂଘର୍ଷପୂର୍ଣ୍ଣ ହେବା ଆଶା ବୋଲି ସେ କହିଛନ୍ତି। ଜର୍ମାନୀ ପୁଲ୍ 'ଡି'ରେ ପାକିସ୍ତାନ, ମାଲେସିଆ ଓ ନେଦରଲାଣ୍ଡ ସହିତ ସ୍ଥାନ ପାଇଛି। ଡିସେମ୍ବର ୧ରେ ପାକିସ୍ତାନ ବିପକ୍ଷ ମ୍ୟାଚରୁ ଏହି ଦଳ ଅଭିଯାନ ଆରମ୍ଭ କରିବ।

ଆୟର୍ଲାଣ୍ଡ ଅଧିନାୟକ ଡେଭିଡ୍ ହାର୍ଟ ମଧ୍ୟ ଆଗାମୀ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ ନେଇ ବେଶ୍ ଆଶାବାଦୀ। ''ଆମ ଦଳରେ ଅନେକ ସିନିୟର ଖେଳାଳି ଅଛନ୍ତି, କିଛି ଜୁନିୟର ପିଲାଙ୍କୁ ମଧ୍ୟ ଦଳରେ ନିଆଯାଇଛି। ଅନେକ ଖେଳାଳି ଭାରତୀୟ ପରିବେଶ ସମ୍ପର୍କରେ ଜାଣି ନାହାନ୍ତି। ତେଣୁ ସମସ୍ତେ ଭୁବନେଶ୍ୱରରେ ଖେଳିବାପାଇଁ ବ୍ୟଗ୍ର ଅଛନ୍ତି'' ବୋଲି ହାର୍ଟ ପ୍ରକାଶ କରିଛନ୍ତି। ଆୟର୍ଲାଣ୍ଡ ପୁଲ୍ 'ବି'ରେ ଚାମ୍ପିୟନ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ନବାଗତ ଚାଇନା ସହିତ ସ୍ଥାନ ପାଇଛି। ନଭେମ୍ବର ୩୦ରେ ଅଷ୍ଟ୍ରେଲିଆ ବିପକ୍ଷରେ ମ୍ୟାଚ ଖେଳି ଏହି ଦଳ ଅଭିଯାନ ଆରମ୍ଭ କରିବ। କାନାଡ଼ା ଦଳ ମଧ୍ୟ ଭୁବନେଶ୍ୱରରେ ପହଞ୍ଚି ସାରିଛି। ବିଶ୍ୱକପ ନଭେମ୍ବର ୨୮ରୁ ଆରମ୍ଭ ହୋଇ ଡିସେମ୍ବର ୧୬ରେ ଶେଷ ହେବ।



ଭୁବନେଶ୍ୱରରେ ପହଞ୍ଚିବା ପରେ ଆୟର୍ଲାଣ୍ଡ ଦଳର ଖେଳାଳିମାନେ ।

### ଅଷ୍ଟ୍ରେଲିଆ ଚାମ୍ପିୟନ

ନର୍ଥ ସାଉଣ୍ଡ(ଆଣ୍ଟିଗୁଆ),୨୫।୧୧

ଏଠାରେ ଚାଲିଥିବ ମହିଳା ଟି୨୦ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ଦଳ ଚାମ୍ପିୟନ ହୋଇଛି। ଶନିବାର ଅନୁଷ୍ଠିତ ଫାଇନାଲରେ ଇଂଲଣ୍ଡକୁ ୮ ଉଇକେଟରେ ହରାଇ ଅଷ୍ଟ୍ରେଲିଆ ଦଳ ୪ର୍ଥ ଥର ଲାଗି ବିଶ୍ୱକପ୍ ଜିତିଛି। ଏଥିପୂର୍ବରୁ ୨୦୧୦, ୨୦୧୨ ଓ ୨୦୧୪ରେ ଦଳ ବିଶ୍ୱକପ୍ ଜିତିଥିଲା। ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ଦଳ ୧୦୫ ରନ୍‌ରେ ସୀମିତ ରହିଥିଲା। ଡାନିଏଲେ ୱାଟଙ୍କ ୪୩ ଓ ଅଧିନାୟିକା ହେଥର ନାଇଟ ୨୫ରନ୍ କରିଥିଲେ। ଏହାପରେ ମେଗ ଲାନିଂଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ଦଳ ୨୯ ବଲ ପୂର୍ବରୁ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଗାର୍ଡନର ୩୩ ଓ ଅଧିନାୟିକା ଲେନିଂ ୨୮* ରନ୍ କରିଥିଲେ। ବିଜୟୀ ଦଳର ଅଲରାଉଣ୍ଡର ଗାର୍ଡନରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ଆଲିସା ହେଲିଙ୍କୁ ମ୍ୟାନ ଅଫ୍ ଦି ଟୁର୍ନାମେଣ୍ଟ ଭାବେ ବିବେଚିତ କରାଯାଇଛି।

## ହାମିଲଟନଙ୍କୁ ଆବୁଧାବି ଗ୍ରାଁପ୍ରି ଟାଇଟଲ

ଆବୁଧାବି, ୨୫।୧୧

ମର୍ସିଡିଜ୍‌ର ଲୁଇସ୍ ହାମିଲଟନ ଆବୁଧାବିଠାରେ ଆଉ ଏକ ପ୍ରଭାବୀ ବିଜୟ ସହ ତାଙ୍କ ଫର୍ମୁଲା ୱାନ ଗ୍ରାଁପ୍ରି ସିଜନ ୨୦୧୮ ଶେଷ କରିଛନ୍ତି। ଏହା ଥିଲା ଚଳିତ ସିଜନରେ ତାଙ୍କର ୧୧ ଟାଇଟଲ। ରବିବାର ଅନୁଷ୍ଠିତ ଏହି ମୋଟର ରେସ୍‌ର ଆରମ୍ଭରେ ଟିମ୍‌ମେଟ୍ ଭାଲଟେରି ବୋଟାସ ତାଙ୍କୁ କିଛିଟା ଚ୍ୟାଲେଞ୍ଜ ଦେଇଥିଲେ। ମାତ୍ର ଶେଷରେ ଫେରାରିଙ୍କ ସେବାଷ୍ଟିଆନ ଭେଟେଲଙ୍କୁ ୪ ସେକେଣ୍ଡ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ରେଡ୍‌ବୁଲ୍‌ର ଦୁଇ ଡ୍ରାଇଭର ମାକ୍ସ ଭର୍ଷ୍ଟାପେନ ଓ ଡାନିଏଲ ରିକାର୍ଡୋ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ହୋଇଥିବାବେଳେ ବୋଟାସ ପଞ୍ଚମ ହୋଇଥିଲେ। ସେହିପରି କାର୍ଲୋସ ସେଞ୍ଜ ଜୁନିୟର (ରେନଲ୍ଟ), ଚାର୍ଲସ ଲକ୍‌ରେକ୍ (ସୌବେର) ଏବଂ ସର୍ଗିଓ ପେରେଜ (ଫୋର୍ସ ଇଣ୍ଡିଆ) ଯଥାକ୍ରମେ ୬ଷ୍ଠ, ୭ମ ଓ ୮ମ ହୋଇଥିଲେ। ହାସ୍‌ର ଦୁଇ ଡ୍ରାଇଭର ରୋମେନ୍ ଗ୍ରୋସ୍‌ଜେଁ ଓ କେଭିନ ମାଗ୍ନସେନ ୯ମ ଓ ୧୦ମ ସ୍ଥାନରେ ରହିଥିଲେ।

RAIN, SUN AND FIREPROOF
KONARK IS THE RIGHT ROOF
USE
KONARK
Right at the top
KONARK
AC SHEETS & ACCESSORIES
UAL - ODISHA
(PROP. : UAL INDUSTRIES LTD.)
(AN ISO 9001, 14001 & OHSAS 18001 CERTIFIED COMPANY)
ODISHA WORKS
At/P.o. Korian, Dist. Dhenkanal-759013 (Odisha)
Phone : (06762) 228231, Fax : (06762) 228263
EPABX : (06762) 228879, 228880, 228881
E-mail : ual_dkl@ualind.com
BENGAL WORKS
UAL - BENGAL
Guptamani Kultikri Road, Midnapore (West Bengal)
Phone : (03222) 202401, 202402
Fax : (03222) 257274, E-mail : ual_kgp@ualind.com
U.P. WORK
UAL - UTTAR PRADESH
At- Barmanpur, Tehsil- Kerakat, Dist. Jaunpur - 222129 (U.P.)
Phone : (05450) 249301, E-mail : ual_up@ualind.com



WHILE SOME PERSUE FOR EXCELLENCE
WE ARE BORN TO EXCELL.

## ପୌର ପରିଷଦ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ

**ନିବେଦନ**

୧. ପରିଷଦ ଅଞ୍ଚଳର ଜନସାଧାରଣ ନିଜ ନିଜର ଟିକସ ଠିକ୍ ସମୟରେ ପୈଠ କରନ୍ତୁ।
୨. ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ଗୃହ ନକ୍ସା ପୌର ସଂସ୍ଥାରୁ ମଞ୍ଜୁର କରାଇ ନିଅନ୍ତୁ।
୩. ପରିଷଦ ଅଞ୍ଚଳରେ ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ପରିଷଦରେ ଲାଇସେନ୍ସ କରାଇ ନିଅନ୍ତୁ।
୪. ନୂତନ ଗୃହ ନିର୍ମାଣ ପରେ ପରିଷଦରେ ତାହାକୁ ପଞ୍ଜୀକରଣ କରାଇ ନିଅନ୍ତୁ।
୫. ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ଠିକ୍ ସମୟରେ କରାନ୍ତୁ।
୬. ସହର ଓ ଆଭ୍ୟନ୍ତରୀଣ ରାସ୍ତାଗୁଡ଼ିକ ଉପରେ ଗୃହପାଳିତ ପଶୁମାନଙ୍କୁ ଅନଧିକାର ଭାବେ ଛାଡ଼ନ୍ତୁ ନାହିଁ।
୭. ନିଜ ନିଜ ଗୃହର ପରିବେଶ ପରିଷ୍କାର ପରିଚ୍ଛନ୍ନ ରଖି ପରିଷଦର ପରିମଳ ଓ ସଫେଇ କାର୍ଯ୍ୟରେ ସାହାଯ୍ୟ କରନ୍ତୁ।
୮. ସର୍ବସାଧାରଣ ରାସ୍ତା ଉପରେ ମଇଳା ଆବର୍ଜନା ଜମା ରଖନ୍ତୁ ନାହିଁ କିମ୍ବା ରାସ୍ତା ଅବରୋଧ କରି ଜନସାଧାରଣଙ୍କ ଯାତାୟାତରେ ବାଧା ସୃଷ୍ଟି କରନ୍ତୁ ନାହିଁ।
୯. ପତିତ ଜମି ଓ ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷ ରୋପଣ କରି ପରିବେଶ ନିର୍ମଳ କରନ୍ତୁ।

ଶ୍ରୀଯୁକ୍ତ ସମ୍ପଦ କୁମାର ସ୍ୱାଇଁ (ଓଡ଼ିଶା ରାଜସ୍ୱ ସେବା) ନିର୍ବାହୀ ଅଧିକାରୀ
ଶ୍ରୀଯୁକ୍ତ ବସନ୍ତ କୁମାର ରାଉତ ଓ.ପ୍ର.ସେ. (ବରିଷ୍ଠ) ଅତିରିକ୍ତ ଜିଲ୍ଲାପାଳ, କେନ୍ଦ୍ରାପଡ଼ା ତଥା ପ୍ରଶାସକ ପୌର ପରିଷଦ, ପଟ୍ଟାମୁଣ୍ଡାଇ

## ବାରିପଦା ପୌରପାଳିକା

**ନିବେଦନ**

- ସରକାରଙ୍କ ଆର୍ଥିକ ସହାୟତା ନେଇ ନିଜକୁ ସୁହାଇଲା ଭଳି ପାଇଖାନାଟିଏ ନିର୍ମାଣ କରି ନିଜ ପରିବାରକୁ ରୋଗ ଦାଉରୁ ରକ୍ଷା କରନ୍ତୁ ଓ ବାରିପଦା ସହରକୁ ବାହ୍ୟ ମଳତ୍ୟାଗ ମୁକ୍ତ ଅଞ୍ଚଳ ରୂପେ ଘୋଷଣା କରିବାରେ ସହାୟକ ହୁଅନ୍ତୁ।
- ପ୍ଲାଷ୍ଟିକର ବହୁଳ ବ୍ୟବହାର ପରିବେଶ ପ୍ରଦୂଷଣର ଅନ୍ୟତମ ମୁଖ୍ୟ କାରଣ ହୋଇଥିବାରୁ ପ୍ଲାଷ୍ଟିକ ବ୍ୟବହାରରୁ ନିବୃତ ରୁହନ୍ତୁ ଓ ବାରିପଦା ସହରକୁ ପ୍ଲାଷ୍ଟିକ ମୁକ୍ତ ସହର ରୂପେ ଘୋଷଣା କରିବାରେ ସହଯୋଗ କରିବାକୁ ଅନୁରୋଧ।
- ନିଜ ଘରୁ ବାହାରୁଥିବା ଆବର୍ଜନାକୁ ତରଳ ଓ କଠିନ ଭାବେ ଭାଗ କରି ଅଲଗା ଅଲଗା କୁଣ୍ଡରେ ରଖନ୍ତୁ ଏବଂ ଆବର୍ଜନା ସଂଗ୍ରହକାରୀଙ୍କୁ ଦିଅନ୍ତୁ।
- ଆପଣଙ୍କ ପାଇଖାନା ଟାଙ୍କିକୁ ହାତରେ ସଫା ନ କରାଇ ପୌର ପାଳିକା ଦ୍ୱାରା ପ୍ରଚଳିତ ସୁଲଭ ଦରରେ ଉପଲବ୍ଧ ସେସପୁଲ ଗାଡ଼ି ବ୍ୟବହାର କରନ୍ତୁ ଏବଂ ନିଜ ପାଇଖାନା ଟାଙ୍କିକୁ ଅତିକମରେ ତିନି ବର୍ଷ ବ୍ୟବଧାନରେ ସଫା କରନ୍ତୁ। ଯୋଗାଯୋଗ ନମ୍ବର – ୦୬୭୯୨–୨୫୩୩୬୬।
- ସ୍ୱଚ୍ଛ ସର୍ବେକ୍ଷଣ ୨୦୧୯ରେ ବାରିପଦା ସହରକୁ ୧ ନମ୍ବର କରିବାରେ ପୌର ପରିଷଦକୁ ସହଯୋଗ କରନ୍ତୁ।
- ଗୃହ ଓ ଦୋକାନ ଟିକସ ସଠିକ୍ ସମୟରେ ପୈଠ କରିବାରେ ସାହାଯ୍ୟ କରନ୍ତୁ।
- ନୂତନ ଗୃହ ଏବଂ ପୁନଃନିର୍ମାଣ ବାବଦରେ କାର୍ଯ୍ୟାଳୟରୁ ଅନୁମୋଦନ କରାଇ କାର୍ଯ୍ୟ କରନ୍ତୁ।
- ସଠିକ୍ ସମୟରେ ଜନ୍ମ ଏବଂ ମୃତ୍ୟୁ ପ୍ରମାଣ ପତ୍ର କରାଇ ନିଅନ୍ତୁ।
- ନିଜର ଯେ କୌଣସି ବ୍ୟବସାୟ ପାଇଁ ପୌର କାର୍ଯ୍ୟାଳୟରୁ Trade Licence କରାଇ ନିଅନ୍ତୁ।
- ବିନା ଅନୁମତିରେ ସରକାରୀ ଜାଗାକୁ ଦଖଲ କରନ୍ତୁ ନାହିଁ।

## ପ୍ରଗତି ପଥେ ପଞ୍ଚାୟତ ସମିତି, ସୋନପୁର

| ଯୋଜନା | ଅନୁଦାନ | ଖର୍ଚ୍ଚ | ଲକ୍ଷ୍ୟ ଧାର୍ଯ୍ୟ | ଲକ୍ଷ୍ୟ ହାସଲ |
|---|---|---|---|---|
| ପ୍ରଧାନମନ୍ତ୍ରୀ ଆବାସ ଯୋଜନା | | | ୮୮୦ | ୨୮୦ |
| ବିଜୁ ପକ୍କା ଘର | | | ୨୦ | ୧୮ |
| ଗୋପବନ୍ଧୁ ଗ୍ରାମୀଣ ଯୋଜନା | ୭୨.୫୦ ଲକ୍ଷ | ୫୨.୪୦ | ୨୬ | ୧୮ |
| | ୧୨୦.୫୦ | ୪୪.୦୦ | ୪୯ | ୧୮ |
| ବିଜୁ କେ.ବି.କେ | ୧୨୦.୫୦ ଲକ୍ଷ (୨୦୧୮–୧୯) | ୨୦.୦୦ | ୪୯ | ୦୮ |
| | ୯୭.୫୦ ଲକ୍ଷ | ୪୦.୫୦ | ୨୮ | ୧୨ |

ମନ୍ଦାକିନୀ ନାଗ, ଅଧ୍ୟକ୍ଷ, ପଞ୍ଚାୟତ ସମିତି, ସୋନପୁର
ନିରଞ୍ଜନ ନାଏକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପଞ୍ଚାୟତ ସମିତି, ସୋନପୁର

## ପ୍ରଗତିପଥେ ଜଳବିଭାଜିକା ଉନ୍ନୟନ ଓ ମୃତ୍ତିକା ସଂରକ୍ଷଣ ବିଭାଗ, ସୁବର୍ଣ୍ଣପୁର

ଆମ ସୁବର୍ଣ୍ଣପୁର ଜିଲ୍ଲାରେ ବର୍ଷାଜଳ ଉପରେ ନିର୍ଭର କରୁଥିବା ଅଞ୍ଚଳରେ ଆୟ ବୃଦ୍ଧି, ଉତ୍ପାଦିକା ଶକ୍ତି ବୃଦ୍ଧି ଓ ଜୀବିକା ନିରାପତ୍ତାକୁ ଧାରଣକ୍ଷମ କରିବାପାଇଁ ସହଯୋଗମୂଳକ ଜଳବିଭାଜିକା ଉନ୍ନୟନ ତଥା ଏହାର ପ୍ରାଣବସ୍ତୁ ସମନ୍ୱିତ ଚାଷ ପଦ୍ଧତି ମାଧ୍ୟମରେ ଗ୍ରାମୀଣ ଜୀବିକାର ବିକାଶ ପାଇଁ ସମନ୍ୱିତ ଜଳ ବିଭାଜିକା ପରିଚାଳନା କାର୍ଯ୍ୟକ୍ରମ ଉଲୁଣ୍ଡା, ସୋନପୁର ଓ ବୀରମହାରାଜପୁର ବ୍ଲକରେ ୨୦୧୨–୧୩ ମସିହାରେ ୩ଟି କ୍ଲଷ୍ଟରରେ ୭୩ଟି ଗ୍ରାମକୁ ନେଇ ଗଠିତ ୨୪ଟି କ୍ଷୁଦ୍ର ଜଳ ବିଭାଜିକା ଦ୍ୱାରା ୧୬୭୫୪ ହେକ୍ଟର ଜମି ଉପଚାର ପାଇଁ ହେକ୍ଟର ପିଛା ୧୨୦୦୦ ରୁ ୧୫୦୦୦ ଟଙ୍କା ଖର୍ଚ୍ଚ କରିବାପାଇଁ କାର୍ଯ୍ୟ ହାତକୁ ନିଆଯାଇଥିଲା। ଜଳ ବିଭାଜିକା କାର୍ଯ୍ୟ ପର୍ଯ୍ୟାୟରେ ୨୦୧୮–୧୯ ଆର୍ଥିକ ବର୍ଷରେ ଜଳବିଭାଜିକା ସମିତି (WC), ସ୍ୱୟଂ ସହାୟକ ଗୋଷ୍ଠୀ (SHG) ଓ ବ୍ୟବହାରକାରୀ ଗୋଷ୍ଠୀ (UG) ଆଦି ଲୋକ ସଂଗଠନମାନ (CBO) ଙ୍କ ଦ୍ୱାରା ୨୧ଟି ନିର୍ଝରିଣୀ ଜଳାଶୟ (Percolation Tank), ୨ଟି ବହମାନ ଜଳର ପରିଚାଳନା କାର୍ଯ୍ୟ (Run-off Management Structure), ୨୮ଟି କ୍ଷେତ ଜଳାଶୟ (Farm Pond), ୪୪ଟି ଜଳ ଅମଳ ନିର୍ମାଣ କାର୍ଯ୍ୟ (Water Harvesting Structure), ଗୋଟିଏ ପ୍ରତିରୋଧକ ବନ୍ଧ (Check Dam) ଏବଂ ୧୧ଟି ଜଳ ଅମଳ ନିର୍ମାଣ କାର୍ଯ୍ୟର ଉନ୍ନତୀକରଣ ହୁଡ଼ାଠାରୁ ଉପତ୍ୟକା ରଣନୀତି ଅବଲମ୍ବନ କରାଯାଇ ୨୮୦.୯୪ ଲକ୍ଷ ଟଙ୍କାର କାର୍ଯ୍ୟ ସମ୍ପାଦନ ଦ୍ୱାରା ୭୩୨ ଜଣ ଚାଷୀ ଉପକୃତ ହୋଇଛନ୍ତି। ୨୦୧୮–୧୯ ଆର୍ଥିକ ବର୍ଷରେ ବ୍ୟବହାରକାରୀ ଗୋଷ୍ଠୀ/ଚାଷୀଙ୍କ ଠାରୁ ଜଳବିଭାଜିକା ଉନ୍ନୟନ ପାଣ୍ଠି (WDF) ବାବଦରେ ମୋଟ ୧୭.୨୬ ଲକ୍ଷ ଟଙ୍କା ଆଦାୟ ହୋଇଅଛି।

ପ୍ରକଳ୍ପ ନିର୍ଦ୍ଦେଶକ, ଜଳବିଭାଜିକା ସୋନପୁର, ଜିଲ୍ଲା–ସୁବର୍ଣ୍ଣପୁର
ଜିଲ୍ଲାପାଳ ତଥା ମିଶନ ମୁଖ୍ୟ ଜଳବିଭାଜିକା ଉନ୍ନୟନ ମିଶନ, ଜିଲ୍ଲା: ସୁବର୍ଣ୍ଣପୁର

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ...

## ପ୍ରଗତି ପଥେ ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି

୧. ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ମୋଟ ୩୦୨ଟି ପ୍ରକଳ୍ପ ପାଇଁ ୮ କୋଟି ୧୮ ଲକ୍ଷ ଟଙ୍କା ମଞ୍ଜୁର।
୨. ଖାଦ୍ୟ ସୁରକ୍ଷା ଯୋଜନାରେ ୨୯,୨୬୧ ଜଣ, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୨୯୭୯, AAYରେ ୩୯୩୭ ପରିବାରକୁ ରାଶନ କାର୍ଡ଼ ଯୋଗାଣ।
୩. ବ୍ଲକ ଅଞ୍ଚଳରେ ୬୧ଟି ନୂତନ ଅଙ୍ଗନୱାଡ଼ି ଗୃହ ନିର୍ମାଣ।
୪. ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଢଳେଇ ରାସ୍ତା ନିର୍ମାଣ ଏବଂ ଅଧିକାଂଶ ଗ୍ରାମରେ ଶଶ୍ମାନଘାଟ ଓ ଗାଧୁଆ ତୁଠ ନିର୍ମାଣ ହେବା ସହ ଅନେକ ସ୍ଥାନରେ ଏହି ପ୍ରକଳ୍ପକୁ ହାତକୁ ନିଆଯାଇଛି।
୫. ଜୀବିକା ମିଶନ ମାଧ୍ୟମରେ ମାତ୍ରାଧିକ ସ୍ୱୟଂସହାୟକ ଗୋଷ୍ଠୀ ପରିଚାଳନା ନିମନ୍ତେ ଆର୍ଥିକ ସହାୟତା ସହ Bank Linkage ଯୋଗାଇ ଦିଆଯାଇଅଛି।
୬. ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଅନ୍ତର୍ଗତ ଏଯାବତ୍ ୫ ହଜାର ପାଇଖାନା ଗୃହ ନିର୍ମାଣ କରାଯାଇଅଛି।

ପବିତ୍ର ମୋହନ କାନୁନ୍‌ଗୋ, ବିଡ଼ିଓ, ପଟ୍ଟାମୁଣ୍ଡାଇ
ଜ୍ୟୋତିର୍ମୟୀ ବେହେରା, ଅଧ୍ୟକ୍ଷା, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି

Your classified advertisement published in Dharitri will be listed free in Dharitri online edition :
www.dharitri.com

## ପ୍ରଗତି ପଥେ ପୋଲସରା ବ୍ଲକ, ଗଞ୍ଜାମ

ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକ ୨୬ ଗୋଟି ଗ୍ରାମ ପଞ୍ଚାୟତକୁ ନେଇ ଗଠିତ। ଏହି ବ୍ଲକରେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଓ କଲ୍ୟାଣକାରୀ ଯୋଜନାମାନ କାର୍ଯ୍ୟକାରୀ ହେଉଛି ଏବଂ ଯୋଜନାଗୁଡ଼ିକର ଲକ୍ଷ୍ୟଧାର୍ଯ୍ୟ ଓ ସଫଳତା ଉପରେ ନିମ୍ନମତେ ଏକ ଦୃଷ୍ଟିପାତ କରାଗଲା।

ଏହି ବ୍ଲକରେ ୧୪୪ ଗୋଟି ଅଙ୍ଗନୱାଡ଼ି କେନ୍ଦ୍ରର କାମ ଆରମ୍ଭ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୨୫ ଗୋଟି କେନ୍ଦ୍ରର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି। ସେହିପରି ଚଳିତ ଆର୍ଥିକ ବର୍ଷରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଅଦ୍ୟାବଧି ୩,୩୫,୭୫୧ ଶ୍ରମ ଦିବସ ସୃଷ୍ଟି କରାଯାଇ ଶ୍ରମ ବାବଦକୁ ଟ୭,୧୩,୯୮୦୦୦/- ବ୍ୟୟ ହୋଇଅଛି। ଆର୍ଥିକ ବର୍ଷ ୨୦୧୭–୧୮ରେ ଆସିଥିବା ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ଟ୮୨.୫୭ ଲକ୍ଷ ମଞ୍ଜୁରୀ ହୋଇଥିବା‌ବେଳେ ଅଦ୍ୟାବଧି ଟ୧୫.୫୩ ଲକ୍ଷ ଖର୍ଚ୍ଚ ହୋଇଅଛି।

ଏହି ବ୍ଲକରେ ୨୦୧୩–୧୪ଠାରୁ ୨୦୧୮–୧୯ ଆର୍ଥିକବର୍ଷ ମଧ୍ୟରେ ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନାରେ ମୋଟ ୪୫୯୪ ଗୋଟି ଗୃହ ନିର୍ମାଣ ସକାଶେ ଲକ୍ଷ୍ୟଧାର୍ଯ୍ୟ ଥିବାସ୍ଥଳେ ୩୯୫୧ ଗୋଟି ଗୃହ ନିର୍ମାଣ ଶେଷ ହୋଇଅଛି। ଯାହାକି ଲକ୍ଷ୍ୟ ଧାର୍ଯ୍ୟର ୮୬% ଅଟେ। ଚଳିତ ବର୍ଷ ନିମନ୍ତେ ବିଜୁ ପକ୍କାଘର ଯୋଜନାରେ ୯୧ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ ସହ ପ୍ରଥମ କିସ୍ତିର ଅଗ୍ରିମ ଟଙ୍କା ପ୍ରଦାନ କରାଯାଇଛି।

ଜାତୀୟ ପରିବାର ମଙ୍ଗଳ କାର୍ଯ୍ୟକ୍ରମ ଯୋଜନାରେ ୨୦୧୮–୧୯ ଆର୍ଥିକ ବର୍ଷରେ ୭୧ ଗୋଟି ପରିବାରକୁ ମୋଟ ଟ୪,୨୦,୦୦୦/- (ଚଉଦ ଲକ୍ଷ କୋଡ଼ିଏ ହଜାର) ପ୍ରଦାନ କରାଯାଇଅଛି ଏବଂ ସେହିପରି ମଧୁବାବୁ ଭତ୍ତା ଯୋଜନା ମାଧ୍ୟମରେ ଏହି ବ୍ଲକରେ ୫୨୦ ଓ ଇନ୍ଦିରା ଗାନ୍ଧୀ ଜାତୀୟ ଭତ୍ତା ଯୋଜନାରେ ମୋଟ ୨୩୯ ଜଣ ହିତାଧିକାରୀଙ୍କୁ ମାସିକ ଭତ୍ତା ପ୍ରଦାନ କରାଯାଇଅଛି।

ସେହିପରି ଜାତୀୟ ଖାଦ୍ୟ ସୁରକ୍ଷା ମାଧ୍ୟମରେ ୨୪୫୫୬ ଜଣ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଅଛି ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ମାଧ୍ୟମରେ ୩୦୬୫ ଜଣ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଅଛି।

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପଞ୍ଚାୟତ ସମିତି, ପୋଲସରା

## ପୁରୀ ଅର୍ବାନ କୋଅପରେଟିଭ ବ୍ୟାଙ୍କ ଲି଼, ପୁରୀ

ସ୍ଥାପିତ : ୧୯୪୫
ଦୂରଭାଷ : ମୁଖ୍ୟ କାର୍ଯ୍ୟାଳୟ– ୨୨୩୩୦୯,
ଶାଖା କାର୍ଯ୍ୟାଳୟ – ୨୨୨୯୮୧, ଫାକ୍ସ – ୨୨୫୪୨୮
(ଲୋକଙ୍କୁ ବିଶ୍ୱାସ କରୁଥିବା ଓ ଲୋକଙ୍କ ଦ୍ୱାରା ବିଶ୍ୱାସଭାଜନ ହୋଇଥିବା ଏକ ବ୍ୟାଙ୍କ)

**ବିଶେଷତ୍ୱ**

୧. ଗ୍ରାହକ ସେବା ଓ ସନ୍ତୋଷ ଆମର ମୂଳ ଲକ୍ଷ୍ୟ।
୨. ସହଯୋଗ ପ୍ରଣାଳୀରେ କାର୍ଯ୍ୟକରେ।
୩. ଜମା ଉପରେ ଅଧିକ ସୁଧ ପ୍ରଦାନ କରେ।
୪. ବରିଷ୍ଠ ନାଗରିକଙ୍କ ଜମା ଉପରେ ୦.୫% ଅଧିକ ସୁଧ ପ୍ରଦାନ କରାଯାଏ।
୫. ସୁଲଭ ହାରରେ ସେଫ୍ ଡ଼ିପୋଜିଟ୍ ଲକର ସୁବିଧା ଉପଲବ୍ଧ।
୬. RTGS/ NEFT ସୁବିଧା ଉପଲବ୍ଧ।
୭. ଜମାକାରୀଙ୍କ ଜମା ବୀମାଭୁକ୍ତ।
୮. ସୁନା ଗହଣା, ସ୍ଥାୟୀଜମା ରସିଦ୍ ଓ ସ୍ଥାବର ସମ୍ପତ୍ତି ବନ୍ଧକରେ ଋଣ ପ୍ରଦାନ କରାଯାଏ।
୯. ବ୍ୟାଙ୍କ ଜମାକାରୀ ଓ ଅଂଶୀଦାରଙ୍କ ଅର୍ଥରେ ଚାଲୁଅଛି।
୧୦. କୌଣସି ସରକାରୀ ଅର୍ଥ ବ୍ୟାଙ୍କରେ ବିନିଯୋଗ ହୋଇନାହିଁ।

**ନିବେଦନ :**
ଆପଣଙ୍କ ସେବାରେ ଲାଗିବା ନିମନ୍ତେ ସୁଯୋଗ ଦିଅନ୍ତୁ।

ଶ୍ରୀମତୀ ସଞ୍ଜବତୀ ଘଟୁଆରୀ, ସମ୍ପାଦିକା
ଶ୍ରୀ ଗୁଣଧର ଦାସମହାପାତ୍ର, ସଭାପତି

## ପ୍ରଗତି ପଥେ ଆତ୍ମା, ପୁରୀ

- ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମାଭୁକ୍ତ ହୁଅନ୍ତୁ ଏବଂ ଫସଲ କ୍ଷତି ସହାୟତା ପାଆନ୍ତୁ। (ବୀମା ସହାୟତା ରାଶି – ଟ.୬୦,୦୦୦/– ହେକ୍ଟର ପ୍ରତି ଓ ବୀମା ପ୍ରିମିୟମ ରାଶି – ଟ.୧୨୦୦/– ହେକ୍ଟର ପ୍ରତି)। ବୀମା ପଞ୍ଜୀକରଣର ଶେଷ ତାରିଖ ତା୩୧।୦୭।୨୦୧୮ ନିର୍ଦ୍ଧାରଣ କରାଯାଇଛି।
- ମାଟି ପରୀକ୍ଷା କରନ୍ତୁ ଓ କାର୍ଡ଼ ଅନୁଯାୟୀ ଫସଲରେ ଅନୁମୋଦିତ ପରିମାଣର ସାର ପ୍ରୟୋଗ କରନ୍ତୁ। ଫସଲ ପର୍ଯ୍ୟାୟ ଅବଲମ୍ବନ କରି ଫସଲକୁ ଏକ ପ୍ରକାର ରୋଗପୋକ ଦାଉରୁ ରକ୍ଷା କରନ୍ତୁ।
- ଚାଷୀମାନେ ଆଧାରକାର୍ଡ଼, ଆଧାର ପଞ୍ଜୀକରଣ ସହିତ ଭୋଟର ପରିଚୟ ପତ୍ର କିମ୍ବା ଚାଷୀ ଋଣ ଖାତା ନେଇ 'POS' ଯନ୍ତ୍ର ମାଧ୍ୟମରେ ସାର କ୍ରୟ କରିବା ବାଧ୍ୟତାମୂଳକ।
- ସାର କ୍ରୟ ସମୟରେ 'POS' ଯନ୍ତ୍ରରୁ ବାହାରୁଥିବା ବିକ୍ରୟ ରସିଦ୍‌ର ନକଲ ସଂଗ୍ରହ କରନ୍ତୁ।
- ନିମ୍ବ ଆବରଣଯୁକ୍ତ ବଡ଼ଦାନା ୟୁରିଆ ସାର ବ୍ୟବହାର କରନ୍ତୁ ଓ ସାର ଖର୍ଚ୍ଚ ଓ କ୍ଷୟ କମ୍ କରନ୍ତୁ।
- ବିହନ ବୁଣିବା ଆଗରୁ ବିହନ ବିଶୋଧନ ନିମନ୍ତେ ଟ୍ରାଇକୋଡ଼ର୍ମା ପାଉଡର, କାର୍ବେଣ୍ଡାଜିମ୍ କିମ୍ବା ଥିରାମ ବ୍ୟବହାର କରନ୍ତୁ।
- ଧାନଚାଷ ପୂର୍ବରୁ ଧଇଞ୍ଚା ବୁଣନ୍ତୁ ଏବଂ ୪୫ ଦିନରେ ମାଟିରେ ମିଶାଇ ଧାନଚାଷରେ ସାର ଖର୍ଚ୍ଚ କମ୍ କରି ଲାଭବାନ ହୁଅନ୍ତୁ। ଧଇଞ୍ଚା ଉତ୍ପାଦନ କରନ୍ତୁ ଓ ବିହନ ବିକ୍ରିକରି ଲାଭବାନ ହୁଅନ୍ତୁ।
- ନୂତନ ଫଳ, ଫୁଲ ଓ ଔଷଧୀୟ ବଗିଚା ସୃଷ୍ଟି ନିମନ୍ତେ ରିହାତି ପାଇଁ ଉଦ୍ୟାନ ବିଭାଗ କର୍ମକର୍ତ୍ତାଙ୍କ ସହିତ ଯୋଗାଯୋଗ କରନ୍ତୁ।
- ଗୃହପାଳିତ ପ୍ରାଣୀମାନଙ୍କର ଟିକାକରଣ ଓ କୃମିନାଶ ନିମନ୍ତେ ନିକଟସ୍ଥ ପ୍ରାଣୀ ଧନ ସହାୟକ (L.I.) ଙ୍କ ସହିତ ଯୋଗାଯୋଗ କରନ୍ତୁ।
- ପ୍ରାଣୀପାଳନ କ୍ଷେତ୍ରରେ ଅଧିକ ଲାଭ ପାଇବା ପାଇଁ ଘର ଅଗଣାରେ ବନରାଜା କୁକୁଡ଼ା ପାଳନ କରନ୍ତୁ।
- ଅଧିକ ଦୁଗ୍ଧ ଉତ୍ପାଦନ ନିମନ୍ତେ ଘାସ ଚାଷ କରନ୍ତୁ।
- ମାଛଚାଷ ବିଷୟରେ ସମସ୍ତ ତଥ୍ୟ ଜାଣିବା ପାଇଁ ନିକଟସ୍ଥ ମତ୍ସ୍ୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ।
- ଜୈବିକ ପଦ୍ଧତିରେ ଚାଷ କରି ଜମିକୁ ଉର୍ବର କରନ୍ତୁ ଏବଂ ସୁସ୍ଥ ରୁହନ୍ତୁ।
- ଚାଷୀମାନଙ୍କ ଫସଲ ଉତ୍ପାଦନ ବୃଦ୍ଧି ଓ ସଚେତନ କରିବା ନିମନ୍ତେ DAESI ମାଧ୍ୟମରେ ସାମଗ୍ରୀ ଡିଲରମାନଙ୍କୁ ବୈଜ୍ଞାନିକ ଜ୍ଞାନକୌଶଳ ପ୍ରଶିକ୍ଷଣ ଦିଆଯାଉଛି।
- ସୁଇଟ୍ କର୍ନ ଓ ବେବି କର୍ନ ଉତ୍ପାଦନ ନିମନ୍ତେ ଆତ୍ମା ତରଫରୁ ପ୍ରୋତ୍ସାହନ ପ୍ରଦାନ।

ସୌଜନ୍ୟ: ପ୍ରକଳ୍ପ ନିର୍ଦ୍ଦେଶକ, କୃଷି ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା), ପୁରୀ

## ବ୍ୟାସନଗର ପୌର ପରିଷଦ, ବ୍ୟାସନଗର

**ପୌରବାସୀଙ୍କୁ ନିବେଦନ :**

୧. ନିଜ ଘରର ବର୍ଜ୍ୟବସ୍ତୁ, ଭଙ୍ଗାକାଚ ଇତ୍ୟାଦି ରାସ୍ତା ଉପରେ କିମ୍ବା ଡ୍ରେନ ଭିତରେ ନ ପକାଇ 'ଡଷ୍ଟବିନ୍'ର ବ୍ୟବହାର କରନ୍ତୁ।
୨. ହୋଟେଲ/ବହୁତଳପ୍ରାସାଦଗୁଡ଼ିକ ନିଜର ଡଷ୍ଟବିନ୍ ବ୍ୟବହାର କରନ୍ତୁ ଏବଂ ନିୟମିତ ବ୍ୟବଧାନରେ କାର୍ଯ୍ୟରତ ପରିମଳ କର୍ମଚାରୀଙ୍କୁ ବର୍ଜ୍ୟବସ୍ତୁଗୁଡ଼ିକୁ ହସ୍ତାନ୍ତର କରନ୍ତୁ।
୩. ରାସ୍ତା ଉପରକୁ ଗାଈ, ଗୋରୁ ତଥା ଗୃହପାଳିତ ପ୍ରାଣୀଙ୍କୁ ଛାଡ଼ନ୍ତୁ ନାହିଁ।
୪. ରାସ୍ତା କଡ଼ରେ ଘର ତିଆରି ଉପକରଣ ତଥା ବାଲି, ଗୋଡ଼ି, ଇଟା ଇତ୍ୟାଦି ମହଜୁଦ ରଖନ୍ତୁ ନାହିଁ।
୫. ପରିଷଦର ଟିକସ ଯଥା ସମୟରେ ପୈଠ କରନ୍ତୁ।
୬. ପଲିଥିନ୍ ବ୍ୟାଗ୍ ବ୍ୟବହାର କରନ୍ତୁ ନାହିଁ।
୭. ଜନ୍ମ, ମୃତ୍ୟୁ ଓ ବିବାହ ପଞ୍ଜୀକରଣ ଠିକ୍ ସମୟରେ କରନ୍ତୁ।
୮. ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ ସରକାରଙ୍କ ତରଫରୁ ଆର୍ଥିକ ସହାୟତାରେ ପାଇଖାନା ନିର୍ମାଣ କରନ୍ତୁ।
୯. ବ୍ୟାସନଗର ସହରରେ ଥିବା ସମସ୍ତ ବ୍ୟବସାୟ ପ୍ରତିଷ୍ଠାନମାନେ ସେମାନଙ୍କ ଟ୍ରେଡ଼ ଲାଇସେନ୍ସ ଯଥା ସମୟରେ କରାଇ ନିଅନ୍ତୁ।
୧୦. ପୌର ସମ୍ପତ୍ତି ଆପଣମାନଙ୍କର ସମ୍ପତ୍ତି। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଆପଣମାନଙ୍କର।
୧୧. ଜନସାଧାରଣଙ୍କୁ ଅନୁରୋଧ, ବାହ୍ୟଶୌଚରୁ ନିବୃତ୍ତ ରୁହନ୍ତୁ।

**ହାତକୁ ନିଆଯାଇଥିବା ଉନ୍ନତିମୂଳକ କାର୍ଯ୍ୟ:**

୧. ସଂସ୍କୃତି ଭବନ ନିର୍ମାଣ।
୨. ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଓ ପୌର ପରିଷଦ କାର୍ଯ୍ୟାଳୟର ରସିକଲାଲ୍ ବିଲ୍ଡିଂରେ ନୂତନ ଗୃହ ନିର୍ମାଣ ଓ ମରାମତି।
୩. ସନ୍ତରା ମୌଜା, ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ପାଖରେ ଏକ ନୂତନ 'ଶିଶୁ ଉଦ୍ୟାନ' ନିର୍ମାଣ।
୪. ମିନି ଷ୍ଟାଡ଼ିୟମ୍ ନିର୍ମାଣ।
୫. ଜଗନ୍ନାଥ ପାର୍କର ଉନ୍ନତୀକରଣ।
୬. ବ୍ୟାସ ସରୋବର ପର୍ଯ୍ୟଟନ ସ୍ଥଳୀର ବିକାଶ।
୭. ସହରର ମୁଖ୍ୟ ଛକ ଗୁଡ଼ିକରେ ୦୭ଗୋଟି ହାଇମାଷ୍ଟ ଓ ମିନିମାଷ୍ଟ ଲାଇଟର ବ୍ୟବସ୍ଥା।
୮. ଗରିବ ପରିବାରମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ (PMAY) ଗୃହ ନିର୍ମାଣ କରି ଥଇଥାନ କରଣ ଓ ୬୪୦୭ ପରିବାରକୁ ରେସନକାର୍ଡ଼ ପ୍ରଦାନ।
୯. ନୂତନ ଏଲ୍.ଇ.ଡ଼ି. ଲାଇଟ୍ ମାଧ୍ୟମରେ ବିଭିନ୍ନ ମୁଖ୍ୟ ରାସ୍ତା ଓ ସମସ୍ତ ୱାର୍ଡ଼ରେ ଆଲୋକୀକରଣ ବ୍ୟବସ୍ଥା।
୧୦. ବ୍ୟାସନଗର ପୌର ପରିଷଦ ଅଧୀନସ୍ଥ ବସ୍‌ଷ୍ଟାଣ୍ଡ ସମେତ ବିଭିନ୍ନ ମୁଖ୍ୟ ସ୍ଥାନମାନଙ୍କରେ ଶୌଚାଳୟ ନିର୍ମାଣ।
୧୧. ପୌର ପରିଷଦ ବସ୍‌ଷ୍ଟାଣ୍ଡ ଠାରେ ନୂତନ ଯାତ୍ରୀ ବିଶ୍ରାମାଗାର ଓ ୨୧ଗୋଟି ଦୋକାନ ଘର ନିର୍ମାଣ।
୧୨. ଚୋରଦା ଛକଠାରେ ଭେଣ୍ଡିଂ ଜୋନ୍ ନିର୍ମାଣ।
୧୩. ବ୍ୟାସନଗର ଷ୍ଟାଡ଼ିୟମର କ୍ଲବ ଘର ମରାମତି ଓ ଟାଉନହଲର ପୁନଃଉଦ୍ଧାର ଏବଂ ଟାଉନହଲ୍‌ଠାରେ ଶୌଚାଳୟ ଏବଂ ରୋଷେଇ ଘର ନିର୍ମାଣ।
୧୪. ପୌର ପରିଷଦର ବିଭିନ୍ନ ୱାର୍ଡ଼ର ୪୭ଗୋଟି ଅଙ୍ଗନୱାଡ଼ି କାର୍ଯ୍ୟକ୍ଷମ କରାଇବା ସହିତ ୧୮ଗୋଟି କେନ୍ଦ୍ରର ଗୃହ ନିର୍ମାଣ।
୧୫. ବ୍ୟାସନଗର ବସ୍‌ଷ୍ଟାଣ୍ଡ ଜମିର ଅବମୂଲ୍ୟାଙ୍କନ ୨୫ ଲକ୍ଷ ଟଙ୍କା ବ୍ୟୟରେ ପୁନଃଉଦ୍ଧାର ଓ ଚତୁଃପାର୍ଶ୍ୱ ପାଚେରି ନିର୍ମାଣ।
୧୬. ଗୋଶାଳାଠାରେ ନୂତନ ଶ୍ମଶାନର ପାଚେରି ନିର୍ମାଣ ଓ ଉନ୍ନତୀକରଣ।
୧୭. ଓଡ଼ିଶା ବସ୍ତି ବାସିନ୍ଦାଙ୍କ ଭୂମି ଅଧିକାର ଅଧିନିୟମ–୨୦୧୭ ଅନୁଯାୟୀ ଭୂମିହୀନ ବସ୍ତି ବାସିନ୍ଦାମାନଙ୍କୁ ପଟ୍ଟା ବଣ୍ଟନ।

ଶ୍ରୀଯୁକ୍ତ ମୋହନ ଚରଣ ଜେନା, ଓ.ରା.ସେ., ନିର୍ବାହୀ ଅଧିକାରୀ, ବ୍ୟାସନଗର ପୌର ପରିଷଦ
ଶ୍ରୀ ନାରାୟଣ ଚନ୍ଦ୍ର ଧଳ, ଓ.ପ୍ର.ସେ. (ବରିଷ୍ଠ), ପ୍ରଶାସକ, ବ୍ୟାସନଗର ପୌର ପରିଷଦ

# ବଦଳିବା କିଲୋଗ୍ରାମ ମାପ



–ପ୍ର. ରମେଶ ଚନ୍ଦ୍ର ପରିଡ଼ା



''ବିଗତ ବର୍ଷ(୨୦୧୭) ଅକ୍ଟୋବର ୧୯ ତାରିଖ ଦିନ ଫ୍ରାନ୍ସର ସେଭ୍ରେସଠାରେ ଅନୁଷ୍ଠିତ ହୋଇଥିଲା ବିଭିନ୍ନ ଦେଶର ମାପ ବିଜ୍ଞାନ ପ୍ରତିଷ୍ଠାନ ମୁଖ୍ୟମାନଙ୍କର ଏକ ଆନ୍ତର୍ଜାତିକ ସମ୍ମିଳନୀ। ସେଇଠି ସ୍ଥିର ହେଲା ଯେ ଆସନ୍ତାବର୍ଷ (୨୦୧୯) ସୁଦ୍ଧା ଏଥିରେ ପରିବର୍ତ୍ତନ ଆଣିବାକୁ। କାରଣ, ଏହା ଭିତରେ ଲମ୍ବ ମପାଯାଉଥିବା ମିଟର, ସମୟ ମପା ଯାଉଥିବା ସେକେଣ୍ଡ, ତାପମାତ୍ରା ମପା ଯାଉଥିବା କେଲଭିନ ଇତ୍ୟାଦି ଏକକର ମାନକ ବଦଳା ସରିଛି। ତାହାକୁ ଆଉ ଭୌତିକ ପଦାର୍ଥମାନଙ୍କ ସହିତ ତୁଳନା କରାଯାଉନାହିଁ।''

ଏକ କିଲୋଗ୍ରାମ କଥା କହିଲେ ଆମ ଆଖିଆଗରେ ଭାସିଉଠେ ଲୁହାରେ ତିଆରି ଛ କୋଣିଆ ପିଣ୍ଡୁଳାଟିଏ। ଏହାର ଅଧା ହେଲା ଅଧକିଲୋଗ୍ରାମ ବା ୫୦୦ ଗ୍ରାମ ଏବଂ ହଜାରେ ଭାଗରୁ ଭାଗେ ହେଲା ୧ ଗ୍ରାମ୍ ଇତ୍ୟାଦି। ତାକୁ ଆମେ ବଟକରା ବୋଲି କହୁ। ଦୋକାନୀ ତା' ତରାଜୁର ଗୋଟିଏ ପାଖରେ ତାହା ରଖି ଆର ପାଖରେ ଆମେ କିଣୁଥିବା ଜିନିଷ ଓଜନ କରିଦିଏ। ଅଧିକ ଓଜନଦାର ଜିନିଷ ପାଇଁ ଆମେ ବ୍ୟବହାର କରୁ କୁଇଣ୍ଟାଲ। ଏହା ୧୦୦ କିଲୋଗ୍ରାମ ସହିତ ସମାନ। ସେହିପରି କମ୍ ଜିନିଷ ପାଇଁ ମିଲିଗ୍ରାମ ବା ମାଇକ୍ରୋଗ୍ରାମ ବ୍ୟବହାର ହୁଏ। ହେଲେ କେବେ କ'ଣ ଆମେ ଭାବିଛେ କି ଏହି କିଲୋଗ୍ରାମଟି କଅଣ। କାହିଁକି ସେତିକି ବସ୍ତୁତ୍ୱକୁ ଆମେ ଓଜନ ପାଇଁ ମାନକ ରୂପେ ଗ୍ରହଣ କରୁଛେ।

ଆଜକୁ ପ୍ରାୟ ୧୨୬ ବର୍ଷ ତଳେ ଫରାସୀ ବୈଜ୍ଞାନିକମାନେ ସାରା ଦୁନିଆରେ ଗୋଟିଏ ପ୍ରକାର ଓଜନ ଓ ମାପ ପ୍ରଚଳନ କରିବାକୁ ମନ ବଳାଇଲେ। ସେମାନେ ତାଙ୍କ ଦେଶର ରାଜଧାନୀ ପ୍ୟାରିସର ବ୍ୟୁରୋ ଅଫ ଇଣ୍ଟରନ୍ୟାଶନାଲ ଡେସ ପଏଡସ ଏଟ ମେଜରସ (ଆନ୍ତର୍ଜାତିକ ଓଜନ ଓ ମାପ ବ୍ୟୁରୋ)ର ମୁଖ୍ୟ କାର୍ଯ୍ୟାଳୟଠାରେ ଏକ ନିର୍ଦ୍ଦିଷ୍ଟ ବସ୍ତୁତ୍ୱସମ୍ପନ୍ନ ଧାତବ ସିଲିଣ୍ଡରଟିଏ ତିଆରି କରି ରଖିଲେ। ଏହାର ୧୦୦ରୁ ୯୦ ଭାଗ ଥିଲା ପ୍ଲାଟିନମ ଏବଂ ୧୦ ଭାଗ ଇରିଡ଼ିୟମ। ତାଙ୍କ ବିଚାରରେ ଓଜନ ପାଇଁ ମାନକ ରୂପେ ବ୍ୟବହାର କରିବା ସୁବିଧାଜନକ ହେବ। ତାହାକୁ ୧ କିଲୋଗ୍ରାମ ବୋଲି ଧରାଗଲା। ଏବେ ପୃଥିବୀର ଅଧିକାଂଶ ଦେଶ ଏହା ବ୍ୟବହାର କରୁଛନ୍ତି। ଆଗରୁ ଆମ ଦେଶରେ ସେର, ଛଟାଙ୍କି ଆଦି ବଟକରାର ପ୍ରଚଳନ ଥିଲା। କିନ୍ତୁ ୧୯୫୭ ମସିହାରୁ ତାହାକୁ ବଦଳାଇ କିଲୋଗ୍ରାମ, ଗ୍ରାମ ଆଦିର ପ୍ରଚଳନ ହେଲା। ସେଥିପାଇଁ ଅହମ୍ମଦାବାଦଠାରେ ଥିବା ନ୍ୟାଶନାଲ ଫିଜିକାଲ ଲାବରେଟୋରୀ (ଜାତୀୟ ଭୌତିକ ବିଜ୍ଞାନୀ ବିଜ୍ଞାନାଗାର) ଠାରେ ଏହି ସିଲିଣ୍ଡରର ଏକ ନକଲ ରଖାଯାଇଛି।

ବିଗତ ବର୍ଷ (୨୦୧୭) ଅକ୍ଟୋବର ୧୯ ତାରିଖ ଦିନ ଫ୍ରାନ୍ସର ସେଭ୍ରେସଠାରେ ଅନୁଷ୍ଠିତ ହୋଇଥିଲା ବିଭିନ୍ନ ଦେଶର ମାପ ବିଜ୍ଞାନ ପ୍ରତିଷ୍ଠାନ ମୁଖ୍ୟମାନଙ୍କର ଏକ ଆନ୍ତର୍ଜାତିକ ସମ୍ମିଳନୀ। ସେଇଠି ସ୍ଥିର ହେଲା ଯେ ଆସନ୍ତାବର୍ଷ (୨୦୧୯) ସୁଦ୍ଧା ଏଥିରେ ପରିବର୍ତ୍ତନ ଆଣିବାକୁ। କାରଣ, ଏହା ଭିତରେ ଲମ୍ବ ମପାଯାଉଥିବା ମିଟର, ସମୟ ମପା ଯାଉଥିବା ସେକେଣ୍ଡ, ତାପମାତ୍ରା ମପା ଯାଉଥିବା କେଲଭିନ ଇତ୍ୟାଦି ଏକକର ମାନକ ବଦଳା ସରିଛି। ତାହାକୁ ଆଉ ଭୌତିକ ପଦାର୍ଥମାନଙ୍କ ସହିତ ତୁଳନା କରାଯାଉନାହିଁ। ଉଦାହରଣ ସ୍ୱରୂପ ମିଟର କଥା ବିଚାରକୁ ନିଆଯାଇପାରେ। ପ୍ରଥମେ ଏକ ନିର୍ଦ୍ଦିଷ୍ଟ ଲମ୍ବର ପ୍ଲାଟିନମ-ଇରିଡିୟମ ଦଣ୍ଡକୁ ଏହାର ମାନକ ରୂପେ ରଖାଯାଇଥିଲା। କିନ୍ତୁ ୧୯୬୦ ମସିହାରେ ଏହାକୁ ବଦଳାଇ ଦିଆଗଲା। ଏବେ ୧ ମିଟର ହେଉଛି ଆଲୋକ ଶୂନ୍ୟତା ମଧ୍ୟରେ ୧/୨୯୯, ୭୯୨, ୪୫୮ ସେକେଣ୍ଡରେ ଯେତିକି ବାଟ ଯାଏ ସେତିକି (ଆଲୋକର ପରିବେଗ ସେକେଣ୍ଡ ପ୍ରତି ୨୯୯, ୭୯୨, ୪୫୮ ମିଟର)।

ସେହିପରି ସମୟର ମାନକ – ଏକକ ସେକେଣ୍ଡକୁ ନୂଆ ଢଙ୍ଗରେ ସ୍ଥିର କରାଗଲାଣି। ଆଗରୁ ଏକ ସୌର ଦିବସର ୧/୮୬୪୦୦ ଭାଗ ରୂପେ ଏହାକୁ ନିର୍ଦ୍ଧାରଣ କରାଯାଉଥିଲା। କିନ୍ତୁ, ଏବେ ଏହାକୁ ସଂପୃକ୍ତ କରାଯାଇଛି ମୌଳିକ ପଦାର୍ଥ ସିଜିୟମ୍-୧୩୩ ସହିତ। ଏହାକୁ ଭିତ୍ତିକରି ତିଆରି ହୋଇଛି ପରମାଣବିକ ଘଡ଼ି, ଯାହା କି ଏକଦମ୍ ନିର୍ଭୁଲ। ଏହି ଧାତୁଟି ନିମ୍ନତମ ଶକ୍ତିସ୍ତରରେ ଥିଲାବେଳେ ଏହାକୁ ବିଦ୍ୟୁତ ଚୁମ୍ବକୀୟ ବିକୀରଣ ଦ୍ୱାରା ଉଦ୍‌ଭାସିତ କଲେ ତହିଁରେ ଥିବା ଦୁଇଟି ପାଖାପାଖି ଶକ୍ତିସ୍ତର ମଧ୍ୟରେ ଇଲେକଟ୍ରୋନୀୟ ସଂକ୍ରମଣ ଘଟେ। ଏଥିରେ ଇଲେକଟ୍ରନ୍ ପରବର୍ତ୍ତୀ ସ୍ତରକୁ ଯାଇ ପୁଣି ତଳସ୍ତରକୁ ଫେରିଆସେ। ଏହି ସମୟରେ ତହିଁରୁ ବିକୀରଣ ନିର୍ଗତ ହୁଏ। ଏହାର ଆବୃତ୍ତି ବା ଫ୍ରିକ୍ୟୁଏନ୍‌ସି ୯, ୧୯୨, ୬୩୧, ୭୭୦ ହର୍ଜ। ଏ ଘଟଣା ଏତିକିଥର ଘଟିବାର ସମୟ ହେଲା ଏକ ସେକେଣ୍ଡ।

ମାନକ ରୂପ ଧରାଯାଇଥିବା ଏହି ଏକକଗୁଡ଼ିକୁ ବଦଳାଇବାର କାରଣଟିଏ ରହିଛି। ତାହା ହେଲା, ସେଗୁଡ଼ିକ ଏପରି କିଛି ଜିନିଷକୁ ଆଧାର କରି ଯାହା କି ସମୟାନୁକ୍ରମେ ବଦଳିବା କିମ୍ବା କ୍ଷୟପ୍ରାପ୍ତ ହେବା ସମ୍ଭବ। ଏଣୁ ଏପରି ମାନକ ଭୁଲ୍ ହେବାର ସମ୍ଭାବନା ରହିଛି। ତେଣୁ ''ଇଣ୍ଟର୍ ନ୍ୟାଶନାଲ୍ କମିଟି ଅନ୍ ୱେଟ୍‌ସ୍ ଏଣ୍ଡ୍ ମେଜରସ୍'' (ଆନ୍ତର୍ଜାତିକ ଓଜନ ଏବଂ ମାପ କମିଟି) ଏଥିପାଇଁ ନୂଆପନ୍ଥା ଅବଲମ୍ବନ କରୁଛି। ତହିଁରେ ବ୍ୟବହାର ହେଉଛି ପ୍ରକୃତିର ବିବିଧ ସ୍ଥିରାଙ୍କ। ତା'ମଧ୍ୟରେ ଅନ୍ୟତମ ହେଲା ପ୍ଲାଙ୍କଙ୍କ ସ୍ଥିରାଙ୍କ। ଏହାର ମୂଲ୍ୟ ହେଉଛି ଏକ ଆଲୋକ କଣିକା ବା ଫୋଟନ୍‌ରୁ ନିର୍ଗତ ବିଦ୍ୟୁତ ଚୁମ୍ବକୀୟ ବିକୀରଣ ଓ ଏହାର ଆବୃତ୍ତିର ଅନୁପାତ।

ବିଗତ ୨୦୧୭ ମସିହା ସୁଦ୍ଧା କେବଳ କିଲୋଗ୍ରାମ ବ୍ୟତୀତ ଅନ୍ୟସବୁ ମାନକ-ଏକକର ମାପ ନୂଆଢଙ୍ଗରେ ପରିବର୍ତ୍ତିତ ହୋଇ ସାରିଥିଲା। ଏଣୁ ୨୦୧୮ ମସିହାରେ ଏକ ଭୋଟ୍ ଜରିଆରେ ଏହାକୁ ପ୍ଲାଙ୍କଙ୍କ ସ୍ଥିରାଙ୍କ ସହିତ ଯୋଡ଼ି ଦିଆଗଲା। ଅତଏବ ୨୦୧୯ ମସିହା ପରେ ପ୍ୟାରିସ୍‌ସ୍ଥିତ ପ୍ଲାଟିନମ୍-ଇରିଡିୟମ୍ ସିଲିଣ୍ଡରକୁ ଆଉ ମାନକ ରୂପେ ବ୍ୟବହାର କରାଯିବ ନାହିଁ। ଅନ୍ୟପକ୍ଷରେ, ଏଥିପାଇଁ ବ୍ୟବହାର ହେବ ''କିବ୍ଲ ବାଲାନସ୍'' ନାମକ ଏକ ବିଦ୍ୟୁତ-ଚୁମ୍ବକୀୟ ବଳ ବ୍ୟବହାର କରୁଥିବା ଏକ ବ୍ୟବସ୍ଥା। ଏହାରି ମାଧ୍ୟମରେ ପ୍ଲାଙ୍କଙ୍କ ସ୍ଥିରାଙ୍କ ଠିକ୍‌ଭାବେ ମପାଯାଇ ପାରିବ ଏବଂ ତାହାକୁ ଆଧାର କରି କିଲୋଗ୍ରାମର ବସ୍ତୁତ୍ୱ ନୂତନଭାବେ ନିର୍ଦ୍ଧାରିତ ହେବ।

କିଲୋଗ୍ରାମର ଏହି ମାନକ ମାପରେ ପରିବର୍ତ୍ତନ ବଡ଼ ବଡ଼ ଓଜନରେ କିଛି ଫରକ ଆଣିବ ନାହିଁ। କାରଣ, ଏହା ଏବେକାର ମାପଠାରୁ ବିଶେଷ କିଛି ଅଲଗା ହେବାର ସମ୍ଭାବନା ନାହିଁ। ଏଣୁ ଏକ କିଲୋଗ୍ରାମ୍, ଅଧକିଲୋଗ୍ରାମ ଅଥବା ଗ୍ରାମ ଆଜିର ଓଜନ କ୍ଷେତ୍ରରେ ତାହା ପ୍ରାୟତଃ ଅପରିବର୍ତ୍ତିତ ରହିବ। ତେବେ, ମାଇକ୍ରୋଗ୍ରାମ ଭଳି ସୂକ୍ଷ୍ମଓଜନ (ମିଲିଗ୍ରାମର ୧୦୦ ଭାଗରୁ ଭାଗେ) ଏହାଦ୍ୱାରା ପ୍ରଭାବିତ ହେବ। ତାହା ହେବ ଅଧିକ ନିର୍ଭୁଲ। ଏଣୁ ଔଷଧ ଆଜି ପ୍ରସ୍ତୁତ କଲାବେଳେ ଏହା ବେଶ୍ ଉପଯୋଗୀ ହେବ। କାରଣ, ଏଥିରେ ନାନାଦି ଉପାଦାନକୁ ଏକଦମ୍ ନିର୍ଭୁଲ ଭାବେ ମାପି ମିଶାଇବାକୁ ହୁଏ। ସେଗୁଡ଼ିକ ଓଜନରେ ମାଇକ୍ରୋଗ୍ରାମ୍ ସ୍ତରରେ ବି ତ୍ରୁଟି ରହିଲେ ତାହାର ପ୍ରଭାବ ଗୁରୁତର ହୋଇପାରେ।

ଏପରିସ୍ଥଳେ କିଲୋଗ୍ରାମର ମାପ ବଦଳିବା ଦ୍ୱାରା ଆମ ନିତିଦିନିଆ ଜୀବନ ପାଇଁ କିଛି ଫରକ ପଡ଼ିବନି। ତେବେ, ଅତି ସୂକ୍ଷ୍ମସ୍ତରରେ ନିର୍ଭୁଲ ଭାବେ ଓଜନ ଦରକାର ହେଉଥିବା ବିଜ୍ଞାନାଗାରରେ ପରୀକ୍ଷା ନିରୀକ୍ଷା, ଔଷଧ ତିଆରି ଇତ୍ୟାଦି କ୍ଷେତ୍ରରେ ଏହା ଅତ୍ୟନ୍ତ ଉପଯୋଗୀ ହେବ।

–ଉଷା ନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର,
ମୋ : ୯୯୩୭୯୮୫୭୬୭

DSPL-266

# ପୁରୁଷ ବନ୍ଧ୍ୟାକରଣ ପକ୍ଷ

୨୧ ନଭେମ୍ବର - ୦୪ ଡିସେମ୍ବର,୨୦୧୮

ସେହି ଦମ୍ପତି ଅତନ୍ତି ବାଣ୍ଡିଦ୍ୱାନ୍ ଯିଏ କରନ୍ତି ପରିବାର ପ୍ଲାନ୍

ପୁରୁଷ ବନ୍ଧ୍ୟାକରଣ ଆପଣେଇବା
ପରିବାର ନିୟୋଜନରେ ନୂଆ ପରିଚୟ ସୃଷ୍ଟି କରିବା



- ପୁରୁଷମାନଙ୍କ ପାଇଁ ଏନ.ଏସ୍.ଭି. ଏକ ସହଜ,ଫଳପ୍ରଦ, ସୁରକ୍ଷିତ ତଥା ସ୍ଥାୟୀ ଜନ୍ମନିୟନ୍ତ୍ରଣ ପଦ୍ଧତି ।
- ଏଥିପାଇଁ କଟାକଟି ବା ସିଲେଇର ଆବଶ୍ୟକତା ନାହିଁ ।
- ଏହାଦ୍ୱାରା ଶରୀରର ଶକ୍ତି, ପୁରୁଷତ୍ୱ କିମ୍ବା ଯୌନସୁଖ ହ୍ରାସ ହୁଏ ନାହିଁ ।



ପୁରୁଷ ବନ୍ଧ୍ୟାକରଣ କରାଇଥିବା ହିତାଧିକାରୀଙ୍କ ପାଇଁ ଟ.୨୦୦୦ଙ୍କା ଆର୍ଥିକ ପ୍ରୋତ୍ସାହନ

10003/13/0094/1819

ଏହି ସେବା ନିର୍ଦ୍ଧାରିତ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ ।

ଏ ସମ୍ପର୍କରେ ଅଧିକ ସୂଚନା ଓ ସେବାପାଇବା ପାଇଁ ନିକଟସ୍ଥ ଆଶା କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

facebook.com/HFWOdisha http://www.health.odisha.gov.in @HFWOdisha

DADLS-198



ଜନଗଣର ନେତା ବୀରେନ୍ ମିତ୍ରଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୨୬ ନଭେମ୍ବର, ୨୦୧୮

ସକାଳ ଘ.୮.୩୦ମି. ଭୁବନେଶ୍ୱର ଜୟଦେବ ବିହାର ଛକ ନିକଟସ୍ଥ ବୀରେନ୍ ମିତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ।

ସାଧାରଣ ସଭା

ସମୟ - ସନ୍ଧ୍ୟା ୫.୩୦ ମିନିଟ୍ ସ୍ଥାନ - ଜୟଦେବ ଭବନ

| | |
|---|---|
| ମୁଖ୍ୟ ଅତିଥି – | ଶ୍ରୀଯୁକ୍ତ ଶଶିଭୂଷଣ ବେହେରା, ମାନ୍ୟବର ଅର୍ଥ ଓ ଅବକାରୀ ମନ୍ତ୍ରୀ |
| ମୁଖ୍ୟବକ୍ତା – | ଶ୍ରୀମତୀ ମନୋରମା ମହାପାତ୍ର, ବିଶିଷ୍ଟ ସାହିତ୍ୟିକ, ସମାଜସେବିକା ତଥା ବରିଷ୍ଠ ସାମ୍ବାଦିକ |
| ସମ୍ମାନିତ ଅତିଥି – | ଶ୍ରୀଯୁକ୍ତ ଦେବୀ ପ୍ରସାଦ ମିଶ୍ର, ମାନ୍ୟବର ବିଧାୟକ |
| – | ଶ୍ରୀଯୁକ୍ତ ଦେବାଶିଷ ସାମନ୍ତରାୟ, ମାନ୍ୟବର ବିଧାୟକ |
| – | ଶ୍ରୀଯୁକ୍ତ ପ୍ରିୟଦର୍ଶୀ ମିଶ୍ର, ମାନ୍ୟବର ବିଧାୟକ ତଥା ବୀରେନ୍ ମିତ୍ର ଫାଉଣ୍ଡେସନ୍‌ର ଅଧ୍ୟକ୍ଷ |
| ଧନ୍ୟବାଦ ଅର୍ପଣ– | ଶ୍ରୀଯୁକ୍ତ ସୌମିତ ମିତ୍ର, ସାଧାରଣ ସମ୍ପାଦକ, ବୀରେନ୍ ମିତ୍ର ଫାଉଣ୍ଡେସନ୍ |

ମୁଖ୍ୟଅତିଥିଙ୍କ ଦ୍ୱାରା ବୀରେନ୍ ମିତ୍ରଙ୍କ ତୈଳଚିତ୍ର ଉନ୍ମୋଚନ

କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ ଏବଂ ସଭା ପରେ ସୁବାଷ ଦାଶ ଓ ସାଥୀ କଳାକାରମାନଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯିବ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ବୀରେନ୍ ମିତ୍ର ଫାଉଣ୍ଡେସନ୍,କଟକଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ ।

ନିର୍ଦ୍ଦେଶକ,
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0441/1819



ଦେଶର ଏକ ଖଦି ଏକ୍ସପ୍ରେସ ଚଳାଇବା ଲାଗି ରେଲୱେକୁ ଚିଠି ଲେଖାଯାଇଛି। ଏହା ଖଦି ପ୍ରଡକ୍ଟଗୁଡ଼ିକୁ ପ୍ରଦର୍ଶନ କରାଇବା ସହ ବିକ୍ରିକୁ ପ୍ରୋତ୍ସାହିତ କରିବ।
**– ବିନାୟୀ କୁମାର ସାକ୍ସେନା, ଅଧ୍ୟକ୍ଷ, ଖଦି ଏବଂ ଗ୍ରାମୋଦ୍ୟୋଗ କମିଶନ**



ସରକାର ପ୍ରଦୂଷଣ ନିୟମକୁ କଡ଼ାକଡ଼ି କରିଥିବାରୁ ଇଲେକ୍ଟ୍ରିକାଲ ଆଣ୍ଡ ଆପ୍ଲାଏନ୍ସ ସେକ୍ଟର ଲାଗି ପରିବେଶ ଉପଯୋଗୀ ପ୍ରଡକ୍ଟ ପ୍ୟାକେଜିଂ ଉପରେ ଧ୍ୟାନ ଦେଉଛୁ।
**– ଶେଷାଗିରି ରାଓ, ଯୁଗ୍ମ ଏମ୍‌ଡି, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍**

## ସଂକ୍ଷେପରେ

### ମାସକରେ ପେଟ୍ରୋଲ ୮, ଡିଜେଲ ୬ ଟଙ୍କା ଶସ୍ତା

**ନୂଆଦିଲ୍ଲୀ,୨୫-୧୧:** ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହ୍ରାସ ପାଇବାର ଫଳସ୍ୱରୂପ ଗତ ୭ ସପ୍ତାହ ହେଲା ଦେଶରେ ପେଟ୍ରୋଲ ଓ ଡିଜେଲ ଦର କମୁଛି। ଫଳରେ ଦିଲ୍ଲୀରେ ଅକ୍ଟୋବର ୧୭ରୁ ଆଜିସୁଦ୍ଧା ପେଟ୍ରୋଲ ଦର ଲିଟର ପିଛା ୮ ଟଙ୍କା ଏବଂ ଡିଜେଲ ଦର ୬ ଟଙ୍କା କମିଛି। ଏହା କେବଳ ଦିଲ୍ଲୀରେ ନୁହେଁ ବରଂ ସାରା ଦେଶରେ ଦେଖିବାକୁ ମିଳିଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଚଳିତ ସପ୍ତାହରେ ଅଶୋଧିତ ତୈଳ ଦର(ବ୍ରେଣ୍ଟ କ୍ରୁଡ୍) ୧୧% ହ୍ରାସ ପାଇ ବ୍ୟାରେଲ ପିଛା ୬୦ ଡଲାରକୁ ଖସି ଆସିଛି। ଅକ୍ଟୋବର ୩ ପରେ ଏଥିରେ ୩୦ ପ୍ରତିଶତ ହ୍ରାସ ପରିଲକ୍ଷିତ ହୋଇଛି। ରବିବାର ଚତୁର୍ଥ ଦିନ ପାଇଁ ପେଟ୍ରୋଲ ଓ ଡିଜେଲ ଦର କମିଛି। ଦିଲ୍ଲୀରେ ପେଟ୍ରୋଲ ୪୧ପଇସା ଓ ଡିଜେଲ ୪୬ ପଇସା କମିଛି। ଫଳରେ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୭୪.୮୪ ଟଙ୍କା ଓ ଡିଜେଲ ଲିଟର ପିଛା ୬୯.୭୦ ଟଙ୍କା ରହିଛି। ଅକ୍ଟୋବର ୪ରେ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଲିଟର ପିଛା ୨.୫୦ ଟଙ୍କା ହ୍ରାସ ଘୋଷଣା କରିଥିଲେ।

### ପିସିଏରୁ ବାହାରି ଆସିବ ୪ ବ୍ୟାଙ୍କ

**ନୂଆଦିଲ୍ଲୀ,୨୫-୧୧:** ଅନାଦାୟ ଋଣ ସୀମା ବୃଦ୍ଧିକୁ ଦୃଷ୍ଟିରେ ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ୨୧ ମଧ୍ୟରୁ ୧୧ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ପ୍ରମ୍ପଟ୍ କରେକ୍ଟିଭ ଆକ୍ସନ(ପିସିଏ) ବା ତ୍ୱରିତ୍ ସୁଧାର କାର୍ଯ୍ୟକ୍ରମ ଅଧୀନକୁ ଆଣିଥିଲେ। ସେମାନଙ୍କ ମଧ୍ୟରୁ ୩ରୁ ୪ଟି ବ୍ୟାଙ୍କ ବାହାରି ଆସିବ ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଆଶାବ୍ୟକ୍ତ କରିଛି। କେନ୍ଦ୍ରୀୟ ବ୍ୟାଙ୍କ ନିଜର ଗାଇଡଲାଇନକୁ କୋହଳ କରିବା ଦ୍ୱାରା ଏବଂ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ଲାଭ ବୃଦ୍ଧି ପାଉଥିବାରୁ ଏହା ସମ୍ଭବ ହେବ ବୋଲି ମନ୍ତ୍ରଣାଳୟ ବିଚାର କରୁଛି। ପିସିଏ ଅଧୀନକୁ ଆସିଥିବା ଦୁର୍ବଳ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ଋଣ ଯୋଗାଇବା ନେଇ ଆର୍‌ବିଆଇ କଟକଣା ଜାରି କରିଛି। ତେବେ ସେମାନଙ୍କ ରିଟେଲ ଋଣ ପରିମାଣ ଗତ ବର୍ଷ ତୁଳନାରେ ୧୧% ବୃଦ୍ଧି ପାଉଥିବା ଦେଖାଯାଇଛି। ନଜରରେ ରହିଥିବା ୧୧ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମ୍ପର୍କରେ ରିଜର୍ଭ ବ୍ୟାଙ୍କ ଦ୍ୱାରା ଗଠିତ ବୋର୍ଡ ଫର ଫାଇନାନ୍ସିଆଲ ସୁପରଭିଜନ(ବିଏଫ୍‌ଏସ୍) ବା ଆର୍ଥିକ ତଦାରଖ ବୋର୍ଡ ଯାଞ୍ଚ କରିବ। ଏହା ପରେ ହିଁ କେନ୍ଦ୍ରୀୟ ବ୍ୟାଙ୍କ ସେମାନଙ୍କୁ ପିସିଏରୁ ବାଦ୍ ଦେବା ନେଇ ନିଷ୍ପତ୍ତି ନେବ। ଏ ସମ୍ପର୍କରେ ଗତ ୧୯ ତାରିଖ ଆର୍‌ବିଆଇ ବୋର୍ଡ ବୈଠକରେ ନିଷ୍ପତ୍ତି ହୋଇଥିଲା।

## ସ୍ଥାପନ ହେବ ୬୫ ହଜାର ପେଟ୍ରୋଲ ପମ୍ପ

# ପୁରୁଣାଙ୍କୁ ଟକ୍କର ଦେବେ ନୂଆ

**ନୂଆଦିଲ୍ଲୀ,୨୫-୧୧**

ତୈଳ କମ୍ପାନୀମାନେ ନିଜର ବ୍ୟବସାୟ ବୃଦ୍ଧି କରିବାକୁ ଯାଇ ସାରା ଦେଶରେ ପେଟ୍ରୋଲ ପମ୍ପ ଜାଲକୁ ଆହୁରି ବିସ୍ତାର କରିବାକୁ ଯାଉଛନ୍ତି। ଦେଶରେ ୬୫ ହଜାର ନୂଆ ପେଟ୍ରୋଲ ପମ୍ପ ସ୍ଥାପନ ପାଇଁ ତୈଳ ବିପଣନ କମ୍ପାନୀମାନେ ଇତିମଧ୍ୟରେ ବିଜ୍ଞାପନ ମାଧ୍ୟମରେ ଆବେଦନ ଆହ୍ୱାନ କରିଛନ୍ତି। ତେବେ ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକରେ ବିଜ୍ଞାପନ ପ୍ରକାଶ କରାଯାଇନି। ଫଳରେ ଏ କ୍ଷେତ୍ରରେ ପମ୍ପ ଡିଲରମାନଙ୍କ ମଧ୍ୟରେ ପ୍ରତିଯୋଗିତା ବଢ଼ିବାକୁ ଯାଉଛି। ପୁରୁଣା ପେଟ୍ରୋଲ ପମ୍ପ ମାଲିକଙ୍କୁ ନୂଆମାନେ ଟକ୍କର ଦେବାକୁ ଯାଉଥିବାରୁ ପରୋକ୍ଷରେ ଖାଉଟି ଲାଭାନ୍ୱିତ ହେବେ ବୋଲି ତୈଳ ମନ୍ତ୍ରଣାଳୟ ଯୁକ୍ତି ବାଢ଼ିଛି।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ତୈଳ କମ୍ପାନୀମାନଙ୍କ ଉକ୍ତ ପଦକ୍ଷେପ ଯୋଗୁ ସେମାନଙ୍କ ରିଟେଲ ନେଟ୍‌ୱର୍କ ଦ୍ୱିଗୁଣା ହୋଇଯିବ। ତେବେ ବିଗତ ଅଭିଜ୍ଞତାରୁ ଏହା ସ୍ପଷ୍ଟ ହୋଇଛି ଯେ, ସମସ୍ତ ୬୫ ହଜାର ସ୍ଥାନରେ ପେଟ୍ରୋଲ ପମ୍ପ ଖୋଲିବା ନେଇ ସନ୍ଦେହ ରହିଛି। କାରଣ ଡିଲରଶିପ୍ ଦେବା ବେଳେ ବହୁ ପ୍ରସଙ୍ଗ ବାଧକ ସାଜେ। କେଉଁଠି ଜମି ଅଧିଗ୍ରହଣ ସମସ୍ୟା ତ କେଉଁଠି ଅନ୍ୟ କୌଣସି ବିବାଦ ମୁଣ୍ଡ ଟେକୁଛି। ତୈଳ ମନ୍ତ୍ରଣାଳୟର ଜଣେ ଅଧିକାରୀଙ୍କ କହିବାନୁଯାୟୀ ୬୫ ହଜାରରୁ ପ୍ରାୟ ୧୫ରୁ ୨୦ ହଜାର ପମ୍ପ ସ୍ଥାପନ ବାସ୍ତବ ରୂପ ନେଇପାରେ। ସରକାରୀ ତଥ୍ୟ ଅନୁଯାୟୀ ଦେଶରେ ବର୍ତ୍ତମାନ ୬୨,୫୮୫ ପେଟ୍ରୋଲ ପମ୍ପ ରହିଛି। ଏମାନଙ୍କ ମଧ୍ୟରୁ ୬ ହଜାର ଘରୋଇ କମ୍ପାନୀ ଦ୍ୱାରା ପରିଚାଳିତ। ଅନ୍ୟପକ୍ଷରେ ଦେଶରେ ତେଲ ଚାହିଦା ୨୦୧୭-୧୮ରେ ମାତ୍ର ୫ % ବୃଦ୍ଧି ପାଇ ୨୦.୫ କୋଟି ଟନରେ ପହଞ୍ଚିଛି।

ଅପରପକ୍ଷରେ ବର୍ତ୍ତମାନର ଡିଲରମାନେ ସରକାରଙ୍କ ଏହି ପଦକ୍ଷେପକୁ ବିରୋଧ କରୁଛନ୍ତି। ଅଲ୍ ଇଣ୍ଡିଆ ପେଟ୍ରୋଲିୟମ ଡିଲର୍ସ ଆସୋସିଏଶନ ପ୍ରେସିଡେଣ୍ଟ ଅଜୟ ବଂଶଲ କହିଛନ୍ତି ଯେ, ପୂର୍ବେ ପ୍ରତି ପେଟ୍ରୋଲ ପମ୍ପରେ ଦୈନିକ ୧୭୦ କିଲୋ ଲିଟର ତେଲ ବିକ୍ରି ହେଉଥିଲା, ଯାହା ଆଜି ୧୪୦ କିଲୋ ଲିଟରକୁ ଖସି ଆସିଛି। ଅନ୍ୟପକ୍ଷରେ ପମ୍ପ ଚଳାଇବା ଖର୍ଚ୍ଚ ବଢୁଥିବା ବେଳେ ଲାଭ କମିବାରେ ଲାଗିଛି। ଅନ୍ୟପକ୍ଷରେ ସଂରକ୍ଷଣ ମାନଦଣ୍ଡ ଅନୁଯାୟୀ ପେଟ୍ରୋଲ ପମ୍ପ ଖୋଲିବା ଲାଗି ସରକାର ଅନୁମତି ଦେଇଛନ୍ତି। ଏଥିରେ ଡିଲରଶିପ୍ ସର୍ତ୍ତକୁ କୋହଳ କରାଯାଇ ଆବେଦନକାରୀଙ୍କ ନିକଟରେ ଏକ ନିଶ୍ଚିତ ପାଣ୍ଠି ରଖିବା ନେଇ ଥିବା ନିୟମକୁ ପ୍ରତ୍ୟାହାର କରିନିଆଯାଇଛି। ଏହାଛଡା ଜମି ସଂକ୍ରାନ୍ତ ନିୟମକୁ ସରକାର ଆହୁରି ନମନୀୟ କରିଛନ୍ତି। ନୂଆ ଗାଇଡଲାଇନ ଅନୁଯାୟୀ ନିଜ ଜମି ନ ଥିଲେ ଏବଂ ଜମି ମାଲିକଙ୍କ ସହ ଚୁକ୍ତିବଦ୍ଧ ହେବା କ୍ଷେତ୍ରରେ ମଧ୍ୟ ଆବେଦନ କରାଯାଇପାରିବ। ସୂଚନାଥାଉ କି, ପୂର୍ବରୁ ବ୍ୟାଙ୍କରେ ଅତିକମ୍‌ରେ ୨୫ ଲକ୍ଷ ଟଙ୍କାର ସମ୍ପତ୍ତି ଦାଖଲ କରିବା ପରେ ହିଁ ଜଣେ ଆବେଦନ ପାଇଁ ଯୋଗ୍ୟ ବିବେଚିତ ହେଉଥିଲେ। ଗ୍ରାମାଞ୍ଚଳ ପାଇଁ ଏହି ସୀମା ୧୨ ଲକ୍ଷ ଟଙ୍କା ଥିଲା। ଏହାପରେ ବିଜେତାଙ୍କୁ ୧୦ ପ୍ରତିଶତ ସିକ୍ୟୁରିଟି ଅର୍ଥ ବ୍ୟାଙ୍କରେ ଜମା କରିବା ପରେ ହିଁ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହେବ। ନୂଆ ବ୍ୟବସ୍ଥାରେ ଡିଲରଶିପ୍ ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ଅନଲାଇନରେ କରାଯିବ।

### ରାଜ୍ୟରେ ଖୋଲିବ ନୂଆ ୨୬୩୬ ପେଟ୍ରୋଲ ପମ୍ପ




**ଭୁବନେଶ୍ୱର,୨୫-୧୧**

ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀଗୁଡ଼ିକ ଓଡ଼ିଶାରେ ୨୬୩୬ ନୂଆ ପେଟ୍ରୋଲ ପମ୍ପ ଖୋଲିବେ। ଇଣ୍ଡିଆନ ଅଏଲ୍ କର୍ପୋରେଶନ ଲିମିଟେଡ (ଆଇଓସିଏଲ୍) ୧୪୯୮, ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ (ବିପିସିଏଲ୍) ୬୧୩ ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ (ଏଚ୍‌ପିସିଏଲ୍) ୫୨୫ ନୂଆ ପେଟ୍ରୋଲ ପମ୍ପ ଖୋଲିବା ନେଇ ବିଜ୍ଞାପନ ପ୍ରକାଶ କରିଛନ୍ତି। ତୈଳ ବିପଣନ କମ୍ପାନୀ(ଓଏମ୍‌ସି)ଗୁଡ଼ିକ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଆଇଓସିଏଲ୍‌ର ସିଜିଏମ୍ ପ୍ରତିଶ ଭରତ ଏହି ସୂଚନା ଦେଇଛନ୍ତି। ସୂଚନା ଯୋଗ୍ୟ, ରାଜ୍ୟରେ ବର୍ତ୍ତମାନ ଆଇଓସିର ୭୮୨, ବିପିସିର ୪୪୧, ଏଚ୍‌ପିସିର ୩୩୧ ପେଟ୍ରୋଲ ପମ୍ପ ରହିଛି। ସହଜ ଓ ସରଳ ବ୍ୟବସ୍ଥାରେ ଅନଲାଇନରେ ଦରଖାସ୍ତ ସହ ଆବେଦନ ଫର୍ମକୁ ସରଳ କରାଯାଇଛି। ଯୋଗ୍ୟତା ନିୟମରେ ମଧ୍ୟ କୋହଳ କରାଯାଇଥିବା କମ୍ପାନୀଗୁଡ଼ିକ ପକ୍ଷରୁ ସୂଚନା ରହିଛି। କାର୍ଯ୍ୟକ୍ରମରେ ଆଇଓସିଏଲ୍ ଡିଜିଏମ୍ (ଆର୍‌ଏସ୍) ଦେବଯାତୀ ବିଶ୍ୱାସ, ବିପିସିଏଲ୍ ଓଡ଼ିଶା-ଝାଡଖଣ୍ଡ ରାଜ୍ୟ ରିଟେଲ ମୁଖ୍ୟ ଦେବାଶିଷ ପାଲିତ, ବିପିସିଏଲ୍‌ର ରିଟେଲ ବିଜନେସ ଏବଂ ନେଟ୍‌ୱର୍କ ପ୍ଲାନିଂ ସୁରେଶ ସେଜୱାନି, ଏଚ୍‌ପିସିଏଲ୍ ରିଟେଲ ଡିଜିଏମ୍ ଅଭୟଙ୍କର ଦାସ ଏବଂ ସିନିୟର କର୍ପୋରେଟ କମ୍ୟୁନିକେଶନ ମ୍ୟାନେଜର ଶ୍ରୀନିବାସ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଓଏଏସ୍ ସାକ୍ଷାତ୍‌କାର ପାଇଁ ଲିସାସର ସ୍ୱତନ୍ତ୍ର କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୨୫-୧୧**

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ଓଏଏସ୍ ସାକ୍ଷାତକାର କାର୍ଯ୍ୟକ୍ରମ ଡିସେମ୍ବର ୩ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏହାକୁ ନଜରରେ ରଖି ଭୁବନେଶ୍ୱରସ୍ଥିତ ଲିସାସ୍ ଆଇଏସ୍ ପ୍ରତିଷ୍ଠାନ ପକ୍ଷରୁ ଏକ ସ୍ୱତନ୍ତ୍ର ସାକ୍ଷାତକାର ପ୍ରୋଗ୍ରାମ ସମ୍ପର୍କରେ ଘୋଷଣା କରାଯାଇଛି। ଓଏଏସ୍ ଲିଖିତ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ପାରିବେ। ପ୍ରତିଷ୍ଠାନ ପକ୍ଷରୁ ଏ ନେଇ ପ୍ରଦାନ କରାଯାଉଥିବା ସମସ୍ତ ସୁବିଧା ଆଶାୟୀ ନେଇପାରିବେ ବୋଲି ଅନୁଷ୍ଠାନର ନିର୍ଦ୍ଦେଶିକା ଡ. ଲିନୁ ଚୟନୀ ସୂଚନା ଦେଇଛନ୍ତି।




## ମାର୍ଚ୍ଚ ସୁଦ୍ଧା ବଢ଼ି ନ ପାରେ ସୁଧ ହାର

### ଡିବିଏସ୍ ରିପୋର୍ଟ

**ନୂଆଦିଲ୍ଲୀ,୨୫-୧୧**

ଚଳିତ ଆର୍ଥିକ ବର୍ଷର ଶେଷ କ୍ୱାର୍ଟର ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ମୁଦ୍ରାନୀତିରେ ସୁଧ ହାର ବୃଦ୍ଧି ପାଇବାର ସମ୍ଭାବନା କମ୍ ରହିଛି। ସିଙ୍ଗାପୁର ବ୍ୟାଙ୍କ ଡିବିଏସ୍ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏ ସମ୍ପର୍କରେ ଅନୁମାନ କରାଯାଇଛି।

ରିପୋର୍ଟରେ କୁହାଯାଇଛି ଯେ, ୨୦୧୯ମାର୍ଚ୍ଚ ପର୍ଯ୍ୟନ୍ତ ଆର୍‌ବିଆଇ ସୁଧ ହାର ବଢ଼ାଇ ନ ପାରେ। ତେବେ ମୁଦ୍ରାସ୍ଫୀତି ବଢ଼ିଲେ ୨୦୧୯-୨୦ ଆର୍ଥିକ ବର୍ଷରେ ଯୋଜନାବଦ୍ଧ ରଣନୀତି ଅନୁଯାୟୀ ସୁଧ ହାର ବୃଦ୍ଧି କରିପାରେ। ସୂଚନାଥାଉ କି, ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଓ ଟଙ୍କାର ମୂଲ୍ୟ କେଉଁ ଆଡକୁ ଯାଉଛି ତାହାକୁ ଦେଖି ରିଜର୍ଭ ବ୍ୟାଙ୍କ ସୁଧ ହାର ସ୍ଥିର କରନ୍ତି। ଏହାକୁ ଅର୍ଥନୀତିଜ୍ଞମାନେ ସ୍ପୋର୍ଟ୍ସଭାଷାରେ ୱାଇଲ୍ଡକାର୍ଡ କହିଥାନ୍ତି। ସୂଚନାଥାଉ କି, ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ଆଶ୍ଚର୍ଯ୍ୟଜନକ ଭାବେ ୩.୩୧ ପ୍ରତିଶତକୁ ହ୍ରାସ ପାଇଛି। ରିଜର୍ଭ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷ ପାଇଁ ମୁଦ୍ରାସ୍ଫୀତି ଅନୁମାନ ୪.୪ ପ୍ରତିଶତରୁ ୪ ପ୍ରତିଶତକୁ ହ୍ରାସ କରିଛି। ତେବେ ଆସନ୍ତା ଆର୍ଥିକ ବର୍ଷରେ ଏହା ୪.୨ପ୍ରତିଶତକୁ ବୃଦ୍ଧି ପାଇଲେ ସୁଧ ହାର ବୃଦ୍ଧି ପାଇଁ ଆର୍‌ବିଆଇ ଚିନ୍ତା କରିପାରେ ବୋଲି ରିପୋର୍ଟରେ କୁହାଯାଇଛି।

## ମହଙ୍ଗା ପଡ଼ିବ ବିଳମ୍ବରେ ଇଏମ୍‌ଆଇ ପ୍ରଦାନ

**ମୁମ୍ବାଇ,୨୫-୧୧:** ଋଣ ନେଇଥିବା ବ୍ୟକ୍ତି ମାସିକ କିସ୍ତି ଦେବାରେ ବିଳମ୍ବ କରିବା ଯୋଗୁ ସେ ଦେଉଥିବା ଦଣ୍ଡାତ୍ମକ ସୁଧ ଉପରେ ୧୮% ଜିଏସ୍‌ଟି ଆଦାୟ କରାଯିବ ବୋଲି ମହାରାଷ୍ଟ୍ର ଜିଏସ୍‌ଟି ଅଥରିଟି ଫର୍ ଆଡଭାନ୍ସ ରୁଲିଂ ପକ୍ଷରୁ ଏକ ମାମଲାର ଶୁଣାଣି କରି କୁହାଯାଇଛି। ତେବେ ଏହି ରୁଲିଂକୁ ଉପର ଅଦାଲତରେ ଚ୍ୟାଲେଞ୍ଜ କରାଯାଇପାରେ ବୋଲି ଟିକସ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ରୁଲିଂରେ କୁହାଯାଇଛି ଯେ, ଆର୍ଥିକ ଋଣପ୍ରଦାନକାରୀ ସଂସ୍ଥା ଜିଏସ୍‌ଟି ଅଧୀନରେ ପାଉଥିବା ସୁଧ ଉପରେ ଟିକସ ଛାଡ ପାଇବେ। କିନ୍ତୁ ବିଳମ୍ବରେ କିସ୍ତି ପ୍ରଦାନ ପାଇଁ ଯେଉଁ ଦଣ୍ଡାତ୍ମକ ସୁଧ(ପେନାଲ ଇଣ୍ଟ୍ରେଷ୍ଟ) ଆଦାୟ କରୁଛନ୍ତି ସେଥିରୁ ଜିଏସ୍‌ଟି ଆଦାୟ କରାଯିବ।

## ବିତ୍ତଶାଳୀଙ୍କୁ ଭିଜା ଦେବ ୟୁଏଇ

**ନୂଆଦିଲ୍ଲୀ,୨୫-୧୧:** ଅଶୋଧିତ ତେଲରୁ ଆୟ କମିବା ପରେ ସଂଯୁକ୍ତ ଆରବ ଏମିରେଟ୍(ୟୁଏଇ) ରୋଜଗାର ବଢ଼ାଇବାକୁ ନୂଆ ପନ୍ଥା ଧରିଛି। ରିଏଲ ଇଷ୍ଟେଟ୍‌ରେ ନିବେଶ କରିଥିବା ଧନୀ ବ୍ୟକ୍ତି, ବରିଷ୍ଠ ବୈଜ୍ଞାନିକ ଏବଂ ଉଦ୍ୟୋଗୀଙ୍କୁ ଦୀର୍ଘମିଆଦୀ ଭିଜା ଦେବାକୁ ଏହା ନିଷ୍ପତ୍ତି ନେଇଛି। ୟୁଏଇ ସରକାର ଭିଜା ନିୟମକୁ କୋହଳ କରିବାକୁ ଯାଉଛି। ତଦନୁଯାୟୀ ୫୦ ଲକ୍ଷ ଦିରହମ୍(ୟୁଏଇ ମୁଦ୍ରା) ରିଏଲ ଇଷ୍ଟେଟ୍‌ର ନିବେଶ କରିଥିବା ବିଦେଶୀ ବ୍ୟକ୍ତିଙ୍କୁ ୫ ବର୍ଷ ପର୍ଯ୍ୟନ୍ତ ରହିବାକୁ ସୁଯୋଗ ମିଳିବ। ଏହାଛଡା ୧ କୋଟି ଦିରହମର ସମ୍ପତ୍ତି ଥିବା ବିଦେଶୀଙ୍କୁ ୧୦ ପର୍ଯ୍ୟନ୍ତ ୟୁଏଇରେ ରହିବାର ସୁଯୋଗ ମିଳିବ। ଏହାବ୍ୟତୀତ ଏହାର ୬୦ ପ୍ରତିଶତ ସମ୍ପତ୍ତି ଥିଲେ ବ୍ୟକ୍ତି ନିଜ ପରିବାରକୁ ସେ ଦେଶରେ ରଖିପାରିବେ। କେବଳ ଏତିକି ନୁହେଁ ପ୍ରତିଭାଶାଳୀ ଛାତ୍ରୀଛାତ୍ରଙ୍କୁ ୫ ବର୍ଷ, ବୈଜ୍ଞାନିକଙ୍କୁ ୧୦ ବର୍ଷ ଓ ଉଦ୍ୟୋଗପତିଙ୍କୁ ୫ ବର୍ଷ ଭିଜା ମିଳିବ।


**PURI MUNICIPALITY**
**E-PROCUREMENT NOTICE**
No. 8424 Dtd.22.11.18
**Bid Identification No. P.M.-05/2018-19**
1. Type of work: Civil work, 2. Total No. of works: 01 No. of individual works, 3. Estimated cost: 447136, 4. Period of completion: 60 days, 5. Date & time of availability of bid document in the portal: from **03 PM of 26.11.18** to **05 PM of 05.12.18**, 6. Last date / time for receipt of bid in the portal: upto **05 PM of 05.12.18**, 7. Date of opening of bid **11 AM** of **dtd.06.12.18**, 8. Name & address of the Officer inviting bid: Executive Officer, Puri Municipality, Puri. Further detail can be seen from the e-procurement portal **www.tendersorissa.gov.in**.
**Sd./- Executive Officer, Puri Municipality, Puri**

**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER DRAINAGE DIVISION, BERHAMPUR**
(e mail = ee.dd.bam@gmail.com)
No.841-A
**INVITATION FOR BIDS (IFB)**
**e –procurement Notice No. 01 /2018-19 Dt : 22.11.2018**
**Bid Identification No. EE-DD-BER-NO. 01 /2018-19**

| | | | |
|---|---|---|---|
| 1. | Name of Works | : | Improvement to Drainage System of Bukua Nalla and its branches under Polosara Block of Ganjam District under D.I.P |
| 2. | Total number of Packages | : | 1 no. package |
| 3. | Estimated Cost of Individual Packages | : | Rs. 92,27,131/- |
| 4. | Bid Identification No. | : | EE-DD-BER-NO. 01 /2018-19 |
| 5. | Period of completion | : | 09(Nine) Calendar months |
| 6. | Availability of Tender On - Line | : | 29.11.2018, 10.00 Hours to 11.12.2018, 17.00 Hours |
| 7. | Date of Opening of Technical Bid | : | 12.12.2018 at 11.30 hours in the O/o the Executive Engineer, Drainage Division, Berhampur, Ganjam, Odisha |
| 8. | Procurement Officer | : | Executive Engineer, Drainage Division, Berhampur, Ganjam, Odisha |

Further details can be seen from the Govt. website www.tendersorissa.gov.in.
32225/11/0004/1819 **Executive Engineer Drainage Division, Berhampur**

**GOVT. OF ODISHA**
**OFFICE OF THE EXECUTIVE ENGINEER POTTERU CANAL DIVISION, M.V-79**
Phone/FAX No.06859271010, e-mail ID- eepcdbhuba65@gmail.com
**e-Procurement Notice**
**IDENTIFICATION NO.EE-PCD-MV.79-02/2018-19**
No.838-A: Bid documents consisting of work, estimated cost, cost of tender paper, EMD, time of completion, class of contractor, the set of terms and conditions of contract and other necessary documents can be seen in e-procurement portal **www.tendersodisha.gov.in**.

| | | |
|---|---|---|
| 1. | Name of the work: | Improvement works of Canal Roads uner RCER |
| 2. | No. of Works: | 1(One) No. |
| 3. | Estimated Cost: | Approximately 80.09 Lakhs |
| 4. | Period of completion: | 60(Sixty) days |
| 5. | Date and time of availability of bid documents in the portal: | From 30.11.2018 (10.00AM) to 15.12.2018 (5.00PM). |
| 6. | Last date/time for receipt of bids in the portal: | 15.12.2018 (5.00PM) |
| 7. | Date of opening of Bid: | 17.12.2018 at 11.00 AM onwards |
| 8. | Name of the Officer inviting Bid: | Executive Engineer, Potteru Canal Division, M.V-79 |

Further details can been seen from the e-procurement portal **www.tendersodisha.gov.in**.
Any addendum/corrigendum/cancellation of tender can also be seen in the said website.
32038/11/0004/1819 **Executive Engineer, Potteru Canal Division, M.V-79**

**Government of Odisha, e- Procurement Notice**
**INVITATION FOR BIDS (IFB)**
**Bid Identification No. S.E.Dkl.(R&B) 10/2018-19**
Email Id-sedklpwd@gmail.com
Letter No........ Dt...................
No.890-B: The Superintending Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Road work as detailed in the table below:

| | | |
|---|---|---|
| 1. | Name of the work | : Road work |
| 2. | No. of works | : 1 (One) No. |
| 3. | Estimated Cost | : Rs.2,70,45,275 |
| 4. | Cost of tender paper | : Rs 10,000.00 |
| 5. | Class of contractor | : 'B' & 'A' Class |
| 6. | Period of Completion of work | : 6 (Six) Calendar months |
| 7. | Date and time of availability of bid Document in the website | : From Dt.26.11.2018 to 16.00 hours of Dt.10.12.2018 |
| 8. | Date of opening of bid | : Dt.11.12.2018 at 15.30 hours |

The bidders have to participate in ONLINE biding only further details can be seen from the e- Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.
**Sd./- Superintending Engineer**
34132/11/0018/1819 **Dhenkanal (R&B) Circle, Dhenkanal**

OFFICE OF THE HEADMISTRESS
KASTURABA GANDHI BALIKA VIDYALAYA, JODINGA
BLOCK- RAIGHAR, DIST- NABARANGPUR, PIN: 764088
Cell: 8658967876 (HM), E-mail: kgbvjodinga@rediffmail.com
Letter No.81/2018 ଶିକ୍ଷା ଅଧିକାର Date: 17.11.2018
**TENDER CALL NOTICE**
Sealed tenders are invited from the registered/ reputed firms who having valid PAN, GST registration for supply of Reading Writring Materials & Dress Material to (KGBV) Kasturaba Gandhi Balika Vidyalaya, Jodinga, Block- Raighar under district of Nabarangpur (Odisha). Bids should be submitted in the envelope duly marked on the top "Tender for supply of Reading Writing Materials & Dress Materials" to the Headmistress KGBV Jodinga, Block-Raighar, Dt-Nabarangpur (Odisha) during office hours by 5.00 PM of 17.12.2018. The bid document shall be opened at 10.00 AM on Dt 18.12.2018 in the office of the Headmistress, KGBV Jodinga, Raighar, Nabarangpur in the presence of the bidders or their authorised representatives. Any SMC Member/ Official staffs related to the KGBV not allowed to participate as abider in tender process invited at KGBV level. The KGBV purchase Committee reserves the right to accept or reject the tender in whole or in part without assigning any reason thereof. The terms and conditions for the tender can be downloaded from the official website **http://www.opepa.in** and **nabarangpur.nic.in**.
**Sd./- Headmistress, K.G.B.V, Jodinga**

**GOVERNMENT OF ODISHA**
**Office of the Superintending Engineer**
**Central Minor Irrigation Circle, Bhubaneswar**
Tel. No.- (0674) 2540559, e-Mail ID: cmic.bbsr@yahoo.com
**"e" Procurement Notice**
**Identification No. SECMIC 07/2018-19**
No. 3623/CMIC., Dated 19.11.2018
**No. 845-A:-** The Superintending Engineer, Central Minor Irrigation Circle, Bhubaneswar on behalf of Governor of Odisha invites percentage rate bids through e-Procurement to be received in online mode only for the works as detailed in the table below.

| | | |
|---|---|---|
| 1. | Name of the works | Civil Construction, Improvement & Renovation works (Detailed as per annexure) |
| 2. | Total No. of works | 5 (Five) nos. |
| 3. | Estimated Cost | Rs. 103.00 Lakhs to Rs. 216.16 Lakhs (As per annexure attached) |
| 4. | E.M.D. | 1% of estimated cost put to tender |
| 5. | Class of Contractor | B & A Class |
| 6. | Period of Completion | 11 (Eleven) Calendar Months including Monsoon |
| 7. | Date & time of Availability of Bid document in the portal | 28.11.2018 at 10.00AM to 13.12.2018 upto 5.00PM |
| 8. | Last date/time for receipt of Bids in the portal | 13.12.2018 upto 5.00PM |
| 9. | Date/time of opening of Technical Bid | 14.12.2018 at 11AM |
| 10. | Date/time of opening of Financial Bid | To be intimated after evaluation of Technical Bid |
| 11. | Date of open lottery If required | On 26.12.2018 at 11.30AM in Office of the Superintending Engineer, Central M.I. Circle, Plot No.A-8/2, Bhoinagar, Bhubaneswar-22 |
| 12. | Name and address of the officer inviting Bid | Superintending Engineer, Central M.I. Circle, Plot No.A-8/2, Bhoinagar, Bhubaneswar-22 |
| 13. | Mode of Payment of Bid cost & Security | Online |
| | Further details can be seen from the "e" Procurement Portal https://tendersorissa.gov.in | |
| 14. | Mode of submission of Tenders: Tender should be submitted online in "https://tendersodisha.gov.in". | |

32179/11/0012/1819 ***Sd./- Superintending Engineer Central Minor Irrigation Circle, Bhubaneswar***

**OFFICE OF THE PRINCIPAL**
**EKALAVYA MODEL RESIDENTIAL SCHOOL, NUAPADA**
(Supported by Govt. of Odisha, ST/SC Dev. Deptt.)
(Affiliated to CBSE, Delhi) Affiliation No. 1520009
Email: emrs.nuapada@gmail.com
Letter No. 535/2018-19 Date: 24.11.2018
**NOTICE**
Principal, Staff & Students of Ekalavya Model Residential School, Nuapada invite all the Alumni (Ekalavyans of EMRS, Nuapada) to attend the
**1st ALUMNI MEET-2018**
On Sunday, 2nd December 2018 at 10AM to 1PM in Ekalavya Model Residential School, Nuapada.
Your gracious presence is highly solicited.
***Sd./- Principal, EMRS Nuapada***

**ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ**
**OFFICE OF THE NOTIFIED AREA COUNCIL, CHAMPUA**
Mail: **champuanac@gmail.com**, Ph: 06767-240050
ବିଜ୍ଞାପନ ନଂ. ୨୮୧୩/୨୦୧୮ ତାରିଖ: ୨୨।୧୧।୨୦୧୮
ଏତଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ ଅଞ୍ଚଳର ସମସ୍ତ ବ୍ୟବସାୟୀ ଓ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଚମ୍ପୁଆ ଜେଲ ସମ୍ମୁଖରେ ନିର୍ମିତ ହେବାକୁ ଥିବା ଉପର ମହଲାରେ ୨୫ଗୋଟି ଦୋକାନ ଗୃହରୁ ବଳକା-୧୮ ଗୋଟି ଦୋକାନଗୃହ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି (ଜେଲରୋଡ଼ଠାରୁ Money Spot ATM ପର୍ଯ୍ୟନ୍ତ ଏବଂ ସେଠାରୁ ରାମମନ୍ଦିର ପର୍ଯ୍ୟନ୍ତ)। ସେମାନେ ଆସନ୍ତା ତା୧୨।୧୨।୨୦୧୮ରିଖ ଅପରାହ୍ନ ଘ୩.୦୦ଣ୍ଟା ସୁଦ୍ଧା ଚମ୍ପୁଆ, ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟାଳୟଠାରେ ନିର୍ଦ୍ଧାରିତ ଫର୍ମସହ ନିମ୍ନବର୍ଣ୍ଣିତ କାଗଜପତ୍ର ସଂଲଗ୍ନ କରି ଚମ୍ପୁଆ, ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟାଳୟରେ ବନ୍ଦ ଲଫାପାରେ ଆବେଦନ କରନ୍ତୁ ଓ ଲଫାପା ଉପରେ 'ଦୋକାନ ଗୃହ ପାଇଁ ଦରଖାସ୍ତ' ବୋଲି ଉଲ୍ଲେଖ କରନ୍ତୁ। ଧାର୍ଯ୍ୟତାରିଖ ଓ ସମୟ ପରେ ଆଉ କୌଣସି ବ୍ୟବସାୟୀ କିମ୍ବା ବ୍ୟବସାୟ ପାଇଁ ଆଗ୍ରହୀ ବ୍ୟକ୍ତିଙ୍କଠାରୁ ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ଦରଖାସ୍ତ ଫର୍ମ ଟ.୧,୦୦୦/-ଙ୍କା (ଏକହଜାର ଟଙ୍କା ମାତ୍ର) ଦାଖଲ କରି ଚମ୍ପୁଆ, ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟାଳୟଠାରୁ ପାଇପାରିବେ। ଉକ୍ତ ଦରଖାସ୍ତକୁ ଯାଞ୍ଚ କରାଯାଇ ତା୧୨।୧୨।୨୦୧୮ରିଖ ଅପରାହ୍ନ ଘ୪.୦୦ଣ୍ଟା ସମୟରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ କାର୍ଯ୍ୟାଳୟଠାରେ ଲଟେରି ମାଧ୍ୟମରେ ଦରଖାସ୍ତକାରୀଙ୍କ ଉପସ୍ଥିତିରେ ଆବଣ୍ଟନ କରାଯିବ। ଆବେଦନକାରୀଙ୍କୁ ନିଶ୍ଚିତ ଭାବରେ ଦୋକାନ ଦେବାକୁ କର୍ତ୍ତୃପକ୍ଷ ବାଧ୍ୟ ନୁହଁନ୍ତି ଏବଂ ଏଥିନିମନ୍ତେ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଅଟେ।
ଯେଉଁ ବ୍ୟବସାୟୀମାନଙ୍କୁ ଦୋକାନ ଗୃହ ଆବଣ୍ଟନ କରାଯିବ, ସେମାନେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆର ନିର୍ମିତ ହେବାକୁ ଥିବା ଦୋକାନ ଗୃହଗୁଡ଼ିକୁ ନିର୍ମାଣ ଶେଷ ହେବା ପରେ ଅକ୍ତିଆରକୁ ନେବେ ଏବଂ ଏ ସମ୍ବନ୍ଧୀୟ ଏକ ଚୁକ୍ତିନାମା (Agreement) କର୍ତ୍ତୃପକ୍ଷ ସେମାନଙ୍କ ସହିତ କରିବେ। ସେମାନଙ୍କୁ ଦୋକାନଗୃହ ଦେଇସାରିବା ପରେ କର୍ତ୍ତୃପକ୍ଷ ସେମାନଙ୍କଠାରୁ ମାସିକିଆ ସୂତ୍ରରେ ଧାର୍ଯ୍ୟ ଭଡ଼ା ଆଦାୟ କରିବେ। ଯେଉଁ ବ୍ୟବସାୟୀମାନଙ୍କୁ ଦୋକାନଗୃହ ଆବଣ୍ଟନ କରାଯିବ, ସେମାନେ ଚମ୍ପୁଆ, ବିଜ୍ଞାପିତ ଅଞ୍ଚଳ ପରିଷଦର ନୀତିନିୟମ ମାନିବାକୁ ବାଧ୍ୟ ହେବେ।

| | | |
|---|---|---|
| ଦରଖାସ୍ତ ଗ୍ରହଣର ଶେଷ ତାରିଖ | : | ୧୨।୧୨।୨୦୧୮ରିଖ ଅପରାହ୍ନ ଘ୩.୦୦ଣ୍ଟା ସମୟରେ |
| ଦରଖାସ୍ତ ଯାଞ୍ଚ କରାଯିବା ତାରିଖ | : | ୧୨।୧୨।୨୦୧୮ରିଖ ଅପରାହ୍ନ ଘ୪.୦୦ଣ୍ଟା ସମୟରେ |
| ଅମାନତ ଟଙ୍କାର ପରିମାଣ (Security Money) | : | ଟ.୧,୫୦,୦୦୦/- (ଏକ ଲକ୍ଷ ପଚାଶ ହଜାର ଟଙ୍କା ମାତ୍ର) |
| ମାସିକ ଭଡ଼ା | : | ଟ.୬୦୦/- (ଛଅଶହ ଟଙ୍କା ମାତ୍ର) |
| ସ୍ଥାୟୀ ଜମା (୧ବର୍ଷ ପାଇଁ) ଟଙ୍କାର ପରିମାଣ | : | ଟ.୨,୦୦,୦୦୦/- (ଦୁଇଲକ୍ଷ ଟଙ୍କା ମାତ୍ର) |

**ଦରଖାସ୍ତ ସହିତ ଆବଶ୍ୟକୀୟ କାଗଜପତ୍ର:**
୧. ଆବେଦନକାରୀଙ୍କ ଚିହ୍ନଟ ପ୍ରମାଣପତ୍ରର ଅବିକଳ ନକଲ।
୨. ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର (ଆବେଦନକାରୀ କେବଳ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆର ବାସିନ୍ଦା ହୋଇଥିବେ)ର ଅବିକଳ ନକଲ।
୩. ଆବେଦନକାରୀଙ୍କ ୨(ଦୁଇ)ଗୋଟି ପାସ୍‌ପୋର୍ଟ ସାଇଜ୍ ଫଟୋ।
୪. ଆବେଦନକାରୀ ନିଜେ କିମ୍ବା ନିଜର କୌଣସି ସମ୍ପର୍କୀୟଙ୍କ ନାମରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ/ନିୟନ୍ତ୍ରିତ ବଜାର କମିଟି, ଚମ୍ପୁଆଠାରୁ ଚମ୍ପୁଆ ବଜାରରେ କୌଣସି ଦୋକାନ ଘର ଭଡ଼ା ସୂତ୍ରରେ ପାଇନଥିବାର ସତ୍ୟପାଠ (Affidavit) ଯାହା Executive Magistrateଙ୍କଠାରୁ ପ୍ରାପ୍ତ ହୋଇଥିବ, ତାହା ଦାଖଲ କରିବା ବାଧ୍ୟତାମୂଳକ ଅଟେ।
୫. ଦରଖାସ୍ତ ଫର୍ମର ଖର୍ଦ୍ଦିର ମୂଳ ରସିଦ୍ (Original Money Receipt)।
୬. ଅମାନତ ଟଙ୍କାର ବ୍ୟାଙ୍କ ଡ୍ରାଫ୍ଟ।
୭. ସ୍ଥାୟୀଜମା ଟଙ୍କାର ବ୍ୟାଙ୍କ ଡ୍ରାଫ୍ଟ।
**ବି.ଦ୍ର.:** (୧) ଆବେଦନକାରୀଙ୍କ ଦରଖାସ୍ତକୁ କର୍ତ୍ତୃପକ୍ଷ ଆବଶ୍ୟକସ୍ଥଳେ ଖାରଜ କରିପାରିବେ।
(୨) (i) ବ୍ୟାଙ୍କ ଡ୍ରାଫ୍ଟ Executive Officer, Champua NAC ସପକ୍ଷରେ ଦାଖଲ କରିବେ।
(ii) ବ୍ୟାଙ୍କ ଡ୍ରାଫ୍ଟ ବିନା ଦରଖାସ୍ତ ବିଚାରଯୋଗ୍ୟ ନୁହେଁ ଏବଂ ଏହା ସୁଧବିହୀନ ଅଟେ।
**ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ**
**ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ**

# କଳିଙ୍ଗରେ ହେବ କଡ଼ା ଟକ୍କର

ଓଡ଼ିଶା ହକି ବିଶେଷଜ୍ଞଙ୍କ ମତ

ଆଧୁନିକ ହକିର ପରିଭାଷା ବଦଳି ଯାଇଛି। ଏବେ କୌଣସି ଦଳକୁ ହେୟ ମନେ କରି ହେବନି। ଭାରତ ସମେତ ଅଷ୍ଟ୍ରେଲିଆ, ଜର୍ମାନୀ, ନେଦରଲାଣ୍ଡ୍ସ, ବେଲଜିୟମ ଓ ଆର୍ଜେଣ୍ଟିନା ଉପରେ ମୁଖ୍ୟତଃ ନଜର ରହିବ। ଘରୋଇ ପରିବେଶରେ ଭାରତୀୟ ଦଳ ଭଲ ପ୍ରଦର୍ଶନ କରି ସେମିଫାଇନାଲ ପର୍ଯ୍ୟନ୍ତ ଯିବାର ଦକ୍ଷତା ରଖିଛି। ତେବେ ଏହି ବିଶ୍ୱକପ କୌଣସି ଦଳ ପାଇଁ ସହଜ ହେବନାହିଁ। କଳିଙ୍ଗ ଷ୍ଟାଡିୟମରେ ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ହେବାକୁ ଯାଉଥିବା ବିଶ୍ୱକପରେ କଡ଼ା ଟକ୍କର ହେବ ବୋଲି ଓଡ଼ିଶା ବିଶେଷଜ୍ଞଙ୍କ ମତ।

ପ୍ରସ୍ତୁତି:ତପନ ସ୍ୱାଇଁ

## ଭାରତୀୟ ଦଳକୁ ଶୁଭେଚ୍ଛା

ହକି ବିଶ୍ୱକପ ସମ୍ପର୍କରେ ପୂର୍ବାନୁମାନ କରିବା ପ୍ରକୃତରେ କଷ୍ଟକର। ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ ଏଥିରେ ଭାଗ ନେଉଛନ୍ତି। ସବୁ ଦଳର ପ୍ରଦର୍ଶନ ସବୁବେଳେ ଭିନ୍ନ ରହିଛି। ଜଣେ ଭାରତୀୟ ଭାବେ ମୋ ଦଳ ସେମିଫାଇନାଲ ଏବଂ ଫାଇନାଲ ଖେଳୁବୋଲି ମୁଁ ନିଶ୍ଚିତ ଚାହିଁବି। ଭାରତୀୟ ଦଳ ଏବଂ ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସଙ୍କୁ ମୋର ଶୁଭେଚ୍ଛା। ହେଲେ ଏଥିପାଇଁ ଅଷ୍ଟ୍ରେଲିଆ, ବେଲ୍‌ଜିୟମ, ଆର୍ଜେଣ୍ଟିନା, ଜର୍ମାନୀ ଏବଂ ନେଦରଲାଣ୍ଡ ପରି ଟପ୍ ଟିମ୍ ଗୁଡ଼ିକ ବିପକ୍ଷରେ ଶ୍ରେଷ୍ଠ ଖେଳ ଦେଖାଇବାକୁ ପଡ଼ିବ। ତେବେ ଏହି ସବୁ ଦଳ ଗୁଡ଼ିକ ସହ ଭାରତ ମଧ୍ୟ ସେମିଫାଇନାଲ ଖେଳି ପାରିବ ବୋଲି ମୋର ଆଶା। ବୀରେନ୍ଦ୍ର ଓ ଅମିତ ହୋମ୍ ଗ୍ରାଉଣ୍ଡରେ ଖେଳିବାକୁ ଯାଉଥିବାରୁ ଭାଗ୍ୟବାନ। ଆମେ କେବେ ଜୀବନରେ ନିଜ ପରିବେଶରେ ଖେଳିବା ସୁଯୋଗ ପାଇ ନ ଥିଲୁ। ବିଶ୍ୱର ଏପରି ଏକ ଶ୍ରେଷ୍ଠ ଷ୍ଟାଡିୟମ ଏବଂ ଦର୍ଶକ କୋଳାହଳ ମଧ୍ୟରେ ସେମାନେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରୁଛି। ଆମେ ଖେଳିବାବେଳେ କେବେ ସ୍ୱପ୍ନରେ ମଧ୍ୟ ଭାବି ନ ଥିଲୁ ଯେ ଓଡ଼ିଶାରେ ହକି ବିଶ୍ୱକପ ହେବ। କିନ୍ତୁ ତାହା ଏବେ ସତରେ ପରିଣତ ହୋଇଛି ଏବଂ ବିଶ୍ୱ ହକି ଜଗତରେ ଏକ ନୂଆ ପରିଚୟ ସୃଷ୍ଟି କରିବାକୁ ଯାଉଛି। ଏଥିପାଇଁ ସରକାରଙ୍କୁ ପ୍ରଶଂସା କରିବାକୁ ହେବ।

**–ପଦ୍ମଶ୍ରୀ ଦିଲୀପ ତିର୍କୀ, ଭାରତୀୟ ଦଳର ପୂର୍ବତନ ଅଧିନାୟକ**


ଦିଲୀପ ତିର୍କୀ


ସୁନୀତା ଲାକ୍ରା

## ମୋ ପାଇଁ ସ୍ୱପ୍ନ ଭଳି

ଏହା ମୋ ପାଇଁ ଏକ ସ୍ୱପ୍ନ ଭଳି। କାରଣ ମୁଁ ଖେଳିବା ସମୟରେ ଓଡ଼ିଶାରେ ଏଭଳି କିଛି ଟୁର୍ନାମେଣ୍ଟ ଆୟୋଜନ ସମ୍ଭବ ନ ଥିଲା। ଏପରି ଏକ ଟୁର୍ନାମେଣ୍ଟ ଭାରତ ବିଶେଷ କରି ଓଡ଼ିଶାରେ ଆୟୋଜନ ହେବାକୁ ଯାଉଥିବାରୁ ଆମେ ବହୁତ ଖୁସି ଅଛୁ। ଏଥିରେ ଭାରତ ପାଇଁ ନିଶ୍ଚିତ ଭଲ ସୁଯୋଗ ରହିବ। ଆମ ରାଜ୍ୟର ଯୁବ ଖେଳାଳିମାନେ ଅତି ନିକଟରୁ ଏପରି ଏକ ବଡ଼ ଟୁର୍ନାମେଣ୍ଟ ଦେଖି ଅନେକ କିଛି ଶିଖି ପାରିବେ। ୨୦୦୭-୦୮ ସିଜନରେ ମୁଁ ଭାରତୀୟ ଦଳର ଅଧିନାୟକ ଥିଲି। ନିଜ ନେତୃତ୍ୱରେ ଭାରତକୁ ଏସିଆ କପ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ କରାଇବା ମୋ ପାଇଁ ସ୍ମରଣୀୟ ସ୍ମୃତି। ଏହି ବର୍ଷ ଅଲିମ୍ପିକ୍ସ କ୍ୱାଲିଫାୟର ଟୁର୍ନାମେଣ୍ଟରେ ଭାରତ ସଫଳ ହୋଇପାରି ନ ଥିଲେ ହେଁ ଉଭୟ ଟୁର୍ନାମେଣ୍ଟରେ ଅଧିନାୟକ ଦାୟିତ୍ୱକୁ ମନଭରି ଉପଭୋଗ କରିଥିଲି। ହକିରେ ଅଧିନାୟକଙ୍କ ଉପରେ ବିଶେଷ ଚାପ ନ ଥାଏ। ଦଳର ସବୁ ସଦସ୍ୟ ସମସ୍ତଙ୍କୁ ସହଯୋଗ କରିଥାନ୍ତି। ସବୁପିଲାମାନେ ଅଧିନାୟକଙ୍କୁ ସମର୍ଥନ କରିଥାନ୍ତି। ତେଣୁ ନିଜ ଉପରେ କେବେ ଚାପ ଥିବାପରି ଅନୁଭବ କରିନାହିଁ। ଭବିଷ୍ୟତରେ ଏକ ହକି ଏକାଡେମୀ ଗଠନ କରିବା ମୋର ସ୍ୱପ୍ନ ରହିଛି। ଲୋକଲୋଚନକୁ ଆସି ପାରୁ ନ ଥିବା ପିଲାଙ୍କୁ ଏକାଡେମୀ ମାଧ୍ୟମରେ ପରିଚିତ କରାଇବା ମୋର ଉଦ୍ଦେଶ୍ୟ। ସରକାରୀ ସହଯୋଗ ମିଳିଲେ ମୋର ସ୍ୱପ୍ନ ସାର୍ଥକ ହୋଇ ପାରିବ।

–ପ୍ରବୋଧ ତିର୍କୀ, ପୂର୍ବତନ ଭାରତୀୟ ଅଧିନାୟକ


ପ୍ରବୋଧ ତିର୍କୀ


କାଳୁ ଚରଣ ଚୌଧୁରୀ

## ଭଲ ସମର୍ଥନ ମିଳିବ

''ଭାରତୀୟ ହକି ଦଳ ଏବେ ବହୁତ ଭଲ ଖେଳୁଛି। ଗତ ୨ଟି ଟୁର୍ନାମେଣ୍ଟରେ ମଧ୍ୟ ଦଳର ପ୍ରଦର୍ଶନ ଆଶାନୁରୂପ ରହିଥିଲା। ଘରୋଇ ଦର୍ଶକଙ୍କ କୋଳାହଳ ମଧ୍ୟରେ ଖେଳିବାରେ ମଧ୍ୟ ଭିନ୍ନ ଜୋଶ୍ ଥାଏ। ତେଣୁ ଭାରତ ବିଶ୍ୱକପରେ ସ୍ୱର୍ଣ୍ଣ ପଦକ ଜିତୁ ବୋଲି ମୋର ଇଚ୍ଛା। ବିଶ୍ୱର ଶ୍ରେଷ୍ଠ ଦଳଗୁଡ଼ିକ ଏଥିରେ ଭାଗ ନେବାକୁ ଯାଉଥିବାରୁ କୌଣସି ଦଳ ପାଇଁ ସହଜ ହେବନାହିଁ। ୟୁରୋପୀୟ ଦଳ ଗୁଡ଼ିକ ପାଇଁ ମଧ୍ୟ ସୁଯୋଗ ରହିଛି। ମୁକାବିଲା ନିଶ୍ଚିତ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ। ଭାରତୀୟ ଦଳର ଅଧିନାୟିକା ଦାୟିତ୍ୱ ମିଳିବାପରେ ମୁଁ ବହୁତ ଖୁସି ଥିଲି। ଦଳର ସବୁ ଖେଳାଳି ମୋତେ ସମର୍ଥନ ଜଣାଇଥିଲେ। ଦଳ ମଧ୍ୟ ସେହି ଟୁର୍ନାମେଣ୍ଟରେ ଭଲ ଖେଳିଥିଲା। ଫଳରେ ବିନା ଚାପରେ ମୁଁ ଅଧିନାୟିକା ଦାୟିତ୍ୱକୁ ମନଭରି ଉପଭୋଗ କରିଥିଲି। କୋଚ୍ ହରେନ୍ଦ୍ର ସିଂ ଏବଂ ଜୋର୍ଡ ମାରିଜନେଙ୍କ ଟେକ୍‌ନିକ ମଧ୍ୟରେ ବିଶେଷ କିଛି ପରିବର୍ତ୍ତନ ହୋଇନାହିଁ। ଫଳରେ ମାରିଜ୍‌ନେ କୋଚ୍ ହେବାପରେ ମଧ୍ୟ କିଛି ଅସୁବିଧା ହୋଇନାହିଁ। ପୂର୍ବରୁ ଯେପରି ଟ୍ରେନିଂ ଚାଲିଥିଲା ଏବେ ମଧ୍ୟ ତାହା ଅପରିବର୍ତ୍ତିତ ରହିଛି। ଏବେ କ୍ୟାମ୍ପ ବାଙ୍ଗାଲୋରରେ ଚାଲିଛି। ଆସନ୍ତାବର୍ଷ ଅଲିମ୍ପିକ୍ସ କ୍ୱାଲିଫାୟର ଟୁର୍ନାମେଣ୍ଟରୁ ଆମର ଅଭିଯାନ ଆରମ୍ଭ ହେବ''।

**–ସୁନୀତା ଲାକ୍ରା, ଭାରତୀୟ ମହିଳା ହକି ଦଳର ପୂର୍ବତନ ଅଧିନାୟିକା**

## ଓଡ଼ିଶା ପାଇଁ ସମ୍ମାନର କଥା

ମୁଖ୍ୟତଃ ୬ଟି ଦଳ ମଧ୍ୟରେ କଡ଼ା ମୁକାବିଲା ହେବ। ତାହା ହେଲା ଅଷ୍ଟ୍ରେଲିଆ, ଜର୍ମାନୀ, ନେଦରଲାଣ୍ଡ୍ସ, ବେଲଜିୟମ, ଭାରତ ଓ ଆର୍ଜେଣ୍ଟିନା। କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ହୋଇଗଲେ କାହାର ଦକ୍ଷତା କେତେ ସ୍ପଷ୍ଟ ଜଣା ପଡ଼ିଯିବ। ତେଣୁ ଏବେ ଏହି ୬ଟି ଦଳ ମଧ୍ୟରୁ କାହାକୁ କମ୍ କହି ହେବନି। ବିଶ୍ୱକପକୁ ସ୍ମରଣୀୟ କରିବା ପାଇଁ ଓଡ଼ିଶା ସରକାର ସବୁକିଛି ବ୍ୟବସ୍ଥା କରିଛନ୍ତି। ପିଲାମାନଙ୍କ ରହିବା, ଖାଇବା, ଖେଳିବା ଆଦିରେ ଯେପରି କୌଣସି ଅସୁବିଧା ନ ହେବ ସେଥିପାଇଁ ସ୍ୱତନ୍ତ୍ରଭାବେ ଅଫିସରଙ୍କୁ ନିଯୁକ୍ତ କରାଯାଇଛି। ଏହା ହେଉଛି ଓଡ଼ିଶା ଏବଂ ଭୁବନେଶ୍ୱରର ସମ୍ମାନର କଥା। ତେଣୁ ଖେଳାଳି, ଅଫିସିଆଲ ଏବଂ ଦର୍ଶକଙ୍କୁ ଯେତେ ପରିମାଣରେ ସୁବିଧା ସୁଯୋଗ ଦେଇ ହେବ ତା' ଉପରେ ଗୁରୁତ୍ୱାରୋପ କରୁଛୁ। ଆମର ପୂର୍ବରୁ ବ୍ୟକ୍ତିଗଭାବେ ଖେଳାଳି ବଲ୍ ନେଇ ଆଗକୁ ବଢୁଥିଲେ, ଯେଉଁଥିପାଇଁ ସମସ୍ୟା ହେଉଥିଲା। ମାତ୍ର ଏବେ ପୂରା ଟିମ୍ ଆକ୍ରମଣାତ୍ମକ ପନ୍ଥା ଆପଣାଉଛି ଏବଂ ଆବଶ୍ୟକସ୍ଥଳେ ଡିଫେନ୍ସରେ ଖେଳୁଛି। ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିବା ଆମର ମୁଖ୍ୟ ସମସ୍ୟା ଥିଲା । ଏବେ ସେହି ସମସ୍ୟା ସୁଧୁରିଛି। ଏଥି ସହିତ ପ୍ରତିପକ୍ଷ ଦଳକୁ କିପରି ପେନାଲ୍ଟି କର୍ନର ସୁଯୋଗ ଦିଆ ନ ଯିବ ତାହା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। **–କାଳୁ ଚରଣ ଚୌଧୁରୀ, ବିଶିଷ୍ଟ ହକି କୋଚ**


ହକି ବିଶ୍ୱକପ ଉଦ୍‌ଘାଟନୀ ସମାରୋହ ପାଇଁ କଳିଙ୍ଗ ଷ୍ଟାଡିୟମରେ ଷ୍ଟେଜ୍ ରିହର୍ସାଲ।


ଅଶୋକ ମହାନ୍ତି

## ଶେଷ ମୁହୂର୍ତ୍ତ ଉପରେ ଫୋକସ ଆବଶ୍ୟକ

ଚାମ୍ପିୟନ୍ସ ଟ୍ରଫି ପରେ ବର୍ଷେ ହେବ ଭାରତ କୌଣସି ଉଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ଟିମ୍ ସହିତ ଖେଳିନାହିଁ। ଭାରତ ଏବେ ୫ମ ର୍‍ୟାଙ୍କିଙ୍ଗରେ ଥିବାବେଳେ ଉପର ୪ ର୍‍ୟାଙ୍କ ଦଳ ସହିତ ବିଶେଷ ମୁକାବିଲା ହୋଇନାହିଁ। ତେଣୁ ପ୍ରକୃତରେ ୟୁରୋପିଆନ ଦଳ ଗୁଡ଼ିକ ବିପକ୍ଷରେ ଆମର କ'ଣ ଶକ୍ତି ତାହା ପରୀକ୍ଷା ହୋଇନାହିଁ। ବିଶ୍ୱକପ ୱାର୍ମଅପ୍ ମ୍ୟାଚରେ ଆମେ ଆର୍ଜେଣ୍ଟିନାକୁ ୫-୦ରେ ହରାଇଛୁ ସତ, ମାତ୍ର ଏହାକୁ ନେଇ ଉଲ୍ଲସିତ ହେବାରେ କିଛି ନାହିଁ। କାରଣ ଅଭ୍ୟାସ ମ୍ୟାଚ ଓ ପ୍ରକୃତ ମ୍ୟାଚ ମଧ୍ୟରେ ଅନେକ ଫରକ ରହିଥାଏ। ୧୯୩୬ ବର୍ଲିନ ଅଲିମ୍ପିକ୍ସରେ ଭାରତ ୮-୧ ଗୋଲରେ ଜର୍ମାନୀକୁ ହରାଇଥିଲା। ମାତ୍ର ଏହା ପୂର୍ବରୁ ଅନୁଷ୍ଠିତ ୱାର୍ମଅପ୍ ମ୍ୟାଚରେ ଜର୍ମାନୀ ୪-୧ ଗୋଲରେ ଭାରତକୁ ପରାସ୍ତ କରିଥିଲା। ତେଣୁ ଆମେ ଏଥିରେ ଆର୍ଜେଣ୍ଟିନାକୁ ହରାଇଲୁ ବୋଲି ଆଗକୁ ମଧ୍ୟ ହରାଇ ପାରିବୁ ବୋଲି କିଛି ମାନେ ନାହିଁ। ତେବେ ଦଳରେ ସନ୍ତୁଳନ ରହିଥିବା ଏଥିରୁ ସ୍ପଷ୍ଟ ହୋଇଗଲା, ଯାହାକି ସବୁଠାରୁ ବଡ଼ କଥା। ଗତ ୨-୩ ବର୍ଷରେ ଆମେ ଯେତେ ବଡ଼ ଟୁର୍ନାମେଣ୍ଟରେ ହାରିଛୁ ସବୁଥିରେ ଶେଷ ୨-୩ ମିନିଟରେ ହିଁ ଫଳାଫଳ ଓଲଟିଛି। ଶେଷ ମୁହୂର୍ତ୍ତ ଗୋଲ ବରଣ ଭାରତକୁ ସବୁବେଳେ ଅସୁବିଧାରେ ପକାଇଛି। ତେଣୁ ଶେଷ ୨ କିମ୍ବା ୧ ମିନିଟ ଉପରେ ଆମକୁ ଅଧିକ ଫୋକସ କରିବାକୁ ପଡ଼ିବ। ବାଲାନ୍ସ ଦଳ ଥିବାରୁ ଭାରତ ସେମିଫାଇନାଲରେ ପ୍ରବେଶ କରିବା ଆଶା ରହିଛି। ଗ୍ରୁପ ପର୍ଯ୍ୟାୟରେ ବେଲଜିୟମ ବ୍ୟତୀତ ଅନ୍ୟ କୌଣସି ଦଳ ଭାରତକୁ ଚ୍ୟାଲେଞ୍ଜ ଦେଇପାରିବା ଜଣା ପଡୁନାହିଁ। ଏପର୍ଯ୍ୟନ୍ତ ୧୩ଟି ବିଶ୍ୱକପ ହୋଇଥିଲେ ହେଁ ୫ଟି ଦଳ ମଧ୍ୟରେ ଟାଇଟଲ ସୀମିତ ରହିଛି। ସେମାନେ ହେଲେ ପାକିସ୍ତାନ, ନେଦରଲାଣ୍ଡ୍ସ, ଅଷ୍ଟ୍ରେଲିଆ, ଜର୍ମାନୀ ଓ ଭାରତ। ତେଣୁ ଆଗାମୀ ବିଶ୍ୱକପରେ ଭାରତ ଛଡ଼ା ଅଷ୍ଟ୍ରେଲିଆ, ଜର୍ମାନୀ, ନେଦରଲାଣ୍ଡ୍ସ ଓ ବେଲଜିୟମର ପଲା ଭାରି ରହିବ। ଡାର୍କହର୍ସ ଭାବେ ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନା ଉଭାହେବ। ଏଥର ନିମ୍ନ ର୍‍ୟାଙ୍କପ୍ରାପ୍ତ ଦଳ ବିପର୍ଯ୍ୟୟ ସୃଷ୍ଟି କରିପାରିବାଭଳି ଲାଗୁନାହିଁ। ଇଂଲଣ୍ଡ ମଧ୍ୟ କ୍ୱାର୍ଟର ଫାଇନାଲରେ ପ୍ରବେଶ ଦକ୍ଷତା ରଖିଛି।

**–ଅଶୋକ ମହାନ୍ତି, ପୂର୍ବତନ କ୍ରୀଡ଼ା ଅଧିକାରୀ**

## ବିଶ୍ୱ ମାନଚିତ୍ରରେ ଭୁବନେଶ୍ୱରକୁ ସ୍ୱତନ୍ତ୍ର ସ୍ଥାନ ମିଳିପାରିଛି

ବିଶ୍ୱକପ ଖେଳିବାକୁ ଆସିଥିବାରୁ ୧୬ଟି ଯାକ ଦଳ ଭଲଭାବେ ପ୍ରସ୍ତୁତ ହୋଇ ଆସିଛନ୍ତି। କୌଣସି ଦଳ କେବେହେଲେ ଲୁଜ୍ କରିବାକୁ ଚାହିଁବେନି। ବିଶ୍ୱକପରେ ପ୍ରତିଦ୍ୱନ୍ଦ୍ୱିତା ବହୁତ ଭଲ ହୁଏ। ଏଥର ମଧ୍ୟ ତାହାର ପୁନରାବୃତ୍ତି ହେବ। ଆଧୁନିକ ହକିରେ କେହି କାହାରିଠାରୁ କମ୍ ନୁହନ୍ତି। ତେଣୁ ସବୁ ଦଳ କଡ଼ା ଚ୍ୟାଲେଞ୍ଜ ଦେବେ ଏବଂ ଜିତିବାକୁ ଚେଷ୍ଟା କରିବେ। ଭାରତୀୟ ଦଳ ବେଶ୍ ସନ୍ତୁଳିତ, ତେଣୁ ଦଳ ପାଇଁ ଭଲ ସୁଯୋଗ ମଧ୍ୟ ରହିବ। ପ୍ରାୟ ସମସ୍ତେ ଫିଟ୍ ଅଛନ୍ତି। ଏସିଆନ ଗେମ୍ସରେ ଭାରତ ସ୍ୱର୍ଣ୍ଣ ପଦକ ଜିତିବ ବୋଲି ଆମେ ସମସ୍ତେ ଭାବୁଥିଲୁ, ମାତ୍ର ତାହା ହୋଇପାରି ନ ଥିଲା। ଏହା ଭାରତୀୟ ଦଳ ପାଇଁ ଶକ୍ତ ଧକ୍କା ସଦୃଶ ହୋଇଛି। ଏଥିରୁ ପିଲାମାନେ ଅନେକ କିଛି ଶିଖିଛନ୍ତି। ଟ୍ରେନିଂରେ ପିଲାମାନେ କଠିନ ପରିଶ୍ରମ କରୁଛନ୍ତି। ଆମ ସମୟର ଖେଳ ଏବଂ ବର୍ତ୍ତମାନ ସମୟର ଖେଳ ମଧ୍ୟରେ ଅନେକ ଫରକ ଆସିଛି। ସେତେବେଳେ ଖେଳିବାବେଳେ ଫରୱାର୍ଡମାନଙ୍କୁ ବେଶି ରିଟ୍ୟାକ୍‌ଲ କରାଯାଉ ନ ଥିଲା। ଆଗରୁ ଡିଫେଣ୍ଡରମାନେ ବଲ୍ ଛଡ଼ାଇ ଫରୱାର୍ଡଙ୍କୁ ପାସ୍ ଦେବେ ଫରୱାର୍ଡମାନେ ଗୋଲ ଦେବେ। ତେଣୁ ଆମେ ସେତେବେଳେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିଲୁ। କାରଣ ଫରୱାର୍ଡଙ୍କଠାରୁ ସପୋର୍ଟ ପାଉ ନ ଥିଲୁ। ଏବେ କିନ୍ତୁ ଟୋଟାଲ ହକି ବା ମଡର୍ନ କହି ଖେଳାଯାଉଛି। ଏଠି ଫରୱାର୍ଡ ହେଉ କି ଡିଫେଣ୍ଡର ବଲ୍ ଯେଉଁଠି ଅଛି ସେଠାରୁ ଡିଫେଣ୍ଡ କରିବା ଷ୍ଟାର୍ଟ ହେଉଛି। ପୂର୍ବରୁ ୟୁରୋପିଆନ ଦେଶମାନେ ଏହି ରଣନୀତିରେ ଖେଳୁଥିଲେ। ଆମେ ଏହି ପଦ୍ଧତି ଅବଲମ୍ବନ କରିବା ଦ୍ୱାରା ପ୍ରଦର୍ଶନରେ ଉନ୍ନତି ହୋଇଛି। ଏବେ ଯେହେତୁ ଡିଫେଣ୍ଡର ଫରୱାର୍ଡଙ୍କୁ ଏବଂ ଫରୱାର୍ଡ ଡିଫେଣ୍ଡରଙ୍କୁ ସମର୍ଥନ କରୁଛନ୍ତି ଦଳ ଭଲ ପ୍ରଦର୍ଶନ କରୁଛି। ଅଷ୍ଟ୍ରେଲିଆ ପରି ଦଳକୁ ଚ୍ୟାଲେଞ୍ଜ କରିବାକୁ ହେଲେ କର ଅବା ମର ସ୍ଥିତିରେ ଖେଳିବାକୁ ପଡ଼ିବ। ବୀରେନ୍ଦ୍ର ଲାକ୍ରା ଏବେ ଭାରତୀୟ ଦଳର ସବୁଠାରୁ ସିନିୟର ଏବଂ ଭଲ ଡିଫେଣ୍ଡର। ତାଙ୍କ ଉପରେ ନିଶ୍ଚିତ ଅଧିକ ଭାର ରହିବ। ଓଡ଼ିଶାରେ ଏପରି ଏକ ଇଭେଣ୍ଟ ହେବ ବୋଲି ଆମେ କେବେ ସ୍ୱପ୍ନରେ ଭାବି ନ ଥିଲୁ। ମାତ୍ର ଏବେ ସ୍ୱପ୍ନ ସତ ପରି କଥା ହେଲା। ରାଜ୍ୟ ସରକାର ହକିକୁ ସପୋର୍ଟ କରୁଛନ୍ତି। ହକି ପାଇଁ ଭୁବନେଶ୍ୱର ଏବେ ବିଶ୍ୱ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିଛି।

**–ଲାଜରୁସ ବାର୍ଲା, ଅଲିମ୍ପିଆନ ହକି ତାରକା**


ଲାଜରୁସ ବାର୍ଲା

## ■ କୋହଲି, କ୍ରୁନାଲଙ୍କ କମାଲ

# ସିରିଜ ଡ୍ର’ ରଖିଲା ଭାରତ

ସିଡ୍‌ନୀ, ୨୫।୧୧(ପି.ଟି.)

ଅଧିନାୟକ ବିରାଟ କୋହଲିଙ୍କ ମ୍ୟାଚ୍ ବିଜୟୀ ଅପରାଜିତ ଅର୍ଦ୍ଧଶତକ ସାଙ୍ଗକୁ କ୍ରୁନାଲ ପାଣ୍ଡ୍ୟାଙ୍କ ଚମତ୍କାର ବୋଲିଂ ବଳରେ ଭାରତ ରବିବାର ଏଠାରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ଟି୨୦ ମ୍ୟାଚ୍‌ରେ ଘରୋଇ ଅଷ୍ଟ୍ରେଲିଆକୁ ୬ ଉଇକେଟ୍‌ରେ ପରାସ୍ତ କରିଛି। ଏହି ବିଜୟ ସହ ବିରାଟ ବାହିନୀ ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜକୁ ୧-୧ରେ ଡ୍ର’ ରଖିଛି। ପୂର୍ବରୁ ସିରିଜର ପ୍ରଥମ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ଡିଏଲ୍ ପଦ୍ଧତିରେ ୪ ରନରେ ଜିତିଥିବାବେଳେ ୨ୟ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା। ଶିଖର ଧାୱନ ମ୍ୟାନ୍ ଅଫ୍ ଦି ସିରିଜ (ମୋଟ୍ ୧୧୭ ରନ) ଓ କ୍ରୁନାଲ ମ୍ୟାନ୍ ଅଫ୍ ଦି ମ୍ୟାଚ୍ (୪ ଉଇକେଟ୍) ପୁରସ୍କାର ହାସଲ କରିଥିଲେ। ଦୁଇ ଦଳ ମଧ୍ୟରେ ୪ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଡିସେମ୍ବର ୬ରୁ ଆଡିଲେଡ୍‌ରେ ଆରମ୍ଭ ହେବ।

ସିରିଜରେ ଭାରତ ୧-୦ରେ ପଛୁଆ ରହିଥିବାରୁ ରବିବାର ସ୍ଥାନୀୟ ସିଡ୍‌ନୀ କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ୩ୟ ଟି୨୦ ମ୍ୟାଚ୍ ଭାରତ ପାଇଁ ଜିତିବା ନିହାତି ଜରୁରୀ ଥିଲା। ଟସ୍ ଜିତି ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ପାଇଁ ଦୁଇ ଓପନର ଆରୋନ୍ ଫିଞ୍ଚ୍ ଓ ଡି ଆର୍ସି ଶର୍ଟ ପ୍ରଥମ ଉଇକେଟ୍ ଯୋଡ଼ିରେ ୬୮ ରନ ଭାଗୀଦାରି କରି ଭଲ ପ୍ରାରମ୍ଭ ଦେଇଥିଲେ। ତେବେ ୯ମ ଓଭରରେ କୁଲଦୀପ୍ ଯାଦବ ଅଧିନାୟକ ଫିଞ୍ଚ୍‌ଙ୍କୁ (୨୮ ରନ, ୨୩ ବଲ) ଏଲ୍‌ବିଡବ୍ଲ୍ୟୁ କରି ଭାରତକୁ ବହୁପ୍ରତୀକ୍ଷିତ ଉଇକେଟ୍ ଭେଟି ଦେଇଥିଲେ। ଏହାପର ଓଭରର ପ୍ରଥମ ୨ଟି ବଲରେ ବାମହାତୀ ସ୍ପିନର କ୍ରୁନାଲ ଅନ୍ୟତମ ଓପନର୍ ଡି ଆର୍ସି ଶର୍ଟ (୩୩ ରନ, ୨୯ ବଲ୍) ଓ ବେନ୍ ମ୍ୟାକ୍‌ଡେମର୍ଟଙ୍କୁ (୦) ଆଉଟ୍ କରି ଭାରତ ପାଇଁ ଡବଲ୍ ସଫଳତା ଆଣିଦେଇଥିଲେ। କ୍ରୁନାଲ ତାଙ୍କ ପରବର୍ତ୍ତୀ ଦୁଇ ଓଭରରେ ଯଥାକ୍ରମେ ବିସ୍ଫୋରକ ଗ୍ଲେନ ମ୍ୟାକ୍ସୱେଲ (୧୩ ରନ) ଓ ଉଇକେଟ୍‌କିପର ଆଲେକ୍ସ କେରୀ (୨୭ ରନ, ୧୯ ବଲ୍)ଙ୍କୁ ଆଉଟ୍ କରିବା ଫଳରେ ଅଷ୍ଟ୍ରେଲିଆ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ ଦଳ ୬ ଉଇକେଟ୍ ହରାଇ ୧୬୪ ରନ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ମାର୍କସ ଷ୍ଟୋଇନିସ ୨୫ ଓ ନାଥନ କଲ୍ଟର-ସିଲ୍ ୧୩ ରନ କରି ଅପରାଜିତ ରହିଥିଲେ। ସଫଳ ବୋଲର ଭାବେ କ୍ରୁନାଲ ନିଜ ୪ ଓଭର କୋଟାରେ ୩୬ ରନ ବ୍ୟୟ କରି ୪ଟି ଉଇକେଟ୍ ନେଇଥିଲେ।


ବିଜୟ ସୂଚକ ରନ୍ ସ୍କୋର ପରେ ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି।

### ସଂକ୍ଷିପ୍ତ ସ୍କୋର

■ ଅଷ୍ଟ୍ରେଲିଆ ଇନିଂସ- ୧୬୪/୬, ୨୦ ଓଭର (ଫିଞ୍ଚ୍ ୨୮, ମ୍ୟାକ୍ସୱେଲ ୧୩, କ୍ରିସ ଲିନ୍ ୧୩, ଶର୍ଟ ୩୩, କ୍ରୁନାଲ ୪/୩୬, କୁଲଦୀପ୍ ୧/୧୯)।

■ ଭାରତ ଇନିଂସ- ୧୬୮/୪, ୧୯.୪ ଓଭର (ବିରାଟ ୬୪*, କାର୍ତ୍ତିକ ୨୨*, ରିଷଭ ପନ୍ତ ୦, ଲୋକେଶ ରାହୁଲ ୧୪, ମ୍ୟାକ୍ସୱେଲ ୧/୨୫)।

୧୬୫ ରନର ଟାର୍ଗେଟ୍‌କୁ ପିଛା କରିଥିବା ଭାରତ ଆରମ୍ଭରୁ ବିସ୍ଫୋରକ ବ୍ୟାଟିଂ କରିଥିଲା। ଦୁଇ ଓପନର୍ ଧାୱନ (୪୧ ରନ, ୨୨ ବଲ୍, ୬ ଚୌକା, ୨ ଛକା) ଓ ରୋହିତ୍ ଶର୍ମା (୨୩ ରନ, ୧୬ ବଲ) ୩୩ ବଲରୁ ୬୭ ରନ ସଂଗ୍ରହ କରି ଭାରତର ବିଜୟପଥ ପରିଷ୍କାର କରିଦେଇଥିଲେ। ତେବେ ୮ଟି ବଲ ଅନ୍ତରରେ ଉଭୟ ଆଉଟ୍ ହେବାରୁ ଭାରତ ସାମାନ୍ୟ ଚାପକୁ ଚାଲିଆସିଥିଲା। କିନ୍ତୁ ଅଧିନାୟକ କୋହଲି ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଖେଳି ଭାରତକୁ ୨ଟି ବଲ ପୂର୍ବରୁ ବିଜୟୀ କରାଇଥିଲେ। ଅନ୍ତିମ ଓଭରରେ ୫ ରନ ଆବଶ୍ୟକ ହେଉଥିବାବେଳେ ଆଣ୍ଡ୍ରିଉ ଟାଇଙ୍କ ୪ଟି ବଲରୁ କୋହଲି ୮ ରନ ସଂଗ୍ରହ କରିଥିଲେ। କୋହଲି ୪୧ ବଲରୁ ୪ ଚୌକା ଓ ୨ ଛକା ସହାୟତାରେ ୬୧ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିବାବେଳେ ତାଙ୍କୁ ଦୀନେଶ କାର୍ତ୍ତିକ (ଅପରାଜିତ ୨୨ ରନ, ୧୮ ବଲ) ଉପଯୁକ୍ତ ସହାୟତା କରିଥିଲେ।

### ଅଷ୍ଟ୍ରେଲିଆରେ କ୍ରୁନାଲଙ୍କ ରେକର୍ଡ

ସିଡ୍‌ନୀ,୨୫।୧୧- ଭାରତୀୟ ବାମହାତୀ ସ୍ପିନର କ୍ରୁନାଲ ପାଣ୍ଡ୍ୟା ଏଠାରେ ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତିମ ଟି୨ ମ୍ୟାଚ୍‌ରେ ରେକର୍ଡ କରିଛନ୍ତି। ସେ ନିଜ କୋଟାର ୪ ଓଭର ବୋଲିଂ କରି ୩୬ ରନ୍ ବ୍ୟୟ କରି ୪ ଉଇକେଟ ନେଇଛନ୍ତି। ଏପର୍ଯ୍ୟନ୍ତ ଅଷ୍ଟ୍ରେଲିଆରେ ଖେଳାଯାଇଥିବା ଟି୨୦ ମ୍ୟାଚ୍‌ରେ ଏହା ଯେକୌଣସି ଭାରତୀୟ ସ୍ପିନରଙ୍କ ଲାଗି ଶ୍ରେଷ୍ଠ ପ୍ରଦର୍ଶନ।









Printed and Published by Tathagata Satpathy on behalf of Navajat Printe rs & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ତ୍ୟାଗ ଜୀବନର ମୂଳ ଲକ୍ଷ୍ୟ ହେଉ। ତ୍ୟାଗ ନ କଲେ ଏହି ଗଭୀର ଜୀବନ ସମସ୍ୟାର ରହସ୍ୟ ଭେଦ କରିପାରିବ ନାହିଁ।
-ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### କୁଣହାଁ ସମାଜର ବାର୍ଷିକୋତ୍ସବ

**ବେଲପଡା,୨୬।୧୧(ଡି.ଏନ.ଏ.):** ବେଲପଡା ବ୍ଲକ କୁଣହାଁ ସମାଜ(ମିର୍ଦ୍ଧା,କିସାନ,ମାଟିଆ,କୁଡା) ସମ୍ପ୍ରଦାୟର ବାର୍ଷିକ ଉତ୍ସବ ବାଲିଖମାର ଗ୍ରାମର ମାୟାକୁଦୀ ଘାଟି ପୁଣ୍ୟ ପୀଠରେ ଅନୁଷ୍ଠିତ ହୋଇଯାଇଛି । କୃଷ୍ଣଚନ୍ଦ୍ର ମିର୍ଦ୍ଧାଙ୍କ ଅଧକ୍ଷତା ସୁବଳ ମିର୍ଦ୍ଧାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା ଏହି କାର୍ଯ୍ୟକ୍ରମ। ଏଥିରେ ବେଲପଡା ବ୍ଲକ କୁଣହାଁ ସମାଜର ଜାତିଭାଇ ଯୋଗ ଦେଇଥିଲେ । ଏହି ସଭାରେ କୁଣହାଁ ସମାଜର ପରମ୍ପରା, କୁଣୁ ଭାଷାକୁ ବଜାୟ ରଖିବା ଉପରେ ଆଲୋଚନା କରାଯାଇ ଜାଲିବାରି ପରମ୍ପରା ଉପରେ ସମାଜର ବୟୋଜ୍ୟେଷ୍ଠମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ପରେ ସମାଜର ପୂର୍ବ ପରୁଷମାନଙ୍କ ଅସ୍ଥିକୁ ବୁଡିଘାଟଠାରେ ପ୍ରବାହ କରାଯାଇଥିଲା । ଏହି ଉତ୍ସବରେ ଈଶ୍ୱର ମିର୍ଦ୍ଧା, ଚମରୁ ବାଗ, ଲଛମନ ମିର୍ଦ୍ଧା, ବିକ୍ରମ ମିର୍ଦ୍ଧା, ସାଗର ମିର୍ଦ୍ଧା, ହରି ମିର୍ଦ୍ଧା, ଜିତ ମିର୍ଦ୍ଧା, ବିକାଶ ବାଗ ପ୍ରମୁଖ ଯୋଗଦେଇଥିଲେ ।

### କ୍ରୀଡ଼ା ପ୍ରତିଯୋଗିତା

**ଜହ୍ନାପଙ୍କ,୨୫।୧୧(ଡି.ଏନ.ଏ.):** ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ଗ୍ରାମ ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ଜହ୍ନାପଙ୍କ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମ୍ୟୁଜିକ ଚେୟାର, ପୁଚି ଖେଳ ଓ ଉଛଡ଼ିଆ ଆଦି ଖେଳ ହୋଇଥିଲା। ସଞ୍ଜିତ ପ୍ରଧାନ, ଶିବାନନ୍ଦ ମିଶ୍ର, ଅରୁଣା ପ୍ରଧାନ ପରିଚାଳନା କରିଥିଲେ। ସତ୍ୟଜିତ ପ୍ରଧାନ, ଉତ୍ତମ ସାହୁ, ପିଣ୍ଟୁ ପ୍ରଧାନ, ଘାସିରାମ ଥପା, ପ୍ରଭୁଦତ୍ତ ପ୍ରଧାନ, ଦୀପକ ଝାଙ୍କର, ଅଜିତ ବାଘ, ଶଙ୍କର ପ୍ରଧାନ, ଗୁପ୍ତେଶ୍ୱର ଭୋକ୍ତା, ମାରୁତି ଯୁବକ ସଂଘର ସଭ୍ୟମାନେ ସହଯୋଗ କରିଥିଲେ।

# ବୋଇତ ବନ୍ଦାଣ ଉତ୍ସବରେ ରାଜନୀତିର ବାସ୍ନା

**ଚାନ୍ଦବାଲି/ଭଦ୍ରକ ଅଫିସ, ୨୫।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକରେ ବୋଇତ ବନ୍ଦାଣ ପରମ୍ପରା ନିଆରା ଓ ସ୍ୱତନ୍ତ୍ର। ଚାନ୍ଦବାଲିରେ ପ୍ରାଚୀନ ଉତ୍କଳର ନୌବାଣିଜ୍ୟ ସ୍ମୃତି ଅଦ୍ୟାବଧି ଜାକଜମକରେ ପାଳନ ହୁଏ। ପ୍ରତିବର୍ଷ ବେସରକାରୀ ସ୍ତରରେ ଏହି ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଇଆସୁଛି। ଏହାକୁ ରାଜ୍ୟସ୍ତରୀୟ ସରକାରୀ ଉତ୍ସବ ଭାବେ ପାଳନ କରିବା ଲାଗି ଦାବି ହେଉଥିଲେ ମଧ୍ୟ ପ୍ରଶାସନ ଏହାକୁ ଅଣଦେଖା କରିଆସୁଛି। ଏଭଳି ସ୍ଥିତିରେ ଚଳିତବର୍ଷ ବୋଇତ ବନ୍ଦାଣ ଉତ୍ସବ ପାଳନ ଅବସରରେ ପତିଆରା ବଢ଼ାଇ ଫାଇଦା ନେବା ଲକ୍ଷ୍ୟରେ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ଉଦ୍ୟମ କରିଛନ୍ତି।

ଚଳିତବର୍ଷ ଧାମରା ଓ ଚାନ୍ଦବାଲିରେ ଗତ ଗୁରୁବାର ଓ ଶୁକ୍ରବାର ଦୁଇଦିନ ଧରି ଅନୁଷ୍ଠିତ ବୋଇତବନ୍ଦାଣ ଉତ୍ସବରେ ୩ ଦଳ ଭିନ୍ନ ଭିନ୍ନ ସ୍ଥାନରେ ସଭା ଆୟୋଜନ କରିଥିଲେ। ଏହି ମଞ୍ଚଗୁଡ଼ିକୁ ନିମନ୍ତ୍ରିତ ହୋଇ ଆସିଥିବା ଅତିଥିଙ୍କୁ ନେଇ ରାଜନୈତିକ ସ୍ତରରେ ଆଲୋଚନା ଜୋର୍ ଧରିଛି। କେତେକ ନେତା ନିଜେ ଉତ୍ସବ ଆୟୋଜନ କରି ଅତିଥି ହେବା ଘଟଣା ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ଧାମରାରେ ଭାଜପା ଦ୍ୱାରା ପରିଚାଳିତ ଉତ୍ସବରେ ରାଜ୍ୟପାଳ ଗଣେଶୀ ଲାଲ ମୁଖ୍ୟଅତିଥି ହେବା ଘଟଣା ସମସ୍ତଙ୍କୁ ଚକିତ କରିଛି। ଇଂଲିଶରେ ଛପା ଯାଇଥିବା ନିମନ୍ତ୍ରଣ ପତ୍ରରେ ଭାଜପାର ଜିଲା ସଭାପତି ବଦ୍ରିନାରାୟଣ ଧଳଙ୍କ



ବିଜେଡିର ବୋଇତ ବନ୍ଦାଣ ଉତ୍ସବରେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଓ ଅନ୍ୟମାନେ।




ଭାଜପା ତରଫରୁ ବୋଇତ ବନ୍ଦାଣ ଉତ୍ସବ ନିମନ୍ତ୍ରଣ କାର୍ଡ।

## ଚର୍ଚ୍ଚାରେ ଅତିଥି ଓ ପ୍ରାୟୋଜିତ ସଭା

ନାମ ପୂର୍ବରୁ 'ସୋସିଆଲ ୱାର୍କର' ବୋଲି ଲେଖା ରହିଥିବାରୁ ଉତ୍ସବ ଆୟୋଜନ ଉଦ୍ଦେଶ୍ୟ ପଦାରେ ପଡ଼ିଛି। ଏହା ଏକ ଦଳୀୟ ସମାବେଶ ହୋଇଥିବା ସତ୍ତ୍ୱେ ସାଂସ୍କୃତିକ କାର୍ଯ୍ୟକ୍ରମ କୁହାଯାଇ ରାଜ୍ୟପାଳ ଏଠାକୁ ମୁଖ୍ୟଅତିଥି ହୋଇ କିପରି ଆସିଥିଲେ, ସେନେଇ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଏହି ସଭାରେ କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିଓ, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ବ୍ରଜରାଜନଗର ବିଧାୟିକା ଡା. ରାଧାରାଣୀ ପଣ୍ଡା, ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ, ରାଜନଗରର ପୂର୍ବତନ ବିଧାୟକ ଅଲେଖ ଜେନା, ଚାନ୍ଦବାଲିର ପୂର୍ବତନ ବିଧାୟକ ବିଷ୍ଣୁ ସେଠୀ, ବାସୁଦେବପୁରର ନେତା ମାଧବାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଭାଜପା ଜିଲା ସଭାପତି ବଦ୍ରିନାରାୟଣ ଧଳ କୁହନ୍ତି, ଏହା ସାଂସ୍କୃତିକ ମଞ୍ଚ ଏଣୁ ଏହାକୁ ରାଜନୀତିକରଣ କରା ନ ଯାଉ। ଏଣୁ ମୋ ନାଁ ପୂର୍ବରୁ 'ସୋସିଆଲ ୱାର୍କର' ଲେଖାଯାଇଛି। ସେହିପରି ଧାମରାରେ ବିଜେଡି ଏମ୍‌ପି ଅର୍ଜୁନ ଚରଣ ସେଠୀଙ୍କ ସହ ନିଜ ଦ୍ୱାରା ଗଠିତ ଦଳ ଆମ ଓଡ଼ିଶା ପାର୍ଟି ଛାଡ଼ି ବିଜେଡିରେ ନୂଆକରି ପାଦ ଥାପିଥିବା ରାଜ୍ୟ ସଭା ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ, ମନ୍ତ୍ରୀ ଅନନ୍ତ ଦାସ, ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଜେଡି ରାଜ୍ୟ ମହିଳା ସମ୍ପାଦିକା ସୁଲତା ଦେଓ ପ୍ରମୁଖ ବୋଇତ ବନ୍ଦାଣ ଉତ୍ସବରେ ଅତିଥି ହୋଇଥିଲେ।

ଏପଟେ ଚାନ୍ଦବାଲିରେ ଅନୁଷ୍ଠିତ ଏକ ମଞ୍ଚରେ ବିଧାୟକ ବ୍ୟୋମକେଶ ରାୟଙ୍କ ନେତୃତ୍ୱରେ ରାଜ୍ୟ ସଭା ସଦସ୍ୟ ପ୍ରତାପ ଦେବ, ଜିଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଚାନ୍ଦବାଲି ବିଧାୟକ ସୌମ୍ୟରଞ୍ଜନଙ୍କୁ ଅତିଥି ଭାବେ ଡାକି ନିଜେ ଅନୁପସ୍ଥିତ ରହିଥିଲେ। ଅନ୍ୟ ଏକ ମଞ୍ଚକୁ ଯାଇ ବିଜେଡି ଏମ୍‌ପି ପ୍ରତାପ ଦେବଙ୍କ ସହ ସଭାରେ ଯୋଗଦେବାକୁ ବ୍ୟୋମକେଶ ଉଚିତ ମନେ କରିଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ କୌତୂହଳ ବିଷୟ ହେଉଛି ଯେ, ଏମ୍‌ପି ଓ ଅତିଥିମାନଙ୍କୁ କିଛିଦିନ ପୂର୍ବରୁ ବ୍ୟୋମକେଶଙ୍କ ତରଫରୁ ନିମନ୍ତ୍ରଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ବ୍ୟୋମକେଶ ତାଙ୍କ ଚିନ୍ତାଧାରା ବଦଳାଇଥିଲେ। ଜନସାଧାରଣଙ୍କ କହିବା ଅନୁଯାୟୀ, ଏହି ନେତାମାନଙ୍କ ସାହାଯ୍ୟରେ ଆସନ୍ତା ନିର୍ବାଚନ ପାଇଁ ଭୋଟ୍ ଟିକେଟ ହାସଲ କରିବାରେ ସଫଳତା ମିଳିବ ନାହିଁ ବୋଲି ଜାଣିବା ପରେ ବ୍ୟୋମକେଶ ଭିନ୍ନ ଏକ ମଞ୍ଚରେ ପ୍ରତାପ ଦେବଙ୍କ ସହ ରହି ସଭା ଆୟୋଜନ କରିଥିଲେ। ବ୍ୟୋମକେଶଙ୍କ ଏହି ପରିବର୍ତ୍ତନ ଏବେ ଲୋକଲୋଚନକୁ ଆସିଛି। ବ୍ୟୋମକେଶ କହନ୍ତି, ସମୟ ସ୍ୱଳ୍ପତା କାରଣରୁ ଗୋଟିଏ ଦିନରେ ୨ଟି ସ୍ଥାନରେ ଉପସ୍ଥିତ ରହିବା ସମ୍ଭବପର ନୁହେଁ। କିନ୍ତୁ ସେ ସମସ୍ତ ଅତିଥିଙ୍କୁ ପାଛୋଟିଛନ୍ତି। ପରମ୍ପରା ଅନୁଯାୟୀ ଧାମରାରୁ ଆସିଥିବା ସାଧବପୁଅଙ୍କୁ ସେ ଚାନ୍ଦବାଲିରେ ସ୍ୱାଗତ କରିଛନ୍ତି। ଏଠି କଂଗ୍ରେସ ଦ୍ୱାରା ଆୟୋଜିତ ଅନ୍ୟ ଏକ ମଞ୍ଚରେ ସୌମ୍ୟରଞ୍ଜନଙ୍କ ବଡ଼ଭାଇ ତଥା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ଏମ୍‌ପି ଅନନ୍ତ ସେଠୀ, ବାସୁଦେବପୁର ଏନ୍‌ଏସି ଚେୟାରମ୍ୟାନ ଅଶୋକ କୁମାର ଦାସ, ଚାନ୍ଦବାଲି ବିଧାନସଭା ଆସନ ପାଇଁ ବିଧାୟକ ଟିକେଟ ଲାଗି ଆଶାୟୀ ଭାବେ ଚର୍ଚ୍ଚାରେ ରହିଥିବା ଅମିୟ ମହାପାତ୍ର, ମନୋଜ ବିଶ୍ୱାଳ, ଜ୍ୟୋତିପ୍ରକାଶ ମହାନ୍ତି, ସତ୍ୟାନନ୍ଦ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ଏହିସବୁ ଘଟଣାକୁ ନେଇ ଆମ୍ ଆଦମୀ ପାର୍ଟିର ଚାନ୍ଦବାଲି ଆବାହକ ରାକେଶ ପଣ୍ଡା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ବିଜେଡିରେ ନୂଆକରି ଯୋଗ ଦେଇଥିବା ରାଜ୍ୟସଭା ସଦସ୍ୟ ସୌମ୍ୟରଞ୍ଜନଙ୍କ ସହ ମଞ୍ଚାସୀନ ହେଲେ କାଳେ କିଛି ନକାରାତ୍ମକ ପ୍ରଭାବ ପଡ଼ିବ ସେହି ଆଶଙ୍କାରେ ବିଧାୟକ ରାୟ ଉତ୍ସବକୁ ଆସି ନ ଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ଗୋଟିଏ ଦିନରେ ସୌମ୍ୟରଞ୍ଜନଙ୍କ ଭାଇ ନିରଞ୍ଜନ କଂଗ୍ରେସ ପ୍ରାୟୋଜିତ ଉତ୍ସବରେ ମଞ୍ଚାସୀନ ହେବା ଘଟଣା ଏଭଳି ଅନୁପସ୍ଥିତିରେ ଅନ୍ୟତମ କାରଣ ହୋଇପାରେ ବୋଲି ମଧ୍ୟ କୁହାଯାଉଛି। କମ୍ୟୁନିଷ୍ଟ ନେତା ଦିବ୍ୟସିଂହ ନାୟକ ଏଭଳି ରାଜନୀତିକୁ ତୀବ୍ର ସମାଲୋଚନା କରିଛନ୍ତି। ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଏହି ୩ ଦଳ ଏଭଳି ଉତ୍ସବ ପାଳନ ନାଁରେ ରାଜନୀତି କରୁଛନ୍ତି। ଅନ୍ୟପକ୍ଷେ ଚାନ୍ଦବାଲି ସାଂସ୍କୃତିକ ପରିଷଦର ସମ୍ପାଦକ ପ୍ରଫେସର ଶାନ୍ତନୁ କୁମାର ମହାନ୍ତି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ବୋଇତ ବନ୍ଦାଣ ଉତ୍କଳୀୟ ସଂସ୍କୃତିର ମହାନ୍ ପର୍ବ। ଏଭଳି ଉତ୍ସବକୁ ଦଳୀୟ ଭିତ୍ତିରେ ଭାଗ ଭାଗ କରା ନ ଯାଉ।

# ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ କୁଇଜ

**ଭେଡ଼େନ, ୨୫।୧୧(ଡ଼ି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ସୂର୍ଯ୍ୟମଣି ଜନତା ହାଇସ୍କୁଲରେ ରବିବାର ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ରମଣୀ ରଞ୍ଜନ ରାଉତଙ୍କ ପରିଚାଳନାରେ ହୋଇଥିବା ଏହି ପ୍ରତିଯୋଗିତାରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ୪୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଏଥିରେ ତାଳମେଣ୍ଡା ହାଇସ୍କୁଲର ଲୋଜେନ୍ସା ପ୍ରଧାନ ପ୍ରଥମ, ଉତ୍କଳିକା ପ୍ରଧାନ ଦ୍ୱିତୀୟ ଏବଂ ବରପଦର ହାଇସ୍କୁଲର ଅର୍ପିତା କର୍ମୀ ତୃତୀୟ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନିତ ହୋଇଛନ୍ତି। ପ୍ରତିଯୋଗିତା



ଭେଡ଼େନ ହାଇସ୍କୁଲରେ ହୋଇଥିବା ଶକ୍ତି ସଂରକ୍ଷଣ ପ୍ରତିଯୋଗିତାରେ ପ୍ରତିଯୋଗୀଗଣ ।

ପରିଚାଳନାରେ ଶିକ୍ଷକ ତାପସ କର୍ମୀ, ନିରଞ୍ଜନ ପ୍ରଧାନ, ସତ୍ୟ ନାରାୟଣ ଗଡ଼ତିଆ ଏବଂ ରଣଜିତ ଭୋଇ ପ୍ରମୁଖ ସହଯୋଗ କରିଥିଲେ । ଏହି କ୍ରମରେ ଆସନ୍ତା ୧୪ ତାରିଖରେ ଶକ୍ତି ସଂରକ୍ଷଣ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହେବ ।

# କଇରୁବାବାଙ୍କ ରାସୋତ୍ସବ ସମ୍ପନ୍ନ

**ଉଲୁଣ୍ଡା ୨୫।୧୧ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପଞ୍ଚାମହଲା ପଞ୍ଚାୟତର ବଡମାଳସ୍ଥିତ ଗୁରୁଦେବ କଇରୁ ବାବାଙ୍କ ମଠରେ ପାରମ୍ପରିକ ରାସୋତ୍ସବ ରବିବାର ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଯାଇଛି। ମହୋତ୍ସବ ପରିଚାଳନା କମିଟି ସଭାପତି ହିମାଂଶୁ ଶେଖର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏବଂ ଭକ୍ତଗଣଙ୍କ ପୃଷ୍ଠପୋଷକତାକ୍ରମେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୁରୁଦେବଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇ ଶୃଙ୍ଖଳିତ ଭାବେ ଦିବ୍ୟ ବିଭୂତି ବିତରଣ କରାଯାଇଥିଲା। ମଠରେ ଥିବା ଶତାଧିକ ବର୍ଷର ଅଖଣ୍ଡଧ୍ୱନୀ କୁଣ୍ଡ, ଶୟନସ୍ଥଳୀ, ଗୁରୁଦେବଙ୍କ ସାଧନା ସ୍ଥଳୀ ଏବଂ ତାଙ୍କ ବ୍ୟବହୃତ କଠଉ ଦର୍ଶନ ପାଇଁ ପ୍ରାୟ ୨୦ହଜାର ଭକ୍ତଙ୍କ ସମାଗମ ଲକ୍ଷ କରାଯାଇଥିଲା। ରାତ୍ରୀବେଳେ ଲୁପ୍ତପ୍ରାୟ କଳା ଭାବରେ ଗୌଡ଼ିୟ ଖୋଳ କରତାଳ ବାଦ୍ୟ ଓ ଗୀତ ସ୍ଥାନରେ ଦର୍ଶକଙ୍କ ପ୍ରବଳ ଭିଡ ହୋଇଥିଲା। ବିଶେଷ କରି ଉପସ୍ଥିତ ହଜାର ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ଆୟୋଜକ ଅନୁଷ୍ଠାନର ସମ୍ପାଦକ ପ୍ରଦୀପ କୁମାର ପୁରୋହିତ, କୋଷାଧ୍ୟକ୍ଷ ନରେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଉତ୍ସବକୁ ସଂଯୋଜନା କରିଥିଲେ। ମଠ ପୂଜକ ବିହାରୀ ବଗର୍ତ୍ତାଙ୍କ ସମେତ ଉପସଭାପତି ବିଦେଶୀ ହୋତା, ଦାମୋଦର ମିଶ୍ର, ଶାରଦା ପ୍ରସନ୍ନ ପୂଜାହାରୀ ସହଯୋଗ କରିଥିଲେ।

## ଚିକିତ୍ସା ଲାଗି ଟଙ୍କା ବାଧକ୍

# ରୋଗ୍‌ରେ ସଢ଼ୁଛନ୍ ୨୨ ବଛରିଆ ସାଧବ

**ମନମୁଣ୍ଡା, ୨୫।୧୧ (ଡି.ଏନ.ଏ)**

ଯେନ୍ ବଏସେ ବାପର ସଂଗେ ଖଁଦ୍‌କେ ଖଁଦ୍ ମିଶେଇ ଚାଲ୍‌ବାର କଥା, କମେଇକୁଢ଼େଇ କୁଟୁମ୍ ପୁଷ୍‌ବାର କଥା, ସେ ବଏସେ ସେ ରୋଗ୍‌ରେ କଲ୍‌ବଲ ହେଉଛନ୍। ମନମୁଣ୍ଡା ପଁଚେତ୍ ମହୁଲବାହାଲି ଗାଁର ବିପ୍ର ଭୋଇକଁର ପୁଓ ସାଧବ ଭୋଇ(୨୨)। ସାଂଗ୍‌ସାଥିକର ସଂଗେ ପାଠ୍ ପଢ଼ି ଯାଉଥିଲେ, ବଡ଼ା ହସ୍‌ଖୁସିଥି ତାକର ଦିନ୍ ଗଡ଼ିଯାଉଥିଲା। ମା'ବାପ୍ ବି ସପନ୍ ଦେଖିଥିଲେ ପୁଓ ପାଠ୍ ପଢ଼ି ବଡ଼ ମୁନୁଷ୍ ହେବା, ଚାକ୍‌ରି କରବା, ବୁଢ଼ାବୁଢ଼ୀ କାଲେ ଆମର ସାହାରା ହେବା। ହେଲେ ଦଇବର ଲେଖା ଥିଲା ଭିନେ। ସାଧବ ଯେତେବେଳେ ୯ମ ଶ୍ରେଣୀରେ ପାଠ୍ ପଢ଼ୁଥିଲେ ତାହାକୁ ସ୍ପାଇନୋ ସେରିବେଲାର ଏଟାକ୍ସିଆ(ଏସ୍.ସି.ଏ) ରୋଗ୍ ହେଲା। ଯେନ୍‌ଥିଲାଗି ତାକର ହାତ୍‌ଗୋଡ଼ ପୋଲିଓ ହେଲା ଲେଖେଁ ବଁକାଟେଁକା ହେଇଗଲା। ସେ ଚଲାବୁଲା, ଗଧାମଖା, ଖୁଆପିଆ କିଛି ନାଇଁ କରିପାରଲେ। ଏନ୍‌ତାଥି ଶେଷେ ତାକର ପାଠ୍‌ପଢ଼ା ବଁଦ୍ ହେଇଗଲା। ଦିନୁଦିନ୍‌କେ ପାଟି ଖନି ମାରଲା, କଥାବାର୍ତ୍ତା ବି ଠିକ୍‌ରେ କହି ନାଇଁପାରଲେ। ତାକର ସେବା ଯତନ୍‌ରେ ଲାଗିଥିବାର ମା' ବି ପୁଓର ଚିନ୍ତାରେ ଘାରି ହେଇ ହେଇ ଆରପାରକେ ଚାଲିଗଲେ। ଏହେଦେ ଘରେ ଖାଲି ବାପା ଆର୍ ବଡ଼ଭାଇ। ବାପା ଆର୍ ଭାଇ କୁଲିମଜୁରି କରି ପରିବାର ଚଲଉଛନ୍। ଦୁଇବେଲା ଖାଏବାର ଲାଗି ଫିଦିନ୍ ତାହାକୁ ବାହାଜାଂଗଲ ମାଜ୍‌ବାକେ ପଡୁଛେ। ଏନ୍‌ତାଥି ବାପ୍ ଭାଇ ସାଧବର ଦେଖାଶୁନା ଲାଗି ସମିଆ ନାଇଁପାଏବାର। କାମ୍‌ଧଁଦାରୁ ଫିରଲେ ବାପା ପୁଓକେ ଗଧାମଖା, ଝାଡ଼ାଝପଟ, ଖୁଆପିଆ କରଉଛନ୍। ମା' ନାଇଁଥିବାର ଲାଗି ବାପାକେ ରଁଧାବଢ଼ାନୁ ମୂଲ୍ କରି ଘରର ସବୁ କାମ୍ କରବାକେ ପଡୁଛେ। ବଡ଼ା କଷ୍ଟେ ସେ ପୁଓକେ ପାସର ମନମୁଣ୍ଡା, ସୁବର୍ଣ୍ଣପୁର ମୁଖିଆ ଡାକ୍ତରଖାନାରେ ଚିକିତ୍ସା କରେଇଥିଲେ। ହେଲେ ଇ ରୋଗ୍‌ର ଚିକିତ୍ସା ଇଠାନେ ସମ୍ଭବ୍ ନୁହେ ବଲି ଡାକ୍ତର କହେବାର ସଂଗେ ବଡ଼ ଡାକ୍ତରଖାନାକେ ନେବାକେ ପରାମର୍ଶ୍ ଦେଇଥିଲେ। ଗାଁର କେତେ ସହୃଦ୍ ଲୁକ୍‌କର ସାହାଯ୍ୟରେ ବିପ୍ର ପୁଓକେ ବୁର୍ଲା ବଡ଼ ଡାକ୍ତରଖାନାକେ ନେଇଥିଲେ। ହେଲେ ଟଁକା ପଏସା ଅଭାବୁ ସେଠାନେ ରହି ଚିକିତ୍ସା କରାବାର ସମ୍ଭବ ନାଇଁ ହେଲାରୁ ପୁଓକେ ଧରି ଘରକେ ଫିରିଆଏଲେ। ଏହେଦେ ଟଁକା ପଏସା ଅଭାବୁ ବାପା ବିପ୍ର ଭଗବାନ ଭରସାରେ ହାତ୍ ଟେକି ଦେଇଛନ୍ ସତ୍ ହେଲେ ପୁଓର ଚିନ୍ତା ତାହାକୁ ସବୁବେଲେ ଘାରୁଛେ। ଇଆଡେ ସାଧବ ସବୁବେଲେ ଖଟେ ପଡ଼ିରହୁଛନ୍ ଆର୍ ନିଜର ସାଂଗ୍‌ସାଥିକୁ ଦେଖି ସବୁବେଲେ ଲହ ଗଡ଼ଉଛନ୍। ଚିକିତ୍ସା ନାଇଁ କରାଗଲେ ଦିନୁଦିନ୍‌କେ ଇ ରୋଗ୍ ଗୋଡ଼ହାତ୍ ପକେଇ ଦେବାର ସଂଗେ ମଗଜ୍‌କେ ବି ଅକାମି କରିଦେବା। ଏନ୍‌ତାଥି ଯଦି ଜିଲା ପର୍‌ଶାସନ, ସରକାରୀ ବେସରକାରୀ ଅନୁଷ୍ଠାନ୍ କି କେହେନ୍‌ସି ସହୃଦ୍ ଲୋକ୍ ପୁଓର ଚିକିତ୍ସା ଲାଗି ହାତ୍ ବଢ଼ାତେ, ମୋର ପୁଓ ଠିକ୍ ହେଇପାରତା ବଲି ବିପ୍ର କଁଦ୍‌କଁଦ୍‌ନିଆଁ ହେଇ କହିଛନ୍।



ରୋଗ୍‌ରେ ପୀଡ଼ିତ୍ ସାଧବ ଭୋଇ।

# ନାଚପାର୍ଟିକୁ ଆକ୍ରମଣ, ୩ ଗିରଫ



ନାଚପାର୍ଟିକୁ ଆକ୍ରମଣ ଅଭିଯୋଗରେ ଗିରଫ ୩ଅଭିଯୁକ୍ତ ।

**ବରଗଡ଼ ଅଫିସ,୨୫।୧୧**

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ା ନିକଟରେ ଏକ ନାଚପାର୍ଟି ଗାଡିକୁ ଅଟକାଇ ଆକ୍ରମଣ ଓ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ରବିବାର ସ୍ଥାନୀୟ ଟାଉନ ଥାନା ପୋଲିସ ୩ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଅତାବିରା ଥାନା ଭୋଇପୁରା ଗ୍ରାମର ଆକାଶ ମହାନନ୍ଦ(୧୮), ଅତାବିରା ମିନାରବନ୍ଧ ପଡ଼ାର ଏମଡ଼ି ଆଜାଦ(୨୧) ଏବଂ ଲାଦେରପାଲିର ରୂପଞ୍ଜୟ ଓରଫ ଚିଣ୍ଟୁ ଓରଫ ବୁଲୁ ଦାଶ(୧୮) । ସେମାନଙ୍କ ବିରୋଧରେ ବରଗଡ଼ ଟାଉନ ଥାନାରେ ଦଫା ୩୯୭, ୩୦୭ ଏବଂ ୩୯୪ ଆଇପିସିରେ ଏକ ମାମଲା(ନଂ.୫୮୬/୨୦୧୮) ରୁଜୁ ହୋଇଛି । ଗିରଫ ଅଭିଯୁକ୍ତମାନଙ୍କୁ ବରଗଡ଼ କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବା ପରେ ସେମାନଙ୍କୁ ସ୍ଥାନୀୟ ଉପକାରାଗାରକୁ ପଠାଇ ଦିଆଯାଇଛି । ପ୍ରକାଶ ଯେ, ଗତ ୨୩ତାରିଖ ଦର୍ଲିପାଲି ଗ୍ରାମରେ ନୃତ୍ୟ ପରିବେଷଣ କରି ଫେରୁଥିବାବେଳେ ଅଭିଯୁକ୍ତମାନେ ନାଚପାର୍ଟି ଗାଡିକୁ ଅଟକାଇ ଭୁଜାଲିରେ ଆକ୍ରମଣ କରିବା ସହିତ ଲୁଟ୍‌ପାଟ୍ କରିଥିଲେ । ଏ ନେଇ ନାଚପାର୍ଟିର ଡିଲେଶ୍ୱରୀ ମଟୱାନୀ ବରଗଡ଼ ଟାଉନ ଥାନାରେ ଏତଲା ଦେଇଥିଲେ । ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ ସହିତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ।

# ଦିବ୍ୟାଙ୍ଗ ଛାତ୍ର ରାଜ୍ୟସ୍ତରରେ ପ୍ରଥମ

**ବରଗଡ଼ ଅଫିସ,୨୫।୧୧**

ବରଗଡ଼ର ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ର ବିକାଶ ପ୍ରଧାନ ଜାତୀୟ ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଆୟୋଜିତ ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତାର ରେଡ୍ ଗ୍ରୁପରେ ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଆନ୍ତର୍ଜାତିକ ଶିଶୁ ସୁରକ୍ଷା ସପ୍ତାହ ପାଳନ ଅବସରରେ ରାଜ୍ୟ ମହିଳା ଓ ଶିଶୁ ବିଭାଗ, ମିଶନ ଶକ୍ତି ଓ ଓଡ଼ିଶା ଶିଶୁ ସୁରକ୍ଷା ପରିଷଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ବିକାଶଙ୍କୁ ଏହି ସଫଳତା ମିଳିଛି । ତାଙ୍କ ଏହି ସଫଳତା ଯୋଗୁ ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ସାହୁ, ମେଘନାଦ ସାହୁ ଏବଂ ଅଭୟ ପ୍ରଧାନଙ୍କ ସମେତ ପରିଚାଳନା କମିଟି ବିକାଶଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ସୁବର୍ଣ୍ଣପୁରରେ ଅହିଂସା ରଥର ଶୁଭାରମ୍ଭ

**ସୋନପୁର,୨୫।୧୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକରେ ଅହିଂସା ରଥ ପରିକ୍ରମା କରିବ। ଏହି ସଚେତନତା ରଥ ୬ ଦିନ ଧରି ଶିବତୁଲା, ଝାରତରଭା, କଟାପାଲି, ବଡଭଇଁରୋ, ବ୍ରାହ୍ମଣୀ, ବଘିଆ, ଦୁବୁଲା, ଉଲୁଣ୍ଡା, କମସରା, ସିଂଘାରି, କୁମ୍ଭାରମୁଣ୍ଡା, ସରଗଜ ଓ ବାଲିଖମାର ପଞ୍ଚାୟତର ସମସ୍ତ ଗାଁ ବୁଲିବ। ମହିଳା ଓ ପୁରୁଷଙ୍କ ମଧ୍ୟରେ ସମାନତା ସହ ମହିଳା ହିଂସାକୁ ବନ୍ଦ କରିବା। କନ୍ୟାଭ୍ରୂଣ ହତ୍ୟା, ବାଲ୍ୟ ବିବାହ ଓ କର୍ମକ୍ଷେତ୍ରରେ ହେଉଥିବା ଯୌନ ନିର୍ଯାତନାକୁ ବନ୍ଦ କରିବା ଉଦ୍ଦେଶ୍ୟରେ ଏହି ରଥ ବୁଲିବ ବୋଲି ସ୍ୱେଚ୍ଛାସେବୀ ସଂଗଠନ ରେଆର ପକ୍ଷରୁ କୁହାଯାଇଛି। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଏସ୍‌ପି ଦେବୀ ପ୍ରସାଦ ଦାଶ ଓ ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିକ୍ଷାଧିକାରୀ ପୁଷ୍ପା ମିଞ୍ଜ, ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ମିଶ୍ର, ରେଆର ସାଧାରଣ ସମ୍ପାଦକ ଆଶୁତୋଷ ହୋତା, ଅନଙ୍ଗ ନେଗୀ, ସ୍ୱାଧୀନ ମେହେର ଓ ଲକ୍ଷ୍ମଣ କୁମାର ସା ଉପସ୍ଥିତ ଥିଲେ ।




ଅତିଥି ବୃନ୍ଦ ଅହିଂସା ରଥର ଶୁଭାରମ୍ଭ କରୁଛନ୍ତି ।



ପର ପାଇଁ ଦୁଃଖ ସହିବା ହେଉଛି
ମନୁଷ୍ୟର ପ୍ରକୃତ ଧର୍ମ।
- ମହାତ୍ମାଗାନ୍ଧୀ



## ସଂକ୍ଷେପରେ

### ଶତବାର୍ଷିକୀ ପାଳନ ପାଇଁ ଶୁଭସ୍ତମ୍ଭ ସ୍ଥାପନ

**ବରଗଡ଼ ଅଫିସ,୨୫।୧୧:** ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ ସତଲମା ବାଳକ ପ୍ରାଥମିକ ବିଦ୍ୟାଳୟର ଏକଶହ ବର୍ଷ ପୂର୍ତ୍ତି ଉପଲକ୍ଷେ ଶତବାର୍ଷିକୀ ଉତ୍ସବ ପାଳନ ପାଇଁ ରବିବାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା । ଏହି ଅବସରରେ ପୁରାତନ ଛାତ୍ର ଏବଂ ଶିକ୍ଷକଙ୍କ ଗହଣରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅରବିନ୍ଦ ବିଶି ଏବଂ ଅନ୍ୟ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଏକ ସ୍ମରଣିକା ପ୍ରକାଶ ପାଇଁ ଲେଖା ପଠାଇବାକୁ ଅନୁରୋଧ କରାଯାଇଥିଲା । ଶିକ୍ଷକ ନେପୋଲିୟନ କୁମାର, ସରପଞ୍ଚ ସୁବଳ ସାହୁ, ସୁବଳ ବେହେରା, କରମସିଂ ବରିହା, ଲିଙ୍ଗରାଜ ସାହୁ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

### ରଚନା ପ୍ରତିଯୋଗିତା

**ବରଗଡ଼ ଅଫିସ,୨୫।୧୧:** ବରଗଡ଼ ଜିଲା ସ୍ୱଳ୍ପ ସଞ୍ଚୟ ବିଭାଗ ଓ ଜିଲା ପ୍ରଶାସନ ତରଫରୁ ବିଶ୍ୱ ମିତବ୍ୟୟୀ ଦିବସ ଅର୍ଥାତ୍ ସଞ୍ଚୟ ପକ୍ଷ ପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆନ୍ତଃସ୍କୁଲ ରଚନା ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବରଗଡ଼ ଜର୍ଜ ହାଇସ୍କୁଲରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବିଜେପୁରର ଛାତ୍ରୀ ଓଜସ୍ୱିନୀ ବାରିକ ପ୍ରଥମ, ଶ୍ରଦ୍ଧା ସମ୍ପ୍ରିତା ଦେବତା ଦ୍ୱିତୀୟ ଏବଂ ଅଭିଜିତ ସାହୁ ତୃତୀୟ ହୋଇଥିଲେ । କୃତୀ ଛାତ୍ରୀଛାତ୍ରଙ୍କୁ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ପୁରସ୍କୃତ କରିଥିଲେ । ଜର୍ଜ ହାଇସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ ।

### କୁଡୋପାଲିରେ ଅଷ୍ଟପ୍ରହର ନାମଯଜ୍ଞ

**ଭେଡ଼େନ, ୨୫।୧୧ (ଡ଼ି.ଏନ.ଏ):** ଭେଡ଼େନ ବ୍ଲକ କୁଡୋପାଲିରେ ହୋଇଥିବା ଅଷ୍ଟପ୍ରହର ନାମଯଜ୍ଞ ରବିବାର ଉଦଯାପିତ ହୋଇଛି । ଏହି ନାମଯଜ୍ଞରେ ରଞ୍ଜନ ପାଢ଼ୀ, ରିଙ୍କି ପାଢ଼ୀ, ରୁଦ୍ରଦେବ ସାହୁ, ସୁପ୍ରଭା ପ୍ରଧାନ, ମଙ୍ଗଲୁ ରଣା, ବନ୍ଦିତା ରଣା, ଉଜଳ ପ୍ରଧାନ, ଉଦିଆ ପ୍ରଧାନ ଏବଂ ସରୋଜ ପଶାୟତ ଓ ଲିପି ପଶାୟତ ପ୍ରମୁଖ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ମିନକେତନ ପୁରୋହିତ ପୂଜାର୍ଚ୍ଚନା କରିଥିଲେ । ଏଥିରେ ଝରାପାଲି ଓ ସାତୁପାଲିର ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ ।

■ କୃଷକ ସଙ୍ଗଠନର ଚେତାବନୀ

# ଧାନ ନ ଉଠିଲେ ଆନ୍ଦୋଳନ

**ବରଗଡ଼ ଅଫିସ/ପଦ୍ମପୁର,୨୫।୧୧**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଦହିତା ମଣ୍ଡିରେ ରବିବାର ରାଜବୋରାସମ୍ବର କୃଷକ ସଙ୍ଗଠନର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଶୋକ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ । ସଭାରେ ଚଳିତବର୍ଷର ଧାନ କିଣାବିକା ଉପରେ ଆଲୋଚନା ହୋଇଥିଲା । ପଦ୍ମପୁର ଉପଖଣ୍ଡରେ ଧାନ କିଣାବିକା ଅଚଳାବସ୍ଥା ଜାରି ରହିଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା । ମଣ୍ଡିରେ ସଂଗୃହୀତ ଧାନକୁ ତୁରନ୍ତ ଉଠା ନ ଗଲେ ସଙ୍ଗଠନ ରାଜରାସ୍ତାରେ ଧାନ ଗଦା କରିଆନ୍ଦୋଳନ କରିବ ବୋଲି ନିଷ୍ପତ୍ତି ନେଇଥିଲା । ପଦ୍ମପୁରକୁ ଜିଲା ଘୋଷଣା ଦାବିରେ ହେଉଥିବା ବନ୍ଦ ଆନ୍ଦୋଳନକୁ ରାଜବୋରାସମ୍ବର କୃଷକ ସଙ୍ଗଠନ ସମର୍ଥନ କରିବ ବୋଲି ସଭାରେ ଘୋଷଣା କରାଯାଇଥିଲା । ସେହିପରି ଆସନ୍ତା ୩୦ତାରିଖରେ ଦିଲ୍ଲୀରେ ହେବାକୁ ଥିବା ଅଖିଳ ଭାରତୀୟ କିଶାନ ରାଲିରେ ମଧ୍ୟ ସଙ୍ଗଠନର ପ୍ରତିନିଧିମାନେ ଯୋଗଦେବେ ବୋଲି ଆଲୋଚନା ହୋଇଥିଲା । ସଭାରେ ନାରାୟଣ ବେହେରା ଗତ ୯ତାରିଖରେ ଅନୁଷ୍ଠିତ ଋଣମୁକ୍ତି ସମାବେଶର ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ । ଏହା ସହିତ ସଙ୍ଗଠନର ଏକ ନୂତନ କୋର୍ କମିଟି ଗଠନ କରାଯାଇଥିଲା । ଏଥିରେ ବାଞ୍ଛାନିଧି ନାୟକ ସଭାପତି, ସନ୍ତୋଷ ବେହେରା ଉପସଭାପତି, ସୌକିଲାଲ ମେହେର ସମ୍ପାଦକ, ବିଶ୍ୱନାଥ ରଣା ସହ ସମ୍ପାଦକ, ନାରାୟଣ ବେହେରା କୋଷାଧ୍ୟକ୍ଷ, ରୋହିତ ପ୍ରଧାନ, କୈଳାସ ବାରିକ ଓ ଦହିତ ସାହୁ ସଂଯୋଜକ, ସୁରେଶ ଚାନ୍ଦ, ସୁଦାମ ଦାଶ ଆବାହକ ଏବଂ ଅଶୋକ କୁମାର ସାହୁ ପ୍ରବକ୍ତା ଭାବେ ମନୋନୀତ ହୋଇଥିଲେ । ବିରେନ ପ୍ରଧାନ, ଭୋଜରାଜ ଭୋଇ, ନୀଳକଣ୍ଠ ବୁଡ଼େକ, ଦାଶରଥୀ ହୋତା, ମୁକ୍ତେଶ୍ୱର ପଟେଲ, କୀର୍ତ୍ତି ମେହେର, ଦୁଷ୍ମନ୍ତ ପଟେଲ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।



ଝାରବନ୍ଧ ବ୍ଲକରେ ନୂତନ ଧାନମଣ୍ଡି ଉଦ୍‌ଘାଟନ କରାଯାଉଛି ।

## ୪ ନୂଆ ଧାନମଣ୍ଡି ଉଦ୍‌ଘାଟିତ

**ଝାରବନ୍ଧ, ୨୫।୧୧ (ଡି.ଏନ.ଏ)**

ଝାରବନ୍ଧ ବ୍ଲକ ଡଭା ସମବାୟ ସମିତି ଅଧୀନ ୪ଟି ନୂତନ ଧାନ ମଣ୍ଡି ରବିବାର ଉଦ୍‌ଘାଟିତ ହୋଇଛି । ଡଭା ସମବାୟ ସମିତିରେ ଅଧୀନରେ ଥିବା ଅନେକ ଗ୍ରାମ ପଞ୍ଚାୟତ ଦୂରତା ଦୃଷ୍ଟିରୁ ମଣ୍ଡିରେ ଧାନ ପକାଇବାରେ ଅସୁବିଧା ହେଉଥିଲା । ଏଥିପାଇଁ କନ୍ଦାଡଙ୍ଗର, କୁର୍ଲୁପାଲି ଓ ବିଳାସପୁରଠାରେ ନୂତନ ମଣ୍ଡି ପାଇଁ ଚାଷୀମାନେ ଦାବି କରିଆସୁଥିଲେ । ଗତବର୍ଷ କନ୍ଦାଡଙ୍ଗର ଓ କୁର୍ଲୁପାଲିରେ ନୂତନ ମଣ୍ଡି ହୋଇଥିବା ବେଳେ ଚଳିତ ବର୍ଷ ବିଳାସପୁରଠାରେ ନୂତନ ମଣ୍ଡିର ଉଦ୍‌ଘାଟନ ହୋଇଛି । ସମବାୟ ସମିତି ସଭାପତି ଭୋଜରାଜ ବାଗ, ସମ୍ପାଦକ ଗୋବିନ୍ଦ ସାହୁ କୁର୍ଲୁପାଲି, କନ୍ଦାଡଙ୍ଗର ଓ ବିଳାସପୁର ଧାନ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ । କୁର୍ଲୁପାଲିଠାରେ ସରପଞ୍ଚ ତୁକାରାମ ପଟେଲ, କନ୍ଦାଡଙ୍ଗରଠାରେ ଚାଷୀ ନେତା ପ୍ରମୋଦ କୁମାର ରାୟ, ବିଳାସପୁରଠାରେ ତୁଳାରାମ ଭୋଇ, ବଂଶୀଧର ନାଏକ, ସରପଞ୍ଚ ଚୈତରାମ ନାଏକ, ସମିତି ସଭ୍ୟ ଅଲେଖ ସାହୁ, ସୁନ୍ଦରମଣୀ ଷାଣ୍ଢ, ଦିଲୀପ ଭୋଇ, ଦିପ୍ତି କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ହକି ପାଇଁ ଦୌଡ଼ିଲେ ଯୁବ ବାହିନୀ



ଅଏଁଲାପାଲି ଗ୍ରାମପଞ୍ଚାୟତରେ ମିନି ମାରାଥନ ଚାଲିଛି ।

**ଭେଡ଼େନ, ୨୫।୧୧(ଡ଼ି.ଏନ.ଏ)**

ବିଶ୍ୱକପ୍ ହକି ପାଇଁ ହୋଇଥିବା ମିନି ମାରାଥନରେ ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମପଞ୍ଚାୟତର ଶତାଧିକ ବିଜୁ ଯୁବ ବାହିନୀର ସଦସ୍ୟମାନେ ରବିବାର ଭାଗ ନେଇଛନ୍ତି । ଅଏଁଲାପାଲି ଗ୍ରାମପଞ୍ଚାୟତର ଧୁବେନପାଲିରୁ ଡେନ୍ଥୁଲିଟିକ୍ରା ଦେଇ ଅଏଁଲାପାଲି ପର୍ଯ୍ୟନ୍ତ ହୋଇଥିବା ଏହି ମିନି ମାରାଥନରେ ଋଷଭ ବେହେରା ପ୍ରଥମ, ଆଶିଷ ବେହେରା ଦ୍ୱିତୀୟ ଏବଂ ହରିବୋଲ ଠାଟି ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ଯୁବନେତା ସୁରେନ୍ଦ୍ର କର୍ମି ଅତିଥି ଭାବେ ଯୋଗ ଦେଇଥିଲେ । ଯୁବ ବାହିନୀ ସଭାପତି ମନୋଜ ବେହେରା, ସମ୍ପାଦକ କୀର୍ତ୍ତନ ବରିହା, ପ୍ରହଲ୍ଲାଦ ବେହେରା, ଯଯାତି ଦାଶଙ୍କ ସମେତ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ । ସେହିପରି ପପଙ୍ଗା ଗ୍ରାମପଞ୍ଚାୟତର ପପଙ୍ଗା ଫୁଟବଲ ପଡ଼ିଆରୁ ଆରମ୍ଭ ହୋଇଥିବା ଏହି ଦୌଡ଼ ପପଙ୍ଗା, ରିଷାମୁଣ୍ଡା, ଗଣ୍ଡିଆପାଲି, ଆଖିଫୁଟା ଆଦି ଗ୍ରାମ ପରିକ୍ରମା କରିଥିଲା । ଅନୁରୂପ ଭାବେ କୁବେଡ଼େଗାରେ ଲିମଟିକ୍ରାରୁ କୁବେଡ଼େଗା, ଡ଼ାଳବ କଲ୍ୟାଣ ମଣ୍ଡପରୁ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ଏହି ଦୌଡ଼ ହୋଇଥିବା ବେଳେ ଅନ୍ୟ ଗ୍ରାମପଞ୍ଚାୟତ ଗୁଡ଼ିକରେ ମଧ୍ୟ ମିନି ମାରାଥନ ଆୟୋଜିତ ହୋଇଥିଲା ।

## କ୍ରିକେଟ: ରୟାଲ ଟାଇଟାନ୍ସ ଚାମ୍ପିୟନ

**ବରଗଡ଼ ଅଫିସ,୨୫।୧୧**

ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନ ଅନ୍ତର୍ଗତ ବିକାଶ ଟେକ୍ନିକାଲ କ୍ୟାମ୍ପସରେ ଛାତ୍ରାବାସର ଅନ୍ତେବାସୀଙ୍କ ମଧ୍ୟରେ ଯଦୁମଣି ଶେଖର ବାଢ଼ା ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୧୦ଦିନ ଧରି ଏହି ପ୍ରତିଯୋଗିତା ଚାଲିଥିଲା। ଏଥିରେ ୬ଟି ଦଳ ଅର୍ଥାତ୍ ବ୍ଲକ ପାନ୍ଥର୍ସ, ରୟାଲ ଟାଇଟାନ୍ସ, ଆଶା କିରନ, ରାଇଜିଂ ଷ୍ଟାର, ଡିପ୍ଲୋମା ଚ୍ୟାଲେଞ୍ଜର୍ସ ଏବଂ ରୟାଲ ୱାରିୟର ଦଳ ଅଂଶଗ୍ରହଣ କରିଥିଲେ । ବିକାଶ ଗ୍ରୁପର ଡାଇରେକ୍ଟର (ଏଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ବ୍ଲକ ପାନ୍ଥର୍ସ ଏବଂ ରୟାଲ ଟାଇଟାନ୍ସ ଫାଇନାଲକୁ ଉନ୍ନୀତ ହୋଇଥିଲେ। ଫାଇନାଲରେ ରୟାଲ ଟାଇଟାନ୍ସ ଚାମ୍ପିୟନ ହୋଇଥିଲା। ଉଦଯାପନୀ ସମାରୋହରେ ବିକାଶ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କାର ପ୍ରଦାନ କରିଥିଲେ । ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ସ୍କୁଲ ଅଫ ବିଜିନେସ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଡଃ କ୍ଷୀରୋଦ ପ୍ରଧାନ, ବିକାଶ ଡିଗ୍ରୀ କଲେଜର ଉପାଧ୍ୟକ୍ଷା ପୁଷ୍ପିତା ପଣ୍ଡା, କ୍ରୀଡ଼ା ପ୍ରଶିକ୍ଷକ ପିତାମ୍ବର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ବିକାଶ ସ୍କୁଲ ଅଫ ବିଜିନେସ ମ୍ୟାନେଜମେଣ୍ଟର କୋ ଅର୍ଡ଼ିନେଟର ଆର.ଏସ.ଭି କ୍ରୀଷ୍ଣା ଏବଂ ସ୍ପୋର୍ଟ୍ସ କୋର୍ଡ଼ିନେଟର ଆଦିତ୍ୟ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବିକାଶ ଟେକ୍ନିକାଲ କ୍ୟାମ୍ପସର ଅଧ୍ୟାପକ ସମୁହ ଏବଂ ଛାତ୍ରାବାସ ଅନ୍ତେବାସୀମାନେ ସହଯୋଗ କରିଥିଲେ ।

## ରାହାସ ଯାତ୍ରା ଉଦ୍‌ଯାପିତ



ଗାଇସିଲେଟ ବ୍ଲକ ନୂଆପାଲିରେ କଂସ ମାରେନ ଯାତ୍ରା ଚାଲିଛି ।

**ଗାଇସିଲେଟ,୨୫।୧୧(ଡ଼ି.ଏନ.ଏ)**

ଗାଇସିଲେଟ ବ୍ଲକ ନୂଆପାଲିରେ ରବିବାର ରାହାସ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ପରମ୍ପରା ଅନୁସାରେ ଅକ୍ରୁର ସହିତ ରାମକୃଷ୍ଣଙ୍କ କଂସ ମାରେନ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମରେ ରାଜଅତିଥି ଭାବେ ଗାଇସିଲେଟ ବ୍ଲକ ଉପାଧ୍ୟକ୍ଷ ପ୍ରଣୟ କୁମାର ସାହୁ, ସରପଞ୍ଚ ସଞ୍ଜୀବ କୁମାର ଭୋଇ ଓ ଗୌନ୍ତିଆ କୃଷ୍ଣଲାଲ ମହଲା, ଯାତ୍ରା କମିଟି ସଭାପତି ଗୌରହରି ଭୋଇ ପ୍ରମୁଖ ଯୋଗଦାନ କରିଥିଲେ । ସାଂସ୍କୃତିକ ଅନୁଷ୍ଠାନ କଳାଜୀବୀର କଳାକାରମାନେ କଳା ପ୍ରଦର୍ଶନ କରିଥିଲେ ।

## ସ୍ୱାସ୍ଥ୍ୟ, ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ

**ବରଗଡ଼ ଅଫିସ,୨୫।୧୧**

ବରଗଡ଼ ପୌର ପରିଷଦ ଅଧିନ ୱାର୍ଡ଼ ନଂ-୧୯ କ୍ଷେତ୍ରଶନପଡ଼ାରେ ରବିବାର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ତଥା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ ହୋଇଛି । ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ଏମପି ଡଃ ପ୍ରଭାସ ସିଂ, ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବିଧାୟକ ଦେବେଶ ଆଚାର୍ଯ୍ୟ, ପୌରାଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ଉପାଧ୍ୟକ୍ଷା କଳ୍ପନା ମାଝି ଏବଂ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ସ୍ଥାନୀୟ ଲୋକେ ଉପକୃତ ହେବେ ଏବଂ ଏଠାରେ ଅଞ୍ଚଳବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ ବୋଲି ମଞ୍ଚାସୀନ ଅତିଥିମାନେ କହିଥିଲେ ।

■ ଜାରିଂରେ ରାହାସ ଯାତ୍‌ରା ମହୋଛବ୍

# ଓଡ଼ିଶୀ, ଲୋକ୍‌ନାଚ୍‌ରେ ଦେଖନହାରି ବିଭୋର

**ବିଜେପୁର, ୨୫।୧୧ (ଡି.ଏନ.ଏ)**

ବରଗଡ ଜିଲା ବିଜେପୁର ବ୍ଲକ୍ ଜାରିଂ ଗାଁରେ ହପ୍‌ତେ ଧରି ଚାଲିଥିବାର ରାହାସ ଯାତ୍‌ରା ମହୋଛବ୍ ଶନିବାର ଅଧ୍‌ରାତିରେ ଉଦ୍‌ଯାପିତ ହେଇଯାଇଛେ। ପରମ୍ପରା ଅନ୍‌ସାରେ ବିଜେପୁର ଜମିଦାର ବଂଶର ଦାୟାଦ ସନତ କୁମାର ଗଡ଼ତିଆ କର୍‌ତା ଆର୍ ଅଚ୍ୟୁତାନନ୍ଦ ପୂଜାରୀ ପୁରୋହିତ କାମ୍ ତୁଲେଇଥିଲେ। ଫିଦିନ୍ ବେଲବୁଡେ ଗୋପେଶ ବେହେରା, ଘନଶ୍ୟାମ ନାଗ, ହେମନ୍ତ ବାଗ ଆର୍ ସାଥିମାନେ ସଞ୍ଚାର ପରିବେଷନ୍ କରିଥିଲେ। ଇ ଅବ୍‌ଛରରେ ଭିନେ ଭିନେ ଦିନ୍‌ମାନ୍‌କେ ରଂଗାରଂଗ ସାଂସ୍କୃତିକ୍ କାୟକ୍‌ରମ ପରିବେଷିତ୍ ହେଇଥିଲା। ସାଂସ୍କୃତିକ୍ ମଡ଼ପ୍‌ନେ ପହେଲା ଦିନର କାୟକରମକେ ବ୍ଲକ୍ ଅଧକ୍ଷା ମାନିନୀ ଭୋଇ କୁନୁଆଁ ହିସାବେ ଯୋଗ୍‌ଦେଇ ଉଦ୍‌ଘାଟନ କରିଥିଲେ। ଶନିବାର ଉଦ୍‌ଯାପନୀ ସମାରୋହଥି ବିଧାୟିକା ରୀତା ସାହୁ, ଏମ୍‌ପି ପ୍ରଭାସ କୁମାର ସିଂହ କୁନୁଆଁ ହିସାବେ ଯୋଗ୍‌ଦେଇଥିଲେ।





ବିଜେପୁର ବ୍ଲକ

ନୃତ୍ୟ ସାଧନା ଏକାଡେମୀର କଳାକାର ଓଡ଼ିଶୀ ନାଚ୍ ପରିବେଷନ୍ କରୁଛନ୍।

ଭୁବନେଶ୍ୱରର ନୃତ୍ୟ ସାଧନା ଡାନ୍ସ ଏକାଡେମୀ, ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନ, ଟାଙ୍ଗରୁପଦରର ସୁର ଝଙ୍କାର, ଗାଇସିଲେଟ ଭୁତିଏରବାହାଲର ଅହିଂସା କ୍ଲବ୍, ତେଲମହୁଲର ସମଲେଶ୍ୱରୀ ଦାଣ୍ଡିଆ ପାର୍ଟି ଲୋକ୍‌ନାଚ୍ ପରିବେଷନ୍ କରିଥିଲେ। ସେନ୍‌ତା ଥାନୀୟ ରାଞ୍ଜି ନଦୀଖଁଡ଼ିନେ ଶୁକୁରବାର ଆର୍ ଶନିବାର ଦୁଇଦିନ୍ ଧରି ବାଲିଯାତ୍‌ରା ଅନୁଷ୍ଠିତ୍ ହେଇଥିଲା। ଇ ଯାତ୍‌ରାରେ ଲୁକ୍‌କର ବଡ଼ଭାରି ଭିଡ଼୍ ଦେଖିବାକେ ମିଳିଥିଲା, ସେଥିରଲାଗି ଉଠାଦୁକାନୀ, ଚାଟ, ଗୁପ୍‌ଚୁପ୍, ଦହିବରା ବିକାଳିମାନେ ଭଲ୍ ଦୁଇପଏସା ରୁଜ୍‌ଗାର କରିଥିଲେ। ସଭାପତି ସନାନନ୍ଦ ପୂଜାରୀ, ସମ୍ପାଦକ ଜୟନ୍ତ ପଧାନ, କୋଷାଧକ୍ଷ ତରଣୀ ସାହୁ ସମେତ ୱାର୍ଡ ସଭ୍ୟାସଭ୍ୟମାନେ ଯାତ୍‌ରା ପରିଲାଚନାରେ ସହଯୋଗ କରିଥିଲେ।

## ସମଲେଶ୍ୱରୀଙ୍କୁ ଦର୍ଶନ କଲେ କଂସ ମହାରାଜ

**ବରଗଡ଼ ଅଫିସ,୨୫।୧୧**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବରେ କ୍ରମାଗତ ଦ୍ୱିତୀୟବର୍ଷ ପାଇଁ କଂସ ମହାରାଜ ଅଭିନେତା ଭାବେ ମନୋନୀତ ହେବା ପରେ ରବିବାର ସର୍ଲା ଗ୍ରାମର ଭୁବନେଶ୍ୱର ପ୍ରଧାନ ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀ ଦେବୀଙ୍କ ଦର୍ଶନ କରିଥିଲେ । ଭୁବନେଶ୍ୱରଙ୍କ ସହିତ ପଶ୍ଚିମ ଓଡ଼ିଶା ଧନୁଯାତ୍ରା କଳାକାର ସଂଘ ସଭାପତି ଦୟାନିଧି ପ୍ରଧାନ ଏବଂ ତାଙ୍କ ଶୁଭେଚ୍ଛୁମାନେ ଉପସ୍ଥିତ ଥିଲେ । ଉଲ୍ଲେଖନୀୟ, ଗତବର୍ଷ କଂସ ଚୟନ ପ୍ରକ୍ରିୟାରେ ୨୨ଜଣ କଳାକାରଙ୍କୁ ପଛରେ ପକାଇ ଭୁବନେଶ୍ୱର କଂସ ମନୋନୀତ ହୋଇଥିଲେ । ଥରେ ମନୋନୀତ ହେବା ପରେ ଧନୁଯାତ୍ରା ମହୋତ୍ସବ ସମିତିର କୌଣସି ନିୟମ ଉଲ୍ଲଂଘନ କରି ନ ଥିଲେ ମନୋନୀତ କଂସ ଅଭିନେତା କ୍ରମାଗତ ୩ବର୍ଷ ଅଭିନୟ କରି ପାରିବେ ବୋଲି ସମିତି ନିଷ୍ପତ୍ତି ନେଇ ସାରିଛି । ଗତ ଧନୁଯାତ୍ରାରେ ଭୁବନେଶ୍ୱର କଂସ ଭୂମିକାରେ ଅଭିନୟ କରିଥିଲେ ମଧ ଆସନ୍ତା ଧନୁଯାତ୍ରାରେ ତାଙ୍କ ଅଭିନୟକୁ ନେଇ ନାନା କଳ୍ପନାଜଳ୍ପନା ଦେଖାଯାଇଥିଲା । କଂସ ବଦଳି ପାଇଁ କିଛି ଲୋକ ଲବି କରିବାକୁ ମଧ୍ୟ ପଛାଇ ନ ଥିଲେ । ମାତ୍ର ଶନିବାର ଅନୁଷ୍ଠିତ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଧନୁଯାତ୍ରା ମହୋତ୍ସବ ସମିତି ସଭାପତି ତଥା ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଆସନ୍ତା ଧନୁଯାତ୍ରାରେ କଂସ ଅଭିନେତା ବଦଳିବେ ନାହିଁ । ପୁଣି ଭୁବନେଶ୍ୱର ସେହି ଭୂମିକାରେ ଅଭିନୟ କରିବେ ବୋଲି ସ୍ପଷ୍ଟ କରିଦେବା ପରେ କଂସ ଲବି ଫସର ଫାଟି ଯାଇଥିଲା ଏବଂ ଲବି ପଛରେ ଦୌଡୁଥିବା ଲୋକଙ୍କୁ ନିରାଶ ହେବାକୁ ପଡ଼ିଥିଲା ।



କଂସ ଅଭିନେତା ସମଲେଶ୍ୱରୀଙ୍କ ଦର୍ଶନ କରୁଛନ୍ତି ।

## ଚକୁଲିକୁ ହରାଇ ଲସ୍ତଲା ଚାମ୍ପିୟନ

**ସରଣ୍ଡା,୨୩।୧୧(ଡ଼ି.ଏନ୍.ଏ)**

ଅତାବିରା ବ୍ଲକ ସରଣ୍ଡା ପଞ୍ଚାୟତ ହାଇସ୍କୁଲ ପଡ଼ିଆରେ ଚକୁଲି ମାଁ ପଥେଇ ଦୁର୍ଗା କ୍ଲବ ପକ୍ଷରୁ ରବିବାର ଆୟୋଜିତ ଗ୍ରାମାଞ୍ଚଳ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ ଲସ୍ତଲା ଏକାଦଶ ଘରୋଇ ଚକୁଲିକୁ ହରାଇ ଚାମ୍ପିୟନ ହୋଇଛି । ପ୍ରଥମ ସେମିଫାଇନାଲରେ ଚକୁଲି ଡୁମ୍ବେରମୁଣ୍ଡାକୁ ଓ ଦ୍ୱିତୀୟ ସେମିଫାଇନାଲରେ ଲସ୍ତଲା ଦଳ ନିଲେଇପାଲିକୁ ଟାଇବ୍ରେକରରେ ହରାଇ ଫାଇନାଲ ମ୍ୟାଚ୍ ଖେଳିଥିଲେ। ଫାଇନାଲ ଖେଳରେ ଉଭୟ ଚକୁଲି ଓ ଲସ୍ତଲା ଦଳ କେହି କାହାରିକୁ ଗୋଲ ସ୍କୋର କରି ନ ପାରିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା । ଏଥିରେ ଲସ୍ତଲା ଏକାଦଶ ଚକୁଳିକୁ ୩-୦ ଗୋଲ ସ୍କୋର କରି ଚାମ୍ପିୟନ ହୋଇଥିଲେ । ଏହି ଅବସରରେ ଯୁଧିଷ୍ଠିର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ସାମାଜିକ କର୍ମୀ ଗୋବିନ୍ଦ ନାଗ ମୁଖ୍ୟଅତିଥି, ଉଜ୍ଜ୍ୱଳ ଅନୁଷ୍ଠାନର ସୁଧାଂଶୁ ତ୍ରିପାଠୀ, ଝାରୁ ସାହୁ, ଚକୁଳି ଗ୍ରାମ କମିଟି ସଭାପତି ଧିରେନ୍ଦ୍ର ଲାଲ ସିଂହଦେଓ, ଶଙ୍କର ପ୍ରଧାନ, ନରେନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଚାମ୍ପିୟନ ଓ ଉପବିଜେତା ଦଳକୁ ଟ୍ରଫି ଓ ନଗଦ ରାଶି ଦେଇ ସମ୍ମାନିତ କରିଥିଲେ ।





ଫୁଟବଲ ପ୍ରତିଯୋଗିତାର ବିଜେତା ଓ ଉପବିଜେତା ଦଳର ଖେଳାଳିଙ୍କ ସହ ଅତିଥି ।

## ଉଦେପୁରରେ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ଅତାବିରା/ଭେଡେନ, ୨୫।୧୧ (ଡି.ଏନ.ଏ)**

ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତର ଉଦେପୁର ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ବିଜୁ ଯୁବ ବାହିନୀ ପକ୍ଷରୁ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜୁ ଜନତା ଦଳର ପ୍ରମୋଦ ଦନ୍ତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ଗୌନ୍ତିଆ ମଦନମୋହନ ଦାଶ, ସରପଞ୍ଚ ସୁଶାନ୍ତ ସାହୁ, ପୂର୍ବତନ ସରପଞ୍ଚ ଅରବିନ୍ଦ ହୋତା, ସରପଞ୍ଚ ପ୍ରତିନିଧି ସାନନ୍ଦ ତନସନା, ସଂକୀର୍ତ୍ତା ସେବା ସମବାୟ ସମିତି ସଭାପତି ସତ୍ୟଜିତ ପୁରୋହିତ, ସମିତି ସଭ୍ୟା ପ୍ରତିନିଧି ବାସୁଦେବ ପଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଏହି ଅବସରରେ ଅଗ୍ରଣୀ ଚାଷୀ ବୃନ୍ଦାବନ ପଣ୍ଡା, ଦେଶପର୍ଥଲା କରମସାନୀର କାହ୍ନୁଚରଣ ସେଠ, ଶିକ୍ଷକ ଝସକେତନ ମେହେରଙ୍କୁ ସମ୍ମାନୀତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଜୁ ଯୁବ ବାହିନୀ ସଭାପତି ଶୁଭେନ୍ଦୁ ଦାଶ, ସମ୍ପାଦକ ବ୍ୟାସଦେବ ଝାଙ୍କର, ଝୁନୁ ଝାଙ୍କର, ନିର୍ମଳ ଦନ୍ତା, ଭରତ ମହାପାତ୍ର, ମାନଭଞ୍ଜନ ଦନ୍ତା ପ୍ରମୁଖ ସହଯୋଗ କରିଥିଲେ ।





## ସଂକ୍ଷେପରେ



### ଶୀତବସ୍ତ୍ର, ଭତ୍ତା ବଣ୍ଟନ

**ବୌଦ୍ଧ,୨୫।୧୧(ସ୍ୱ.ପ୍ର):** ବୌଦ୍ଧ ଜିଲାର ବିଭିନ୍ନ ସ୍ଥାନରେ ସମାଜସେବୀ ମାତାଦିନ ଅଗ୍ରୱାଲା ଓ ତାଙ୍କ ସ୍ତ୍ରୀ ଗୋଦାବରୀ ଦେବୀଙ୍କ ପକ୍ଷରୁ ଶୀତବସ୍ତ୍ର ଓ ଭତ୍ତା ବଣ୍ଟନ କରାଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ସୀତାଂଶୁ କୁମାର ରାଉତ ଓ ସମ୍ମାନୀତ ଅତିଥି ଭାବେ ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ ଯୋଗ ଦେଇଥିଲେ । ପ୍ରଥମେ ସହରର ନିକଟସ୍ଥ ସେବା ବିହାର ଠାରେ ୭୦ ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କୁ କମ୍ବଳ ବଣ୍ଟନ କରିଥିଲେ । ହରଭଙ୍ଗା ବ୍ଲକର ବୀରନରସିଂହପୁର ସ୍ଥିତ ରାମକୃଷ୍ଣ ବାଳାଶ୍ରମରେ ୭୦ ଜଣ ଛାତ୍ରୀଛାତ୍ରଙ୍କୁ ମଧ କମ୍ବଳ ବଣ୍ଟନ କରାଯାଇଥିଲା। ଶେଷରେ ଚାରିଛକ ନିକଟସ୍ଥ ଝାଡରାଜିଙ୍ଗ ଠାରେ ଥିବା ଜରାନିବାସ (ବୃଦ୍ଧାଶ୍ରମ)ର ଅନ୍ତେବାସୀମାନଙ୍କୁ ବସ୍ତ୍ର ବଣ୍ଟନ ହୋଇଥିଲା । ଜରାଶ୍ରମଠାରେ ଗୋଲାପୀ ମେହେରଙ୍କୁ ମାସିକ ୩୦୦ ଟଙ୍କା ଭତ୍ତା ପ୍ରଦାନ କରାଯାଇଥିଲା। ରାଧେଶ୍ୟାମ ଅଗ୍ରୱାଲା, ସଞ୍ଜୀବ ଅଗ୍ରୱାଲା, ଲାଲା ଅଗ୍ରୱାଲା, ସଜ୍ଜନ ଅଗ୍ରୱାଲା ଓ ଶଶାଙ୍କ ଶେଖର ମିଶ୍ର ଉପସ୍ଥିତ ଥିଲେ ।

# ହକି ବିଶ୍ୱକପ୍ ପାଇଁ ମିନି ମାରାଥନ

ବୌଦ୍ଧ,୨୫।୧୧(ସ୍ୱ.ପ୍ର)

ଆସନ୍ତା ୨୯ ତାରିଖରେ ଭୁବନେଶ୍ୱରଠାରେ ପୁରୁଷ ହକି ବିଶ୍ୱକପ୍ ଆରମ୍ଭ ହେବାକୁ ଯାଉଥିବା ବେଳେ ଏହି ଖେଳକୁ ପ୍ରଚାର ଓ ପ୍ରସାର କରିବା ପାଇଁ ବିଜୁ ଯୁବବାହିନୀ ପକ୍ଷରୁ ମିନି ମାରାଥନ ରବିବାର ଅନୁଷ୍ଠିତ ହୋଇଛି। ଏହି କ୍ରମରେ ବୌଦ୍ଧ ଜିଲା ପ୍ରଶାସନ ଓ ବିଜୁ ଯୁବ ବାହିନୀ ପକ୍ଷରୁ ସକାଳ ୯ ଟା ସମୟରେ ଏକ ମିନି ମାରାଥନ କରାଯାଇଥିଲା । ଏହାକୁ ବୌଦ୍ଧ ଜିଲାପାଳ ସୀତାଂଶୁ କୁମାର ରାଉତ ସବୁଜ ପତକା ଦେଖାଇ ଶୁଭାରମ୍ଭ କରିଥିଲେ । ମାରାଥନ ସହରର ବ୍ରିଜ ଛକ ଠାରୁ ଦୀର୍ଘ ୫ କିମି ଷ୍ଟାଡିୟମ ପର୍ଯ୍ୟନ୍ତ ଆସିଥିଲା। ଷ୍ଟାଡିୟମ ପରିସରରେ ଏକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ମିନି ମାରାଥନରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଟ୍ଟନାୟକ, ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ, ସୂଚନା ଲୋକସମ୍ପର୍କ ଅଧିକାରୀ ଶିଶିର ସାହୁ, କ୍ରୀଡା ଅଧିକାର ପବିତ୍ର ରାଉତ ସାମିଲ ହୋଇଥିଲେ । ଏହି ମାରାଥନରେ ବହୁ ଛାତ୍ରୀଛାତ୍ର, ବିଜୁ ଯୁବ ବାହିନୀ ସଦସ୍ୟ ଓ ବୁଦ୍ଧିଜୀବୀମାନେ ଅଂଶଗ୍ରହଣ କରିଥିଲେ। ସେହିପରି ଗୁଡଭେଲିପଦର ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ହକି ପାଇଁ ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୮୫ ଜଣ ପ୍ରତିଯୋଗୀ ଭାଗ ନେଇ ଗୁଡଭେଲିପଦର ବସଷ୍ଟାଣ୍ଡ ଠାରୁ ମେହେରୁଣୀ ନଦୀ ପର୍ଯ୍ୟନ୍ତ ଦୌଡିଥିଲେ। ପୁରୁଣାପାଣି ଗ୍ରାମର ବିଭୂତି ନାଏକ ପ୍ରଥମ, ଗୁଡଭେଲିପଦର ଗ୍ରାମର ସାରଙ୍ଗଧର ମହାକୁଡ ଦିତୀୟ ଓ ତୃତୀୟ ସ୍ଥାନରେ ଉଚ୍ଚବାହାଲି ଗ୍ରାମର କେଶନ ଭୋଇ ରହିଥିଲେ । ସରପଞ୍ଚ ପ୍ରତିନିଧି ରବିନାରାୟଣ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିବା ସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଗୌରୀଶଙ୍କର ନାଏକ, ରାଜାରାମ ମାହାଣ ସହଯୋଗ କରିଥିଲେ ।



ମାରାଥନକୁ ଜିଲାପାଳ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି ।

**ଘଣ୍ଟାପଡା, (ଡି.ଏନ.ଏ):** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡା ଗ୍ରାମପଞ୍ଚାୟତର ବିଜୁ ଯୁବବାହିନୀ ଦ୍ୱାରା ସ୍କୁଲ ଛାତ୍ରୀଛାତ୍ର, ଅଭିଭାବକ ଓ ବିଜୁ ବାହିନୀଙ୍କ ଦ୍ୱାରା ହକି ପାଇଁ ମାରାଥନ ଦୌଡ ଅନୁଷ୍ଠିତ ହୋଇଯାଇଛି । ରବିବାର ମାଁ ସମଲେଶ୍ୱରୀ ମନ୍ଦିରରୁ ଦୀପ ପ୍ରଜ୍ୱଳନ କରି ସରପଞ୍ଚ ଜିତେନ୍ଦ୍ର ପ୍ରସାଦ ଦେହୁରୀ ପ୍ରଥମେ ପତାକା ଦେଖାଇ ମାରାଥନ ଦୌଡ ଆରମ୍ଭ କରିଥିଲେ । ପରେ ଏକ ସଭାରେ ମୁଖ୍ୟଅତିଥି ଦେହୁରୀ, ସମ୍ମାନୀତ ଅତିଥି ଗଣମାଧ୍ୟମ ପ୍ରତିନିଧି ପ୍ରଭାତ କୁମାର ସାହୁ ଓ ସହକାରୀ ଶିକ୍ଷକ ଦେବବ୍ରତ ବେହେରା ପ୍ରମୁଖ ଯୋଗଦେଇ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ । ବିଜୁ ଯୁବ ବାହିନୀ ସଭାପତି ଶ୍ରବଣ କୁମାର ଦେହୁରୀ ସଭା ପରିଚାଳନା କରିଥିବା ବେଳେ ସଭ୍ୟ ଜ୍ୟୋତିରଞ୍ଜନ ବିଶି ଧନ୍ୟବାଦ ଅର୍ପଣ କରିଥିଲେ ।




ବୌଦ୍ଧ ଜିଲା ଘଣ୍ଟାପଡା ଅଞ୍ଚଳରେ ବିଜୁ ଯୁବ ବାହିନୀ ସଦସ୍ୟମାନେ ହକି ବିଶ୍ୱକପ୍ ପ୍ରଚାର ପାଇଁ ମାରାଥନ ଦୌଡରେ ବାହାରିଛନ୍ତି ।

# ପଦ୍ମନପୁରରେ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ

ଜହ୍ନାପଙ୍କ, ୨୫।୧୧ (ଡି.ଏନ.ଏ)

ବୌଦ୍ଧ ବ୍ଲକ ଅନ୍ତର୍ଗତ ପଦ୍ମନପୁର ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟଠାରେ ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ ବାହିନୀ ସଭାପତି ରମେଶ ଚନ୍ଦ୍ର ଦେହୁରୀଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ପଦ୍ମନପୁର ସରପଞ୍ଚ ପ୍ରତାପ କିଶୋର ପରିଡା, ସମ୍ମାନୀତ ଅତିଥି ଭାବେ ବୌଦ୍ଧ ବ୍ଲକ ସରପଞ୍ଚ ସଂଘ ସଭାପତି ବିଦ୍ୟାଧର ସ୍ୱାଇଁ, ସମିତି ସଭ୍ୟ ସୁଶୀଲ ଦୀପ, ସୁଧାଂଶୁଶେଖର ମିଶ୍ର ଯୋଗଦେଇ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ରାଜେଶ୍ୱର କଲତା ସ୍ୱାଗତ ଭାଷଣ ଦେଇଥିଲେ । ଏହାପରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶେଷରେ କୃତୀ ପ୍ରତିଭାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ସମ୍ପାଦକ ରାଧାକାନ୍ତ ଭୋକ୍ତା, କୋଷାଧକ୍ଷ ସୁରୁବାବୁ ଭୋଇ, ସତ୍ୟବାନ ପ୍ରଧାନ, ଅବକାଶ ସାହୁ, ଦିନେଶ ଭୋକ୍ତା, ଜିତେନ୍ଦ୍ର ବେହେରା, ବସନ୍ତ ପ୍ରଧାନ, ହେମାନନ୍ଦ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ । ପୂର୍ବରୁ ବିଜୁ ଯୁବ ବାହିନୀ ପକ୍ଷରୁ ବିଶ୍ୱକପ୍ ହକି ପାଇଁ ଏକ ମାରାଥନ ଗଣଦୌଡ ହୋଇଥିଲା । ଏହି ଗଣଦୌଡ ଦାମୋଦର ମନ୍ଦିରଠାରୁ ୫କିମି ପର୍ଯ୍ୟନ୍ତ ହୋଇଥିଲା । ଏଥିରେ ବିଜୁ ଯୁବ ବାହିନୀର ସମସ୍ତ ସଭ୍ୟ ଯୋଗ ଦେଇଥିଲେ ।

## ■ ଦୁଇ ରାସ୍ତାର ଶିଳାନ୍ୟାସ

# ବଲାଙ୍ଗୀରରୁ ଫୁଲବାଣୀ ୭୦ କି.ମି. ଦୂରତା କମିବ

କଣ୍ଟାମାଳ/ବାଉଁଶୁଣୀ,୨୫।୧୧ (ଡି.ଏନ.ଏ)

ବୌଦ୍ଧ ଜିଲା କଣ୍ଟାମାଳ ବିଧାୟକ ମହୀଧର ରଣା ରବିବାର କଣ୍ଟାମାଳ ନିକଟସ୍ଥ ମଲ୍ଲିକୁଦଠାରେ ମଲ୍ଲିକୁଦ-ବୁଢାଖୋଲ ଓ ବାଉଁଶୁଣୀଠାରେ ବାଉଁଶୁଣୀ-ଗୁନ୍ଦଲିଆ ରାସ୍ତାର ଶିଳାନ୍ୟାସ କରିଛନ୍ତି । ଏହା ମଧ୍ୟରୁ ମଲ୍ଲିକୁଦ-ବୁଢାଖୋଲ ରାସ୍ତାର ନିର୍ମାଣ ପରେ ବଲାଙ୍ଗୀରଠାରୁ ଫୁଲବାଣୀର ଦୂରତ୍ୱ ୭୦ କ.ମି. କମିବ । ଏହି କାର୍ଯ୍ୟକ୍ରମରେ ଜିଲାପାଳ ସୀତାଂଶୁ ଶେଖର ରାଉତ ଏବଂ ରାସ୍ତା ଓ କୋଠାବାଡି ନିର୍ମାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ । ମଲ୍ଲିକୁଦ-ବୁଢାଖୋଲ ରାସ୍ତା ୧୩.୨ କି.ମି ଏବଂ ପ୍ରକଳ୍ପ ମୂଲ୍ୟ ୫୯୦.୫୭ ଲକ୍ଷ ଟଙ୍କା ରହିଛି। ଏହି ରାସ୍ତା ନିର୍ମାଣ ପରେ କଣ୍ଟାମାଳର ତେଲନଦୀ ପୋଲ ଦେଇ ବଲାଙ୍ଗରଠାରୁ ଫୁଲବାଣୀ ଓ ବ୍ରହ୍ମପୁରକୁ ଯୋଗାଯୋଗ ସମ୍ଭବ ହୋଇ ପାରିବ । ଏହା ସହିତ କଳାହାଣ୍ଡି ଜିଲାର ଅନେକ ଅଞ୍ଚଳରୁ କନ୍ଧମାଳ ଜିଲାକୁ ଯୋଗାଯୋଗ ସୁଗମ ହୋଇ ପାରିବ । ବୁଢାଖୋଲଠାରୁ ଏହି ରାସ୍ତା ହେଇଁ ଗୋଛାଗୋରା, ଫିରିଙ୍ଗିଆ ହୋଇ ଫୁଲବାଣୀରେ ଯାନବାହନ ପହଞ୍ଚି ପାରିବ। ଅନ୍ୟପକ୍ଷରେ ବାଉଁଶୁଣୀ-ଗୁନ୍ଦଲିଆ ରାସ୍ତାର ପ୍ରକଳ୍ପ ଅନୁମୋଦନ ମୂଲ୍ୟ ୬୭୧.୮୮ ଲକ୍ଷ ଟଙ୍କା ରହିଛି । ଏହି ୧୪ .୨ କି.ମି ଦୂରତା ରାସ୍ତା ନିର୍ମାଣ ହେବା ପରେ ବାଉଁଶୁଣୀଠାରୁ ଶଗଡା ଦେଇ କଣ୍ଟାମାଳ ଓ ବଘିଆପଡା ଅଞ୍ଚଳକୁ ଯୋଗାଯୋଗ ସୁଗମ ହୋଇ ପାରିବ। ଆଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳକୁ ଗମନାଗମନ ସୁବିଧା ହେବ ବୋଲି ବିଭାଗ ସୂଚନା ଦେଇଛି ।



ବିଧାୟକଙ୍କ ଦ୍ୱାରା ରାସ୍ତାର ଶିଳାନ୍ୟାସ କରାଯାଉଛି ।

## ମନମୁଣ୍ଡା ରେଞ୍ଜରେ ହାତୀପଲ

ମନମୁଣ୍ଡା, ୨୫।୧୧ (ଡି.ଏନ.ଏ)

ବୌଦ୍ଧ ଜିଲା ମନମୁଣ୍ଡା ରେଞ୍ଜକୁ ଶନିବାର ହାତୀପଲ ପ୍ରବେଶ କରିଛନ୍ତି । ମାଈ ହାତୀ ସହ ଛୋଟ ଛୁଆ ଥିବା ଏକ ପଲ ଶନିବାର ସୁବର୍ଣ୍ଣପୁର ଜିଲା ପଟରୁ ତେଲନଦୀ ପାର ହୋଇ ମନମୁଣ୍ଡା ରେଞ୍ଜ ରତାଖଣ୍ଡି କଙ୍କାଳୀପାହାଡ ସଂରକ୍ଷିତ ଜଙ୍ଗଲକୁ ପ୍ରବେଶ କରିଥିଲେ। ସ୍ଥାନୀୟ ରେଞ୍ଜ ଅଫିସର ସରୋଜ କୁମାର ମିଶ୍ର ସୂଚନା ପାଇ ସଦଳବଳ ଉକ୍ତ ଜଙ୍ଗଲକୁ ଯାଇଥିଲେ । ସାମାଜିକ କର୍ମୀ ଜଗତ ହୋତା ହାତୀପଲର ଗତିବିଧିକୁ ନେଇ ବନ ବିଭାଗକୁ ସହଯୋଗ କରିଥିଲେ। ବନ ବିଭାଗ କର୍ମଚାରୀ ହାତୀମାନଙ୍କ ପାଦ ଚିହ୍ନକୁ ଅନୁସରଣ କରି ଯାଇଥିଲେ । ହାତୀପଲ ପୂର୍ବତନ ବ୍ଲକ ଅଧକ୍ଷ ହରିନାରାୟଣ ପ୍ରଧାନଙ୍କ ଆମ୍ବ ବଗିଚା ଦେଇ ବଉଳପୁର ଅଭିମୁଖେ ଯାଇଥିବା ଜାଣି ବନ ବିଭାଗ କର୍ମଚାରୀ ବାଣ ଫୁଟାଇ ଓ ବାଜା ବଜାଇ ସେମାନଙ୍କୁ ପେନାଯୋର ଜଙ୍ଗଲ ଆଡକୁ ଘଉଡାଇ ଦେଇଥିବା ରେଞ୍ଜ ଅଫିସର ମିଶ୍ରଙ୍କ ସୂତ୍ରରୁ ଜାଣିବାକୁ ମିଳିଛି । ବନ ବିଭାଗର କର୍ମଚାରୀମାନେ ଜଙ୍ଗଲଠାରେ ପାଟ୍ରୋଲିଂ ଜାରି ରଖିଛନ୍ତି । ଅଦ୍ୟାବଧି କୌଣସି ସ୍ଥାନରେ କ୍ଷୟକ୍ଷତିର କିଛି ଅଭିଯୋଗ ମିଳିନାହିଁ ।

## ■ ଦୁର୍ଘଟଣାରେ ସିପିଆଇ ନେତାଙ୍କ ମୃତ୍ୟୁ

# ପ୍ରଶାସନିକ ସହାୟତା ପରେ ହଟିଲା ରାସ୍ତାରୋକୋ

ତଳଗାଁ,୨୫।୧୧(ଡି.ଏନ.ଏ)

ବୌଦ୍ଧ ଜିଲା ପୁରୁଣାକଟକ ଥାନା ଅଧୀନ ଖୋଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ (ଏନଏଚ-୫୭)ର ଝିଲିମିଲିଆ ଘାଟିରେ ଅଜଣା ଗାଡି ଧକ୍କାରେ ଜଣେ ସିପିଆଇ ନେତାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମହାଲିକପଡା ହିଞ୍ଚାଳ ଗ୍ରାମର ଭାଗବତ ଯାନୀ (୪୨) । ସେ ବଦଲା ଗ୍ରାମରୁ ଏକ ଭୋଜି ସାରି ନିଜ ଗ୍ରାମକୁ ବାଇକ୍ (ନଂ.ଓଡି୨୫ଏ/୯୮୪୬) ଯୋଗେ ଫେରୁଥିବା ବେଳେ ଝିଲିମିଲିଆ ଘାଟି ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଅଜଣା ଗାଡି ଅପରାହ୍ନ ୪ଟା ସମୟରେ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ଭାଗବତଙ୍କ ମୃତ୍ୟୁ ଘଟିଥିଲା । ଖବର ପାଇ ସିପିଆଇ ସମ୍ପାଦକ ଅବକାଶ ସାହୁ ଓ ସ୍ଥାନୀୟ ଲୋକେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ରାସ୍ତାରୋକୋ କରିଥିଲେ । ରାସ୍ତାରୋକ ଯୋଗୁ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ଅଟକି ରହିଥିଲା । ଦୀର୍ଘ ୩ ଘଣ୍ଟା ପରେ ହରଭଙ୍ଗା ତହସିଲ କାର୍ଯ୍ୟାଳୟର ସୁପରଭାଇଜର ଶ୍ୟାମସୁନ୍ଦର ବେହେରା, ମୁଖ୍ୟ କିରାଣୀ ମନୋରଞ୍ଜନ ମଲିକ ସେଠାରେ ପହଞ୍ଚି ମୃତକଙ୍କ ପରିବାରକୁ ରେଡକ୍ରସରୁ ୧୦ ହଜାର ଟଙ୍କା ପ୍ରଦାନ କରିବା ପରେ ରାସ୍ତାରୋକୋ ହଟିଥିଲା । ପୁରୁଣାକଟକ ପୋଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି ।

# ଫୁଟବଲ ଟୁର୍ନାମେଣ୍ଟ:ଭେଜିଗୋରା ବିଜୟୀ

ପୁରୁଣାକଟକ,୨୫।୧୧ (ଡି.ଏନ.ଏ.)

ବୌଦ୍ଧ ଜିଲା ପୁରୁଣାକଟକ ମିନି ଷ୍ଟାଡିୟମରେ ଭୈରବୀ କ୍ଲବ ଆନୁକୂଲ୍ୟରେ ରବିବାରଠାରୁ ରାଜ୍ୟସ୍ତରୀୟ ମା ଭୈରବୀ କପ୍ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି । ଉଦ୍‌ଘାଟନୀ ମ୍ୟାଚ୍‌ରେ ଭେଜିଗୋରା ଦଳ ପୁରୁଣାକଟକ ଏ ଦଳକୁ ୨-୧ ଗୋଲରେ ହରାଇଥିଲା । ରେଫରି ମଧୁସୁଦନ ବେହେରା ମ୍ୟାଚ୍ ପରିଚାଳନା କରିଥିବାବେଳେ ରେଫରି ସୁଦର୍ଶନ ଭୋକ୍ତା ଓ ସଲିଳ ବେହେରା ତାଙ୍କୁ ଲାଇନରେ ସହାୟତା କରିଥିଲେ । ଲୋକାପଡା, କୃଷ୍ଣପାଲି ଫାର୍ମର ସାଇଡ ଇନଚାର୍ଜ ଦୁଷନ୍ତ କୁମାର ପତି, ଅଜୟ ପ୍ରୋଜେକ୍ଟ ମ୍ୟାନେଜର ବଳଦେବ ସାଙ୍କାଭାଇ ରବାରୀ ଓ ଭୈରବୀ କ୍ଲବ ସଭାପତି ଅକ୍ରୁର ସେଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଭୈରବୀ କନିଷ୍ଠ ମହାବିଦ୍ୟାଳୟର ଅଧକ୍ଷ ମନୋଜ ପାଠୀ ଧାରା ବିବରଣୀ ପ୍ରଦାନ କରିଥିଲେ । ଟୁର୍ନାମେଣ୍ଟରେ ବୌଦ୍ଧ, ବୁଢାଦାନୀ କ୍ଲବ ଫୁଲବାଣୀ, ବିରମହାରାଜପୁର, ବେଜିଗୋରା, ତିଳେଶ୍ୱର, ପୁରୁଣାକଟକ ଏ , ଭଞ୍ଜନଗର ଓ ପୁରୁଣାକଟକ ବି ଆଦି ୮ ଟି ଦଳ ଭାଗ ନେଇଛନ୍ତି । ଫାଇନାଲ ମ୍ୟାଚ ନଭେମ୍ବର ୧ରେ ଖେଳାଯିବ ବୋଲି ଆୟୋଜକ କମିଟି ସୂଚନା ଦେଇଛି ।




ବରଗଡ଼ ସହରରେ ନିଶା ନିବାରଣ ପାଇଁ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଉଛି ।

## ପଥପ୍ରାନ୍ତ ନାଟକରେ ନିଶା ନିବାରଣ

ବରଗଡ଼ ଅଫିସ,୨୫।୧୧

ବରଗଡ଼ ପଞ୍ଚାୟତ କଲେଜ ସମର ଶିକ୍ଷାର୍ଥୀ ବାହିନୀ (ଏନସିସି) ପକ୍ଷରୁ ନିଶା ନିବାରଣ ପରିପ୍ରେକ୍ଷୀରେ ରବିବାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବରଗଡ଼ ସହରର ମହିଳା କଲେଜ, ଗାନ୍ଧୀଛକ, ବିଜୁ ପଟ୍ଟନାୟକ ଟାଉନ ହଲ ଆଦି ସ୍ଥାନରେ ଏନସିସି କ୍ୟାଡେଟମାନେ ପଥପ୍ରାନ୍ତ ନାଟକ 'ନିଶାକୁ ନାଁ'ମଞ୍ଚସ୍ଥ କରିଥିଲେ। ନାଟକଟି ସଚେତନଧର୍ମୀ ଥିବାବେଳେ ସ୍ଥାନୀୟ ଲୋକଙ୍କୁ ନିଶା ସେବନ ନ କରିବା ପାଇଁ ବାର୍ତ୍ତା ଦେଇଥିଲା ।

# ବିକାଶର ଛାତ୍ର ଜାତୀୟସ୍ତରକୁ ମନୋନୀତ



ଏକ ସଭାରେ ବିକାଶର କୃତୀଛାତ୍ରଙ୍କୁ ଅଭିନନ୍ଦନ ଜଣାଯାଉଛି ।

ବରଗଡ଼ ଅଫିସ,୨୫।୧୧

ଭିଏସଏସ ଇନଡୋର ଷ୍ଟାଡ଼ିୟମରେ ଚାଲିଥିବା ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା(୧୪ବର୍ଷରୁ କମ୍) ୨୦୧୮ରେ ବରଗଡ଼ ଜିଲାରୁ ପ୍ରତିନିଧିତ୍ୱ କରିଥିବା ବିକାଶ ଆବାସିକ ସ୍କୁଲ(ସେକେଣ୍ଡାରୀ)ର ଅଷ୍ଟମ ଶ୍ରେଣୀ ଛାତ୍ର ଆକାଶ ସିଂ ମୁଣ୍ଡା ବରଗଡ଼କୁ ଫାଇନାଲରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ତୁଲାଇ ଜାତୀୟସ୍ତର ପ୍ରତିଯୋଗିତାକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ୧୭ବର୍ଷରୁ କମ୍ ବାଳକ ବିଭାଗରେ ବିକାଶ ସିନିୟର ସେକେଣ୍ଡାରୀର ଏକାଦଶ ଶ୍ରେଣୀ ଛାତ୍ର କୃଷ୍ଣଚନ୍ଦ୍ର ମହାରାଜ ଉନ୍ନତ ଖେଳ ପ୍ରଦର୍ଶନ କରି ଜାତୀୟ ପ୍ରତିଯୋଗିତା ପାଇଁ ଚୟନ ହୋଇଛନ୍ତି । ସ୍କୁଲ ଗେମ ଫେଡ଼େରେଶନ ଅଫ ଇଣ୍ଡିଆ ଦ୍ୱାରା ପରିଚାଳିତ ଏହି ଜାତୀୟ ବ୍ୟାଡ଼ମିଣ୍ଟନ ଚାମ୍ପିୟନସିପ୍ ମହାରାଷ୍ଟ୍ରର ପୁନେଠାରେ ଅନୁଷ୍ଠିତ ହେବ। ଉଲ୍ଲେଖନୀୟ, ଏହା ପୂର୍ବରୁ ୧୯ବର୍ଷରୁ କମ୍ ବାଳକ ବର୍ଗରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର ଅଭିଳାଷ ଆଚାର୍ଯ୍ୟ ଜାତୀୟ ବ୍ୟାଡ଼ମିଣ୍ଟନ ପାଇଁ ମନୋନୀତ ହୋଇ ସାରିଛନ୍ତି । ଉପରୋକ୍ତ ୩ କୃତୀଛାତ୍ର, ବ୍ୟାଡ଼ମିଣ୍ଟନ କୋଚ୍ ଏବଂ ବିକାଶ କ୍ରୀଡ଼ା ବିଭାଗକୁ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି.ନାଗେଶ୍ୱର ରାଓ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ଅଭିନନ୍ଦନ ଜଣାଇଛନ୍ତି ।

# ଅଙ୍ଗନୱାଡି କର୍ମୀଙ୍କ ଜିଲା ସମ୍ମିଳନୀ

ବରଗଡ଼ ଅଫିସ,୨୫।୧୧

ବିଭିନ୍ନ ଦାବି ନେଇ ପଶ୍ଚିମଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସଂଘ, ବରଗଡ଼ର ଜିଲା ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଧର୍ମଶାଳାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବିଳାସିନୀ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଆବାହକ ପ୍ରଶାନ୍ତ ପାଢ଼ୀ, ବିପିନ ମହାପାତ୍ର, ବାଳକୃଷ୍ଣ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ୨୦ ଜାନୁଆରୀରେ ସମ୍ବଲପୁର ଏବଂ ୧୦ ଫେବୃୟାରୀରେ ବରଗଡ଼ ସମାବେଶକୁ ସଫଳ କରିବା ପାଇଁ ଆଲୋଚନା ହୋଇଥିଲା। ଏଥିପାଇଁ ୨୦୧୮-୧୯ ସକାଶେ କର୍ମକର୍ତ୍ତା ମନୋନୟନ କରାଯାଇଥିଲା ।



ସମ୍ମିଳନୀରେ ଉପସ୍ଥିତ ଅଙ୍ଗନୱାଡ଼ି କର୍ମୀ, ସହାୟିକାବୃନ୍ଦ ।

## ବିଶ୍ୱକପ୍ ହକି ପାଇଁ ଲାଗିବ ଏଲ୍‌ଇଡି ସ୍କ୍ରିନ

ବୌଦ୍ଧ,୨୫।୧୧(ସ୍ୱ.ପ୍ର)

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଠାରେ ଆସନ୍ତା ୨୯ ତାରିଖରୁ ବିଶ୍ୱକପ୍ ହକି ଆରମ୍ଭ ହେବାକୁ ଯାଉଛି । ଅନେକ ହକିପ୍ରେମୀ ଦର୍ଶକ ଷ୍ଟାଡିୟମରେ ପହଞ୍ଚି ସିଧାସଳଖ ଖେଳ ଦେଖିବାକୁ ଉତ୍କଣ୍ଠା ପ୍ରକାଶ କରୁଥିବାବେଳେ ସେମାନଙ୍କ ପାଇଁ ଟିକେଟ ସଂଗ୍ରହ କରିବା ସମସ୍ୟା ହୋଇପଡିଛି। ଏହି ବିଶ୍ୱକପ୍‌ର ଉଦଘାଟନୀ ଓ ଉଦଯାପନୀ ଉତ୍ସବ ଦେଖିବା ପାଇଁ ବୌଦ୍ଧ ବସଷ୍ଟାଣ୍ଡ ଠାରେ ଏଲଇଡି ସ୍କ୍ରିନ ଲଗାଇବା ବ୍ୟବସ୍ଥା କରିବାକୁ ଜିଲାପାଳ ସୀତାଂଶୁ କୁମାର ରାଉତ ନିର୍ଦ୍ଦେଶ ଦେଇଛନ୍ତି ।



ପ୍ରତ୍ୟେକ ଅପରାଧ ପାଇଁ ମାନବ ଚଳିତ ଦଣ୍ଡବିଧାନ ରହିଥାଏ, କିନ୍ତୁ ପ୍ରତ୍ୟେକ ପାପ ପାଇଁ ଭଗବାନ ହିଁ ଦଣ୍ଡ ଦେଇଥାନ୍ତି କିମ୍ବା ନିଜର ବିବେକ ଦଣ୍ଡଦିଏ।
-ସ୍ୱାମୀ ଚିଦାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

**ବୀରମହାରାଜପୁର, ୨୫।୧୧ (ଡି.ଏନ୍.ଏ):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅଧିନ ହିଙ୍ଗମା ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ମୋହନ ନେଗୀ ମୁଖ୍ୟ ଅତିଥି, ସ୍ଥାନୀୟ ଜୟକିଶାନ ହାଇସ୍କୁଲର ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ପାଢୀ ମୁଖ୍ୟବକ୍ତା ଏବଂ ରାମକୃଷ୍ଣ ଷଡଙ୍ଗୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ଶିଶୁମାନଙ୍କ ବୌଦ୍ଧିକ ବିକାଶରେ ମା' ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସେମାନଙ୍କ ଚରିତ୍ର ଗଠନ ଦିଗରେ ଅଧିକ ଧ୍ୟାନ ଦେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ସମ୍ମିଳନୀରେ ପ୍ରଧାନ ଆଚାର୍ଯ୍ୟ ଅନନ୍ତରାମ ଗାଇଗରିଆ ସଭାପତିତ୍ୱ କରିବା ସହ ବିବରଣୀ ପାଠ କରିଥିଲେ। ଶେଷରେ ତପନ ଚରଣ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଜୁ ଯୁବ ବାହିନୀ ପକ୍ଷରୁ ଦୌଡ଼ ପ୍ରତିଯୋଗିତା

**ଉଲୁଣ୍ଡା ୨୫।୧୧ (ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଦର ପଞ୍ଚାୟତ ବିଜୁ ଯୁବବାହିନୀ ତରଫରୁ ରବିବାର ପଞ୍ଚାୟତସ୍ତରୀୟ ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବବାହିନୀ ସଭାପତି ରାମଜୀ ବିଶ୍ୱାଳଙ୍କ ତତ୍ୱାବଧାନ ଏବଂ ସମ୍ପାଦକ ଦେବବ୍ରତ ଦେହେରୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୧୨୦ଜଣ ଯୁବ ଦୌଡାଳି ଭାଗନେଇଥିଲେ। ଏହି କାର୍ଯ୍ୟକ୍ରମକୁ ଉଲୁଣ୍ଡା ସରପଞ୍ଚ ସନ୍ତୋଷିନୀ ଭୋଇ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପରେ କଲେଜ ପଡିଆଠାରୁ କ୍ଷେମାଲୋଏ ଗ୍ରାମ ପଞ୍ଚାୟତ ପର୍ଯ୍ୟନ୍ତ ଦୌଡା ଯାଇଥିଲା। ଏଥିରେ ଦୁଷ୍ମନ୍ତ ଲୁହା ପ୍ରଥମ, ଜିତେନ୍ଦ୍ର ପଣ୍ଡା ଦ୍ୱିତୀୟ ଏବଂ ପ୍ରକାଶ ସେଠୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ବ୍ଲକ ଉପାଧକ୍ଷ ଅଶୋକ କୁମାର ପଣ୍ଡା ଅତିଥି ଭାବେ ଯୋଗଦେଇ ବିଜୟୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ।

### ଶକ୍ତି ସଂରକ୍ଷଣ ପ୍ରତିଯୋଗିତା

**ଉଲୁଣ୍ଡା ୨୫।୧୧(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ସଦର ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଜଙ୍ଘେଶ୍ୱର ପୁଜାହାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ୬୮ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଉପଲକ୍ଷେ ଏକ ସାଧାରଣଜ୍ଞାନ ପ୍ରତିଯୋଗୀତା ଆୟୋଜନ କରାଯାଇଥିଲା। ଏଥିରେ ଅଙ୍କିତା ଅପରାଜିତା ପଣ୍ଡା ପ୍ରଥମ, ସ୍ୱରୁପ ବସ୍ତିଆ ଦ୍ୱିତୀୟ, ଜାଙ୍କସିନୀ କର୍ମୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମରେ ସିଆରସିସି ଟିକେଶ୍ୱର ପାଣ୍ଡିଆ ଅତିଥି ଭାବେ ଯୋଗଦେଇ କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଭକ୍ତ ମେହେର ପରିଚାଳନା କରିଥିବା ବେଳେ ପ୍ରଫୁଲ୍ଲ କୁମାର ପୁଜାହାରୀ ଧନ୍ୟବାଦ ଦେଇଥିଲେ।

# ଜୀରାନଦୀରୁ ଶ୍ରୀଜୀଉଙ୍କ ବିଗ୍ରହ ଉଦ୍ଧାର

**ସିଂଘିଯୁବା, ୨୫।୧୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ହୁଡୁମା ଗ୍ରାମ ନିକଟରେ ପ୍ରବାହିତ ଜୀରା ନଦୀରୁ ଶନିବାର ରାତିରେ ଉଦ୍ଧାର ହୋଇଛନ୍ତି ତିନି ଠାକୁର। ଜଣେ କୈବର୍ତ୍ତ ନଦୀରେ ମାଛ ଧରିବା ପାଇଁ ଯାଇଥିବା ବେଳେ ବାଲିକୁଦରେ ଦେଖିଥିଲେ ଶ୍ରୀଜୀଉମାନଙ୍କର ବିଗ୍ରହ। ପ୍ରଭୁଙ୍କୁ ପାଇ ଖୁସିରେ ଆତ୍ମହରା ହୋଇ ପଡିଥିଲେ ହୁଡୁମା ଗ୍ରାମର କୈବର୍ତ୍ତ ଗୁଣନିଧି ଦଣ୍ଡସେନା(୪୮)। ସେଇଠି ଜାଲ ଫିଙ୍ଗି ଦେଇଥିଲେ। ପରେ ତିନି ଦିଅଁଙ୍କୁ ଧରି ସିଧା ଦୌଡିଥିଲେ ଗାଁକୁ। ଏହି ଖବର ପ୍ରଚାରିତ ହେବା ପରେ ସଭିଏଁ ଗୁଣନିଧିଙ୍କ ଘରେ ରୁଣ୍ଡ ହୋଇଥିଲେ। ସବୁ କଥା ଶୁଣିବା ପରେ ହରିବୋଲ, ହୁଳହୁଳିରେ ମୁଖରିତ ହୋଇ ଉଠିଲା ସାରା ଗାଁ। ଚାହୁଁଚାହୁଁ ଖବର ଆଖପାଖ ଗାଁରେ ପ୍ରଚାରିତ ହୋଇଗଲା। ସୋସିଆଲ ମିଡିଆରେ ଏହି ଘଟଣାକୁ କେହି ପୋଷ୍ଟ କରି ଦେବାରୁ ଆଖପାଖ ବାଙ୍କିଗିର୍ଡି, କୁଡାପାଲି, ସହଁରାପାଲି, ଅଛାଣ୍ଡପାଲି ପ୍ରଭୃତି ଗାଁର ଲୋକେ ଠାକୁର ଦେଖିବାକୁ ଗୁଣନିଧିଙ୍କ ଘରେ ଭିଡ ଜମାଇଥିଲେ। ମାଛ ମାରି ଜୀବନ ନିର୍ବାହ କରୁଥିବା ଏହି ଧୀବର ପରିବାର କହିଛନ୍ତି ଯେ, ଯିଏ ଠାକୁରମାନଙ୍କୁ ନେଇ ପୂଜା କରିବାକୁ ଆଗେଇ ଆସିବ ତାଙ୍କୁ ବିଗ୍ରହ ହସ୍ତାନ୍ତର କରିଦେବେ।

ଗୁଣନିଧିଙ୍କ କହିବା ଅନୁସାରେ ସବୁ ଦିନ ପରି ସନ୍ଧ୍ୟାରେ ଜାଲ ଓ ହେଡ ଲାଇଟ ଧରି ସେ ଜୀରାନଦୀକୁ ମାଛ ଧରିବା ପାଇଁ ଯାଇଥିଲେ । ଦେଢଘଣ୍ଟା ପର୍ଯ୍ୟନ୍ତ ନଦୀରେ ଜାଲ ବିଛାଇ ପ୍ରାୟ ୨କେଜି ମାଛ ଧରିଥିଲେ । ପରେ ନଦୀ ମଝିରେ ଥିବା ବାଲିକୁଦକୁ ଯାଇଥିଲେ । ସେଠାରେ ମାଛ ଧରୁଥିବା ସମୟରେ ହଠାତ୍ ତାଙ୍କ ମୁଣ୍ଡରେ ବନ୍ଧା ହୋଇଥିବା ଲାଇଟ୍ ଅଲୁଅ ବାଲିକୁଦ ଚଟାଣରେ ପଡିଥିଲା। ପାଣିରେ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କ ବିଗ୍ରହ ସେ ସ୍ପଷ୍ଟ ଦେଖି ପାରିଥିବା କହିଛନ୍ତି। ଠାକୁରଙ୍କୁ ପାଇବା ମୋ ପାଇଁ ସୌଭାଗ୍ୟର କଥା ବୋଲି କହିଛନ୍ତି ଗୁଣନିଧି।



ନଦୀରୁ ଉଦ୍ଧାର ପରେ ଘରେ ରଖାଯାଇଥିବା ତିନି ଠାକୁରଙ୍କ ବିଗ୍ରହ।

# ବିଜୁ ଯୁବ ବାହିନୀ ପକ୍ଷରୁ ହକି ପାଇଁ ଦୌଡ଼

**ସିଂଘିଯୁବା, ୨୫।୧୧(ଡି.ଏନ୍.ଏ.)**

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ହକି ବିଶ୍ୱକପ୍ ନଭେମ୍ବର ୨୮ରେ ଅନୁଷ୍ଠିତ ହେବ। ବିନିକା ବ୍ଲକ ବାବୁପାଲି ବିଜୁ ଯୁବ ବାହିନୀ ପକ୍ଷରୁ ବାବୁପାଲି ହାଇସ୍କୁଲର ୮୦ଜଣ ଛାତ୍ରୀଛାତ୍ରମାନଙ୍କୁ ନେଇ ମିନି ମାରାଥନ ଦୌଡ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହାକୁ ଉଦ୍‌ଘାଟନ କରିଥିଲେ ବାବୁପାଲି ସମିତି ସଭ୍ୟାଙ୍କ ପ୍ରତିନିଧି ଶଙ୍କର ଭୂଏ। ବାବୁପାଲି ହାଇସ୍କୁଲଠାରୁ ବାଗଡିଆ ଗ୍ରାମମୁଣ୍ଡ ଯାଏଁ ପ୍ରତିଯୋଗିମାନେ ଦେଡ ଲଗାଇଥିଲେ।। ପ୍ରତିଯୋଗୀତାରେ ଛାତ୍ରୀଙ୍କ ବର୍ଗରେ ନିରୁ ବିହାଲ ୧ମ, ମମିତା ବକୁଳ ୨ୟ ଓ ଅଳୀ ଭୂଏ ୩ୟ ସ୍ଥାନ ଅଧିକାର କରିଥିଲେ। ଛାତ୍ରବର୍ଗରେ ସୁରଜିତ ପୋଢ ୧ମ, ଜିମୁତ ତାଣ୍ଡି ୨ୟ ଓ ଆଶିଷ ଜୁଆଡି ୩ୟ ସ୍ଥାନ ଅଧିକାର କରିଥିଲେ । ପରେ ବିଜୁ ଯୁବବାହିନି ସଭାପତି ରାମ ଭୂଏଙ୍କ ସଭାପତିତ୍ୱ ଏବଂ ଛନ୍ଦାଚରଣ ସାହୁଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ସଭା ଅନଷ୍ଠିତ ହୋଇଥିଲା। ଅତିଥିଭାବେ ବାବୁପାଳିପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱମ୍ବର ଶତପଥୀ, ବାବୁପାଲି ହାଇସ୍କୁଲ ପ୍ରଧାନ ଶିକ୍ଷକ ଜଗଦୀଶ ବ୍ରହ୍ମଚାରୀ, ଖେଳ ଶିକ୍ଷକ ରଘୁନାଥ ମହାପାତ୍ର ପ୍ରମୁଖ କୃତୀ କ୍ରୀଡାବିତମାନଙ୍କୁ ପୁରସ୍କୃତ କରିଥିଲେ। ଭାରତୀୟ ହକିଦଳକୁ ଶୁଭ କାମନା ଓ ଉତ୍ସାହିତ କରିବାର ପାଇଁ ବାବୁପାଲି ବିଜୁ ଯୁବ ବାହିନୀ ପକ୍ଷରୁ ଏହି ପ୍ରତିଯୋଗିତାକୁ ଆୟୋଜନ କରାଯାଇଥିଲା ।

### ପଶ୍ଚିମ ଓଡିଶାରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

# ୪୮ ଘଣ୍ଟିଆ ମହାବନ୍ଦ ପାଇଁ ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଓକିଲ ସଂଘର ସଭାପତି ସର୍ବେଶ୍ୱର ପୁରୋହିତ ସୂଚନା ଦେଉଛନ୍ତି ।

**ସୋନପୁର,୨୫।୧୧(ନି.ପ୍ର.)**

ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ପଶ୍ଚିମ ଓଡିଶା ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ନିର୍ଣ୍ଣାୟକ ଲଢେଇ ନିଷ୍ପତ୍ତିକୁ ସୁବର୍ଣ୍ଣପୁର ଜିଲାରେ ସବୁବର୍ଗର ସମର୍ଥନ ମିଳିଛି। ନଭେମ୍ବର ୨୯ ଓ ୩୦ ତାରିଖ ୪୮ ଘଣ୍ଟିଆ ପଶ୍ଚିମ ଓଡିଶା ମହାବନ୍ଦ ଜିଲାରେ ସଫଳ କରାଯିବ। ରବିବାର ସ୍ଥାନୀୟ ବାର ସଭାଗୃହରେ ଆଇନଜୀବୀ, ରାଜନୈତିକ ନେତୃବୃନ୍ଦ, ଯୁବକ ସଂଘ, ସାମାଜିକ ସଂଗଠନ, ବୁଦ୍ଧିଜୀବୀ ଓ ବ୍ୟବସାୟୀ ସଂଘର ମିଳିତ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଜିଲା ଓକିଲ ସଂଘ ସଭାପତି ସର୍ବେଶ୍ୱର ପୁରୋହିତ ବୈଠକରେ ଅଧ୍ୟକ୍ଷତା କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ସ୍ଥାୟୀବେଞ୍ଚ ପ୍ରତିଷ୍ଠା କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଚାପ ସୃଷ୍ଟି ପାଇଁ ଆନ୍ଦୋଳନକୁ ଜୋରଦାର କରିବାକୁ ମତପ୍ରକାଶ ପାଇଥିଲା। ଦୋକାନ ବଜାର, ଗାଡି ମୋଟର ଚଳାଚଳ, ସରକାରୀ, ବେସରକାରୀ ଅଫିସ, ଶିକ୍ଷାନୁଷ୍ଠାନ, କୋର୍ଟ, କଚେରି, ବ୍ୟାଙ୍କ ଓ କେନ୍ଦ୍ର ସରକାରଙ୍କ ସମସ୍ତ ପ୍ରତିଷ୍ଠାନ ବନ୍ଦ କରାଯିବ। ଜରୁରିକାଳୀନ ସେବାକୁ ଏହି ବନ୍ଦରୁ ବାଦ୍ ଦିଆଯିବ। ବୀରମହାରାଜପୁର ଉପଖଣ୍ଡ ଓକିଲ ସଂଘ, ତରଭା ଓକିଲ ସଂଘ, ରାମପୁର ଓକିଲ ସଂଘ ଓ ବିନିକା ଓକିଲ ସଂଘ ପକ୍ଷରୁ ମଧ ସ୍ଥାନୀୟ ସ୍ତରରେ ବନ୍ଦ ପାଳନ କରାଯିବ। ଆଇନଜୀବୀ ଓ ଜନସାଧାରଣ ପିକେଟିଂ କରି ବନ୍ଦ ପାଳନ କରିବେ। ପ୍ରସ୍ତୁତି ବୈଠକରେ ଆବାହକ ଶ୍ୟାମା ଓଁ ପ୍ରସାଦ ମିଶ୍ର ପ୍ରାରମ୍ଭିକ ସୂଚନା ଓ ଜିଲା ଓକିଲ ସଂଘ ସମ୍ପାଦକ ରାଜେନ୍ଦ୍ର ଅଗ୍ରୱାଲା ଧନ୍ୟବାଦ ପ୍ରଦାନ କରିଥିଲେ। ଡାକ୍ତର ରାଜେନ୍ଦ୍ର ମିଶ୍ର, ଲକ୍ଷ୍ମିନାରାୟଣ ମେହେର, ବଣିକ ସଂଘ ସଭାପତି ଧୀରେନ୍ଦ୍ର ପଟ୍ଟନାୟକ, ସମ୍ପାଦକ ଗୁଣନିଧି ମେହେର, ରାମକ୍ରିଷ୍ଣ ମେହେର, ବାପୁଜୀ କ୍ଲବର ଶିବପ୍ରସାଦ ଗୁରୁ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜୟଦ୍ରଥ ଜଗଦଳା, ଚାଷୀ ନେତା ରାଜେନ୍ଦ୍ର ନାୟକ, ଚନ୍ଦ୍ରଶେଖର ପାଠାଗାରର ଗିରିଗୋବର୍ଦ୍ଧନ ଥନାପତି, ପ୍ରାକ୍ତନ ବିଧାୟକ ବିନୋଦ ପାତ୍ର, ଜିଲା କଂଗ୍ରେସ କମିଟି ସଭାପତି ଶଙ୍କର ଦାଶ, ମାଧବ କୁମ୍ଭାର, ସୁଧୀର ପଣ୍ଡା, ଶେଷଦେବ ମେହେର, ବୁଢାରାଜା ଯୁବକ ସଂଘ ଓ ରାଜ୍ୟ ମତ୍ସ୍ୟ ଉନ୍ନୟନ ନିଗମର ପ୍ରାକ୍ତନ ଅଧ୍ୟକ୍ଷ ଅଭିମନ୍ୟୁ କୁଶଳ ପ୍ରମୁଖ ଉପସ୍ଥିତ ରହି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ ।

# ଗୀତା ଦ୍ୱାରା ମନର ଦୁଶ୍ଚିନ୍ତା ଦୂର ହୋଇପାରିବ

**ସୋନପୁର,୨୫।୧୧(ନି.ପ୍ର.)**

ପ୍ରଜ୍ଞାନ ମିଶନ ଜଗତପୁର, କଟକ ଆନୁକୂଲ୍ୟରେ ସୁବର୍ଣ୍ଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଗୀତା ସୁଗୀତା କର୍ତ୍ତବ୍ୟା ଶୀର୍ଷକ ଉପଜିଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ସୋନପୁର ବ୍ଲକର ୧୪ଟି ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ମୋଟ ୫୦ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀମାନେ ଶ୍ରୀମଦ୍ ଭଗବତ ଗୀତାଙ୍କର ଦ୍ୱାଦଶ ଅଧ୍ୟାୟ ବିଭିନ୍ନ ସ୍ୱରରେ ଆବୃତ୍ତି କରିଥିଲେ। ପ୍ରଥମ ଶ୍ରେଣୀରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନଙ୍କୁ ଏ, ବି, ସି, ଡି ଓ ଇ ଆଦି ୫ଟି ବିଭାଗରେ ବିଭକ୍ତ କରାଯାଇଥିଲା। ଅନନ୍ୟା ଅନ୍ୱେଷାରାଣୀ ନନ୍ଦ, ଆକାଂକ୍ଷା ପଟ୍ଟନାୟକ ଓ ଅନନ୍ୟ ଅନ୍ୱେଷ କୁମାର ନନ୍ଦ ଏ ବିଭାଗରୁ, ହରିପ୍ରିୟା ଦାସ, ସୌମ୍ୟାଶାଶ୍ୱତୀ ମିଶ୍ର ଓ ମହେଶ ମହାନ୍ତି ବି ବିଭାଗରୁ, ଅର୍ପିତା ସୁମନ ମହାନ୍ତି, ଦେବବ୍ରତ ମିଶ୍ର ଓ ସଞ୍ଚିତା ମିଶ୍ର ସି ବିଭାଗରୁ, ବିଶ୍ୱଭାରତୀ କର୍ମୀ, ପ୍ରିୟଙ୍କା ନାଏକ ଡି ବିଭାଗରୁ, ଅପର୍ଣ୍ଣା ଅପରୂପା ମହାନ୍ତି, କାମ୍ୟାଭାରତୀ ପାତ୍ର ଓ ଉମାଶଙ୍କର ଗୁରୁ ଇ ବିଭାଗରୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସ୍ଥାନୀୟ ବୀରମିତ୍ର ସିଂଦେଓ ସଂସ୍କୃତ ବିଦ୍ୟାଳୟର ଶିକ୍ଷକ ଲକ୍ଷ୍ମୀନାରାୟଣ ପୂଜାରୀ, ବିଭୂତି ଭୂଷଣ ଶତପଥୀ, ସଂସ୍କୃତ ଅଧ୍ୟାପକ ସୁରେଶ କୁମାର ପଣ୍ଡା, ଶତୃଘ୍ନ ହୋତା, ଚିତ୍ତରଞ୍ଜନ ଭୋଇ ଓ ଶିବନାରାୟଣ ପୂଜାହାରୀ ପ୍ରମୁଖ ବିଚାରପତି ଭାବରେ ଯୋଗ ଦେଇଥିଲେ। ସ୍ଥାନୀୟ କ୍ରିୟାଯୋଗ ଧ୍ୟାନ କେନ୍ଦ୍ରର ସମ୍ପାଦକ ଲୋକେଶ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସଂସ୍କୃତ ପ୍ରାଧ୍ୟାପକ ତଥା ସୋନପୁର କଲେଜର ଉପାଧକ୍ଷ ଭାସ୍କର ଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସଂସାରକୁ ଧର୍ମକ୍ଷେତ୍ର ଓ କୁରୁକ୍ଷେତ୍ର ରୂପେ ବର୍ଣ୍ଣନା କରିଥିଲେ। ଶ୍ରୀମଦ୍ ଭଗବତ ଗୀତାର ସାରକଥାକୁ ବୁଝି ମନର ଦୁଶ୍ଚିନ୍ତାକୁ ଦୂରକରି ଜୀବନରେ ଶାନ୍ତି ପ୍ରତିଷ୍ଠା କରା ଯାଇପାରିବ ବୋଲି ମିଶ୍ର ମତପ୍ରକାଶ କରିଥିଲେ। ତରଭା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ନାରାୟଣ ପ୍ରସାଦ ରାୟଗୁରୁ ସଭାରେ ଅଧ୍ୟକ୍ଷତା କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ପ୍ରଜ୍ଞାନ ମିଶନ ତରଫରୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରା ଯାଇଥିଲା। ଅନୁଷ୍ଠାନର ଜିଲା ସଂଯୋଜକ ଶମ୍ଭୁଭୂଷଣ ପଣ୍ଡା ମଞ୍ଚାସୀନ ଥିଲେ। ଏହି ଅବସରରେ ଅନୁଷ୍ଠାନର ବରିଷ୍ଠ ସଭ୍ୟ ସୁଦାମ ଚରଣ ସାହୁ, ସୀତାଂଶୁ ପୂଜାହାରୀ, ସୁନୀଲ କୁମାର ପର୍ଡିଆ, ଆଲୋକ ପ୍ରଧାନ, ଚିତ୍ତରଞ୍ଜନ ପାତ୍ର ପ୍ରମୁଖ ସହଯୋଗ କରିଥିଲେ। କୃତି ପ୍ରତିଯୋଗିମାନେ ଆସନ୍ତା ଡିସେମ୍ବର ୯ ତାରିଖରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ।



ଗୀତା ଆବୃତ୍ତି ପ୍ରତିଯୋଗିତାରେ ଉପସ୍ଥିତ ଛାତ୍ରୀଛାତ୍ର ।

### ଶକ୍ତି ସଂରକ୍ଷଣ କୁଇଜ ପ୍ରତିଯୋଗିତା

**ବୀରମହାରାଜପୁର, ୨୫।୧୧(ଡି.ଏନ୍.ଏ.)**

ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ ଅବ୍ୟବହିତ ପୂର୍ବରୁ ରବିବାର ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ବୀରମହାରାଜପୁର ସରକାରୀ ହାଇସ୍କୁଲରେ ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶକ୍ତି ସଂରକ୍ଷଣ କୁଇଜରେ ସୋହନ ମେହେର ପ୍ରଥମ, ବେଦାନ୍ତ କୁମାର ସାହୁ ଦ୍ୱିତୀୟ ଏବଂ ବୈଜୟନ୍ତୀ କଂସାରୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେମାନଙ୍କୁ ଶକ୍ତି ସଂରକ୍ଷଣ ଦିବସ ସମାରୋହରେ ପୁରସ୍କୃତ କରାଯିବ।

# କଂଗ୍ରେସ ଜନଜାଗରଣ ଯାତ୍ରା ପାଇଁ ପ୍ରସ୍ତୁତି

**ଉଲୁଣ୍ଡା ୨୫।୧୧(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା କଂଗ୍ରେସ ଦଳ ପକ୍ଷରୁ ରାଜ୍ୟ ସଭାପତିଙ୍କ ବୀରମହାରାଜପୁର ନିର୍ବାଚନମଣ୍ଡଳୀରେ ଆସନ୍ତା ମାସ ୩ତାରିଖ ହେବାକୁ ଥିବା ଜନଜାଗରଣ ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଉଲୁଣ୍ଡା ସଦର କଲେଜ ପଡିଆରେ ରବିବାର ଅନଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ଶଙ୍କର ଦାଶଙ୍କ ସଭାପତିତ୍ୱରେ ଅନଷ୍ଠିତ ଏହି ବୈଠକରେ ବୀରମହାରାଜପୁର ପୂର୍ବତନ ବିଧାୟକ ରବିନାରାୟଣ ପାଣିଗ୍ରାହୀ, ପୂର୍ବତନ ସୋନପୁର ବିଧାୟକ ବିନୋଦ ପାତ୍ର, ଜିଲା କାର୍ଯ୍ୟକାରୀ ସଭାପତି ତ୍ରିପୁରାରୀ ସେଠୀ ଓ ସୁବ୍ରତ କୁମାର ସେଠୀ, ଉପସଭାପତି ସଂଗ୍ରାମ କେଶରୀ ନାଏକ, ନରେନ୍ଦ୍ର ପଣ୍ଡା, ଚିତରଞ୍ଜନ ମିଶ୍ର, ସାଧାରଣ ସମ୍ପାଦକ ଛବିଳ କର୍ଣ୍ଣ, ଲକ୍ଷ୍ମଣ ଦେହେରୀ, ଆକବର ଅଲି, ସମ୍ପାଦକ ନିମାଇ ଚରଣ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ପିସିସି ପକ୍ଷରୁ ସୁବର୍ଣ୍ଣପୁର ଜିଲାରେ ଆୟୋଜିତ ହେବାକୁ ଥିବା ଜନଜାଗରଣ ଯାତ୍ରାକୁ ସଫଳ କରିବା ନିମନ୍ତେ ବିଭିନ୍ନ ଏଜେଣ୍ଡା ପ୍ରସ୍ତୁତ କରିଥିଲେ। ଏହି ଜନଜାଗରଣ ଯାତ୍ରାକୁ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମହାଦେବପାଲିଠାରେ ସ୍ୱାଗତ କରାଯିବ। ସେଠାରୁ ଏକ ବାଇକ ରାଲିରେ ବିନିକା ଓ ଅଇଁଲାଛାଟକୁ ଗଲା ପରେ ପଥପ୍ରାନ୍ତ ସଭା ଓ ଉଲୁଣ୍ଡା କଲେଜ ପଡିଆରେ ଏକ ସାଧାରଣ ସଭାର ଆୟୋଜନ କରାଯିବା କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ତେବେ ବୀରମହାରାଜପୁରକୁ ଜନଜାଗରଣ ଯାତ୍ରା ଆଗେଇ ନେବାକୁ କର୍ମୀମାନେ ମତପ୍ରକାଶ କରିଥିଲେ। ଏହି ବୈଠକରେ ବୀରମହାରାଜପୁର ନିର୍ବାଚନ ମଣ୍ଡଳୀର ୩ଟି ଯାକ ବ୍ଲକର ଦଳୀୟ କର୍ମକର୍ତ୍ତା ତଥା କର୍ମୀମାନେ ଯୋଗଦେଇଥିଲେ।

# ରକ୍ତଦାନ ଶିବିର, ୧୨୩ ୟୁନିଟ୍ ସଂଗ୍ରହ

**ଡୁଙ୍ଗୁରିପାଲି, ୨୫।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ହମ୍ ତରଫରୁ ରବିବାର ନବନିର୍ମିତ ଶିଶୁ ମା' ବିଭାଗ ସରକାରୀ ଡାକ୍ତରଖାନା ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨୩ ୟୁନିଟ ରକ୍ତ ସଂଗୃହୀତ ହୋଇଛି । ଶିବିରରେ ଭୀମସାର ବୁର୍ଲାରୁ ଆସିଥିବା ବ୍ଲଡ୍‌ବ୍ୟାଙ୍କ୍ ପିଆରଓ ଦେବାଶିଷ ମିଶ୍ର, କାଉନସିଲର ମଣ୍ଟୁ ପ୍ରଧାନ, ଉମାକାନ୍ତ ଭୋଇ, ସଞ୍ଜୀବ ବେରା, ଜନକ ବେହେରା, ପାଏନୁ ଭୋଇ ସହଯୋଗ କରିଥିଲେ। ହମ୍‌ର ଡାକ୍ତର ବାରିକ, ମହେଶ ଅଗ୍ରୱାଲ, କମଳ ମେହେର, କିଶନ କୁମାର ଅଗ୍ରୱାଲ, ଏକା ବାରିକ, ଟିଙ୍କୁ ବାରିକ, ମଧୁ ପଧାନ, ପ୍ରଶାନ୍ତ ସାହୁ, ଶଙ୍କୁ ସାହୁ, ଅଶୋକ ମେହେର, ନରେଶ ଦାଶ, ବିବେକା ତ୍ରିପାଠୀ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ବୁର୍ଲା ବ୍ଲଡ୍ ବ୍ୟାଙ୍କ୍ ତରଫରୁ ସମସ୍ତ ରକ୍ତଦାତାଙ୍କୁ ପ୍ରମାଣ ପତ୍ର ଦିଆଯାଇଥିଲା।



ଜଣେ ରକ୍ତାଦାତାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

# ହକି ବିଶ୍ୱକପ୍ ପାଇଁ ମିନି ମାରାଥନ

**ସୋନପୁର,୨୫।୧୧(ନି.ପ୍ର.)**

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ନଭେମ୍ବର ୨୮ରୁ ଆରମ୍ଭ ହେବ ପୁରୁଷ ହକି ବିଶ୍ୱକପ । ଏଥିପାଇଁ ଓଡିଶାରେ ଉତ୍କଣ୍ଠା ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷିରେ ଜନସାଧାରଣଙ୍କ ମଧ୍ୟରେ ହକି ପ୍ରତି ଆଗ୍ରହ ସୃଷ୍ଟି ପାଇଁ ରବିବାର ସୁବର୍ଣ୍ଣପୁର ଜିଲା ପ୍ରଶାସନ ପକ୍ଷରୁ ମିନି ମାରାଥନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦୦ରୁ ଊର୍ଦ୍ଧ୍ୱ ଯୁବତୀ ଯୁବକ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମିନି ମାରାଥନ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଆରମ୍ଭ ହୋଇ ବ୍ଲକ ଛକ, ବୁଢାରାଜା ଛକ, କଚେରି ଛକ ଓ ଥାନା ଛକ ଦେଇ ଟାଉନ ହଲରେ ପହଞ୍ଚିଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିଯୋଗିତାକୁ ଏସ୍‌ପି ଦେବୀପ୍ରସାଦ ଦାଶ ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶ, ଡାକ୍ତର ପ୍ରଦୀପ କୁମାର ଗୁରୁ, ଜିଲା କ୍ରୀଡା ଅଧିକାରୀ ଅଜୟ କୁମାର ବେହେରା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବେଣୁଧର ବେହେରା, ମ୍ୟୁନିସିପାଲିଟି ଇଓ ଅଶୋକ କୁମାର ମିଶ୍ର, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ହରିଚରଣ ମିଶ୍ର, ବିଜୁ ଯୁବ ବାହିନୀର ଜିଲା ସଂଯୋଜକ ହାକିମ ଖାଁ ଓ ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ ଉପସ୍ଥିତ ଥିଲେ। ବାଳକ ବର୍ଗରେ ନବମ ଶ୍ରେଣୀର ଛାତ୍ର ମିଳନ ମୁଖି ପ୍ରଥମ, ଷଷ୍ଠ ଶ୍ରେଣୀର ଛାତ୍ର ସୋମନାଥ ବୋନଛର ଦ୍ୱିତୀୟ ଓ ନବମ ଶ୍ରେଣୀର ଛାତ୍ର ବାସୁଦେବ ଥାପା ତୃତୀୟ ହୋଇଥିଲେ। ମହିଳା ବର୍ଗରେ ଭୂମିଶ୍ୱେତା ବରିହା ପ୍ରଥମ, ରେଣୁକା ଭୋଇ ଦ୍ୱିତୀୟ ଓ ବନିତା କର୍ମୀ ତୃତୀୟ ହୋଇଥିଲେ। ସେହିପରି ପୁରୁଷ ବର୍ଗରେ ରାମଧୂନ କ୍ଲବର ସୁରେଶ କୁମାର ଲାକ୍ରା ପ୍ରଥମ, ରିଜର୍ଭ ପୋଲିସର ବିଶ୍ୱଜିତ ନାୟକ ଦ୍ୱିତୀୟ ଓ ରାମଧୂନ କ୍ଲବର ବୈଶାଖ ଦେହୁରୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତି ପ୍ରତିଯୋଗୀଙ୍କୁ ଅର୍ଥରାଶି ପ୍ରଦାନ କରା ଯାଇଥିଲା। ରଥ ଭୋଇ, ରଞ୍ଜନ ନାୟକ, ବିନୋଦ ମହାକୁଡ ଓ ନୀଳମଣି ମହାନ୍ତିଙ୍କୁ ସ୍ୱାନ୍ତନା ମୂଳକ ପୁରସ୍କାର ପ୍ରଦାନ କରା ଯାଇଥିଲା।





ଏସ୍‌ପି ଦେବୀପ୍ରସାଦ ଦାଶ ମିନି ମାରାଥନକୁ ଶୁଭାରମ୍ଭ କରୁଛନ୍ତି ।

## ସାମିଲ ହେଲେ ଶତାଧିକ ପ୍ରତିଯୋଗୀ

### ଝାରକୁମୁଣ୍ଡାରେ ଏଲ୍‌ପିଜି ପଞ୍ଚାୟତ

**ବୀରମହାରାଜପୁର, ୨୫।୧୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଚମ୍ପାମାଳ ପଞ୍ଚାୟତ ଅନ୍ତଗତ ଝାରକୁମୁଣ୍ଡା ଗ୍ରାମରେ ଶନିବାର ଏଲ୍‌ପିଜି ପଞ୍ଚାୟତ ଅନୁଷ୍ଠିତ ହୋଇଯାଇଛି। ଉଜ୍ୱଲା ଯୋଜନାରେ ଗରିବ ହିତାଧିକାରୀଙ୍କ ପାଇଁ ସେମାନଙ୍କ ବଜେଟ ଭିତରେ ଗ୍ୟାସ ସିଲିଣ୍ଡର ଯୋଗାଇ ଦେବା ପାଇଁ ନୂତନ ବ୍ୟବସ୍ଥା ଗ୍ରହଣ କାରାଯାଉଛି। ତଦନୁସାରେ ଆଗ୍ରହୀ ମହିଳା ହିତାଧିକାରୀଙ୍କୁ ବଡ ସିଲିଣ୍ଡର ବଦଳରେ ୫କେଜି ବିଶିଷ୍ଟ ସାନ ସିଲିଣ୍ଡର ନେବାପାଇଁ ସ୍ଥାନୀୟ ଇଣ୍ଡେନ୍ ଗ୍ରାମୀଣ ବିତରକର ମୁଖ୍ୟ ଦିଲିପ କୁମାର ମେହେର ବୁଝାଇ ଥିଲେ। କୁଶ କୁମାର ଚାନ୍ଦଙ୍କ ପରିଚାଳନାରେ ଅନୁଷ୍ଠିତ ପଞ୍ଚାୟତରେ ଅଙ୍ଗନୱାଡି କର୍ମୀ ସୌଦାମିନୀ ମିଶ୍ର, ଆଶାକର୍ମୀ ରୀତା ମଲ୍ଲିକ ଏବଂ ମିଶନ ଶକ୍ତିର ପ୍ରତିନିଧି ରୋହିଣି ସାହୁ, ପାର୍ବତୀ ନାଏକ ଓ ସୁମତୀ ମହାକୁର ଅତିଥି ଭାବେ ମଞ୍ଚାସୀନ ଥିଲେ। ଗ୍ରାମୀଣ ବିତରକଙ୍କ ତରଫରୁ ବିକ୍ରମ ସାହୁ, ବିଦ୍ୟାଧର ମେହେର ଏଲ୍‌ପିଜିର ସୁରକ୍ଷିତ ବ୍ୟବହାର ସମ୍ପର୍କରେ ଆଲୋକପାତ କରିଥିଲେ।



ଏ ସୁନ୍ଦର ପୃଥିବୀରେ ମୁଁ ମରିବାକୁ ଚାହେଁ ନାହିଁ,
ମଣିଷମାନଙ୍କ ମଧ୍ୟରେ ବଞ୍ଚି ରହିବାକୁ ଚାହେଁ।
- ରବୀନ୍ଦ୍ରନାଥ ଟାଗୋର



## ସଂକ୍ଷେପରେ

### ଫକୀର ମୋହନ ସେନାପତିଙ୍କ ୧୭୫ତମ ଜନ୍ମ ଜୟନ୍ତୀ ପାଳିତ

କଣ୍ଟାବାଞ୍ଜି,୨୫।୧୧(ଡି.ଏନ.ଏ.):ଓଡିଶା ସାହିତ୍ୟ ଏକାଡେମି ଭୁବନେଶ୍ୱର ଓ କେ.ଭି.ଡିଗ୍ରୀ କଲେଜ କଣ୍ଟାବାଞ୍ଜି ଦ୍ୱାରା ବ୍ୟାସ କବି ଫକୀର ମୋହନ ସେନାପତିଙ୍କ ୧୭୫ତମ ଜନ୍ମଜୟନ୍ତୀ ଓ ୧୦୦ତମ ତିରୋଧାନ ଦିବସ ରବିବାର ପାଳନ ହୋଇଯାଇଛି। କେ.ଭି.ଡିଗ୍ରୀ କଲେଜ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ଜିଲାପାଳ ଅରବିନ୍ଦ ଡାକୁଆ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କଲେଜ ପ୍ରିନ୍ସପାଲ ସତ୍ୟବ୍ରତ ମିଶ୍ର, ସାହିତ୍ୟ ଏକାଡେମି ପୁରସ୍କାରପ୍ରାପ୍ତ ଲେଖକ ପ୍ରାବନ୍ଧିକ ରାମପ୍ରସାଦ ପୁରୋହିତ, କଲେଜର ଓଡିଆ ଅଧାପକ ତଥା ଏକାଡେମି ସଭ୍ୟ ଡଃ ସଞ୍ଜୟ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲାପାଳ ଡାକୁଆ ସମାଜ ଅଛିମାନେ ସଙ୍କଟ ଅଛି, ଓଡିଆମାନଙ୍କ ଆଚରଣକୁ ନେଇ ସ୍ୱାଧୀନତା ରହିଛି ବୋଲି କହିଥିଲେ। ଏହି ଅବସରରେ ଓଡିଆ ଓ ବାଣିଜ୍ୟ ପି.ଜି. ଛାତ୍ରୀଛାତ୍ର ଏବଂ ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ, ବେଲପଡା, ଲାଠୋର, ମୁରିବାହାଲ, ସିନ୍ଧେକେଲା, ଟିଟିଲାଗଡ ଖରିଆର, ନୂଆପଡା ଅଞ୍ଚଳର ଓଡିଆ ଅଧାପକମାନେ ଅଂଶ ଗ୍ରହଣ କରି ଫକୀର ମୋହନ ସେନାପତିଙ୍କ ସାହିତ୍ୟ ଉପରେ ଆଲୋଚନା କରିଛନ୍ତି। ଏପରିକି କଣ୍ଟାବାଞ୍ଜି ପି.ଜି. ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଜେ.ଏନ.ୟୁ. ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ ସମ୍ବନ୍ଧୀୟ ଉପରେ ଏକ ରଚନା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗୀତାରେ ୫ଜଣ ସଫଳ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।



### ଶ୍ରୀ ଅରବିନ୍ଦ ପାଠଚକ୍ର ଷୋଡଶ ତମ ବାର୍ଷିକୋତ୍ସବ

ଲୋଇସିଂହା,୨୫।୧୧(ଡି.ଏନ.ଏ.): ଲୋଇସିଂହା ବ୍ଲକ ଅନ୍ତର୍ଗତ ଯୋଗୀସର୍ଡା ଗ୍ରାମର ଶ୍ରୀ ଅରବିନ୍ଦ ପାଠଚକ୍ରର ଷୋଡଶ ବାର୍ଷିକୋତ୍ସବ ରବିବାର ଶିକ୍ଷାନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିଶୁଙ୍କ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅନ୍ତର୍ନିହିତ ପ୍ରତିଭା ପରିପ୍ରକାଶ ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ପରିଚାଳକ ଚନ୍ଦ୍ରକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଦେବରାଜ ନାଏକ ମୁଖ୍ୟ ଅତିଥି, ତାପସ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷଣୀୟ ପରାମର୍ଶ ଦେଇଥିଲେ। କିଶୋର ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅମିତାବ ଦେହୁରୀ, ନବୀନ ଭୋଇ, ଅର୍ଜୁନ ସା, ମୋତିଲାଲ ନନ୍ଦ, ସହଦେବ ପଧାନ, ଅନୀତା ମିଶ୍ର, ସ୍ୱପ୍ନାରାଣୀ ପଶାୟତ, ରୀନା ବାରିକ, ସିକ୍ମା ସାହୁ, ପଦ୍ମବୀନା ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ସଭା କାର୍ଯ୍ୟ ପରେ ଶିଶୁମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ବଲାଙ୍ଗୀର ବାଇପାସ୍ ରାସ୍ତା ଗୋଲକଧନ୍ଦା

# ଜମି ମୂଲ୍ୟ ବୃଦ୍ଧି କେଁ ନା' ନିର୍ବାଚନୀ ମାଇଲେଜ୍ ପେଞ୍ଚ

ବଲାଙ୍ଗୀର ଅଫିସ, ୨୫।୧୧



ବଲାଙ୍ଗୀର ବାଇପାସ୍ ରାସ୍ତା ପାଇଁ ଚିହ୍ନଟ ହୋଇଥିବା ସ୍ଥାନ।

- ଚିଠି ଆଣିବାରେ ଧୁରନ୍ଧର
- ରାସ୍ତା ଅନୁମୋଦନ ହେଉ ନାହିଁ

ବଲାଙ୍ଗୀର ସହରରେ ବାଇପାସ୍ ରାସ୍ତା ନିର୍ମାଣ ଏକ ଅତ୍ୟନ୍ତ ଜରୁରୀ ଓ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ହୋଇଥିଲେ ମଧ୍ୟ ଏହି ବାଇପାସ୍ ରାସ୍ତାର ଅନୁମୋଦନ ଦୀର୍ଘ ବର୍ଷ ହେଲା ଅଟକି ରହିଛି। ୨୦୧୩ରେ ତତ୍କାଳୀନ କେନ୍ଦ୍ର ସରକାର ଏହି ବାଇପାସ୍ ରାସ୍ତା ମଞ୍ଜୁରୀ ଦେଇ ପ୍ରାୟ ୪୦କୋଟିର ଅନୁଦାନ ଦେଇଥିଲେ। ତେବେ ସେତେବେଳେ ରାସ୍ତା ସର୍ଭେ ସରିଥିଲେ ମଧ୍ୟ ବିଭିନ୍ନ କାରଣ ଦର୍ଶାଇ ବିଭାଗ ତରଫରୁ କାମ ଆରମ୍ଭ କରାଯାଇ ନ ଥିଲା। ଏହାପରେ ୨୦୧୩ଭୂମି ଅଧିଗ୍ରହଣ ଆଇନ୍ କାର୍ଯ୍ୟକାରୀ ହେବାରୁ ଏହି ବାଇପାସ୍ ରାସ୍ତା ଜମି ଅଧିଗ୍ରହଣ ଓ କ୍ଷତିପୂରଣ ପାଇଁ ଅଧିକ ଟଙ୍କା ଆବଶ୍ୟକ ପଡୁଥିବା ଦର୍ଶାଇ ବଲାଙ୍ଗୀର ତହସିଲ ଏବଂ ଏନ୍ଏଚ୍ ବିଭାଗ ପୂର୍ବରୁ ମିଳିଥିବା ୪୦କୋଟି ଖର୍ଚ୍ଚ କରି ନ ଥିବା କହିଥିଲେ। ଫଳରେ ୪୦କୋଟି ଖର୍ଚ୍ଚ ନ ହୋଇ ପଡି ରହିଥିଲା। ନୂଆ ଜମି ଅଧିଗ୍ରହଣ ଆଇନ୍ ଅନୁସାରେ ପୁଣି ଥରେ ପ୍ରକଳ୍ପ ଆକଳନ କରାଯିବାରୁ କେବଳ ବାଇପାସ୍ ରାସ୍ତା ଜମି କ୍ଷତିପୂରଣ ଟଙ୍କା ୨୪୧କୋଟିକୁ ପହଞ୍ଚିଥିବା ଜଣାପଡିଥିଲା। ତେବେ ୪୦କୋଟିରୁ ୨୪୧କୋଟି ଟଙ୍କାକୁ ଅନୁଦାନ ପହଞ୍ଚିବା ପରେ ଏହି ପ୍ରକଳ୍ପ ଅନେକ ଦିଗରୁ ବିବାଦୀୟ ହୋଇପଡିଥିଲା। ୨୦୦୯ସର୍ଭେ ପରେ କିମ୍ବା ୨୦୧୩ମସିହା ପ୍ରକଳ୍ପ ଅନୁଦାନ ଅନୁମୋଦନ ହେବା ପରେ ଏହି ପ୍ରସ୍ତାବିତ ବାଇପାସ୍ ରାସ୍ତା ପାଇଁ ଚିହ୍ନଟ ଜମିରେ ଆଇନ୍ ଅନୁଯାୟୀ ଆବଶ୍ୟକ ବିଜ୍ଞପ୍ତି ଲାଗୁ କରାଯାଇ ନ ଥିବାରୁ ବାଇପାସ୍ ରାସ୍ତା ଚିହ୍ନଟ ସ୍ଥାନରେ କିଛି ଲୋକ ଜମି କିଣାବିକା ଜାରି ରଖି ଜମିର ମୂଲ୍ୟକୁ ଢ଼େର ଅଧିକ ବୃଦ୍ଧି କରିବାରେ ସଫଳ ହୋଇଥିବା ଜଣାପଡିଥିଲା। ଜିଲା ପ୍ରଶାସନ ତରଫରୁ ଆକଳନ କରାଯାଇଥିବା ଜମି ମୂଲ୍ୟକୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ବିଭାଗୀୟ ଅନୁମୋଦନ ପାଇଁ ପଠାଇବା ପରେ ଏଥିରେ ବହୁ ଅସଙ୍ଗତି ଓ ବିଭ୍ରାନ୍ତି ଥିବା ଦର୍ଶାଇ କେନ୍ଦ୍ର ସଡକ, ପରିବହନ ଓ ରାଜପଥ ବିଭାଗ ଏହାକୁ ରଦ୍ଦ କରିଦେଇ ସଂଶୋଧିତ ରିପୋର୍ଟ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ର ସ୍ତରରୁ ବାଇପାସ୍ ରାସ୍ତା ଫାଇଲ ଫେରି ଆସିବା ଖବର ପ୍ରକାଶନ ପରେ ଏଠାରେ ହଟଚମଟ ସୃଷ୍ଟି ହୋଇଥିଲା। ଫଳରେ ଜମି ମୂଲ୍ୟାୟନ ଜାଲିଆତି ହୋଇଥିବା ଚର୍ଚ୍ଚାର ବିଷୟ ହୋଇଥିଲା। ତେବେ ପରେ ବଲାଙ୍ଗୀର ତହସିଲ ଅଫିସ, ସବ୍‌ରେଜିଷ୍ଟ୍ରି ଓ ରାଜପଥ ବିଭାଗ ମିଳିତ ଭାବେ ତ୍ରୁଟି ଓ ବିସଙ୍ଗତି ସୁଧାରି, ବିଭିନ୍ନ ସ୍ତରରେ ମୂଲ୍ୟ ଓ କର ସଂଶୋଧନ କରି ୨୪୧କୋଟିରୁ ୧୯୦କୋଟି ଟଙ୍କା କରାଯାଇ ପୁଣି ଥରେ କେନ୍ଦ୍ରୀୟ ଅନୁମୋଦନ ପାଇଁ ଫାଇଲ ପଠାଇଥିଲେ। ଗତ ୨୦ତାରିଖ ଷ୍ଟାଣ୍ଡିଂ ଫାଇନାନ୍ସ କମିଟି ଦ୍ୱିତୀୟ ଥର ପଠାଯାଇଥିବା ସଂଶୋଧିତ ଫାଇଲକୁ ମଧ୍ୟ ରଦ୍ଦ କରିଥିବା ଜଣାପଡିଛି। ଏହି ୧୯୦କୋଟିର ସଂଶୋଧିତ ରିପୋର୍ଟରେ ମଧ୍ୟ ଅନେକ ବିସଙ୍ଗତି ରହିଥିବା ଓ ବାଇପାସ୍ ରାସ୍ତା ଯାଉଥିବା କୃଷି ଜମିର ମୂଲ୍ୟ ଏବେବି ଢ଼େର ଅଧିକ ରହିଥିବା ଦର୍ଶାଯାଇ ଏହା ଉପରେ ସ୍ପଷ୍ଟୀକରଣ ମଗାଯାଇଛି। ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନ ଏହା ଉପରେ ଅଧିକ କ'ଣ ସ୍ପଷ୍ଟୀକରଣ ଦେବେ ଜଣାପଡି ନାହିଁ। ବଲାଙ୍ଗୀର ବାଇପାସ୍ ରାସ୍ତା ପ୍ରକଳ୍ପ ବଲାଙ୍ଗୀର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ହେଲେ ମଧ୍ୟ ଜିଲା ପ୍ରଶାସନ, ରାଜ୍ୟ ସରକାର ଓ କେନ୍ଦ୍ର ସରକାର କାହିଁକି ଏହା ଉପରେ ଏଭଳି ଖେଳ ଖେଳୁଛନ୍ତି ଜଣାପଡି ନାହିଁ। ଗତ ୬ତାରିଖରେ କେନ୍ଦ୍ର ସଡକ, ପରିବହନ ଓ ରାଜପଥ ମନ୍ତ୍ରଣାଳୟ ମନ୍ତ୍ରୀ ନିତିନ ଗଡକରି ଏହି ବାଇପାସ୍ ରାସ୍ତା ପାଇଁ ୧୯୦କୋଟି ମଞ୍ଜୁର ହୋଇଥିବା ଦର୍ଶାଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଚିଠି ଲେଖିଥିଲେ। ଏହି ବିଭାଗୀୟ ମନ୍ତ୍ରୀଙ୍କ ଅନୁମୋଦନ ଚିଠି ପରେ ଗତ ୨୦ତାରିଖ ଷ୍ଟାଣ୍ଡିଂ ଫାଇନାନ୍ସ କମିଟିରେ ବାଇପାସ୍ ରାସ୍ତା ଫାଇଲ କିଭଳି ଭାବେ ପୁଣି ରଦ୍ଦ ହେଲା ଏହା ଏବେ ଅନ୍ୟତମ ଚର୍ଚ୍ଚାର ବିଷୟ ହୋଇଛି। ବିଭାଗୀୟ କେନ୍ଦ୍ରମନ୍ତ୍ରୀଙ୍କ ଅନୁମୋଦନ ଚିଠି ପରେ ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂଦେଓ ଷ୍ଟାଣ୍ଡିଂ ଫାଇନାନ୍ସ କମିଟିର ଆପତ୍ତି ଚିଠିକୁ ନେଇ ଜିଲାର ବୁଦ୍ଧିଜୀବୀ ଓ ଜନସାଧାରଣ ଅନେକ ପ୍ରଶ୍ନ କରୁଛନ୍ତି। ଯେଉଁମାନେ ଏଭଳି ବିଭାଗୀୟ ଚିଠି ଆଣିବାରେ ଧୁରନ୍ଧର ଅଛନ୍ତି ସେମାନେ ଗୁରୁତ୍ୱପୂର୍ଣ୍ଣ ବାଇପାସ୍ ରାସ୍ତା ପ୍ରକଳ୍ପ ଅନୁମୋଦନ କରାଇ ଆଣିବାରେ କାହିଁକି ନିଜର ଦକ୍ଷତା ପ୍ରତିପାଦିତ କରୁ ନାହାନ୍ତି ବୋଲି ପ୍ରଶ୍ନ କରୁଛନ୍ତି। ଆଉ ମାତ୍ର କିଛି ମାସ ପରେ ସାଧାରଣ ନିର୍ବାଚନ ହେବାକୁ ଥିବାରୁ ବଲାଙ୍ଗୀର ବାଇପାସ୍ ରାସ୍ତାକୁ ପୁଣି ଥରେ ନିର୍ବାଚନୀ ପ୍ରସଙ୍ଗ କରି ବାହାଦୁରି ମାରିବା ପାଇଁ କେନ୍ଦ୍ର ଓ ରାଜ୍ୟସ୍ତରୀୟ ନେତାମାନେ ଏଭଳି ପେଞ୍ଚ କରୁଥିବା ସହରରେ ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ହୋଇଛି।

### ହାଇସ୍କୁଲ ଶିକ୍ଷକ, କର୍ମଚାରୀଙ୍କ ନୂଆଖାଇ ଭେଟଘାଟ

ବେଲପଡା,୨୬।୧୧(ଡି.ଏନ.ଏ.)

ବେଲପଡା ବ୍ଲକ ହାଇସ୍କୁଲ ଶିକ୍ଷକ ଓ କର୍ମଚାରୀ ସଂଘର ନୂଆଖାଇ ଭେଟଘାଟ ଉତ୍ସବ କପାଣି ହାଇସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଡିଆର ମେହେର ହାଇସ୍କୁଲର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବେଲପଡା ଗୋଷ୍ଠୀ ଶିକ୍ଷାଧିକାରୀ ବୈକୁଣ୍ଠ ଶବର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏବିଓ ହୃଦାନନ୍ଦ ବେହେରା, ସୁଧୀର ତାଣ୍ଡି(ସଂଗଠନ ସମ୍ପାଦକ), ବରିଷ୍ଠ ପ୍ରଧାନ ଶିକ୍ଷକ ରାଧାମୋହନ ପାଢ଼ୀ, ମୁଖ୍ୟବକ୍ତା ଭାବେ ଅବସର ପ୍ରାପ୍ତ ଶିକ୍ଷକ ସାରଙ୍ଗଧର ଠାକୁର ଯୋଗଦେଇ ନୂଆଖାଇ ଭେଟଘାଟର ମହନୀୟତା ବିଷୟରେ ବକ୍ତବ୍ୟ ପ୍ରଦାନ କରି ଥିଲେ। ୨୦୧୮ରେ ଅବସର ଗ୍ରହଣ କରିଥିବା ଶିକ୍ଷକ ଧ୍ରୁବ ଚରଣ ରଣା, ଜଗଦାନନ୍ଦ ଖମାରୀ, ନିରାକାର ଖମାରୀ, ଶିକ୍ଷୟିତ୍ରୀ ରତ୍ନ ମଞ୍ଜରୀ ଦାଶ ଓ ୪ର୍ଥ ଶ୍ରେଣୀ କର୍ମଚାରୀ ତ୍ରିଲୋଚନ ସାହୁଙ୍କୁ ହାଇସ୍କୁଲ ଶିକ୍ଷକ ସଂଘ ତରଫରୁ ମାନପତ୍ର ସହ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ନୂଆଁଖାଇ ଭେଟଘାଟ ଉତ୍ସବରେ ବ୍ଲକର ୨୫ଟି ହାଇସ୍କୁଲ ଶିକ୍ଷକକର୍ମଚାରୀ ବୃନ୍ଦ ଯୋଗଦେଇଥିଲେ। ଶିକ୍ଷକ ଅଭିମନ୍ୟୁ ବେହେରାଙ୍କ ତତ୍ତ୍ୱାବଧାନ ଓ କପାଣି ହାଇସ୍କୁଲର ସମସ୍ତ ଶିକ୍ଷକକର୍ମଚାରୀଙ୍କ ସହଯୋଗରେ ଭେଟଘାଟ ଉତ୍ସବ ଅନୁଷ୍ଠିତ ହୋଇଥିଲା।

## ଲୋକେ ଶୁଣିଲେ ପ୍ରଧାନମନ୍ତ୍ରୀଙ୍କ ମନକି ବାତ୍

ଗୁଡ଼ଭେଲା/ ଲୋଇସିଂହା, ୨୫।୧୧(ଡ଼ି.ଏନ.ଏ.)

ଲୋଇସିଂହା ମଣ୍ଡଳ ବାଦିବାହଲ ଗ୍ରାମଠାରେ ପ୍ରଧାନମନ୍ତ୍ରୀଙ୍କ ମନକିବାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଉପସଭାପତି ବାହାଦୁର ନନ୍ଦଙ୍କ ଅଧ୍ୟକ୍ଷତାରେ ପ୍ରଧାନମନ୍ତ୍ରୀଙ୍କ ପ୍ରସାରିତ ମନକିବାତ କାର୍ଯ୍ୟକ୍ରମକୁ ପ୍ରୋଜେକ୍ଟର ଜରିଆରେ ଗ୍ରାମବାସୀଙ୍କୁ ଦେଖାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତା ଭୂତନାଥ ନାଏକ, ମଙ୍ଗଳ ପାତ୍ର, ସମ୍ପାଦକ ରଞ୍ଜନ ପଟେଲ, ଆନନ୍ଦ ନାଏକ ଓ ଅନ୍ୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବୁର୍ଡା ଗ୍ରାମର ତଳିପଡାଠାରେ ସୁଦୀପ ସା, ଗଜେନ୍ଦ୍ର ଦଣ୍ଡସେନା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଗୁଡ଼ଭେଲା ବ୍ଲକ ଅନ୍ତର୍ଗତ ସମରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମଧ୍ୟ ମନକି ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁଡ଼ଭେଲା ବ୍ଲକ ଅଧ୍ୟକ୍ଷ ତଥା ଭାଜପାର ବରିଷ୍ଠ ନେତା ଅଶୋକ ଚନ୍ଦ୍ର ଦୋରାଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା ଏହି କାର୍ଯ୍ୟକ୍ରମ। ଏଥିରେ ଦୋରା କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସୁ ବିଦେଶ ନିତୀ ଯୋଗୁ ବିଶ୍ୱ ଦରବାରରେ ଭାରତର ଦବ୍‌ଦବା ବଢ଼ିବା ସହ ଶୀର୍ଷରେ ପହଞ୍ଚିଛି। ସେହିପରି ସେ ଦୀର୍ଘ ବର୍ଷ ହେବ ବିଜେଡ଼ିରେ ରହିଥିଲେ। କିନ୍ତୁ ଟିଟିଲାଗଡ଼ ବିଧାୟିକାଙ୍କ ବ୍ଲକ କାର୍ଯ୍ୟାଳୟରେ ଅଯଥା ହସ୍ତକ୍ଷେପ ଯୋଗୁ ବିଜେଡ଼ିରୁ ଇସ୍ତଫା ଦେଇ ଭାଜପାରେ ଯୋଗ ଦେଇଥିବା କହିଛନ୍ତି। ଆଗାମୀ ଦିନରେ ବ୍ଲକର ପୂର୍ବତନ ବିଡ଼ିଓଙ୍କ ସହ ମିଶି ହୋଇଥିବା ବିଭିନ୍ନ ଦୁର୍ନିତୀର ପର୍ଦାଫାସ କରାଯିବା ସହ ବ୍ଲକ, ତୁଷରା ଏନଏସି ତଥା ଟିଟିଲାଗଡ଼ ମ୍ୟୁନିସିପାଲିଟିରେ ହୋଇଥିବା ଦୁର୍ନିତିକୁ ଘରେ ଘରେ ପହଞ୍ଚାଇ ଦୁର୍ନିତି ଖୋରଙ୍କ ମୁଖା ଖୋଲାଯିବ ବୋଲି ଦମ୍ଭୋକ୍ତି ପ୍ରକାଶ କରିଥିଲେ। ଏହି ଅବସରରେ ଭାଜପାର ଦିନବନ୍ଧୁ ବେହେରା, ତୁଷରା ୧୧ନମ୍ବର କାଉନସିଲର ସୁରେନ୍ଦ୍ର ରଣା, ପ୍ରକାଶ ଚନ୍ଦନ, ଖଗେଶ୍ୱର ରଣା, ଶାନ୍ତନୁ ପଣ୍ଡା, ତ୍ରିଗତ ରଣା, ଭାଗବତ ନାହାକ, ମନ୍ମଥ ପୁରୋହିତ, ଛବିଳ ମନହୀରା ଗୁଡ଼ଭେଲା ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟଙ୍କ ସମେତ ଶତାଧିକ ଜନସାଧାରଣ ଓ କର୍ମୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

### ଆତ୍ମ ନିଯୁକ୍ତି ତାଲିମ ଶିବିର ଉଦ୍‌ଯାପିତ

ବେଲପଡା,୨୫।୧୧(ଡି.ଏନ.ଏ.)

ବେଲପଡା ବ୍ଲକ ଘାଗୁର୍ଲୀ ଗ୍ରାମ ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ଏସବିଆଇ ଏସଇଟିଏଲ ବଲାଙ୍ଗୀର ଓ ସାମାଜିକ ସଂଗଠନ ୱାଇସିଡିର ସହଯୋଗରେ ମହିଳାମାନଙ୍କ ଆତ୍ମନିର୍ଭର ପାଇଁ ଅଗରବତୀ ତିଆରି ତାଲିମ ଶିବିର ୧୫ତାରିଖରୁ ୨୫ପର୍ଯ୍ୟନ୍ତ ୧୧ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ବେଲପଡା ବିଡିଓ ପ୍ରିୟଦର୍ଶୀନି ମିର୍ଦ୍ଧା ଯୋଗଦେଇ ଗ୍ରାମାଞ୍ଚଳର ମହିଳାମାନଙ୍କ ଆତ୍ମ ନିଯୁକ୍ତି, ଦକ୍ଷତା ବୃଦ୍ଧି ସହ ସ୍ୱାବଲମ୍ବୀ କରିବା ଏହି ତାଲିମର ମୁଖ୍ୟ ଲକ୍ଷ୍ୟ ବୋଲି କହିଥିଲେ। ଏହି ତାଲିମ ଶିବିରରେ ଘାଗୁର୍ଲୀ ଓ ଖଲିଆପାଲି ଗ୍ରାମର ୮ଟି ସ୍ୱୟଂ ସହାୟକ ଦଳର ୭୦ଜଣ ମହିଳା ପ୍ରଶିକ୍ଷଣ ନେଇଥିଲେ। ଏସବିଆଇଏସଇଟିଏଲ ବଲାଙ୍ଗୀରର କୋର୍ସକୋର୍ଡିନେଟର ହେମକାନ୍ତ ଶତପଥୀଙ୍କ ତତ୍ତ୍ୱାବଧାନରେ ସୁଲୋଚନା ସାହୁ ତାଲିମ ପ୍ରଦାନ କରିଥିଲେ। ୱାଇସିଡିଏର ବେଲପଡା ବ୍ଲକ ସଂଯୋଜକ ହେମଜିତ ନନ୍ଦନ ବେହେରା ଓ କ୍ଲଷ୍ଟର ସଂଯୋଜକ ମାଖନୁ ଷାଣ୍ଡ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ଶକ୍ତି ସଞ୍ଚୟ ଦିବସ ଅବସରରେ ପୁରସ୍କୃତ ହୋଇଥିବା କୃତୀ ଛାତ୍ରୀଛାତ୍ର।

## ବ୍ଲକସ୍ତରୀୟ ଶକ୍ତି ସଞ୍ଚୟ ଦିବସ ପାଳିତ

କଣ୍ଟାବାଞ୍ଜି,୨୫।୧୧(ଡି.ଏନ.ଏ.)

ତୁରେକେଲା ବ୍ଲକ ଏବଂ କଣ୍ଟାବାଞ୍ଜି ଏନଏସି ସ୍ତରୀୟ ଶକ୍ତି ସଞ୍ଚୟ ଦିବସ ରବିବାର ସ୍ଥାନୀୟ ସରକାରୀ ବାଳକ ହାଇସ୍କୁଲଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଜ୍ଞାନ ଓ ଶକ୍ତି ସଞ୍ଚୟ ସମ୍ବନ୍ଧୀୟ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ବ୍ଲକର ଚଟୁଅନକା, ବୁରୋମାଲ, କୁକୁଡାହାଡ, ଧାମନଡଙ୍ଗା, ନୋଟାଲ ସ୍କୁଲ, ଆଦର୍ଶ ବିଦ୍ୟାଳୟ, ଝରଣି ହାଇସ୍କୁଲ, କୁଇବାହାଲ ହାଇସ୍କୁଲ ଏବଂ ବ୍ଲକର ୨୦ରୁ ଊର୍ଦ୍ଧ୍ୱ ହାଇସ୍କୁଲର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗୀତାରେ କୃତି ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ସହ ନଗଦ ରାଶୀ ପୁରସ୍କାର ସ୍ୱରୁପ ପ୍ରଦାନ କରାଯାଇଛି। ଅମିତ ମହାରଣା, ମନୋଜ ହିଆଲ, ଆୟୁଷ୍ମାନ ସାହୁ ପ୍ରମୁଖ ପ୍ରଥମ, ଦ୍ୱୀତିୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭୁଦତ ସାହୁ ପୁରସ୍କାର ବିତରଣୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଅତିଥିଭାବେ ସାମାଜିକକର୍ମୀ ସଞ୍ଜୟ ଗାନ୍ଧୀ, ମୋହନ ସୋନି, କୃତିକର ବାଗ, ପୁଷ୍ପକେତୁ ବେହେରା, ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ମୁଜବୁଲ ଖାନ ପରିଚାଳନା କରିଛନ୍ତି।

## ବଣିକ ସଂଘର ନୂତନ କର୍ମକର୍ତ୍ତା ଚୟନ

ଲୋଇସିଂହା,୨୫।୧୧(ଡି.ଏନ.ଏ)

ଲୋଇସିଂହା ବଣିକ ସଂଘର ବାର୍ଷିକ ଅଧିବେଶନ ଗାଇଖାଇ ଜଳ ପ୍ରକଳ୍ପଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ୟବସାୟୀଙ୍କ ମଧ୍ୟରେ ଏକତା ସ୍ଥାପନ ଜରୁରୀ ଏବଂ ସଂଘ ଆଇନକୁ ଅମାନ୍ୟ ନ କରି ସମସ୍ତେ ଅନୁପାଳନ କରିବାକୁ ବୈଠକରେ ମତପ୍ରକାଶ ପାଇଥିଲା। ସଭାପତି ମୋହିତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଗତ ବୈଠକର ବିବରଣୀ ପାଠ ଓ ବାର୍ଷିକ ଆୟ ବ୍ୟୟ ସମ୍ପର୍କରେ ଉପସ୍ଥିତ ସଦସ୍ୟଙ୍କୁ ଅବଗତ କରିଥିଲେ। ଏହାପରେ ପୁରୁଣା କମିଟିକୁ ଭାଙ୍ଗି ନୂତନ କର୍ମକର୍ତ୍ତା ଗଠନ କରାଯାଇଥିଲା। ସର୍ବସମ୍ମତି କ୍ରମେ ସୁଶୀଲ ବିଶ୍ୱାଳ ସଭାପତି, ପ୍ରକାଶ ମହାରଣା ଉପସଭାପତି, ରବୀନ୍ଦ୍ର ନାୟକ ସମ୍ପାଦକ, ବ୍ରଜମୋହନ ବିଶୋଇ ସହ ସମ୍ପାଦକ, ସଞ୍ଜୟ ଅଗ୍ରୱାଲ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ମୋହିତ ମିଶ୍ର, ଲବ ଅଗ୍ରୱାଲ, ଉତ୍ତମ କବାଟ, ଅମରେନ୍ଦ୍ର ବେହେରା, ନରେନ୍ଦ୍ର ପଧାନ, ନରେଶ ମହାପାତ୍ର, ସୁଶାନ୍ତ ସାହୁ, ଶିବନାରାୟଣ ମେହେର ପ୍ରମୁଖ ଉପଦେଷ୍ଟା ମଣ୍ଡଳୀରେ ରହିଛନ୍ତି।



ଲୋଇସିଂହା ବଣିକ ସଂଘ ସଦସ୍ୟ।

ଉମେଶ ଏଣ୍ଡ ଟିଟୁ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ

## ୨-୦ଗୋଲ୍‌ରେ ନକଟାସର ଚାମ୍ପିୟନ

ଲୋଇସିଂହା,୨୫।୧୧(ଡି.ଏନ.ଏ.)

ଆଗଲପୁର ବ୍ଲକ ନଅଗାଁ(ଖ) ଗ୍ରାମର ଦୁଇ ଜଣ ଉଦୀୟମାନ ଖେଳାଳିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦ୍ୱିତୀୟ ବର୍ଷ ଉମେଶ ଏଣ୍ଡ ଟିଟୁ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟର ଫାଇନାଲ ଖେଳରେ ନକଟାସର ୨-୦ଗୋଲରେ ସୁଜିଆକୁ ହରାଇ ଚାମ୍ପିୟନ ହୋଇଛି। ଗ୍ରାମର ପଲ୍ଲୀ ଆଲୋକ ପାଠାଗାର ଓ ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ମନିଷ୍ଟାଡିୟମଠାରେ ଆୟୋଜିତ ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ସୁଜିଆ ଏବଂ ନକଟାସର ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ନକଟାସର ଦଳର ରାକେଶ କୁଅଁର ଏବଂ ପରକ୍ଷିତ ଭୋଇଙ୍କ ଗୋଟିଏ ଲେଖାଁଏ ଗୋଲରେ ଦଳ ୨-୦ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ପରକ୍ଷିତ ଭୋଇ ପ୍ଲେଆର ଅଫ ଦି ଟୁର୍ନାମେଣ୍ଟ ଓ ହେମନ୍ତ ବାଗବେଷ୍ଟ ଗୋଲ କିପର ଭାବେ ପୁରସ୍କୃତ ହୋଇଥିଲେ। କ୍ରୀଡା ଶିକ୍ଷକ ସୀତାରମ ପଧାନଙ୍କ ନେତୃତ୍ୱରେ ଦିଲୀପ ଧରୁଆ, ବିଜୟ ରଣା, ରାଜେନ୍ଦ୍ର ଧରୁଆ, ଦଳଗୋବିନ୍ଦ ମୁଣ୍ଡା, ଡାକ୍ତର ଭୋଇ, ପ୍ରଦୀପ ବଗର୍ତ୍ତି, ଉମେଶ ଭୋଇ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ପିଏପି ସମ୍ପାଦକ ପ୍ରଶାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବ୍ଲକ ଉପାଧ୍ୟକ୍ଷ ମନମୋହନ ପଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲାପରିଷଦ ସଭ୍ୟା ଶୁକୁମାରୀ ଧରୁଆ, ଯୁବନେତା ବଳରାମ ସା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନାଗର ହରପାଲ, ମନରଞ୍ଜନ ଦାସ, ବିନୋଦ ପଟେଲ ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୫ହଜାର ଓ ରନର୍ସ ଅପ ଦଳକୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ତରଫରୁ ସ୍କୁଲସ୍ତରରେ ଖୋଖୋରେ ଜାତୀୟସ୍ତରକୁ ଖେଳିବାକୁ ଯାଇଥିବା ଗାଁର ଦୁଇ ପ୍ରତିଭା ନମିତା ସାହୁ ଏବଂ ଚନ୍ଦ୍ରିକା ହରପାଲଙ୍କୁ ସମ୍ମାନିତ କରାଯାଇଥିଲା।




ଅତିଥି ଏବଂ ଆୟୋଜକଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

### ୨୮ରେ ବଲାଙ୍ଗୀର ଆସିବେ ଦୂତୀ ଚାନ୍ଦ

ବଲାଙ୍ଗୀର ଅଫିସ, ୨୫।୧୧

ଆସନ୍ତା ୨୮ତାରିଖରେ ଅଲମ୍ପିକ ପଦକ ବିଜେତା ଦୌଡରାଣୀ ଦୁତି ଚାନ୍ଦ ବଲାଙ୍ଗୀର ଆସି ମଣ୍ଟେସୋରୀ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବରେ ମୁଖ୍ୟ ଅତିଥି ଭାବେଯୋଗଦେବେ। ବଲାଙ୍ଗୀରରେ ଦୁତିଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବାକୁ ପ୍ରସ୍ତୁତି ସରିଛି। ଦୁତିଙ୍କ ଆଗମନକୁ ନେଇ ମଣ୍ଟେସୋରୀ ସ୍କୁଲ ତଥା ଜିଲା କ୍ରୀଡାପ୍ରେମୀଙ୍କ ମହଲରେ ଉତ୍ସାହ ପରିଲକ୍ଷିତ ହୋଇଛି। ଗତ ୨୮ ଓ ୨୯ ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ମଣ୍ଟେସୋରୀ ସ୍କୁଲ କ୍ରୀଡା ସମାରୋହରେ ଯୋଗଦେବା ଅବସରରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଦୁତି ଉଦ୍‌ବୋଧନ ଓ ପ୍ରେରଣା ଯୋଗାଇବେ ବୋଲି ମଣ୍ଟେସୋରୀ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ରବିଚନ୍ଦ୍ର ଉଦ୍‌ଗାତା ଜଣାଇଛନ୍ତି। ଉଦଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢେଇ ଯୋଗଦେବେ। ୨୯ ତାରିଖ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବେ ବୋଲି ଅଧ୍ୟକ୍ଷ ଉଦ୍‌ଗାତା ସୂଚନା ଦେଇଛନ୍ତି।



ଯେ ଅନ୍ୟର ସାହାଯ୍ୟ ନ ଲୋଡ଼ି ନିଜ ଶକ୍ତିର ପୂର୍ଣ୍ଣ ଉପଯୋଗ କରେ ସେ ପ୍ରକୃତ ସଫଳତା ଲାଭ କରେ।
- ଟାସିଟସ୍



## ସଂକ୍ଷେପରେ

### ସରକାର ଦେଇଛନ୍ତି ପ୍ରତିଶ୍ରୁତି
# ଶିକ୍ଷାସେବା ଅଧିକାରୀଙ୍କ ସମୂହ ଛୁଟି ପ୍ରତ୍ୟାହୃତ

ନୂଆପଡା ଅଫିସ,୨୫।୧୧
ଦୀର୍ଘ ୧୯୭୧ରୁ ସରକାର ଶିକ୍ଷା ସେବା ଅଧିକାରୀଙ୍କ ପଦୋନ୍ନତି ସକାଶେ କୌଣସି ପ୍ରକାର କ୍ୟାଡର ରୁଲ ପ୍ରଣୟନ କରି ନ ଥିଲେ । ଏହା ଉପରେ ରାଜ୍ୟ ସଂଘ ଡାକରାରେ ନୂଆପଡା ଜିଲା ସଂଘ ଏହା ନ ହେଲେ ଆସନ୍ତା ୨୬ ତାରିଖଠାରୁ ସମୂହ ଛୁଟିରେ ଯାଇ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ଡାକରା ଦେଇଥିଲା । ଏହାର ଅବ୍ୟବହିତ ପୂର୍ବରୁ ରାଜ୍ୟ ସରକାରଙ୍କ ପ୍ରମୁଖ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ଶିକ୍ଷାବିଭାଗ ସଚିବଙ୍କ ସହ ଆଲୋଚନା କରି ଆଗାମୀ ମାସକ ମଧ୍ୟରେ ଏହା ଉପରେ କାର୍ଯ୍ୟାନୁଷ୍ଠାନ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ସଂଘ ଆଶ୍ୱସ୍ତି ପ୍ରକାଶ କରିଛି । ଏଥିରେ ଖୁସି ହୋଇ ଆନ୍ଦୋଳନ ଡାକରାକୁ ପ୍ରତ୍ୟାହାର କରିନେଇଛନ୍ତି । ଏହାକୁ ନେଇ ସରକାର ଏବଂ ଗଣମାଧ୍ୟମକୁ ସାଧୁବାଦ ଜଣାଇଛି ସଂଘ ।

### ମଣ୍ଡି ଖୋଲିନି, ଚାଷୀ ଅଭାବୀ ବିକ୍ରିର ଶିକାର
# ଛତିଶଗଡ଼କୁ ଚାଲାଣ ହେଉଛି ଧାନ

ଖଡିଆଳ,୨୫।୧୧(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ଅଞ୍ଚଳର ଚାଷୀଙ୍କୁ ସମସ୍ୟା ପିଛା ଛାଡିବାର ନାଁ ନେଉ ନାହିଁ । କେତେବେଳେ ବର୍ଷା ଅଭାବରୁ ମରୁଡି ସମସ୍ୟା ତ କେତେବେଳେ ରୋଗପୋକ ଓ ପ୍ରାକୃତିକ ବିପର୍ଯ୍ୟୟ ହୋଇ ଫସଲ ନଷ୍ଟ ହେଉଛି । ଚଳିତବର୍ଷ ଚାଷ ଭଲ ହୋଇଥିଲେ ହେଁ ଅମଳ ହେବା ପୂର୍ବରୁ ବର୍ଷାର ଅଭାବ ଲାଗି ରହିଥିଲା ତା ସତ୍ତ୍ୱେ ମଧ୍ୟ କିଛିକାଂଶରେ ଚାଷୀ ଧାନ ପାଇଥିଲେ । ତେବେ ବର୍ତ୍ତମାନ ନଭେମ୍ବର ସରିବାକୁ ବସିଥିବା ବେଳେ ଏପର୍ଯ୍ୟନ୍ତ ଖଡିଆଳ ବ୍ଲକରେ ମଣ୍ଡି ଖୋଲି ନାହିଁ । ଫଳରେ ଧାନର ଅଭାବ ବିକ୍ରିର ଶିକାର ହୋଇଥିବା ଅଭିଯୋଗ ହୋଇଛି । କମ ଧାନ ଅମଳ ହୋଇଥିଲେ ହେଁ ଚାଷୀ ଘର ଚଳାଇବା ପାଇଁ ଧାନ ବିକ୍ରି କରିଥାନ୍ତି । ଫଳରେ ମଣ୍ଡି ଖୋଲି ନ ଥିବା ଯୋଗୁ ବେପାରୀମାନଙ୍କ ହାତରେ ୯୦୦ରୁ ୧ ହଜାର ଏପରି କି ୧୧ ଶହ ଟଙ୍କା କମ୍ ମୂଲ୍ୟରେ ବିକ୍ରି ହେଉଥିବା ଦେଖିବାକୁ ମିଳିଛି ।



ଖଡ଼ିଆଳ ଅଞ୍ଚଳରେ ଚାଷୀମାନେ ଧାନ ଅମଳ କରି ଖଳାରେ ରଖିଛନ୍ତି ।

କେବଳ ସେତିକି ନୁହେଁ ଯୋଗାଣ ବିଭାଗ କର୍ମଚାରୀଠାରୁ ଆରମ୍ଭ କରି ମିଲ ମାଲିକ ଓ ବେପାରୀମାନଙ୍କ ସହ ମିଶି ଚାଷୀଙ୍କଠାରୁ କମ୍ ମୂଲ୍ୟରେ ଧାନ କିଣି ଛତିଶଗଡକୁ ଚୋରାଚାଲାଣ କରାଯାଉଥିବା ମଧ୍ୟ ଅଭିଯୋଗ ହୋଇଛି । ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଥିବା ଦେଖିବାକୁ ମିଳିଛି । ଖାଲି ସେତିକି ନୁହେଁ ଯୋଗାଣ ବିଭାଗର ସହାୟତାର ମିଲ ମାଲିକ ଓ ବେପାରୀମାନେ କମ୍ ମୂଲ୍ୟରେ ଧାନ କିଣି ଛତିଶଗଡକୁ ଧାନ ଚାଲାଣ କରି ମାଲେମାଲ ହେଉଥିବା ବେଳେ ଚାଷୀକୂଳ ଶୋଷଣର ଶିକାର ହେଉଛନ୍ତି। ଜିଲା ପ୍ରଶାସନ କିଛି ନ ଜାଣିବା ପରି ନିରବଦ୍ରଷ୍ଟା ସାଜିଥିବା ପରିଲକ୍ଷିତ ହେଉଛି । ଏପରି କି ବର୍ତ୍ତମାନ ଖଡିଆଳ ବ୍ଲକରେ ମଣ୍ଡି ଖୋଲି ନ ଥିବା ବେଳେ ଖଡିଆଳ ଦେଇ ସିନାପାଲି ପଟୁ ଛତିଶଗଡ ଏବଂ ଖରିଆର ରୋଡ ଦେଇ ଛତିଶଗଡକୁ ଖୋଲାଖୋଲି ଭାବରେ ଚାଷୀଙ୍କଠାରୁ ବେପାରୀମାନେ କମ୍ ମୂଲ୍ୟରେ ଧାନ କିଣି ଟ୍ରକ ଯୋଗେ ଚାଲାଣ ହେଉଛି । ଏ ନେଇ ଚାଷୀମାନେ ଜିଲା ଯୋଗାଣ ବିଭାଗ କିମ୍ବା ପୋଲିସକୁ ଅବଗତ କଲେ ମଧ୍ୟ ପ୍ରଶାସନ ପଦକ୍ଷେପ ନେବା ବଦଳରେ ଓଲଟା ଅସାଧୁ ମିଲ ମାଲିକ ଓ ବେପାରୀଙ୍କୁ ସହଯୋଗ କରୁଥିବା ଅଭିଯୋଗ ହୋଇଛି । ଏ ନେଇ ସହକାରୀ ଜିଲା ଯୋଗାଣ ଅଧିକାରୀ ଖଣ୍ଡୁରାମ ନାଏକଙ୍କୁ ପଚାରିବାରେ ସୋମବାରଠାରୁ ଖଡିଆଳ ବ୍ଲକରେ ମଣ୍ଡି ଖୋଲାଯିବ ବୋଲି କହିବା ସହ ଉପରୋକ୍ତ ଅଭିଯୋଗକୁ ଏଡାଇ ଦେଇଥିଲେ । ଗୋଟିଏ ପରେ ଚାଷୀଙ୍କୁ ସମସ୍ତ ସରକାରୀ ସ୍ତରରେ ସୁବିଧା ସୁଯୋଗ ଯୋଗାଇ ଦିଆ ଯାଉଥିବା ବାହାବା ନେଉଥିବା ବେଳେ ଅନ୍ୟପଟେ ବିଭାଗୀୟ ଅଧିକାରୀଙ୍କ ସହ ମିଶି ଅସାଧୁ ବେପାରୀ ଓ ମିଲ୍ ମାଲିକମାନେ ଶୋଷଣ କରିବା ବର୍ତ୍ତମାନ ଚର୍ଚ୍ଚାର ବିଷୟ ପାଲଟିଛି ।

### ଢେଙ୍କାନାଳରେ ବନକର୍ମଚାରୀଙ୍କୁ ହଟହଟା ଘଟଣା
# ବନକର୍ମଚାରୀ ସଂଘର ପ୍ରତିବାଦ

ନୂଆପଡା ଅଫିସ/ଖଡିଆଳ, ୨୫।୧୧ (ଡି.ଏନ.ଏ.)

ଢେଙ୍କାନାଳରେ ହାତୀ ମୃତ୍ୟୁ ଘଟଣାରେ ବନପାଳ ଏବଂ ବନରକ୍ଷୀ ଦ୍ୱୟଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିବା ସହ କ୍ରାଇମବ୍ରାଞ୍ଚ ଦ୍ୱାରା ଗିରଫ କରିବା ଘଟଣାକୁ ଓଡିଶା ଅଣଗେଜେଟେଡ କର୍ମଚାରୀ ସଂଘ ତୀବ୍ର ବିରୋଧ କରିଛି। ଏହାର ପ୍ରତିବାଦରେ ନୂଆପଡା ଜିଲା ଶାଖା ତରଫରୁ ରବିବାର ସ୍ଥାନୀୟ ଖଡିଆଳସ୍ଥିତ ସଂଘ କାର୍ଯ୍ୟାଳୟରେ ଏକ ପ୍ରତିବାଦ ସଭା ହୋଇଥିଲା। ଏଥିରେ ସରକାର ଏହାକୁ ପ୍ରତ୍ୟାହାର ନ କଲେ ଆଗାମୀ ଡିସେମ୍ବର ୧୦ରୁ ୧୫ ତାରିଖ ଯାଏଁ କଳାବ୍ୟାଜ ପରିଧାନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି । ପୁଣି କାର୍ଯ୍ୟାନୁଷ୍ଠାନ ନ ହେଲେ ଡିସେମ୍ବର ୧୭ ତାରିଖଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଥିବା ପ୍ରକାଶ । ବୈଠକରେ ଜିଲା ସଭାପତି ଗଗନବିହାରୀ ହଂସ ସଭାପତିତ୍ୱ କରିଥିବା ବେଳେ ଖଡିଆଳ ବନଖଣ୍ଡ ଏବଂ ସୁନାବେଡା ବନ୍ୟପ୍ରାଣୀ ବିଭାଗ ସମସ୍ତ କର୍ମକର୍ତ୍ତା ଯୋଗଦେଇଥିଲେ । ଏମାନଙ୍କ ମଧ୍ୟରେ ସମ୍ପାଦକ ଘନଶ୍ୟାମ ଶବର, ମହାଦେବ ବନଛୋର, ଗୁଣନିଧି ବେହେରା, ରଞ୍ଜନ ସାହୁ, ପୀତାମ୍ବର ସାହୁ, ପତସ୍ୱିନୀ ସାଗର, ରାଜକୁମାରୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ ।



ପ୍ରତିବାଦ ସଭାରେ ଅଣଗେଜେଟେଡ କର୍ମଚାରୀ ସଂଘର କର୍ମକର୍ତ୍ତା ସମୂହ ।

# ୭୦ତମ ଏନ୍‌ସିସି ଦିବସ ପାଳିତ



ଧର୍ମଗଡ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟଠାରେ ଏନସିସି ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଭବାନୀପାଟଣା/ଧର୍ମଗଡ,୨୫।୧୧(ଡି.ଏନ.ଏ.)

କଳାହାଣ୍ଡିଜିଲା ଭବାନୀପାଟଣା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡିଆଠାରେ ରବିବାର ୭୦ତମ ଏନ୍‌ସିସି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଡକ ପରିବହନ ଅଧିକାରୀ ଦୀନବନ୍ଧୁ ଖୁଣ୍ଟି ମୁଖ୍ୟଅତିଥି ଭାବେ ଯୋଗଦେଇ ଏନ୍‌ସିସି ପତାକା ଉତ୍ତୋଳନ କରି ସାମୂହିକ ପରେଡର ଅଭିବାଦନ ଗ୍ରହଣ କରିଥିଲେ । ଏନ୍‌ସିସି କ୍ୟାଡେଟ୍‌ମାନଙ୍କ ସାମୂହିକ ପରେଡ୍‌ରେ ସ୍ୱୟଂଶାସିତ ମହାବିଦ୍ୟାଳୟ ସିନିୟର୍ ଡିଭିଜନ୍ ଆର୍ମି ଦଳ ଏବଂ ସିନିୟର୍ ଡିଭିଜନ୍ ନାଭାଲ୍ ଦଳ, ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟ ସିନିୟର୍ ଡିଭିଜନ୍ ନାଭାଲ ଦଳ, ଜୁନିୟର୍ ଡିଭିଜନ୍ ଆର୍ମି ଦଳ ମଧ୍ୟରେ ବିଏମ୍ ହାଇସ୍କୁଲ, ପୋଲିସ ହାଇସ୍କୁଲ ଓ ମାଣିକେଶ୍ୱରୀ ହାଇସ୍କୁଲର କ୍ୟାଡେଟ୍‌ମାନେ ଭାଗ ନେଇଥିଲେ । ସାମୂହିକ ପରେଡ୍‌ରେ ମୋଟ୍ ୧୧୮ ଜଣ କ୍ୟାଡେଟ୍ ଆକର୍ଷଣୀୟ ପ୍ୟାରେଡ୍ ପ୍ରଦର୍ଶନ କରିଥିଲେ। କ୍ୟାପଟେନ୍ ଜୟଦେବ ସାହୁ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଭବାନୀପାଟଣା ସବ୍‌ଲେଫ୍‌ନେ ସୁଶାନ୍ତ କୁମାର ଦାଶ ଜେପିଏସ୍ ଡିଗ୍ରୀ କଲେଜ, ଏନ୍‌ସିସି ଅଫିସର୍ ଗଙ୍ଗାଧର ନନ୍ଦ ପୋଲିସ ହାଇସ୍କୁଲ ତଥା ଏନ୍‌ସିସି ଅଫିସର୍ ଶରତ ଚନ୍ଦ୍ର ପୁରୋହିତ ବିଏମ୍ ହାଇସ୍କୁଲ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଏହି ଅବସରରେ ସ୍ୱୟଂଶାସିତ ମହାବିଦ୍ୟାଳୟ ଶ୍ରେଷ୍ଠ ସିନିୟର୍ ଆର୍ମି ଦଳ ହିସାବରେ ପ୍ୟାରେଡ୍‌ରେ ପୁରସ୍କୃତ ହୋଇଥିଲା ଏବଂ ପୋଲିସ ହାଇସ୍କୁଲ ଜୁନିୟର୍ ଆର୍ମି ଦଳ ହିସାବରେ ପୁରସ୍କୃତ ହୋଇଥିଲା । କ୍ୟାଡେଟ୍‌ମାନେ ସ୍ୱଚ୍ଛ ଭାରତ ଅଭିଯାନ ରେଲିରେ ବାହାରି କଲେଜ ଛକସ୍ଥିତ ସୁବାସ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ନିକଟସ୍ଥ ଅଞ୍ଚଳକୁ ପରିଷ୍କାର କରି ସ୍ୱଚ୍ଛ ଭାରତ ଅଭିଯାନର ବାର୍ତ୍ତା ସ୍ଥାନୀୟ ଲୋକମାନଙ୍କୁ ଅବଗତ କରାଇଥିଲେ । ସେହିପରି ଧର୍ମଗଡ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟଠାରେ ରବିବାର ଏନସିସି ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପୋଲିସ ଡିଏସପି ସୁରେନ୍ଦ୍ର ନାଥ ଶତପଥୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଂଶୁମାନ ପାତ୍ର ଯୋଗଦେଇ ଏନସିସି ଦେଶର ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ ବୋଲି କହିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଏନସିସି ଅଧିକାରୀ ସରୋଜ କୁମାର ପଣ୍ଡା ଏନସିସି ଓ ଉପାଦେୟତା ଏବଂ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଖେଳ ଶିକ୍ଷକ ସନ୍ତୋଷ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଏନସିସି ଛାତ୍ର ଯୋଗଦେଇଥିଲେ।



ଭବାନୀପାଟଣାଠାରେ ଅନୁଷ୍ଠିତ ଏନ୍‌ସିସି ଦିବସରେ ଆୟୋଜିତ ପରେଡ୍ ।

# ବେଆଇନ ମଦ, ଗୁଟ୍‌ଖା ବ୍ୟବସାୟ: ଯୁବକ ଗିରଫ

ଭବାନୀପାଟଣା,୨୫।୧୧(ଡି.ଏନ.ଏ.)

ଭବାନୀପାଟଣା ସହରର ବିଭିନ୍ନ ସ୍ଥାନରେ ନକଲି ମଦ ଓ ଗୁଟ୍‌ଖା ବ୍ୟବସାୟ ଚଳାଇଥିବା ଅଭିଯୋଗରେ ଶନିବାର ଟାଉନ ଥାନା ପୋଲିସ ଚଡାଉ କରି ଜଣେ ଯୁବକଙ୍କୁ ଗିରଫ କରିଛି । ଏ ନେଇ କଳାହାଣ୍ଡି ସିଡିଏମଓଙ୍କୁ ପରାମର୍ଶ ରିପୋର୍ଟ ଦେବାକୁ ପୋଲିସ ଅନୁରୋଧ କରିଥିଲା । ସିଡିଏମଓଙ୍କ ରିପୋର୍ଟକୁ ଭିତ୍ତି କରି ଗୁଟଖା କାରବାର କରୁଥିବା ମାଲିକ ସନ୍ତୋଷ ସେନାପତି (୪୫)ଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି । ପୋଲିସ ଏସ୍‌ଆଇ ଡମ୍ବରୁଧର ବଡ୍ରିଆ ଘଟଣାର ତଦନ୍ତ ଜାରି ରଖିଛନ୍ତି । ଅଭିଯୋଗକ୍ରମେ ଟାଉନ ଥାନା ପୋଲିସ ସହରର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ବେଆଇନ କାରବାର ଚଳାଇଥିବା ସନ୍ତୋଷଙ୍କୁ ଥାନାକୁ ଆଣି ପଚରା ଉଚୁରା ଚଳାଇଥିଲା । ଏଥିସହିତ ବେଆଇନ ଗୁଟ୍‌ଖା ଚାଲାଣ ହେଉଥିବା ଟ୍ରକକୁ ମଧ୍ୟ ପୋଲିସ ଜବତ କରିଛି । ଗୁଟକା ବୋଝେଇ ମିନିଟ୍ରକ ଅଟକ ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରି ଟ୍ରକ୍ ଓ ୯୦ ଲକ୍ଷ ଟଙ୍କାର ଗୁଟଖା ଜବତ କରିଛି ।

### ଶକ୍ତି ସଂରକ୍ଷଣ ଆଧାରିତ ଜ୍ଞାନ ପ୍ରତିଯୋଗିତା
# ୧୫ ଜଣ ଜିଲା ପ୍ରତିଯୋଗିତାକୁ ଉନ୍ନୀତ

ନୂଆପଡା ଅଫିସ,୨୫।୧୧

ଶକ୍ତି ସଂରକ୍ଷଣ ଏବଂ ଜଙ୍ଗଲ ଓ ପରିବେଶ ବିଭାଗର ମିଳିତ ଆନୁକୂଲ୍ୟରେ ଶକ୍ତି ସଂରକ୍ଷଣ ଆଧାରିତ ଜ୍ଞାନ ପ୍ରତିଯୋଗିତା ଜିଲାର ୫ଟି ବ୍ଲକରେ ଅନୁଷ୍ଠିତ ହୋଇଯାଇଛି । ମିଳିଥିବା ସୂଚନାନୁଯାୟୀ ନୂଆପଡା ବ୍ଲକରେ ସ୍ଥାନୀୟ ଖରିଆରରୋଡ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଅଜିତ ସିଂ ଅଧ୍ୟକ୍ଷତା କରିଥିବା ବେଳେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଚୈତରାମ ନାଏକ ମୁଖ୍ୟଅତିଥି, ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଭୋଇ, ଜିଲା ବିଜ୍ଞାନ ନିରୀକ୍ଷକ ଅଶ୍ୱିନୀ କୁମାର ଭୋଇ ପ୍ରମୁଖ ବିଶେଷ ଅତିଥି ଭାବେ ଆସି ପର୍ଯ୍ୟବେକ୍ଷଣ କରିଥିଲେ । ଏଥିରେ ବ୍ଲକର ମୋଟ ୧୨୩ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ୩ଜଣ ଯଥାକ୍ରମେ କେନ୍ଦ୍ରୀୟ ବିଦ୍ୟାଳୟ ନୂଆପଡାର ଅମ୍ରିତା ସାହୁ ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଖରିଆରରୋଡର ଅବିନାଶ ମଲ୍ଲିକ ଦ୍ୱିତୀୟ ଏବଂ ସାରାବଙ୍ଗ ହାଇସ୍କୁଲର ଅମିଶା ସାହୁ ତୃତୀୟ ସ୍ଥାନ ଅକ୍ତିଆର କରି ପୁରସ୍କୃତ ହୋଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବିଜ୍ଞାନ ଶିକ୍ଷକ ସୁଶାନ୍ତ କୁମାର ଯୋଷୀ, ଅଞ୍ଜନା ଗୁରୁ, ମୀନା ବାଗ, ରାମେଶ୍ୱରୀ ସାଗର, ବବିତା ରଣା ପ୍ରମୁଖ ସହଯୋଗ କରିଥିଲେ । ତେବେ ଏହିଭଳି ଜିଲାର ୫ଟି ବ୍ଲକ ଯଥା କୋମନା ବ୍ଲକର ଜିତାମିତ୍ର ହାଇସ୍କୁଲ, ଖଡିଆଳ ବ୍ଲକର ରାଜାଏଟି ହାଇସ୍କୁଲ, ବୋଡେନ ବ୍ଲକର ମା' ଦୁଆରସିନ ହାଇସ୍କୁଲ କେରାପଦର ଏବଂ ସିନାପାଲି ବ୍ଲକର ସିନାପାଲି ହାଇସ୍କୁଲରେ ଏହି ପ୍ରତିଯୋଗିତା ହୋଇଥିଲା । ଏଥିରୁ ମୋଟ ୧୫ଜଣ ପ୍ରତିଯୋଗୀଙ୍କୁ ଜିଲାସ୍ତରକୁ ଉନ୍ନିତ କରାଯାଇଛି। ଆଗାମୀ ୨ ତାରିଖରେ ନୂଆପଡା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ହେବାକୁ ଥିବା ପ୍ରତିଯୋଗିତାରେ ଭାଗ ନେବେ । ଏଠାରୁ ୩ଜଣ ପ୍ରତିଯୋଗୀ ଡିସେମ୍ବର ୧୩ ତାରିଖରେ ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ଭାଗ ନେବାକୁଥିବା ଜିଲା ଇକୋ କ୍ଲବ ସଂଯୋଜକ କିଶୋର କୁମାର ପରିଡା କହିଛନ୍ତି ।





କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

### ମୁଡ୍‌ଦୁଖା ହେଉଛେ ଖୁଚ୍‌ରା ପଏସା ଲେନ୍‌ଦେନ୍
# ନେବାକେ ଅମଂଗ୍ ହେଉଛନ୍ ବେପାରୀ

ଭବାନୀପାଟଣା,୨୫।୧୧(ଡି.ଏନ.ଏ.):

କଳାହାଣ୍ଡି ଜିଲାର ଭିନେ ଭିନେ ଅଂଚଲ ସମେତ ଭବାନୀପାଟଣା ସହରରେ ଖୁଚ୍‌ରା ପଏସାକେ ନେଇ ବଡ଼ା ସମସିଆ ଦେଖାଦେଇଛେ। ଖୁଚ୍‌ରା(କଏନ୍) ନେଇ ବଜାରକେ ଗଲେ ଦୁକାନୀମାନେ ନେବାକେ ହିଚ୍‌ଖିଚଉଛନ୍। ଟଁକାକିଆ କି ଦୁଇଟଁକିଆ ତ ଦୂରର କଥା ୫ ଆର୍ ୧୦ଟଁକିଆ କଏନ୍ ଦେଲେ ବି ନେବାକେ ଅମଂଗ୍ ହେଉଛନ୍। ଏନ୍‌ତା କି ବ୍ୟାଙ୍କମାନକେ ବି କଏନ୍ ଜମା କରବାକେ ଗଲେ ହଇରାନ ହରକତ୍ ହେବାକେ ପଡୁଛେ। ଇ ସମସିଆରେ ସାଧାରନ୍ ଜନ୍‌ତା ଯୁଝୁଥିଲା ବେଲେ ସରକାର ଆର୍ ପର୍‌ଶାସନ୍ ବେଖବର ଥିବାର ଦେଖିବାକେ ମିଳୁଛେ। ସହରରେ ଖାଲି ଛୋଟ୍ ଚା' ଆର୍ ପାନ୍ ଦୁକାନୀକୁ ଛାଡ଼ିଦେଲେ ଜଲଖିଆ ଠେଲାବାଲାମାନେ ବି ଖୁଚ୍‌ରା ପଏସା ନାଇଁନେବାର। କାରନ୍ ସେମାନେ ସାମାନ୍ ଆନୁଥିବାର ରିଟେଲର କି ହୋଲ୍‌ସେଲରମାନେ ଇ ଖୁଚ୍‌ରା ପଏସା ନାଇଁନେବାର। ସେନ୍‌ତା ଖୁଚ୍‌ରା ପଏସା ବ୍ୟାଙ୍କରେ ଜମା କରବାକେ ଗଲେ ଘଁଟା ଘଁଟା ଲାଇନ୍ ଲମେଇ ଠିଆହେବାକେ ହେଉଛେ। ଏନ୍‌ତା ସବୁ ସମସିଆର ଲାଗି କେହି ବି ଖୁଚ୍‌ରା ପଏସା ନେବାକେ କି ଲେନ୍‌ଦେନ୍ କରବାକେ ନାଇଁ ଚାହେଁବାର । ଇ ବାବ୍‌ଦେ ନିଜର ନାଁ ଗୁପତ୍ ରଖି ଝନେ ବ୍ୟାଙ୍କ ଅଧିକାରୀ କହିଛନ୍ ଯେ, ଖୁଚ୍‌ରା ସମସିଆ ଲାଗି ଝନେ ଲୋକ୍ ଦିନ୍‌କ ଅତି ବେଶୀରେ ହଜାରେ ଟଁକା ଜମା କରିପାରବେ। ହେଲେ କେତେ ଜାଗାରେ କରମ୍‌ଚାରୀମାନେ କଏନ୍ ରଖିବାକେ ଅମଂଗ୍ ହେଉଥିବାର କଥା ବି ସେ ମାନିଛନ୍। ଖୁଚ୍‌ରା ଗନ୍‌ବାର ଆର୍ ରଖିବାର ଲାଗି ବହୁତ୍ ସମିଆ ଲାଗୁଥିବାର ଲାଗି କରମ୍‌ଚାରୀମାନେ ଇ ଝଁଜଟ୍‌ରେ ପଡ଼ବାକେ ନାଇଁ ଚାହେଁବାର। ହେଲେ କଏନ୍ ଚେଷ୍ଟ ଥିବାର ବ୍ୟାଙ୍କ ଶଖାମାନ୍‌କେ ଆର୍ ରିଜର୍ଭ ବ୍ୟାଙ୍କ ଶାଖାରେ ଇ କଏନ୍ ଜମା କରାଯାଇପାରବା ବଲି ସେ ପରାମର୍ଶ୍ ଦେଇଛନ୍।



# ନୂଆପଡ଼ା ଜିଲାର ବିଭିନ୍ନ ସ୍ଥାନରେ ମିନି ମାରାଥନ

ନୂଆପଡା ଅଫିସ/ଖଡ଼ିଆଳ, ୨୫।୧୧ (ଡି.ଏନ.ଏ.)

ଆଗାମୀ ଦିନରେ ଆମ ରାଜ୍ୟରେ ହେବାକୁ ଥିବା ପୁରୁଷ ବିଶ୍ୱକପ୍ ହକି ପାଇଁ ନୂଆପଡା ମିନି ଷ୍ଟାଡିୟମରେ ୫ କି.ମି.ର ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। ରବିବାର ପୂର୍ବାହ୍ନରେ ଆୟୋଜିତ ମାରାଥନକୁ ଜିଲା କ୍ରିଡାଧିକାରୀ ଅଜୟ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତା କରିଥିବା ବେଳେ ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ ମୁଖ୍ୟଅତିଥି, ରାଜ୍ୟ କ୍ରିକେଟ ଆସୋସିଏଶନ ଉପସଭାପତି ସରୋଜ କୁମାର ସାହୁ ବିଶେଷ ଅତିଥି, ପିଡି ଡିଆରଡିଏ ବୃଷଭ ଚନ୍ଦ୍ର ନାଏକ, ଜିଲା ପରିଷଦ ଉପାଧ୍ୟକ୍ଷ ଭାନୁପ୍ରତାପ ସିଂ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ଏହାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଦୌଡାଳୀମାନେ ଏଠାରୁ ଟାନୱାଟ ଛକ ପର୍ଯ୍ୟନ୍ତ ଯାଇ ସେଠାରୁ ପୁଣିଥରେ ଏଠାକୁ ଦୌଡିଥିଲେ। ଏଥିରେ ମୋଟ ୪୬୪ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ଏଥିରେ ମହିଳା ବିଭାଗରେ ଦୌପଦୀ ଶବର, ତିଲେଶ୍ୱରୀ ନିଆଲ, ମୀନତି ବରିହା, ରାନୀ ସାହୁ, ହେମା ପ୍ରିୟା ହଂସ, ଧନେଶ୍ୱରୀ କେଉଟ, ପ୍ରିୟଙ୍କା କୁମ୍ଭାର, ବିନତି ମାଝି ପ୍ରମୁଖ ଯଥାକ୍ରମେ ପ୍ରଥମରୁ ଅଷ୍ଟମ ସ୍ଥାନ ଅକ୍ତିଆର କରିଥିଲେ । ସେହିଭଳି ପୁରୁଷ ବିଭାଗରେ ବସନ୍ତ ଶବର, ବାସନ୍ତିଲାଲ ସାହୁ, ନୃସିଂହ ତାଣ୍ଡି, ଶଙ୍କର ମାଝି, କ୍ରିଷ୍ଣା ସତନାମୀ, ଦିନେଶ ରାଉଉତ, ଦୀନବନ୍ଧୁ ଶବର, ଅଭିମନ୍ୟୁ ପନିକା ପ୍ରମୁଖ ପୁରସ୍କୃତ ହୋଇଛନ୍ତି। କାର୍ଯ୍ୟକ୍ରମରେ ବିଭୁଦତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ ।

ସେହିପରି ଖଡିଆଳ ବ୍ଲକର ୨୬ଟି ପଞ୍ଚାୟତ ସମେତ ଖଡିଆଳ ଏନଏସିରେ ବିଜୁ ଯୁବ ବାହିନୀ ପକ୍ଷରୁ ପୁରୁଷ ବିଶ୍ୱକପ୍ ହକିର ଆୟୋଜନରେ ପୃଥକ ଭାବେ ମାରାଥନ ଦୌଡ ରବିବାର ସକାଳେ ଅନୁଷ୍ଠିତ ହୋଇଯାଇଛି । ପ୍ରତ୍ୟେକ ପଞ୍ଚାୟତସ୍ତରୀୟ ବିଜୁ ଯୁବ ବାହିନୀ ପକ୍ଷରୁ ଗଣ ଦୌଡର ଆୟୋଜନ ହୋଇ କୃତୀ ପ୍ରତିଯୋଗୀତାଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଏନଏସି ବିଜୁ ବାହିନୀ କମିଟି ପକ୍ଷରୁ ସ୍ଥାନୀୟ ବ୍ଲକ ଛକଠାରୁ ଚନାବେଡା ଗାଁ ରାସ୍ତା ଗ୍ରୀଡ ଛକ ପର୍ଯ୍ୟନ୍ତ ଗଣ ଦୌଡର ଆୟୋଜନ ହୋଇଥିଲା । ଏଥିରେ ଶତାଧିକ ସଂଖ୍ୟାରେ ଉଭୟ ମହିଳା ଓ ପୁରୁଷ ବର୍ଗ ଭାଗ ନେଇଥିଲେ । ବିଜୁ ଯୁବ ବାହିନୀ ଜୋନ ୨ର ସଭାପତି ବୃଷଭ ସିଂ ବାବୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଏନଏସି ଅଧକ୍ଷା ଖୁଲଣା ବେହେରା ମୁଖ୍ୟଅତିଥି, ଉପାଧକ୍ଷ ଛବିଲା ଦୀପ,

### ପୁରୁଷ ବିଶ୍ୱକପ୍ ହକି

କାଯରୟନିର୍ବାହୀ ଅଧିକାରୀ କିଶୋର ଚନ୍ଦ୍ର ସାହୁ, ନୋଡାଲ ଅଫିସର ସିଦ୍ଧାର୍ଥ ଶଙ୍କର ମହାପାତ୍ର, ଯୁବ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ସାଜିଦ ଖାନ୍, ସୁବେର ସିଂଦେଓ, ଶାନ୍ତନୁ ପଣ୍ଡା ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରିଥିଲେ ।
ସେହିପରି କୋମନା ବ୍ଲକ ଅନ୍ତର୍ଗତ କାଣ୍ଡେତରା ଏବଂ ନୂଆଗାଁ ଗ୍ରାମପଞ୍ଚାୟତରେ ବିଜୁ ଯୁବ ବାହିନୀ ତରଫରୁ ମିନି ମାରାଥନ ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । କାଣ୍ଡେତରାରେ ପୂର୍ବାହ୍ନ ୯ଟାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସନ୍ତରାମ ସାହୁ ଯୋଗଦେଇ ଶୁଭାରମ୍ଭ କରିଥିଲେ । ଏଥିରେ ପଞ୍ଚାୟତର ବହୁ ଯୁବକ ଯୋଗଦେଇଥିଲେ । ସ୍ଥାନୀୟ ଗୋଶାଳାରୁ ଆରମ୍ଭ ହୋଇଥିବା ଦୌଡ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ଚୂଡାମଣୀ ଶବର ପ୍ରଥମ, ପ୍ରଭୁଲାଲ ଶବର ଦ୍ୱିତୀୟ ଏବଂ ତେଜୁରାମ ସାହୁ ତୃତୀୟ ସ୍ଥାନ ଅକ୍ତିଆର କରି ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମରେ ବିଜୁ ଯୁବ ବାହିନୀର ସଭାପତି ଜୟ ପ୍ରକାଶ ବାରିକ, କାର୍ଯ୍ୟ ନିର୍ବାହୀ ଅଧିକାରୀ ବାଳକ ରାମ ମାଝି, ପୂର୍ବତନ ନାଏବ ସରପଞ୍ଚ ସୁରେଶ ଦଣ୍ଡସେନା, ବିଜୁଯୁବ ବାହିନୀର ମୁସ୍ତାଫା ଖାନ ଯୋଗଦେଇଥିଲେ । ପରିଚାଳନାରେ ପଞ୍ଚାୟତର ଦୁର୍ବାଦଳ ଶବର, ଗୋପାଳ ସୁନାନୀ, ଅସଲମ ବେଗ, ନିର୍ମଳ କୁମ୍ଭାର, ମନୋହର ରଣ. ଅସରଫ ଖାନ ପ୍ରମୁଖ ସହଯୋଗ କରିଥିଲେ। ସେହିଭଳି ସ୍ଥାନୀୟ ନୂଆଗାଁ ଗ୍ରାମପଞ୍ଚାୟତରେ ସରପଞ୍ଚ ଦମୟନ୍ତୀ ହାତୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମାରାଥନ ଦୌଡକୁ ଶୁଭାରମ୍ଭ କରିଥିଲେ ।





ମିନିମାରାଥନ ପ୍ରତିଯୋଗୀତାରେ କୃତୀତ୍ୱ ଅର୍ଜନ କରିଥିବା ଯୁବକମାନଙ୍କ ସହ ଅତିଥିବୃନ୍ଦ ।

## ସଂକ୍ଷେପରେ



### ଟ୍ରାକ୍ଟର ଧକ୍କାରେ ସାଇକେଲ ଆରୋହୀ ଗୁରୁତର

ଜୁନାଗଡ,୨୫।୧୧(ଡି.ଏନ.ଏ.)
କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଙ୍ଗୁଡିସର ପଞ୍ଚାୟତ ପାଣିଗାଁରେ ରବିବାର ମଧାହ୍ନରେ ଟ୍ରାକ୍ଟର ଧକ୍କାରେ ଜଣେ ସାଇକେଲ ଆରୋହୀ ଗୁରୁତର ହୋଇଛନ୍ତି। ତାଙ୍କ ନାମ ଖଗେଶ୍ୱର ବିଶ୍ୱାଳ (୫୦) ଓ ସେହି ଗ୍ରାମର । ସୂଚନା ଅନୁଯାୟୀ, ଖଗେଶ୍ୱର ରବିବାର ମଧାହ୍ନରେ ଗାଧୋଇ ସାରି ସାଇକେଲ ଯୋଗେ ଘରକୁ ଫେରୁଥିଲେ । ଏହି ସମୟରେ ଏକ ଟ୍ରାକ୍ଟର (ନଂ. ଓଡି୦୮ଏ-୫୧୫୫) ତାଙ୍କୁ ପଛ ପଟେ ଧକ୍କା ଦେଇଥିଲା। ଖଗେଶ୍ୱର ରାସ୍ତାରେ ଛଟିକି ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ସେ ଏବେ ଚିକିତ୍ସାଧିନ ରହିଥିବା ଜଣାପଡିଛି। ତାଙ୍କ ଗୋଡରେ ଆଘାତ ଲାଗିଛି। ଏହି ଘଟଣା ପରେ ପାଣିଗାଁରେ କିଛି ସମୟ ଚାପା ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଗ୍ରାମବାସୀ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରକୁ ଅଟକ ରଖିଥିଲେ। ଖବର ପାଇଁ ଜୁନାଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟରକୁ ଜବତ କରିଥିଲା।

### କାର୍ତ୍ତିକ ପୂର୍ଣ୍ଣିମାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ

ଭବାନୀପାଟଣା,୨୫।୧୧(ଡି.ଏନ.ଏ.)
ସ୍ଥାନୀୟ ଅର୍କା ବାହାଲିପଡସ୍ଥିତ ଶ୍ରୀ ଶ୍ରୀ ବାଳଗୋପାଳ ଅନୁଷ୍ଠାନ ଆନୁକୂଲ୍ୟରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବାଳକ ଓ ବାଳିକା କନିଷ୍ଠ ଏବଂ ବରିଷ୍ଠ ବିଭାଗରେ ଝୁଟି, ଭଜନ ପ୍ରତିଯୋଗିତା ହୋଇଥିଲା । ଝୋଟି ପ୍ରତିଯୋଗିତାରେ କୁମାରୀ ଲିପି ରାଉତ ପ୍ରଥମ, କୁମାରୀ ଶୀତଲ ବଗର୍ତ୍ତି ଦ୍ୱିତୀୟ, କୁମାରୀ ସଙ୍ଗିତା ରାଉତ ତୃତୀୟ ସ୍ଥାନ ଅଧିକାରୀ କରି ସାମାଜିକ କର୍ମୀ ଗୋବର୍ଦ୍ଧନ ନାଗଙ୍କଠାରୁ ନଗଦ ଅର୍ଥ ରାଶି ଗ୍ରହଣ କରିଥିଲେ । ସେହିଭଳି ଭଜନ ପ୍ରତିଯୋଗିତାରେ ବରିଷ୍ଠ ବିଭାଗରେ ପ୍ରଥମ ପାର୍ଥ ସାରଥି ରାଉତ, ଦ୍ୱିତୀୟ ସ୍ଥାନ କୁମାରୀ ମମତା ବାଗ ଓ ତୃତୀୟ ସ୍ଥାନ କୁମାରୀ ମେଘାରାଣୀ ରାଉତଙ୍କୁ ପୁରସ୍କୃତ କରାଯାଇଛି । କନିଷ୍ଠ ବିଭାଗରେ ପ୍ରଥମ କୁମାରୀ ମୁସ୍‌କାନ ରାଉତ, ଦ୍ୱିତୀୟ ଚନ୍ଦନ କୁମାର ବିଶି ଓ ତୃତୀୟ ସ୍ଥାନ କୁମାରୀ ମାନିନୀ ଜାଲଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି । ସେହିଭଳି ଭଜନ ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ପ୍ରଥମ ସ୍ଥାନ କୁମାରୀ ଗୀତାଞ୍ଜାନ ମଞ୍ଜରୀ ବେହେରା, ଦ୍ୱିତୀୟ କୁମାରୀ ପୂଜା ରାଉତ ଓ ତୃତୀୟ ସ୍ଥାନ କ୍ଷତ୍ରିୟ ବାଗ ପୁରସ୍କୃତ ହୋଇଛନ୍ତି । କନିଷ୍ଠ ବିଭାଗରେ ପ୍ରଥମ ସ୍ଥାନ କୁମାରୀ ସିଦ୍ଧି ରାଉତ, ଦ୍ୱିତୀୟ ସ୍ଥାନ କୁମାରୀ ଡୋଲେଶ୍ୱରୀ ବଗର୍ତ୍ତି, ତୃତୀୟ ସ୍ଥାନ କୁମାରୀ ତୁଳସୀ ଚଣ୍ଡୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ହରିଶଙ୍କର ବେହେରା ଓ କୁଳମଣି ନାଗ ଭଜନ ପରିବେଷଣ କରିଥିଲେ ।

### ସବାଖିଆ ସାହିତ୍ୟ ସଂସଦର ସାହିତ୍ୟ ଆସର

ଭବାନୀପାଟଣା,୨୫।୧୧(ଡି.ଏନ.ଏ.)
କଳାହାଣ୍ଡି ଜିଲା ଭବାନୀପାଟଣା ବିବେକାନନ୍ଦ ପବ୍ଲିକ ସ୍କୁଲ ପରିସରରେ ସବାଖିଆ ସାହିତ୍ୟ ସଂସଦର ୧୪୨ତମ ସାହିତ୍ୟ ଆସର ଶନିବାର ଅନୁଷ୍ଠିତ ହୋଇଯାଇଛି । ସବାଖିଆ ସାହିତ୍ୟ ସଂସଦ ସମ୍ପାଦକ ବିରଞ୍ଚି ନାରାୟଣ ମୁଣ୍ଡଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସାହିତ୍ୟ ଆସରରେ କବି ସତ୍ୟନାରାୟଣ ମହାପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ସାହିତ୍ୟ କଥା ପତ୍ରିକାର ସମ୍ପାଦକ ସକିତ ରତେ ଓ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ଅଧକ୍ଷ ଶିବରାମ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କବୟିତ୍ରୀ ସ୍ୱର୍ଣ୍ଣକାନ୍ତି ବୈକାର ଓ ଦିପ୍ତି ମୁଣ୍ଡଙ୍କ ସଂଯୋଜନାରେ ଆୟୋଜିତ କବିତା ଆସରରେ ୨୨ଜଣ କବି ସ୍ୱରଚିତ କବିତାମାନ ଆବୃତି କରିଥିଲେ। ସୂଚନାଯୋଗ୍ୟ ଯେ, ସବାଖିଆ ସାହିତ୍ୟ ସଂସଦ ପକ୍ଷରୁ ୨୦୦୭ରୁ କ୍ରମାଗତ ଭାବେ ପ୍ରତି ମାସରେ ମାସିକ ସାହିତ୍ୟ ଆସର ଆୟୋଜିତ ହୋଇଆସୁଛି ।

## ପାନୀୟ ଜଳ ପ୍ରକଳ୍ପ ଅଚଳ

# ଗୋଟୋମୁଣ୍ଡା ଗ୍ରାମବାସୀ ପାଣି ପାଇଁ ହଟହଟା

କୋକସରା,୨୫।୧୧(ଡି.ଏନ.ଏ.)


ଗୋଟୋମୁଣ୍ଡା ପଞ୍ଚାୟତଠାରେ ଥିବା ପାନୀୟ ଜଳ ପ୍ରକଳ୍ପ ।

ପାନୀୟଜଳ ଯୋଗାଣ ପାଇଁ ରାଜ୍ୟ ସରକାର ଗ୍ରାମାଞ୍ଚଳରେ ଓଭରହ୍ୟାଡ ଟ୍ୟାଙ୍କ ସହ ଗଭୀର ନଳକୂପ ଖନନ କରି ଜନସାଧାରଣମାନଙ୍କ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଲାଗି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତେବେ ଉପାନ୍ତ ଅଞ୍ଚଳରେ ଏହି ସବୁ ଯୋଜନା ବିଭାଗୀୟ ଅଧିକାରୀମାନଙ୍କ ଅବହେଳା ଯୋଗୁ ଠପ ହୋଇପଡିଥିବା ବେଳେ ପାନୀୟ ଜଳ ପାଇଁ ଗ୍ରାମବାସୀ ନାଳ, ପୋଖରୀରୁ ପାଣି ସଂଗ୍ରହ କରୁଥିବା ଦେଖିବାକୁ ମିଳୁଛି। କୋକସରା ବ୍ଲକ ଏକ ଆଦିବାସୀବହୁଳ ଓ ଉପାନ୍ତ ଅଞ୍ଚଳ ଭାବେ ପରିଚିତ ଗୋଟୋମୁଣ୍ଡା ପଞ୍ଚାୟତଠାରେ ଥିବା ପାନୀୟ ଜଳ ପ୍ରକଳ୍ପ ଦୀର୍ଘ ଏକ ବର୍ଷ ହେବ ବିଭାଗୀୟ ଅଧିକାରୀମାନଙ୍କ ଅବହେଳା ଯୋଗୁ ବନ୍ଦ ହୋଇ ପଡିଛି। ଗୋଟୋମୁଣ୍ଡାର ଜନସଂଖ୍ୟା ୧୩୦୦ରୁ ଉର୍ଦ୍ଧ୍ୱ ଥିବା ବେଳେ ମାତ୍ର ୧୩ଟି ନଳକୂପ ରହିଛି। ସେଥିମଧ୍ୟରୁ ଅନେକ ଅଚଳ ହୋଇ ପଡିଥିବା ବେଳେ କେଉଁ କେତେଟା ନଳକୂପରୁ ପାଣି ବାହାରୁଛି ତାହା ପିଇବା ଅନୁପଯୁକ୍ତ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ପାନୀୟ ଜଳ ପ୍ରକଳ୍ପ ମରାମତି ପାଇଁ ଗ୍ରାମପଞ୍ଚାୟତକୁ ଦାୟିତ୍ୱ ଦିଆଯାଇଥିବା ବେଳେ ଏ ନେଇ ଗୋଟୋମୁଣ୍ଡା ସରପଞ୍ଚ ଜବହାର ଗୋପାଲଙ୍କୁ ପଚାରିବାରୁ ପଞ୍ଚାୟତରୁ ବ୍ଲକ ଆରଡବ୍ଲ୍ୟୁଏସଏସ ଅଫିସକୁ ବାରମ୍ବାର ଜଣାଇବା ସତ୍ତ୍ୱେ ମଧ ଧ୍ୟାନ ଦେଉନାହାନ୍ତି। ଲୋଭୋଲଟେଜ ସମସ୍ୟା ଯୋଗୁ ମଟର ପାଣି ଉଠାଇପାରୁନାହିଁ । ଏଣୁ ଚାହାରବାହଲ ବିଦ୍ୟୁତ ବିଭାଗଙ୍କୁ ମଧ ଲିଖିତ ଭାବେ ପଞ୍ଚାୟତ ତରଫରୁ ଜଣାଇ ଦିଆଯାଇଛି ବୋଲି କହିଥିଲେ। ଅନ୍ୟପଟେ କୋକସରା ବ୍ଲକ ଗ୍ରାମ୍ୟ ପରିମଳ ବିଭାଗ କିନିଷ୍ଠଯନ୍ତ୍ରୀ ଅଜିତ କୁମାର ସେଠୀଙ୍କୁ ପଚାରିବାରୁ ବର୍ତ୍ତମାନ ପାନୀୟ ଜଳ ଯୋଗାଣ ଓ ମରାମତିର ସମସ୍ତ ଦାୟିତ୍ୱ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି । ଯାହାବି ମରାମାତି କାମ ସେମାନେ କରିବେ ତଥାପି ମୁଁ ଏ ଦିଗରେ ଧ୍ୟାନ ଦେଇ କିପରି ଶୀଘ୍ର ପାନୀୟ ଜଳ ଯୋଗାଣ କରାଯାଇ ପାରିବ ସେଥିପ୍ରତି ଚେଷ୍ଟ କରିବି ବୋଲି କହିଥିଲେ । ତେବେ ଏହି ଅଞ୍ଚଳରେ ପାଣିର କୌଣସୀ ଉତ୍ସ ନ ଥିବା ବେଳେ ପିଇବା ପାଣି ପାଇଁ ଗ୍ରାମବାସୀ ହଇରାଣ ହେଉଛନ୍ତି। ଯଥାଶୀଘ୍ର ଏହି ପାଣି ପ୍ରକଳ୍ପ ଚଳାଇ ପାନୀୟ ଜଳ ଯୋଗଇ ଦେବାକୁ ଗ୍ରାମର ହେମନ୍ତ ମାଝି, ଯଦୁମଣି ଦୁର୍ଗା, ରତନ ମାଝି, ବିଦ୍ୟାଧର ଖର୍ସେଲ, ବଳରାମ ମାଝି, ଭାରତୁ ନାଏକ ପ୍ରମୁଖ ଦାବି କରିଛନ୍ତି ।

### ଚୋରା ଚାଲାଣ ବେଳେ ଧାନ ବୋଝେଇ ୪୦୭ ଗାଡି ଜବତ

କୋକସରା,୨୫।୧୧(ଡି.ଏନ.ଏ.)

ଶନିବାର ରାତିରେ ଧର୍ମଗଡ ଉପଜିଲାପାଳ ଏକ ଧାନ ବୋଝେଇ ୪୦୭ ଗାଡ଼ି (ନଂ. ଓଆର୦୮ ଡି୧୭୬୨) କୁ ଜବତ କରିଛନ୍ତି । ୪୦୭କୁ ଜବତ କରି କୋକସରା ପୋଲିସକୁ ହସ୍ତାନ୍ତର କରି ପ୍ରଶାସନିକ ତଦନ୍ତ ଆରମ୍ଭ କରାଯାଇଛି । ଗାଡିରେ ୮୨ ପାକେଟ ଧାନ ବୋଝେଇ ଥିବା ଜଣାପଡିଛି । ଉପଜିଲାପାଳ ପଦ୍ମନାଭ ବେହେରା, ଧର୍ମଗଡ ଉପଖଣ୍ଡୀୟ ଯୋଗାଣ ଅଧିକାରୀ ପ୍ରଫୁଲ୍ଲ କୁମାର ଦାଶ, ଗୋଲାମୁଣ୍ଡା ଯୋଗାଣ ଅଧିକାରୀ, ଜୁନାଗଡ ଯୋଗାଣ ଅଧିକାରୀ, ଜୟପାଟଣା ଯୋଗାଣ ଅଧିକାରୀ ରାତିରେ ପାଟ୍ରୋଲିଂ ସମୟରେ ପର୍ଲା–ଜୟନ୍ତପୁର ରାସ୍ତାରେ ଏହି ଗାଡିକୁ ଜବତ କରିଥିଲେ।

## ଜିଲା କଂଗ୍ରେସ କମିଟିର କାର୍ଯ୍ୟକାରିଣୀ

ଭବାନୀପାଟଣା,୨୫।୧୧ (ଡି.ଏନ.ଏ.)

ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରେ ଜିଲା କଂଗ୍ରେସ କମିଟିର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଭାରତ ଭୂଷଣ ବେମାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏଆଇସିସି ସମ୍ପାଦକ ଅନିଲ ଚୌଧୁରୀ, ଜାତୀୟ ପ୍ରଚାର କମିଟି ସଦସ୍ୟ ତଥା ପିସିସି ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତଚରଣ ଦାସ, ପିସିସି ସାଧାରଣ ସମ୍ପାଦକ ତଥା ଜିଲା କଂଗ୍ରେସ ପ୍ରଭାରୀ ଅଜିତ ଦାସ, ପିସିସି ସାଧାରଣ ସମ୍ପାଦକ ଅଧିରାଜ ପାଣିଗ୍ରାହୀ, ହିମାଂଶୁ ଶେଖର ଦାସ, ପିସିସି ସମ୍ପାଦକ ସାନ୍ତନୁ କୁମାର ବେହେରା, ଚିତ୍ତରଞ୍ଜନ ମଣ୍ଡଳ, ତୁଳେଶ୍ୱର ନାଏକ, ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାସ, ଶିବାଜୀ ମାଝି, ନୂଆପଡା ଜିଲା ସଭାପତି ଘାସିରାମ ମାଝି, ପୂର୍ବତନ ଜିଲା ସଭାପତି ହାଇଦର ଅଲ୍ଲୀ, ଜିଲା କାର୍ଯ୍ୟକାରୀ ସଭାପତି ପର୍ଶୁରାମ ପାଢ଼ୀ, ମହିଳା ନେତ୍ରୀ ଦ୍ରୋପଦୀ ମାଝି, ଏଆଇସିସି ସଦସ୍ୟ ତରୁଣ ମାଝି, ପିସିସି ଏସ୍‌ସିସେଲ୍ ଉପସଭାପତି ପ୍ରଶାନ୍ତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକ ପ୍ରାରମ୍ଭରେ ପୂର୍ବତନ ଏମ୍‌ପି ବୈଷ୍ଣବ ଚରଣ ପରିଡାଙ୍କ ବିୟୋଗରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଜିଲା ଦାୟିତ୍ୱରେ ଥିବା ପିସିସି ସାଧାରଣ ସମ୍ପାଦକ ଜିଲା କାର୍ଯ୍ୟକାରୀ କମିଟିରେ ନୂତନ ଭାବେ ନିଯୁକ୍ତି କର୍ମକର୍ତ୍ତାମାନଙ୍କ ନାମ ଘୋଷଣା କରିଥିଲେ । କେନ୍ଦ୍ରର ଭାଜପା ଓ ରାଜ୍ୟର ବିଜେଡି ସରକାରଙ୍କ ଅସଫଳତାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସହ କଂଗ୍ରେସ ଦଳକୁ ତୃଣମୂଳସ୍ତରରେ ସଙ୍ଗଠିତ କରିବା ପାଇଁ ନେତାମାନେ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ ।


ପ୍ରଥମ କାର୍ଯ୍ୟକାରିଣୀ ବୈଠକରେ ଜିଲା କଂଗ୍ରେସ କମିଟି ନେତୃମଣ୍ଡଳୀ ।

### ଡିଏସିପି ଦାବି ନେଇ ଓମ୍‌ସାର ଆନ୍ଦୋଳନ ପ୍ରସ୍ତୁତି

ଭବାନୀପାଟଣା,୨୫।୧୧(ଡି.ଏନ.ଏ.)

ଦୀର୍ଘ ଦିନ ଧରି ଓମ୍‌ସା ପ୍ରମୁଖ ଦାବି କେନ୍ଦ୍ରୀୟ ହାରରେ ଡିଏସିପି (ଧାର୍ଯ୍ୟ ସମୟ ଭିତ୍ତିକ ପଦୋନ୍ନତି) ପ୍ରଦାନକୁ ରାଜ୍ୟ ସରକାର ଅଣଦେଖା କରିଆସୁଛନ୍ତି। ଗତ ୨୦୧୮ ଅକ୍ଟୋବର ୨୭ ତାରିଖରେ ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କ ସହ ଆଲୋଚନା ପରେ ଗତ ୧୪ରେ ଡିଏସିପି କମିଟି ଜରିଆରେ ଏହି ଦାବିର ଯଥାର୍ଥତା ପ୍ରତିପାଦନ ପୂର୍ବକ ସରକାରଙ୍କ ନିକଟରେ ତାହା ଉପସ୍ଥାପିତ କରାଯାଇଛି । ଆସନ୍ତା ୨୭ରେ ସ୍ୱାସ୍ଥ୍ୟ ସଚିବଙ୍କ ସହ ଆଲୋଚନା ଧାର୍ଯ୍ୟ ହୋଇଥିବା ବେଳେ ୨ ଡିସେମ୍ବରରେ ଓମ୍‌ସାର ଗଭର୍ଣ୍ଣିଂ ବଡି ମିଟିଂରେ ପରବର୍ତ୍ତି କାର୍ଯ୍ୟପନ୍ଥା ଗ୍ରହଣ କରାଯିବ। ଆବଶ୍ୟକସ୍ଥଳେ ସାମୂହିକ କାର୍ଯ୍ୟ ବନ୍ଦ ଆନ୍ଦୋଳନ ପାଇଁ ଓମ୍‌ସା ଘୋଷଣା କଲେ କଳାହାଣ୍ଡି ଜିଲା ଶାଖା ତାହାକୁ ସମର୍ଥନ କରିବ ନାହିଁ ବୋଲି ଗତ ଶନିବାର ଜିଲା ଶାଖା ଏକ ଅଧିବେଶନରେ ପ୍ରସ୍ତାବ ଗ୍ରହଣ କରାଯାଇଛି । ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ଓମ୍‌ସା ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସରୋଜ କୁମାର ତିଆଡିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ଏଥିରେ ଏଡିଏମ୍‌ଓ ଡା. କବିରାଜ ଚୌଧୁରୀ, ଓମ୍‌ସାର ଦକ୍ଷିଣାଞ୍ଚଳର ଉପସଭାପତି ଡା. ପବିତ୍ର ମୋହନ ମଲ୍ଲିକ, ଜିଲା ଶାଖା ସମ୍ପାଦକ ଡା. ସିଦ୍ଧେଶ୍ୱର ମାରାଣ୍ଡି ଏବଂ ଜିଲାର ଅନ୍ୟାନ୍ୟ ଡାକ୍ତରମାନେ ଉପସ୍ଥିତ ଥିଲେ ।

## ତୈଳିକ ବୈଶ୍ୟ ସାହୁ ସମାଜର ସମୀକ୍ଷା ବୈଠକ


ତୈଳିକ ବୈଶ୍ୟ ସାହୁ ସମାଜ ଜିଲା ସଭାପତି ନୀଳମଣି ସାହୁ ଉଦବୋଧନ ଦେଉଚନ୍ତି।

କର୍ଲାମୁଣ୍ଡା,୨୫।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଯୋରାଡବ୍ରା ନିକଟସ୍ଥ ଶାନ୍ତିବନଠାରେ ତୈଳିକ ବୈଶ୍ୟ ସାହୁ ସମାଜର ସମୀକ୍ଷା ବୈଠକ ଜିଲା ସଭାପତି ନୀଳମଣି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗତ ୧୧ ତାରିଖ ହୋଇଥିବା ଜିଲାସ୍ତରୀୟ ବାର୍ଷିକ ଉତ୍ସବର ଆୟବ୍ୟୟ, ସଫଳତା ବିଫଳତା ଉପରେ ଆଲୋଚନା କରାଯାଇଛି । ଏଥିରେ ମୋଟ ୩ ଲକ୍ଷ ୮ ହଜାର ୭ ଶହ ୮୦ ଟଙ୍କା ଆୟ ଓ ୧ ଲକ୍ଷ ୭୮ ହଜାର ୪ ଶହ ୫୬ ଟଙ୍କା ବ୍ୟୟ ହୋଇ ଅବଶିଷ୍ଟାଂଶ ୧ ଲକ୍ଷ ୩୦ ହଜାର ଟଙ୍କା ହାତ ଜମା ଥିବା ଉତ୍ସବ କମିଟି ସମ୍ପାଦକ ଟିଙ୍କୁନୁ ସାହୁ ସୂଚନା ଦେଇଥିଲେ। ତେବେ ଉକ୍ତ ରାଶିକୁ ସଭାପତି ଓ ସମ୍ପାଦକଙ୍କ ନାମରେ ଯୁଗ୍ମ ଜମା ଖାତା ଖୋଲାଯାଇ ସଞ୍ଚୟ କରାଯିବା ସହିତ ଆଗାମୀ ବର୍ଷ ବାର୍ଷିକ ଉତ୍ସବ ପାଇଁ 'ସ୍ମରଣିକା' ପ୍ରସ୍ତୁତ ପାଇଁ ନିଷ୍ପତ୍ତି କରାଯାଇ 'ସ୍ମରଣିକା' ପ୍ରସ୍ତୁତ କମିଟି ଅଧକ୍ଷ ଭାବେ ଚକ୍ରଧର ସାହୁଙ୍କୁ ଚୟନ କରାଯାଇଛି। ତେବେ କିଛି ଦିନ ତଳେ ହୋଇଥିବା ବାର୍ଷିକ ଉତ୍ସବରେ ନେଗୀ ବନମାଳି ସାହୁ ଦେବାଦେବୀଙ୍କ ପୂଜାର୍ଚ୍ଚନାରେ ବ୍ୟସ୍ତ ଥିଲେ, ଯେଉଁଥିପାଇଁ ସେ ମଞ୍ଚାସୀନ ହୋଇ ପାରି ନ ଥିଲେ । ଏଣୁ ଆଗାମୀ ଦିନରେ ଏସବୁକୁ ଗୁରୁତ୍ୱ ଦିଆଯିବା ଉପରେ ଜିଲା ସଭାପତି ନୀଳମଣୀ ସାହୁ ଆଲୋଚନା କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କମିଟି ସଭ୍ୟ କୀର୍ତ୍ତନ ସାହୁ, ଉତ୍ସବ କମିଟି ସଭାପତି ମୁରଲୀଧର ସାହୁ, କାର୍ଯ୍ୟକାରୀ ସଭାପତି ନନ୍ଦକିଶୋର ସାହୁ, କୋଷାଧ୍ୟକ୍ଷ ହେମ କିଶୋର ସାହୁ, ସତ୍ୟ ନାରାୟଣ ସାହୁ, ଲକ୍ଷ୍ମୀ ପ୍ରସାଦ ସାହୁ, ରାଷ୍ଟ୍ରପତି ସାହୁ, ଦୁର୍ଗା ସାହୁ, ଗୁରୁବାରୁ ସାହୁ, ଖୁସୀରାମ ସାହୁ, ସୁଦର୍ଶନ ସାହୁ, ହୃଷୀକେଶ ସାହୁ, ଭବାନୀ ସାହୁ, ଚୂଡାମଣି ସାହୁ, ତୁଳସୀ ସାହୁ ଉଜ୍ଜଳ ସାହୁ, ଅରବିନ୍ଦ ସାହୁ, ଟୁଙ୍କୁ ସାହୁ, ଆଦିତ୍ୟ ସାହୁ, ଦୈତାରୀ ସାହୁ ପ୍ରମୁଖ ଯୋଗଦେଇ ଅଂଶ ଗ୍ରହଣ କରିଥିଲେ।

# ପୁରୁଷ ବିଶ୍ୱକପ୍ ହକି ପାଇଁ ମିନି ମାରାଥନ

ଜୁନାଗଡ,୨୫।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଛୋରିଆଗଡ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ଓଡିଶା ପୁରୁଷ ହକି ବିଶ୍ୱକପ୍ ପାଇଁ ଏକ ଦୌଡ ଅନୁଷ୍ଠିତ ହୋଇଯାଇଛି। ଛୋରିଆଗଡ ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସ୍ଥାନୀୟ ଖେଳ ପଡିଆଠାରୁ ନକଟିଗୁଡା ଛକ ପର୍ଯ୍ୟନ୍ତ ମାରାଥନ ଦୌଡ ହୋଇଥିଲା। ଏଥିରେ ପ୍ରଥମ ସ୍ଥାନ ରୋଶନ ନାଏକ, ଦ୍ୱିତୀୟ ବିରେନ୍ଦ୍ର ମାଝି ଓ ତୃତୀୟ ସ୍ଥାନ ରାଜକୁମାର ଗୁରୁ ମନୋନୀତ ହୋଇଥିଲେ। କୃତୀ ପ୍ରତିଯୋଗିଙ୍କୁ ସାର୍ଟିଫିକେଟ ସହ ଆର୍ଥିକ ରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଛୋରିଆଗଡ ସରପଞ୍ଚ ବବିତା ଗୁରୁ, ସମ୍ମାନିତ ଅତିଥି ଜିଲା ବିଜେଡି ସଭାନେତ୍ରୀ କଲ୍ୟାଣୀ ନାଏକ, ସ୍ଥାନୀୟ ସମିତି ସଭ୍ୟ ପ୍ରେମଲାଲ ନାଏକ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିତେନ୍ଦ୍ର କୁମାର ଯୋଷୀ, ସୁଧାଂଶୁ ଗୁରୁ, ଜିଆରଏସ୍ କେଶବ ନାଏକ, ଯୋଗାଣ ସହାୟକ ମଳୟ ମେହେର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଛୋରିଆଗଡ ପଞ୍ଚାୟତ ବିଜୁ ଯୁବବାହିନୀ ସଭାପତି ସୁଶାନ୍ତ ଦଣ୍ଡସେନା ପରିଚାଳନା କରିଥିଲେ।

କର୍ଲାମୁଣ୍ଡା,୨୫।୧୧(ଡି.ଏନ.ଏ.)
କର୍ଲାମୁଣ୍ଡା ବ୍ଲକ ସମସ୍ତ ଗ୍ରାମପଞ୍ଚାୟତ ପକ୍ଷରୁ ବିଶ୍ୱକପ୍ ହକି ପାଇଁ ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରିଞ୍ଜା ପଞ୍ଚାୟତରେ ବିଜୁ ଯୁବ ବାହିନୀଙ୍କ ନେତୃତ୍ୱରେ ହୋଇଥିବା ଦୌଡ ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଭୋଜବନ୍ତି ସାହୁ, ସମିତି ସଭ୍ୟା ସୁଭଦ୍ରା ମାଝି, ପିଇଓ ପ୍ରଦୀପ ସାହୁ ପ୍ରମୁଖ ଯୋଗଦେଇ ପ୍ରତିଯୋଗିମାନଙ୍କୁ ଉତ୍ସାହିତ କରିଥିଲେ। ରେଫରୀ ଭାବେ ପୁଲକ ଷଡଙ୍ଗୀ ଦାୟିତ୍ୱ ସମ୍ପାଦନା କରିଥିଲେ। ରିଞ୍ଜା ପଞ୍ଚାୟତ ବିଦ୍ୟାଳୟଠାରୁ କର୍ଲାମୁଣ୍ଡା ୩ କି.ମି. ଦୌଡ ପ୍ରତିଯୋଗିତା ହୋଇଥିଲା। ଏଥିରେ ପଙ୍କଜ ରଣା ପ୍ରଥମ, ଦେବାଳୟ ରଣା ଦ୍ୱିତୀୟ ସ୍ଥାନ ଓ ଆଲୋକ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଜୟୀ ପ୍ରତିଯୋଗିମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି କର୍ଲାମୁଣ୍ଡା ଞ୍ଚାୟତରେ ମଧ ହୋଇଥିବା ଦୌଡ ପ୍ରତିଯୋଗିତାରେ ସୋମ୍ୟବ୍ରତ ବଗର୍ତ୍ତୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ।

ସେରଗଡ଼,୨୫।୧୧(ଡି.ଏନ.ଏ.)
ନର୍ଲା ବ୍ଲକ ଘୋଡାବନ୍ଧଠାରେ ରବିବାର ଘୋଡାବନ୍ଧ ପଞ୍ଚାୟତ ବିଜୁ ବାହିନୀ ପକ୍ଷରୁ ବିଶ୍ୱ ହକି ପାଇଁ ଗଣ ଦୌଡ ଘୋଡାବନ୍ଧ ସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ସରପଞ୍ଚ ସ୍ୱର୍ଣ୍ଣକାନ୍ତୀ ସାହୁ ସଭାପତିତ୍ୱ କରିଥିବା ବେଳେ ପ୍ରଫୁଲ୍ଲ କୁମାର ଭୁଜବଳ ମୁଖ୍ୟଅତିଥି, ପଞ୍ଚାୟତ ଅଧିକରୀ ବିଭୁପ୍ରସାଦ ସାହୁ ଓ ଉଜଉଉ ଚତୁର୍ଭୁଜ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ହାଇସ୍କୁଲ ଖେଳ ଶିକ୍ଷକ ନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ଗଣ ଦୌଡ ଅନୁଷ୍ଠିତ ହୋଇଥିଲା। ବିଜୁ ବାହିନୀ ବ୍ଲକ ସଂଯୋଜକ ହେମସାଗର ସାହୁ, ସଭାପତି ସୁଧାଂଶୁ ସାହୁ, ସମ୍ପଦକ ଗଦାଧର ସାହୁ, କୋଷାଧ୍ୟକ୍ଷ ତପନ ହାତୀଙ୍କ ସମେତ ଗ୍ରୀବଧାରୀ ସାହୁ, ସୌମ୍ୟରଞ୍ଜନ ସାହୁ, ଚିନ୍ତାମଣୀ ପୋଡ ଓ ଘୋଡାବନ୍ଧ ପଞ୍ଚାୟତ ବିଜୁ ଯୁବ ବାହିନୀ ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ । ସ୍କୁଲ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଗୀତନାଚ ପରିବେଷଣ କରାଯାଇଥିଲା। ଗଦାଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

କେସିଙ୍ଗା,୨୫।୧୧(ଡି.ଏନ.ଏ.)
କେସିଙ୍ଗା ବ୍ଲକ ବାଲସି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପୁରୁଷ ବିଶ୍ୱକପ୍ ହକି ପାଇଁ ଯୁବ ବାହିନୀ ପକ୍ଷରୁ ମାରାଥନ ଦୌଡ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ପୂର୍ବତନ ସରପଞ୍ଚ ଠାକୁର ସାହୁ, ମୁଖ୍ୟବକ୍ତା ବାଲସି ପଞ୍ଚାୟତ ସରପଞ୍ଚ ଚୁଡାମଣି ମାଝି, ସମ୍ମାନିତ ଅତିଥି ପିଇଓ ଆନନ୍ଦ ମହାନନ୍ଦ, ନାଏବ ସରପଞ୍ଚ ମୋତିମାଲା ସାହୁ, ପୂର୍ବତନ ସମିତି ସଭ୍ୟ ହରି କୁମାର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ବାଲସି ଯୁବ ବାହିନୀ ସଭାପତି ହୃଷୀକେଶ ଗଉଡ, ସମ୍ପାଦକ ବରୁଣ ସାହୁଙ୍କ ସମେତ ସମସ୍ତ ଯୁବ ବାହିନୀ କର୍ମକର୍ତ୍ତାମାନେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରୁ ୧ କି.ମି. ଦୂର ଯାଇ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ଉଦଯାପନୀ ସଭା କରାଯାଇଥିଲା । ମାରାଥନ ଗଣଦୌଡରେ ଅଙ୍ଗନୱାଡି କର୍ମୀ କୁମାରୀ ଦୋରା, ଯଶୋଦା ବିଶି, ସ୍ୱର୍ଣ୍ଣଲତା ସାହୁ, ଆଶା କର୍ମୀ, ଶିଳା ସୁନା ପ୍ରମୁଖ ଯୋଗଦାନ କରିଥିଲେ ।

ଲାଞ୍ଜିଗଡ଼,୨୫।୧୧(ଡି.ଏନ.ଏ.)
ଲାଞ୍ଜିଗଡ ବ୍ଲକ ୨୬ଟି ପଞ୍ଚାୟତରେ ବିଜୁ ଯୁବ ବାହିନୀ ପକ୍ଷରୁ ଓଡିଶା ବିଶ୍ୱକପ୍ ହକି ପାଇଁ ଗଣଦୌଡ ଆୟୋଜିତ ହୋଇଯାଇଛି। ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତ ପାଣିମୁଣ୍ଡାଠାରେ ଆୟୋଜିତ ଗଣଦୌଡକୁ ସରପଞ୍ଚ ସୁରେନ୍ଦ୍ର ମାଝି ଉଦ୍‌ଘାଟନ କରିଥିବା ବେଳେ ଅତିଥି ସୁଶୀଲ କୁମାର ବାଗ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ବିଜୁ ଯୁବ ବାହିନୀ ସଭାପତି, ସମ୍ପାଦକଙ୍କ ସମେତ ସଦସ୍ୟମାନେ ଯୋଗଦେଇଥିଲେ। ସେହିପରି ବ୍ଲକର ବିଭିନ୍ନ ପଞ୍ଚାୟତରେ ବିଜୁ ଯୁବ ବାହିନୀ ସଭାପତି ଓ ସମ୍ପାଦକ ତଥା ସଦସ୍ୟମାନଙ୍କ ଦ୍ୱାରା ଗଣଦୌଡ ଆୟୋଜିତ ହୋଇଯାଇଛି।

ମଣ୍ଡଲ,୨୫।୧୧(ଡି.ଏନ.ଏ.)
କଲମପୁର ବ୍ଲକ ମିନଗୁର ପଞ୍ଚାୟତଠାରେ ରବିବାର ମିନଗୁର ପଞ୍ଚାୟତଠାରେ ପଞ୍ଚାୟତ ବିଜୁ ଯୁବ ବାହିନୀ ସଭାପତି ଧନପତି ରଣାଙ୍କ ସଭାପତିତ୍ୱରେ ମିନି ମାରାଥନ ଦୌଡ ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏହି ଦୌଡ ମିନଗୁର ପଞ୍ଚାୟତଠାରୁ ସାନକୁଟ୍ରୁ କମଲ ନଦୀ ପୋଲ ପର୍ଯ୍ୟନ୍ତ ହୋଇଥିଲା । ପ୍ରତିଯୋଗୀତାରେ କ୍ଷିରୋଦ ମାଝି ପ୍ରଥମ, ରବିନ୍ଦ୍ର ସିଙ୍ଗ ଦ୍ୱିତୀୟ ଏବଂ ଥବିର ଖମାରୀ ତୃତୀୟ ସ୍ଥାନ ହୋଇଥିଲେ। ପ୍ରତିଯୋଗିତାରେ ମିନଗୁର ସରପଞ୍ଚ ହରିପ୍ରିୟା ରଣା, କାର୍ଯ୍ୟ ନିର୍ବାହୀ ଅଧିକାରୀ ଗଜାନନ ନାଏକ, ନାଏବ ସରପଞ୍ଚ ରାମଚନ୍ଦ୍ର ରଣା ଏବଂ ପଞ୍ଚାୟତ ସମସ୍ତ ୱାର୍ଡ ସଭ୍ୟାସଭ୍ୟ, ମିନଗୁର ପଞ୍ଚାୟତ ବିଜୁ ଯୁବ ବାହିନୀ ସମ୍ପାଦକ ସହଦେବ ନାଗ, ପୂର୍ଣ୍ଣଚନ୍ଦ୍ର ରଣା, ଧନପୁର ଅଚ୍ୟୁତା ନନ୍ଦ ହାଇସ୍କୁଲ ପିଇଟି ଶିକ୍ଷକ ସୁଶିଲ କୁମାର ମୁଣ୍ଡ, ସାହିଦ ମହମ୍ମଦ, ସୁରେନ୍ଦ୍ର ମାଝି, ସୁରେଶ ମାଝି ପ୍ରମୁଖ ସହଯୋଗ କରିଥିଲେ ।

କୋକସରା,୨୫।୧୧(ଡି.ଏନ.ଏ.)
କୋକସରା ବ୍ଲକର ୧୭ଟିଗ୍ରାମ ପଞ୍ଚାୟତରେ ହକି ପାଇଁ ମିନିମାରଥନ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ପଞ୍ଚାୟତ ମୁଖ୍ୟ କାର୍ଯ୍ୟାଳୟରେ ଏହି ମିନି ମାରଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଜୁ ଯୁବ ବାହୀନୀର ସଦସ୍ୟାସଦସ୍ୟମାନେ ନିଜ ପଞ୍ଚାୟତରେ ମାରଥନରେ ଭାଗ ନେଇଥିଲେ। ସେହି ଅଞ୍ଚଳର ଖେଳ ଶିକ୍ଷକ ପ୍ରମୁଖ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ପିଇଓ, ସରପଞ୍ଚ, ସମିତିସଭ୍ୟାସଭ୍ୟ, ଗ୍ରାମର ସ୍ୱାସ୍ଥ୍ୟ କମିଟି, ଗ୍ରାମରକ୍ଷୀ, ଆଶା କର୍ମୀ ଓ ପୋଲିସ ବାହିନୀ ପ୍ରମୁଖ ଅଂଶଗ୍ରହଣ କରିଥିବାବେଳେ ମୁଷାପାଲିଠାରେ ବିଜୁଯୁବ ବାହୀନୀର ବ୍ଲକ ସଂଯୋଜକ ରୋହିତ ଗୋପାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।






କେସିଙ୍ଗା ବ୍ଲକ ବାଲସିରେ ହକି ପାଇଁ ଦୌଡ ପ୍ରତିଯୋଗିତାରେ ଅଂଶ ଗ୍ରହଣକାରୀ (ବାମ)। ଜୁନାଗଡ ବ୍ଲକ ଛୋରିଆଗଡ ପଞ୍ଚାୟତରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ

## ସଂକ୍ଷେପରେ

### କୁଣହାଁ ସମାଜର ବାର୍ଷିକୋତ୍ସବ

**ବେଲପଡା,୨୬।୧୧(ଡି.ଏନ.ଏ.):** ବେଲପଡା ବ୍ଲକ କୁଣହାଁ ସମାଜ(ମିର୍ଦ୍ଧା,କିସାନ,ମାଟିଆ,କୁଡା) ସମ୍ପ୍ରଦାୟର ବାର୍ଷିକ ଉତ୍ସବ ବାଲିଖମାର ଗ୍ରାମର ମାୟାକୁଦୀ ଘାଟି ପୁଣ୍ୟ ପୀଠରେ ଅନୁଷ୍ଠିତ ହୋଇଯାଇଛି । କୃଷ୍ଣଚନ୍ଦ୍ର ମିର୍ଦ୍ଧାଙ୍କ ଅଧକ୍ଷତା ସୁବଳ ମିର୍ଦ୍ଧାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା ଏହି କାର୍ଯ୍ୟକ୍ରମ। ଏଥିରେ ବେଲପଡା ବ୍ଲକ କୁଣହାଁ ସମାଜର ଜାତିଭାଇ ଯୋଗ ଦେଇଥିଲେ । ଏହି ସଭାରେ କୁଣହାଁ ସମାଜର ପରମ୍ପରା, କୁଣ୍ଡୁ ଭାଷାକୁ ବଜାୟ ରଖିବା ଉପରେ ଆଲୋଚନା କରାଯାଇ ଜାଲିବାରି ପରମ୍ପରା ଉପରେ ସମାଜର ବୟୋଜେଷ୍ଠମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ପରେ ସମାଜର ପୂର୍ବ ପରୁଷମାନଙ୍କ ଅସ୍ଥିକୁ ବୁଢିଘାଟଠାରେ ପ୍ରବାହ କରାଯାଇଥିଲା । ଏହି ଉତ୍ସବରେ ଈଶ୍ୱର ମିର୍ଦ୍ଧା, ଚମରୁ ବାଗ, ଲଛମନ ମିର୍ଦ୍ଧା, ବିକ୍ରମ ମିର୍ଦ୍ଧା, ସାଗର ମିର୍ଦ୍ଧା, ହରି ମିର୍ଦ୍ଧା, ଜିତ ମିର୍ଦ୍ଧା, ବିକାଶ ବାଗ ପ୍ରମୁଖ ଯୋଗଦେଇଥିଲେ ।

### ନାରାୟଣ ପୃଷ୍ଟେଠ୍‌ଙ୍କ ସପ୍ତମ ଶ୍ରାଦ୍ଧ ସମାରୋହ

**ବଲାଙ୍ଗୀର ଅଫିସ, ୨୫।୧୧:** ବଲାଙ୍ଗୀର ସାମ୍ବାଦିକ ଭବନଠାରେ ରବିବାର ସନ୍ଧ୍ୟାରେ ବଲାଙ୍ଗୀର ସ୍ମୃତି କମିଟି ପକ୍ଷରୁ ସ୍ୱର୍ଗତ ପ୍ରଫେସର ନାରାୟଣ ପୃଷ୍ଟେଠ୍‌ଙ୍କ ସପ୍ତମ ଶ୍ରାଦ୍ଧ ସମାରୋହ ପାଳନ କରାଯାଇଥିଲା । ସ୍ମୃତି କମିଟି ଆବାହକ ସନ୍ଦୀପ କୁଅଁରଙ୍କ ପରିଚାଳନାକ୍ରମେ ଅନୁଷ୍ଠିତ ସଭାରେ ଅତିଥି ଭାବେ ବର୍ଷିୟାନ ସିନେ ଅଭିନେତା ସତ୍ୟନାରାୟଣ ବେହେରା, ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡା ଓ ବଲାଙ୍ଗୀର ନାଗରିକ କମିଟି ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ ମଞ୍ଚାସିନ ହୋଇଥିଲେ । ଏହି କର୍ଯ୍ୟକ୍ରମରେ ପ୍ରଫେସର ପୃଷ୍ଟେଠ୍ ତାଙ୍କ କଲମ ମୁନରେ କିଭଳି ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ଜାଗରଣ ସୃଷ୍ଟି କରି ନୂଆ ମାର୍ଗଦର୍ଶନ ଦେଉଥିଲେ ତାହା ଅତିଥି ମାନେ କହିଥିଲେ । ପଶ୍ଚିମ ଓଡିଶାର ସ୍ୱାଭିମାନ ଓ ଅର୍ଥନୈତିକ ପଛୁଆପଣ ସହ ଉଚ୍ଚାଙ୍ଗ ଜୀବନ ଦର୍ଶନ ଓ ସାମାଜିକ ପରମ୍ପରାର ତୁଳନାତ୍ମକ ଚିତ୍ର ଉପସ୍ଥାପନ କରି ଜାତୀୟ ଓ ଅନ୍ତର୍ଜାତିକ ସ୍ତରରେ ଦୃଷ୍ଟି ଆକର୍ଷଣ କରିପାରୁଥିଲେ । ଗୋଟିଏ ଜାତିକୁ ଉଦ୍‌ବୁଦ୍ଧ କରିବାର ସମସ୍ତ ଉପାଦାନ ପୃଷ୍ଟେଠ୍‌ଙ୍କ ପାଖରେ ନିହିତ ଥିଲା ଓ ସେ ଏହି ଅଞ୍ଚଳର ପ୍ରକୃତ ମୁରବୀ ଥିଲେ ବୋଲି ବକ୍ତାମାନେ କହିଥିଲେ । ଏହି ସ୍ମୃତି ସଭାରେ ଖବରଦାତା ସୁଧୀର ମିଶ୍ର, ବୀରେନ୍ଦ୍ର ଝାଙ୍କର, ସତ୍ୟ ସୁନ୍ଦର ଭଞ୍ଜ, ପୂର୍ଣ୍ଣଚନ୍ଦ୍ର ପଣ୍ଡା ବକ୍ତବ୍ୟ ରଖି ସ୍ୱର୍ଗତ ପୃଷ୍ଟେଠ୍‌ଙ୍କୁ ସ୍ମରଣ କରିଥିଲେ । ବଲାଙ୍ଗୀର ସାମ୍ବାଦିକ ଭବନଠାରେ କାର୍ଯ୍ୟକ୍ଷମ ହେବାକୁ ଥିବା ଲାଇବ୍ରେରୀକୁ ସ୍ୱର୍ଗତ ପୃଷ୍ଟେଠ୍‌ଙ୍କ ନାଁରେ ନାମକରଣ କରାଯିବା ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା । ଏହି ଅବସରରେ ଆଗାମୀ ଦିନରେ ପ୍ରତିମାସ ଏକ ନାଗରିକ ଆଲୋଚନା ସଭା ଆୟୋଜନ କରାଯିବାକୁ ମୌଖିକ ପ୍ରସ୍ତାବ ଗୃହୀତ ହୋଇଥିଲା ।

### ଶକ୍ତି ସଂରକ୍ଷଣ ପ୍ରତିଯୋଗିତା

**ଉଲୁଣ୍ଡା ୨୫।୧୧(ଡି.ଏନ.ଏ.):** ଉଲୁଣ୍ଡା ସଦର ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଜକ୍ଷେଶ୍ୱର ପୁଜାହାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ୬୮ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଉପଲକ୍ଷେ ଏକ ସାଧାରଣଜ୍ଞାନ ପ୍ରତିଯୋଗୀତା ଆୟୋଜନ କରାଯାଇଥିଲା। ଏଥିରେ ଅଙ୍କିତା ଅପରାଜିତା ପଣ୍ଡା ପ୍ରଥମ, ସ୍ୱରୁପ ବସ୍ତିଆ ଦ୍ୱିତୀୟ, ଜାଜ୍ଞସିନୀ କର୍ମୀ ତୃତୀୟ ସ୍ଥାନ ଅଧିକାର କରିଥିଲେ।

# ବୋଇତ ବନ୍ଦାଣ ଉତ୍ସବରେ ରାଜନୀତିର ବାସ୍ନା

**ଚାନ୍ଦବାଲି/ଭଦ୍ରକ ଅଫିସ, ୨୫।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକରେ ବୋଇତ ବନ୍ଦାଣ ପରମ୍ପରା ନିଆରା ଓ ସ୍ୱତନ୍ତ୍ର। ଚାନ୍ଦବାଲିରେ ପ୍ରାଚୀନ ଉତ୍କଳର ନୌବାଣିଜ୍ୟ ସ୍ମୃତି ଅଦ୍ୟାବଧି ଜାକଜମକରେ ପାଳନ ହୁଏ। ପ୍ରତିବର୍ଷ ବେସରକାରୀ ସ୍ତରରେ ଏହି ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଇଆସୁଛି। ଏହାକୁ ରାଜ୍ୟସ୍ତରୀୟ ସରକାରୀ ଉତ୍ସବ ଭାବେ ପାଳନ କରିବା ଲାଗି ଦାବି ହେଉଥିଲେ ମଧ୍ୟ ପ୍ରଶାସନ ଏହାକୁ ଅଣଦେଖା କରିଆସୁଛି। ଏଭଳି ସ୍ଥିତିରେ ଚଳିତବର୍ଷ ବୋଇତ ବନ୍ଦାଣ ଉତ୍ସବ ପାଳନ ଅବସରରେ ପତିଆରା ବଢ଼ାଇ ଫାଇଦା ନେବା ଲକ୍ଷ୍ୟରେ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ଉଦ୍ୟମ କରିଛନ୍ତି।

ଚଳିତବର୍ଷ ଧାମରା ଓ ଚାନ୍ଦବାଲିରେ ଗତ ଗୁରୁବାର ଓ ଶୁକ୍ରବାର ଦୁଇଦିନ ଧରି ଅନୁଷ୍ଠିତ ବୋଇତବନ୍ଦାଣ ଉତ୍ସବରେ ୩ ଦଳ ଭିନ୍ନ ଭିନ୍ନ ସ୍ଥାନରେ ସଭା ଆୟୋଜନ କରିଥିଲେ। ଏହି ମଞ୍ଚଗୁଡ଼ିକୁ ନିମନ୍ତ୍ରିତ ହୋଇ ଆସିଥିବା ଅତିଥିଙ୍କୁ ନେଇ ରାଜନୈତିକ ସ୍ତରରେ ଆଲୋଚନା ଜୋର୍ ଧରିଛି। କେତେକ ନେତା ନିଜେ ଉତ୍ସବ ଆୟୋଜନ କରି ଅତିଥି ହେବା ଘଟଣା ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ଧାମରାରେ ଭାଜପା ଦ୍ୱାରା ପରିଚାଳିତ ଉତ୍ସବରେ ରାଜ୍ୟପାଳ ଗଣେଶୀ ଲାଲ ମୁଖ୍ୟଅତିଥି ହେବା ଘଟଣା ସମସ୍ତଙ୍କୁ ଚକିତ କରିଛି। ଇଂଲିଶରେ ଛପା ଯାଇଥିବା ନିମନ୍ତ୍ରଣ ପତ୍ରରେ ଭାଜପାର ଜିଲା ସଭାପତି ବଦ୍ରିନାରାୟଣ ଧଳଙ୍କ




ବିଜେଡିର ବୋଇତ ବନ୍ଦାଣ ଉତ୍ସବରେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଓ ଅନ୍ୟମାନେ।




ଭାଜପା ତରଫରୁ ବୋଇତ ବନ୍ଦାଣ ଉତ୍ସବ ନିମନ୍ତ୍ରଣ କାର୍ଡ।

## ଚର୍ଚ୍ଚାରେ ଅତିଥି ଓ ପ୍ରାୟୋଜିତ ସଭା

ନାମ ପୂର୍ବରୁ 'ସୋସିଆଲ ୱାର୍କର' ବୋଲି ଲେଖା ରହିଥିବାରୁ ଉତ୍ସବ ଆୟୋଜନ ଉଦ୍ଦେଶ୍ୟ ପଦାରେ ପଡ଼ିଛି। ଏହା ଏକ ଦଳୀୟ ସମାବେଶ ହୋଇଥିବା ସତ୍ତ୍ୱେ ସାଂସ୍କୃତିକ କାର୍ଯ୍ୟକ୍ରମ କୁହାଯାଇ ରାଜ୍ୟପାଳ ଏଠାକୁ ମୁଖ୍ୟଅତିଥି ହୋଇ କିପରି ଆସିଥିଲେ, ସେନେଇ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଏହି ସଭାରେ କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିଓ, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ବ୍ରଜରାଜନଗର ବିଧାୟିକା ଡା. ରାଧାରାଣୀ ପଣ୍ଡା, ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ, ରାଜନଗରର ପୂର୍ବତନ ବିଧାୟକ ଅଲେଖ ଜେନା, ଚାନ୍ଦବାଲିର ପୂର୍ବତନ ବିଧାୟକ ବିଷ୍ଣୁ ସେଠୀ, ବାସୁଦେବପୁରର ନେତା ମାଧବାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଭାଜପା ଜିଲା ସଭାପତି ବଦ୍ରିନାରାୟଣ ଧଳ କୁହନ୍ତି, ଏହା ସାଂସ୍କୃତିକ ମଞ୍ଚ ଏଣୁ ଏହାକୁ ରାଜନୀତିକରଣ କରା ନ ଯାଉ। ଏଣୁ ମୋ ନାଁ ପୂର୍ବରୁ 'ସୋସିଆଲ ୱାର୍କର' ଲେଖାଯାଇଛି। ସେହିପରି ଧାମରାରେ ବିଜେଡି ଏମ୍‌ପି ଅର୍ଜୁନ ଚରଣ ସେଠୀଙ୍କ ସହ ନିଜ ଦ୍ୱାରା ଗଠିତ ଦଳ ଆମ ଓଡ଼ିଶା ପାର୍ଟି ଛାଡ଼ି ବିଜେଡିରେ ନୂଆକରି ପାଦ ଥାପିଥିବା ରାଜ୍ୟ ସଭା ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ, ମନ୍ତ୍ରୀ ଅନନ୍ତ ଦାସ, ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଜେଡି ରାଜ୍ୟ ମହିଳା ସମ୍ପାଦିକା ସୁଲତା ଦେଓ ପ୍ରମୁଖ ବୋଇତ ବନ୍ଦାଣ ଉତ୍ସବରେ ଅତିଥି ହୋଇଥିଲେ। ଏପଟେ ଚାନ୍ଦବାଲିରେ ଅନୁଷ୍ଠିତ ଏକ ମଞ୍ଚରେ ବିଧାୟକ ବ୍ୟୋମକେଶ ରାୟଙ୍କ ନେତୃତ୍ୱରେ ରାଜ୍ୟ ସଭା ସଦସ୍ୟ ପ୍ରତାପ ଦେବ, ଜିଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଚାନ୍ଦବାଲି ବିଧାୟକ ସୌମ୍ୟରଞ୍ଜନଙ୍କୁ ଅତିଥି ଭାବେ ଡାକି ନିଜେ ଅନୁପସ୍ଥିତ ରହିଥିଲେ। ଅନ୍ୟ ଏକ ମଞ୍ଚକୁ ଯାଇ ବିଜେଡି ଏମ୍‌ପି ପ୍ରତାପ ଦେବଙ୍କ ସହ ସଭାରେ ଯୋଗଦେବାକୁ ବ୍ୟୋମକେଶ ଉଚିତ ମନେ କରିଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ କୌତୂହଳ ବିଷୟ ହେଉଛି ଯେ, ଏମ୍‌ପି ଓ ଅତିଥିମାନଙ୍କୁ କିଛିଦିନ ପୂର୍ବରୁ ବ୍ୟୋମକେଶଙ୍କ ତରଫରୁ ନିମନ୍ତ୍ରଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ବ୍ୟୋମକେଶ ତାଙ୍କ ଚିନ୍ତାଧାରା ବଦଳାଇଥିଲେ। ଜନସାଧାରଣଙ୍କ କହିବା ଅନୁଯାୟୀ, ଏହି ନେତାମାନଙ୍କ ସାହାଯ୍ୟରେ ଆସନ୍ତା ନିର୍ବାଚନ ପାଇଁ ଭୋଟ୍ ଟିକେଟ ହାସଲ କରିବାରେ ସଫଳତା ମିଳିବ ନାହିଁ ବୋଲି ଜାଣିବା ପରେ ବ୍ୟୋମକେଶ ଭିନ୍ନ ଏକ ମଞ୍ଚରେ ପ୍ରତାପ ଦେବଙ୍କ ସହ ରହି ସଭା ଆୟୋଜନ କରିଥିଲେ। ବ୍ୟୋମକେଶଙ୍କ ଏହି ପରିବର୍ତ୍ତନ ଏବେ ଲୋକଲୋଚନକୁ ଆସିଛି। ବ୍ୟୋମକେଶ କହନ୍ତି, ସମୟ ସ୍ୱଳ୍ପତା କାରଣରୁ ଗୋଟିଏ ଦିନରେ ୨ଟି ସ୍ଥାନରେ ଉପସ୍ଥିତ ରହିବା ସମ୍ଭବପର ନୁହେଁ। କିନ୍ତୁ ସେ ସମସ୍ତ ଅତିଥିଙ୍କୁ ପାଛୋଟିଛନ୍ତି। ପରମ୍ପରା ଅନୁଯାୟୀ ଧାମରାରୁ ଆସିଥିବା ସାଧବପୁଅଙ୍କୁ ସେ ଚାନ୍ଦବାଲିରେ ସ୍ୱାଗତ କରିଛନ୍ତି। ଏଠି କଂଗ୍ରେସ ଦ୍ୱାରା ଆୟୋଜିତ ଅନ୍ୟ ଏକ ମଞ୍ଚରେ ସୌମ୍ୟରଞ୍ଜନଙ୍କ ବଡ଼ଭାଇ ତଥା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ଏମ୍‌ପି ଅନନ୍ତ ସେଠୀ, ବାସୁଦେବପୁର ଏନ୍‌ଏସି ଚେୟାରମ୍ୟାନ ଅଶୋକ କୁମାର ଦାସ, ଚାନ୍ଦବାଲି ବିଧାନସଭା ଆସନ ପାଇଁ ବିଧାୟକ ଟିକେଟ ଲାଗି ଆଶାୟୀ ଭାବେ ଚର୍ଚ୍ଚାରେ ରହିଥିବା ଅମିୟ ମହାପାତ୍ର, ମନୋଜ ବିଶ୍ୱାଳ, ଜ୍ୟୋତିପ୍ରକାଶ ମହାନ୍ତି, ସତ୍ୟାନନ୍ଦ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ଏହିସବୁ ଘଟଣାକୁ ନେଇ ଆମ୍ ଆଦମୀ ପାର୍ଟିର ଚାନ୍ଦବାଲି ଆବାହକ ରାକେଶ ପଣ୍ଡା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ବିଜେଡିରେ ନୂଆକରି ଯୋଗ ଦେଇଥିବା ରାଜ୍ୟସଭା ସଦସ୍ୟ ସୌମ୍ୟରଞ୍ଜନଙ୍କ ସହ ମଞ୍ଚାସୀନ ହେଲେ କାଳେ କିଛି ନକାରାତ୍ମକ ପ୍ରଭାବ ପଡ଼ିବ ସେହି ଆଶଙ୍କାରେ ବିଧାୟକ ରାୟ ଉତ୍ସବକୁ ଆସି ନ ଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ଗୋଟିଏ ଦିନରେ ସୌମ୍ୟରଞ୍ଜନଙ୍କ ଭାଇ ନିରଞ୍ଜନ କଂଗ୍ରେସ ପ୍ରାୟୋଜିତ ଉତ୍ସବରେ ମଞ୍ଚାସୀନ ହେବା ଘଟଣା ଏଭଳି ଅନୁପସ୍ଥିତିରେ ଅନ୍ୟତମ କାରଣ ହୋଇପାରେ ବୋଲି ମଧ୍ୟ କୁହାଯାଉଛି। କମ୍ୟୁନିଷ୍ଟ ନେତା ଦିବ୍ୟସିଂହ ନାୟକ ଏଭଳି ରାଜନୀତିକୁ ତୀବ୍ର ସମାଲୋଚନା କରିଛନ୍ତି। ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଏହି ୩ ଦଳ ଏଭଳି ଉତ୍ସବ ପାଳନ ନାଁରେ ରାଜନୀତି କରୁଛନ୍ତି। ଅନ୍ୟପକ୍ଷେ ଚାନ୍ଦବାଲି ସାଂସ୍କୃତିକ ପରିଷଦର ସମ୍ପାଦକ ପ୍ରଫେସର ଶାନ୍ତନୁ କୁମାର ମହାନ୍ତି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ବୋଇତ ବନ୍ଦାଣ ଉତ୍କଳୀୟ ସଂସ୍କୃତିର ମହାନ୍ ପର୍ବ। ଏଭଳି ଉତ୍ସବକୁ ଦଳୀୟ ଭିତ୍ତିରେ ଭାଗ ଭାଗ କରା ନ ଯାଉ।

ବିଜେଡି ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ

# ୨ଲକ୍ଷ ୟୁନିଟ ରକ୍ତ ସଂଗ୍ରହ ଧାର୍ଯ୍ୟ

**ପାଟଣାଗଡ,୨୫।୧୧(ଡି.ଏନ.ଏ.)**

ବିଜୁ ଜନତା ଦଳ ତରଫରୁ ସାରା ରାଜ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଏହି ପରିପ୍ରେକ୍ଷୀରେ ରବିବାର ବଲାଙ୍ଗୀର ଜିଲା ପାଟଣାଗଡଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଟଣାଗଡ ବିଜେଡି ନେତା ସରୋଜ ମେହେରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା ଏହି କାର୍ଯ୍ୟକ୍ରମ। ଏଥିରେ ମୁଖ୍ୟ ଅତିଥି ଭାବେ ଶକ୍ତି ଏବଂ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂଦେଓ ଏବଂ ସାମାଜିକ କର୍ମୀ ଲଳିତ ନାୟକ ପ୍ରମୁଖ ଯୋଗଦେଇଥିଲେ। ମନ୍ତ୍ରୀ ସିଂ ଗତ ବର୍ଷ ୧.୫ ଲକ୍ଷ ୟୁନିଟ ରକ୍ତ ସଂଗ୍ରହ ହୋଇଥିବାବେଳେ ଚଳିତ ବର୍ଷ ରାଜ୍ୟରେ ପ୍ରାୟ ୨ଲକ୍ଷ୍ୟ ୟୁନିଟ ରକ୍ତ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ ଥିବା ପ୍ରକାଶ କରିଥିଲେ। ବଲାଙ୍ଗୀର ଜିଲାର ବଲାଙ୍ଗୀର, ପାଟଣାଗଡ, କଣ୍ଟାବାଞ୍ଜି, ଟିଟିଲାଗଡ ଏବଂ ସୋନପୁର ରକ୍ତଭଣ୍ଡାର ଟିମ ପହଞ୍ଚି ରକ୍ତ ସଂଗ୍ରହ କରିଥିଲେ। ଏହି ଅବସରରେ ସମୁଦାୟ ୩୦୦ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ବିଜୁ ଯୁବ ବାହିନୀ ସଦଶ୍ୟ, ବିଭିନ୍ନ ସାମାଜିକ ଅନୁଷ୍ଠାନ, କ୍ଲବ ଯୋଗଦେଇଥିଲେ। ପାଟଣାଗଡ ବିଜୁ ଜନତା ଦଳର ଇନ୍ଦୁଭୂଷଣ ଠାକୁର, ବିମଳ ମେହେର, ଲିଙ୍ଗ ନାଗ, ପ୍ରଦୀପ ପୁରୋହିତ, ସହଦେବ ପୁରୋହିତ, ସଲିମ ମହମ୍ମଦ, ପ୍ରଫୁଲ୍ଲ ମେହେର, ଜୟନ୍ତ ମେହେର, ପିଙ୍କୁ ପାଣିଗ୍ରାହୀ, ମଣ୍ଟୁ ବଗର୍ତ୍ତୀ ପ୍ରମୁଖଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ମନ୍ତ୍ରୀ ସିଂ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

**କଣ୍ଟାବାଞ୍ଜି ଜିଲା ଦାବି ପ୍ରସଙ୍ଗ**

## ପ୍ରତିଶ୍ରୁତି ନ ମିଳିବା ଯାଏ ଜାରି ରହିବ ଧାରଣା

**କଣ୍ଟାବାଞ୍ଜି,୨୫।୧୨(ଡି.ଏନ.ଏ.)**

କଣ୍ଟାବାଞ୍ଜି ଜିଲା ଦାବି ଆନ୍ଦୋଳନକ ରବିବାର ୯ମ ଦିନରେ ପହଞ୍ଚିଛି। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳିଟି ନୂଆପଡା, ଦେବଗଡ, ଝାରସୁଗୁଡା, ସୁବର୍ଣ୍ଣପୁର ଜିଲାମାନଙ୍କଠାରୁ ସବୁ କ୍ଷେତ୍ରରେ ଆଗୁଆ ରହିଛି । କଣ୍ଟାବାଞ୍ଜି ଜିଲା ହେବାର ସମସ୍ତ ଯୋଗ୍ୟତା ରହିଛି । ତେଣୁ ସରକାର କଣ୍ଟାବାଞ୍ଜିକୁ ଏକ ନୂତନ ରାଜସ୍ୱ ଜିଲାର ମାନ୍ୟତା ଦେବାର ଉଚିତ ବୋଲି ସରକାରୀ କର୍ମଚାରୀ ସଂଘର ବରିଷ୍ଠ ସଭ୍ୟ ରସିଆନନ୍ଦ ରାଏ ତାଙ୍କର ବକ୍ତବ୍ୟରେ କହିଛନ୍ତି । ଯଦି ଆସନ୍ତା ଦିନରେ କଣ୍ଟାବାଞ୍ଜିକୁ ସରକାର ଉଚିତ ପ୍ରତିଶ୍ରୁତି ନ ଦିଅନ୍ତି ତେବେ ବିଧାନସଭା ନିର୍ବାଚନ ହେବା ପର୍ଯ୍ୟନ୍ତ ଧାରଣାକୁ ବଳ ବତର ରଖିବୁ ବୋଲି କହିଛନ୍ତି । ଏହି ଧାରଣାରେ ଗୁଣନିଧି ରାଉତରାଏ, ଅମରନ୍ଦ ଶର୍ମା, ନରେନ୍ଦ୍ର ସୁନା, ପୂର୍ବତନ ଏନଏସି କାଉନସିଲର ପ୍ୟାରେଲାଲ ଜାଙ୍ଗଡା, ସୁବାଷ ଷଡଙ୍ଗି, ଓକିଲ ସଂଘ ସଭାପତି ବ୍ରଜଶ୍ୟାମ ଗୁରୁ, ଉପସଭାପତି ଅଭିମନ୍ୟୁ ନାଗ, ସତ୍ୟନାରାୟଣ ରାଏ, ଶୈଳେନ୍ଦ୍ର ବେହେରା, ଦୁଃଖିଶ୍ୟାମ ଗୁରୁଙ୍କ ସହ ଅନ୍ୟମାନେ ସାମିଲ ଥିଲେ ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

୨୯ତମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ

# ଝାରସୁଗୁଡ଼ାକୁ ହରାଇ ମହିନ୍ଦ୍ରା ଓ ମହିନ୍ଦ୍ରା ବିଜୟୀ

**ବେଲପଡା,୨୬।୧୧(ଡି.ଏନ.ଏ.)**

ବେଲପଡା ବ୍ଲକ ସୁଲେକେଲା ଗ୍ରାମ କଲେଜ ଖେଳପଡିଆଠାରେ ୱାଇଏସଏସସି କ୍ଲବ ସୁଲେକେଲା ଆନୁକୁଲ୍ୟରେ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ରବିବାର ଥିଲା ଉଦ୍‌ଘାଟନୀ ମ୍ୟାଚ । ସ୍ଥାନୀୟ ସରପଞ୍ଚ ବେଦମତୀ ରଣା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପ୍ରଦୀପ ସିଂ ବୁଡେକ ଯୋଗଦେଇଥିଲେ। ପ୍ରଥମ ଦିବସର ମ୍ୟାଚ ଝାରସୁଗଡା ବନାମ ସୋନପୁର ମହେନ୍ଦ୍ରା ଓ ମହେନ୍ଦ୍ରା ମଧରେ ହୋଇଥିଲା । ଏହି ସଂଘର୍ଷପୂର୍ଣ୍ଣ ଲଢେଇରେ ସୋନପୁରର ମହେନ୍ଦ୍ରା ଓମହେନ୍ଦ୍ରା ଦଳ -ଝାରସୁଗଡାକୁ ୨/୧ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା । ଆଜି ଖେଳର ମୁଖ୍ୟ ଆକର୍ଷଣ ମଧ୍ୟ ରେ ସୋନପୁର ଦଳରୁ ୭ନଂ ଖେଳାଳୀ (ଯିଏକି ନାଇଜେରିଆର )ମିକ୍କା ,ଅନ୍ତଯ୍ୟାମୀ ଓ ଝାରସୁଗଡା ଦଳ ର ବିଜୟ ଙ୍କ ଆକ୍ରଣାତ୍ମକ ଖେଳ ଦର୍ଶକ ଙ୍କ ମନକୁ ଛୁଇଁଥିଲା । ଖେଳକୁ ରେଫରୀ ଭାବେ ଶ୍ରୀବସ୍ତ ବେହେରା, ଆଶିର୍ବାଦ ସା.ଆଶିଷ ଦେବ ସା, ଅଶ୍ୱନୀ ଭୁକ୍ତା ପରିଚାଳନା କରିଥିବାବେଳେ ପ୍ରଭୁଦାଶ କୁମ୍ଭାର ଧାରା ବିବରଣୀ ପ୍ରଦାନ କରିଥିଲେ । କମିଟି ସଭାପତି ସୁବଳ ଚନ୍ଦ୍ର ମଲ୍ଲିକ, ସମ୍ପାଦକ ଜୟଚନ୍ଦ୍ର ଗୁରୁ , ଜଗଦିସ ବୁଡେକ, ମୋହନ ବୁଡେକ, ମାନସ ପାଢୀ, ପ୍ରହଲ୍ଲାଦ ରଣା, କୀର୍ତ୍ତନ ନାଏକ, ନରେଶ ମଲ୍ଲିକ, ବୈଷ୍ଣବ ଦଲାଇ, ହଂସ ଗୁରୁ ସମେତ ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ଆୟୋଜିତ ହେଉଅଛି ।

ବଡବାହାଲରେ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ

# 'ଭାଜପା ସରକାରର ପ୍ରଗତିକୁ ଗାଁକୁ ପହଞ୍ଚାଇବାକୁ ହେବ'

**ଦେଓଗାଁ, ୨୫।୧୧ (ଡି.ଏନ୍.ଏ.)**

ଦେଓଗାଁ ବ୍ଲକ୍ ଅନ୍ତର୍ଗତ ବଡବାହାଲଠାରେ ରବିବାର ପ୍ରଧାନମନ୍ତ୍ରୀଙ୍କ ୫୦ତମ ମନ୍ କି ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ସହସ୍ରାଧିକ ଲୋକଙ୍କୁ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ ସହ ଯୋଡା ଯାଇଥିଲା। ୧୩ନମ୍ବର ଜିଲା ପରିଷଦ ଜୋନ୍ ଭାଜପା ମଣ୍ଡଳ ସଭାପତି ସଞ୍ଜୀବ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡା ବାସୁଦେବ ପତି ଯୋଗଦେଇ ଭାଜପା ସରକାର ବିଶେଷ କରି ପ୍ରଧାନମନ୍ତ୍ରୀ ମୋଦିଙ୍କ ଯୁଗାନ୍ତକାରୀ ଓ ଗ୍ରାମାଭିମୁଖୀ କାର୍ଯ୍ୟକ୍ରମ ଗୁଡିକୁ ଗାଁସ୍ତରକୁ ପହଞ୍ଚାଇ ଲୋକଙ୍କ ବିକାଶ ସ୍ରୋତରେ ଯୋଡିବାକୁ ଆହ୍ୱାନ ଜଣାଇଥିଲେ । ସମ୍ମାନିତ ଅତିଥି ଭାବେ ୧୨ନମ୍ବର ଜୋନ୍ ସଭାପତି ବାସୁଦେବ ସିଂନିନା, ବାଳକୃଷ୍ଣ ବେହେରା, ସନ୍ତୋଷ ସାହୁ, ଶଶୀଭୂଷଣ ପାଣିଗ୍ରାହୀ, ସୌମ୍ୟରଞ୍ଜନ ପୁରୋହିତ, କନକ ବର୍ଦ୍ଧନ ବାରିକ, ଦୟାମୟ ସାହୁ, ପୀତାମ୍ବର ପ୍ରଧାନ, କସନ୍ତୁପ ପ୍ରଧାନ, ସାଧୁ ସାହୁ, ଘନଶ୍ୟାମ ବେରିଆ, ରାଜୁ ସାହୁ, ରଥ ସାହୁ, ସୁମନ୍ତ ସାହୁ, ସୁଶୀଳ ସା, ଆଶିଷ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।



ବଡବାହାଲ ଠାରେ ଅନୁଷ୍ଠିତ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣ ।

# ବିଜୁ ଯୁବ ବାହିନୀର ମିନି ମାରାଥନ୍ କାର୍ଯ୍ୟକ୍ରମ

**ଟିକ୍ରାପଡା,୨୫।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଯୁରାବନ୍ଧଠାରେ ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ ଏକ ମିନି ମାରାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଭାପତି ରବିନାରାୟଣ ମହାକୁର ଏଥିରେ ଅଧକ୍ଷତା କରିଥିଲେ । ମୁକେଶ ଠାକୁର ସଭା ସଂଯୋଜନା କରିଥିଲେ। ଟିକ୍ରାପଡା ଫାଣ୍ଡି ଅଧିକାରୀ ଆଦିତ୍ୟ ପ୍ରସାଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଗଙ୍ଗାଧର ବାରିକ, ସାମାଜିକକର୍ମି ଅନ୍ତର୍ଯ୍ୟାମୀ ରାଜପଲିଆ, ସୁରେଶ ଅମାତ ଯୋଗଦେଇଥିଲେ । ଏହି ଅବସରରେ ପରମେ ବଏ, ହରି ଧରୁଆ, ନାରାୟଣ ମହାକୁର କୃତି ପ୍ରତିଯୋଗୀ ଭାବେ ପୁରସ୍କୃତ ହୋଇଥିଲେ । ଯୁରାବନ୍ଧ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଖର୍ସେଲିବା ଗ୍ରାମ ପର୍ଯ୍ୟନ୍ତ ମାରାଥନ ଦୌଡରେ ଶତାଧିକ ଯୁବକ ଯୋଗଦେଇଥିଲେ। ସତ୍ୟନାରାୟଣ ମହାକୁର, ଅନିରୁଦ୍ଧ ବଗର୍ତ୍ତି, କୃଷ୍ଣଚନ୍ଦ୍ର ମାଝୀ, ଜ୍ୟୋତିରନ ପଧାନ, ରୂପେଶ ଧରୁଆ, ବନମାଳୀ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସେହିପରି ମୁରିବାହାଲ ବ୍ଲକ ବାନ୍ଧୁପଲାଠାରେ ଅନୁଷ୍ଠିତ ମିନି ମାରାଥନ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସିମାସିନୀ ମାହନନ୍ଦ, ପୂର୍ବତନ ସରପଞ୍ଚ ମାନଚରଣ ନାଗ, ମୁରଲିଧର କୁମ୍ଭାର, ମାଧବ ନାଗ ଅତିଥି ଭାବେ ଯୋଗଦେଇଥିଲେ । ସଭାପତି ସୁଦନ ବଗର୍ତ୍ତି, ସମ୍ପାଦକ ଧନଞ୍ଜୟ କୁମ୍ଭାର, ସଦସ୍ୟ ଲିଲୁ କୁମ୍ଭାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସୁମିତ, ଅଜୁ, ମଣ୍ଟୁ, ଅମିତ, ଘନ, ସିଦ୍ଧାନ୍ତ, ଟୁନୁ, ଲାଲୁ ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ । ମୁରିବାହାଲ ବ୍ଲକ ବଡସାଇମରା ପଞ୍ଚାୟତ କାର୍ଯ୍ୟାଳୟଠାରୁ ଅଣ୍ଡାଳଦର ଛକ ପର୍ଯ୍ୟନ୍ତ ମିନି ମାରାଥନ ଅନୁଷ୍ଠିତ ହୋଇଥିଲା। ଏଥିରେ ପିଇଓ ଚନ୍ଦ୍ରିକା ସେଠ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଆରଏସ୍ ସୁଦାମ ମହାନନ୍ଦ, ଯୋଗାଣ ସହାୟକ ବଳରାମ ମହାନନ୍ଦ, ଶିକ୍ଷକ ପୂର୍ଣ୍ଣଚନ୍ଦ୍ର କିଶାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଭାପତି ରାଜେଶ ନିନା, ପ୍ରଫୁଲ୍ଲ ଭୋଇ, ନିର୍ମଳ ତାଣ୍ଡି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ସଂକ୍ଷେପରେ

### ସାନ୍ତାଳି ସମାଜର ବୈଠକ

**ରାଉରକେଲା ଅଫିସ,୨୫।୧୧-** ସେକ୍ଟର-୪ଠାରେ ସାନ୍ତାଳି ସମ୍ପ୍ରଦାୟର ମାଝି, ପାରଗାନା ମାଡ଼ୱା ଆନୁକୂଲ୍ୟରେ ରବିବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଉରକେଲା ପୀଡ଼ ପାରଗାନା ହାଦୁରାମ ଟୁଡୁ ଅଧକ୍ଷତା କରିଥିଲେ। ସାରାନାଗାଳ ମାଝି ଆନପା ହାଁସଦା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥି ବକ୍ତବ୍ୟ ରଖି କହିଥିଲେ, ଯେ ସାନ୍ତାଳି ଭାଷା ତଥା ଅଲଚିକି ଲିପିର ଉପଯୁକ୍ତ ଢଙ୍ଗରେ ପ୍ରଚାର ପ୍ରସାର ଆବଶ୍ୟକତା ରହିଛି। ଏ ନେଇ ପ୍ରତ୍ୟେକଙ୍କୁ ଗୁରୁଦାୟିତ୍ୱ ତୁଲାଇବାକୁ ପଡ଼ିବ। ସମାଜର ପାରମ୍ପରିକ ରୀତିନୀତିକୁ ବିଶେଷ ଗୁରୁତ୍ୱ ଦିଆଯିବା ଉଚିତ। ସାନ୍ତାଳି ସମାଜର ପର୍ବପର୍ବାଣି ସହ ଅନ୍ୟ ଯେଉଁ ବିଧିବ୍ୟବସ୍ଥା ରହିଛି, ସେ ନେଇ ଆଜିର ଯୁବପିଢ଼ିଙ୍କୁ ଅବଗତ କରାଯିବା ଉଚିତ। ନିଜ ସମ୍ପ୍ରଦାୟର ଐତିହ୍ୟ ଓ ପରମ୍ପରାକୁ ବ୍ୟବସ୍ଥିତ କରି ଏହାକୁ ସମସ୍ତଙ୍କ ପାଖରେ ପହଞ୍ଚାଇ ପାରିଲେ ଲକ୍ଷ୍ୟ ହାସଲ ସହଜ ହେବ ବୋଲି ଏଥିରେ କୁହାଯାଇଥିଲା। ସମାଜର ମାଝି ନାୟକେଙ୍କୁ ନେଇ ଏକ ସଚେତନତା ଶିବିର ଆୟୋଜନ କରାଯାଉ। ଏହା ଦ୍ୱାରା ସମାଜରୁ ଅନ୍ଧବିଶ୍ୱାସ, ନିଶା, ଅଶିକ୍ଷା ଓ କୁସଂସ୍କାର ଦୂର କରାଯାଇ ପାରିବ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। ବୈଠକରେ ଡ. ଦେବରାଜ ହାଁସଦା, ଡ. ସିଦ୍ଧେଶ୍ୱର କିସ୍କୁ, ଡ. ଦୁଃଖିଆ ମୁର୍ମୁ ଡ. ରବୀନ୍ଦ୍ର ମାଝି, ଡ. ରାଜେଶ ହେମ୍ବରମ, ଡ. ଦୁର୍ଗାଚରଣ ମାଝି, ଇଂ. ସୁନାରାମ ସୋରେନ, ବୁଢ଼ାନ ମାଣ୍ଡି, ଫୁରମାଲ ହାଁସଦା, ନରେନ୍ଦ୍ର ହେମ୍ବ୍ରମ, ରତିକାନ୍ତ ହେମ୍ବ୍ରମ ଓ ପିଥନାଥ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ।

### ମହାବନ୍ଦକୁ ଭାଜପାର ସମର୍ଥନ

**ରାଉରକେଲା ଅଫିସ,୨୫।୧୧-** ହାଇକୋର୍ଟ ସ୍ଥାୟୀ ବେଞ୍ଚ ଓ ଅନ୍ୟ କେତେକ ଦାବି ନେଇ ଆସନ୍ତା ୨୭ରେ ଓକିଲ ସଂଘ ଡାକରାରେ ରାଉରକେଲା ମହାବନ୍ଦ ପାଳନ କରାଯିବ। ଏହି ବନ୍ଦ ପାଳନ ନିଷ୍ପତ୍ତିକୁ ଭାଜପା ସମର୍ଥନ କରିବ ବୋଲି ଘୋଷଣା କରିଛି। ରାଜ୍ୟର ତୃତୀୟ ବୃହତମ ସହର ଶିଳ୍ପନଗରୀ ତଥା ସ୍ମାର୍ଟ ସିଟିରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ଯଥାର୍ଥ ବୋଲି ଦଳ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି। ଭୌଗୋଳିକ ସ୍ଥିତି ଓ ଭିତ୍ତିଭୂମି ଦୃଷ୍ଟିରୁ ଏଠାରେ ବେଞ୍ଚ ପ୍ରତିଷ୍ଠା ନେଇ କୌଣସି ସମସ୍ୟା ନାହିଁ। ରାଜ୍ୟ ସରକାର ଏ ଦିଗରେ ସୁପାରିସ କରିବା ଆବଶ୍ୟକ। ଏହି ବେଞ୍ଚ ପ୍ରତିଷ୍ଠା ହେବା ଦ୍ୱାରା ରାଉରକେଲା ସମେତ ଅନ୍ୟ ଅଞ୍ଚଳବାସୀ ନିଶ୍ଚିତ ଉପକୃତ ହେବେ ବୋଲି ଭାଜପା ପକ୍ଷରୁ ମୁଖପାତ୍ର ଭଗବାନ ରାଉତ ପ୍ରକାଶ କରିଛନ୍ତି।

### କୁମଝରିଆରେ ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର

**କୁଆଁରମୁଣ୍ଡା,୨୫।୧୧ (ଡି.ଏନ.ଏ.)-** ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ଗ୍ରାମାଞ୍ଚଳର ବେକାର ଯୁବତୀ, ଯୁବକଙ୍କ ଯୋଗ୍ୟତା ଅନୁଯାୟୀ ବିଭିନ୍ନ ବେସରକାରୀ ସଂସ୍ଥାରେ ଚାକିରି ସୁଯୋଗ ପାଇଁ ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହେଉଛି। କୁଆଁରମୁଣ୍ଡା ବ୍ଲକର କୁମଝରିଆ ପଞ୍ଚାୟତ ଖେଳ ପଡ଼ିଆରେ ଏହି ଶିବିର ଆୟୋଜିତ ହୋଇଛି । ଏଥିରେ ବିଭିନ୍ନ ପଞ୍ଚାୟତରୁ ପ୍ରାୟ ୪୩୮ ଜଣ ଯୁବତୀ, ଯୁବକ ଯୋଗ ଦେଇ ନାମ ପଞ୍ଜୀକରଣ କରିଥିଲେ। କୁଆଁରମୁଣ୍ଡା ବ୍ଲକ ଜୀବିକା ମିଶନର ଶାଖା ପ୍ରବନ୍ଧକ ପ୍ରସନ୍ନ ମୋଦି ଏହି ସୂଚନା ଦେଇଛନ୍ତି। ଏହି ଅବସରରେ ଆୟୋଜିତ ଏକ ସଭାରେ କୁଆଁରମୁଣ୍ଡା ବ୍ଲକ ବିଜେଡ଼ି ସଭାପତି ତଥା ଡୁମେରଯୋର ସମିତି ସଭ୍ୟ ରାଜେନ୍ଦ୍ର କୁଜୁର, ସାମୁଏଲ ଟପ୍ପୋ, କୁଆଁରମୁଣ୍ଡା ବିଡିଓ ପିଯୁଷ ଲୋହାର, ଏବିଡିଓ ଭବାନୀଶଙ୍କର ପାଢୀ, ଜିପିଇଓ ନିରଞ୍ଜନ ନାଏକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ୧୨ଟି ସଂସ୍ଥାର କର୍ମଚାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ କୁଆଁରମୁଣ୍ଡା ବ୍ଲକ ଜୀବିକା ମିଶନ ସଂଯୋଜିକା ରଶ୍ମିତା ବେହେରା ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟମାନଙ୍କ ସହ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦେବବ୍ରତ ଦାସ, ମାରିୟାନୁସ୍ ଏକ୍କା, କୃଷ୍ଣଚନ୍ଦ୍ର ଲୋହାର ପ୍ରମୁଖ ଉପସ୍ଥିତ ଥିଲେ।

## ପଶ୍ଚିମ ଓଡ଼ିଶାର ୮ ଜିଲାରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

# ଖାଲି ପଦ ପୂରଣ ପାଇଁ ଦିଲୀପ ରାୟଙ୍କ ଦାବି

**ରାଉରକେଲା ଅଫିସ,୨୫।୧୧**

ସୁନ୍ଦରଗଡ଼ ସମେତ ପଶ୍ଚିମ ଓଡ଼ିଶାର ୮ ଜିଲାରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ପ୍ରାଥମିକ ସ୍ତରରୁ ନେଇ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଏହି ସମସ୍ୟା ଲାଗି ରହିଛି। ଏପରି ଦୟନୀୟ ଅବସ୍ଥାରେ ପିଲାମାନେ ପାଠ କେମିତି ପଢ଼ିବେ ବୋଲି ସଦ୍ୟ ସମାପ୍ତ ବିଧାନସଭା ଅଧିବେଶନରେ ରାଉରକେଲା ବିଧାୟକ ଦିଲୀପ ରାୟ ପ୍ରଶ୍ନ ଉଠାଇଛନ୍ତି। ତୁରନ୍ତ ଖାଲି ପଦ ପୂରଣ କରିବାକୁ ସେ ଦାବି କରିଛନ୍ତି। ରାୟଙ୍କ ପ୍ରଶ୍ନର ଉତ୍ତର ରଖି ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ କହିଥିଲେ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧୀନରେ ଥିବା ସୁନ୍ଦରଗଡ଼ ସମେତ ବଲାଙ୍ଗୀର, ବରଗଡ଼, ଦେବଗଡ଼, କଳାହାଣ୍ଡି, ନୂଆପଡ଼ା, ସମ୍ବଲପୁର ଓ ସୁବର୍ଣ୍ଣପୁର ଜିଲାର ୧୬ ସରକାରୀ ଡିଗ୍ରୀ କଲେଜ ମଧ୍ୟରୁ କେଉଁଠି ହେଲେ ନିୟମିତ ଅଧକ୍ଷ ନାହାନ୍ତି। ସୁନ୍ଦରଗଡ଼ ଜିଲାର ୫ ସରକାରୀ କଲେଜରେ ୧୧୭ ଶିକ୍ଷକ ପଦ ଖାଲିପଡ଼ିଛି। ରାଉରକେଲା ସ୍ୱୟଂଶାସିତ ମହାବିଦ୍ୟାଳୟରେ ୩୫, ସୁନ୍ଦରଗଡ଼ ସରକାରୀ କଲେଜରେ ୩୨ ଅଧ୍ୟାପକ ପଦ ଖାଲିପଡ଼ିଛି। ସେହିପରି ରାଉରକେଲା କଲେଜରେ ୮ ଏବଂ ଏସ୍‌ଜି ମହିଳା କଲେଜରେ ୨୪ ପଦ ଖାଲି ରହିଛି। ଏଥିସହ ବଲାଙ୍ଗୀର ରାଜେନ୍ଦ୍ର କଲେଜରେ ୪୫ ଶିକ୍ଷକ ପଦ ସମେତ ଉକ୍ତ ଜିଲାରେ ମୋଟ ୬୧ ଅଧ୍ୟାପକ ପଦ ଖାଲି ରହିଛି। ଭାବାନୀପାଟଣା ସ୍ୱୟଂଶାସିତ କଲେଜରେ ୩୨ ଓ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟରେ ୨୫ ଶିକ୍ଷକ ପଦ ଖାଲି ପଡ଼ିଛି। ବିକାଶ ପରିଷଦ ଅଧୀନରେ ରହିଥିବା ଅନ୍ୟ ଜିଲାଗୁଡ଼ିକରେ ମଧ୍ୟ ବ୍ୟାପକ ସଂଖ୍ୟାରେ ଶିକ୍ଷକ ପଦ ଖାଲି ପଡ଼ିଥିବା ମନ୍ତ୍ରୀଙ୍କ କହିଥିଲେ। ଏହା ବ୍ୟତୀତ ୮ ସରକାରୀ କଲେଜରେ ୩୬୭ ଅଣଶିକ୍ଷକ ପଦ ଖାଲି ରହିଥିବାରୁ ଶିକ୍ଷାଦାନ କ୍ଷେତ୍ରରେ ଏକପ୍ରକାର ଅଚଳାବସ୍ଥା ଲାଗି ରହିଛି ବୋଲି ରାୟଙ୍କ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। କେବଳ ସୁନ୍ଦରଗଡ଼ ଜିଲାରେ ୧୩୧ ଅଣଶିକ୍ଷକ ପଦ ଖାଲି ପଡ଼ିଥିବା ସୂଚନା ମିଳିଛି। ସେହିଭଳି ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନଗୁଡ଼ିକରେ ମଧ୍ୟ ବହୁ ସଂଖ୍ୟାରେ ପଦ ଖାଲି ପଡ଼ିଥିବା ନେଇ ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ମନ୍ତ୍ରୀଙ୍କ ସୂଚନାନୁସାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ୯ ପ୍ରଫେସର ପଦବୀ ସହ ମୋଟ ୪୭ ଶିକ୍ଷକ ପଦ ଖାଲି ରହିଛି। ଏଠାରେ ୩୪୦ ଅଣଶିକ୍ଷକ ପଦ ମଧ୍ୟ ପୂରଣ କରାଯାଇ ନାହିଁ।

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପାଇଁ ଶିକ୍ଷକ ପଦବୀ ମଞ୍ଜୁର ହୋଇଥିଲେ ମଧ୍ୟ ଏଠାରେ ଶିକ୍ଷକ ମରୁଡ଼ି ଘୋର ସମସ୍ୟା ସୃଷ୍ଟି କରିଛି ବୋଲି ରାୟ ପ୍ରକାଶ କରିଛନ୍ତି। ସମ୍ବଲପୁରଠାରେ ଥିବା ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ପାଇଁ ଗୋଟିଏ ହେଲେ ଶିକ୍ଷକ କିମ୍ବା ଅଣଶିକ୍ଷକ ପଦ ସୃଷ୍ଟି କରାଯାଇ ନ ଥିବାରୁ ରାୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଦକ୍ଷତା ବିକାଶ ବିଭାଗ ସୂତ୍ରରୁ ମିଳିଥିବା ସୂଚନାନୁସାରେ ରାଉରକେଲାଠାରେ ଥିବା ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟରେ ପ୍ରାୟ ୭୫ ପ୍ରତିଶତ ଶିକ୍ଷକ ପଦ ଖାଲି ରହିଛି। କେବଳ ଏତିକି ନୁହେଁ, ରାୟଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର କହିଛନ୍ତି, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅନ୍ତର୍ଗତ ଜିଲାଗୁଡ଼ିକରେ ପ୍ରାୟ ୫ ହଜାର ପ୍ରାଥମିକ ଶିକ୍ଷକ ପଦ ଖାଲି ପଡ଼ିଛି। ଏହି ଜିଲାଗୁଡ଼ିକରେ ରହିଥିବା ହାଇସ୍କୁଲଗୁଡ଼ିକରେ ମଧ୍ୟ ବହୁ ସଂଖ୍ୟକ ଶିକ୍ଷକ ପଦ ଖାଲି ପଡ଼ିଛି। ଏଠାରେ ରହିଥିବା ସରକାରୀ ଓ ବେସରକାରୀ ହାଇସ୍କୁଲଗୁଡ଼ିକରେ ପ୍ରାୟ ୪ ହଜାର ଶିକ୍ଷକ ପଦ ଖାଲି ରହିଛି। ଏପରି ଅବସ୍ଥାରେ ବିଧାୟକ ରାୟ ନିଜ ବିବୃତିରେ କହିଛନ୍ତି ଯେ ପଶ୍ଚିମ ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥା ଏକପ୍ରକାର ଦୟନୀୟ ଅବସ୍ଥାରେ ପହଞ୍ଚିଲାଣି। ସରକାର ତୁରନ୍ତ ଅଗ୍ରାଧିକାର ଭିତ୍ତିରେ ଖାଲି ପଦ ପୂରଣ କରନ୍ତୁ। ଏନେଇ ସେ ଦଳମତ ନିର୍ବିଶେଷରେ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି।

**ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉତ୍ତର**

- ସୁନ୍ଦରଗଡ଼ରେ ୧୩୧ ଅଣଶିକ୍ଷକ ପଦବୀ ଖାଲି
- ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ୯ ପ୍ରଫେସର ପଦ ଖାଲି

## ବିଶ୍ୱକପ୍ ହକି ନେଇ ଉତ୍ସୁକତା

# ଆୟୋଜନ ହେଲା ଆଞ୍ଚଳିକ ସ୍ତରରେ ମାରାଥନ

**ରାଉରକେଲା ଅଫିସ,୨୫।୧୧**

ହକି ବିଶ୍ୱକପ ନେଇ ବିଭିନ୍ନ ମହଲରେ ଉତ୍ସାହ ଲାଗି ରହିଥିବାବେଳେ ରବିବାର ରାଉରକେଲା ମହାନଗର ଅନ୍ତର୍ଗତ ୧୯ନଂ ୱାର୍ଡ ମାଲଗୋଦାମ ଅଞ୍ଚଳରେ ବିଜୁ ଯୁବବାହିନୀ ପକ୍ଷରୁ ଏକ ମିନି ମାରାଥନ ଆୟୋଜନ କରାଯାଇଥିଲା। ଏଥିରେ ବହୁ ସଂଖ୍ୟାରେ ସ୍ଥାନୀୟ ଯୁବତୀ ଯୁବକ ଭାଗ ନେଇଥିଲେ। ଏମାନଙ୍କ ମଧ୍ୟରୁ ୧୬ଜଣଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ପୋଲିସ ଅଧିକାରୀ ସରସ୍ୱତୀ ଟୁଡୁ ଓ ସୀତାରାମ ଦତ୍ତ ଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ମଞ୍ଚସୀନ ଅତିଥି ବକ୍ତବ୍ୟ ରଖି କହିଥିଲେ, ଯୁବକମାନଙ୍କ ମଧ୍ୟରେ ଖେଳକୁଦ ପ୍ରତି ଆଗ୍ରହ ରହିବା ଉଚିତ। ଏହା ଦ୍ୱାରା ଜଣେ ମାନସିକ ଓ ଶାରୀରିକ ଭାବେ ସୁସ୍ଥ ରହିପାରିବ। ମାଲଗୋଦାମ ଭଳି ବସ୍ତି ଅଞ୍ଚଳରେ ହକି ଖେଳ ପ୍ରତି ଆଗ୍ରହ ଦେଖି ଅତିଥିମାନେ ସନ୍ତୋଷ ପ୍ରକାଶ କରିଥିଲେ। ବିଶ୍ୱକପ ସିଧାପ୍ରସାରଣ ନେଇ ବିଜୁ ଯୁବବାହିନୀ ପଦକ୍ଷେପ ନେଇଥିବା ଏଥିରେ କୁହାଯାଇଥିଲା।

# ରାଜଗାଙ୍ଗପୁରରେ କଂଗ୍ରେସ ପାର୍ଟିର ବୈଠକ

**ରାଜଗାଙ୍ଗପୁର,୨୫।୧୧ (ଡି.ଏନ.ଏ)**

ରାଜଗାଙ୍ଗପୁର ଟାଉନ କଂଗ୍ରେସ ପକ୍ଷରୁ ରବିବାର ସନ୍ଧ୍ୟାରେ ସୁବାସ ଛକଠାରେ ନୂତନ ଭାବେ ଖୋଲା ଯାଇଥିବା କଂଗ୍ରେସ ଅଫିସରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ରାଜଗାଙ୍ଗପୁର ଟାଉନ ପାଇଁ ନୂତନ ସଭାପତି ଭାବେ ଚୟନ କରାଯାଇଥିବା ଇଫତିକାର ଅହମ୍ମଦ (ପାକା ବାବୁ) ଓ ଜିଲା ସମ୍ପାଦକ ଭାବେ ଚୟନ କରାଯାଇଥିବା ସୁରେଶ ବାରିକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ସଭାରେ ବରିଷ୍ଠ କଂଗ୍ରେସ କର୍ମୀ ପ୍ରଫୁଲ୍ଲ କୁମାର, ଅମ୍ବିକ ମହାନ୍ତି, ଦିପୁ ବିନୋଦ, ଇକବାଲ ମଲ୍ଲିକ, ପିଭିକେ କୋୟା, ଏଚଏନ ସିଂ, ଅଫଜଲ ଅହମ୍ମଦ, ଫଇମ ଅକତରଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ଶକ୍ତି ସଂରକ୍ଷଣ ବିଷୟ ଉପରେ କୁଇଜ୍

**ରାଉରକେଲା ଅଫିସ,୨୫।୧୧**

ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ଶକ୍ତି ସଂରକ୍ଷଣ ବିଷୟବସ୍ତୁ ଉପରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟର ୧୩୦ରୁ ଅଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହାକୁ ଶିକ୍ଷକ ଅମରନାଥ ମିଶ୍ର, ଲକ୍ଷ୍ମଣ ଗୌଡ଼, ବିଜୟ ସାହୁ, ପ୍ରଶାନ୍ତ ଦାସ ଓ ଭେଷଜ ଅଡ୍ଡା ପ୍ରମୁଖ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ଓମ୍‌କାର ପଟ୍ଟନାୟକ ୧ମ, ଜଗତଜ୍ୟୋତି ପ୍ରଧାନ ୨ୟ ଓ ଜ୍ୟୋତିରଞ୍ଜନ ମହାନ୍ତି ୩ୟ ସ୍ଥାନ ଅଧିକାର କରିଛନ୍ତି। ଏମାନେ ଆସନ୍ତା ୨ ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ ଓ ୧୪ ତାରିଖରେ ଏମାନଙ୍କୁ ପୁରସ୍କୃତ କରାଯିବ ବୋଲି କୁହାଯାଇଛି।



ଉଦିତନଗର ହାଇସ୍କୁଲରେ ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ର।

# ମନ୍ଦିର ନିକଟରୁ ଅଜଗର ଉଦ୍ଧାର

**ରାଉରକେଲା ଅଫିସ/ ବେଦବ୍ୟାସ, ୨୫।୧୧ (ଡି.ଏନ୍.ଏ)**

ବ୍ରାହ୍ମଣୀତରଙ୍ଗ ଥାନା ବେଦବ୍ୟାସ କିଷାନ ଗ୍ୟାସ ପରିସର ମନ୍ଦିର ନିକଟ ପାଣି କଳ ନିକଟରୁ ରବିବାର ସକାଳେ ଏକ ଅଜଗର ସାପ ଉଦ୍ଧାର କରାଯାଇଛି। ଏହାକୁ ଦେଖିବାକୁ ଘଟଣାସ୍ଥଳରେ ପ୍ରବଳ ଭିଡ଼ ଜମିଥିଲା। ଖବର ପାଇ ସ୍ଥାନୀୟ ପୋଲିସ ଓ ବନ ବିଭାଗ କର୍ମଚାରୀ ପହଞ୍ଚି ଅଜଗରକୁ ନେଇ ଜଙ୍ଗଲରେ ଛାଡ଼ିଥିଲେ।

## ଯୁବ ବିଜେଡି କର୍ମକର୍ତ୍ତା ସମ୍ବର୍ଦ୍ଧନା ସମାରୋହ

# ପଦ ଏକ କ୍ଷମତା ନୁହେଁ, ଦାୟିତ୍ୱ

**ରାଉରକେଲା ଅଫିସ,୨୫।୧୧**

ବିଜୁ ଯୁବ ଜନତା ଦଳ ରାଉରକେଲା ନିର୍ବାଚନ ମଣ୍ଡଳୀ ପକ୍ଷରୁ ରବିବାର ଅପରାହ୍ନରେ ପାନପୋଷ ବ୍ରାହ୍ମଣୀ କ୍ଲବଠାରେ ଏକ ସଭା ଆୟୋଜନ କରାଯାଇଥିଲା। ଯୁବ ବିଜେଡି ସଭାପତି ସୁବାସ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ପୂର୍ବତନ ମନ୍ତ୍ରୀ ତଥା ସୁନ୍ଦରଗଡ଼ ଜିଲା ବିଜେଡି କାର୍ଯ୍ୟକାରୀ କମିଟି ସଭାପତି ସାରଦା ନାୟକ, ରାଜ୍ୟ ଯୁବ ସଂଗଠନ ଉପଦେଷ୍ଟା କୁନବିହାରୀ ଦାସ, ରାଜ୍ୟ ସଂଖ୍ୟାଲଘୁ ସେଲ କର୍ମକର୍ତ୍ତା ଯଶବିନ୍ଦର ସିଂ, ଜିଲା ସଂଖ୍ୟାଲଘୁ ସେଲ କର୍ମକର୍ତ୍ତା ମହମ୍ମଦ ଖାଲିଦ, ରାଜ୍ୟ ଛାତ୍ର ସଂଗଠନ ସମ୍ପାଦକ ବିଭୂତି ପୁହାଣ, ସୁନ୍ଦରଗଡ଼ ଜିଲା ଛାତ୍ର ସଭାପତି ରାଣାପ୍ରତାପ ସିଂ, ନିର୍ବାଚନ ମଣ୍ଡଳୀ ଛାତ୍ର ସଭାପତି ଡି. ଅଭିକ କୁମାର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ନବନିର୍ବାଚିତ ଯୁବ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବକ୍ତବ୍ୟ ରଖି ଜିଲା କାର୍ଯ୍ୟକାରୀ ସଭାପତି ନାୟକ କହିଥିଲେ, ଯୁବକମାନେ ହେଉଛନ୍ତି ପରିବର୍ତ୍ତନର ବାର୍ତ୍ତାବହ। ଏମାନଙ୍କୁ ବାଦ୍ ଦେଇ କେବେ ବିକାଶ କଥା ଚିନ୍ତା କରାଯାଇ ପାରିବନି। ପଦ ଏକ କ୍ଷମତା ନୁହେଁ। ଏହାକୁ ସବୁବେଳେ ଦାୟିତ୍ୱ ମନେ କରାଯିବା ଉଚିତ। ପଦରେ ନ ଥାଇ ଆଜି ଅନେକ ଯୁବକ ସମାଜ ଓ ଦଳ ପାଇଁ ନିଷ୍ଠାର ସହ କାର୍ଯ୍ୟ କରୁଛନ୍ତି। ନେତୃତ୍ୱ କେବେ ଜାହିର କରାଯାଏନି, ଏହାର ପରିସ୍ଫୁଟନ ଘଟେ। ଆଜିର ଯୁବ ସମାଜ ନିଜକୁ ଯୁଗୋପଯୋଗୀ କରି ଗଢ଼ିବାକୁ ପ୍ରସ୍ତୁତ ହେବା ଉଚିତ ବୋଲି ନାୟକ ମତ ବ୍ୟକ୍ତ କରିଥିଲେ। ସରକାରଙ୍କ ଯୋଜନାର ସଫଳ ରୂପାୟନ ଓ ଲୋକଙ୍କୁ ଏହାର ସୁଫଳ ମିଳିବାରେ ପ୍ରତ୍ୟେକ ଅଞ୍ଚଳ ଓ ଘରେ ବାର୍ତ୍ତା ପହଞ୍ଚାଇବାକୁ ସେ ଆହ୍ୱାନ ଦେଇଥିଲେ। ସଂଖ୍ୟାଲଘୁ ନେତା ସିଂ କହିଥିଲେ, ତ୍ୟାଗ ଓ ତପସ୍ୟା ବିନା ସଫଳତା ମିଳିବା ସମ୍ଭବ ନୁହେଁ। ଯେଉଁମାନେ ନୂତନ ଦାୟିତ୍ୱ ବା ପଦରେ ଅଧିଷ୍ଠିତ ହୋଇଛନ୍ତି, ସେମାନେ ସମସ୍ତଙ୍କୁ ସାଥୀରେ ନେଇ ଚାଲିବା ଉଚିତ। କର୍ମକର୍ତ୍ତାଙ୍କ ମନରେ ଦୃଢ଼ ଇଚ୍ଛାଶକ୍ତି ଓ କର୍ମୀଙ୍କ ମଧ୍ୟରେ ଶୃଙ୍ଖଳା ହେଉଛି ସଂଗଠନ ପାଇଁ ବଡ଼ ଅସ୍ତ୍ର। ମନାନ୍ତର ଓ ମତାନ୍ତର ଗଣତନ୍ତ୍ରରେ ଏକ ସ୍ୱାଭାବିକ ପ୍ରକ୍ରିୟା। ଏହାକୁ ଗୁରୁତ୍ୱ ନ ଦେଇ ଯୁବକମାନେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ଉଦ୍ୟମ ଜାରି ରଖିବା ଉଚିତ ବୋଲି ସିଂ କହିଥିଲେ। ରାଜ୍ୟ ଯୁବ ସଂଗଠନ ଉପଦେଷ୍ଟା ଦାସ ବକ୍ତବ୍ୟରେ ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରିବା ସହ ସେମାନଙ୍କ ସଫଳତା କାମନା କରିଥିଲେ। ବିଜେଡିରେ ସାରଦା ନାୟକଙ୍କ ଭଳି ଦକ୍ଷ ସଂଗଠକ ଓ ନବୀନ ପଟ୍ଟନାୟକଙ୍କ ଭଳି ନିଷ୍କଳଙ୍କ ମୁଖ୍ୟମନ୍ତ୍ରୀଙ୍କ ପ୍ରେରଣାରେ ଆଜି ରାଉରକେଲାରେ ଯୁବ ସଂଗଠନ ବେଶ୍ ଦୃଢ଼ ରହିଛି। ଆଗାମୀ ଦିନରେ ଦଳକୁ ସଂଗଠିତ କରି ଯୁବ ତଥା ଛାତ୍ର ସମାଜକୁ ସାଥୀରେ ନେଇ ଆଗକୁ ବଢ଼ିବାକୁ ହେବ। ଏ ନେଇ ଯେତେ ପ୍ରତିକୂଳ ପରିସ୍ଥିତି ଆସିଲେ ବି ଦଳ କେବେ ପଛ ଘୁଞ୍ଚା ଦେବନି ବୋଲି ଦାସ କହିଥିଲେ। କାର୍ଯ୍ୟକ୍ରମ ଶେଷ ପର୍ଯ୍ୟାୟରେ ରାଜ୍ୟ ସଭା ସଦସ୍ୟ ତଥା ସୁନ୍ଦରଗଡ଼ ଜିଲା ପାଇଁ ଦଳର ପର୍ଯ୍ୟବେକ୍ଷକ ପ୍ରଶାନ୍ତ ନନ୍ଦ ଓ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅମର ଅପଟ୍ଟନାୟକ କାର୍ଯ୍ୟକ୍ରମରେ ଯୋଗଦେଇ ଯୁବ କର୍ମୀଙ୍କୁ ସାଂଗଠନିକ ଅଭିବୃଦ୍ଧି ନେଇ ପ୍ରେରଣା ପ୍ରଦାନ କରିଥିଲେ।



ବିଜେଡି ଯୁବ ସଂଗଠନ ପକ୍ଷରୁ ପାନପୋଷ ବ୍ରାହ୍ମଣୀ କ୍ଲବଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥି।

## ବିଶ୍ୱକପ୍ ହକି ପାଇଁ ଷ୍ଟିଲ୍ ସିଟିରେ ମିନି ମାରାଥନ

# ଦୌଡ଼ିଲେ ୫ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ

**ରାଉରକେଲା ଅଫିସ,୨୫।୧୧**

ହକି ବିଶ୍ୱକପ ଉଦ୍‌ଘାଟନୀ ଉତ୍ସବ ପୂର୍ବରୁ ଷ୍ଟିଲ ସିଟିରେ ଆୟୋଜିତ ହୋଇଛି ମିନି ମାରାଥନ। ହକିର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଆୟୋଜିତ ଏହି ମାରାଥନରେ ୫ଶହରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଭାଗ ନେଇଥିଲେ। ସକାଳ ୮ଟାରେ ସେକ୍ଟର-୧୩ ମେଳଣ ପଡ଼ିଆ ନିକଟରୁ ଦୌଡ଼ ଆରମ୍ଭ ହୋଇ ଛେଣ୍ଡ ଛକ ଓ ହନୁମାନ ବାଟିକା ରାସ୍ତା ଦେଇ ଦୀର୍ଘ ୫ କିଲୋମିଟର ଉଦିତନଗର ପରେଡ୍ ପଡ଼ିଆରେ ପହଞ୍ଚିଥିଲା। ମହିଳା ଓ ପୁରୁଷ ବର୍ଗର ୧୬ ଜଣ ପ୍ରତିଯୋଗୀଙ୍କୁ ଉଦିତନଗର ପଡ଼ିଆରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସମ୍ମାନିତ କରାଯାଇଥିଲା। ଏମାନଙ୍କୁ ମେଡାଲ ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରୁଷ ବର୍ଗରେ ଜଗନ୍ନାଥ ଦାସ ୧ମ ସ୍ଥାନ ଅଧିକାର କରିଥିବା ବେଳେ ସୁମନ୍ତ ମେହେର ୧ମ ରନର୍ସଅପ ଓ ସୋମିଲ ଓରାମ ୨ୟ ରନର୍ସଅପ ଭାବେ ପୁରସ୍କୃତ ହୋଇଥିଲେ। ସେହିଭଳି ମହିଳା ବର୍ଗରେ ମମତା କିଣ୍ଡୋ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ନିକିତା ଟପୋ ୧ମ ରନର୍ସଅପ ଓ ସରସ୍ୱତୀ ଓରାମ ଦ୍ୱିତୀୟ ରନର୍ସଅପ ବିବେଚିତ ହୋଇଥିଲେ। ମନିଷା ମିଞ୍ଜ, କାବେରୀ ଭୂୟାଁ, ମେରୀ କାଣ୍ଡୁଲିନା, ସୁମିତା କେରକେଟ୍ଟା ଓ ସୁମନ ହେମ୍ବ୍ରମଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଭୟ ବର୍ଗରେ ୧ମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୧୦ହଜାର, ୧ମ ରନର୍ସଅପଙ୍କୁ ୭ହଜାର, ଦ୍ୱିତୀୟ ରନର୍ସଅପଙ୍କୁ ୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ୧୩ନଂ ମେଳଣ ପଡ଼ିଆରେ ପୂର୍ବତନ ମନ୍ତ୍ରୀ ସାରଦା ନାୟକ, ସ୍ମାର୍ଟ ସିଟି ସିଇଓ ରଶ୍ମିତା ପଣ୍ଡା, ଅର୍ଜୁନ ପୁରସ୍କାରପ୍ରାପ୍ତ କ୍ରୀଡ଼ାବିତ୍ ମିନତୀ ମହାପାତ୍ର, ଆର୍‌ଏମ୍‌ସି ଡେପୁଟି କମିଶନର ସୁଷମା ବିଲୁଙ୍ଗ ପତାକା ଦେଖାଇ ଏହି ମିନି ମାରାଥନର ଶୁଭାରମ୍ଭ କରିଥିଲେ। ଉଦିତନଗରଠାରେ ଆୟୋଜିତ ପୁରସ୍କାର ବିତରଣ ସଭାକୁ ବିଜୁ ଯୁବ ବାହିନୀ ସଂଯୋଜକ ବିକ୍ରମ ନାୟକ ପରିଚାଳନା କରିଥିଲେ। ଏହି ଅବସରରେ ଆର୍‌ଏମ୍‌ସି ଅନ୍ତର୍ଗତ ସମସ୍ତ ୱାର୍ଡରେ ମଧ୍ୟ ମିନି ମାରାଥନ ଆୟୋଜନ କରାଯାଇଥିଲା।



ବିଶ୍ୱକପ୍ ହକି ପାଇଁ ଆୟୋଜିତ ମିନି ମାରାଥନ୍‌ରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ।



ବିଶ୍ୱକପ୍ ହକି ପାଇଁ ଆୟୋଜିତ ମିନି ମାରାଥନ୍‌ର ସଫଳ ପ୍ରତିଯୋଗୀ।



"ଅନ୍ୟଠାରୁ ନିଜକୁ ଉଚ୍ଚ ବୋଲି ମଣିବା ହେଉଚି ଭଗବାନଙ୍କ ପ୍ରତି ଦ୍ରୋହ ଆଚରଣ।
- ମହାତ୍ମା ଗାନ୍ଧୀ



**ସଂକ୍ଷେପରେ**

## ରୋହିଦାସ ସେବା ସଂଘ ବୈଠକ

**ସବଡେଗା, ୨୫।୧୧ (ଡି.ଏନ.ଏ)-** ବାଲିଶଙ୍କରା ବ୍ଲକ ତିଲଡେଗା ଗ୍ରାମାରେ ସୁନ୍ଦରଗଡ ଜିଲା ରେହିଦାସ ସେବା ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସୁନ୍ଦରଗଡ ଜିଲା ରୋହିଦାସ ସେବା ସଂଘର ସଭାପତି ସୁରେନ୍ଦ୍ର ରୋହିଦାସ ଏଥିରେ ସଭାପତିତ୍ୱ କରିଥିଲେ। ଦୁର୍ଯ୍ୟୋଧନ ରୋହିଦାସ, ଡମ୍ବରୁ ରୋହିଦାସ, ଯୋଗେନ୍ଦ୍ର ରୋହିଦାସ, ସୁଖର ଚନ୍ଦ୍ର ରୋହିଦାସ, ଶଶି ରୋହିଦାସ, ଯୋଗେଶ୍ୱର ରୋହିଦାସ, ଅମୃତ ମିରି ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ। ଏହି ଅବସରରେ ବାଲିଶଙ୍କରା ବ୍ଲକସ୍ତରୀୟ କର୍ମକର୍ତ୍ତା ଚୟନ କରାଯାଇଥିଲା । ସଭାପତି ଭାବେ ଅଜିତ ରୋହିଦାସ, ଉପସଭାପତି ପ୍ରମୋଦ ରୋହିଦାସ, ସମ୍ପାଦକ ଲିଙ୍ଗରାଜ ରୋହିଦାସ, କୋଷାଧକ୍ଷ ବିଜୟ ରୋହିଦାସ, ସଭ୍ୟ ହିସାବରେ ମିନୁ ରୋହିଦାସ, ହୀରାଧନ ରୋହିଦାସ, ରଶ୍ମିତା ରୋହିଦାସ, ଶାନ୍ତି ରୋହିଦାସଙ୍କୁ ଚୟନ କରାଯାଇଥିଲା। ସୁଖର ରୋହିଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ନିଖୋଜ ମହିଳାଙ୍କ ମୃତଦେହ ମିଳିଲା

**ହେମଗିର, ୨୫।୧୧ (ଡି.ଏନ.ଏ)-** ହେମଗିର ଥାନା ଅନ୍ତର୍ଗତ ଡୁରୁବଗା ଗ୍ରାମର ଜଣେ ମହିଳା ୨୨ ତାରିଖରୁ ନିଖୋଜ ଥିଲେ। ୩ ଦିନ ପରେ ରବିବାର ଡୁରୁବଗା ବାଏପାସ ରୋଡ କଡ ଅମରିବୁଦାରୁ ତାଙ୍କ ମୃତଦେହ ମିଳିଛି। ଏହି ମହିଳା ଜଣକ ହେଲେ ଡୁରୁବଗା ଗ୍ରାମର ସୁକବନ୍ତ ରୋହିଦାସଙ୍କ ସ୍ତ୍ରୀ ମଥୁରା ରୋହିଦାସ (୩୦)। ହେମଗିର ଥାନାରେ ସୁକବନ୍ତ ଅଭିଯୋଗ କରିଛନ୍ତି ଯେ, ତାଙ୍କ ସ୍ତ୍ରୀକୁ କେହି ହତ୍ୟା କରିଥାଇ ପାରନ୍ତି। ପୋଲିସ ଘଟଣା ସ୍ଥଳକୁ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ପୋଲିସ ଏହି ଘଟଣାର ଅଧିକ ତଦନ୍ତ ଚଳାଇଥିବା କହିଛି।

## ସୁନ୍ଦରଗଡ ପବ୍ଲିକ ସ୍କୁଲରେ ରାଷ୍ଟ୍ରୀୟ ଏକତା ଦିବସ

**ସୁନ୍ଦରଗଡ,୨୫।୧୧(ଡି.ଏନ୍.ଏ.)-** ସୁନ୍ଦରଗଡ ପବ୍ଲିକ ସ୍କୁଲ ପକ୍ଷରୁ ୧୯ରୁ ୨୫ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରୀୟ ଏକତା ସପ୍ତାହ ପାଳିତ ହୋଇଯାଇଛି। ରବିବାର ଛାତ୍ରୀଛାତ୍ର ବିଦ୍ୟାଳୟ ସଂପାଦକ ରାଜକିଶୋର ଷଡଙ୍ଗୀଙ୍କ ତତ୍ତ୍ୱାବଧାନ ଓ ଶିକ୍ଷକ ଅଶୋକ କୁମାର ପରିଡାଙ୍କ ନେତୃତ୍ୱରେ ସଚେତନତା ଶୋଭାଯାତ୍ରାରେ ବହାରିଥିଲେ। ଜିଲା ମୁଖ୍ୟ ଡାକ୍ତରଖାନାର ଚକ୍ଷୁ ବିଶେଷଜ୍ଞ ପୂର୍ଣ୍ଣଚନ୍ଦ୍ର ସାହୁ ଅତିଥି ଭାବେ ଯୋଗ ଦେଇ ଥିଲେ।

### ହକି ବିଶ୍ୱକପ୍ ପାଇଁ ଜିଲାରେ ମିନି ମାରାଥନ୍

# ଅନ୍ତୁଡ଼ିଶାଳରେ ଉତ୍ସବ, ଉତ୍ସାହ

**ସୁନ୍ଦରଗଡ, ୨୫।୧୧ (ଡି.ଏନ୍.ଏ.)**

ଆସନ୍ତା ୨୭ ତାରିଖ ମଙ୍ଗଳବାରଠାରୁ ଓଡ଼ିଶାରେ ହକି ବିଶ୍ୱକପ ଆୟୋଜିତ ହେଉଛି। ଏହିଦିନ ଉଦ୍‌ଘାଟନୀ କାର୍ଯ୍ୟକ୍ରମ। ପରଦିନଠାରୁ ମ୍ୟାଚ୍ ଖେଳାଯିବ। ଏଥିପାଇଁ ରାଜଧାନୀ ଭୁବନେଶ୍ୱରର ରାସ୍ତାଘାଟ ଚକଚେକ୍ ଆଉ ସଫାସୁତୁରା। ରାଜ୍ୟ ସରକାର, ରାଜ୍ୟ କ୍ରୀଡା ବିଭାଗ ସମେତ ଅନ୍ୟାନ୍ୟ ବିଭାଗ ପ୍ରସ୍ତୁତିରେ ଲାଗି ପଡିଛନ୍ତି। ପ୍ରାୟତଃ ପ୍ରସ୍ତୁତିପର୍ବ ଶେଷ ପର୍ଯ୍ୟାୟରେ ପହଞ୍ଚି ଗଲାଣି। କଳିଙ୍ଗ ଷ୍ଟାଡିୟମ ବି ପ୍ରସ୍ତୁତ। ହେଲେ ହକିର ଜନ୍ମସ୍ଥାନ ସୁନ୍ଦରଗଡ ଏଥିରୁ ବାଦ୍ ପଡିନି। ହକି ଖେଳର ପ୍ରଚାର, ପ୍ରସାର ଉଦ୍ଦେଶ୍ୟରେ ଓ ଲୋକଙ୍କ ମଧ୍ୟରେ ଉତ୍ସାହ ଆଣିବା ପାଇଁ ରବିବାର ସୁନ୍ଦରଗଡରେ ଏକ ମିନି ମାରାଥନ୍ (ହକି ପାଇଁ ଦୌଡ) ଆୟୋଜିତ ହୋଇଛି।

ସକାଳ ୯ଟାରେ ଭବନୀପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଷ୍ଟାଡିୟମରୁ ଭବାନୀ ଭବନ ଖେଳ ପଡିଆ ପର୍ଯ୍ୟନ୍ତ ଏହି ମିନି ମାରାଥନ ଅନୁଷ୍ଠିତ ହୋଇଥିଲା । ଏଥିରେ ମହିଳା ଓ ପୁରୁଷ ବର୍ଗର ୫୫୦ଜଣ ଅଂଶ ଗ୍ରହଣ କରିଥିଲେ । ଜିଲାପାଳ ସୁରେନ୍ଦ୍ର କୁମାର ମୀନା ପତାକା ଦେଖାଇ ଏହି ମିନି ମାରାଥାନ୍‌ର ଶୁଭାରମ୍ଭ କରିଥିଲେ । ମିନି ମାରାଥନରେ ଅଂଶଗ୍ରହଣ କରିଥିବା ଏହି ପ୍ରତିଯୋଗୀମାନଙ୍କୁ ରାସ୍ତାରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଓ ଅନ୍ୟାନ୍ୟ ସାମାଜିକ ଅନୁଷ୍ଠାନ ପକ୍ଷରୁ ଜଳ ବିତରଣର ବ୍ୟବସ୍ଥା ହୋଇଥିଲା । ଏହି ମିନି ମାରାଥନ୍‌ରେ ବାଳକ ବିଭାଗରେ ସୁନାସ ତିର୍କୀ ପ୍ରଥମ, ଛୋଟୁରାଜ ବଡା ଦ୍ୱିତୀୟ, ରାଜେନ୍ ଏକ୍କା ତୃତୀୟ ଏବଂ ବାଳିକା ବିଭାଗରେ ଅମ୍ବିକା ଡିଲା ପ୍ରଥମ, ବବିତା ଶାନ୍ତା ଦ୍ୱିତୀୟ ଓ ଲଳିତା ହାଁସଦା ତୃତୀୟ ସ୍ଥାନ ଅଧିକାର କରିଥିଲେ । ୨୭ ତାରିଖ ଅପରାହ୍ଣରେ ୩ଟାରେ ଭବାନୀ ଭବନ ଖେଳ ପଡିଆରେ ସ୍ୱତନ୍ତ୍ର ଏଲଇଡି ସ୍କ୍ରିନ୍ ମାଧ୍ୟମରେ ଭୁବନେଶ୍ୱରରେ ଆୟୋଜିତ ହକି ବିଶ୍ୱକପ୍‌ର ସିଧା ପ୍ରସାରଣ ହେବ। ଏହା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବରେ ଏହି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୂମେଶଚନ୍ଦ୍ର ବେହେରା, ସଦର ଉପଜିଲାପାଳ ବୀରସେନ ପ୍ରଧାନ, ସଦର ବିଡିଓ ଅନାମିକା ସିଂ, ଜିଲା କ୍ରୀଡା ଅଧିକାରୀ ତେଜ କୁମାର ଖେସ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ କ୍ରୀଡା ବିଭାଗ ସହଯୋଗରେ ଜିଲା ବିଜୁ ବାହିନୀ ପକ୍ଷରୁ ଏହି ମାରାଥନ ଅନୁଷ୍ଠିତ ହୋଇଥିଲା। ତେବେ ଜିଲାର ୧୭ ବ୍ଲକ୍ ମୁଖ୍ୟାଳୟ ଓ ୨୭୯ ପଞ୍ଚାୟତ ମୁଖ୍ୟାଳୟରେ ମଧ୍ୟ ମଙ୍ଗଳବାର ହକିଖେଳ ଦେଖିବାକୁ ବଡ ଏଲଇଡି ସ୍କ୍ରିନ ଖଞ୍ଜାଯିବ।

**ବେଦବ୍ୟାସ,(ଡି.ଏନ.ଏ)–** ବେଦବ୍ୟାସ ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ ରବିବାର ସକାଳ ୮ଟାରେ ବେଦବ୍ୟାସ ଛକଠାରୁ ବେଦବ୍ୟାସ ଶୈବ ପୀଠ ପର୍ଯ୍ୟନ୍ତ ହକି ମାରାଥନ ଦୌଡ ଅନୁଷ୍ଠିତ ହୋଇଯାଇଛି। ଏହି ମାରାଥନ କାର୍ଯ୍ୟକ୍ରମକୁ ଶ୍ରୀକାନ୍ତ ଦାଶ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଇଗ୍ନେସିଆ ତିର୍କି, ସୁଜିତ ସିଂଅଜିତ ଦାଶ ପ୍ରମୁଖଙ୍କ ସମେତ ଗୋପପାଲି, ସିଂଟୋଲା, ଦେହୁରୀପଡା, ବୁରୁଟୋଲା ଆଦି ଅଞ୍ଚଳର ଶତାଧିକ ଯୁବକ ଯୋଗ ଦେଇ ହକି ମାରାଥନ ଦୌଡରେ ଭାଗ ନେଇଥିଲେ । ଦୌଡ ପ୍ରତିଯୋଗୀତାରେ କୃତକାର୍ଯ୍ୟ ହୋଇଥିବା କୃଷ୍ଣ ଲାମା (ପ୍ରଥମ), ବିଶରାମ ଟପ୍ପୋ (ଦ୍ୱିତୀୟ) ଓ ବିଜୟ କାଣ୍ଡୁଲାନା (ତୃତୀୟ) ପୁରସ୍କୃତ ହୋଇଛନ୍ତି।

**ନୂଆଗାଁ,(ଡି.ଏନ.ଏ)–** ବିଜୁ ଯୁବ ବାହିନୀ ପକ୍ଷରୁ ରବିବାର ବ୍ଲକସ୍ତରୀୟ ମିନି ମାରାଥନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ସୁନ୍ଦରଗଡ ଜିଲା ପରିଷଦ ଅଧ୍ୟକ୍ଷା ଏମ୍ମା ଏକ୍କା ଉଦ୍‌ଘାଟନ କରିଥିଲେ । ନୂଆଗାଁ ବ୍ଲକ ଅଧ୍ୟକ୍ଷ ମଖଲୁ ଏକ୍କା, ନୂଆଗାଁ ସମିତି ସଭ୍ୟ ଗଜେନ୍ଦ୍ର ସାହୁ, ବିଜେଡି ଯୁବ ନେତା ପ୍ରଦୀପ ସାହୁ, ହାତୀବାରି ସରପଞ୍ଚ ବିନୋଦ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ । ନୂଆଗାଁ ବିଡିଓ ତୃପ୍ତି ବରାଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମିନିମାରାଥନ ପ୍ରତିଯୋଗିତା ନୂଆଗାଁ ହାଇସ୍କୁଲ ପଡିଆରୁ ଆରମ୍ଭ ହୋଇ ବାରିଲେପ୍ଟା ପର୍ଯ୍ୟନ୍ତ ଯାଇଥିଲା। ପ୍ରଶାନ୍ତ କୁମାର ସିହ୍ନା, ବ୍ଲକର ସମସ୍ତ କନିଷ୍ଠ ଯନ୍ତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

**ବଡଗାଁ,(ଡି.ଏନ.ଏ)–** ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ଫୁଲବାରୀ ପଞ୍ଚାୟତ କାର୍ଯ୍ୟାଳୟରୁ ବଡଗାଁ ବ୍ଲକ ଅଫିସ ପର୍ଯ୍ୟନ୍ତ ମିନି ମାରାଥନ ଦୌଡ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, ଏବିଡିଓ ଚୋକା ଓରାମ, ବ୍ଲକ ବିଜୁ ଯୁବ ବାହିନୀର ସଂଯୋଜକ ଅମିତ କୁମାର ଜେନା ଅତିଥି ଭାବେ ଯୋଗ ଦେଇଥିଲେ । ଏବିଡିଓ ଓରାମ ସବୁଜ ପତକା ଦେଖାଇ ଏହାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ୧୫ଟି ପଞ୍ଚାୟତର ଖେଳାଳି, ବଡଗାଁ ଆଇଟିଆଇର ୩୦ ଓ ବଡଗାଁ ହାଇସ୍କୁଲର ୨୦ଜଣ ଛାତ୍ରଙ୍କ ସହ ମୋଟ ୫ଶହ ବାଳକ, ଯୁବକ ମାରାଥନ ଦୌଡିଥିଲେ ।

**ବାଲିଶଙ୍କରା,(ଡି.ଏନ.ଏ)–** ବାଲିଶଙ୍କରା ବ୍ଲକ ତରଫରୁ ମାରାଥନ ଦୌଡ ପ୍ରତିଯୋଗିତା ହୋଇଯାଇଛି । ଉକ୍ତ ମାରାଥନ ଦୌଡରେ ବ୍ଲକର ୧୯ଟି ପଞ୍ଚାୟତର ୫୦୦ରୁ ଊର୍ଦ୍ଧ୍ୱ ଯୁବତୀ ଯୁବକ ଭାଗ ନେଇଥିଲେ । ଘୋଘର ଗ୍ରାମରୁ ବାହାରି ରାଜ ବଙ୍ଗଳା ଖେଳ ପଡିଆରେ ପହଞ୍ଚି ଥିଲା। ସୁକାନ୍ତି କାଲୋ, ବାଳମତୀ ଓରାମ, ନିଳିମା କାଲୋ, ସୁଶାନ୍ତ ସେରଲକା, ମନୋଜ ଟପ୍ପୋ, ନିମନ୍ତରା ବାରାଙ୍କୁ ପୁରସ୍କୃତ କରାଯାଇଥିଲା । ବିଡିଓ ଅଭିମନ୍ୟୁ ବେହେରାଙ୍କ ନେତୃତ୍ୱରେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ମୁଖ୍ୟ ଅତିଥି ରୂପେ ବାଲିଶଙ୍କରା ବ୍ଲକ ଉପାଧ୍ୟକ୍ଷ ପ୍ରଶାନ୍ତ କୁମାର ପଟେଲ, ସମ୍ମାନୀୟ ରୂପେ ସରପଞ୍ଚ ଦିନବନ୍ଧୁ ସାଏ, ଚନ୍ଦ୍ରମଣୀ ପ୍ରଧାନ, ପ୍ରଦୀପ କୁମାର ନନ୍ଦ, ସତ୍ୟ ସେଠ, ଅନୀଲ ବାଘ ଓ ସମସ୍ତ ବିଜୁ ଯୁବ ବାହିନୀ ସଦସ୍ୟ ଉପସ୍ଥିତ ଥିଲେ।

**ହେମଗିର,(ଡି.ଏନ.ଏ.)–** ହେମଗିର ବ୍ଲକ ବିଜୁ ଯୁବ ବାହିନୀ ପକ୍ଷରୁ ମିନି ମାରାଥନ ଆୟୋଜନ କରାଯାଇଥିଲା । ଏଥିରେ ବ୍ଲକ ଅଧ୍ୟକ୍ଷା ସୁଧାରାଣୀ ରାଉତିଆ, ଜିଲା ପରିଷଦ ଉପାଧ୍ୟକ୍ଷ କାଶିନାଥ ରାଉତ, ବିଡିଓ ପ୍ରଦୀପ ଡାଙ୍ଗ, ବିଜୁ ଯୁବ ବାହିନୀର ବ୍ଲକ କୋ–ଅର୍ଡିନେଟର କ୍ଷୀରଧର ସା ପ୍ରମୁଖ ନେତୃତ୍ୱ ନେଇଥିଲେ। ଏହି ଗଣ ଦୌଡ ହେମଗିର ବାଏପାସ୍ ପେଟ୍ରୋଲ ପମ୍ପଠାରୁ ଆରମ୍ଭ ହୋଇ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଶେଷ ହୋଇଥିଲା । ପ୍ରାୟ ୨୫୦ ଜଣ ସାମିଲ ଥିଲେ । ଏଥିରେ ସୁକାନ୍ତ ପତି, ପ୍ରମୋଦ ପତି, ପଞ୍ଚାୟତ ଇଓ ବିଜୟ କୁମାର ନାଏକଙ୍କ ସମେତ ବହୁ ଯୁବତୀ ଯୁବକ ସାମିଲ ଥିଲେ।

**କୁଆଁରମୁଣ୍ଡା,(ଡି.ଏନ.ଏ.)–** କୁଆଁରମୁଣ୍ଡା ବ୍ଲକ ବିଜୁ ଯୁବ ବାହିନୀ ପକ୍ଷରୁ ରବିବାର କୁଆଁରମୁଣ୍ଡା ବ୍ଲକ କାର୍ଯ୍ୟାଳୟଠାରୁ କଚାରୁ ରୋଡର ତେଲିପୋଷ ରେଲୱେ ଚେକ୍‌ଗେଟ୍ ପର୍ଯ୍ୟନ୍ତ ହକି ମାରାଥନ ଦୌଡ ଆରମ୍ଭ ହୋଇଥିଲା। ଏଥିରେ ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତରୁ ଶତାଧିକ ଯୁବତୀ, ଯୁବକ ଏକତ୍ରିତ ହୋଇ ଦୌଡରେ ସାମିଲ ହୋଇଥିଲେ। ଆଶ୍ରିତା କଙ୍ଗାଡି, ବିନ୍ଦୁ କେର୍କେଟା, ସଙ୍ଗୀତା ଓରାମ, ସଞ୍ଜୀବ ଓରାମ, ଆନନ୍ଦ ମିଞ୍ଜ, ଅମନ ତିର୍କୀ ପ୍ରମୁଖ କୃତକାର୍ଯ୍ୟ ହୋଇଛନ୍ତି। ଏମାନଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯିବ ବୋଲି କୁଆଁରମୁଣ୍ଡା ବିଡିଓ ପିୟୁଷ ଲୋହାର ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ସମିତି ସଭ୍ୟ ରାଜେଶ ହାଁସଦା, ଏବିଡିଓ ଭବାନୀଶଙ୍କର ପାଢୀ, ଜିପିଇଓ ନିରଞ୍ଜନ ନାଏକ, ପିଇଓ ଦେବବ୍ରତ ଦାସ, ମାରିୟାନୁସ ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ।

**ଲହୁଣୀପଡ଼ା, (ଡି.ଏନ.ଏ)–** ଲହୁଣୀପଡାରେ ମଧ୍ୟ ମିନିମାରାଥନ ରବିବାର ଅନୁଷ୍ଠିତ ହୋଇଯାଇଛି । ବିଡିଓ ଧାନାଇଚରଣ ଟୁଡୁ, ଏବିଡିଓ ପ୍ରଶାନ୍ତ କୁମାର ପଣ୍ଡା, ମଙ୍ଗଳ ସଂପ୍ରସାରଣ ଅଧିକାରୀ ପ୍ରମୋଦ କୁମାର ପଣ୍ଡା, ଏବିଇଓ ନରହରି କିଶାନ, ଲହୁଣୀପଡା ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ, ମଧୁସୂଦନ ବିଶ୍ୱାଳ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଜ୍ଞାନରଞ୍ଜନ ବ୍ରହ୍ମ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ନେତ୍ରାନ୍ଦ ମହାନ୍ତ ମଞ୍ଚ ପରିଚାଳନା କରିଥିଲେ । ଯୁବ ବାହିନୀ ବ୍ଲକ ସଂଯୋଜକ ସରୋଜ କୁମାର ଗହିର ଅତିଥି ପରିଚୟ ପ୍ରଦାନ କରିଥିଲେ। ଲହୁଣୀପଡା ବ୍ଲକ ପଡିଆରୁ ଶରଧାପୁର ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଗଣ ଦୌଡକୁ ମୁଖ୍ୟଅତିଥି ବିଡିଓ ଧାନାଇଚରଣ ଟୁଡୁ ଓ ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଗଣ ଦୌଡରେ ଛାତ୍ରୀଛାତ୍ର, ବିଜୁ ଯୁବ ବାହିନୀର ସଦସ୍ୟ ଏବଂ ସାଧାରଣ ଲୋକ ଭାଗ ନେଇଥିଲେ।




ସୁନ୍ଦରଗଡ଼ ଜିଲା ବଡ଼ଗାଁ (ବାମ) ଏବଂ ନୂଆଗାଁରେ ରବିବାର ଆୟୋଜିତ ହକି ବିଶ୍ୱକପ୍ ପାଇଁ ମିନି ମାରାଥନ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଯୁବତୀ ଯୁବକ, ଛାତ୍ରୀଛାତ୍ର, ଆୟୋଜକ ଓ ଅତିଥି।




ସୁନ୍ଦରଗଡ଼ରେ ଅନୁଷ୍ଠିତ ମିନି ମାରାଥନ କାର୍ଯ୍ୟକ୍ରମ ।




ବେଦବ୍ୟାସରେ ମିନି ମାରାଥନ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରାଯାଉଛି।




ଲହୁଣୀପଡ଼ାରେ ଅନୁଷ୍ଠିତ ମିନି ମାରାଥନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।




କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କୃତକାର୍ଯ୍ୟ ଛାତ୍ରୀଛାତ୍ର।

## ଛାତ୍ରୀଛାତ୍ର ଶକ୍ତି ସଂରକ୍ଷଣ ସଚେତନତା ସୃଷ୍ଟି କରିପାରିବେ

**ବାଲିଶଙ୍କରା,୨୫।୧୧ (ଡି.ଏନ.ଏ)**

ବାଲିଶଙ୍କରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ୧୯ ପଞ୍ଚାୟତର ୨୦ଟି ବିଦ୍ୟାଳୟରୁ ୭ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୧୫୦ରୁ ଅଧିକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସୁଗ୍ରୀବ ବାଘ ଯୋଗଦେଇ କହିଥିଲେ ଯେ, ଛାତ୍ରୀଛାତ୍ର ହେଉଛନ୍ତି ଭବିଷ୍ୟତ ପିଢ଼ି । ସେମାନଙ୍କୁ ଏ ବାବଦରେ ପ୍ରଶିକ୍ଷଣ ଦେଲେ ସେମାନେ ପରିବାରକୁଳ ସାଙ୍ଗମାନଙ୍କୁ ଶକ୍ତି ସଂରକ୍ଷଣ ନେଇ ସଚେତନ କରାଇବେ । ଉତ୍ତମ ତନ୍ତି, କୀର୍ତ୍ତିରାମ ରାଇକୁଲିଆ, ଶ୍ରୀଷ୍ଟପ ବା, ବିଜୟ କୁମାର ନାଏକ, ରାଜରମଣ କୁଜୁର, ଅର୍ଚ୍ଚନା ସେନାପତି, ହର୍ଷବର୍ଦ୍ଧନ ପଟେଲ ଯୋଗଦେଇ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ବେଳି ସାଜଦା ଖାଲଖୋ ଓ ପ୍ରମୋଦ କୁମାର ସାହ ଉପସ୍ଥିତ ଥିଲେ। ବାଲିଶଙ୍କରା ଉଚ୍ଚ ବିଦ୍ୟାଳୟ ନବମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ଉନନ୍ତି ପଟେଲ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଦ୍ୱିତୀୟ ସ୍ଥାନରେ ବନ୍ଧବାହାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରିୟଙ୍କା ନାଏକ ରହିଥିଲେ। ତୃତୀୟସ୍ଥାନରେ ବାଲିଶଙ୍କରା ଉଚ୍ଚ ବିଦ୍ୟାଳୟ ନବମ ଛାତ୍ର ଗୋବିନ୍ଦଚନ୍ଦ୍ର ଟପ୍ପୋ ରହିଥିଲେ। ଏହି ଛାତ୍ରୀଛାତ୍ର ଡିସେମ୍ବର ୨ ତାରିଖରେ ଜିଲାସ୍ତରୀୟ ଶକ୍ତି ସଂରକ୍ଷଣ ପ୍ରତିଯୋଗିତାର ଭାଗ ନେବେ। ଶେଷରେ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ବୃଦ୍ଧାଙ୍କୁ ହାତୀ ଦଳିଦେବା ଘଟଣା

# ପ୍ରତିଶ୍ରୁତି ଦେଲେ ଏସିଏଫ, ଉଠିଲା ମୃତଦେହ

**ବଡଗାଁ,୨୫।୧୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଛାମୁଣ୍ଡା ଗ୍ରାମରେ ଶନିବାର ସନ୍ଧ୍ୟାରେ ଶୁଲ କିସାନଙ୍କୁ ହାତୀ କଚାଡି ଦଳିଦେଲା ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା । ବନ କର୍ମଚାରୀମାନେ ବହୁ ବୁଝାସୁଝା ପରେ ମୃତଦେହ ବଡଗାଁ ଡାକ୍ତରଖାନାକୁ ଆଣି ରଖାଯାଇଥିଲା । ରବିବାର ପୂର୍ବାହ୍ଣରେ ଶତାଧିକ ମହିଳା, ପୁରୁଷ ଡାକ୍ତରଖାନାରେ ଜମା ହୋଇଥିଲେ। ଡିଏଫଓ ଆସି ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେବାକୁ ଅଡି ବସିଥିଲେ। ଅନ୍ୟଥା ମୃତଦେହ ଉଠାଇବେନି ବୋଲି ଚେତାବନୀ ଦେଇଥିଲେ। ଶେଷରେ ବାଧ୍ୟ ହୋଇ ସୁନ୍ଦରଗଡ ସହକାରୀ ବନ ସଂରକ୍ଷକ (ଏସିଏଫ) ଦିବାକର ବେହେରା ଡାକ୍ତରଖାନାରେ ପହଞ୍ଚି ଥିଲେ ।

ସେଠାରେ ଗ୍ରାମବାସୀ ତାଙ୍କୁ ଦାବି କରିଥିଲେ ଯେ, ଟ୍ରେଞ୍ଚ ଖୋଳାଯାଉ କିମ୍ବା କୌଣସି ସୁରକ୍ଷା ବ୍ୟବସ୍ଥା ହେଉ। ଗ୍ରାମବାସୀଙ୍କୁ ଶକ୍ତିଶାଳୀ ଟର୍ଚ୍ଚ ଦିଆଯାଉ। ପର୍ବତ ତଳି ଅଞ୍ଚଳର ସ୍କୁଲ, ହଷ୍ଟେଲ ଛାତ୍ରୀଛାତ୍ର ବିପଦରେ ଥିବାରୁ ତୁରନ୍ତ ସେମାନଙ୍କ ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଥିଲେ । ଏସିଏଫ ବେହେରା ସେହି ଅଞ୍ଚଳରେ ସୋଲାର ଲାଇଟ ବ୍ୟବସ୍ଥା କରିବା, ଟର୍ଚ୍ଚ ଯୋଗାଇ ଦେବା ଓ ସ୍କୁଲ ଚାରିପଟେ ତାରବାଡ ବ୍ୟବସ୍ଥା କରାଯିବ ବୋଲି କହିବା ପରେ ଗ୍ରାମବାସୀ ମୃତଦେହ ଉଠାଇଥିଲେ । ଏହାପରେ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, ଫୁଲବାରୀ ସରପଞ୍ଚ ଅହଲ୍ୟା ଲାକ୍ରା, ଭୋଇପାଲି ସରପଞ୍ଚ ମନ୍ଦାକିନୀ ବରିହା, ସମିତି ସଭ୍ୟା ଦମୟନ୍ତି ପ୍ରଧାନ, କୃଷକ ସଂଗଠନର କର୍ମକର୍ତ୍ତା ପ୍ରଫୁଲ୍ଲ ବିଶି, ରବିନ୍ଦ୍ର ପଟେଲ, ପ୍ରେମାନନ୍ଦ ନାଏକ, ଧନୁର୍ଯ୍ୟ ପୃଷେଟ ପ୍ରମୁଖ ବ୍ୟକ୍ତିମାନେ ରେଞ୍ଜ ଅଫିସରେ ଏସିଏଫଙ୍କ ସହିତ ଆଲୋଚନା କରିଥିଲେ । ସେଠାରେ ଫୁଲବାରୀ ପଞ୍ଚାୟତ ପାଇଁ ୪ ଓ ଭୋଇପାଲି ପଞ୍ଚାୟତ ପାଇଁ ୨ଟି ଟର୍ଚ୍ଚ ପ୍ରଥମ ପର୍ଯ୍ୟାୟରେ ଦିଆଯାଇଥିଲା । ଗୁରୁବାର ଦିନ ଫୁଲବାରୀ ଏବଂ ଭୋଇପାଲି ପଞ୍ଚାୟତର ସ୍ୱେଚ୍ଛାସେବୀ, ଜନପ୍ରତିନିଧିମାନଙ୍କୁ ନେଇ ବଡଗାଁସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ସଚେତନତା ସଭା କରାଯିବ। ଡିଏଫଓ ଉଭୟ ପଞ୍ଚାୟତରେ ଥିବା ଜଙ୍ଗଲ ପାର୍ଶ୍ୱ ସ୍କୁଲ ହଷ୍ଟେଲ ଛାତ୍ରୀଛାତ୍ରଙ୍କ ସୁରକ୍ଷା ସମ୍ବନ୍ଧରେ ଚିଠି କରିବେ ବୋଲି ଏସିଏଫ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ, ଶନିବାର ରାତିରେ ହାତୀ ବୃଦ୍ଧାଙ୍କୁ ଦଳିଦେଲା ପରେ ସନ୍ଧ୍ୟାରେ ସାଲେପାଲି ଗ୍ରାମରେ ପଶିଥିଲେ । ଡମ୍ବରୁଧର ନେଗିଙ୍କ ସ୍ତ୍ରୀ ପୂର୍ଣ୍ଣିମା ହାତୀକୁ ଦେଖି ଦୌଡି ପଳାଇ ଥିଲେ ହେଲେ ଘରେ ଅଚେତ ହୋଇଯାଇଥିଲେ। ହାତୀଟି ତାଙ୍କ ବାଡି ପଟେ ପଶି ପାଚେରି ଭାଙ୍ଗି ବାହାରିଥିଲା। ଏହାପରେ ତ୍ରିନାରାୟଣ ସାହୁ ଓ ମୁନୁ ସାହୁଙ୍କ ବାଡିରେ ପଶି କୋବି ଖାଇଥିଲା।



ଏସିଏଫ ଦିବାକର ବେହେରାଙ୍କ ସହିତ ବ୍ଲକ ଅଧ୍ୟକ୍ଷା, ସରପଞ୍ଚ ଓ ଗ୍ରାମବାସୀ ଆଲୋଚନା କରୁଛନ୍ତି ।



ବୁଲେଟଠାରୁ ଭୋଟ୍‌ର ବଳ ଅଧିକ।
- ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

### ଜିଲା କଂଗ୍ରେସର ୩୬ ସାଙ୍ଗଠନିକ ପଦବୀ ପାଇଁ ସଦସ୍ୟ ମନୋନୀତ

**ଝାରସୁଗୁଡ଼ା ଅଫିସ,୨୫।୧୧-** ପ୍ରଦେଶ କଂଗ୍ରେସ କମିଟି ଅନୁମୋଦନକ୍ରମେ ଝାରସୁଗୁଡ଼ା ଜିଲା କଂଗ୍ରେସ କମିଟିର ସାଙ୍ଗଠନିକ ପଦପଦବୀ ଘୋଷଣା କରାଯାଇଛି। ଗିରୀଶ ରଞ୍ଜନ ପଣ୍ଡାଙ୍କୁ ଜିଲା ସଭାପତି, ବିଶାଳ ଦାସଙ୍କୁ କାର୍ଯ୍ୟକାରୀ ସଭାପତି ରୂପେ ଚୟନ କରାଯାଇଛି। ଏଥିସହ ୭ ଉପସଭାପତି, ୧୧ ସାଧାରଣ ସମ୍ପାଦକ, ୧୬ ସମ୍ପାଦକଙ୍କ ନାମ ଘୋଷଣା ହୋଇଛି। ମୋଟ ୩୬ ସାଙ୍ଗଠନିକ ପଦପଦବୀ ପାଇଁ ବିଭିନ୍ନ ବ୍ୟକ୍ତି ମନୋନୀତ ହୋଇଛନ୍ତି। ସୂଚନାଯୋଗ୍ୟ, ଗତ ସପ୍ତାହରେ ୯ ଜିଲା ପରିଷଦ ଜୋନ୍ ସଭାପତି ଏବଂ ୩ ସହର କଂଗ୍ରେସ ସଭାପତିଙ୍କ ନାମ ଘୋଷଣା କରାଯାଇଥିଲା।

### ଝରଣା ସାହିତ୍ୟ ଓ ସଂସ୍କୃତି ପରିଷଦର ମାସିକ ଆସର

**ଝାରସୁଗୁଡ଼ା ଅଫିସ,୨୫।୧୧-** ଝାରସୁଗୁଡ଼ା ପୌର ପରିଷଦ ଟାଉନହଲରେ ଝରଣା ସାହିତ୍ୟ ଓ ସଂସ୍କୃତି ପରିଷଦ ଏବଂ ସ୍ୱାମୀ ବିବେକାନନ୍ଦ ସମାଜ କଲ୍ୟାଣ ସଂଘ ମିଳିତ ଆନୁକୂଲ୍ୟରେ ମାସିକ ସାହିତ୍ୟ ଆସର, ପତ୍ରିକା ଉନ୍ମୋଚନ ଏବଂ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଛି। ମାସିକ ଆସର ଜରିଆରେ ଝାରସୁଗୁଡ଼ାରେ ସାହିତ୍ୟର ସମୃଦ୍ଧି ଓ କବିଙ୍କୁ ଉତ୍ସାହିତ କରିବାକୁ ଏକ ପରିବେଶ ସୃଷ୍ଟି ହୋଇଛି ବୋଲି ମୁଖ୍ୟଅତିଥି ପ୍ରଫେସର ଲଳିତ ମୋହନ ଦାଶ କହିଛନ୍ତି। ଅନ୍ୟତମ ଅତିଥି ଭାବେ ଅଧ୍ୟାପିକା ମନ୍ଦାକିନୀ ଶତପଥୀ, ମଦନମୋହନ ସେଠ, ଡ. ସୁମତି ସାହୁ, ଡ. ଶିବପ୍ରିୟା ମିଶ୍ର, ମାଧବୀ ପଟେ. ରାଧାମୋହନ ପାଣ୍ଡେ ପ୍ରମୁଖ ଯୋଗଦେଇଥିଲେ। ଦ୍ୱିତୀୟ ଅଧିବେଶନରେ କବି ସନ୍ତୋଷ ପ୍ରଧାନ, ବିରଞ୍ଚି ଦାସ, ପ୍ରେମସାଗର ଦାସ, ରାଜଶ୍ରୀ ମେହେର, କବିତା ପଣ୍ଡା, ନିବେଦିତା ମିଶ୍ର, ହେମନ୍ତ ପଟେଲ, ଉପେନ୍ଦ୍ର ସରାଫ, ଏକାମ୍ବର ବାଘ, ଲଳିନ୍ଦ୍ର ଗୋଖରା ପ୍ରମୁଖ କବିତା ପାଠ କରିଥିଲେ। ଗୌନ୍ତିଆ ମହମ୍ମଦ ଜମିଉଲ୍ଲା, ପ୍ରଣତି ପଟ୍ଟନାୟକ, ଡା. ରାଧାରମଣ ବିର୍ତିଆ, ସ୍ୱର୍ଣ୍ଣମୟୀ ପୁରୋହିତ, ବସନ୍ତ କୁମାର ନାଥ, ଶୁଭନାରାୟଣ ସ୍ୱାଇଁ ତୁଳସୀ ପ୍ରସାଦ ଦାଶ କାର୍ଯ୍ୟକ୍ରମକୁ ରସାଣିତ କରିଥିଲେ।

## ବିଦ୍ୟାଳୟ ସମୂହ ଏନ୍‌ସିସି ଦିବସ ପାଳିତ

**ବେଲପାହାଡ଼,୨୫।୧୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳସ୍ଥିତ ବିଆର୍ ହାଇସ୍କୁଲରେ ରବିବାର ୪ ବିଦ୍ୟାଳୟ ସମୂହର ଏନ୍‌ସିସି ଦିବସ ପାଳିତ ହୋଇଛି। ଏଥିରେ ବେଲପାହାଡ଼ ଇଂଲିଶ ମିଡିୟମ ସ୍କୁଲ ଅଧ୍ୟକ୍ଷା ରମା କାର୍ତ୍ତିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏନ୍‌ସିସି ପତାକା ଉତ୍ତୋଳନ କରିଥିଲେ। ବିଆର୍ ହାଇସ୍କୁଲ ପ୍ରଧାନ ଶିକ୍ଷକ ରଞ୍ଜନ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଆର୍ ହାଇସ୍କୁଲ, ବେଲପାହାଡ଼ ଇଂଲିଶ ମିଡିୟମ ସ୍କୁଲ, ବିବେକାନନ୍ଦ ବିଦ୍ୟାଳୟ ଏବଂ ବନ୍ଧବାହାଲ ଡିଏଭି ସ୍କୁଲ ଏନ୍‌ସିସି ଛାତ୍ରୀଛାତ୍ର ମିଳିତ ଭାବେ ପରେଡ୍ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର ଏନ୍‌ସିସି ଅଫିସର ବୀରେନ୍ଦ୍ର ଭୋଇ, ରେଖା ରାୟ ଓ ନେହା ଠାକୁର ପରେଡ୍ ନିରୀକ୍ଷଣ କରିଥିଲେ। ଏହି ଅବସରରେ ଜଙ୍ଗଲ ସୁରକ୍ଷା ଓ ଜଳ ସଂରକ୍ଷଣ ଉଦ୍ଦେଶ୍ୟରେ ସଚେତନତା ସୃଷ୍ଟି ପାଇଁ ଏକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା।



ଏନ୍‌ସିସି ଦିବସ ଅବସରରେ ବାହାରିଥିବା ଶୋଭାଯାତ୍ରାରେ ଛାତ୍ରୀଛାତ୍ର ଜଙ୍ଗଲ ସୁରକ୍ଷା ଓ ଜଳ ସଂରକ୍ଷଣ ପାଇଁ ସଚେତନତା ସୃଷ୍ଟି କରୁଛନ୍ତି।


କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିବା ଗ୍ରାମବାସୀଙ୍କୁ ପୋଲିସ ଅଧିକାରୀ ବୁଝାଶୁଝା କରୁଛନ୍ତି।

### ଏମ୍‌ସିଏଲ୍ ଖଣିରେ ଦୁର୍ଘଟଣା, ହାଇୱା ଧକ୍କାରେ ବାଇକ୍ ଚାଳକ ମୃତ

## କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକୋ

**ଲଖନପୁର,୨୫।୧୧(ଡି.ଏନ୍.ଏ.)**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁର କ୍ଷେତ୍ର ଅଧୀନ ବେଲପାହାଡ଼ ଖୋଲାମୁହଁ କୋଇଲାଖଣିରେ ରବିବାର ସକାଳ ସାଢ଼େ ୫ଟାରେ ଦୁର୍ଘଟଣା ଘଟିଛି। ଏକ ହାଇୱା ଧକ୍କାରେ ବାଇକ୍ ଚାଳକ ଜୁରାବଗା ଗ୍ରାମର ଅଶୋକ ପାନ (୪୪)ଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ଗ୍ରାମବାସୀ ଖଣି ଅଞ୍ଚଳରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଶହ ଶହ ଗାଡ଼ି ଅଟକି ରହିଥିଲା। କୋଇଲା ପରିବହନ ବାଧାପ୍ରାପ୍ତ ହୋଇଥିଲା। ବନହରପାଲି ଥାନା ଓ ବନ୍ଧବାହାଲ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ତେବେ ଅଶୋକଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ, ପରିବାର ପ୍ରତିପୋଷଣ ଓ ଝିଅପୁଅଙ୍କ ପାଠ ପଢ଼ିବା ପାଇଁ ମାସିକ ସହାୟତା ଯୋଗାଇଦେବା ଦାବିରେ ଆନ୍ଦୋଳନକାରୀ ଅଡ଼ିବସିଥିଲେ। ଏମ୍‌ସିଏଲ୍ ଅଧୀନରେ କାର୍ଯ୍ୟ କରୁଥିବା ଠିକାସଂସ୍ଥା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ୯ ଲକ୍ଷ ଟଙ୍କା କ୍ଷତିପୂରଣ ଓ ପରିବାରର ଜଣଙ୍କୁ ଠିକାସଂସ୍ଥାରେ ନିଯୁକ୍ତି ଦେବାକୁ ସେ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଓଡି୧୯-ଜି୬୫୦୧ନଂ ହାଇୱା ଓ ଓଆର୍୧୫-ଡି୭୩୮୬ନଂ ବାଇକ୍ ଜବତ କରିଛି। ଏ ନେଇ ଏକ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି।

ସୂଚନାଯୋଗ୍ୟ, ଏମ୍‌ସିଏଲ୍‌ରେ କୋଇଲା ପରିବହନ ପାଇଁ ଜେଜେସିସିପିଏଲ୍ ନାମକ ଠିକାସଂସ୍ଥା ଟେଣ୍ଡର ମାଧ୍ୟମରେ ନିୟୋଜିତ ହୋଇଛି। ଏହି ସଂସ୍ଥା ଅଧୀନରେ ଅଶୋକ ହାଇୱା ଚାଳକଭାବେ କାମ କରୁଥିଲେ। ରାତି ଡ୍ୟୁଟି ସାରି ରବିବାର ସକାଳ ସାଢ଼େ ୫ଟାରେ ଅଶୋକ ନିଜ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଠିକାସଂସ୍ଥାର ଏକ ହାଇୱା ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଅଶୋକ ଗୁରୁତର ଆହତ ହୋଇଥିଲେ। ପ୍ରଥମେ ତାଙ୍କୁ ବେଲପାହାଡ଼ ମେଡିକାଲ ଓ ପରେ ବୁର୍ଲା ବଡ଼ ମେଡିକାଲ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।

## ଶ୍ରୀମା ଅରବିନ୍ଦଙ୍କ ସିଦ୍ଧି ଦିବସ

**କୋଲାବିରା,୨୫।୧୧(ଡି.ଏନ୍.ଏ.)**

ଭାତଲଇଡ଼ା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶ୍ରୀମା ଅରବିନ୍ଦଙ୍କ ସିଦ୍ଧି ଦିବସ ପାଳିତ ହୋଇଛି। ସକାଳେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ଣରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଯୋଗାଶ୍ରମ ସଭାପତି ଶିକ୍ଷାବିତ୍ ଗୁପ୍ତଚରଣ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଧରଣୀଧର ପାଳ, ପ୍ରଫୁଲ୍ଲ ନାଏକ, ସରପଞ୍ଚ ସୀମାଞ୍ଜଳୀ ପଟେଲ, ସୁମନ୍ତ ନାଏକ, ନବୀନ ନାଏକ, ପିଙ୍କୁ ଦାସ, ସନ୍ତୋଷ ପଟେଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସିଦ୍ଧି ଦିବସ ବିଷୟରେ ଆଲୋଚନା କରିଥିଲେ। ସମ୍ପାଦକ ଅଭିମନ୍ୟୁ ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟକ୍ଷ ପ୍ରେମାନନ୍ଦ ନାଏକ ଧନ୍ୟବାଦ ଦେଇଥିଲେ। ଯୋଗାଶ୍ରମର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ପରିଚାଳନା କମିଟି ସଦସ୍ୟ ସହଯୋଗ କରିଥିଲେ। ଛାତ୍ରୀ ମନୀଷା ନେଟୀ, ପୀୟୂଷ ନେଟୀ, ଅରୁଣା ମେହେର, ଅଙ୍କିତା ମେହେର, ଯଶୋଦା ବାଗ ପ୍ରମୁଖ ଏହି ଅବସରରେ ଉଦ୍‌ବୋଧନ ଦେଇଥିଲେ।

### ମହାବନ୍ଦ ସଫଳ ପାଇଁ ସମନ୍ୱୟ ବୈଠକ

## ୧୭ ସଙ୍ଗଠନର ସମର୍ଥନ ଘୋଷଣା

**ଝାରସୁଗୁଡ଼ା ଅଫିସ,୨୫।୧୧**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବିରେ ନଭେମ୍ବର ୨୯ ଏବଂ ୩୦ ଦୁଇଦିନ ଧରି ମହାବନ୍ଦ ପାଳନ ହେବ। ଏହି ବନ୍ଦକୁ ସଫଳ କରିବା ପାଇଁ ରବିବାର ଝାରସୁଗୁଡ଼ା ବାର୍ ଆସୋସିଏଶନ ଆନୁରୋଧକ୍ରମେ ସମସ୍ତ ରାଜନୈତିକ ଦଳ ଓ ସଙ୍ଗଠନଙ୍କୁ ନେଇ ବୈଠକ ହୋଇଥିଲା। ବୈଠକରେ ଯୋଗଦେଇଥିବା ରାଜନୈତିକ ଦଳ ସମେତ ୧୭ଟି ସଙ୍ଗଠନ ବନ୍ଦକୁ ସମର୍ଥନ କରିବାକୁ ଘୋଷଣା କରିଛନ୍ତି। ଆଉ କେତେକ ସଙ୍ଗଠନ ବୈଠକରେ ଅନୁପସ୍ଥିତ ରହିଥିଲେ ମଧ୍ୟ ସମର୍ଥନ କରିବାକୁ


ବୈଠକରେ ଉପସ୍ଥିତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା।

ପ୍ରତିଶ୍ରୁତି ଦେଇଥିବା ବାର୍ ସଭାପତି ରଘୁମଣି ପଟେଲ ଓ ସମ୍ପାଦକ ପଦ୍ମନାଭ ମାଳି କହିଛନ୍ତି। ବିଜେଡିର ହରିଶ ଗଣତ୍ରା, ମାର୍ଚ୍ଚାଣ୍ଟ ଆସୋସିଏଶନର ହୀରାଲାଲ ଲୋକଚନ୍ଦାନୀ, ରମେଶ ଗାନ୍ଧୀ, ଟ୍ରକ୍ ମାଲିକ ସଂଘର ରାଜେନ୍ଦ୍ର ସିଂ, ସତପାଲ ସିଂ, ସିପିଆଇର ଅନୀତ ଚକ୍ରବର୍ତ୍ତୀ, ସାରଙ୍ଗଧର ମିଶ୍ର, ଯଙ୍ଗଷ୍ଟାର କ୍ଲବର ଅବରିନ୍ଦ ବାରିକ, ସମାଜବାଦୀ ପାର୍ଟିର ଏମ୍‌ଡି. ଅଖତର୍, ବରିଷ୍ଠ ନାଗରିକ ସଂଘର ଅର୍ଜୁନ ମୋରଙ୍କ ସମେତ ବସ୍ କର୍ମଚାରୀ ସଂଘ, ଭାରତୀୟ ମଜଦୁର ସଂଘ, କୋଲ ମୁଭର ଆସୋସିଏଶନ ଭଳି ୧୭ଟି ସଙ୍ଗଠନର ପ୍ରତିନିଧି ଏଥିରେ ଯୋଗଦେଇ ସେମାନଙ୍କ ସମର୍ଥନ ଘୋଷଣା କରିଥିଲେ। ତେଣୁ ମହାବନ୍ଦ ସଫଳ ହେବ ବୋଲି ଓକିଲ ସଂଘ ଆଶା ବ୍ୟକ୍ତ କରିଛି।

## ବିଶ୍ୱକପ୍ ହକି ପାଇଁ ମିନି ମାରାଥନ୍

**ଝାରସୁଗୁଡ଼ା ଅଫିସ,୨୫।୧୧**

ଓଡ଼ିଶାରେ ଆୟୋଜିତ ହେବାକୁ ଯାଉଥିବା ହକି ବିଶ୍ୱକପର ସଫଳ ପ୍ରଚାର ପାଇଁ ରବିବାର ଝାରସୁଗୁଡ଼ା ସହରରେ ମିନି ମାରାଥନ ଅନୁଷ୍ଠିତ ହୋଇଛି। ସକାଳ ୮ଟାରେ ସ୍ଥାନୀୟ ଓଏସ୍‌ଏପି ବାଟାଲିୟନ ପରିସରରୁ ଦୌଡ଼ ଆରମ୍ଭ ହୋଇ ମନମୋହନ ସ୍କୁଲରେ ଶେଷ ହୋଇଥିଲା। ଶହେରୁ ଅଧିକ ଯୁବତୀ, ଯୁବକ ଏଥିରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲାପାଳ ତ୍ରିଲୋଚନ ମାଝି ଏହାର ଶୁଭାରମ୍ଭ କରିଥିଲେ। ପୌରାଧ୍ୟକ୍ଷ ହରିଶ ଗଣତ୍ରା, ବାଟାଲିୟନ ଉପଦୁର୍ଗପତି ଲକ୍ଷ୍ମଣ ସିଂ, ଆଶିଷ ଦୁବେ, ସହଦୁର୍ଗପତି ମାନ୍ଧାତା ସାଏ, କ୍ରୀଡ଼ାସଂଘର ତାପସ ରାୟଚୌଧୁରୀ, ଜୀବନ ମହାନ୍ତି, ଗଣେଶ ନାୟକ, ପ୍ରଜ୍ଜ୍ୱଳ ପଟେଲ, ଜିଲା କ୍ରୀଡ଼ା ଅଧିକାରୀ ସୁଶିଲ ମିଶ୍ର, ଡମ୍ବରୁଧର ପୂଜାରୀ, ବିଜୁ ଯୁବବାହିନୀର ଡିକେଶ୍ୱର ବେହେରା, ଲାୟନ୍ସ କ୍ଲବର ଅଭିଷେକ ଲାଠ, ପ୍ରଶାନ୍ତ ଜେନା, ମେହେତାବ ଖାଁ, ଶୋଭନ ଦେବ, ମୋହନ ମିଶ୍ର, ସାଗର ଥାପ୍ପା, ଗୋପାଳ ଥାପା ପ୍ରମୁଖ ଗଣଦୌଡ଼ର ଆୟୋଜନ ତଥା ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

**ଲଖନପୁର,(ଡି.ଏନ୍.ଏ.)**–ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବନ୍ଧବାହାଲ ପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ମଧ୍ୟ ରବିବାର ଗଣଦୌଡ଼ ଅନୁଷ୍ଠିତ ହୋଇଛି। ପୂର୍ବତନ ବିଧାୟକ ଅନୁପ ସାଏ ମୁଖ୍ୟଅତିଥି ଭାବେ ଯୋଗଦେଇ ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ସରପଞ୍ଚ ରାଜେନ୍ଦ୍ର ନାୟକ, ସମିତିସଭ୍ୟ ଈଶ୍ୱର କଉଡ଼ି, ସୀମାଞ୍ଚଳ ବିଶୋଇ, କିଶୋର ଖରସେଲ୍, ଘନଶ୍ୟାମ ସିଂହ, ସୁନୀଲ ମହାନ୍ତି, ପ୍ରଦୀପ ସେନାପତି, ଅରୁଣ କୁମାର ସିଂହ, ଦିଲୀପ ମହାନ୍ତି, ବିଜୁ ଯୁବବାହିନୀ ସଭାପତି ବୀରେନ୍ଦ୍ର ଭଇଁସାଲ ପ୍ରମୁଖ ଯୋଗଦେଇଥିଲେ। ଦେଢ଼ଶହ ଛାତ୍ରୀଛାତ୍ର ସାମିଲ ହୋଇ ଦୌଡ଼ିଥିଲେ। ଦୌଡ଼ ବନ୍ଧବାହାଲ ଜଗନ୍ନାଥ ମନ୍ଦିର ଦୀନବାନ୍ଧବ କ୍ଷେତ୍ର ସମ୍ମୁଖରୁ ଆରମ୍ଭ ହୋଇ କଲୋନୀ ପରିକ୍ରମା ପରେ ପୁଣି ମନ୍ଦିର ସମ୍ମୁଖରେ ପହଞ୍ଚିଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବନ୍ଧବାହାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ସନ୍ତୋଷ ବଳିଆରସିଂହ, ଅବନୀକାନ୍ତ ବେହେରା ଓ ଗୌରାଙ୍ଗ ଡିଲା ପ୍ରମୁଖ ସହଯୋଗ କରିଥିଲେ।

**ବେଲପାହାଡ଼,(ଡି.ଏନ୍.ଏ.)**– ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳରେ ବିଜୁ ଯୁବବାହିନୀ ପକ୍ଷରୁ ରବିବାର ଗଣଦୌଡ଼ ଆୟୋଜିତ ହୋଇଥିଲା। ଏଥିରେ ୭ଟି ଗ୍ରୁପରେ ଶତାଧିକ ଛାତ୍ରୀଛାତ୍ର ତଥା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀମାନେ ବିଭିନ୍ନ ୱାର୍ଡରୁ ଦୌଡ଼ ଆରମ୍ଭ କରି ଟିଆର୍‌ଏଲ୍ ଷ୍ଟାଡିୟମରେ ପହଞ୍ଚିଥିଲେ। ମଧ୍ୟାହ୍ନରେ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ ଅନୁପ କୁମାର ସାଏ ମୁଖ୍ୟଅତିଥି ଏବଂ ବେଲପାହାଡ଼ ଯୁକ୍ତ-୨ ମହାବିଦ୍ୟାଳୟ ଅଧ୍ୟକ୍ଷ ଧାନରଞ୍ଜନ ଦୀକ୍ଷିତ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।


ଝାରସୁଗୁଡ଼ା: ଗଣଦୌଡ଼ରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ।


ଲଖନପୁର: କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ଅନୁପ ସାଏ ମାନପତ୍ର ପ୍ରଦାନ କରୁଛନ୍ତି।


ବେଲପାହାଡ଼: ଅତିଥିମାନଙ୍କ ସହ ଗଣଦୌଡ଼ରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ।

### ଶକ୍ତି ସଂରକ୍ଷଣ ଶୀର୍ଷକ କୁଇଜ୍ ପ୍ରତିଯୋଗିତା

**କୋଲାବିରା,୨୫।୧୧(ଡି.ଏନ୍.ଏ.)**

କୋଲାବିରାସ୍ଥିତ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ପରିସରରେ ଶକ୍ତି ସଂରକ୍ଷଣ ସମ୍ପର୍କିତ ଲିଖିତ ପ୍ରଶ୍ନୋତ୍ତର ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଛି। ବ୍ଲକ ଅଞ୍ଚଳର ସପ୍ତମ ଶ୍ରେଣୀଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୩୦ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ। ପୂର୍ବାହ୍ନ ୧୧ଟାରୁ ୧୨ଟା ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧାର ସରାଫ, ଶିକ୍ଷକ ବଂଶୀଧର କଉଡ଼ି, ଶିକ୍ଷୟିତ୍ରୀ ନିରୁପମା କାଲୋ, ବିନୋଦିନୀ ସେନାପତି ପରୀକ୍ଷା ପରିଚାଳନା କରିଥିଲେ। ପର୍ଯ୍ୟବେକ୍ଷକ ଭାବେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ବିଜ୍ଞାନ ସୁପରଭାଇଜର ଯୋଗଦେଇଥିଲେ। ଏହି ପରୀକ୍ଷାରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଆସନ୍ତା ୧୪ ତାରିଖ ଶକ୍ତି ସଂରକ୍ଷଣ ଦିବସ ଅବସରରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି ପ୍ରଧାନ ଶିକ୍ଷକ ସରାଫ କହିଛନ୍ତି।

### ଶିଶୁଙ୍କ ସଲିଳ ସମାଧି

**ଜଳେଶ୍ୱର, ୨୫।୧୧(ଡି.ଏନ.ଏ.)**

ରବିବାର ସକାଳେ ଜଳେଶ୍ୱର ଥାନା ବର୍ତ୍ତନା ଗ୍ରାମର ଅକ୍ଷୟ କୁମାର ବେହେରାଙ୍କ ୪ ବର୍ଷର ଝିଅ ତେଜସ୍ୱିନୀ ଘର ଆଗରେ ଖେଳୁଥିବା ବେଳେ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ଏନେଇ ଜଳେଶ୍ୱର ଥାନାରେ ଅପମୃତ୍ୟୁ ମାମଲା (ନଂ.୩୪/୨୦୧୮) ରୁଜୁ ହୋଇଛି।



"ଗୋଟିଏ ନୀତିକୁ କାର୍ଯ୍ୟକାରୀ କରିବାର ଯଦି କୌଣସି ପରିକଳ୍ପନା ନାହିଁ, ତେବେ ସେ ନୀତି ବୟାନ କରିବାର କୌଣସି ଅର୍ଥ ନାହିଁ।
- ଜର୍ଜ ବର୍ଣ୍ଣାଡ ଶ'

## ସଂକ୍ଷେପରେ

### ଯୁଗଧ୍ୱନି ସାହିତ୍ୟ ସଂସଦ ପକ୍ଷରୁ ଆଲୋଚନାଚକ୍ର

**ରାଉରକେଲା ଅଫିସ,୨୫।୧୧-** ଯୁଗଧ୍ୱନି ସାହିତ୍ୟାନୁଷ୍ଠାନ ରାଉରକେଲା ସମ୍ଭାଗ ପକ୍ଷରୁ ଛେଣ୍ଡ ୱେଲଫେୟାର କାର୍ଯ୍ୟାଳୟ ପରିସରରେ ରବିବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ସାହିତ୍ୟିକ ନୃସିଂହ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାହିତ୍ୟିକ କୃପାସିନ୍ଧୁ ନାୟକ ମୁଖ୍ୟଅତିଥି, ଅଧାପକ ଅଶ୍ୱିନୀ ରାୟ ମୁଖ୍ୟବକ୍ତା ଓ ସରକାରୀ ଆଇଟିଆଇ ତାଲିମ ଅଧିକାରୀ ରବୀନ୍ଦ୍ର ମଲ୍ଲିକ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ସମୀକ୍ଷକ ରୂପେ ଅନୀଲ ଦାସ ଉପସ୍ଥିତ ଥିଲେ। ଅନୁଷ୍ଠାନର ସହ ସମ୍ପାଦକ ଅବନୀନ୍ଦ୍ର ଓଝା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବର୍ତ୍ତମାନ ଯୁବପିଢ଼ି ଉପରେ ଭାଷା ଓ ସାହିତ୍ୟର ଭବିଷ୍ୟତ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଡ. ନାୟକ କହିଥିଲେ, ଉତ୍ତମ ଲେଖା ପ୍ରକାଶିତ ହେଲେ ଏହା ପାଠକୀୟ ଆଦୃତି ଲାଭ କରିବ। ବିନା ସାଧନାରେ ଜଣେ ସାହିତ୍ୟିକ ବା କବି ହୋଇବା ଅସମ୍ଭବ। ଏ ଦିଗରେ ଆଗାମୀ ତଥା ଯୁବପିଢ଼ି ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ରାୟ କହିଥିଲେ, ସାହିତ୍ୟ ପରମ୍ପରାକୁ ସମୃଦ୍ଧ କରେ। ଯୁଗଧ୍ୱନି ଅନୁଷ୍ଠାନ ଏ ଦିଗରେ ପ୍ରୟାସ ଜାରି ରଖିବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ମଲ୍ଲିକ ସୋସିଆଲ ମିଡିଆ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କିଶୋରୀମୋହନ କର, କୁଞ୍ଜବିହାରୀ ରାଉତ, ସସ୍ମିତା ପ୍ରଧାନ, ସଞ୍ଜୁକ୍ତା ରାଜ, ଡଲିରାଣୀ ବ୍ରହ୍ମା, ରମାନାଥ ପର୍ବତ, ନୃସିଂହ ଜେନା, ସୁନୀଲ ମହାନ୍ତି ଓ ବସନ୍ତ ବିଶ୍ୱକର୍ମା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

# ବୋଇତ ବନ୍ଦାଣ ଉତ୍ସବରେ ରାଜନୀତିର ବାସ୍ନା

**ଚାନ୍ଦବାଲି/ଭଦ୍ରକ ଅଫିସ, ୨୫।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକରେ ବୋଇତ ବନ୍ଦାଣ ପରମ୍ପରା ନିଆରା ଓ ସ୍ୱତନ୍ତ୍ର। ଚାନ୍ଦବାଲିରେ ପ୍ରାଚୀନ ଉତ୍କଳର ନୌବାଣିଜ୍ୟ ସ୍ମୃତି ଅଦ୍ୟାବଧି ଜାକଜମକରେ ପାଳନ ହୁଏ। ପ୍ରତିବର୍ଷ ବେସରକାରୀ ସ୍ତରରେ ଏହି ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଇଆସୁଛି। ଏହାକୁ ରାଜ୍ୟସ୍ତରୀୟ ସରକାରୀ ଉତ୍ସବ ଭାବେ ପାଳନ କରିବା ଲାଗି ଦାବି ହେଉଥିଲେ ମଧ୍ୟ ପ୍ରଶାସନ ଏହାକୁ ଅଣଦେଖା କରିଆସୁଛି। ଏଭଳି ସ୍ଥିତିରେ ଚଳିତବର୍ଷ ବୋଇତ ବନ୍ଦାଣ ଉତ୍ସବ ପାଳନ ଅବସରରେ ପତିଆରା ବଢ଼ାଇ ଫାଇଦା ନେବା ଲକ୍ଷ୍ୟରେ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ଉଦ୍ୟମ କରିଛନ୍ତି।

ଚଳିତବର୍ଷ ଧାମରା ଓ ଚାନ୍ଦବାଲିରେ ଗତ ଗୁରୁବାର ଓ ଶୁକ୍ରବାର ଦୁଇଦିନ ଧରି ଅନୁଷ୍ଠିତ ବୋଇତବନ୍ଦାଣ ଉତ୍ସବରେ ୩ ଦଳ ଭିନ୍ନ ଭିନ୍ନ ସ୍ଥାନରେ ସଭା ଆୟୋଜନ କରିଥିଲେ। ଏହି ମଞ୍ଚଗୁଡ଼ିକୁ ନିମନ୍ତ୍ରିତ ହୋଇ ଆସିଥିବା ଅତିଥିଙ୍କୁ ନେଇ ରାଜନୈତିକ ସ୍ତରରେ ଆଲୋଚନା ଜୋର୍ ଧରିଛି। କେତେକ ନେତା ନିଜେ ଉତ୍ସବ ଆୟୋଜନ କରି ଅତିଥି ହେବା ଘଟଣା ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ଧାମରାରେ ଭାଜପା ଦ୍ୱାରା ପରିଚାଳିତ ଉତ୍ସବରେ ରାଜ୍ୟପାଳ ଗଣେଶୀ ଲାଲ ମୁଖ୍ୟଅତିଥି ହେବା ଘଟଣା ସମସ୍ତଙ୍କୁ ଚକିତ କରିଛି। ଇଂଲିଶରେ ଛପା ଯାଇଥିବା ନିମନ୍ତ୍ରଣ ପତ୍ରରେ ଭାଜପାର ଜିଲା ସଭାପତି ବଦ୍ରିନାରାୟଣ ଧଳଙ୍କ



ବିଜେଡିର ବୋଇତ ବନ୍ଦାଣ ଉତ୍ସବରେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଓ ଅନ୍ୟମାନେ।



ଭାଜପା ତରଫରୁ ବୋଇତ ବନ୍ଦାଣ ଉତ୍ସବ ନିମନ୍ତ୍ରଣ କାର୍ଡ।

### ଚର୍ଚ୍ଚାରେ ଅତିଥି ଓ ପ୍ରାୟୋଜିତ ସଭା

ନାମ ପୂର୍ବରୁ 'ସୋସିଆଲ ୱାର୍କର' ବୋଲି ଲେଖା ରହିଥିବାରୁ ଉତ୍ସବ ଆୟୋଜନ ଉଦ୍ଦେଶ୍ୟ ପଦାରେ ପଡ଼ିଛି। ଏହା ଏକ ଦଳୀୟ ସମାବେଶ ହୋଇଥିବା ସତ୍ତ୍ୱେ ସାଂସ୍କୃତିକ କାର୍ଯ୍ୟକ୍ରମ କୁହାଯାଇ ରାଜ୍ୟପାଳ ଏଠାକୁ ମୁଖ୍ୟଅତିଥି ହୋଇ କିପରି ଆସିଥିଲେ, ସେନେଇ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଏହି ସଭାରେ କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିଓ, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ବ୍ରଜରାଜନଗର ବିଧାୟିକା ଡା. ରାଧାରାଣୀ ପଣ୍ଡା, ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ, ରାଜନଗରର ପୂର୍ବତନ ବିଧାୟକ ଅଲେଖ ଜେନା, ଚାନ୍ଦବାଲିର ପୂର୍ବତନ ବିଧାୟକ ବିଷ୍ଣୁ ସେଠୀ, ବାସୁଦେବପୁରର ନେତା ମାଧବାନନ୍ଦ ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ଭାଜପା ଜିଲା ସଭାପତି ବଦ୍ରିନାରାୟଣ ଧଳ କୁହନ୍ତି, ଏହା ସାଂସ୍କୃତିକ ମଞ୍ଚ ଏଣୁ ଏହାକୁ ରାଜନୀତିକରଣ କରା ନ ଯାଉ। ଏଣୁ ମୋ ନାଁ ପୂର୍ବରୁ 'ସୋସିଆଲ ୱାର୍କର' ଲେଖାଯାଇଛି। ସେହିପରି ଧାମରାରେ ବିଜେଡି ଏମ୍‌ପି ଅର୍ଜୁନ ଚରଣ ସେଠୀଙ୍କ ସହ ନିଜ ଦ୍ୱାରା ଗଠିତ ଦଳ ଆମ ଓଡ଼ିଶା ପାର୍ଟି ଛାଡ଼ି ବିଜେଡିରେ ନୂଆକରି ପାଦ ଥାପିଥିବା ରାଜ୍ୟ ସଭା ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ, ମନ୍ତ୍ରୀ ଅନନ୍ତ ଦାସ, ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଜେଡି ରାଜ୍ୟ ମହିଳା ସମ୍ପାଦିକା ସୁଲତା ଦେଓ ପ୍ରମୁଖ ବୋଇତ ବନ୍ଦାଣ ଉତ୍ସବରେ ଅତିଥି ହୋଇଥିଲେ। ଏପଟେ ଚାନ୍ଦବାଲିରେ ଅନୁଷ୍ଠିତ ଏକ ମଞ୍ଚରେ ବିଧାୟକ ବ୍ୟୋମକେଶ ରାୟଙ୍କ ନେତୃତ୍ୱରେ ରାଜ୍ୟ ସଭା ସଦସ୍ୟ ପ୍ରତାପ ଦେବ, ଜିଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଚାନ୍ଦବାଲି ବିଧାୟକ ସୌମ୍ୟରଞ୍ଜନଙ୍କୁ ଅତିଥି ଭାବେ ଡାକି ନିଜେ ଅନୁପସ୍ଥିତ ରହିଥିଲେ। ଅନ୍ୟ ଏକ ମଞ୍ଚକୁ ଯାଇ ବିଜେଡି ଏମ୍‌ପି ପ୍ରତାପ ଦେବଙ୍କ ସହ ସଭାରେ ଯୋଗଦେବାକୁ ବ୍ୟୋମକେଶ ଉଚିତ ମନେ କରିଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ କୌତୂହଳ ବିଷୟ ହେଉଛି ଯେ, ଏମ୍‌ପି ଓ ଅତିଥିମାନଙ୍କୁ କିଛିଦିନ ପୂର୍ବରୁ ବ୍ୟୋମକେଶଙ୍କ ତରଫରୁ ନିମନ୍ତ୍ରଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ବ୍ୟୋମକେଶ ତାଙ୍କ ଚିନ୍ତାଧାରା ବଦଳାଇଥିଲେ। ଜନସାଧାରଣଙ୍କ କହିବା ଅନୁଯାୟୀ, ଏହି ନେତାମାନଙ୍କ ସାହାଯ୍ୟରେ ଆସନ୍ତା ନିର୍ବାଚନ ପାଇଁ ଭୋଟ୍ ଟିକେଟ ହାସଲ କରିବାରେ ସଫଳତା ମିଳିବ ନାହିଁ ବୋଲି ଜାଣିବା ପରେ ବ୍ୟୋମକେଶ ଭିନ୍ନ ଏକ ମଞ୍ଚରେ ପ୍ରତାପ ଦେବଙ୍କ ସହ ରହି ସଭା ଆୟୋଜନ କରିଥିଲେ। ବ୍ୟୋମକେଶଙ୍କ ଏହି ପରିବର୍ତ୍ତନ ଏବେ ଲୋକଲୋଚନକୁ ଆସିଛି। ବ୍ୟୋମକେଶ କହନ୍ତି, ସମୟ ସ୍ୱଳ୍ପତା କାରଣରୁ ଗୋଟିଏ ଦିନରେ ୨ଟି ସ୍ଥାନରେ ଉପସ୍ଥିତ ରହିବା ସମ୍ଭବପର ନୁହେଁ। କିନ୍ତୁ ସେ ସମସ୍ତ ଅତିଥିଙ୍କୁ ପାଛୋଟିଛନ୍ତି। ପରମ୍ପରା ଅନୁଯାୟୀ ଧାମରାରୁ ଆସିଥିବା ସାଧବପୁଅଙ୍କୁ ସେ ଚାନ୍ଦବାଲିରେ ସ୍ୱାଗତ କରିଛନ୍ତି। ଏଠି କଂଗ୍ରେସ ଦ୍ୱାରା ଆୟୋଜିତ ଅନ୍ୟ ଏକ ମଞ୍ଚରେ ସୌମ୍ୟରଞ୍ଜନଙ୍କ ବଡ଼ଭାଇ ତଥା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ଏମ୍‌ପି ଅନନ୍ତ ସେଠୀ, ବାସୁଦେବପୁର ଏନ୍‌ଏସି ଚେୟାରମ୍ୟାନ ଅଶୋକ କୁମାର ଦାସ, ଚାନ୍ଦବାଲି ବିଧାନସଭା ଆସନ ପାଇଁ ବିଧାୟକ ଟିକେଟ ଲାଗି ଆଶାୟୀ ଭାବେ ଚର୍ଚ୍ଚାରେ ରହିଥିବା ଅମିୟ ମହାପାତ୍ର, ମନୋଜ ବିଶ୍ୱାଳ, ଜ୍ୟୋତିପ୍ରକାଶ ମହାନ୍ତି, ସତ୍ୟାନନ୍ଦ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ଏହିସବୁ ଘଟଣାକୁ ନେଇ ଆମ୍ ଆଦମୀ ପାର୍ଟିର ଚାନ୍ଦବାଲି ଆବାହକ ରାକେଶ ପଣ୍ଡା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ବିଜେଡିରେ ନୂଆକରି ଯୋଗ ଦେଇଥିବା ରାଜ୍ୟସଭା ସଦସ୍ୟ ସୌମ୍ୟରଞ୍ଜନଙ୍କ ସହ ମଞ୍ଚାସୀନ ହେଲେ କାଳେ କିଛି ନକାରାତ୍ମକ ପ୍ରଭାବ ପଡ଼ିବ ସେହି ଆଶଙ୍କାରେ ବିଧାୟକ ରାୟ ଉତ୍ସବକୁ ଆସି ନ ଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ଗୋଟିଏ ଦିନରେ ସୌମ୍ୟରଞ୍ଜନଙ୍କ ଭାଇ ନିରଞ୍ଜନ କଂଗ୍ରେସ ପ୍ରାୟୋଜିତ ଉତ୍ସବରେ ମଞ୍ଚାସୀନ ହେବା ଘଟଣା ଏଭଳି ଅନୁପସ୍ଥିତିର ଅନ୍ୟତମ କାରଣ ହୋଇପାରେ ବୋଲି ମଧ୍ୟ କୁହାଯାଉଛି। କମ୍ୟୁନିଷ୍ଟ ନେତା ଦିବ୍ୟସିଂହ ନାୟକ ଏଭଳି ରାଜନୀତିକୁ ତୀବ୍ର ସମାଲୋଚନା କରିଛନ୍ତି। ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଏହି ୩ ଦଳ ଏଭଳି ଉତ୍ସବ ପାଳନ ନାଁରେ ରାଜନୀତି କରୁଛନ୍ତି। ଅନ୍ୟପକ୍ଷେ ଚାନ୍ଦବାଲି ସାଂସ୍କୃତିକ ପରିଷଦର ସମ୍ପାଦକ ପ୍ରଫେସର ଶାନ୍ତନୁ କୁମାର ମହାନ୍ତି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ବୋଇତ ବନ୍ଦାଣ ଉତ୍କଳୀୟ ସଂସ୍କୃତିର ମହାନ୍ ପର୍ବ। ଏଭଳି ଉତ୍ସବକୁ ଦଳୀୟ ଭିତ୍ତିରେ ଭାଗ ଭାଗ କରା ନ ଯାଉ।

# ମୋ ଭାରତ ସ୍ୱର୍ଣ୍ଣିମ ଭାରତ ଅଭିଯାତ୍ରୀ ଦଳ ସମ୍ବର୍ଦ୍ଧିତ

**ସୁନ୍ଦରଗଡ, ୨୫।୧୧ (ଡି.ଏନ୍.ଏ.)**

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ଯୁବବର୍ଗଙ୍କୁ ଆଧ୍ୟାତ୍ମିକ ମୂଲ୍ୟବୋଧ ଓ ଚରିତ୍ର ନିର୍ମାଣ ପ୍ରତି ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଦେଶବ୍ୟାପୀ ପରିଭ୍ରମଣ କରୁଥିବା ଅଖିଳ ଭାରତୀୟ ପ୍ରଦର୍ଶନୀ ବସ୍ ଅଭିଯାନ ମୋ ଭାରତ ସ୍ୱର୍ଣ୍ଣିମ ଭାରତ ଅଭିଯାତ୍ରୀ ଦଳଙ୍କୁ ସୁନ୍ଦରଗଡରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ରବିବାର ସକାଳ ୯ଟାରେ ଏହି ପ୍ରଦର୍ଶନୀ ବସ୍ ଓ ଅଭିଯାତ୍ରୀ ଦଳଙ୍କୁ ସହରର ଶଙ୍କରା ରିଜର୍ଭ ପୋଲିସ ପଡିଆରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ସଦର ବିଧାୟକ ଯୋଗେଶ କୁମାର ସିଂଙ୍କ ସମେତ ସ୍ଥାନୀୟ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖାର ସଂଚାଳିକା ବ୍ରହ୍ମକୁମାରୀ ଭଉଣୀ ଭାଇମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ପୋଲିସ ବ୍ୟାଣ୍ଡବାଜା ସହ ଶତାଧିକ ବ୍ରହ୍ମାକୁମାରୀ ଭଉଣୀ ଭାଇ ଏକ କଳସ ଶୋଭାଯାତ୍ରାରେ ଏହି ଅଭିଯାତ୍ରୀ ଦଳକୁ ଭବାନୀ ଭବନ ଖେଳପଡିଆ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । ସେଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସୁନ୍ଦରଗଡ ଏସ୍‌ପି ସୌମ୍ୟା ମିଶ୍ରା, ଡିଏଫ୍‌ଓ ଡ: ଅରୁଣ କୁମାର ମିଶ୍ର, ସଦର ଉପଜିଲାପାଳ ବୀରସେନ ପଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସକରାତ୍ମକ ଚିନ୍ତନ ଦ୍ୱାରା ପରିବର୍ତ୍ତନ, ସ୍ୱଚ୍ଛ, ସୁସ୍ଥ ଭାରତ ଗଠନ ସକାଶେ ସମସ୍ତେ ଶପଥ ନେଇଥିଲେ। ବଡଗାଁ ଆଇଟିସିର ଛାତ୍ରୀଙ୍କ ଦ୍ୱାରା ଅଧ୍ୟାତ୍ମିକ ନୃତ୍ୟ ପରିବେଷଣ କରାଯାଇଥିଲା। ସୂଚନାଯୋଗ୍ୟ, ୨୦୧୭ରେ ଗୁଜୁରାଟସ୍ଥିତ ଅହମ୍ମଦାବାଦରୁ ବାହାରିଥିବା ଏହି ପ୍ରଦର୍ଶନୀ ସ୍ୱର୍ଣ୍ଣିମ ବସ୍ ଯାତ୍ରା ୨୦୨୦ ପର୍ଯ୍ୟନ୍ତ ଦେଶର ବିଭିନ୍ନ ସ୍ଥାନ ପରିକ୍ରମା କରିବ।


ସୁନ୍ଦରଗଡ଼ ଭବାନୀ ଭବନ ପଡିଆଠାରେ ଅନୁଷ୍ଠିତ ସାଧାରଣ ସଭାରେ ସମସ୍ତେ ଶପଥ ନେଉଛନ୍ତି।

# ସରସ୍ୱତୀ ଶିଶୁ ମନ୍ଦିର ରାଷ୍ଟ୍ରୀୟ ଚେତନାଧର୍ମୀ ଶିକ୍ଷାଦିଏ

**କୁଆଁରମୁଣ୍ଡା,୨୫।୧୧ (ଡି.ଏନ.ଏ.)**

୧୯୪୭ ଅଗଷ୍ଟ ୧୫ରେ ଭାରତ ସ୍ୱାଧୀନ ହେଲା। ୧୯୫୦ ଜାନୁୟାରୀ ୨୬ରେ ଭାରତର ସମ୍ବିଧାନ ପ୍ରଣୟନ କରାଗଲା। ମାତ୍ର ଦେଶର ହିତ ପାଇଁ ଯେଉଁ ଶିକ୍ଷାର ଆବଶ୍ୟକତା ଥିଲା ସେ ନେଇ କୌଣସି ବ୍ୟବସ୍ଥା ନ ଥିଲା। ଏହି ସମୟରେ ମାତ୍ର ୨୫ ବର୍ଷରେ ପଦାର୍ପଣ କରିଥିବା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍)ର ପ୍ରତିଷ୍ଠାତା ଡ. କେଶବ ବଳିରାମ ହେଡଗେୱର ରାଷ୍ଟ୍ରୀୟ ଚେତନାଧର୍ମୀ ଶିକ୍ଷା ବ୍ୟବସ୍ଥାର ସ୍ୱପ୍ନ ଦେଖିଥିଲେ। ଏହି ଶିକ୍ଷା ବ୍ୟବସ୍ଥାକୁ ବାସ୍ତବ ରୂପ ଦେବା ପାଇଁ ଡ.ହେଡଗେୱର ଆରଏସ୍‌ଏସ୍ କାର୍ଯ୍ୟକର୍ତ୍ତାମାନଙ୍କ ସହ ଆଲୋଚନା କରି ଗୋରଖପୁରରେ ପ୍ରଥମେ ସରସ୍ୱତୀ ଶିଶୁ ମନ୍ଦିର ଖୋଲି ଶିକ୍ଷା ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ। ଏହାର ଉଦ୍ଦେଶ୍ୟ ରାଷ୍ଟ୍ରୀୟ ଚେତନାଧର୍ମୀ ଶିକ୍ଷା ପ୍ରଦାନ କରିବା, ଦେଶର ଅଖଣ୍ଡତାକୁ ବଜାୟ ରଖିବା। ଏଥିପାଇଁ ନୂତନ ପିଢି ସୃଷ୍ଟି କରିବା। ରବିବାର ଓଡିଶା ଶିକ୍ଷା ବିକାଶ ସମିତିର ପ୍ରାନ୍ତ ଯୁଗ୍ମ ସମ୍ପାଦକ ପ୍ରାଧ୍ୟାପକ ପ୍ରଦୀପ କୁମାର ସାହୁ ଏହା କହିଛନ୍ତି। କୁଆଁରମୁଣ୍ଡା ଶିଶୁ ବିଦ୍ୟା ମନ୍ଦିରରେ ରାଉରକେଲା ବିଭାଗସ୍ତରୀୟ ପରିଚାଳନା ସମିତି ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସେ ଏହା କହିଛନ୍ତି। ଖଗେଶ୍ୱର ଦାଶ, ଯୋଗେନ୍ଦ୍ର ମହାନ୍ତି, ଶୈଳେଶତ ତିୱାରୀ, ଗୌରାଙ୍ଗ ସାହୁ, ଶିବପ୍ରସାଦ ମହାପାତ୍ର, ହୃଷୀକେଶ ରାୟ ଓ ଭବେଶଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ରାଉରକେଲା ବିଭାଗ ଅନ୍ତର୍ଗତ ୩୫ଟି ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ଓ ପରିଚାଳନା ସମିତି ସଭାପତି, ଉପସଭାପତି, ସମ୍ପାଦକ, ସହ ସମ୍ପାଦକ, କୋଷାଧ୍ୟକ୍ଷ ଓ ସଦସ୍ୟମାନେ (ସର୍ବମୋଟ ୧୯୨) ପ୍ରଶିକ୍ଷିତ ହୋଇଛନ୍ତି। ପ୍ରଧାନାଚାର୍ଯ୍ୟ ଜନ୍ମେଜୟ ସୁଆରଙ୍କ ତତ୍ତ୍ୱାବଧାନରେ ଘନଶ୍ୟାମ ଦେବତା, ଶଙ୍କର ପୂଝାରୀ, ଜୀବନ ଦାଶ, ଦିଲ୍ଲୀପ ପଟେଲ ପ୍ରମୁଖ ସହାୟତା କରିଛନ୍ତି।


କୁଆଁରମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥି।

# ଏଥରର ଶେଷ ଚେଷ୍ଟା, ତା'ପରେ ଠୋସ୍ ପଦକ୍ଷେପ

**ଭୁବନେଶ୍ୱର, ୨୫।୧୧(ବ୍ୟୁରୋ)**

ରାଉରକେଲା ବିଧାୟକ ଦିଲ୍ଲୀପ ରାୟ କିଛିଦିନ ମଧ୍ୟରେ ଭାଜପା ଛାଡିପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। ଏହାସହ ସେ ବିଧାୟକ ପଦରୁ ମଧ୍ୟ ଇସ୍ତଫା ଦେବେ ବୋଲି କୁହାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଉରକେଲାବାସୀଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ନ ରଖିବା କାରଣରୁ ଦିଲ୍ଲୀପ ଏଭଳି ନିଷ୍ପତ୍ତି ନେବାକୁ ସ୍ଥିର କରିଥିବା କୁହାଯାଉଛି। ଅନ୍ୟପଟେ ସେ ନିଜ ଇସ୍ତଫାର କାରଣ ଭାଜପା ଏବଂ ଦଳର ନେତାମାନଙ୍କ ଉପରେ ଲଦିଛନ୍ତି। ରାଉରକେଲାର ଆଇଜିଏଚ୍ ହସ୍ପିଟାଲକୁ ସୁପରସ୍ପେଶିଆଲିଟି ହସ୍ପିଟାଲ ଓ ମେଡିକାଲ କଲେଜ କରିବା ସହ ବ୍ରାହ୍ମଣୀ ଦ୍ୱିତୀୟ ସେତୁ ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ରାଉରକେଲାବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରଧାନମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ପାଳନ ନ କରିବାରୁ ସେ ଲୋକମାନଙ୍କ ପାଖକୁ ଯାଇପାରୁ ନାହାନ୍ତି ବୋଲି ଚର୍ଚ୍ଚା ହେଉଛି। ଏଥିପାଇଁ ସେ ଆଉ ଏକବାର ଚେଷ୍ଟା କରିବେ ନଚେତ୍ ବଡ ନିଷ୍ପତ୍ତି ନେବେ ବୋଲି ତାଙ୍କର ଜଣେ ପାଖ ଲୋକ ସୂଚନା ଦେଇଛନ୍ତି। ରାଉରକେଲାବାସୀଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କରିବାକୁ ସେ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ରର ଅନ୍ୟାନ୍ୟ ବରିଷ୍ଠ ମନ୍ତ୍ରୀଙ୍କୁ ଭେଟି ଜଣାଇଥିଲେ। ରାଉରକେଲାବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ସେ ଆସନ୍ତା ୪ରୁ ୫ଦିନ ମଧ୍ୟରେ ଆଉଥରେ ଚେଷ୍ଟା କରିବେ ବୋଲି ଏକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଯଦି ତାଙ୍କ କଥାକୁ ଗୁରୁତ୍ୱ ଦିଆ ନ ଯିବ ତେବେ ସେ କିଛି ଠୋସ୍ ପଦକ୍ଷେପ ଗ୍ରହଣ କରିବେ ବୋଲି ସୂଚନା ଦେଇଛନ୍ତି। ଅନ୍ୟପଟେ ବିଗତ କିଛିଦିନରୁ ଦିଲ୍ଲୀପଙ୍କ ବିଜେଡିରେ ଯୋଗଦାନ ନେଇ ମଧ୍ୟ ଚର୍ଚ୍ଚା ଚାଲିଛି। ଏଥିପାଇଁ ନିକଟରେ ତାଙ୍କ ସହ କିଛି ବିଜେଡି ନେତା ଯୋଗାଯୋଗ କରିଥିବା ମଧ୍ୟ ଜଣେ ନେତା ସୂଚନା ଦେଇଛନ୍ତି।

## ଫଟୋରେ ଖବର


ଛାଡ଼ଖାଇ ଅବସରରେ ରାଉରକେଲା ସେକ୍ଟର-୨୨ ସୁପର ମାର୍କେଟ ମାଛ ବଜାରରେ ଗ୍ରାହକଙ୍କ ଭିଡ଼।

# ୪୭ ବର୍ଷ ପରେ ଫାଇନାଲରେ ସୁନ୍ଦରଗଡ଼

**ସୁନ୍ଦରଗଡ,୨୫।୧୧ (ଡି.ଏନ୍.ଏ.)**

ସମ୍ବଲପୁର ଜିଲାରେ ଅନୁଷ୍ଠିତ ହେଉଥିବା ଆନ୍ତଃଜିଲା ସାହାଣୀ କପ୍ ଫୁଟବଲ ଚାପିୟନସିପ୍‌ରେ ଦୀର୍ଘ ୪୭ ବର୍ଷ ପରେ ସୁନ୍ଦରଗଡ ଫୁଟବଲ ଦଳ ଫାଇନାଲ ଖେଳିବା ପାଇଁ ଯୋଗ୍ୟତା ହାସଲ କରିଛି । ସୁନ୍ଦରଗଡ ଜିଲା କ୍ରୀଡା ସଂସଦ ପକ୍ଷରୁ ୧୯୭୦ରେ ଆୟୋଜିତ ହୋଇଥିବା ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ପ୍ରତିଯୋଗିତାରେ ଫାଇନାଲ ଖେଳିବା ପାଇଁ ଯୋଗ୍ୟତା ହାସଲ କରିଥିଲା। ଚଳିତ ବର୍ଷ ସମ୍ବଲପୁରରେ ଅନୁଷ୍ଠିତ ୫୯ ତମ ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ଚାମ୍ପିୟନସିପ୍‌ରେ ସୁନ୍ଦରଗଡ ଦଳ ଯୋଗଦେଇ ପ୍ରଥମ ମ୍ୟାଚରେ ଗଞ୍ଜାମ ଦଳକୁ ୬-୩ ଗୋଲ ଓ ଦ୍ୱିତୀୟ ମ୍ୟାଚରେ କଳାହାଣ୍ଡିକୁ ୪-୧ ଗୋଲରେ ପରାସ୍ତ କରି କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଥିଲା । କ୍ୱାର୍ଟର ଫାଇନାଲରେ ଆରଏସ ପି ଦଳକୁ ୪-୨ଗୋଲରେ ପରାସ୍ତ କରି ସେମିଫାଇନାଲକୁ ପ୍ରବେଶ କରିଥିଲା । ରବିବାର କୁଚିଣ୍ଡାରେ ଅନୁଷ୍ଠିତ ସେମିଫାଇନାଲରେ ସମ୍ବଲପୁର ଦଳ ସହିତ ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚରେ ଭେଟିଥିଲା। ସମ୍ବଲପୁର ଦଳର ରାଜୁ ଓରାମ ୪୫.୧ ମିନିଟରେ ଗୋଟିଏ ଗୋଲ ଦେଇ ଦଳକୁ ଆଗୁଆ କରିଥିଲେ। ସୁନ୍ଦରଗଡ ଦଳ ଉନ୍ନତମାନର ଖେଳ ପ୍ରଦର୍ଶନ କରି ସମ୍ବଲପୁର ଗୋଲ ପୋଷ୍ଟ ଉପରେ ଘନ ଘନ ଆକ୍ରମଣ କରିଥିଲା। ଖେଳ ଶେଷ ମୁହୂର୍ତ୍ତର ୮୯ ମିନିଟରେ ସୁନ୍ଦରଗଡ ଦଳର କିଶୋର ଖଡିଆ ଗୋଟିଏ ଗୋଲ ଦେଇ ଦଳକୁ ସମାନ ସ୍ଥିତିକୁ ଆଣିଥିଲେ। ପେନାଲିଟି ସୁଟ୍ ଆଉଟରେ ସୁନ୍ଦରଗଡ ଦଳ ୬-୫ ଗୋଲରେ ବିଜୟୀ ହୋଇ ଫାଇନାଲ ଖେଳ ଖେଳିବାକୁ ଯୋଗ୍ୟତା ହାସଲ କରିଛି । ୨୭ ତାରିଖରେ ହେବାକୁ ଥିବା ଫାଇନାଲ ମ୍ୟାଚରେ ସୁନ୍ଦରଗଡ ଦଳ କଟକ ଦଳକୁ ଭେଟିବ।

**ଆନ୍ତଃ ଜିଲା ସାହାଣୀ କପ୍**


ଆୟୋଜକଙ୍କ ଗହଣରେ ଖେଳାଳି।